# ଧରିତ୍ରୀ
DHARITRI

51 Years

ଭୁବନେଶ୍ୱର, ଗୁରୁବାର, ଏପ୍ରିଲ ୩/୨୦୨୫ (୧୪ ପୃଷ୍ଠା) | Bhubaneswar, Thursday, April 3/2025 | Page 14 | ₹ 7.00 | SAMBALPUR

୫୧ଶ ଭାଗ ୧୨୮ ସଂଖ୍ୟା | www.orissakhabar.com/www.dharitri.com | Printed at Sambalpur, Bhubaneswar, Rayagada & Angul | VOLUME 51 ISSUE 128 | ମୂଲ୍ୟ₹୭/-



DSPL-11



ଶ୍ରୀ ନରେନ୍ଦ୍ର ମୋଦୀ
ପ୍ରଧାନମନ୍ତ୍ରୀ



ଶ୍ରୀ ମୋହନ ଚରଣ ମାଝୀ
ମୁଖ୍ୟମନ୍ତ୍ରୀ, ଓଡ଼ିଶା

# ରାଜ୍ୟବ୍ୟାପୀ ଓଡ଼ିଆ ପକ୍ଷ ପାଳନ ୨୦୨୫

## ପାରମ୍ପରିକ ପୋଷାକ ପରିଧାନ ଅଭିଯାନ

**ଆମ ଉତ୍କଳୀୟ ପରମ୍ପରାର ପ୍ରତୀକ, ଆମ ସମୃଦ୍ଧ ହସ୍ତତନ୍ତ ବସ୍ତ୍ର ପରିଧାନ କରି ସ୍ୱାଭିମାନୀ ଓଡ଼ିଆ ଅସ୍ମିତାର ଅଂଶ ହୁଅନ୍ତୁ**

**୩ ଅପ୍ରେଲ ୨୦୨୫**



## ଆମ ପୋଷାକ ଆମ ପରିଚୟ

ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ବିଭାଗ, ଓଡ଼ିଶା ସରକାର

OIPR-31047/13/0002/2425

# ଜଙ୍ଗଲ ଜମି ସଫାକୁ ବିରୋଧ

## ବିକ୍ଷୋଭକାରୀଙ୍କୁ ପୋଲିସର ଲାଠିଚାର୍ଜ

**ହାଇଦ୍ରାବାଦ, ୨।୪**

ବିଭିନ୍ନ ବିକାଶମୂଳକ ପ୍ରକଳ୍ପ ପାଇଁ ତେଲେଙ୍ଗାନା ସରକାରଙ୍କ ପକ୍ଷରୁ ୟୁନିଭର୍ସିଟି ଅଫ୍ ହାଇଦ୍ରାବାଦ(ୟୁଓଏଚ୍) ନିକଟସ୍ଥ କାଞ୍ଚା ଗଚିବ୍ୱୋଲି ଅଞ୍ଚଳରେ ଥିବା ୪୦୦ ଏକର ଜଙ୍ଗଲ ଜମି ସଫା କରାଯିବା ଘଟଣାକୁ ନେଇ ବିବାଦ ଦେଖାଦେଇଛି। କାଞ୍ଚା ଗଚିବ୍ୱୋଲିରେ ତେଲେଙ୍ଗାନା ଶିଳ୍ପ ଭିତ୍ତିଭୂମି ନିଗମ (ଟିଜିଆଇଆଇସି) ମାଧ୍ୟମରେ ଏକ ଆଇଟି ପାର୍କ ନିର୍ମାଣ କରାଯିବା ସହ ସହରାଞ୍ଚଳ ଭିତ୍ତିଭୂମିକୁ ସୁଦୃଢ଼ କରାଯିବ ବୋଲି ରାଜ୍ୟ ସରକାର କହିଛନ୍ତି। ତେବେ ବିକାଶମୂଳକ ପ୍ରକଳ୍ପ ନାଁରେ ସବୁଜ ଆବରଣ ନଷ୍ଟ କରାଯିବା ଘଟଣାକୁ ବିରୋଧ କରି ୟୁଓଏଚ୍ର ଛାତ୍ରଛାତ୍ରୀମାନେ ସୋମବାରଠାରୁ ଅନିଶ୍ଚିତ କାଳ ପର୍ଯ୍ୟନ୍ତ କ୍ଲାସ ବୟକଟ କରିବା ସହ ଧାରଣାରେ ବସି ରହିଛନ୍ତି। ଧାରଣାର ନେତୃତ୍ୱ ନେଉଥିବା ୟୁଓଏଚ୍ ଛାତ୍ର ସଂସଦର ଉପ ସଭାପତି ଆକାଶ କୁମାର କହିଛନ୍ତି, କାଞ୍ଚା ଗଚିବ୍ୱୋଲି ହେଉଛି ଶତାଧିକ ଉଦ୍ଭିଦ ଏବଂ ପ୍ରାଣୀ ପ୍ରଜାତିର ବାସସ୍ଥଳ। ଯେପର୍ଯ୍ୟନ୍ତ କାଞ୍ଚା ଗଚିବ୍ୱୋଲି ଜଙ୍ଗଲ ଜମି ସଫା କାର୍ଯ୍ୟକୁ ବନ୍ଦ କରା ନ ଯିବ, ସେଯାଏଁ ବିଶ୍ୱବିଦ୍ୟାଳୟରେ ଛାତ୍ରଛାତ୍ରଙ୍କ ଆନ୍ଦୋଳନ ଜାରି ରହିବ ବୋଲି ଆକାଶ କହିଛନ୍ତି। ଗତ ୩୦ରେ କାଞ୍ଚା ଗଚିବ୍ୱୋଲିରେ ଥିବା ଜଙ୍ଗଲ ଜମିରେ ପୋଲିସ ମୁତୟନ ହେବା ସହ ଏବଂ ମାଟି ହଟାଇବାର ବିଭିନ୍ନ ଉପକରଣକୁ ଦେଖି କେତେକଣ ଛାତ୍ରଛାତ୍ର ଏବଂ ପରିବେଶ କାର୍ଯ୍ୟକର୍ତ୍ତା ବିରୋଧ କରିଥିଲେ। ସେମାନେ ଏହି ବିକାଶମୂଳକ ପ୍ରୋଜେକ୍ଟକୁ ବନ୍ଦ କରିବା ପାଇଁ ପ୍ରୟାସ କରିଥିଲେ। ଫଳରେ ସେଠାରେ ଅଧିକାରୀଙ୍କ ସହ ଛାତ୍ରଛାତ୍ର ଏବଂ ପରିବେଶ କର୍ମୀଙ୍କ ମଧ୍ୟରେ ହାତାହାତି ସ୍ଥିତି ସୃଷ୍ଟି ହୋଇଥିଲା। ଘଟଣାକୁ ନେଇ ପୋଲିସ ୨ ଜଣଙ୍କୁ ଗିରଫ କରିଥିବା ସହ ୫୦ ଜଣ ଛାତ୍ରୀଛାତ୍ରଙ୍କୁ ଅଟକ ରଖି କିଛି ସମୟ ପରେ ଛାଡ଼ି ଦେଇଥିଲା।

ବିଭିନ୍ନ ଛାତ୍ର ସଂଗଠନ ଓ ପରିବେଶ କର୍ମୀଙ୍କ ଅନୁଯାୟୀ, କାଞ୍ଚା ଗଚିବ୍ୱୋଲିରେ ଜଙ୍ଗଲ ଜମିକୁ ସଫା କରିବା, ପରିବେଶ ଉପରେ ଗମ୍ଭୀର ପ୍ରଭାବ ପକାଇବ। ସ୍ଥାନୀୟ ଜଳବାୟୁ ଗବେଷକ ଅରୁଣ ଭାଷିରେଡ୍ଡୀ କହିଛନ୍ତି, କାଞ୍ଚା ଗଚିବ୍ୱୋଲିରେ ସବୁଜ ଆବରଣକୁ ନଷ୍ଟ କରାଯିବା ଦ୍ୱାରା ସ୍ଥାନୀୟ ତାପମାତ୍ରା ୧ରୁ ୪ ଡିଗ୍ରୀ ସେଲ୍ସିୟସ ପର୍ଯ୍ୟନ୍ତ ବୃଦ୍ଧି ପାଇପାରେ। ୟୁଓଏଚ୍ ଓ ଏହାର ଆଖପାଖ ଅଞ୍ଚଳରେ ପରିବେଶଗତ ସନ୍ତୁଳନ ନଷ୍ଟ ହେବ ବୋଲି ସେ କହିଛନ୍ତି। ତେବେ କାଞ୍ଚା ଗଚିବ୍ୱୋଲିରେ ଜଙ୍ଗଲ ଜମିର ମାଲିକାନା ରାଜ୍ୟ ସରକାରଙ୍କ ପାଖରେ ରହିଛି। ତେଣୁ ବିକାଶମୂଳକ ପ୍ରକଳ୍ପ ମାଧ୍ୟମରେ ଏହି ଅଞ୍ଚଳକୁ ବିଶ୍ୱସ୍ତରୀୟ ଭିତ୍ତିଭୂମିରେ ପରିପୂର୍ଣ୍ଣ କରାଯିବ ବୋଲି ରାଜ୍ୟ ସରକାରଙ୍କ ପକ୍ଷରୁ କୁହାଯାଇଛି। ୟୁଓଏଚ୍ ନିକଟରେ ଆଇଟି ପାର୍କ ନିର୍ମାଣ କରାଯିବା ସହ ଉକ୍ତ ଅଞ୍ଚଳରେ ସହରାଞ୍ଚଳ ସଂଯୋଗୀକରଣକୁ ମଜଭୁତ କରାଯିବ ବୋଲି ତେଲଙ୍ଗାନା ସରକାର କହିଛନ୍ତି।

ବୁଧବାର ଏହି ପ୍ରୋଜେକ୍ଟ ବିରୋଧରେ ୟୁଓଏଚ୍ର ଛାତ୍ରୀଛାତ୍ରମାନେ ଏକ ରାଲି ବାହାର କରିଥିଲେ। ଏହି ଅବସରରେ ଏକଜୁଟତା ଦେଖାଇବା ପାଇଁ ୟୁଓଏଚ୍ର ଶିକ୍ଷକ ସଂଘ ମଧ୍ୟ ଛାତ୍ରୀଛାତ୍ରଙ୍କ ସହ ଯୋଗଦେଇଥିଲେ। ବିଶ୍ୱବିଦ୍ୟାଳୟର ଆମ୍ବେଡକର ଅଡିଟୋରିଅମରୁ ପୂର୍ବ କ୍ୟାମ୍ପସ୍ ପର୍ଯ୍ୟନ୍ତ ପ୍ରଦର୍ଶନକାରୀଙ୍କ ଏକ ରାଲି ବାହାରିଥିଲା। ତେବେ ଏହାପୂର୍ବରୁ ପୂର୍ବ କ୍ୟାମ୍ପସ୍ରେ ବ୍ୟାରିକେଡ୍ ଲଗାଯିବା ସହ ବହୁ ସଂଖ୍ୟାରେ ପୋଲିସ ମୁତୟନ ହୋଇଥିଲା। ପୋଲିସ ପ୍ରଦର୍ଶନକାରୀଙ୍କୁ ଅଟକାଇ ଲାଠିଚାର୍ଜ କରିଥିଲା।



କାଞ୍ଚା ଗଚିବ୍ୱୋଲିସ୍ଥିତ ଜଙ୍ଗଲ ଜମି ସଫା କରାଯିବା ଘଟଣାକୁ ୟୁଓଏଚ୍ର ଛାତ୍ରଛାତ୍ରୀମାନେ ବିଭିନ୍ନ ପ୍ଲାକାର୍ଡ ଧରି ବିରୋଧ କରୁଛନ୍ତି।


ବିବାଦୀୟ ୪୦୦ ଏକରର ଜଙ୍ଗଲ ଜମି।

### ୪୦୦ ଏକର ଜଙ୍ଗଲ ଜମି ସଫା ଉପରେ ରୋକ

#### ତେଲେଙ୍ଗାନା ସରକାରଙ୍କୁ ହାଇକୋର୍ଟଙ୍କ ଝଟକା

ତେଲେଙ୍ଗାନାର ରଙ୍ଗାରେଡ୍ଡୀ ଜିଲ୍ଲା କାଞ୍ଚା ଗଚିବ୍ୱୋଲିରେ ଜଙ୍ଗଲ ଜମି ସଫା କରାଯିବା ପ୍ରକ୍ରିୟା ଉପରେ ରୋକ ଲଗାଇବାକୁ ବୁଧବାର ତେଲେଙ୍ଗାନା ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ଜଙ୍ଗଲ ଜମି ସଫା କରାଯିବା ବିରୋଧରେ ୟୁନିଭର୍ସିଟି ଅଫ୍ ହାଇଦ୍ରାବାଦର ଛାତ୍ରଛାତ୍ରଙ୍କ ଦ୍ୱାରା ଦାଖଲ ହୋଇଥିବା ଏକ ପିଟିଶନର ଶୁଣାଣି କରି କାର୍ଯ୍ୟକାରୀ ମୁଖ୍ୟ ବିଚାରପତି ସୁଜୟ ପାଲ ଏବଂ ଜଷ୍ଟିସ୍ ରେଣୁକା ୟାରାଙ୍କୁ ନେଇ ଗଠିତ ଡିଭିଜନ ଖଣ୍ଡପୀଠ ଜଙ୍ଗଲ ଜମି ସଫା କାର୍ଯ୍ୟକଳାପକୁ ଅସ୍ଥାୟୀ ଭାବରେ ବନ୍ଦ କରିବାକୁ ରାଜ୍ୟ ସରକାରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଅନ୍ୟପକ୍ଷରେ, କାଞ୍ଚା ଗଚିବ୍ୱୋଲିର ୪୦୦ ଏକର ଜଙ୍ଗଲରେ ଗଛ କଟାଯିବାକୁ ନେଇ ଆଇନଗତ କାର୍ଯ୍ୟାନୁଷ୍ଠାନ ନେବାକୁ ବୁଧବାର କେନ୍ଦ୍ର ସରକାର ତେଲେଙ୍ଗାନା ସରକାରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ପରିବେଶଗତ ଆଇନ ଏବଂ କୋର୍ଟଙ୍କ ନିର୍ଦ୍ଦେଶ ପାଳନ କରାଯାଉ ବୋଲି ଆସିଷ୍ଟାଣ୍ଟ ଇନ୍ସପେକ୍ଟର ଜେନେରାଲ ଅଫ୍ ଫରେଷ୍ଟ ଏସ୍. ସୁନ୍ଦରଙ୍କ ପକ୍ଷରୁ ତେଲେଙ୍ଗାନା ସରକାରଙ୍କୁ ଏକ ଚିଠି ଜାରି କରାଯାଇ ନିର୍ଦ୍ଦେଶ ଦିଆଯାଇଛି।

# ମାଇନ୍ ବିସ୍ଫୋରଣ ପରେ ପାକିସ୍ତାନୀ ସେନାର ଅସ୍ତ୍ରବିରତି ଉଲ୍ଲଂଘନ

**ଜମ୍ମୁ, ୨।୪(ପି.ଟି.)**

ଜମ୍ମୁ-କଶ୍ମୀରର ପୁଞ୍ଚ୍ ଜିଲା ନିୟନ୍ତ୍ରଣରେଖା (ଏଲ୍ଓସି) ସଂଲଗ୍ନ ଅଞ୍ଚଳରେ ଏକ ମାଇନ୍ ବିସ୍ଫୋରଣ ପରେ ପାକିସ୍ତାନୀ ସେନା ଅସ୍ତ୍ରବିରତି ଉଲ୍ଲଂଘନ କରିଛି। ଭାରତୀୟ ସେନା ପ୍ରଭାବଶାଳୀ ଢଙ୍ଗରେ ଏହାର ଜବାବ ଦେଇଥିବା ବୁଧବାର ଜଣେ ପ୍ରତିରକ୍ଷା ଅଧିକାରୀ ସୂଚନା ଦେଇଛନ୍ତି।

ସୂତ୍ରରୁ ଜଣାପଡ଼ିଛି ଯେ, ସୋମବାର କ୍ରିଷ୍ଣାଘାଟି ସେକ୍ଟରରେ ପାକିସ୍ତାନୀ ସେନା ପାଟ୍ରୋଲିଂ କରୁଥିବାବେଳେ ଏକ ମାଇନ୍ ବିସ୍ଫୋରଣ ହୋଇଥିଲା। ଏହା ପରେ ମଙ୍ଗଳବାର ଅପରାହ୍ନ ୧ଟା ୧୦ରେ ପାକିସ୍ତାନୀ ସୈନ୍ୟ ଏଲ୍ଓସି ଅତିକ୍ରମ କରି ଯବାନମାନଙ୍କୁ ଟାର୍ଗେଟ କରି ଆଖିବୁଜା ଗୁଳିଚଳାଇଥିଲେ। ତେବେ ଏହି ଅସ୍ତ୍ରବିରତି ଉଲ୍ଲଂଘନ ଯୋଗୁ ଭାରତୀୟ ସୁରକ୍ଷା ବଳର କେହି ମୃତାହତ ହୋଇ ନାହାନ୍ତି। ଅନ୍ୟପକ୍ଷେ ମାଇନ୍ ବିସ୍ଫୋରଣ ଏବଂ ଯବାନଙ୍କ ଗୁଳିମାଡ଼ରେ ୫ ପାକିସ୍ତାନୀ ସୈନ୍ୟ ଆହତ ହୋଇଥିବା ଜଣାପଡ଼ିଛି।

ଉଲ୍ଲେଖଯୋଗ୍ୟ, ୨୦୨୧ ଫେବୃଆରୀ ୨୫ରେ ଭାରତ ଓ ପାକିସ୍ତାନ ଦୁଇଦେଶର ସୀମାରେ ଅସ୍ତ୍ରବିରତି ପାଇଁ ପୁନଃ ଚୁକ୍ତିବଦ୍ଧ ହୋଇଥିଲେ। ଏହା ସତ୍ତ୍ୱେ ଗତ ଫେବୃଆରୀରେ ପୁଞ୍ଚ୍-ରୋଜୌରି ସେକ୍ଟରରେ ପାକିସ୍ତାନ ଅନେକ ଥର ଅସ୍ତ୍ରବିରତି ଉଲ୍ଲଂଘନ କରିଥିବା ଅଭିଯୋଗ ହୋଇଥିଲା। ଫେବୃଆରୀ ୧୧ରେ ପାକିସ୍ତାନୀ ଆତଙ୍କବାଦୀଙ୍କ ଗୁଳିମାଡ଼ରେ ୨ ଭାରତୀୟ ଯବାନ ଶହୀଦ ହୋଇଥିଲେ।

**ପୁରୁଷ ବନ୍ଧୁ ବିବାହ ପ୍ରତିଶ୍ରୁତି ଦେଇ ଶାରୀରିକ ସମ୍ପର୍କ ରଖିଥିଲେ...**

# ଯୁବତୀଙ୍କୁ ପୀଡ଼ିତା ମନେକରିବା ଭୁଲ୍

**ନୂଆଦିଲ୍ଲୀ, ୨।୪**



ଶାରୀରିକ ସମ୍ପର୍କ ସ୍ଥାପନ ପରେ ଯୋଡ଼ିଙ୍କ ମଧ୍ୟରେ ବ୍ରେକ୍ଅପ୍ ହୋଇଗଲେ ମହିଳାମାନେ ବଳାତ୍କାର ଅଭିଯୋଗ ଆଣୁଥିବା ଧାରାକୁ ଦେଖି ବୁଧବାର ସୁପ୍ରିମକୋର୍ଟ ଚିନ୍ତାବ୍ୟକ୍ତ କରିଛନ୍ତି। ନିଜ ବିରୋଧରେ ବଳାତ୍କାର ମାମଲା ଖାରଜ ସକାଶେ ଜଣେ ପୁରୁଷଙ୍କ ପକ୍ଷରୁ ଦାଖଲ ଆବେଦନର ଶୁଣାଣି କରି ଜଷ୍ଟିସ୍ ଏମ୍.ଏମ୍. ସୁନ୍ଦରରେଶ ଏବଂ ରାଜେଶ ବିନ୍ଦାଲଙ୍କ ଖଣ୍ଡପୀଠ କହିଛନ୍ତି, ରୋମାନ୍ସ ବିଫଳ ହୋଇଗଲେ କିମ୍ବା ଯୋଡ଼ି ଭାଙ୍ଗିଗଲେ ମହିଳାମାନେ ବଳାତ୍କାର ଅଭିଯୋଗ ଆଣିବା ଦୁର୍ଭାଗ୍ୟଜନକ। ବିଶେଷକରି ସମାଜରେ ପରିବର୍ତ୍ତନଶୀଳ ନୈତିକ ମୂଲ୍ୟବୋଧ ଦୃଷ୍ଟିକୋଣରୁ ବ୍ରେକ୍ଅପ୍ ପରେ ବିବାହର ମିଥ୍ୟା ପ୍ରତିଶ୍ରୁତି ଦ୍ୱାହି ଦେଇ ଏପରି ଅଭିଯୋଗ ଅଣାଯିବା ଅନୁଚିତ।

ଆଲୋଚ୍ୟ ମାମଲାରେ ମହିଳା ଜଣକ ନିଜ ପିଟିଶନରେ ତାଙ୍କ ପୂର୍ବତନ ପୁରୁଷ ବନ୍ଧୁଙ୍କ ବିରୋଧରେ ବିବାହର ମିଥ୍ୟା ପ୍ରତିଶ୍ରୁତି ଦେଇ ବଳାତ୍କାର କରିଥିବା ଅଭିଯୋଗ ଆଣିଥିଲେ। ଏହାକୁ ତାଙ୍କ ପୁରୁଷ ବନ୍ଧୁ ସୁପ୍ରିମକୋର୍ଟରେ ଚ୍ୟାଲେଞ୍ଜ କରିଥିଲେ। ଶୀର୍ଷ ଅଦାଲତ ଏହା ଉପରେ ଆହୁରି କହିଛନ୍ତି, ଅଧିକାଂଶ ସମୟରେ ଏକ ରୁଢ଼ିବାଦୀ ମାନସିକତାର ପରିଣାମରୁ ଏଭଳି ଅଭିଯୋଗ ଆସିଥାଏ। ଆମ ବ୍ୟବସ୍ଥାରେ ଅଭାବ ଥିବାରୁ ମହିଳାମାନେ ପୁରୁଷଙ୍କୁ ଦୋଷ ଦେଇଥାନ୍ତି। ସମ୍ପୃକ୍ତା ମହିଳା ତାଙ୍କ ଶ୍ୱଶୁର ଘର ଲୋକଙ୍କ ବିରୋଧରେ ୫ଟି ମାମଲା ଦାଏର କରିଛନ୍ତି। ମହିଳା ଜଣକ ଯଦି ଏତେ ନୀରିହା ତେବେ ସେ ସୁପ୍ରିମକୋର୍ଟକୁ ଆସି ନ ଥାଆନ୍ତେ। ସେ ଜଣେ ସାବାଳିକା। ତେଣୁ ବିବାହର ମିଥ୍ୟା ପ୍ରତିଶ୍ରୁତି ଯୋଗୁ ଶାରୀରିକ ସମ୍ପର୍କ ସ୍ଥାପନ କରିଥିଲେ ବୋଲି କହିବା ଅନୁଚିତ। ଏଠି ମହିଳାଙ୍କ ଯୁକ୍ତିକୁ ସତ ବୋଲି ଧରିନେଲେ କଲେଜରେ ଝିଅ ଓ ପୁଅଙ୍କ ମଧ୍ୟରେ ଯେକୌଣସି ସମ୍ପର୍କ ଦଣ୍ଡନୀୟ ହୋଇପାରିବ। ଧରାଯାଉ, ଉଭୟେ ପରସ୍ପରକୁ ଭଲ ପାଉଥିଲେ। ସମ୍ବନ୍ଧକୁ ଝିଅ ବିରୋଧ କଲେ ଏବଂ ପୁଅ କହିଲେ, ମୁଁ ଆସନ୍ତା ସପ୍ତାହରେ ତୁମକୁ ବିବାହ କରିବି। କିନ୍ତୁ ପରେ କୌଣସି କାରଣବଶତଃ ବିବାହ ସମ୍ପନ୍ନ ହୋଇ ନ ପାରିଲେ ତାହା ମଧ୍ୟ ଅପରାଧର ପଦବାଚ୍ୟ ହେବ। ତେଣୁ ଏଭଳି ମାମଲାରେ ଝିଅଙ୍କୁ ପୀଡ଼ିତା ଭାବେ ଦେଖାଯାଇ ପାରିବ ନାହିଁ ବୋଲି ଖଣ୍ଡପୀଠ କହିବା ସହ ଅଭିଯୁକ୍ତ ପୁରୁଷ ବନ୍ଧୁଙ୍କ ଆବେଦନର ଶୁଣାଣି କରିବାକୁ ରାଜି ହୋଇଛନ୍ତି।

# ପୁନମ ଗୁପ୍ତା ଆର୍ବିଆଇର ନୂତନ ଡେପୁଟି ଗଭର୍ନର

**ନୂଆଦିଲ୍ଲୀ, ୨।୪**



କେନ୍ଦ୍ର ସରକାର ବୁଧବାର ପୁନମ ଗୁପ୍ତାଙ୍କୁ ୩ ବର୍ଷ ପାଇଁ ଭାରତୀୟ ରିଜର୍ଭ ବ୍ୟାଙ୍କ (ଆର୍ବିଆଇ)ର ଡେପୁଟି ଗଭର୍ନର ଭାବେ ନିଯୁକ୍ତି ଦେଇଛନ୍ତି। ପୁନମ ବର୍ତ୍ତମାନ ଇକୋନୋମିକ ପଲିସି ଥିଙ୍କ୍ ଟାଙ୍କ୍ 'ନ୍ୟାଶନାଲ କାଉନସିଲ ଅଫ୍ ଆପ୍ଲାଏଡ୍ ଇକୋନୋମିକ୍ସ ରିସର୍ଚ୍ଚ (ଏନ୍ସିଏଇଆର୍)'ର ମହାନିର୍ଦ୍ଦେଶକ ଭାବେ କାର୍ଯ୍ୟ କରୁଛନ୍ତି। ଏହାସହ ପୁନମ ପ୍ରଧାନମନ୍ତ୍ରୀଙ୍କ ଅର୍ଥନୈତିକ ପରାମର୍ଶଦାତା ପରିଷଦର ସଦସ୍ୟ ଅଛନ୍ତି ଓ ସେ ୧୬ଶ ଅର୍ଥ ଆୟୋଗ ପାଇଁ ପରାମର୍ଶ ପରିଷଦର ସଂଯୋଜକ ଭାବେ ମଧ୍ୟ କାର୍ଯ୍ୟ କରୁଛନ୍ତି। ସେ ୨୦୨୧ରେ ଏନ୍ସିଏଇଆର୍ରେ ଯୋଗ ଦେଇଥିଲେ। ପୁନମ ଏହାପୂର୍ବରୁ ୨ ଦଶନ୍ଧି ଧରି ଆଇଏମ୍ଏଫ୍ ଏବଂ ୱାର୍ଲ୍ଡ ବ୍ୟାଙ୍କ ପାଇଁ ୱାଶିଂଟନରେ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ପଦରେ କାର୍ଯ୍ୟ କରିଥିଲେ।

# ଜର୍ମାନ ପର୍ଯ୍ୟଟକଙ୍କୁ କାର୍ରେ ବଳାତ୍କାର

**ହାଇଦ୍ରାବାଦ, ୨।୪**

ହାଇଦ୍ରାବାଦରେ ଜଣେ ମହିଳା ଟୁରିଷ୍ଟ (୨୨)ଙ୍କୁ କାର୍ରେ ବଳାତ୍କାର କରାଯାଇଥିବାର ଘଟଣା ସାମ୍ନାକୁ ଆସିଛି। ଜଣେ କ୍ୟାବ୍ ଡ୍ରାଇଭର (୨୪) ଉକ୍ତ ଜର୍ମାନ ଯୁବତୀଙ୍କୁ ବଳାତ୍କାର କରିଥିଲେ। ମଙ୍ଗଳବାର ପୋଲିସ ଅଭିଯୁକ୍ତ ଡ୍ରାଇଭରଙ୍କୁ ଗିରଫ କରିଛି। ଗତ ମାସ ୪ ତାରିଖରେ ପୀଡ଼ିତା ଜଣକ ନିଜ ପୁରୁଷ ବନ୍ଧୁଙ୍କ ସହ ହାଇଦ୍ରାବାଦକୁ ଭ୍ରମଣ ପାଇଁ ଆସିଥିଲେ। ସୋମବାର ଇଦ୍ ଉପଲକ୍ଷେ ପୀଡ଼ିତା ଓ ତାଙ୍କ ପୁରୁଷ ବନ୍ଧୁଙ୍କୁ ସହର ଭ୍ରମଣ କରାଇବାର ସୁଯୋଗ ନେଇ କ୍ୟାବ୍ ଡ୍ରାଇଭର ଜଣକ ପୀଡ଼ିତା ଜର୍ମାନ ଯୁବତୀଙ୍କୁ ବଳାତ୍କାର କରିଥିଲେ।

**ଫୁର୍ସତ୍**

# କହ୍ନେୟା ଲାଲ୍ ହତ୍ୟାକାଣ୍ଡକୁ ନେଇ 'ଜ୍ଞାନବାପି ଫାଇଲ୍ସ'



**ମୁମ୍ବାଇ**

୨୦୨୨ ଜୁନ ୨୮ରେ ଦରଜି କହ୍ନେୟା ଲାଲ୍ଙ୍କ ନିର୍ମମ ହତ୍ୟାକୁ ନେଇ ଖୁବ୍ଶୀଘ୍ର 'ଜ୍ଞାନବାପି ଫାଇଲ୍ସ: ଏ ଟେଲର ମର୍ଡର ଷ୍ଟୋରି' ଫିଲ୍ମ ପ୍ରେକ୍ଷାଳୟରେ ରିଲିଜ୍ ହେବାକୁ ଯାଉଛି। ଏହି ଫିଲ୍ମରେ ବଲିଉଡ୍ ଅଭିନେତା ବିଜୟ ରାଜ୍ ମୁଖ୍ୟ ଭୂମିକାରେ ନଜରକୁ ଆସିବେ। ବୁଧବାର ଫିଲ୍ମର ପ୍ରଥମ ଅଫିସିଆଲ ପୋଷ୍ଟର ରିଲିଜ୍ ହେବା ସହ ଫିଲ୍ମରେ ବିଜୟଙ୍କ ଲୁକ୍ ଉପରୁ ପରଦା ହଠିଛି। ସେହିପରି ଏହି ଫିଲ୍ମର ରିଲିଜ୍ ତାରିଖକୁ ମଧ୍ୟ ଘୋଷଣା କରାଯାଇଛି।

ଆସନ୍ତା ଜୁନ୍ ୨୭ରେ 'ଜ୍ଞାନବାପି ଫାଇଲ୍ସ: ଏ ଟେଲର ମର୍ଡର ଷ୍ଟୋରି' ଫିଲ୍ମ ମୁକ୍ତିଲାଭ କରିବ। ଏନେଇ ଫିଲ୍ମ ନିର୍ମାତା କମ୍ପାନୀ ରିଲାଏନ୍ସ ଏଣ୍ଟରଟେନ୍ମେଣ୍ଟ ପକ୍ଷରୁ ଇନ୍ଷ୍ଟାଗ୍ରାମରେ ଏକ ପୋଷ୍ଟ କରାଯାଇ ଏହି ସୂଚନା ଦିଆଯାଇଛି। ସେହିପରି ଉକ୍ତ ପୋଷ୍ଟରେ ଫିଲ୍ମର ପ୍ରଥମ ପୋଷ୍ଟରକୁ ମଧ୍ୟ ଶେୟାର କରାଯାଇଛି। କ୍ୟାପ୍ଶନରେ ଲେଖାଯାଇଛି, ଏପରି ଏକ କାହାଣୀର ସାକ୍ଷୀ ହୁଅନ୍ତୁ, ଯାହାର ସତ୍ୟତା ପ୍ରଥମଥର ପାଇଁ ସାମ୍ନାକୁ ଆସିବ।

କହ୍ନେୟା ଲାଲ୍ ହତ୍ୟାକାଣ୍ଡର ସମ୍ବେଦନଶୀଳ ପ୍ରକୃତିକୁ ଦୃଷ୍ଟିରେ ରଖି ବର୍ତ୍ତମାନ ସୁଦ୍ଧା ନିର୍ମାତାଙ୍କ ପକ୍ଷରୁ ଫିଲ୍ମର କାହାଣୀ ସମ୍ବନ୍ଧରେ ସବିଶେଷ ତଥ୍ୟ ପ୍ରକାଶ କରାଯାଇନାହିଁ। ତେବେ ଏହି ଫିଲ୍ମରେ କହ୍ନେୟା ଲାଲ୍ ହତ୍ୟାକାଣ୍ଡ ଏବଂ ଏହା ସହ ଜଡ଼ିତ ଥିବା ପରବର୍ତ୍ତୀ ଘଟଣାଗୁଡ଼ିକୁ ବିସ୍ତୃତଭାବେ ଦେଖାଯିବ ବୋଲି ସିନେ ସମୀକ୍ଷକମାନେ ଆଶା କରିଛନ୍ତି। ପ୍ରକାଶ ଯେ, ୨୦୨୨ ଜୁନ୍ ୨୮ରେ ରାଜସ୍ଥାନର ଉଦୟପୁରରେ ୨ ଜଣ ଆକ୍ରମଣକାରୀ କହ୍ନେୟା ଲାଲ୍ଙ୍କ ମୁଣ୍ଡ କାଟି ତାଙ୍କୁ ନିର୍ମମ ଭାବେ ହତ୍ୟା କରିଥିଲେ। ଭାଜପାର ପୂର୍ବତନ ମୁଖପାତ୍ର ନୁପୁର ଶର୍ମାଙ୍କ ପେଗମ୍ବର ମହମ୍ମଦଙ୍କୁ ନେଇ ବିବାଦୀୟ ମନ୍ତବ୍ୟକୁ କହ୍ନେୟା ତାଙ୍କ ସୋସିଆଲ ମିଡିଆରେ ସମର୍ଥନ କରିଥିଲେ। ତେଣୁ ତାଙ୍କ ମୁଣ୍ଡକାଟ କରାଯାଇ ପେଗମ୍ବର ମହମ୍ମଦଙ୍କୁ କରାଯାଇଥିବା ଅପମାନର ପ୍ରତିଶୋଧ ନିଆଯାଇଛି ବୋଲି ଉଭୟ ଆକ୍ରମଣକାରୀ ସୋସିଆଲ ମିଡିଆରେ ଏକ ଭିଡିଓ ଜାରି କରି କହିଥିଲେ।

# ୧୦ ସେ.ମି.ର ସବୁଠୁ ଲମ୍ବା ଜିଭ

**ନ୍ୟୁୟର୍କ**



ସମ୍ପ୍ରତି ବିଭିନ୍ନ ଶ୍ରେଣୀରେ ରେକର୍ଡ ସୃଷ୍ଟି କରି ଚର୍ଚ୍ଚାକୁ ଆସୁଥିବା ଲୋକଙ୍କର କୌଣସି ଅଭାବ ନାହିଁ। ନିକଟରେ ଆମେରିକାର କାଲିଫର୍ନିଆରେ ରହୁଥିବା ଜଣେ ମହିଳା ଚାନେଲ ଟାପର ମଧ୍ୟ ଠିକ୍ ଏହିପରି ଏକ ରେକର୍ଡ କରି ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଛନ୍ତି। ୯.୭୫ ସେଣ୍ଟିମିଟର (୩.୮୪ ଇଞ୍ଚ) ଲମ୍ବା ଜିଭ ସହ ଟାପର ନିଜ ନାମକୁ ଗିନିଜ ୱାର୍ଲ୍ଡ ରେକର୍ଡ୍ସ (ଜିଡବ୍ଲ୍ୟୁଆର୍)ରେ ପଞ୍ଜୀକୃତ କରିଛନ୍ତି। ସବୁଠାରୁ ଲମ୍ବା ଜିଭ ଥିବା ମହିଳା ଭାବେ ଟାପର ଏହି ରେକର୍ଡ କରିଛନ୍ତି। ଫଳରେ ତାଙ୍କୁ ନେଇ ଏବେ ସୋସିଆଲ ମିଡିଆରେ ଚର୍ଚ୍ଚା ଲାଗି ରହିଛି। ସୋସିଆଲ ମିଡିଆରେ ଟାପରଙ୍କ ଏତେ ଲମ୍ବା ଜିଭକୁ ଦେଖି ଅନେକ ୟୁଜର୍ସ ଆଶ୍ଚର୍ଯ୍ୟ ପ୍ରକଟ କରିଥିବା ବେଳେ ଆଉ କେତେଜଣ ୟୁଜର୍ସ ଟାପରଙ୍କ ପୋଷ୍ଟରେ ମଜାଦାର ମିମ୍ସ ଓ କମେଣ୍ଟ ମଧ୍ୟ କରିଛନ୍ତି। ତେବେ ଜିଭକୁ ନେଇ ପୂର୍ବରୁ ମଧ୍ୟ ଜିଡବ୍ଲ୍ୟୁଆର୍ରେ ଅନେକ ରେକର୍ଡ ସ୍ଥାନ ପାଇଛି। ୧୦.୧ ସେ.ମି. ଜିଭ ସହ ଷ୍ଟୋଏବର୍ଲ ନାମକ ଜଣେ ବ୍ୟକ୍ତି ସବୁଠାରୁ ଲମ୍ବା ଜିଭ ରଖିଥିବା ପୁରୁଷ ଭାବେ ପୂର୍ବରୁ ରେକର୍ଡ ସୃଷ୍ଟି କରି ଜିଡବ୍ଲ୍ୟୁଆର୍ରେ ସ୍ଥାନ ପାଇଥିଲେ।

ବୈଜ୍ଞାନିକଙ୍କ ଅନୁଯାୟୀ, ବିଭିନ୍ନ ଜେନେଟିକ୍ ଏବଂ ଜୈବିକ କାରଣ ଯୋଗୁ ଲୋକମାନଙ୍କ ଜିଭର ଲମ୍ବ ଭିନ୍ନ ଭିନ୍ନ ହୋଇଥାଏ। ଏହି କାରଣରୁ କିଛି ଲୋକଙ୍କ ଶରୀରର କେତେକ ଅଙ୍ଗ ସ୍ୱାଭାବିକଠାରୁ ବଡ଼ ହୋଇଯାଇଥାଏ। ଠିକ୍ ଏହିପରି ଭାବେ ଟାପରଙ୍କ ଜିଭ ବହୁତ ଲମ୍ବା ହୋଇଯାଇଛି ବୋଲି ବୈଜ୍ଞାନିକମାନେ କହିଛନ୍ତି।

DSPL-12

ଓଡ଼ିଶା ଶାସନ

ଆମ ପୋଷାକ
ଆମ ପରିଚୟ



ବାର୍ତ୍ତା

ଆମ ବସ୍ତ୍ର ହେଉଛି ଆମ ସ୍ୱାଭିମାନ ଓ ଆମ ପରିଚୟ । ଓଡ଼ିଶା ହସ୍ତତନ୍ତର ସମଗ୍ର ବିଶ୍ୱରେ ପ୍ରସିଦ୍ଧି ରହିଛି । ଆମ ସମ୍ବଲପୁରୀ, ସୋନପୁରୀ, ବୋମକାଇ, ମାଣିଆବନ୍ଧ, କୋଟପାଡ ହସ୍ତତନ୍ତ ପୋଷାକ ଏବଂ ଶାଢ଼ୀ ସହିତ ଖୋର୍ଦ୍ଧା ଲୁଙ୍ଗି ଓ ଗାମୁଛା ଇତ୍ୟାଦି ରାଜ୍ୟ ତଥା ରାଜ୍ୟ ବାହାରେ ଆଦୃତି ଲାଭ କରିଛି ।

ପ୍ରତ୍ୟେକ ହସ୍ତତନ୍ତ ବସ୍ତ୍ର ସହିତ ଏହାର ଐତିହ୍ୟ ଓ ଅଞ୍ଚଳର କାହାଣୀ ଜଡ଼ିତ ହୋଇ ରହିଛି । ହସ୍ତତନ୍ତ ମାଧ୍ୟମରେ ଆମ ବୁଣାକାର ମାନଙ୍କ ସୃଜନାତ୍ମକ କୌଶଳ ପିଢ଼ି ପରେ ପିଢ଼ି ପ୍ରସାରିତ ହୋଇ ଆସୁଛି । ହସ୍ତତନ୍ତ ବସ୍ତ୍ର ପରିଧାନ ଦ୍ୱାରା ଆମ ଅର୍ଥନୀତି ମଧ୍ୟ ସମୃଦ୍ଧ ହୋଇଥାଏ ।

ଓଡ଼ିଆ ପକ୍ଷ ପାଳନ ଅବସରରେ ଆସନ୍ତୁ, ଆମେ ହସ୍ତତନ୍ତ ପୋଷାକ ପିନ୍ଧିବାକୁ ଅଭ୍ୟାସରେ ପରିଣତ କରିବା । କେବଳ ଆଜି ନୁହେଁ, ସବୁ ଦିନ ପିନ୍ଧିବା ଏବଂ ଆମ ବୁଣାକାର ଓ ଗ୍ରାମ୍ୟ ଅର୍ଥନୀତିକୁ ସଶକ୍ତ କରିବା ସହ ସମୃଦ୍ଧ ଓଡ଼ିଶା ଗଠନରେ ଅଂଶୀଦାର ହେବା ।

(ମୋହନ ଚରଣ ମାଝୀ)
ମୁଖ୍ୟମନ୍ତ୍ରୀ, ଓଡ଼ିଶା

OIPR-31047/13/0001/2425

# ଓଡ଼ିଶା ଆଧାର କାର୍ଡରେ ତେଲୁଗୁ ଭାଷା

**କୋରାପୁଟ ଜିଲାର କୋଟିଆ ଅଞ୍ଚଳରେ ନିଜର ଆଧିପତ୍ୟ ବିସ୍ତାର କରିବାକୁ ପଡ଼ୋଶୀ ଆନ୍ଧ୍ରପ୍ରଦେଶ ଲଗାତର ଉଦ୍ୟମ କରିଆସୁଛି। ପଟାଙ୍ଗୀ ବ୍ଲକର କୋଟିଆ ପଞ୍ଚାୟତବାସୀଙ୍କୁ ବିଭିନ୍ନ ଉପାୟରେ ପ୍ରଲୋଭିତ କରି ସେମାନଙ୍କୁ କରାୟତ୍ତ ପାଇଁ ଆନ୍ଧ୍ର ଅଧିକାରୀମାନେ ଚେଷ୍ଟା ଚଳାଇଛନ୍ତି। ସେଥିପାଇଁ ସେମାନେ ବିଭିନ୍ନ ସରକାରୀ ଯୋଜନାରେ କୋଟିଆବାସୀଙ୍କୁ ଲାଭାନ୍ୱିତ କରିବାକୁ ଯାଇ ଓଡ଼ିଆ ବଦଳରେ ତେଲୁଗୁ ଭାଷା ବ୍ୟବହାର ପାଇଁ ଚାପ ପକାଉଛନ୍ତି। ଏପରି କି ଆଧାର କାର୍ଡର ତଥ୍ୟ ତେଲୁଗୁରେ ଉଲ୍ଲେଖ କରିବାକୁ ସେମାନେ ଲୋକଙ୍କୁ ପ୍ରବର୍ତ୍ତାଉଛନ୍ତି। ଏଭଳିସ୍ଥଳେ ଓଡ଼ିଶା ଅଧିକାରୀଙ୍କ ଅବହେଳା ଓ ତ୍ରୁଟି ଆନ୍ଧ୍ର ଅଧିକାରୀଙ୍କ ଉଦ୍ଦେଶ୍ୟକୁ ଅନେକାଂଶରେ ସଫଳ କରୁଛି। କାରଣ କୋଟିଆର ଅନେକ ଲୋକଙ୍କ ଆଧାର କାର୍ଡରେ ସେମାନଙ୍କ ବ୍ୟକ୍ତିଗତ ତଥ୍ୟ ଓଡ଼ିଆ ପରିବର୍ତ୍ତେ ତେଲୁଗୁ ଭାଷାରେ ଉଲ୍ଲେଖ ହୋଇଥିବାବେଳେ ନାମ, ବୟସ, ଠିକଣା ଆଦି କେତେକ ତ୍ରୁଟି ପରିଲକ୍ଷିତ ହୋଇଛି। ଫଳସ୍ୱରୂପ କୋଟିଆ ଅଧିବାସୀ ଓଡ଼ିଶା ସରକାରଙ୍କ ଜନକଲ୍ୟାଣକାରୀ ସୁବିଧାରୁ ବଞ୍ଚିତ ହୋଇ ଆନ୍ଧ୍ର ଆଡ଼କୁ ଢଳିବା ଭଳି ସ୍ଥିତି ଉପୁଜିଛି।**

## କାର୍ଡରେ ତଥ୍ୟଗତ ତ୍ରୁଟି, ଲାଭ ଉଠାଉଛି ଆନ୍ଧ୍ର









ଆଧାର କାର୍ଡରେ କୋରାପୁଟ ଜିଲା କୋଟିଆର ଖରା ଝିପାଇଙ୍କ ତଥ୍ୟ ତେଲୁଗୁ ଭାଷାରେ ଉଲ୍ଲେଖ ରହିଛି।

**ପଟ୍ଟାଙ୍ଗି,୨।୪**
**(ଶରତ କୁମାର ଧଳ)**

ସୀମାନ୍ତ ଗ୍ରାମଗୁଡ଼ିକରେ ଓଡ଼ିଆ ଭାଷା ସୁରକ୍ଷିତ ରହିବା ନେଇ ସରକାରୀ ସ୍ତରରେ ବିଶେଷ ଧ୍ୟାନ ଦିଆଯିବା ଆବଶ୍ୟକ ଥିବାବେଳେ ଏଥିରେ ବ୍ୟତିକ୍ରମ ଦେଖାଦେଇଛି। ମଙ୍ଗଳବାର କୋରାପୁଟ ଜିଲା ପଟ୍ଟାଙ୍ଗି ବ୍ଲକ୍ ଅଧୀନ ସୀମାନ୍ତ କୋଟିଆ ଅଞ୍ଚଳରେ ଜିଲା ଓ ବ୍ଲକ୍ ପ୍ରଶାସନ ପକ୍ଷରୁ ଓଡ଼ିଶା ଦିବସ ପାଳନବେଳେ ଏପରି ଏକ ଘଟଣା ସାମ୍ନାକୁ ଆସିଛି। କାର୍ଯ୍ୟକ୍ରମରେ ଉପସ୍ଥିତ ଜଣେ ବୃଦ୍ଧା ଆର୍ଜୁବାଲସା ଗ୍ରାମର ଖରା ଝିପାଇଙ୍କ ପାଖରେ ଥିବା ଓଡ଼ିଶାର ଆଧାର କାର୍ଡରେ ଅନେକ ତଥ୍ୟ ତେଲୁଗୁ ଭାଷାରେ ରହିଛି। ଆଧାର କାର୍ଡ ଯଦି ଓଡ଼ିଶାର ତା'ହେଲେ ଏଥିରେ ତେଲୁଗୁ ଭାଷା ରହିବା ନେଇ ପ୍ରଶ୍ନ ଉଠିଛି। ଖରାଙ୍କ ଆଧାର କାର୍ଡରେ ଉଲ୍ଲେଖ ଥିବା ଜନ୍ମ ତାରିଖ ସମ୍ପୂର୍ଣ୍ଣ ଭୁଲ୍ ରହିଛି। ତାଙ୍କ ବୟସ ପ୍ରାୟ ୭୦ ବର୍ଷ ହୋଇଥିବା ବେଳେ କାର୍ଡରେ ୪୫ ବର୍ଷ ଉଲ୍ଲେଖ ରହିଛି। ଏହିପରି ଭୁଲ୍ ତଥ୍ୟ ପାଇଁ ବର୍ତ୍ତମାନ ସୁଦ୍ଧା ଅନେକ ସୀମାନ୍ତବାସୀ ଓଡ଼ିଶା ସରକାରଙ୍କ ବିଭିନ୍ନ ଯୋଜନାରୁ ବଞ୍ଚିତ ରହୁଥିବାବେଳେ ପଡ଼ୋଶୀ ଆନ୍ଧ୍ର ଏହାର ସୁଯୋଗ ନେବାରେ ସଫଳ ହେଉଛି। ଏହିପରି ବ୍ୟତିକ୍ରମ ଯୋଗୁ ସୀମାନ୍ତ ଗ୍ରାମଗୁଡ଼ିକରେ ଓଡ଼ିଆ ଭାଷାର ସୁରକ୍ଷା ନେଇ ବାଧା ରହିଥିବା ଉକ୍ତ ବୃଦ୍ଧାଙ୍କ ଆଧାର କାର୍ଡରୁ ସ୍ପଷ୍ଟ ହେଉଛି। କାର୍ଯ୍ୟକ୍ରମକୁ କାହିଁକି ଆଧାର କାର୍ଡ ନେଇଆସିଛ ବୋଲି ଖରାଙ୍କୁ ପ୍ରଶ୍ନ କରିବାରୁ, ସେ ବାର୍ଦ୍ଧକ୍ୟ ଭତ୍ତା ପାଇବାରୁ ବଞ୍ଚିତ ରହିଥିବା କହିଛନ୍ତି। ତେଣୁ ତାଙ୍କୁ ଆଧାର କାର୍ଡ ନେଇ ଆସିବାକୁ କୁହାଯାଇଥିବାରୁ ସେ ଆସିଥିବା କହିଛନ୍ତି।

ଏ ସମ୍ପର୍କରେ ପଟ୍ଟାଙ୍ଗି ବ୍ଲକ୍ ଅଧୀନରେ ଥିବା ସାମାଜିକ ସୁରକ୍ଷା ଭିନ୍ନକ୍ଷମ ବିଭାଗର ବିଏସ୍ଏସ୍ଓ ସୁଧୀର ସାହୁଙ୍କୁ ପଚାରିବାରୁ ବୃଦ୍ଧାଙ୍କ ଆଧାର କାର୍ଡ ଅନ୍‌ଲାଇନ୍‌ରେ ଦେଖାଉନାହିଁ। କିନ୍ତୁ ଉକ୍ତ ପଞ୍ଚାୟତର ଅନେକ ସୀମାନ୍ତ ଗ୍ରାମବାସୀ ଦୁଇ ରାଜ୍ୟରୁ ଲାଭ ଉଠାଇବା ପାଇଁ ଆଧାର କାର୍ଡରେ ଏଡିଟିଂ କରି ନିଜ ପାଇଁ ବିପଦ ଆଣିବା ସହ ସମସ୍ୟାର ସମ୍ମୁଖୀନ ହେଉଥିବା କହିଛନ୍ତି। ଏ ନେଇ ସ୍ଥାନୀୟ ବିଡିଓ ରାମକୃଷ୍ଣା ନାୟକଙ୍କୁ ପଚାରିବାରୁ ଏହିପରି ବ୍ୟତିକ୍ରମ ତାଙ୍କ ☞ପୃଷ୍ଠା-୨

# ୮୬୪.୪୫ କୋଟିର ଖଣିଜ ରାଜସ୍ୱ ବାଟମାରଣା

**ସିଏଜି ରିପୋର୍ଟ**

**ବେଆଇନ ଉତ୍ତୋଳନ: ଖଣି ଲିଜ୍‌ଧାରୀଙ୍କଠାରୁ ୩,୯୬୬ କୋଟି ଟଙ୍କା ଆଦାୟ ହୋଇପାରିନି**

**ରାଜ୍ୟରେ ଗତ ୨୨ ବର୍ଷରେ ଖଣି ଅଞ୍ଚଳରେ ଲିଜ୍‌ଧାରୀମାନେ ମନଇଚ୍ଛା ଖଣିଜ ପଦାର୍ଥ ଉତ୍ତୋଳନ କରିଛନ୍ତି। ଭାରତର ମହାଲେଖା ନିୟନ୍ତ୍ରକ (ସିଏଜି) ତାଙ୍କ ରିପୋର୍ଟରେ ରାଜ୍ୟର ଖଣିଜ ଦୁର୍ନୀତି ସମ୍ପର୍କରେ ସବିଶେଷ ତଥ୍ୟ ଉପସ୍ଥାପନ କରିଛନ୍ତି। ବେଆଇନ ଉତ୍ତୋଳନ ପାଇଁ ସୁପ୍ରିମ୍‌କୋର୍ଟ ଧାର୍ଯ୍ୟ କରିଥିବା ଜରିମାନା ରାଶି ମଧ୍ୟରୁ ୩,୯୬୬.୩୪ କୋଟି ଟଙ୍କା (ସୁଧ ସହ) ଲିଜ୍‌ଧାରୀମାନଙ୍କଠାରୁ ଆଦାୟ କରିବାରେ ରାଜ୍ୟ ସରକାର ଉଦ୍ୟମ କରିନାହାନ୍ତି। ସେହିପରି ପ୍ରାଧିକୃତ ସଂସ୍ଥା ଦ୍ୱାରା ଲଘୁ ଖଣିଜ କ୍ରୟ ଟ୍ରାନ୍‌ଜିଟ ପାସ୍ ନ ଦେବା ଯୋଗୁ ୨୦୧୫ରୁ ୨୦୨୨ ମଧ୍ୟରେ ୮୬୪.୪୫ କୋଟି ଟଙ୍କାର ଖଣିଜ ରାଜସ୍ୱ ବାଟମାରଣା ହୋଇଛି ବୋଲି ବୁଧବାର ବିଧାନସଭାରେ ଉପସ୍ଥାପିତ ସିଏଜି ରିପୋର୍ଟରେ ଦର୍ଶାଯାଇଛି।**

**ଭୁବନେଶ୍ୱର,୨।୪**
**(ରବିନାରାୟଣ ଜେନା)**

ନିୟମ ଉଲ୍ଲଂଘନ କରି ଖଣିଜ ପଦାର୍ଥ ଉତ୍ତୋଳନ କରିଥିଲେ ୧୦୦% ଜରିମାନା ହେବ ବୋଲି ସୁପ୍ରିମ୍‌କୋର୍ଟଙ୍କ ନିର୍ଦ୍ଦେଶ ରହିଥିଲା। ଏହି କ୍ରମରେ ୧୩୧ ଜଣ ଖଣି ଲିଜ୍‌ଧାରୀଙ୍କଠାରୁ ୧୯,୧୭୪.୩୮ କୋଟି ଆଦାୟ କରାଯିବାକୁ ରାଜ୍ୟ ସରକାରଙ୍କୁ ୨୦୧୭ ଅଗଷ୍ଟରେ ନିର୍ଦ୍ଦେଶ ହୋଇଥିଲା। ହେଲେ ଗତ ୬ ବର୍ଷ ମଧ୍ୟରେ ଜରିମାନା ବାବଦ ୧୯,୧୭୮.୩୮ କୋଟି ଟଙ୍କା ମଧ୍ୟ ୩,୯୬୬.୩୪ କୋଟି ଟଙ୍କା ଆଦାୟ ହୋଇପାରିନାହିଁ। ଏପରି କି ଜରିମାନା ଅନାଦେୟ କ୍ଷେତ୍ରରେ ସମ୍ପତ୍ତି ବାଜ୍ୟାପ୍ତି ନିର୍ଦ୍ଦେଶ ଥିଲେ ମଧ୍ୟ ତାହା ଅନୁପାଳନ କରାଯାଇନାହିଁ ବୋଲି ରିପୋର୍ଟରେ ଦର୍ଶାଯାଇଛି।

ବୁଧବାର ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ରାଜ୍ୟ ମହାଲେଖାକାର (ଏଜି) ଅତୁଲ୍ୟ ପ୍ରକାଶ କହିଛନ୍ତି, ୨୦୧୭ ଅଗଷ୍ଟ ୩୧ରେ ସୁପ୍ରିମକୋର୍ଟ ଓଡ଼ିଶା ସରକାରଙ୍କୁ ନିର୍ଦ୍ଦେଶ ଦେଇଥିଲେ ଯେ, ଖଣିଜ ଲୁହାପଥର ଓ ମାଙ୍ଗାନିଜ, ପରିବେଶ ଅନୁମତି(ଇସି) କିମ୍ବା ବିନା ଜଙ୍ଗଲ ଅନୁମତି(ଏଫ୍‌ସି) କିମ୍ବା ଉଭୟ ଅନୁମତି ବିନା ଉତ୍ତୋଳନ କରାଯାଇଥିଲେ, ଏମ୍ଏମ୍‌ଡିଆର ନିୟମ ୧୯୫୭ ଏବଂ ଧାରା ୨୧ ଅନୁଯାୟୀ ଖଣିଜ ମୂଲ୍ୟର ଶତକଡ଼ା ୧୦୦ଭାଗ ଲିଜଧାରୀଙ୍କଠାରୁ କ୍ଷତିପୂରଣ ବାବଦକୁ ଆଦାୟ କରାଯାଇପାରିବ। ଏହାକୁ ନେଇ ସମସ୍ତ ଖଣି ଲିଜଧାରୀଙ୍କଠାରୁ ୨୦୧୭ ଡିସେମ୍ବର ୩୧ ମଧ୍ୟରେ କ୍ଷତିପୂରଣ ରାଶି ଆଦାୟ କରାଯିବାକୁ କୁହାଯାଇଥିଲା। ଏସଂକ୍ରାନ୍ତରେ ଏକ କେନ୍ଦ୍ରୀୟ ସଶକ୍ତୀକରଣ କମିଟି ୨୦୧୮ ଜାନୁଆରୀ ୧୭ରେ ହୋଇଥିଲା। କମିଟି ରିପୋର୍ଟରେ ଦର୍ଶାଇଥିଲା ଯେ, ୧୯ହଜାର ୧୭୪.୩୮କୋଟି ଟଙ୍କା ଦାବି ମଧ୍ୟରୁ ୮ହଜାର ୨୮୯.୮୭କୋଟି ଟଙ୍କା ଆଦାୟ ହୋଇଛି ଏବଂ ୧୦ହଜାର ୮୮୪.୫୧କୋଟି ଟଙ୍କା ଆଦାୟ ହୋଇପାରି ନାହିଁ। ସୁପ୍ରିମକୋର୍ଟ ଏନେଇ ବାଧ୍ୟତାମୂଳକ ପଦକ୍ଷେପ ନେବାକୁ ଇସ୍ପାତ ଓ ଖଣି ନିର୍ଦ୍ଦେଶକ ସୁନ୍ଦରଗଡ଼, କେନ୍ଦୁଝର ଓ ମୟୂରଭଞ୍ଜଙ୍କୁ କହିଥିଲେ। ସମ୍ପୃକ୍ତ ଲିଜଧାରୀଙ୍କ ନାମରେ ସାର୍ଟିଫିକେଟ କେସ୍ ପ୍ରକ୍ରିୟା ଆରମ୍ଭ କରିବାକୁ କହିଥିଲେ। ମାମଲା ପରେ ୭୩୭୧.୧୨ କୋଟି ଟଙ୍କା ସୁଧ ସହିତ ଆଦାୟ ହୋଇଛି। ତଥାପି ୬ବର୍ଷ ବିତିଯାଇଥିଲେ ବି ବିଭାଗ ଖଣି ଖିଲାପକାରୀ ତଥା ଖଣି ଲିଜଧାରୀଙ୍କଠାରୁ ୩୯୬୬.୩୪କୋଟି ଟଙ୍କା ଆଦାୟ କରିବାପାଇଁ କୌଣସି ପ୍ରଭାବଶାଳୀ ପଦକ୍ଷେପ ଗ୍ରହଣ କରି ନ ଥିଲେ ବୋଲି ଅତୁଲ୍ୟ କହିଛନ୍ତି।

ସେହିପରି ସମୀକ୍ଷା ବେଳେ ଲଘୁ ଖଣିଜ ପଦାର୍ଥ ନିଲାମରେ ବ୍ୟାପକ ଅନିୟମିତତା ପରିଲକ୍ଷିତ ହୋଇଛି। ଏନେଇ ଅତୁଲ୍ୟ କହିଛନ୍ତି, ରାଜ୍ୟର ଅଣଟିକସ ରାଜସ୍ୱର ମୁଖ୍ୟ ଉତ୍ସ ହେଲା ଲଘୁ ☞ପୃଷ୍ଠା-୨

# ଆରମ୍ଭ ହେଲା ପ୍ରାକ୍ ପ୍ରାଥମିକ ପିଲାଙ୍କ ପାଇଁ ଶିଶୁ ବାଟିକା

**ପ୍ରବେଶ ଉତ୍ସବ, ଖଡ଼ିଛୁଆଁ କାର୍ଯ୍ୟକ୍ରମର ଶୁଭାରମ୍ଭ କଲେ ମୁଖ୍ୟମନ୍ତ୍ରୀ**

**ଭୁବନେଶ୍ୱର,୨।୪ (ସୁଚିସ୍ମିତା ସାହୁ)**

ରାଜ୍ୟରେ ବୁଧବାର ଆରମ୍ଭ ହୋଇଯାଇଛି ପ୍ରାକ୍ ପ୍ରାଥମିକ ପିଲାଙ୍କ ପାଇଁ ଶିଶୁ ବାଟିକା। ଏହି ଅବସରରେ ଭୁବନେଶ୍ୱରର ବଡ଼ଗଡ଼ ସରକାରୀ ଉଚ୍ଚ ବିଦ୍ୟାଳୟରେ ଛାତ୍ରୀଛାତ୍ରଙ୍କ ପ୍ରବେଶ ଉତ୍ସବ ଓ ଖଡ଼ିଛୁଆଁ କାର୍ଯ୍ୟକ୍ରମ ଆୟୋଜିତ ହୋଇଛି। ଏଥିରେ କୁନି କୁନି ପିଲାମାନେ ସିଲଟ୍ ଓ ଖଡ଼ି ଧରି ଉପସ୍ଥିତ ଥିଲେ। ସେମାନଙ୍କ ☞ପୃଷ୍ଠା-୨



ଭୁବନେଶ୍ୱରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ବୁଧବାର ଜଣେ ଛାତ୍ରଙ୍କ ଖଡ଼ିଛୁଆଁ କରୁଛନ୍ତି।

## ଯୁଦ୍ଧବିରତି ପାଇଁ ମାଓବାଦୀଙ୍କ ଆହ୍ୱାନ

**ମାଲକାନଗିରି,୨।୪**
**(ଦୁର୍ଯ୍ୟୋଧନ ପାତ୍ର)**

କେନ୍ଦ୍ରୀୟ ମାଓବାଦୀ ସଙ୍ଗଠନ ପକ୍ଷରୁ ଏକ ପ୍ରେସ୍ ବିଜ୍ଞପ୍ତି ବୁଧବାର ଜାରି କରାଯାଇଛି। ଏଥିରେ ଉଲ୍ଲେଖ ରହିଛି, ସଙ୍ଗଠନ ଶାନ୍ତିବାର୍ତ୍ତା ପାଇଁ ପ୍ରସ୍ତୁତ ସହ ଯୁଦ୍ଧବିରତି ଆହ୍ୱାନ ଦେଇଛି। ଗତ ୨୪ ତାରିଖରେ ହାଇଦ୍ରାବାଦରେ ଏକ ବୈଠକ ହୋଇଥିଲା, ଏଥିରେ ମାଓବାଦୀଙ୍କ ସୁରକ୍ଷା ସମ୍ପର୍କରେ ଆଲୋଚନା କରାଯାଇଥିଲା। ଅନ୍ୟପକ୍ଷରେ କେନ୍ଦ୍ରୀୟ ସଙ୍ଗଠନର ବଡ଼ ବଡ଼ କ୍ୟାଡରମାନେ ନିହତ ହୋଇଥିବାରୁ ତାହା ଦୁର୍ବଳ ହେବାରେ ଲାଗିଛି। ଏହାକୁ ଦୃଷ୍ଟିରେ ରଖି ସଙ୍ଗଠନ ତରଫରୁ ଯୁଦ୍ଧ ବିରତି ଓ ଶାନ୍ତି ବାର୍ତ୍ତା ନିମନ୍ତେ ପ୍ରେସ୍ ବିଜ୍ଞପ୍ତି ମାଧ୍ୟମରେ ସରକାରଙ୍କୁ ପ୍ରସ୍ତାବ ଦେଇଛନ୍ତି।

ଉକ୍ତ ପ୍ରେସ୍ ବିଜ୍ଞପ୍ତିରେ ଉଲ୍ଲେଖ ରହିଛି, ଛତିଶଗଡ଼ରେ ପୋଲିସ -ମାଓବାଦୀଙ୍କ ମଧ୍ୟରେ ଯୁଦ୍ଧ ଜାରି ରହିଛି। ଛତିଶଗଡ଼ ସରକାର ସବୁ ସମୟରେ କୋମ୍ବିଂ, ସର୍ଚ୍ଚ ଅପରେଶନ କରିବାରୁ ବହୁ ମାଓବାଦୀ ଗିରଫ ହୋଇଥିବା ବେଳେ ବହୁ ଲୋକ ନିହତ ମଧ୍ୟ ହୋଇଛନ୍ତି। କେବଳ ଏତିକି ନୁହେଁ, ପୋଲିସ-ମାଓବାଦୀଙ୍କ ଯୁଦ୍ଧରେ ନିରୀହ ଆଦିବାସୀ ☞ପୃଷ୍ଠା-୨

**ଆଜିର ସମ୍ପାଦକୀୟ**
**ସାତ ଶତାବ୍ଦୀର କଥା**

# ୱାକ୍‌ଫ ବିତର୍କ: ଲୋକ ସଭାରେ ଶାସକ- ବିରୋଧୀ ମୁହାଁମୁହିଁ

## ମୁସଲମାନ ସମ୍ପ୍ରଦାୟକୁ ବିଭ୍ରାନ୍ତ ଉଦ୍ୟମ କରିଛନ୍ତି ବିରୋଧୀ: କେନ୍ଦ୍ର

**ନୂଆଦିଲ୍ଲୀ,୨।୪**

ପାର୍ଲାମେଣ୍ଟର ବଜେଟ ଅଧିବେଶନ ଏପ୍ରିଲ ୪ରେ ଶେଷ ହେବାକୁ ଥିବାବେଳେ ଏହା ପୂର୍ବରୁ ଏକ ବଡ଼ ସଫଳତା ହାସଲ ପାଇଁ କେନ୍ଦ୍ରର ଜାତୀୟ ଗଣତାନ୍ତ୍ରିକ ମେଣ୍ଟ (ଏନ୍‌ଡିଏ) ସରକାର ସଂସଦରେ ଉଦ୍ୟମ ଚଳାଇଛନ୍ତି। ସରକାରଙ୍କ ପକ୍ଷରୁ ଆଗତ ୱାକ୍‌ଫ ସଂଶୋଧନ ବିଲ୍ ଉପରେ ଗୃହରେ ବୁଧବାର ରାତିରେ ଜୋର୍‌ଦାର ଆଲୋଚନା ଜାରି ରହିଛି। ନିମ୍ନ ସଦନରେ ପାରିତ ହେବା ପରେ ଏହା ରାଜ୍ୟ ସଭାକୁ ଯିବ। ରାଜ୍ୟ ସଭାରେ ଗୃହୀତ ହେବା ପରେ ରାଷ୍ଟ୍ରପତିଙ୍କ ମୋହର କ୍ରମେ ଆଇନରେ ପରିଣତ ହେବ। ଅନ୍ୟପକ୍ଷେ ଉକ୍ତ ବିବାଦୀୟ ବିଧେୟକ ଲୋକ ସଭାରେ ପାରିତ ହେଲେ ଅଲ୍ ଇଣ୍ଡିଆ ମୁସଲିମ୍ ପର୍ସନାଲ ଲ' ବୋର୍ଡ (ଏଆଇପିଏମ୍ଏଲ୍) ଅଦାଲତରେ ଏହାକୁ ଚ୍ୟାଲେଞ୍ଜ ସହ ଦେଶବ୍ୟାପୀ ଆନ୍ଦୋଳନ କରିବ ବୋଲି ଚେତାବନୀ ଦେଇଛି। ଏହି 'କଳା ଆଇନ' ମୁସଲମାନ ସମ୍ପ୍ରଦାୟର ଅଧିକାରଗୁଡ଼ିକୁ ଛଡ଼ାଇନେବା ଆଶଙ୍କା ଥିବାରୁ ଲଢ଼େଇ ଜାରି ରହିବ ବୋଲି ବୋର୍ଡ କହିଛି।

ସଂସଦୀୟ ବ୍ୟାପାର ମନ୍ତ୍ରୀ କିରେନ୍ ରିଜିଜୁ ଅପରାହ୍ନ ୧୨ଟାରେ ୱାକ୍‌ଫ (ସଂଶୋଧନ) ବିଲ୍, ୨୦୨୫କୁ ଆଲୋଚନା ଓ ଗୃହର ଅନୁମୋଦନ ନିମନ୍ତେ ଆଗତ କରିଥିଲେ। ଯୁଗ୍ମ ସଂସଦୀୟ କମିଟି (ଜେପିସି) ପକ୍ଷରୁ କରାଯାଇଥିବା ସୁପାରିସ ଆଧାରରେ ପ୍ରସ୍ତୁତ ଉକ୍ତ ବିଧେୟକରେ ୱାକ୍‌ଫ ସମ୍ପତ୍ତିଗୁଡ଼ିକର ପ୍ରଶାସନକୁ ତ୍ୱରାନ୍ୱିତ କରିବା ସହ ଟେକ୍ନୋଲୋଜି ଜରିଆରେ ଏହାର ପରିଚାଳନା ଏବଂ ସ୍ୱଚ୍ଛତା ଆଣିବା ନେଇ ଲକ୍ଷ୍ୟ ରଖାଯାଇଛି। ଲୋକ ସଭାରେ ବିଧେୟକ ଆଗତ କରାଯିବା ମାତ୍ରେ ☞ପୃଷ୍ଠା-୨



# ଆଜି କ'ଣ କେଉଁଠି

## ଭୁବନେଶ୍ୱର
- ଦି ଲ' ଏକାଡେମୀ ଭୁବନେଶ୍ୱର ପକ୍ଷରୁ ସମ୍ବର୍ଦ୍ଧନା ସମାରୋହ, ସ୍ଥାନ: ବୁଦ୍ଧ ମନ୍ଦିର, ସମୟ: ପୂର୍ବାହ୍ନ ୧୦ଟା ୩୦।
- ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟ ଛାତ୍ରୀଛାତ୍ରଙ୍କ ପକ୍ଷରୁ ସାଂସ୍କୃତିକ କାର୍ଯ୍ୟକ୍ରମ 'ସଂସ୍କୃତି ବିଚିତ୍ରା', ସ୍ଥାନ: ରବୀନ୍ଦ୍ର ମଣ୍ଡପ, ସମୟ: ସନ୍ଧ୍ୟା ୬ଟା।

## ଖୋର୍ଦ୍ଧା
- ଶ୍ରୀରାମ ଚରିତ ନବାହ୍ନ ପାରାୟଣ, ସ୍ଥାନ: ବେଗୁନିଆ ଦୁର୍ଗାମଣ୍ଡପ, ସମୟ: ସକାଳ ୭ଟା।
- ପ୍ରବଚନ, ଜ୍ଞାନ ଯଜ୍ଞ ଓ ଆଧ୍ୟାତ୍ମିକ ସମାରୋହ, ସ୍ଥାନ: ବେଗୁନିଆ ଦୁର୍ଗାମଣ୍ଡପ, ସମୟ: ୭ଟା ୩୦।
- ମା'ଜାଗୁଲେଇଙ୍କ ବାସନ୍ତିକ ଦୁର୍ଗା ପୂଜା ଓ ଚୈତ୍ର ନବରାତ୍ରୀ ଅବସରରେ ମା'କାର୍ତ୍ତିକିନୀ ବେଶରେ ଦର୍ଶନ, ସ୍ଥାନ: କୁଦିଆରୀସ୍ଥ ମା'ଙ୍କ ମନ୍ଦିର, ସମୟ: ରାତି ୮ଟା।

## ଭଦ୍ରକ
- ବାଇକ୍ ଶୋଭାଯାତ୍ରା,ସ୍ଥାନ: ଶ୍ରୀରାମ ମନ୍ଦିର, ରାମନବମୀ ପଡ଼ିଆ, ଲକ୍ଷ୍ମୀଦାସପୁର, ବାସୁଦେବପୁର,ସମୟ: ଅପରାହ୍ନ ୪ଟା।
- ସାଂସ୍କୃତିକ କାର୍ଯ୍ୟକ୍ରମ, ସ୍ଥାନ: ଗାନ୍ଧୀପଡ଼ିଆ, ଭଦ୍ରକ, ସମୟ: ସନ୍ଧ୍ୟା ୬ଟା।
- ଶ୍ରୀରାମ ଚରିତ ମାନସ ଜ୍ଞାନଯଜ୍ଞ ପାରାୟାଣ ଓ ପ୍ରବଚନ ସନ୍ଧ୍ୟା, ସ୍ଥାନ: ଲୋକନାଥ ମନ୍ଦିର ପରିସର, ଭଦ୍ରକ,ସମୟ: ସନ୍ଧ୍ୟା ୬ଟା।
- ନବଗ୍ରହ ମନ୍ଦିର ବିଶ୍ୱଶାନ୍ତି ମହାଯଜ୍ଞ ପୂର୍ଣ୍ଣାହୂତି, ସ୍ଥାନ:ଲକ୍ଷ୍ମୀପ୍ରସାଦ, ରାଜଘରପୋଖରୀ, ବାସୁଦେବପୁର, ସମୟ: ସନ୍ଧ୍ୟା ୭ଟା।

## ମୟୂରଭଞ୍ଜ
- ମା' ବାସନ୍ତୀ ପୂଜା ଉପଲକ୍ଷେ ବିଲ୍ୱବରଣ, ସ୍ଥାନ:ଭୀମଦା, ବଡ଼ସାହି,ସମୟ: ରାତି ୮ଟା।
- ଅଷ୍ଟପ୍ରହର ନାମଯଜ୍ଞ, ସ୍ଥାନ: ଚିତ୍ରଡ଼ା କାକୁଡିହା ଗ୍ରାମ, ମୋରଡ଼ା, ସମୟ:ସକାଳ ୯ଟା।
- ୧୩ ତମ ବାସନ୍ତୀ ପୂଜାର ବିଲ୍ୱବରଣ ଓ ଷଷ୍ଠୀ ପୂଜା, ସ୍ଥାନ:ଭବେଶ୍ୱର ଶିବ ମନ୍ଦିର ବାଘଡାରୋଡ୍ . ବାରିପଦା,ସମୟ: ସନ୍ଧ୍ୟା ୭ଟା।
- ବାସନ୍ତୀ ପୂଜା ଉପଲକ୍ଷେ ମହା ସପ୍ତମୀ ପୂଜା, ସ୍ଥାନ: ଚିତ୍ରଡ଼ା ଜଗନ୍ନାଥ ମନ୍ଦିର ପରିସର, ମୋରଡ଼ା, ସମୟ: ସନ୍ଧ୍ୟା ୭ଟା।
- ୭୨ତମ ବାସନ୍ତୀ ପୂଜାର ବିଲ୍ୱବରଣ, ସ୍ଥାନ:ଶୁନଗଡ଼ିଆ ବାରିପଦା,ସମୟ: ସନ୍ଧ୍ୟା ୭ଟା।

## ଜଗତ୍‌ସିଂହପୁର
- କର୍ପୋରେଟ ସଂସ୍ଥା, ପୋଲିସ ଓ ପାରାଦୀପ ବନ୍ଦର ମଧ୍ୟରେ ଚତୁର୍ଥ ବନ୍ଧୁତ୍ୱପୂର୍ଣ୍ଣ କ୍ରିକେଟ ମ୍ୟାଚ, ସ୍ଥାନ: ଗୋପବନ୍ଧୁ ଷ୍ଟାଡିୟମ, ନୂଆବଜାର, ପାରାଦୀପ, ସମୟ: ଅପରାହ୍ନ ୪ଟା।

## କେନ୍ଦ୍ରାପଡ଼ା
ଶ୍ରୀସଙ୍କଟମୋଚନ ହନୁମାନ ଦେବଙ୍କ ନବ କଳେବର ଓ ପ୍ରତିଷ୍ଠା ଉତ୍ସବ, ସାଧୁସନ୍ଥଙ୍କ ପ୍ରବଚନ ସଭା, ସ୍ଥାନ:ସଂସାରଫଳ, ରାଜନଗର, ସମୟ:ସନ୍ଧ୍ୟା ୬ଟା।

ଶ୍ରୀରାମଚରିତ ମାନସ ପାରାୟଣ ଓ ପ୍ରବଚନ ଜ୍ଞାନ ଯଜ୍ଞ, ସ୍ଥାନ:ହନୁମାନ ମନ୍ଦିର, ଗରାପୁର, କେନ୍ଦ୍ରାପଡ଼ା ସହର, ସମୟ: ସନ୍ଧ୍ୟା ୭ଟା।

## ଯାଜପୁର
- ଧର୍ମଶାଳା ସବ୍‌ରେଜିଷ୍ଟ୍ରାର କାର୍ଯ୍ୟାଳୟରେ ବାଦିପାଲା, ସ୍ଥାନ: ଧର୍ମଶାଳା ସବ୍‌ରେଜିଷ୍ଟ୍ରାର ପାଲାମଣ୍ଡପ, ସମୟ: ସନ୍ଧ୍ୟା ୬ଟା।
- ଜୟ ମା' ସିଘାରଶୁଣୀଙ୍କ ୪ର୍ଥ ବାର୍ଷିକ ଯଜ୍ଞ ଉତ୍ସବ, ସ୍ଥାନ: ଧର୍ମଶାଳା ବ୍ଲକର ସିଘାରସାହି, ସମୟ: ସକାଳ ୬ଟା।
- ଜିଲ୍ଲା ପ୍ରଶାସନ ପକ୍ଷରୁ ଆମ ପୋଷାକ, ଆମ ପରିଚୟ କାର୍ଯ୍ୟକ୍ରମ୍, ସ୍ଥାନ : ଯାଜପୁର ଜିଲାର ସମସ୍ତ ଅଞ୍ଚଳ,ସମୟ : ପୂର୍ବାହ୍ନ ୧୦ଟା।

## ନୟାଗଡ଼
- ୨ୟ ବୈଷ୍ଣୋଦେବୀଙ୍କ ପୀଠରେ ଶକ୍ତି ଓ ଉପାସନାର ମହାପର୍ବ ନବରାତ୍ରୀର ସପ୍ତମ ଦିବସରେ ଷଷ୍ଠୀ ପର୍ବ, ସ୍ଥାନ: ଓଡ଼ଗାଁ ବ୍ଲକର ଜାମୁକୋଣ ପାହାଡ଼, ସମୟ:ସକାଳ ୮ଟା।
- ଦଶଦୋଳ ଯାତ୍ରାର ଉଦ୍‌ଯାପନ ଦିବସ, ସ୍ଥାନ: ରଣପୁର ବ୍ଲକର ଚାନ୍ଦପୁର ଦଶଦୋଳ ପଡ଼ିଆ, ସମୟ:ଅପରାହ୍ନ ୪ଟା।
- ୨ୟ ଅଯୋଦ୍ଧାରେ ଶ୍ରୀରାମ ଜନ୍ମୋତ୍ସବ, ନବାହ୍ନ ପାରାୟଣର ଷଷ୍ଠ ଦିବସ, ସ୍ଥାନ:ଭାପୁର ବ୍ଲକର ଫତେଗଡ଼ ପୁରୁଷୋତ୍ତମ ପ୍ରଭୁ ଶ୍ରୀରାମ ମନ୍ଦିର, ସମୟ:ପୂର୍ବାହ୍ନ ୯ଟା।
- ୨ୟ ଅଯୋଦ୍ଧାରେ ଶ୍ରୀରାମ ଜନ୍ମୋତ୍ସବ ଓ ନବାହ୍ନ ପାରାୟଣ ଅବସରରେ ପ୍ରବଚନରେ ଶ୍ରୀରାମ ଓ ଭରତଙ୍କ ମିଳନ, ଜାନକୀ ହରଣ,ଜଟାୟୁ ମୋକ୍ଷ , ସ୍ଥାନ:ଭାପୁର ବ୍ଲକର ଫତେଗଡ଼ ପୁରୁଷୋତ୍ତମ ପ୍ରଭୁ ଶ୍ରୀରାମ ମନ୍ଦିର, ସମୟ:ସନ୍ଧ୍ୟା ୬ଟା।
- ୧୫ ଦିନିଆ ଦଣ୍ଡପର୍ବର ପଞ୍ଚମ ଦିବସ, ସ୍ଥାନ: ଖଣ୍ଡପଡ଼ା ବ୍ଲକର କୁମ୍ଭାରପଡା, ସମୟ: ଅପରାହ୍ନ ୨ଟା।
- ୧୫ ଦିନିଆ ଦଣ୍ଡପର୍ବର ପଞ୍ଚମ ଦିବସ, ସ୍ଥାନ: ଖଣ୍ଡପଡ଼ା ବ୍ଲକର ସିଦ୍ଧାମୂଳା, ସମୟ: ଅପରାହ୍ନ ୨ଟା।
- ୧୫ ଦିନିଆ ଦଣ୍ଡପର୍ବର ପଞ୍ଚମ ଦିବସ, ସ୍ଥାନ: ଖଣ୍ଡପଡ଼ା ବ୍ଲକର ରୟତ ଢ଼ୋଲମରା, ସମୟ: ଅପରାହ୍ନ ୨ଟା।

## ରାୟଗଡ଼ା
- ଓଡ଼ିଆ ପକ୍ଷ ପାଳନ ଅବସରରେ ବୈଠକ, ସ୍ଥାନ: ଚିନ୍ତନ କକ୍ଷ, ରାୟଗଡା, ସମୟ: ପୂର୍ବାହ୍ନ ୧୦ଟା ୩୦।
- ମା' ଠାକୁରାଣୀଙ୍କ ଘଟ ପର୍ବ ନିମନ୍ତେ ଶୁଭଖୁଣ୍ଟି ସ୍ଥାପନ, ସ୍ଥାନ: ଗୁଡାରି ଜଗନ୍ନାଥ ମନ୍ଦିର ପରିସର, ସମୟ: ପୂର୍ବାହ୍ନ ୧୦ଟା ୪୫ ।
- ଓଡ଼ିଆ ପକ୍ଷ ପାଳନ ଅବସରରେ ପାରମ୍ପରିକ ପୋଷାକ ପରିଧାନ ସହ ଫଟୋ ସେସନ କାର୍ଯ୍ୟକ୍ରମ, ସ୍ଥାନ: ଜିଲା ସଂସ୍କୃତି ଭବନ, ରାୟଗଡା, ସମୟ: ପୂର୍ବାହ୍ନ ୧୧ ଟା।

## ନବରଙ୍ଗପୁର
- ଠାକୁରାଣୀ ମନ୍ଦିର ପ୍ରତିଷ୍ଠା, ସ୍ଥାନ: ଝରିଗାଁ ବ୍ଲକ କଲେଗାଁ, ସମୟ: ସକାଳ ୭ଟା।
- ବାର୍ଷିକ ଉତ୍ସବ, ସ୍ଥାନ: ଝରିଗାଁ ବ୍ଲକ ଚଚା ଏସ୍‌ଏସ୍‌ଡି ବାଳିକା ଉଚ୍ଚ ବିଦ୍ୟାଳୟ, ସମମୟ: ସନ୍ଧ୍ୟା ୫ଟା।

## ମାଲକାନଗିରି
- ମାଲକାନଗିରି ବନାଞ୍ଚଳ ପକ୍ଷରୁ ପ୍ରକୃତି ପରିବେଶ କର୍ମଶାଳା, ସ୍ଥାନ:ସତୀଗୁଡା ପର୍ଯ୍ୟଟନସ୍ଥଳୀ, ସମୟ: ପୂର୍ବାହ୍ନ ୧୦ଟା ।

## ସମ୍ବଲପୁର
- ଯୋଗ ପରିବାର ପକ୍ଷରୁ ନିଃଶୁଳ୍କ ଯୋଗ ଶିବିର, ସ୍ଥାନ : ଗାନ୍ଧୀ ପାର୍କ, ସମୟ : ସକାଳ : ୬ଟା ।
- ମା' ମଙ୍ଗଳା ମନ୍ଦିର କମିଟି ଆୟୋଜନରେ ଚଣ୍ଡିପାଠ ନବ ପତ୍ରିକା ଆନୟନ କାର୍ଯ୍ୟକ୍ରମ, ସ୍ଥାନ : ଭୁତାପଡା ସ୍ଥିତ ମନ୍ଦିର ପରିସର, ସମୟ ସକାଳ ୮ଟା ।
- ବାସନ୍ତିକ ରାତ୍ର ଉପଲକ୍ଷେ ମାନସିକ ଦୀପ ପ୍ରଜ୍ୱଳନ, ସମଲେଇ ମନ୍ଦିର, ସମୟ : ସକାଳ ୮ଟା ।
- ଡିଜିପିଙ୍କ ସମୀକ୍ଷା ବୈଠକ, ସ୍ଥାନ : ଆଇଜି କାର୍ଯ୍ୟାଳୟ ସ୍ଥିତ ପ୍ରେକ୍ଷାଳୟ, ସମୟ : ପୂର୍ବାହ୍ନ ୧୦ଟା।
- ଭୀମ ଆର୍ମିର ପକ୍ଷରୁ ଆମ୍ବେଡକର ଜୟନ୍ତୀ ସକାଶେ ପ୍ରସ୍ତୁତି ବୈଠକ, ସ୍ଥାନ : ସାମ୍ବାଦିକ ଭବନ, ସମୟ : ସନ୍ଧ୍ୟା ୫ଟା ।

## ରାଉରକେଲା
- ଚୈତ୍ର ନବରାତ୍ର ପୂଜା, ଷଷ୍ଠୀ ପୂଜା, ସ୍ଥାନ: ଜଗଦା ବାଟ ମା' ମଙ୍ଗଳା ମନ୍ଦିର, ସମୟ: ସକାଳ ୬ଟା।
- ଶ୍ରୀକୃଷ୍ଣ ମନ୍ଦିର ବାର୍ଷିକ ଉତ୍ସବ, ସ୍ଥାନ: ଶାନ୍ତିନଗର, ଓରାମପଡା, ସମୟ: ସକାଳ ୮ଟା ।
- ଶାନ୍ତି ବନାମ ସମୃଦ୍ଧି ଶୀର୍ଷକ କର୍ମଶାଳା, ସ୍ଥାନ:ସେକ୍ଟର-୪, ରାଉରକେଲା କଲେଜ, ସମୟ:ପୂର୍ବାହ୍ନ ୧୦ଟା।
- ବିଶ୍ୱଶାନ୍ତି ମହାଯଜ୍ଞ ଉଦଘାଟିତ,ସ୍ଥାନ: ରାଧାନାଥ ନଗର, ସେକ୍ଟର-୧୬ ଦୁର୍ଗାପୂଜା ପଡିଆ, ସମୟ: ସକାଳ ୧୦ଟା।
- ଆରଏମ୍‌ସି ପ୍ରେକ୍ଷାଳୟରେ ଖବରଦାତା ସମ୍ମିଳନୀ,ସ୍ଥାନ: ଉଦିତନଗର, ଆରଏମ୍‌ସି କକ୍ଷ, ସମୟ: ପୂର୍ବାହ୍ନ ୧୧ଟା ୪୫।
- ଆର୍‌ଏମ୍‌ସି କମିଶନର ଆହୁତ ଖବରଦାତା ସମ୍ମିଳନୀ, ସ୍ଥାନ:ଉଦିତନଗର, ସମୟ: ପୂର୍ବାହ୍ନ ୧୧ଟା ୪୫ ।
- ଅପରାଧ ନିୟନ୍ତ୍ରଣ ପାଇଁ ଥାନାଧିକାରୀଙ୍କ ସହ ଆଲୋଚନା, ସ୍ଥାନ: ଝିରପାଣି ଥାନା, ସମୟ: ଅପରାହ୍ନ ୫ଟା।
- ଚଇତି ଛଟ୍ ପୂଜା, ସନ୍ଧ୍ୟା ଆରତୀ, ସ୍ଥାନ: କୋଏଲନଦୀ, ସମୟ: ସନ୍ଧ୍ୟା ୬ଟା।

## ବରଗଡ଼
- ସମଲେଶ୍ୱରୀଙ୍କ ବାସନ୍ତୀକ ପୂଜନୋତ୍ସବ, ସ୍ଥାନ:ସମଲେଶ୍ୱରୀ ମନ୍ଦିର, ବରଗଡ଼,ସମୟ: ସକାଳ ୭ଟା।
- ବାସନ୍ତୀକ ନବ ଦିନାତ୍ମକ ପୂଜା ମହୋତ୍ସବ, ସ୍ଥାନ: ଶ୍ୟାମାକାଳୀ ମନ୍ଦିର, ବରଗଡ଼,ସମୟ: ସକାଳ ୭ଟା।
- ବାସନ୍ତୀକ ନବରାତ୍ର ଦୁର୍ଗାପୂଜା,ସ୍ଥାନ: ଦୁର୍ଗା ମନ୍ଦିର ପରିସର, ସୋହେଲା।

## କଳାହାଣ୍ଡି
- ହସ୍ତତନ୍ତ ପାରମ୍ପରିକ ବସ୍ତ୍ର ପରିଧାନ କାର୍ଯ୍ୟକ୍ରମ, ସ୍ଥାନ: ଭବାନୀପାଟଣା ଜିଲାପାଳଙ୍କ ଅଫିସ, ସମୟ: ପୂର୍ବାହ୍ନ ୧୦ଟା।
- ଜିଲାପାଳଙ୍କ ସମୀକ୍ଷା ବୈଠକ, ସ୍ଥାନ: ଭବାନୀପାଟଣା ଜିଲା ପରିଷଦ ସମ୍ମିଳନୀ କକ୍ଷ, ସମୟ: ପୂର୍ବାହ୍ନ ୧୧ଟା।

## ଦେବଗଡ଼
- ଶ୍ରୀସତ୍ୟ ସାଇ ମନ୍ଦିର ପକ୍ଷରୁ ନଗର କୀର୍ତ୍ତନ, ସ୍ଥାନ: ଦେବଗଡ଼ ସହର, ସମୟ: ପ୍ରାତଃ ୫ଟା।
- ବାସନ୍ତୀକ ନବରାତ୍ର ପୂଜା, ସ୍ଥାନ: ଶନି ମନ୍ଦିର, ଗୋହରୀ ପୋଖରୀ ପାଖ, ସମୟ: ପୂର୍ବାହ୍ନ ୧୧ଟା।
- ମା' କନକ ଦୁର୍ଗାଙ୍କ ଚୈତ୍ୟ ନବରାତ୍ର ପୂଜା, ସ୍ଥାନ: କନକ ଦୁର୍ଗା ମନ୍ଦିର, ମଠସାହି, ସମୟ: ପୂର୍ବାହ୍ନ ୧୧ଟା।
- ଶ୍ରୀସତ୍ୟ ସାଇ ମନ୍ଦିର ପକ୍ଷରୁ ଭଜନ ଓ ଆଳତି, ସ୍ଥାନ: ଶ୍ରୀସତ୍ୟ ସାଇ ମନ୍ଦିର, ସମୟ: ସନ୍ଧ୍ୟା ୬ଟା।
- ମା' କନକ ଦୁର୍ଗାଙ୍କ ସନ୍ଧ୍ୟା ଆଳତି, ସ୍ଥାନ: ମଠସାହି, ମା' କନକ ଦୁର୍ଗା ମନ୍ଦିର, ସମୟ: ସନ୍ଧ୍ୟା ୭ଟା।
- ଶିରିଡ଼ି ସାଇ ମନ୍ଦିର କମିଟି ପକ୍ଷରୁ ଖିରି ଭୋଗ ବଣ୍ଟନ, ସ୍ଥାନ: ଶିରିଡ଼ି ସାଇ ମନ୍ଦିର, ପ୍ରଧାନପାଟ, ସମୟ: ସନ୍ଧ୍ୟା ୭ଟା ୩୦।

## ସୁବର୍ଣ୍ଣପୁର
- ବିନିକାରେ ବାସନ୍ତିକ ପୂଜା ଅବସରରେ ପାରାୟଣର ପଞ୍ଚମ ଦିବସ, ସ୍ଥାନ: ପୁରୁଣା ବସଷ୍ଟାଣ୍ଡ ସ୍ଥିତ ଦୁର୍ଗା ମନ୍ଦିର, ସମୟ: ସନ୍ଧ୍ୟା ୬ଟା।

## ନୂଆପଡ଼ା
- ମାରାଗୁଡ଼ା ଲୋକ ମହୋତ୍ସବ ତୃତୀୟ ସନ୍ଧ୍ୟା, ସ୍ଥାନ: ସ୍ଥାନୀୟ ମିନି ଷ୍ଟାଡିୟମ ନୂଆପଡ଼ା, ସମୟ: ସନ୍ଧ୍ୟା ୭ଟା।
- ରାଜ୍ୟସ୍ତରୀୟ ପଲ୍ଲିଶ୍ରୀ ମେଳା ତୃତୀୟ ଦିବସ, ସ୍ଥାନ: ମିନି ଷ୍ଟାଡିୟମ ନୂଆପଡ଼ା, ସମୟ: ପୂର୍ବାହ୍ନ ୧୦ଟାରୁ ରାତି ୧୦ଟା ୩୦।
- ଷୋହଳପ୍ରହର ଅଖଣ୍ଡ ନାମଯଜ୍ଞ ନାମଧାରଣ ଓ ଆଳତି, ସ୍ଥାନ: କୋମନା ବ୍ଲକ କୁରୁମପୁରି ପଞ୍ଚାୟତ ଲଟନପଡା ଗାଁ, ସମୟ: ପ୍ରାତଃ ୪ଟା ୩୦।
- ତରବୋଡ ପ୍ରିମିୟର ଲିଗ ଫ୍ଲଡ୍‌ଲାଇଟ କ୍ରିକେଟ ମ୍ୟାଚ ପ୍ରସ୍ତୁତି ବୈଠକ, ସ୍ଥାନ: କୋମନା ବ୍ଲକ ତରବୋଡ ରାଜୀବ ଗାନ୍ଧୀ ମିନି ଷ୍ଟାଡିୟମ, ସମୟ: ସନ୍ଧ୍ୟା ୬ଟା ୩୦।
- ଷୋହଳପ୍ରହର ଅଖଣ୍ଡ ନାମଯଜ୍ଞ ନାମ ଧାରଣ, ସ୍ଥାନ: ଖଡିଆଳ ବ୍ଲକ ରାଣିପୁର ଗାଁ, ସମୟ: ସକାଳ ୮ଟା।
- ଷୋହଳପ୍ରହର ଅଖଣ୍ଡ ନାମଯଜ୍ଞ ଉପଲକ୍ଷେ କଳସ ଶୋଭାଯାତ୍ରା, ସ୍ଥାନ: କୋମନା ବ୍ଲକ ସିଆଲଲଟି ଗାଁ, ସମୟ: ପୂର୍ବାହ୍ନ ୧୦ଟା ୪୦।
- ମାରାଗୁଡା ଲୋକ ମହୋତ୍ସବ ଉପଲକ୍ଷେ ବୌଦ୍ଧିକ ଚର୍ଚ୍ଚା, ସ୍ଥାନ: ନ୍ୟାଶନାଲ ମହାବିଦ୍ୟାଳୟ ନୂଆପଡ଼ା, ସମୟ: ପୂର୍ବାହ୍ନ ୧୦ଟା।
- ମାରାଗୁଡା ମହୋତ୍ସବ ଅବସରରେ ସସ୍ମିତା ଦାସଙ୍କ ଦ୍ୱାରା ଷ୍ଟାର ନାଇଟ, ସ୍ଥାନ: ମିନି ଷ୍ଟାଡିୟମ ନୂଆପଡ଼ା, ସମୟ: ରାତି ୯ଟା ୩୦।
- ଆମ ପୋଷାକ ଆମ ପରିଚୟ ଦିବସ ପାଳନ, ସ୍ଥାନ: ଜିଲାପାଳଙ୍କ କାର୍ଯ୍ୟାଳୟ ନୂଆପଡା, ସମୟ: ପୂର୍ବାହ୍ନ ୧୦ଟା।

## ଝାରସୁଗୁଡ଼ା
- ଚଣ୍ଡୀପାଠ ଓ ଷୋଳ ଉପଚାର ପୂଜା, ସ୍ଥାନ: ବେହେରାମାଲ ଦୁର୍ଗା ମନ୍ଦିର, ସମୟ: ସକାଳ ୭ଟା।
- ଅଂଶୁଘାତ ଜନିତ ସଚେତନତା ସଭା, ସ୍ଥାନ: ଘିଚାମୁରା କଲ୍ୟାଣ ମଣ୍ଡପ, ସମୟ: ପୂର୍ବାହ୍ନ ୧୦ଟା।
- ରାମାୟଣ ପାଠ, ସ୍ଥାନ: କୁମର କଲ୍ୟାଣ ମଣ୍ଡପ, ସମୟ: ପୂର୍ବାହ୍ନ ୧୧ଟା।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** ଆଜି ଭ୍ରାତୃସମ୍ପର୍କ, ଯୋଜନାରମ୍ଭ, ବାଣିଜ୍ୟ ଏବଂ ବିବାଦରେ ବ୍ୟତିକ୍ରମର ଆଶଙ୍କା ରହିଛି। କେତେକ ଅସହିଷ୍ଣୁ ମନୋଭାବର ବନ୍ଧୁଙ୍କ ଅସମ୍ମାନଜନକ କଥାରୁ କଳହ ଲାଗିପାରେ। କର୍ମକ୍ଷେତ୍ରରେ ନିଜ ସଂସ୍ପର୍ଶରେ ଆସୁଥିବା ବ୍ୟକ୍ତିମାନଙ୍କୁ ଆପଣେଇ ନେଇପାରନ୍ତି। ବନ୍ଧୁଙ୍କ ପରାମର୍ଶରେ ଧର୍ମାନୁଷ୍ଠାନ ଦିଗରୁ ପ୍ରେରଣା ଲାଭ କରିପାରନ୍ତି।

**ବୃଷ** ଆଜି ଶାରିରୀକ, ମାନସିକ ଏବଂ ଆର୍ଥିକ ଦିଗରେ ବାଧା ବିଘ୍ନ ଉପୁଜିପାରେ। ସୁଯୋଗ ଛାଏଁ ଆସିଲେ ମଧ ଠିକ୍ ଉପଯୋଗ ଅଭାବରୁ ବିଗିଡିଯାଇପାରେ। ଅବଶ୍ୟ ସମାଧାନର ରାସ୍ତା ପାଇବେ, ସାହାଯ୍ୟ, ସହଯୋଗ ମଧ କିଛି କମ୍ ହେବନାହିଁ। କର୍ମାରମ୍ଭ, ଯାତ୍ରା, ବନ୍ଧୁ ସମ୍ପର୍କ ସ୍ଥାପନ ଦିଗରେ ଅସୁବିଧା ନ ହୋଇପାରେ।

**ମିଥୁନ** ଆପଣଙ୍କ ଯୁକ୍ତିଯୁକ୍ତ ଓ ନିରପେକ୍ଷ ବିଚାରଧାରା ବହୁଜନ ପ୍ରଶଂସିତ ହେବ। ଶିକ୍ଷା, ପରୀକ୍ଷା, ସନ୍ତାନ, ଅର୍ଥନୈତିକ ସ୍ଥିତିର ସମୀକ୍ଷା ମନ୍ଦ ହେବନି। ବିରୁଦ୍ଧାଚରଣ କରୁଥିବା ବ୍ୟକ୍ତିଙ୍କଠାରୁ ଦୂରେଇ ନ ରହିଲେ ଅଶାନ୍ତ ପରିସ୍ଥିତି ଘଟିପାରେ। କଳା, ସାହିତ୍ୟ ଓ ସଙ୍ଗୀତ, ଆଧ୍ୟାତ୍ମିକ ପ୍ରବଚନ, ଯୋଗ ପ୍ରଭୃତିରେ ସୁନାମ ଅର୍ଜନ କରିବେ।

**କର୍କଟ** ଅନୁକୂଳ ଗ୍ରହ ସମ୍ପର୍କରୁ ଯାହା ଚାହୁଁଛନ୍ତି କରି ଚାଲନ୍ତୁ ସଫଳତାର ସମ୍ଭାବନା ପୂର୍ଣ୍ଣମାତ୍ରାରେ ରହିଛି । ପାରସ୍ପରିକ ଉତ୍ତମ ବୁଝାମଣାଜନିତ ସହକର୍ମୀମାନଙ୍କ ସହ ସୁସମ୍ପର୍କ ରହିବ। ତର୍କବିତର୍କ କାରଣରୁ ପଡ଼ୋଶୀଙ୍କ ସହ ମତାନ୍ତର ସୃଷ୍ଟି ହୋଇ ଅଶାନ୍ତି ଉପୁଜିପାରେ।

**ସିଂହ** ସହଜରେ ମୁଣ୍ଡ ନୁଆଁଇବାର ଗୁଣର ଅଭାବ ଯୋଗୁ ପଦସ୍ଥବ୍ୟକ୍ତିଙ୍କ ରୋଷର କାରଣ ହେବେ। ସମୟ ସୁବିଧାକୁ ନେଇ ବନ୍ଧୁଙ୍କ ସହ ପରାମର୍ଶ କଲେ ସାହାଯ୍ୟ ପାଇପାରିବେ। ନିଜ ଲୋକଙ୍କଠାରୁ ଯାହା ଓ ଯେତିକି ପରିମାଣରେ ପାଇବା କଥା ତାହା ପାଇବା କଷ୍ଟକର ହେବ। ଜମିଜମା, ଆଲୋଚନା, ସଭାସମିତିରେ ବ୍ୟସ୍ତତା ବୃଦ୍ଧି ପାଇବ।

**କନ୍ୟା** କେତୁଙ୍କ କୁପ୍ରଭାବରେ ଅଧିକାଂଶ ସମୟ ମାନସିକ ଅସ୍ଥିରତା ମଧ୍ୟରେ ଗତି କରିପାରନ୍ତି। ଅର୍ଥର ଅଭାବକୁ ଭଲ ସମ୍ପର୍କ ରହିଥିବା ପଡ଼ୋଶିନୀ ଦୂର କରିପାରନ୍ତି। ଯାହା କରିବା କଥା ଶୀଘ୍ର ଶେଷ ନ କଲେ ପରକ୍ଷଣରେ ସମସ୍ତ ପରିସ୍ଥିତି ବଦଳିଯାଇପାରେ। ଆମଦାନୀ ବାଣିଜ୍ୟ, ବ୍ୟବସାୟ ଓ ପରିବହନରେ ଉନ୍ନତି ଘଟିବ।

**ତୁଳା** ଆଜି ଯାହା କରନ୍ତୁନା କାହିଁକି ପରିବାରରୁ ପୂର୍ଣ୍ଣ ସହଯୋଗ ପାଇବେ। ଯାହାକୁ ଯାହା କହିଲେ ସେହି ବ୍ୟକ୍ତି ଆପଣଙ୍କ କଥା ରକ୍ଷା କରିବାର ପ୍ରତିଶ୍ରୁତି ନିଶ୍ଚିତ ଦେବେ। ଆନୁଷ୍ଠାନିକ କ୍ଷେତ୍ରରେ, ସଭା ସମିତିରେ, କଚେରି ମାମଲାରେ ସଫଳତା ହାସଲ କରିବେ। କେତେକ କ୍ଷେତ୍ରରେ ଅନ୍ୟମାନଙ୍କ ଉପରେ ନିର୍ଭରଶୀଳ ହୋଇପାରନ୍ତି।

**ବିଛା** ଅର୍ଥର ସଦ୍‌ବିନିଯୋଗ କରି କର୍ମାରମ୍ଭ ପାଇଁ ଯୋଜନା କରିପାରନ୍ତି। ଅନୁକୂଳଗ୍ରହ ସ୍ଥିତିରୁ ପାରିବାରିକ ସ୍ଥିତିରେ ଉନ୍ନତି ହୋଇପାରେ। ଶିଳ୍ପ, ବାଣିଜ୍ୟ, ବ୍ୟବସାୟ ଓ ପରିବହନରେ ସମସ୍ୟା ଲାଗିରହିବା ଯୋଗୁ ବ୍ୟସ୍ତ ହେବେ। ବିଶିଷ୍ଟବ୍ୟକ୍ତିଙ୍କ ସାନ୍ନିଧ, ଆର୍ଥିକ ଉନ୍ନତି, ଆଧ୍ୟାତ୍ମିକତା, ତୀର୍ଥାଟନର ସୁଯୋଗ ପାଇପାରନ୍ତି।

**ଧନୁ** ଟିକିଏ ଟିକିଏ କଥାରେ ରାଗିଯିବାର ବିଲକ୍ଷଣ ମାନସିକ ଅଶାନ୍ତିର କାରଣ ସାଜିପାରେ। ଯେତିକି ପାଉଛନ୍ତି, ସେତିକିରେ ସନ୍ତୁଷ୍ଟ ରହିବା ଭଲ। ସଭାସମିତିରେ ଅନ୍ୟମାନଙ୍କ ମତକୁ ସମ୍ମାନ ଦେଲେ ସଫଳତା ପାଇବେ। ସଂଗଠନ, ରାଜନୀତି ଓ ଆଲୋଚନା ପରିସରରେ ଦୃଢ଼ ପୃଷ୍ଠପୋଷକତା ଯୋଗୁ ଆଗେଇ ଯିବେ।

**ମକର** ଅତୀତର କୌଣସି ଘଟଣାକୁ ନେଇ ଆନମନା ହେବାର ସୂଚନା ରହିଛି। ପଡ଼ୋଶୀ କିମ୍ବା ସହକର୍ମୀ ଫାଇଦା ହାସଲ ସକଶେ ନିଜର ଭଳି ବ୍ୟବହାର କରିପାରନ୍ତି। ଯେତେ ପ୍ରକାରର କାମ କଲେ ମଧ ପ୍ରତିବନ୍ଧକ ଯୋଗୁ ପ୍ରଗତିରେ ଅଗ୍ରଗତି ହୋଇ ପାରିବ ନାହିଁ। ପ୍ରତ୍ୟେକ ସମସ୍ୟା ସମାଧାନର ରାସ୍ତା ଖୋଜିବାରେ ସମର୍ଥ ହେବେ।

**କୁମ୍ଭ** ଅପ୍ରିୟସତ୍ୟ କଥା କହି କେତେକ କ୍ଷେତ୍ରରେ ପ୍ରବଳ ବିରୋଧର ସମ୍ମୁଖୀନ ହେବାକୁ ପଡିପାରେ। ପିଲାମାନଙ୍କ ସମସ୍ୟା ନେଇ ମନ ଭାରାକ୍ରାନ୍ତ ରହିବ। ପାରିବାରିକ କ୍ଷେତ୍ର ବୁଝାମଣାରେ ଶୃଙ୍ଖଳିତ ହେବାର ସମ୍ଭାବନା ରହିଛି। ଯାତ୍ରାରେ ସାମାନ୍ୟ ବିଘ୍ନ ଆସିଲେ ମଧ କିଛି ଅସୁବିଧା ହେବ ନାହିଁ।

**ମୀନ** ଦୈହିକ ଅସୁସ୍ଥତା ସାଙ୍ଗକୁ ବାରମ୍ବାର ବିଫଳତାରୁ ମନରେ କ୍ଷୋଭ ଉତ୍ପନ୍ନ ହୋଇପାରେ। ଶିଳ୍ପ, ବାଣିଜ୍ୟ, ପରିବହନ, ଆନୁଷ୍ଠାନିକ କାମ ଓ ସଭା ସମିତି ପ୍ରତ୍ୟେକ କ୍ଷେତ୍ରରେ ସଫଳତା ପାଇପାରିବେ। ଅନ୍ୟଦ୍ୱାରା ପ୍ରଭାବିତ ହୋଇ ପରକଥାରେ ପଡି ନିଜ ଲୋକଙ୍କୁ ଭୁଲ୍ ବୁଝିପାରନ୍ତି। ସାହିତ୍ୟ, କ୍ରୀଡ଼ା ଓ ପ୍ରତିଦ୍ୱନ୍ଦ୍ୱିତାରେ ସଫଳତା ଅର୍ଜନ କରିବେ।

ଆଜି ଏପ୍ରିଲ ୩ ତାରିଖ, ଚୈତ୍ର ଶୁକ୍ଳ ଷଷ୍ଠୀ ଗୁରୁବାର। ଶ୍ରୀମନ୍ଦିର ବେଢ଼ା ସ୍ଥିତ ଶ୍ରୀସୂର୍ଯ୍ୟଦେବଙ୍କ ଚୈତ୍ର ଗୁଣ୍ଡିଚା ଯାତ୍ରା, ରାଶିନକ୍ଷତ୍ର-ସକାଳ ଘ.୦୭.୦୨ ମି. ଗତେ ମୃଗଶିରା/ବୃଷ, ଷଷ୍ଠୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ। ସକାଳ ଘ.୦୫.୪୨ ଗତେ ଘ.୦୭.୨୦ମଧ୍ୟେ, ଘ.୧୦.୩୬ ଗତେ ଘ.୦୧.୦୩ ମଧ୍ୟେ ଶୁଦ୍ଧ ଶୁଭ ବେଳା । ଅପରାହ୍ନ ଘ.୦୧.୨୨ ଗତେ ଘ.୦୨.୫୩ ମଧ୍ୟେ ରାହୁକାଳ ।

ପ୍ରଥମ ପୃଷ୍ଠାରୁ...

## ୱାକ୍‌ଫ ବିତର୍କ ...
ଏହାକୁ ନେଇ ବିତର୍କ ଆରମ୍ଭ ହୋଇଯାଇଥିଲା। ରିଜିଜୁ ନିଜ ଯୁକ୍ତିରେ ଦର୍ଶାଇଥିଲେ, ୱାକ୍‌ଫ ବିଲ୍‌କୁ ୟୁନିଫାଏଡ୍ ୱାକ୍‌ଫ ମ୍ୟାନେଜମେଣ୍ଟ, ଏମ୍ପାୱାରମେଣ୍ଟ, ଏଫିସିଏନ୍ସି ଆଣ୍ଡ ଡେଭେଲପ୍‌ମେଣ୍ଟ (ୟୁଏମ୍‌ଇଇଡି) ବିଲ୍ ରୂପେ ନାମକରଣ କରାଯାଇଛି। ଗତବର୍ଷ ଆଗତ କରାଯାଇଥିବା ମୂଳ ବିଲ୍‌ରେ ଜେପିସିର ସମୀକ୍ଷା ତଥା ଯାଞ୍ଚ ପରେ ପୁନଃ ପ୍ରସ୍ତୁତ କରାଯାଇ ଉପସ୍ଥାପନ କରାଯାଇଛି। ଏହି ବିଲ୍‌ରେ ଧର୍ମର କୌଣସି ସମ୍ପର୍କ ନାହିଁ। ବିଧେୟକ କେବଳ ସମ୍ପତ୍ତିର ପରିଚାଳନା ସମ୍ପର୍କିତ। ରିଜିଜୁ ଆହୁରି କହିଥିଲେ, ସରକାର କୌଣସି ଧର୍ମୀୟ ଅନୁଷ୍ଠାନରେ ହସ୍ତକ୍ଷେପ କରିବାକୁ ଯାଉନାହାନ୍ତି। ଉପା ସରକାର ୱାକ୍‌ଫ ଆଇନରେ ଆଣିଥିବା ସଂଶୋଧନ ଏହାକୁଅନ୍ୟ ଆଇନଗୁଡ଼ିକ ଉପରେ ଆଧିପତ୍ୟ ବିସ୍ତାର ସକାଶେ ପ୍ରଭାବଶାଳୀ କରିଦେଇଥିଲା। ତେଣୁ ନୂଆ ସଂଶୋଧନର ଆବଶ୍ୟକତା ପଡ଼ିଥିବା ସେ କହିଥିଲେ। ବିରୋଧୀ ସଦସ୍ୟମାନେ ହୋହାଲ୍ଲା କରୁଥିବାବେଳେ ରିଜିଜୁ କହିଥିଲେ, ଆପଣମାନେ ଏହି ପ୍ରସଙ୍ଗରେ ଲୋକଙ୍କୁ ବିଲ୍‌ରେ ଯେଉଁ ବିଷୟଗୁଡ଼ିକ ନାହିଁ, ସେକଥା କହି ବିଭ୍ରାନ୍ତ କରିବାକୁ ଉଦ୍ୟମ କରିଛନ୍ତି। ଜେପିସିର ବିଚାରବିମର୍ଶ ଭାରତୀୟ ଗଣତାନ୍ତ୍ରିକ ଇତିହାସରେ କୌଣସି ସଂସଦୀୟ ପ୍ୟାନେଲ ଦ୍ୱାରା କରାଯାଇଥିବା ସବୁଠୁ ବଡ଼ ପ୍ରକ୍ରିୟା। ୯୭.୨୭ ଲକ୍ଷ ପିଟିଶନ ଓ ସ୍ମାରକପତ୍ର ଜେପିସିର ହସ୍ତଗତ ହୋଇଥିଲା। ହାତକୁହାତ ଓ ଅନ୍‌ଲାଇନ୍ ମାଧ୍ୟମରେ ଗୃହୀତ ଏହି ଦସ୍ତାବିଜଗୁଡ଼ିକୁ ଗ୍ରହଣ କରିବା ପରେ ଜେପିସି ବୃତ୍ତାନ୍ତ ରିପୋର୍ଟ ପ୍ରସ୍ତୁତ କରିବା ପୂର୍ବରୁ ସେସବୁକୁ ପୁଙ୍ଖାନୁପୁଙ୍ଖ ଅନୁଧ୍ୟାନ କରିଥିଲା। ୨୮୪ ପ୍ରତିନିଧି ଦଳ ବିଲ୍ ଉପରେ ନିଜ ମତାମତ ଦାଖଲ କରିଥିଲେ। ଏତଦ୍‌ବ୍ୟତୀତ ୨୫ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳର ୱାକ୍‌ଫ ବୋର୍ଡ ମଧ୍ୟ ଏହା ଉପରେ ମତ ରଖିଥିଲେ। ଆଇନଜ୍ଞ, ଦାତବ୍ୟ ସଂସ୍ଥା, ଶିକ୍ଷାବିତ୍ ଓ ଆଧ୍ୟାତ୍ମିକ ଗୁରୁଙ୍କ ମତାମତ ମଧ୍ୟ ବିଚାରକୁ ନିଆଯାଇଥିଲା।

ରେଳ ମନ୍ତ୍ରଣାଳୟ ଓ ପ୍ରତିରକ୍ଷା ମନ୍ତ୍ରଣାଳୟ ପରେ ୱାକ୍‌ଫ ହେଉଛି ଦେଶରେ ସର୍ବାଧିକ ସମ୍ପତ୍ତିର ନିୟନ୍ତ୍ରଣକାରୀ। ଏହି ୨ ମନ୍ତ୍ରଣାଳୟର ସମ୍ପତ୍ତି ରାଷ୍ଟ୍ରର । କିନ୍ତୁ ୱାକ୍‌ଫ ସମ୍ପତ୍ତି ଘରୋଇ। ଏହାକୁ ରେଲୱେ ଓ ସଶସ୍ତ୍ର ବଳର ଲ୍ୟାଣ୍ଡ୍ ବ୍ୟାଙ୍କ ସହ ତୁଳନା କରିବା ଅନୁପଯୁକ୍ତ। ଦୀର୍ଘ ୭୦ ବର୍ଷ ଧରି ଭୋଟବ୍ୟାଙ୍କ ରାଜନୀତି ପାଇଁ ସାଧାରଣ ମୁସଲମାନମାନଙ୍କୁ ବିଭ୍ରାନ୍ତ କରାଯାଇଥିଲା। ଏଥିରୁ କୌଣସି ଗରିବ ଓ ବଞ୍ଚିତ ବର୍ଗର ମୁସଲମାନ ଲାଭବାନ୍ ହୋଇନାହାନ୍ତି। ଏହି ସମ୍ପତ୍ତିକୁ ସାଧାରଣ ମୁସଲମାନଙ୍କ କଲ୍ୟାଣ ପାଇଁ ବ୍ୟବହାର କରାଯିବ। ୨୦୦୪ରେ ୱାକ୍‌ଫର ୪.୯ ଲକ୍ଷ ସମ୍ପତ୍ତି ଥିବାବେଳେ ଆୟର ପରିମାଣ ୧୬୩ କୋଟି ଟଙ୍କା ରହିଥିଲା। ୨୦୧୩ରେ ଆୟ ମାତ୍ର ୩ କୋଟି ବଢ଼ି ୧୬୬ କୋଟି ଟଙ୍କାରେ ପହଞ୍ଚିଥିଲା। ବାସ୍ତବରେ ଏହି ଆୟ ଅନ୍ୟୁନ ୧୨,୦୦୦ କୋଟି ଟଙ୍କା ହେବା ଉଚିତ ବୋଲି ରିଜିଜୁ କହିଥିଲେ। ସେହିପରି ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ୍ ଶାହ ଓ ଭାଜପାର ବରିଷ୍ଠ ସଦସ୍ୟ ରବିଶଙ୍କର ପ୍ରସାଦ ମଧ୍ୟ ବିଲ୍ ସପକ୍ଷରେ ଯୁକ୍ତି ବାଢ଼ି ବିରୋଧୀଙ୍କୁ ଟାର୍ଗେଟ କରିଥିଲେ। ଲୋକ ସଭାରେ କଂଗ୍ରେସ ଉପନେତା ଗୌରବ ଗୋଗୋଇ କହିଥିଲେ, ୱାକ୍‌ଫ ବିଲ୍ ହେଉଛି ସମ୍ବିଧାନକୁ ଦୁର୍ବଳ କରିବା ପାଇଁ ଏକ ଉଦ୍ୟମ। ରିଜିଜୁ ନିଜ ଭାଷଣରେ ୨୦୧୩ ବେଳେ ଉପା ସରକାରଙ୍କ କାର୍ଯ୍ୟର ଅବତାରଣା କରିବା ସମୟରେ ଗୃହକୁ ବିଭ୍ରାନ୍ତ କରିଛନ୍ତି। ଅନ୍ୟପକ୍ଷେ ଭାଜପା ଏମ୍‌ପି ରବିଶଙ୍କର ପ୍ରସାଦ ୱାକ୍‌ଫକୁ ଏକ ବୈଧାନିକ ସଂସ୍ଥା ଭାବେ ଅଭିହିତ କରି ସାଧାରଣ ଲୋକଙ୍କ କଲ୍ୟାଣରେ ଏହାର ଅବଦାନ ଉପରେ ପ୍ରଶ୍ନ ଉଠାଇଥିଲେ। ୱାକ୍‌ଫ ସମ୍ପତ୍ତିରେ କେତୋଟି ସ୍କୁଲ ଓ ହସ୍ପିଟାଲ ନିର୍ମାଣ କରାଯାଇଛି? ମୁସଲମାନ ସମ୍ପ୍ରଦାୟର ସେବାରେ ଏହାର ଭୂମିକାକୁ ମଧ୍ୟ ସେ ଚ୍ୟାଲେଞ୍ଜ କରିଥିଲେ। ସମାଜବାଦୀ ପାର୍ଟି (ଏସ୍‌ପି) ମୁଖ୍ୟ ଅଖିଳେଶ ଯାଦବ ଏହାକୁ ମୁସଲମାନଙ୍କ ଅଧିକାର ଛଡ଼ାଇବା ପାଇଁ ଉଦ୍ଦିଷ୍ଟ ବିଧେୟକ ରୂପେ ଅଭିହିତ କରିଥିବାବେଳେ ଅନ୍ୟ ବିରୋଧୀ ଦଳଗୁଡ଼ିକ ମଧ୍ୟ ଏହାକୁ ବିରୋଧ କରିଥିଲେ। ଭାଜପାର ସହଯୋଗୀ ସଂଯୁକ୍ତ ଜନତା ଦଳ ଏହାକୁ ମୁସଲମାନମାନଙ୍କ ହିତରେ ଅଣାଯାଇଥିବା ଦର୍ଶାଇ ସମର୍ଥନ ଘୋଷଣା କରିଛି। ଅନ୍ୟତମ ଗୁରୁତ୍ୱପୂର୍ଣ୍ଣ ସହଯୋଗୀ ଦଳ ତେଲୁଗୁ ଦେଶମ୍ ପାର୍ଟି (ଟିଡିପି) ରାଜ୍ୟଗୁଡ଼ିକୁ ୱାକ୍‌ଫ ବୋର୍ଡ ଗଠନ ଅଧିକାର ପ୍ରଦାନ କରାଯାଉ ବୋଲି ଦାବି କରିଛି। ବିଜୁ ଜନତା ଦଳ (ବିଜେଡି)ର ଲୋକ ସଭାରେ କେହି ସଦସ୍ୟ ନ ଥିବାବେଳେ ରାଜ୍ୟ ସଭାକୁ ବିଲ୍ ଗଲେ ଏହାକୁ ବିରୋଧ କରିବ ବୋଲି ଦଳ କହିଛି।

## ୮୬୪.୪୫ କୋଟିର ....
ଖଣିଜ ପଦାର୍ଥ। ଖଣିଗୁଡ଼ିକର ନିୟମାବଳୀ ଏବଂ ଲଘୁ ଖଣିଜ ପଦାର୍ଥର ରାଜସ୍ୱ ମୂଲ୍ୟାଙ୍କନ ଏବଂ ସଂଗ୍ରହ ନିୟମ-୨୦୧୬ ଅନୁଯାୟୀ ପରିଚାଳିତ। ୩୧ ମାର୍ଚ୍ଚ ୨୦୨୨ ସୁଦ୍ଧା ଯାଞ୍ଚ ହୋଇଥିବା ୨୨ଟି ତହସିଲରେ ୫୨୦ ଖଣିଜ ପଦାର୍ଥ ଉତ୍ସ ମଧ୍ୟରୁ ୧୪୭ ଉତ୍ସ କାର୍ଯ୍ୟକ୍ଷମ ଥିବାବେଳେ ୩୭୩ ଉତ୍ସ କାର୍ଯ୍ୟକ୍ଷମ ହୋଇ ନ ଥିଲା। ନିଲାମଧାରୀ ବୃତ୍ତାନ୍ତକରଣରେ ଅନିୟମିତତା ଯୋଗୁ ୬ କୋଟି ୨୧ ଲକ୍ଷ ଟଙ୍କା ପରିହାର୍ଯ୍ୟ କ୍ଷତି ହୋଇଛି ବୋଲି ସେ କହିଛନ୍ତି। ଖଣି ଯୋଜନା ଅନୁମୋଦନ ହେବା ପରେ ଏବଂ ନିଲାମ ପ୍ରକ୍ରିୟା ଆରମ୍ଭ ହେବା ପୂର୍ବରୁ ଜଳେଶ୍ୱର, ଗୁରୁଣ୍ଡିଆ ଓ ଜଗତ୍‌ସିଂହପୁର ତହସିଲଦାରମାନେ ପରିବେଶ ମଞ୍ଜୁରୀ ପାଇଁ ଆବେଦନ କରି ନ ଥିଲେ। ଫଳରେ ଚାଲୁ ରହିଥିବା ଲିଜ୍ ଅବଧିର ପରିସମାପ୍ତି ପୂର୍ବରୁ ନିଲାମ ପ୍ରକ୍ରିୟା ସମାପ୍ତ ହୋଇପାରି ନ ଥିଲା। ଏଥିଯୋଗୁ ରାଜ୍ୟ ସରକାରଙ୍କୁ ୨୦.୧୦ କୋଟି ଟଙ୍କାର ରାଜସ୍ୱ ହାନି ପହଞ୍ଚିଥିଲା। ସେହିପରି ଲିଜ୍‌ଧାରୀମାନଙ୍କଠାରୁ ବକେୟା ଖଣିଜ ଦେୟ ସୁଧ ସହ ୯୨.୨୮ ଲକ୍ଷ ଟଙ୍କା ଆଦାୟ ହୋଇ ନ ଥିବାବେଳେ ଲିଜ୍‌ଧାରୀମାନଙ୍କ ଲିଜ୍ ଡିଡ୍ କାର୍ଯ୍ୟକାରୀ ନ ଥିବା ପରିଲକ୍ଷିତ ହୋଇଛି, ଯେଉଁଥିପାଇଁ ଲିଜ୍‌ଧାରୀମାନଙ୍କୁ ବେଆଇନ ଖଣି ଉତ୍ତୋଳନ ପାଇଁ ୪.୩୮ କୋଟି ଟଙ୍କା ମୂଲ୍ୟ ଦେବାକୁ ପଡ଼ିବ। ଏହାବ୍ୟତୀତ ଅନୁମୋଦିତ ଖଣି ଯୋଜନାଠାରୁ ଅଧିକ ଖଣିଜ ପଦାର୍ଥ ଖନନ ଏବଂ ତହସିଲଦାରଙ୍କ ଦ୍ୱାରା 'ଓ୍ୱାଇ' ଫର୍ମର ଯାଞ୍ଚ ନ ହେବା ଯୋଗୁ ୮୦,୭୨୧.୪୦ ଘ.ମି. ପଥରର ବେଆଇନ ଉତ୍ତୋଳନ ହୋଇଛି, ଯାହାପାଇଁ ଲିଜ୍‌ଧାରୀମାନଙ୍କୁ ୩୩.୫୦ କୋଟି ଟଙ୍କା ଦେବାକୁ ପଡ଼ିବ। ରାଜସ୍ୱ ବିଭାଗର ଉଦାସୀନତା ପାଇଁ ଯାଜପୁର ଜିଲା ଉଙ୍କାରୀ କଳାପଥର ପାହାଡ଼ରୁ ଅଧିକ ଖଣିଜ ପଦାର୍ଥ ଉତ୍ତୋଳନ ହୋଇଛି। ହାଇକୋର୍ଟଙ୍କ ନିର୍ଦ୍ଦେଶ ମଧ୍ୟ ବିଭାଗରେ ଠିକଣା ଭାବେ ଅନୁପାଳନ ହୋଇନାହିଁ। ଫଳସ୍ୱରୂପ ୫୮.୬୩ କୋଟି ଟଙ୍କାର ଖଣିଜ ରାଜସ୍ୱ ଆଦାୟ ହୋଇପାରିନାହିଁ।

ଏଜି ଅତୁଲ କହିଛନ୍ତି ଯେ, ସୁପ୍ରିମ୍‌କୋର୍ଟଙ୍କ ନିର୍ଦ୍ଦେଶ ଅନୁଯାୟୀ ଜଙ୍ଗଲ ଜମିର ଅଣଜଙ୍ଗଲ ଉପଯୋଗ ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ଖଣି ଲିଜ୍‌ଧାରୀଙ୍କଠାରୁ ଅସୁଲ କରାଯାଇଥିବା ଅତିରିକ୍ତ ନେଟ୍ ପ୍ରୋଜେକ୍ଟ ମୂଲ୍ୟର ୫୦%ରେ ନିର୍ଦ୍ଦିଷ୍ଟ ଆଦିବାସୀ କଲ୍ୟାଣ ଏବଂ କ୍ଷେତ୍ର ବିକାଶ କାର୍ଯ୍ୟ କରାଯିବ। ଏହାକୁ ନେଇ ନିର୍ଦ୍ଦିଷ୍ଟ ଆଦିବାସୀ କଲ୍ୟାଣ ଏବଂ ଖଣିଜ ଧାରକ କ୍ଷେତ୍ର ବିକାଶ କାର୍ଯ୍ୟ ପାଇଁ ୨୦୧୪ ଡିସେମ୍ବର ୨ରେ ଓଡ଼ିଶା ଖଣିଜ ଧାରକ ଅଞ୍ଚଳ ଉନ୍ନୟନ ନିଗମ(ଓଏମ୍‌ବିଏଡିସି) ପ୍ରତିଷ୍ଠା କରାଯାଇଥିଲା। ମାତ୍ର ଉପରୋକ୍ତ କାର୍ଯ୍ୟ ପାଇଁ ଓଏମ୍‌ବିଏଡିସି ସିଇଓ ପ୍ରଥମ ପର୍ଯ୍ୟାୟରେ ୮୬୯.୪୨କୋଟି ଟଙ୍କା ଦେଇଥିଲେ।

ସୁପ୍ରିମ୍‌କୋର୍ଟଙ୍କ ଆଦେଶ ଅନୁସାରେ, ଯେକୌଣସି ଲୌହ ବା ମାଙ୍ଗାନିଜ୍ ଧାତୁ ପରିବେଶ ପ୍ରଭାବ ଆକଳନ ବିଜ୍ଞପ୍ତି ୧୯୯୪ କିମ୍ବା ୨୦୦୬ ଅନୁପାଳନ ନ କରି ଉତ୍ତୋଳନ ହୋଇଥିଲେ ତାହା ବେଆଇନ ଖନନ ଭାବେ ଧରାଯିବ। ଏହି କ୍ରମରେ ୨୦୦୦-୦୧ରୁ ୨୦୨୨ ମାର୍ଚ୍ଚ ସୁଦ୍ଧା ଖଣିଜ ମୂଲ୍ୟର ଶତପ୍ରତିଶତ ଆଦାୟ କରାଯିବାକୁ ନିର୍ଦ୍ଦେଶ ରହିଛି। ଏହାକୁ ଦୃଷ୍ଟିରେ ରଖି ଖଣି ଲିଜ୍‌ଧାରୀମାନଙ୍କଠାରୁ କ୍ଷତିପୂରଣ ବାବଦରେ ଦ୍ୱିତୀୟ ପର୍ଯ୍ୟାୟରେ ୧୬ ହଜାର ୮୩୩.୫୪ କୋଟି ଟଙ୍କା ଆଦାୟ କରାଯାଇ ଓଏମ୍‌ବିଏଡିସି ପାଣ୍ଠିରେ ଜମା କରାଯାଇଥିଲା ବୋଲି ଅତୁଲ୍ୟ କହିଛନ୍ତି। ଖବରଦାତା ସମ୍ମିଳନୀରେ ଉପମହାଲେଖାକାର ଏସ୍. ଶୁଭମ ବୈଜନାଥ ଏବଂ ଏନ୍. ବାଲକ୍ରିଷ୍ଣ ପ୍ରମୁଖ ଉପସ୍ଥିତ ଥିଲେ।

## ଓଡ଼ିଶା ଆଧାର...
ଦୃଷ୍ଟିକୁ ଆସିଥିବା କହିଛନ୍ତି। ଏନେଇ ସେ ଜିଲା ପ୍ରଶାସନର ଦୃଷ୍ଟି ଆକର୍ଷଣ କରିଛନ୍ତି। ଆଧାର କାର୍ଡରେ ଥିବା ତ୍ରୁଟିକୁ ସ୍ୱତନ୍ତ୍ର ଭାବେ କେନ୍ଦ୍ର ସରକାରଙ୍କ ଦୃଷ୍ଟିକୁ ନେଇ ସମାଧାନ କରିବାକୁ ଆଲୋଚନା ହୋଇଥିବା ସେ କହିଛନ୍ତି।

## ଯୁଦ୍ଧବିରତି ପାଇଁ ....
ଓ ସାଧାରଣ ଜନତାଙ୍କର ମଧ୍ୟ ମୃତ୍ୟୁ ଘଟୁଛି। ଗତ ୪ ମାସ ମଧ୍ୟରେ ପୋଲିସ-ମାଓବାଦୀଙ୍କ ମଧ୍ୟରେ ଗୁଳି ବିନିମୟ ଘଟି ସଙ୍ଗଠନର ବଡ ବଡ କ୍ୟାଡର ମାଓବାଦୀଙ୍କର ମୃତ୍ୟୁ ହୋଇଛି। ଗତ ୫ ଦିନ ତଳେ ମାଓବାଦୀ ନେତ୍ରୀ ତଥା ସମ୍ପାଦିକା ରେଣୁକା, ନେତା ବେଣ୍ଣୁ, ସୁଧାକର ଓ ଜଗଦୀଶ ଓରଫ ବୁଦ୍ଧୁରାଙ୍କ ଭଳି ସଙ୍ଗଠନର ଟପ୍ କ୍ୟାଡର ମାଓବାଦୀମାନେ ପୋଲିସ ଗୁଳିରେ ଟଳି ପଡ଼ିଥିଲେ। ସେହିପରି ଆନ୍ଧ୍ର-ଓଡ଼ିଶା ସୀମାନ୍ତ ସଙ୍ଗଠନର ଟପ୍ କ୍ୟାଡର ନେତା ଚଲପତି ମଧ ପୋଲିସ ଗୁଳିରେ ଟଳି ପଡ଼ିଛନ୍ତି। ଫଳରେ ସଙ୍ଗଠନ ଦିନକୁ ଦିନ ଦୁର୍ବଳ ହେବାରେ ଲାଗିଛି। ଗତ ୩ ମାସ ମଧ୍ୟରେ ପ୍ରାୟ ୩୦୦ରୁ ଉର୍ଦ୍ଧ୍ୱ ମାଓବାଦୀ ପୋଲିସ ଗୁଳିରେ ନିହତ ହୋଇଥିବା ବେଳେ ଏହି ସମୟସୀମା ମଧ୍ୟରେ ପ୍ରାୟ ୨୦୦ରୁ ଉର୍ଦ୍ଧ୍ୱ ଗିରଫ ହୋଇଛନ୍ତି। ସେହିପରି ୪୦୦ରୁ ଉର୍ଦ୍ଧ୍ୱ ଆତ୍ମସମର୍ପଣ କରିଛନ୍ତି। ଫଳରେ ଦିନକୁ ଦିନ ସଙ୍ଗଠନ ଦୁର୍ବଳ ହେବାରେ ଲାଗିଛି। ତେବେ ଏହି ସମସ୍ତ ଘଟଣାକୁ ଦୃଷ୍ଟିରେ ରଖି ସଙ୍ଗଠନ ସରକାରଙ୍କ ସହ ଶାନ୍ତିବାର୍ତ୍ତା ନିମନ୍ତେ ଆହ୍ୱାନ ଦେଇଥିବା ବେଳେ ଯୁଦ୍ଧ ବିରତି ପାଇଁ ପ୍ରସ୍ତୁତ ଅଛି। ବିଶେଷ ସୂତ୍ରରୁ ଜଣାପଡିଛି, ସଙ୍ଗଠନ ତରଫରୁ କେତେକ ସର୍ତ୍ତ ରଖାଯାଇଛି। ଏଥିରେ ଅଧିକ ପୋଲିସ ମୁତୟନକୁ ହଟାଇବା, ବିଭିନ୍ନ ସ୍ଥାନରେ କ୍ୟାମ୍ପ ପ୍ରତିଷ୍ଠା ହୋଇଥିବା ବେଳେ ଏହି କ୍ୟାମ୍ପଗୁଡ଼ିକୁ ଉଚ୍ଛେଦ କରିବା ଆଦି ସର୍ତ୍ତ ରଖାଯାଇଥିବା ଜଣାପଡ଼ିଛି। ତେବେ ମାଓବାଦୀଙ୍କ ପ୍ରସ୍ତାବରେ ସରକାର ରାଜି ଅଛନ୍ତି କି ନାହାନ୍ତି ସେ ସମ୍ପର୍କରେ ପ୍ରେସ୍ ବିଜ୍ଞପ୍ତି ବ୍ୟତୀତ ଅନ୍ୟ କୌଣସି ଅଡିଓ କିମ୍ବା ଗଣମାଧ୍ୟମକୁ ସୂଚନା ଦିଆଯାଇନାହିଁ।

## ଆରମ୍ଭ ହେଲା ପ୍ରାକ୍ ପ୍ରାଥମିକ ...
ପାଖରେ ପହଞ୍ଚିଥିଲେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ। ପିଲାମାନଙ୍କୁ ଦେଖି ତାଙ୍କ ଭିତରେ ଛପି ରହିଥିବା ଶିକ୍ଷକ ସ୍ୱରୂପ ପୁଣି ଥରେ ଫୁଟିଉଠିଥିଲା। ସେ ପିଲାମାନଙ୍କ ହାତ ଧରି ଚକ୍ ଖଡ଼ିରେ ବୃତ୍ତ କାଟି ଖଡ଼ିଛୁଆଁ କରାଇଛନ୍ତି। ତା'ପରେ ପ୍ରଥମ ଅକ୍ଷର ଭାବେ 'ମା' ଲେଖାଇ ଅକ୍ଷର ଶିକ୍ଷା ଆରମ୍ଭ କରାଇଛନ୍ତି। ଶିକ୍ଷକତାରୁ ବୃତ୍ତିଗତ ଜୀବନ ଆରମ୍ଭ କରିଥିବା ମୁଖ୍ୟମନ୍ତ୍ରୀ ମାଝୀ ତାଙ୍କ ଶିକ୍ଷକତାର ଅଭିଜ୍ଞତାରୁ ପିଲାଙ୍କ ସହିତ ବାର୍ତ୍ତାଳାପ କରିଥିଲେ। ଖୁବ୍ ସହଜ ଭାବରେ ପିଲାଙ୍କ ମା'ଙ୍କ ନାଁ, ବାପାଙ୍କ ନାଁ, କ'ଣ ଖାଇଛ ଏମିତି କିଛି ପ୍ରଶ୍ନ ପଚାରି ସେମାନଙ୍କ ସହିତ ଭାବଗତ ସମ୍ପର୍କ ଯୋଡ଼ିଥିଲେ। ପିଲାମାନେ ମଧ ଖୁବ୍ ଉତ୍ସାହର ସହିତ ମୁଖ୍ୟମନ୍ତ୍ରୀଙ୍କ ସହିତ କଥା ହୋଇଥିଲେ। ଏହା ପରେ ମୁଖ୍ୟମନ୍ତ୍ରୀ ନବମ ଓ ଦଶମ ଶ୍ରେଣୀ ପିଲାମାନଙ୍କୁ ମଧ୍ୟାହ୍ନ ଭୋଜନ ପ୍ରଦାନ କରିଥିଲେ ଏବଂ ପ୍ରବେଶ ଉତ୍ସବ ଓ ଖଡ଼ିଛୁଆଁ-୨୦୨୫ ସଚେତନତା ରଥର ଶୁଭାରମ୍ଭ କରିଛନ୍ତି। ଏହି ଅବସରରେ ମୁଖ୍ୟମନ୍ତ୍ରୀ ପିଲାମାନଙ୍କୁ ଶିକ୍ଷଣ ସାମଗ୍ରୀ କିଟ୍ ପ୍ରଦାନ କରିଛନ୍ତି। ସେହିପରି ସ୍କୁଲ ପରିସରରେ ଆୟୋଜିତ ସାକ୍ଷରତା ଶିକ୍ଷଣ ସାମଗ୍ରୀ ଷ୍ଟଲ, ସଂଖ୍ୟାଜ୍ଞାନ ଶିକ୍ଷଣ ସାମଗ୍ରୀ ଷ୍ଟଲ, ସୃଜନାତ୍ମକ ଶିକ୍ଷଣ ସାମଗ୍ରୀ ଷ୍ଟଲ ବୁଲି ଦେଖିବା ସହିତ ଶିଶୁ ବାଟିକା ପିଲାଙ୍କ ପଠନ ପ୍ରଣାଳୀ ଅନୁଧ୍ୟାନ କରିଛନ୍ତି।

ମୁଖ୍ୟମନ୍ତ୍ରୀ କହିଛନ୍ତି, ଛୋଟ ପିଲାଙ୍କ ମାନସିକତାକୁ ଦୃଷ୍ଟିରେ ରଖି ଏହି କାର୍ଯ୍ୟକ୍ରମ କରାଯାଇଛି। ଆଜି ପାଠପଢ଼ା ଆରମ୍ଭ ଦିନରେ ପିଲାମାନେ ବହୁତ ଖୁସି ଅଛନ୍ତି। ଏହି ଶିଶୁ ବାଟିକା ରାଜ୍ୟରେ ପ୍ରାଥମିକ ଶିକ୍ଷା କ୍ଷେତ୍ରକୁ ସୁଦୃଢ଼ କରିବ। ଆଗାମୀ ଦିନରେ ପିଲାମାନେ ଏକ ସୁନ୍ଦର ଓ ମନୋଜ୍ଞ ପରିବେଶରେ ପାଠ ପଢ଼ିବେ। ସୂଚନାଯୋଗ୍ୟ, ଜାତୀୟ ଶିକ୍ଷାନୀତି-୨୦୨୦ ଅଧୀନରେ ବୁଧବାରଠାରୁ ଶିଶୁ ବାଟିକା ବା ପ୍ରାକ୍ ପ୍ରାଥମିକ ଶ୍ରେଣୀ ଶିକ୍ଷା ଆରମ୍ଭ କରାଯାଇଛି। ୨୦୨୫-୨୬ ଶିକ୍ଷା ବର୍ଷରୁ ସବୁ ପ୍ରାଥମିକ ବିଦ୍ୟାଳୟରେ ଗୋଟିଏ ଲେଖାଏ ଶିଶୁବାଟିକା ଖୋଲାଯିବ। ଏହିସବୁ ଶିଶୁବାଟିକାରେ ୫ରୁ ୬ ବର୍ଷ ବୟସର ପିଲାମାନେ ପ୍ରାକ୍ ବିଦ୍ୟାଳୟ ଶିକ୍ଷା ଗ୍ରହଣ କରିବେ। ଶିଶୁବାଟିକାର ପିଲାମାନଙ୍କୁ ଶିକ୍ଷଣୀୟ ସାମଗ୍ରୀ କିଟ୍ ଯୋଗାଇ ଦିଆଯାଇ ମନୋରଞ୍ଜନଧର୍ମୀ ଶିକ୍ଷା ପ୍ରଦାନ କାର୍ଯ୍ୟକ୍ରମ ଜରିଆରେ ଶିକ୍ଷା ପ୍ରତି ଆକୃଷ୍ଟ କରାଯିବ। ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଏକାମ୍ର ଭୁବନେଶ୍ୱର ବିଧାୟକ ବାବୁ ସିଂହ, ଖୋର୍ଦ୍ଧା ବିଧାୟକ ପ୍ରଶାନ୍ତ ଜଗଦେବ, ଭୁବନେଶ୍ୱର ମେୟର ସୁଲୋଚନା ଦାସ, ସାମାଜିକ କର୍ମୀ ଜଗନ୍ନାଥ ପ୍ରଧାନ, ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର କମିଶନର ତଥା ଶାସନ ସଚିବ ଶାଳିନୀ ପଣ୍ଡିତ ଏବଂ ଓସେପାର ପ୍ରକଳ୍ପ ନିର୍ଦ୍ଦେଶିକା ଅନନ୍ୟା ଦାସ, ବିଦ୍ୟାଳୟର ଶିକ୍ଷୟିତ୍ରୀ, ଶିକ୍ଷକ, ଛାତ୍ରୀଛାତ୍ର ଓ ଅନ୍ୟ ବରିଷ୍ଠ ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ।




# ସାର, କୀଟନାଶକ ପାଇଁ ବଢ଼ୁଛି କର୍କଟ

- ବଲାଙ୍ଗୀର ଓ ଅବିଭକ୍ତ ସମ୍ବଲପୁରରେ ରୋଗୀଙ୍କ ସଂଖ୍ୟା ବଢ଼ୁଛି : ଆଇନ ମନ୍ତ୍ରୀ
- ଜୈବିକ ଚାଷକ୍ଷେତ୍ର ବୃଦ୍ଧି ପାଇଁ ସରକାର ପ୍ରତିଶ୍ରୁତିବଦ୍ଧ

ଭୁବନେଶ୍ୱର,୨।୪
(ରବିନାରାୟଣ ଜେନା)

ସମ୍ପ୍ରତି ଲୋକମାନେ ଅଧିକ ଫସଲ ଅମଳ ପାଇଁ ସାର ଓ କୀଟନାଶକ ବେଶିମାତ୍ରାରେ ବ୍ୟବହାର କରୁଛନ୍ତି। ଏହାଦ୍ୱାରା କର୍କଟ ରୋଗ ବ୍ୟାପୁଛି। ବଲାଙ୍ଗୀର ଓ ଅବିଭକ୍ତ ସମ୍ବଲପୁର ଜିଲାରେ ଏହା ଅଧିକ ପରିଲକ୍ଷିତ ହେଉଛି ବୋଲି ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ଗୃହରେ କହିଛନ୍ତି।

ବୁଧବାର ପ୍ରଶ୍ନକାଳରେ ବିରୋଧୀ ଦଳ ଉପନେତା ପ୍ରସନ୍ନ ଆଚାର୍ଯ୍ୟ ଅର୍ଗାନିକ୍ ବା ଜୈବିକଚାଷ ପାଇଁ ସରକାରଙ୍କ ପକ୍ଷରୁ କ'ଣ ବ୍ୟବସ୍ଥା କରାଯାଉଛି ପ୍ରଶ୍ନର ଉତ୍ତରରେ ଉପମୁଖ୍ୟମନ୍ତ୍ରୀ ତଥା କୃଷିମନ୍ତ୍ରୀ କେଭି ସିଂଦେଓଙ୍କ ପକ୍ଷରୁ ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ କହିଥିଲେ, ଚାଷୀ ଅଧିକ ପରିମାଣରେ କୀଟନାଶକ ଏବଂ ରାସାୟନିକ ସାର ଜମିରେ ବ୍ୟବହାର କରିବା ଯୋଗୁ ବଲାଙ୍ଗୀର ଏବଂ ଅବିଭକ୍ତ ସମ୍ବଲପୁରରେ କର୍କଟ ରୋଗୀଙ୍କ ସଂଖ୍ୟା ବଢ଼ୁଛି। ଆଉ ଏଥିପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ବଳଭଦ୍ର ଜୈବିକ ମିଶନକୁ କାର୍ଯ୍ୟକାରୀ କରିବା ପାଇଁ ଗୁରୁତ୍ୱ ଦିଆଯାଉଛି। ଆଗାମୀ ଦିନରେ ଜୈବିକ ଚାଷକ୍ଷେତ୍ର କିଭଳି ବୃଦ୍ଧି ହୋଇପାରିବ ସେଦିଗରେ ରାଜ୍ୟ ସରକାର ପ୍ରତିଶ୍ରୁତିବଦ୍ଧ ବୋଲି ଆଇନ ମନ୍ତ୍ରୀ କହିଥିଲେ।

ଅତିରିକ୍ତ ପ୍ରଶ୍ନ ପଚାରି ଆଚାର୍ଯ୍ୟ କହିଥିଲେ, ବିଶେଷକରି ଜଳସେଚିତ ଅଞ୍ଚଳର ଚାଷୀ ଅଧିକ ସାର ବ୍ୟବହାର କରୁଛନ୍ତି। ଘରୋଇ କମ୍ପାନୀଗୁଡ଼ିକ ସେମାନଙ୍କୁ ଏଥିଲାଗି ପ୍ରୋତ୍ସାହିତ କରୁଛନ୍ତି। ଅଧିକ ସାର ବ୍ୟବହାର ହୋଇ ଚାଷ ହୋଇଥିବା ଖାଦ୍ୟଶସ୍ୟ ଖାଇବା ଫଳରେ କ୍ୟାନ୍ସର ବ୍ୟାପୁଛି।

ମନ୍ତ୍ରୀ କହିଥିଲେ ଯେ, ଏହା ନିଶ୍ଚିତଭାବେ ଚିନ୍ତାର କାରଣ। ଅଧିକ ସାର ଓ କୀଟନାଶକ ବ୍ୟବହାର ଲାଗି କ୍ୟାନ୍ସର ଭଳି ରୋଗ ହେଉଛି। ଏଥିପାଇଁ ଚାଷୀଙ୍କୁ ସଚେତନ କରାଯାଉଛି। ଜୈବିକ କମ୍ପୋଷ୍ଟ ବ୍ୟବହାର ଦ୍ୱାରା ଚାଷୀଙ୍କର ଉତ୍ପାଦନ ପ୍ରଭାବିତ ହେବନାହିଁ ବୋଲି ସୁନିଶ୍ଚିତ କରାଯାଉଛି। ବଳଭଦ୍ର କୃଷି ମିଶନ ଜରିଆରେ ଜୈବିକ ପଦ୍ଧତିରେ ଚାଷ କରିବା ପାଇଁ ଚାଷୀଙ୍କୁ ପ୍ରୋତ୍ସାହିତ କରାଯାଉଛି। ବାୟୋ କମ୍ପୋଷ୍ଟ ତିଆରି କରିବା ପାଇଁ ମଧ୍ୟ ପ୍ରଶିକ୍ଷଣ ଦିଆଯାଉଛି।

ଭାଜପା ସଦସ୍ୟ ସନାତନ ବିଜୁଳି ବୈଜ୍ଞାନିକ ପଦ୍ଧତିରେ ପନିପରିବା ଚାଷ ପାଇଁ ସରକାର କ'ଣ ଯୋଜନା କରିଛନ୍ତି ବୋଲି ପ୍ରଶ୍ନ କରିଥିଲେ। ଉତ୍ତରରେ ମନ୍ତ୍ରୀ କହିଥିଲେ, ଶୀତଳଭଣ୍ଡାର ଅଭାବରୁ ବହୁ ଅଞ୍ଚଳରେ ଖରିଫ ଫସଲ ପରେ ଜମି ପଡ଼ିଆ ପଡୁଥିଲା। ଏହାର ସମାଧାନ ପାଇଁ ସରକାର ନୂଆ ଶୀତଳଭଣ୍ଡାର ନୀତି ଆଣିଛନ୍ତି।

ଏହି ଅବସରରେ ସନାତନ ପ୍ରଶ୍ନ କରିଥିଲେ ଯେ, ପଞ୍ଜାବ, ହରିୟାଣାରେ ପାଞ୍ଚଏକର ଜମି ଥିବା ଚାଷୀ କୋଟିପତି ହେଉଛନ୍ତି। ଡାଲିଜାତୀୟ ଫସଲରେ କମ୍ ସାର ଏବଂ କୀଟନାଶକ ବ୍ୟବହାର କରି ଅଧିକ ଫସଲ ଅମଳ କରାଯାଇପାରିବ। ଏ ଦିଗରେ ସରକାର କ'ଣ ପଦକ୍ଷେପ ନେଉଛନ୍ତି ବୋଲି ସେ ପ୍ରଶ୍ନ କରିଥିଲେ। ମନ୍ତ୍ରୀ କହିଥିଲେ, ପାଣିର ଅଭାବ ପାଇଁ ଖରିଫ ଫସଲ ପରେ ଚାଷଜମିଗୁଡ଼ିକ ପଡ଼ିଆ ରହୁଛି। ପାଣି ବ୍ୟବସ୍ଥା ଥିବା ଜମିଗୁଡ଼ିକରେ ଡାଲିଜାତୀୟ ଫସଲ କରାଯାଉଛି। ଜଳ ସମ୍ପଦ ବିଭାଗ ସହ ମିଶି ବିଭିନ୍ନ ପଦ୍ଧତିରେ ଜଳସେଚନ ପାଇଁ ପ୍ରକଳ୍ପ କାର୍ଯ୍ୟକାରୀ କରାଯାଉଛି। ହରିୟାଣା ଏବଂ ପଞ୍ଜାବ ତୁଳନାରେ ଆମ ଜମି ଉର୍ବର ଥିବାରୁ ଭବିଷ୍ୟତରେ ପନିପରିବା ଏବଂ ଡାଲିଜାତୀୟ ଚାଷରେ ଓଡ଼ିଶା ବଳକା ରାଜ୍ୟ ହେବାକୁ ଯାଉଛି। ବିରୋଧୀ ଦଳ ଉପ ମୁଖ୍ୟ ସଚେତକ ପ୍ରତାପ ଦେବ କହିଥିଲେ, ଏହାଦ୍ୱାରା କେବଳ 'ସରକାର କା ମାଲ୍ ଦରିଆମେଁ ଡାଲ୍' ହେଉଛି। ପ୍ରତାପ ପୁଣି ପ୍ରଶ୍ନ କରିଥିଲେ ଯେ, ବାହାରୁ ଅଣାଯାଉଥିବା ମୁଗ ବିହନ ଗଛ ହେଉନାହିଁ। ସରକାର ଦେଇଥିବା ମୁଗ ବିହନକୁ ସେ ନିଜେ ଚାଷ କରିଥିଲେ। ଉକ୍ତ ବିହନ ଆମ ରାଜ୍ୟ ପାଣିପାଗ ସହ ଖାପ ଖୁଆଇବା ସମ୍ଭବ ହେଲାନାହିଁ। ସେଥିରେ ଏକାଧିକ ଜଳସେଚନର ଆବଶ୍ୟକତା ଅଛି। ଚାଷ ବିଫଳ ହେଲା। ସରକାରୀ ବିହନ କାମ କରୁନାହିଁ ବୋଲି ପ୍ରତାପ କହିଥିଲେ। ମନ୍ତ୍ରୀ କହିଥିଲେ ଯେ, ହାଇବ୍ରିଡ୍ ବିହନର ଅଧିକ ଯତ୍ନର ଆବଶ୍ୟକତା ରହିଛି।

## ଗ୍ରାମ୍ୟ ନିର୍ମାଣ(ପିଏଚ୍) ଡିଭିଜନର ସହକାରୀ ଯନ୍ତ୍ରୀ ଗିରଫ

ଭୁବନେଶ୍ୱର,୨।୪
(ସୂର୍ଯ୍ୟକାନ୍ତ ବେହେରା)

ବିଲ୍ ପାଇଁ ଠିକାଦାରଙ୍କଠାରୁ ୧ଲକ୍ଷ ଲାଞ୍ଚ ବେଳେ ବୁଧବାର ଭିଜିଲାନ୍ସ ହାତରେ ଧରାପଡିଛନ୍ତି ଭୁବନେଶ୍ୱର ଗ୍ରାମ୍ୟ ନିର୍ମାଣ(ପିଏଚ୍) ଡିଭିଜନର ସହକାରୀ ଯନ୍ତ୍ରୀ ନରେଶ କୁମାର ଦାସ। ତାଙ୍କଠାରୁ ଲାଞ୍ଚ ଟଙ୍କା ସହ ମୋଟ ୨ ଲକ୍ଷ ୨୬ ହଜାର ଟଙ୍କା ଜବତ କରାଯାଇଛି। ପରେ ଭୁବନେଶ୍ୱରସ୍ଥିତ ତାଙ୍କ ସରକାରୀ କାର୍ଯ୍ୟାଳୟ, ଚନ୍ଦ୍ରଶେଖରପୁରସ୍ଥିତ ତାଙ୍କ ବାସଭବନ, ଅନୁଗୋଳ ତୁରାଙ୍ଗସ୍ଥିତ ଶୀତଳ ବିହାର ଓ ପାଲଲହଡାରେ ଥିବା ପୈତୃକ ଘର ଆଦି ବିଭିନ୍ନ ସ୍ଥାନରେ ଭିଜିଲାନ୍ସ ଟିମ୍ ଚଢ଼ାଉ କରିଥିଲା। ବିଳମ୍ବିତ ରାତି ପର୍ଯ୍ୟନ୍ତ ଚଢ଼ାଉ ଓ ପଚରାଉଚରା ଜାରି ରହିଥିବାବେଳେ ବିପୁଳ ସମ୍ପତ୍ତି ଠାବ କରିଥିବା ସୂଚନା ମିଳିଛି। ଏନେଇ ଭୁବନେଶ୍ୱର ଭିଜିଲାନ୍ସ ଥାନାରେ କେସ୍ ନମ୍ବର ୫/୨୦୨୫ ରୁଜୁ କରାଯାଇ ନରେଶଙ୍କୁ ଗିରଫ କରାଯାଇଛି। ଗୁରୁବାର ତାଙ୍କୁ କୋର୍ଟ ଚାଲାଣ କରାଯିବ ବୋଲି ଭିଜିଲାନ୍ସ ପକ୍ଷରୁ ସୂଚନା ଦିଆଯାଇଛି।

ସୂଚନାନୁସାରେ, ଏହି ଡିଭିଜନ ଅଧୀନରେ ଠିକାଦାର ଅଜୟ ଦାସ ୩ଟି କାମ କରିଥିଲେ। ହେଲେ କାମ ବାବଦକୁ ୭ ଲକ୍ଷ ଟଙ୍କାର ବିଲ୍ ବକେୟା ରହିଥିଲା। ଏହି ବିଲ୍ ପାଇଁ ସହକାରୀ ଯନ୍ତ୍ରୀ ନରେଶ ଲକ୍ଷେ ଟଙ୍କା ଦାବି କରିଥିଲେ। ଏନେଇ ଠିକାଦାର ଅଜୟ ସହକାରୀ ଯନ୍ତ୍ରୀଙ୍କ ବିରୋଧରେ ଭିଜିଲାନ୍ସରେ ଅଭିଯୋଗ କରିଥିଲେ। ଭିଜିଲାନ୍ସ ଟିମ୍ ତାଙ୍କୁ ଧରିବା ପାଇଁ ଜାଲ ବିଛାଇଥିଲା। ଯୋଜନା ଅନୁସାରେ, ଠିକାଦାର ଜଣକ ଯନ୍ତ୍ରୀଙ୍କ କାର୍ଯ୍ୟାଳୟକୁ ଯାଇ ତାଙ୍କୁ ଦାବି ମୁତାବକ ଲାଞ୍ଚ ଟଙ୍କା ଦେଉଥିବାବେଳେ ପୂର୍ବରୁ ପ୍ରସ୍ତୁତ ହୋଇ ରହିଥିବା ଭିଜିଲାନ୍ସ ଟିମ୍ ତାଙ୍କୁ ଟଙ୍କା ସହ ଧରିବାରେ ସଫଳ ହୋଇଥିଲା। ଭିଜିଲାନ୍ସ ଅଧିକାରୀମାନେ ଯନ୍ତ୍ରୀ ନରେଶଙ୍କ ହାତରୁ ୧ଲକ୍ଷ ଲାଞ୍ଚ ଟଙ୍କା ଓ ପକେଟରୁ ନଗଦ ୧.୨୬ ଲକ୍ଷ ଟଙ୍କା ଜବତ କରିଥିଲେ।

# ବିଭିନ୍ନ ଜିଲାରେ କାଳବୈଶାଖୀ

ଭୁବନେଶ୍ୱର,୨।୪
(ଅନୁରାଧା ମହାରଣା)

ରାଜ୍ୟରେ ଗ୍ରୀଷ୍ମ ପ୍ରବାହ ଜାରି ରହିଥିବାବେଳେ କାଳବୈଶାଖୀ ପ୍ରଭାବ ମଧ୍ୟ ଦେଖିବାକୁ ମିଳୁଛି। ବିଜୁଳି, ଘଡ଼ଘଡ଼ି, ପବନ ସହ ହାଲୁକା ବର୍ଷା ଆରମ୍ଭ ହୋଇଛି। ବୁଧବାର ସୁନ୍ଦରଗଡ଼, ମୟୂରଭଞ୍ଜ, କେନ୍ଦୁଝର, ମାଲକାନଗିରି, ରାୟଗଡା, କୋରାପୁଟ ଏବଂ କନ୍ଧମାଳ ଜିଲାର କିଛି ଅଞ୍ଚଳରେ କଳାବୈଶାଖୀଜନିତ ବର୍ଷା ରେକର୍ଡ କରାଯାଇଛି। ଗୁରୁବାର ମଧ୍ୟ ବିଭିନ୍ନ ଜିଲାରେ କାଳବୈଶାଖୀ ନେଇ ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ୟେଲୋ ୱାର୍ନିଂ ଜାରି କରାଯାଇଛି। ଏହିସବୁ ଜିଲାଗୁଡ଼ିକ ମଧ୍ୟରେ ମୟୂରଭଞ୍ଜ, କେନ୍ଦୁଝର, ସୁନ୍ଦରଗଡ଼, ଦେବଗଡ଼, ଅନୁଗୋଳ, ସମ୍ବଲପୁର, ଝାରସୁଗୁଡ଼ା, ବରଗଡ଼, ବୌଦ୍ଧ, ସୋନପୁର, ବଲାଙ୍ଗୀର ଓ ନୂଆପଡ଼ା ଆଦି ଜିଲା ରହିଛି। ଘଣ୍ଟାପ୍ରତି ୩୦ରୁ ୪୦ କିଲୋମିଟର ବେଗରେ ପବନ ବହିବା ସହ ବିଜୁଳି ଓ ଘଡ଼ଘଡ଼ିର ସମ୍ଭାବନା ରହିଛି। ୫ ତାରିଖ ଯାଏ ରାଜ୍ୟର ବିଭିନ୍ନ ସ୍ଥାନରେ କାଳବୈଶାଖୀ ପ୍ରଭାବ ଦେଖିବାକୁ ମିଳିବ। ତେଣୁ ସମ୍ପୃକ୍ତ ଜିଲାଗୁଡ଼ିକୁ ସତର୍କ ରହିବାକୁ ପାଣିପାଗ କେନ୍ଦ୍ର ପରାମର୍ଶ ଦେଇଛି।

# ପୁଅର ମୃତ୍ୟୁ ଖବର ଶୁଣି ବାପାଙ୍କ ମୃତ୍ୟୁ

ଆସିକା,୨।୪
(ସୁରେନ୍ଦ୍ର ନାଥ ସାହୁ)


ଅଭିମନ୍ୟୁ ମୁନି


ପ୍ରଶାନ୍ତ ମୁନି

ଗଞ୍ଜାମ ଜିଲା ଆସିକା ବ୍ଲକ ଅନ୍ତର୍ଗତ ଗଙ୍ଗାପୁର ଶାସନ ଗ୍ରାମରେ ମଙ୍ଗଳବାର ଏକ ଅଭାବନୀୟ ଘଟଣା ଘଟିଛି। ପୁଅର ମୃତ୍ୟୁ ଖବର ଶୁଣି ଡାକ୍ତରଖାନାରେ ଚିକିତ୍ସାଧୀନ ବାପାଙ୍କ ମୃତ୍ୟୁ ହୋଇଛି। ଗ୍ରାମବାସୀଙ୍କ ସହଯୋଗରେ ବାପା ଅଭିମନ୍ୟୁ ମୁନି (୭୦)ଙ୍କ ଅନ୍ତିମ ସଂସ୍କାର ହୋଇଥିବା ବେଳେ ଟ୍ରେନ୍‌ରୁ ଖସି ପ୍ରାଣ ହରାଇଥିବା ପୁଅ ପ୍ରଶାନ୍ତ ମୁନିଙ୍କ ମୃତଦେହ ଆଣିବାକୁ ସମ୍ପର୍କୀୟମାନେ ଆନ୍ଧ୍ରପ୍ରଦେଶ ଯାଇଛନ୍ତି।

ଗଙ୍ଗାପୁର ଶାସନ ଗ୍ରାମର ଅଭିମନ୍ୟୁ କିଛିଦିନ ହେଲା ଝିଅ ବାହାଘର କରିଥିଲେ। ଏହାପରେ ପରିବାରର ଗୁଜୁରାଣ ମେଣ୍ଟାଇବା ପାଇଁ ତାଙ୍କର ଏକମାତ୍ର ପୁଅ ପ୍ରଶାନ୍ତ କାମ କରିବାକୁ ସୁରଟ ଯାଇଥିଲେ। ସ୍ତ୍ରୀଙ୍କ ସହ ଗାଁରେ ରହୁଥିବା ଅଭିମନ୍ୟୁ ଶାରିରୀକ ଅସୁସ୍ଥତା କାରଣରୁ କିଛିଦିନ ହେଲା ବ୍ରହ୍ମପୁର ବଡ ଡାକ୍ତରଖାନାରେ ଭର୍ତ୍ତି ହୋଇଥିଲେ। ପ୍ରଶାନ୍ତ ବାପାଙ୍କୁ ଦେଖିବାକୁ ସୁରଟରୁ ଟ୍ରେନ୍‌ରେ ବାହାରିଥିଲେ। ତେବେ ବିଧିର ବିଧାନ ଥିଲା ଅଲଗା। ବାପାଙ୍କ ସ୍ୱାସ୍ଥ୍ୟ ଅବସ୍ଥା ବୁଝିବା ପୂର୍ବରୁ ଆନ୍ଧ୍ରପ୍ରଦେଶର କୌଣସି ଏକ ସ୍ଥାନରେ ସେ ଚଳନ୍ତା ଟ୍ରେନରୁ ଖସିପଡିଥିଲେ। ସେଠାରେ ତାଙ୍କର ମୃତ୍ୟୁ ହୋଇଥିଲା। ଏହି ଖବର ଶୁଣିବା ପରେ ଡାକ୍ତରଖାନା ଶଯ୍ୟାରେ ଥିବା ଅଭିମନ୍ୟୁଙ୍କ ପ୍ରାଣ ବାୟୁ ଉଡ଼ିଯାଇଥିଲା। ଆର୍ଥିକ ଅନଟନରେ କାଳାତିପାତ କରୁଥିବା ଏହି ପରିବାରକୁ ସରକାରୀ ସହାୟତା ଯୋଗାଇ ଦେବା ଲାଗି ଗ୍ରାମବାସୀଙ୍କ ପକ୍ଷରୁ ଦାବି ହେଉଛି।

# ଚିକିତ୍ସା ପରେ ସୁସ୍ଥ ହେଉଛି ଦନ୍ତା

ବନ୍ତଲା,୨।୪(ସୁଶିତ ସାହୁ)


ଚିକିତ୍ସାଧୀନ ଥିବା ଦନ୍ତା ହାତୀ।

ଅନୁଗୋଳ ଜିଲା ବନ୍ତଲା ବନାଞ୍ଚଳ ବଲଙ୍ଗ ଗାଁ ଉପରମୁଣ୍ଡ ନାଳ ପାଖରେ ୧୦ ଦିନ ଧରି ଅସୁସ୍ଥ ଅବସ୍ଥାରେ ଥିବା ଏକ ଦନ୍ତାହାତୀ ଚିକିତ୍ସା ପରେ ସୁସ୍ଥ ହେଉଛି। ଗତ ୨୩ ତାରିଖରେ ସାତକୋଶିଆ ଅଭୟାରଣ୍ୟରୁ ଉକ୍ତ ଦନ୍ତାହାତୀ ବନ୍ତଲା ବନାଞ୍ଚଳ ବଲଙ୍ଗକୁ ଚାଲି ଆସିଥିଲା। ହାତୀଟି ଅସୁସ୍ଥ ଅବସ୍ଥାରେ ଥିବାରୁ ଅତ୍ୟନ୍ତ ଦୁର୍ବଳ ହୋଇ ପଡ଼ିଥିଲା। ବନ ବିଭାଗ କର୍ମଚାରୀଙ୍କ ନଜରକୁ ଆସିବା ପରେ ୨୯ ତାରିଖରୁ ଚିକିତ୍ସା ପାଇଁ ଚେଷ୍ଟା କରାଯାଇଥିଲା। ପ୍ରାଣୀ ଚିକିତ୍ସକ ଡା. ପି.କେ. ସିଂଙ୍କ ତତ୍ତ୍ୱାବଧାନରେ ଢେଙ୍କାନାଳ, ଅନୁଗୋଳ ଓ କପିଳାସ ହାତୀ ଉଦ୍ଧାର କେନ୍ଦ୍ରର ଚିକିତ୍ସକ ଟିମ୍ ସାମିଲ ହୋଇ ଚିକିତ୍ସା କରିଥିଲେ। ଏ ସମ୍ପର୍କରେ ବନ୍ତଲା ବନାଞ୍ଚଳ ଅଧିକାରୀ ପ୍ରସନ୍ନ ସାହୁ କହିଛନ୍ତି, ହାତୀଟି ଧୀରେ ଧୀରେ ସୁସ୍ଥ ଅବସ୍ଥାକୁ ଫେରୁଛି। ପୂର୍ବରୁ ଖାଦ୍ୟ ଖାଉ ନ ଥିଲା ବେଳେ ଚିକିତ୍ସା ପରେ ବୁଧବାର ଦନ୍ତାହାତୀକୁ ଦିଆ ଯାଇଥିବା ତରଭୁଜ, କଦଳୀ, ସେଓ ଓ କଖାରୁ ଆଦି ଖାଇବା ଆରମ୍ଭ କରିଛି। ଖୁବ୍‌ଶୀଘ୍ର ହାତୀଟି ସୁସ୍ଥ ଅବସ୍ଥାକୁ ଫେରି ଆସିବ।

# ୨ ମାଓବାଦୀ ଗିରଫ, ଅସ୍ତ୍ରଶସ୍ତ୍ର ଜବତ

ମାଲକାନଗିରି, ୨।୪
(ଦୁର୍ଯ୍ୟୋଧନ ପାତ୍ର)





ଛତିଶଗଡ଼ ସୁକ୍‌ମା ଜିଲା ପୋଲିସ ୨ ମାଓବାଦୀଙ୍କୁ ବୁଧବାର ଗିରଫ କରିଛି। ତାଙ୍କ ନିକଟରୁ ଅସ୍ତ୍ରଶସ୍ତ୍ର ଜବତ କରାଯାଇଛି। ଜଗରଗୁଣ୍ଡାରୁ ଜିଲା ପୋଲିସ ଓ ୧୬୫ ବାହିନୀ ସିଆର୍‌ପିଏଫ୍ ମିଳିତ ଭାବେ ସର୍ଚ୍ଚ ଓ କୋମ୍ବିଂ ନିମନ୍ତେ ସିଙ୍ଗାବରମ୍ ଓ ଆଖପାଖ ଅଞ୍ଚଳକୁ ବାହାରିଥିଲେ। ଉକ୍ତ ଅଞ୍ଚଳରେ ସର୍ଚ୍ଚ ସମୟରେ ୨ଜଣ ସନ୍ଦିଗ୍ଧ ବ୍ୟକ୍ତି ପୋଡିୟମ ଲଖମା ଓ ତେଲାମ ହିଡାଙ୍କୁ ଗିରଫ କରିଥିଲେ। ଏମାନଙ୍କୁ ପଚରାଉଚୁରା କରିବାରୁ ଏମାନେ ପ୍ରତିବନ୍ଧିତ ମାଓବାଦୀ ସଙ୍ଗଠନରେ କାର୍ଯ୍ୟ କରିଆସୁଛନ୍ତି। ଜଗରଗୁଣ୍ଡା ଥାନା ଅଞ୍ଚଳରେ ବହୁ ଘଟଣାରେ ସାମିଲ ଥିବା ସ୍ୱୀକାର କରିଥିଲେ। ଏମାନେ ରଖିଥିବା ୩ ବିଜିଏଲ୍ ସେଲ୍ ଓ ଗୋଟିଏ ବନ୍ଧୁକ ଜବତ କରାଯାଇଛି। ଯବାନମାନଙ୍କ ଚଳାଚଳ ରାସ୍ତାରେ ଲାଣ୍ଡମାଇନ୍ ଲଗାଇବା, ପୋଲିସ ଉପରେ ଆକ୍ରମଣ, ହତିଆର ଲୁଟ୍, ଗ୍ରାମବାସୀଙ୍କୁ ହତ୍ୟା ମାମଲରେ ସାମିଲଥିବା ପୋଲିସ ସୂତ୍ରରୁ ପ୍ରକାଶ।

# ସ୍କୁଲ ଭ୍ୟାନ୍ ଓଲଟି ୩ ଆହତ

ଠାକୁରମୁଣ୍ଡା,୨।୪
(ତାରାକାନ୍ତ ପଟ୍ଟନାୟକ)

ମୟୂରଭଞ୍ଜ ଜିଲା କରଞ୍ଜିଆ-ଚଢ଼େଇଭୋଳ ରାସ୍ତାର ଭଅଁରା ନିକଟରେ ବୁଧବାର ଏକ ସ୍କୁଲ ଭ୍ୟାନ୍ ଓଲଟି ୨ ଛାତ୍ରଙ୍କ ସମେତ ୩ ଜଣ ଆହତ ହୋଇଛନ୍ତି। ଚିକିତ୍ସା ପାଇଁ ସେମାନଙ୍କୁ କରଞ୍ଜିଆ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ସୂଚନା ଅନୁଯାୟୀ, ସକାଳେ କରଞ୍ଜିଆ ବିବେକାନନ୍ଦ ପବ୍ଲିକ ସ୍କୁଲ ଭ୍ୟାନ୍‌ରେ ୧୦ ଜଣ ଛାତ୍ର ଯାଉଥିବା ବେଳେ ଡ୍ରାଇଭରଙ୍କ ବେପରୁଆ ଚାଳନା ଯୋଗୁ ଭାରସାମ୍ୟ ହରାଇ ଓଲଟି ପଡ଼ିଥିଲା। ଫଳରେ ୨ ଛାତ୍ର ଓ ହେଲପର ଆହତ ହୋଇଥିଲେ। ଦୁର୍ଘଟଣା ପରେ ଡ୍ରାଇଭର ଘଟଣାସ୍ଥଳରୁ ଚମ୍ପଟ ମାରିଥିଲେ। ଏହାର ପ୍ରତିବାଦରେ ସ୍ଥାନୀୟ ଲୋକେ ରାସ୍ତା ଅବରୋଧ କରିଥିଲେ। ଖବରପାଇ କରଞ୍ଜିଆ ଉପଜିଲାପାଳ ପହଞ୍ଚି ଆହତ ୨ ଛାତ୍ରଙ୍କ ଚିକିତ୍ସା ପାଇଁ ରେଡକ୍ରସ ପାଣ୍ଠିରୁ ୫ ହଜାର ଟଙ୍କା ଲେଖାଏ ସହାୟତା ରାଶି ପ୍ରଦାନ କରିବାପାଇଁ ପ୍ରତିଶ୍ରୁତି ଦେବା ପରେ ରାସ୍ତାରୋକୋ ହଟିଥିଲା। କରଞ୍ଜିଆ ପୋଲିସ ତଦନ୍ତ ଜାରି ରଖିଛି।

# ଭଡ଼ାଘରେ ଚାଲିଛି ୨୯୩ ଅଙ୍ଗନୱାଡି କେନ୍ଦ୍ର

**ମୟୂରଭଞ୍ଜ ଜିଲାରେ ପ୍ରାକ୍ ବିଦ୍ୟାଳୟ ଶିକ୍ଷା ବାଟବଣା**
- ୧୦୫୫ କେନ୍ଦ୍ରର ନିଜସ୍ୱ ଗୃହ ଓ ଭିତ୍ତିଭୂମି ନାହିଁ
- ଘରୋଇ ବିଦ୍ୟାଳୟ ଶିକ୍ଷା ପ୍ରତି ଆକୃଷ୍ଟ ହେଉଛନ୍ତି ଅଭିଭାବକ

ବାରିପଦା,୨।୪
(ନୀଳାଦ୍ରି ବିହାରୀ ଦଣ୍ଡପାଟ)

ଚଳିତ ଶିକ୍ଷା ବର୍ଷଠାରୁ ରାଜ୍ୟରେ ଜାତୀୟ ଶିକ୍ଷାନୀତି-୨୦୨୦ ଆରମ୍ଭ ହୋଇଛି। ଭିତ୍ତିଭୂମି ଓ ଶିକ୍ଷାଦାନରେ ବ୍ୟାପକ ପରିବର୍ତ୍ତନ କରାଯାଇ ଶିଶୁମାନଙ୍କୁ ବିଦ୍ୟାଳୟ ମୁହାଁ କରିବା ପାଇଁ ସ୍କୁଲ ପ୍ରବେଶ ଉତ୍ସବ ଓ ଖଡ଼ିଛୁଆଁ ଭଳି କାର୍ଯ୍ୟକ୍ରମ ସରକାର ହାତକୁ ନେଇଛନ୍ତି। ମାତ୍ର ଗ୍ରାମାଞ୍ଚଳରେ ପ୍ରାକ୍ ବିଦ୍ୟାଳୟ ଶିକ୍ଷା ବାଟବଣା ହୋଇଛି। କୋମଳମତି ଶିଶୁଙ୍କ ଶିକ୍ଷା ଗ୍ରହଣର ଏକମାତ୍ର ମାଧ୍ୟମ ଅଙ୍ଗନୱାଡି କେନ୍ଦ୍ର ଭଡ଼ା ଘରେ ଚାଲିବା ସରକାରୀ ଯୋଜନାକୁ ଦିଗହରା କରିଛି। ଏପରିକି ଆଦର୍ଶ ଅଙ୍ଗନୱାଡି କେନ୍ଦ୍ର ନିର୍ମାଣରେ ପ୍ରଶାସନର ଉଦାସୀନତା କାରଣରୁ ଶିଶୁଙ୍କୁ ମୂଲ୍ୟବୋଧଭିତ୍ତିକ ଶିକ୍ଷା ପ୍ରଦାନରେ ବାଧକ ସୃଷ୍ଟି ହୋଇଛି।

ସୂଚନାଯୋଗ୍ୟ, ମୟୂରଭଞ୍ଜ ଜିଲାର ୨୬ଟି ବ୍ଲକ୍, ୨ଟି ପୌର ପରିଷଦ ଓ ୨ଟି ବିଜ୍ଞାପିତ ଅଞ୍ଚଳ ପରିଷଦରେ ୫୧୫୨ଟି ଅଙ୍ଗନୱାଡି କେନ୍ଦ୍ର ଖୋଲାଯାଇଛି। ସେଥି ମଧ୍ୟରୁ ୧୦୫୫ଟି କେନ୍ଦ୍ରର ନିଜସ୍ୱ ଗୃହ ଓ ଭିତ୍ତିଭୂମି ନ ଥିବା ବେଳେ ୨୯୩ଟି କେନ୍ଦ୍ର ଭଡ଼ାଘରେ ଚାଲିଛି। ସେହିପରି ୧୮୦ଟି ଗୋଷ୍ଠୀ କେନ୍ଦ୍ର ଓ ୫୮୨ଟି ସ୍କୁଲଗୃହରେ ଚାଲୁ ରହିଥିବା ବେଳେ ତାହା ସୁରକ୍ଷିତ ନୁହେଁ ବୋଲି ଅଭିଭାବକମାନେ ସେମାନଙ୍କ ପିଲାଙ୍କୁ ପଠାଇବା ପାଇଁ କୁଣ୍ଠାବୋଧ କରୁଛନ୍ତି। ଏହି ଅଙ୍ଗନୱାଡି କେନ୍ଦ୍ରଗୁଡ଼ିକ ନିର୍ମାଣ କରାଯିବାକୁ ଯୋଜନା ହୋଇଥିବା ବେଳେ କେତେକ ନିର୍ମାଣ ଶେଷ ହୋଇଛି ଏବଂ ଅନ୍ୟ କେତେକର ନିର୍ମାଣ କାର୍ଯ୍ୟ ଚାଲୁ ରହିଛି। ଫଳରେ ଶିଶୁଙ୍କ ପାଇଁ ଉଦ୍ଦିଷ୍ଟ ପାଠପଢ଼ା, ଶୃଙ୍ଖଳା ଓ ରନ୍ଧାଖାଦ୍ୟ ପ୍ରଦାନ, ଖେଳକୁଦ, ଉପକାରୀ ବଗିଚା ଯୋଜନାର ସଫଳ ରୂପାୟନ ହୋଇପାରୁ ନାହିଁ। ଅସ୍ୱାସ୍ଥ୍ୟକର ପରିବେଶ ଓ ପିଣ୍ଡାରେ ବସି ପାଠପଢ଼ିବା ଦ୍ୱାରା ଶିଶୁଙ୍କ ଶୈକ୍ଷିକ ବ୍ୟବସ୍ଥାରେ ଉନ୍ନତି ଆସିପାରୁ ନାହିଁ। ଏପରିକି କୋମଳମତି ଶିଶୁଙ୍କ ମାତାପିତା ଅଙ୍ଗନୱାଡି ପ୍ରତି ବିମୁଖ ହୋଇ ବେସରକାରୀ ବିଦ୍ୟାଳୟ ପ୍ରତି ଆକୃଷ୍ଟ ହେଉଛନ୍ତି। ଫଳରେ ଜିଲାରେ ପ୍ରାକ୍ ବିଦ୍ୟାଳୟ ଶିକ୍ଷା ବ୍ୟବସ୍ଥା ବିପର୍ଯ୍ୟସ୍ତ ହୋଇପଡ଼ିଛି। ଜିଲାପାଳ ପ୍ରତି ମାସରେ ବିଡିଓମାନଙ୍କୁ ଏନେଇ ବାରମ୍ବାର ତାଗିଦ କରୁଥିଲେ ମଧ୍ୟ ସମସ୍ୟାର ସମାଧାନ ହୋଇପାରୁନାହିଁ। ସରକାରୀ ଅଧିକାରୀ ଓ କର୍ମଚାରୀମାନଙ୍କ ଉଦାସୀନତା ଏବଂ ଅବହେଳା କାରଣରୁ ଏପରି ଅବ୍ୟବସ୍ଥା ଲାଗିରହିଛି ବୋଲି ୨୦ ବର୍ଷ ଧରି କେନ୍ଦ୍ର ନିର୍ମାଣ ହୋଇପାରୁ ନ ଥିବା ବଡ଼ସାହି ବ୍ଲକ ବେଲପାଳ ଗ୍ରାମର ଅଭିଭାବକ ପୂର୍ଣ୍ଣେନ୍ଦୁ ବାସଙ୍ଗ, ଶକ୍ତି ବାସଙ୍ଗ ଓ ଦୀପୁ ବାସଙ୍ଗ କହିଛନ୍ତି। ଜିଲାରେ ମୋଟ ୨,୪୫,୪୪୧ ହିତାଧିକାରୀଙ୍କ ମଧ୍ୟରୁ ୩ରୁ ୬ମାସ ପର୍ଯ୍ୟନ୍ତ ୧,୧୩,୬୩୨ ଶିଶୁ, ୧୨,୭୬୪ ପ୍ରସୂତି, ୧୭,୩୯୨ ଗର୍ଭବତୀ, ୬ ମାସରୁ କମ୍ ୧୨,୪୫୨ ଶିଶୁ, ୬ ମାସରୁ ୬ ବର୍ଷ ପର୍ଯ୍ୟନ୍ତ ୮୯,୨୦୧ ଜଣ ଶିଶୁ ରହିଛନ୍ତି। ଏମାନଙ୍କ ନିମନ୍ତେ ଉଦ୍ଦିଷ୍ଟ ଯୋଜନା ଫେଲ୍ ହେବାକୁ ବସିଛି।

ଏ ସଂକ୍ରାନ୍ତରେ ଭାରପ୍ରାପ୍ତ ଜିଲା ସମାଜ ମଙ୍ଗଳ ଅଧିକାରିଣୀ ନିହାରିକା ମହାନ୍ତିଙ୍କୁ ପଚାରିବାରୁ ଜିଲାପାଳଙ୍କ ନିର୍ଦ୍ଦେଶରେ ସମସ୍ତ କାର୍ଯ୍ୟ ହାତକୁ ନିଆଯାଇଛି। ନିର୍ମାଣ କାର୍ଯ୍ୟ ପାଇଁ ସହରାଞ୍ଚଳରେ ପୌର ଅଧିକାରୀ ଓ ଗ୍ରାମାଞ୍ଚଳରେ ବ୍ଲକ୍ ପ୍ରଶାସନ ଜରିଆରେ କାର୍ଯ୍ୟ ଚାଲୁ ରହିଛି। ମାତ୍ର ବିଭିନ୍ନ କାରଣ ଯୋଗୁ ନିର୍ମାଣ କାର୍ଯ୍ୟ ଶେଷ ହୋଇପାରୁ ନ ଥିବାରୁ ନିଜସ୍ୱ କେନ୍ଦ୍ରଗୁଡ଼ିକ କାର୍ଯ୍ୟକ୍ଷମ ହୋଇପାରୁନାହିଁ। ସେହିପରି ଶିଶୁଙ୍କ ଖେଳକୁଦ ସମେତ ଗର୍ଭବତୀ ଓ ପ୍ରସୂତିଙ୍କ ସ୍ୱାସ୍ଥ୍ୟ ଓ ପୋଷଣ ପାଇଁ ଅଙ୍ଗନୱାଡିଗୁଡ଼ିକୁ ଆଦର୍ଶ କେନ୍ଦ୍ର ଭାବେ ପରିଣତ କରିବା ପାଇଁ ଯୋଜନା ଆରମ୍ଭ କରାଯାଇଛି ବୋଲି ସେ କହିଛନ୍ତି।

ଓଡ଼ିଶା ଖଣିଜ ପଦାର୍ଥ ଧାରକ ଅଞ୍ଚଳ ଉନ୍ନୟନ ନିଗମ(ଓମ୍ବାଡିସି) ମୟୂରଭଞ୍ଜ ଜିଲା ସହାୟତାରେ ରୂପାନ୍ତରିତ କରିବା ପାଇଁ ରୂପରେଖ ପ୍ରସ୍ତୁତ ହୋଇଥିଲା। ୨୦୧୯ରେ ଜିଲାର ୮୨୬ଟି କେନ୍ଦ୍ରକୁ ଆଦର୍ଶ ଅଙ୍ଗନୱାଡି ଭାବେ ନିର୍ମାଣ କରିବା ପାଇଁ ଓମ୍ବାଡିସି ପକ୍ଷରୁ ୫୨୮କୋଟି ଟଙ୍କାର ଡିପିଆର୍ ପ୍ରସ୍ତୁତ କରାଯାଇଥିଲା। ଏଥିରେ ପ୍ରତି କେନ୍ଦ୍ରକୁ ୧୫ଲକ୍ଷ ଟଙ୍କାର ବ୍ୟୟବରାଦର ଲକ୍ଷ୍ୟ ରଖାଯାଇଥିଲା। ଏହା ସହ ପୁରୁଣା କେନ୍ଦ୍ରଗୁଡିକର ପାରିପାର୍ଶ୍ୱିକ ଉନ୍ନତୀକରଣ କରିବା ପାଇଁ ୪ଲକ୍ଷ ୫୦ହଜାରରୁ ୭ଲକ୍ଷ ୫୦ହଜାର ଟଙ୍କା ପର୍ଯ୍ୟନ୍ତ ବ୍ୟୟବରାଦ ରହିଥିଲା। ପ୍ରଥମ ପର୍ଯ୍ୟାୟରେ ଓମ୍ବାଡିସି ପକ୍ଷରୁ ୨୦୨୧-୨୨ରେ ଜିଲାର ୩୪୬ଟି ଆଦର୍ଶ ଅଙ୍ଗନୱାଡି କେନ୍ଦ୍ର ନିମନ୍ତେ ଅର୍ଥ ମଞ୍ଜୁର କରାଯାଇ କାର୍ଯ୍ୟ ଆରମ୍ଭ ହୋଇଥିଲା। ଏହା ମଧ୍ୟରୁ ୩୦୦ କାର୍ଯ୍ୟ ସମ୍ପାଦନ ହୋଇଥିବା ବେଳେ ୪୬ଟିର ନିର୍ମାଣ କାର୍ଯ୍ୟ ଜାରି ରହିଛି। ଅବଶିଷ୍ଟ ୪୮୦ଟି ଆଦର୍ଶ ଅଙ୍ଗନୱାଡି କେନ୍ଦ୍ର ନିର୍ମାଣ ନିମନ୍ତେ ଅର୍ଥ ମଞ୍ଜୁର କରିବା ପାଇଁ ପ୍ରଶାସନ ପକ୍ଷରୁ ବାରମ୍ବାର ବିଭାଗକୁ ଅବଗତ କରାଯାଉଥିଲେ ମଧ୍ୟ ତାହା ଅନୁମୋଦନ ପାଇପାରୁନାହିଁ। ତେବେ ଜାତୀୟ ଶିକ୍ଷାନୀତି ଅନୁଯାୟୀ ପ୍ରାକ୍ ଶିକ୍ଷାକୁ ଗୁରୁତ୍ୱ ଦିଆ ନ ଗଲେ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଯୋଜନା ଲକ୍ଷ୍ୟସ୍ଥଳରେ ଅପହଞ୍ଚ ହୋଇପଡ଼ିବ ବୋଲି ଅଭିଭାବକମାନେ ମତବ୍ୟକ୍ତ କରିଛନ୍ତି।



ଶକ୍ତି ହୋଇଉଠେ ମହାନ୍ -ଯେତେବେଳେ ତାହା କ୍ରୋଧମୁକ୍ତ ହୋଇ ଊର୍ଦ୍ଧ୍ୱଗାମୀ ହୁଏ। କୌଣସି କିଛିର ଧ୍ୱଂସସାଧନ ମଧ୍ୟ ମହିମାମୟ ହୋଇପାରେ। କିନ୍ତୁ ତା'ର ଉତ୍ସ ବା କାରଣ ଯଦି ହୁଏ ପ୍ରତିହିଂସା, ତେବେ ତାହା କାଳିମାମୟ ହୋଇଉଠେ। -ଶ୍ରୀଅରବିନ୍ଦ

-ଶ୍ରୀମନ୍ଦିରରେ ଚୈତ୍ର ଗୁଣ୍ଡିଚା ଯାତ୍ରା, ବାସନ୍ତିକ ଶ୍ରୀଦୁର୍ଗାଦେବ୍ୟାଃ ବିଲ୍ୱବରଣ



# ସାତ ଶତାବ୍ଦୀର କଥା



ଦେବଦତ୍ତ ପଟ୍ଟନାୟକ

ଇସ୍‌ଲାମ ଧର୍ମ ସପ୍ତମ ଶତାବ୍ଦୀରେ ଆରବରେ ସୃଷ୍ଟି ହୋଇଥିଲା। ଏହା ପଶ୍ଚିମକୁ ଭୂମଧ୍ୟସାଗରୀୟ ଦେଶ ସମୂହ ଏବଂ ପୂର୍ବକୁ ପର୍ସିଆ ବା ପାରସ୍ୟ(ଏବକାର ଇରାନ୍)କୁ ବିସ୍ତାର ହୋଇଥିଲା। ଅଷ୍ଟମ ଶତାବ୍ଦୀ ସୁଦ୍ଧା ଏହା ପୁନର୍ବାର ବିସ୍ତାରିତ ହୋଇ ସ୍ପେନ୍‌ରୁ ଆରମ୍ଭ କରି ସିନ୍ଧ୍ ଅଞ୍ଚଳରେ ପହଞ୍ଚିଥିଲା। ଏହା କିଭଳି ଭାରତରେ ପହଞ୍ଚିଲା? ରାଜନୈତିକ ବିଚାରରେ ଏହାର ଉତ୍ତର ହେଉଛି ହିଂସା ଓ ଲୁଣ୍ଠନ। କିନ୍ତୁ ବୁଦ୍ଧିଜୀବୀମାନେ ଉତ୍ତର ଦିଅନ୍ତି, ଏହା ଗୋଟିଏ ମାଧ୍ୟମରେ ଭାରତକୁ ଆସି ନ ଥିଲା, ବରଂ ସେତେବେଳର ବାଣିଜ୍ୟ, ଯୁଦ୍ଧ, ପ୍ରଚାର, କୃଷି ଓ ପ୍ରବାସନ ମାଧ୍ୟମରେ ଭାରତକୁ ପ୍ରବେଶ କରିଥିଲା।

ଚେରାମାନ ଜୁମା ସମ୍‌ଜିଦ (କେରଳ), ତାମିଲନାଡୁର ପାଲାୟା ଜୁମା ପାଲି, ଗୁଜରାଟର ଘୋଘା ସ୍ଥିତ ବରୱାଡ ମସ୍‌ଜିଦ ହେଉଛି ସପ୍ତମ ଶତାବ୍ଦୀର। ଆରବର ନାବିକ ଓ ବଣିକମାନେ ସ୍ଥାନୀୟ ହିନ୍ଦୁ ରାଜାଙ୍କ ସହାୟତାରେ ଏଗୁଡ଼ିକୁ ନିର୍ମାଣ କରିଥିଲେ। ବାସ୍ତବରେ ସେମାନେ ହେଉଛନ୍ତି ପ୍ରଥମ ଲୋକ ଯେଉଁମାନେ ଭାରତୀୟ ଉପକୂଳ ଅଞ୍ଚଳକୁ ଇସ୍‌ଲାମ ସଂସ୍କୃତିକୁ ଆଣିଥିଲେ। ସପ୍ତମ ଶତାବ୍ଦୀରେ ସିନ୍ଧ୍‌କୁ ଆରବୀୟ ଲୁଣ୍ଠନ କରିଥିବା କାହାଣୀ ତ୍ରୟୋଦଶ ଶତାବ୍ଦୀର ଏକ ପର୍ସିଆନ (ଇରାନୀୟ) ଗ୍ରନ୍ଥରେ ବର୍ଣ୍ଣନା କରାଯାଇଛି। ମୁମ୍ବାଇ ନିକଟସ୍ଥ ଠାଣେ ଅଞ୍ଚଳକୁ ଦଖଲକରିବା ପାଇଁ ସପ୍ତମ ଓ ଅଷ୍ଟମ ଶତାବ୍ଦୀରେ ଆରବୀୟମାନେ ସିନ୍ଧ୍ (ପାକିସ୍ତାନର ଦକ୍ଷିଣ ପୂର୍ବ ଭାଗ)କୁ ଆକ୍ରମଣ କରିଥିଲେ। ତେବେ ସେତେବେଳେ ସେଠାକାର ପ୍ରତିହାର ରାଜାମାନେ ସେମାନଙ୍କୁ ଘଉଡ଼ାଇଦେବାରେ ସଫଳ ହୋଇଥିଲେ। ଇସ୍‌ଲାମ ଧର୍ମ ବାଣିଜ୍ୟ ପଥ ଦେଇ ବିସ୍ତାର ଲାଭ କରିଥିବା ସ୍ପଷ୍ଟ ହେଉଥିଲେ ମଧ୍ୟ ସପ୍ତମ ଶତାବ୍ଦୀରେ ଉପମହାଦେଶରେ ସେନା ଅଭିଯାନ ମାଧ୍ୟମରେ ପହଞ୍ଚି ସିନ୍ଧ ଅଞ୍ଚଳରେ ପ୍ରବେଶ କରିଥିଲା। ଦଶମ ଶତାବ୍ଦୀ ପାଖାପାଖିରେ କେନ୍ଦ୍ର ଏସିଆରୁ ମହମ୍ମଦ ଗଜ୍‌ନୀଙ୍କ ଭଳି ଆକ୍ରମଣକାରୀମାନେ ହିନ୍ଦୁକୁଶ ପର୍ବତ ଅତିକ୍ରମ କରିଥିଲେ ଏବଂ ଧନ ପାଇଁ ସେମାନେ ଉତ୍ତର ଭାରତର ମନ୍ଦିରଗୁଡ଼ିକୁ ଲୁଣ୍ଠନ କରିଥିଲେ। ଦ୍ୱାଦଶ ଶତାବ୍ଦୀ ପରଠାରୁ ସେମାନେ ସେଠାରେ ରହିବା ଆରମ୍ଭ କରିଥିଲେ ଏବଂ ଭାରତର ବିଶାଳ କୃଷି ସମ୍ପଦକୁ ଦଖଲକୁ ନେଇ ଚାଷ ଆରମ୍ଭ କରିଦେଇଥିଲେ। ଏହି ଲୁଣ୍ଠନକାରୀମାନେ ଆରବର ନ ଥିଲେ, ସେମାନେ ଥିଲେ କେନ୍ଦ୍ର ଏସିଆର ତୁର୍କ (ତୁର୍କୀର ବାସିନ୍ଦା)। ପଞ୍ଚଦଶ ଶତାବ୍ଦୀରୁ ମୋଗଲଙ୍କ ଦ୍ୱାରା ତୁର୍କ ଓ ଆଫଗାନମାନଙ୍କ ପ୍ରଭାବ ଧୀରେ ଧୀରେ ହ୍ରାସ ପାଇଥିଲା।

ଏହି ସୁଲତାନମାନେ ଭାରତରେ ଏକ ନୂଆ ପର୍ସିଆନ ଦରବାର ସଂସ୍କୃତି ଆରମ୍ଭ କରିଥିଲେ ଏବଂ ପୁରୁଣା ସଂସ୍କୃତ ଭାଷା ତଥା ସଂସ୍କୃତି ପରମ୍ପରାକୁ ବଦଳାଇଦେଲେ।



ସେମାନଙ୍କ ସହ ଥିବା ଘୋଡ଼ାଗୁଡ଼ିକ ସେନାକୁ ଶକ୍ତିଶାଳୀ କରିଥିଲା। ସେଥିପାଇଁ ରାଜସ୍ଥାନରେ ବିଭିନ୍ନ ଅଞ୍ଚଳରେ ଘୋଡ଼ା ଉପରେ ବସିଥିବା ଦେବତା( ପୀର କିମ୍ବା ପୀର କୁହାଯାଏ)ଙ୍କୁ ଉଭୟ ହିନ୍ଦୁ ଓ ମୁସଲମାନ ପୂଜା କରିଥାନ୍ତି। ଦକ୍ଷିଣ ଭାରତର ମନ୍ଦିରଗୁଡ଼ିକରେ ଭାବର ଓ ରାଭୁଟାନ ଭଳି ମୁସଲମାନ ଅଶ୍ୱାରୋହୀ ଯୋଦ୍ଧାମାନେ ହିନ୍ଦୁ ଦେବଦେବୀଙ୍କୁ ଜଗିଥିବାର ଚିତ୍ର ଦେଖିବାକୁ ମିଳେ। ଏହା ବିଶେଷକରି ସମନ୍ୱୟ ବା ସଦ୍‌ଭାବନାକୁ ପ୍ରକାଶକରେ। ଶ୍ରୀରଙ୍ଗମ ଭଳି ଦକ୍ଷିଣ ଭାରତର ବିଷ୍ଣୁ ମନ୍ଦିର ସବୁ ମୁସଲମାନ ରାଜକୁମାରୀ ତଥା ଭକ୍ତର କାହାଣୀକୁ ସୂଚିତକରେ ଯିଏ କି ଦେବତାଙ୍କ ସ୍ତ୍ରୀ ହୋଇଥିଲେ। ଏହା ଉଭୟ ସଂସ୍କୃତିର ନିବିଡ଼ ସମ୍ପର୍କକୁ ସୂଚିତ କରୁଛି।

ଦ୍ୱାଦଶ ଶତାବ୍ଦୀ ପରଠାରୁ ସୁଫିମାନେ ଭାରତରେ ପ୍ରବେଶ କରିଥିଲେ। ସେମାନେ ଥିଲେ କେନ୍ଦ୍ର ଏସିଆର ଇସ୍‌ଲାମୀୟ ସୁଫିବାଦୀ। ମଙ୍ଗୋଲୀୟମାନେ ପୁରୁଣା ଆରବ ସାମ୍ରାଜ୍ୟକୁ ଆକ୍ରମଣକରି ନଷ୍ଟ କରିଦେବା ପରେ ସୁଫିମାନେ ଲୋକପ୍ରିୟ ହୋଇଥିଲେ। ଏହି ଅଧ୍ୟାତ୍ମବାଦୀ ବ୍ୟକ୍ତିମାନେ ବାଣିଜ୍ୟ ପଥ ଦେଇ ଭାରତର ସବୁ ଅଞ୍ଚଳକୁ ଯାତ୍ରା କରିଥିଲେ। ସେମାନଙ୍କ ମଧ୍ୟରେ କେତେକେ ସୈନ୍ୟ କିମ୍ବା ଘାଜି ଥିଲେ ଏବଂ ଅନ୍ୟସବୁ ଥିଲେ ଧର୍ମ ପ୍ରଚାରକ; ଯେଉଁମାନେ ଭାବନାତ୍ମକ ଶାନ୍ତି, ନ୍ୟାୟିକ ସେବା, ଔଷଧ ଓ କୃଷିଗତ ଜ୍ଞାନ ପ୍ରଦାନ କରୁଥିଲେ। ଏଣୁ ସେମାନେ ଯେଉଁଠି ରହୁଥିଲେ ସେଠାରେ ଲୋକେ ସେମାନଙ୍କୁ ଭଲ ପାଉଥିଲେ। ସେମାନଙ୍କର ଯେତେବେଳେ ମୃତ୍ୟୁ ଘଟିଲା ସେତେବେଳେ ସେମାନଙ୍କ ଦରଘା କିମ୍ବା ସମାଧି ବା କବରସ୍ଥଳୀ ଆଧ୍ୟାତ୍ମିକ କେନ୍ଦ୍ର ପାଲଟିଗଲା। ସେମାନଙ୍କ ଆତ୍ମା ନିକଟରୁ ଦିବ୍ୟ ଆଶୀର୍ବାଦ ପାଇବା ଲାଗି ସେଠାକୁ ଆଖପାଖ ଅଞ୍ଚଳର ଲୋକେ ଆସୁଥିଲେ। ଏହି ମୁସଲମାନ ପୀରମାନେ ହିନ୍ଦୁ ବୀରଙ୍କ ସହ ମିଶି ଲୋକକଥାର ଦୃଶ୍ୟପଟରେ ଏକ ଅଂଶ ପାଲଟିଯାଇଥିଲେ।

କୃଷିଭିତ୍ତିକ ନୂତନତ୍ୱ ଜ୍ୟାନ ମାଧ୍ୟମରେ ମଧ୍ୟ ଇସ୍‌ଲାମ ଧର୍ମ ବିସ୍ତାର ଲାଭକରିଛି, କିନ୍ତୁ ତାହାକୁ ବହୁ ସମୟରେ ଅଣଦେଖା କରାଯାଇଆସିଛି। ଭାରତକୁ ଆସିଥିବା ସୁଫିମାନେ ଦଶମ ଶତାବ୍ଦୀରୁ କୃଷିର ନୂଆ ଟେକ୍ନୋଲୋଜି ଆରମ୍ଭ କରିଥିଲେ। ସେମାନେ ଜଳଚକ, ଭୂତଳ କେନାଲ ନିର୍ମାଣ କରିଥିଲେ , ଯାହା ସ୍ପେନ୍ ଓ ପର୍ସିଆରେ ବିକଶିତ ହୋଇଥିଲା। ଏହା ଯୋଗୁ ଶୁଖିଲା ଅଞ୍ଚଳରେ କୃଷିକାର୍ଯ୍ୟ ସମ୍ଭବ ହେଲା। ଏହିସବୁ ଟେକ୍ନୋଲୋଜି ସିନ୍ଧ୍ ଓ ପଞ୍ଜାବକୁ ଆସିଥିଲା ଏହି ଅଞ୍ଚଳଗୁଡ଼ିକୁ କୃଷି ସମୃଦ୍ଧ କରିଥିଲା। ଫଳରେ ସେଠାରେ ଥିବା ଭୂମିହୀନ ଜାଠମାନେ ଜମି ମାଲିକ ହେବା ସହ ଆର୍ଥିକ ଦୃଷ୍ଟିରୁ ଲାଭବାନ୍ ହୋଇଥିଲେ। ଏହିସବୁ ଅଞ୍ଚଳରେ ସର୍ବାଧିକ ମୁସଲମାନ ରହୁଥିଲେ ଏବଂ ଧୀରେ ଧୀରେ ପାକିସ୍ତାନ ଚାଲିଯାଇଥିଲେ। ଭାରତର ପୂର୍ବାଞ୍ଚଳରେ ମୋଗଲ ଶାସନ ସମୟରେ ରାଜସ୍ୱ ଭିତ୍ତିଭୂମି ବୃଦ୍ଧି ପାଇଁ ଗଙ୍ଗାନଦୀ କୂଳରେ କୃଷିକୁ ଉତ୍ସାହିତ କରାଯାଇଥିଲା। ପୂର୍ବରୁ ମୁଖ୍ୟସ୍ରୋତର ବାହାରେ ରହୁଥିବା ସୀମାନ୍ତ ଅଞ୍ଚଳର ଲୋକମାନେ ଏହି ସୁଯୋଗରୁ ଲାଭ ଉଠାଇଲେ। ସୁଫି ବିଦ୍ୱାନଙ୍କ ସହଯୋଗରେ ସେମାନେ ନୂଆ ବସତି ସ୍ଥାପନ କରିଥିଲେ ଯାହା ପରେ ବାଂଲାଦେଶ ହୋଇଛି। ଏଠାରେ ପଞ୍ଚପୀରଙ୍କ ପୂଜା ହେଉଥିବା ଦେଖିବାକୁ ମିଳେ, ଯାହାଙ୍କୁ ପଞ୍ଚପାଣ୍ଡବ ଭାବେ ଚିହ୍ନଟ କରାଯାଇଥାଏ। କୃଷି ସହ ଜଡ଼ିତ ବନ୍ ବିବିଙ୍କ ଭଳି ସ୍ଥାନୀୟ ଦେବୀ ସୁନ୍ଦରବନରେ ଅଛନ୍ତି। ବେଙ୍ଗଲର କୁଟୀରଗୁଡ଼ିକରେ କରାଯାଉଥିବା ଟେରାକୋଟା ଏହି ଅଞ୍ଚଳର ମସ୍‌ଜିଦଗୁଡ଼ିକରେ ମଧ୍ୟ ଦେଖିବାକୁ ମିଳେ, ଯାହା ଆରବ ଓ ପର୍ସିଆନ ମସ୍‌ଜିଦଠାରୁ ସମ୍ପୂର୍ଣ୍ଣ ଭିନ୍ନ।

ବିଶେଷକରି ତ୍ରୟୋଦଶ ଶତାବ୍ଦୀର ମଙ୍ଗୋଲ ଆକ୍ରମଣ ପରେ କେନ୍ଦ୍ର ଏସିଆ ଏବଂ ପାରସ୍ୟରୁ ଅନେକ ପ୍ରବାସୀ ମୁସଲମାନ ଦିଲ୍ଲୀ ଓ ବାହାମନି ସାମ୍ରାଜ୍ୟରେ ନିଯୁକ୍ତି ସୁଯୋଗକୁ ଲକ୍ଷ୍ୟକରି ଆସିଥିଲେ। ଅନେକେ ସପରିବାର ଆସିଥିଲେ ଏବଂ ଆଉ କେତେକେ ସ୍ଥାନୀୟ ମହିଳାଙ୍କୁ ବିବାହ କରିଥିଲେ। ସେମାନଙ୍କ ମଧ୍ୟରେ କେତେକେ ନୌକର (ସବୈତନିକ ସୈନ୍ୟ) ଏବଂ ଚାକର (ସବୈତନିକ ଆକାଉଣ୍ଟାଣ୍ଟ) ଥିଲେ। ଇସ୍‌ଲାମ ଧର୍ମ ମଧ୍ୟ ସେମାନଙ୍କ ସହ ଆସିଥିଲା। ସେମାନେ ଦରବାରରେ ପ୍ରତିଷ୍ଠିତ ବ୍ୟକ୍ତି ଥିଲେ ଓ ପର୍ସିଆନ ଭାଷା କହୁଥିଲେ ଏବଂ ପର୍ସିଆନ ଶୈଳୀରେ ମସ୍‌ଜିଦ ନିର୍ମାଣ କରିଥିଲେ। ସ୍ଥାନୀୟ ସମ୍ଭ୍ରାନ୍ତୀୟ ଭାରତୀୟ ମୁସଲମାନମାନେ ପ୍ରବାସୀ ସମ୍ଭ୍ରାନ୍ତ ମୁସଲମାନଙ୍କୁ ବିରୋଧ କରିଥିଲେ। ସମ୍ଭ୍ରାନ୍ତୀୟ ମୁସଲମାନମାନେ ନୀଚଜାତିର ଲୋକଙ୍କ ଧର୍ମାନ୍ତରୀକରଣକୁ ଗୁରୁତ୍ୱ ଦେଉ ନ ଥିଲେ। ଏହିପରି ଭାବେ ଭାରତରେ ଇସ୍‌ଲାମ ଧର୍ମର ପ୍ରବେଶର ଜଟିଳ କାହାଣୀ ହେଉଛି ଏକ ସାତ ଶତାବ୍ଦୀର କଥା , ଯେଉଁଥିରେ ବାଣିଜ୍ୟ, ଯୁଦ୍ଧ, ପ୍ରଚାରକ, କୃଷିବିତ୍ ଏବଂ ପ୍ରବାସୀ ଜଡ଼ିତ ରହିଛନ୍ତି।

-devduttofficial@gmail.com

## ମାନସିକ ସ୍ୱାସ୍ଥ୍ୟ ପାଇଁ କଲରିଂ



ଡା. ସମ୍ରାଟ କର

ସାଧାରଣତଃ ଛୋଟ ବେଳେ ସମସ୍ତଙ୍କୁ ଚିତ୍ରରେ ରଙ୍ଗ ଭରିବାକୁ ଭଲ ଲାଗେ। ବଡ଼ ହେବା ପରେ ଏଥିରୁ ନିଜକୁ ଦୂରେଇ ରଖନ୍ତି। ତେବେ ଆଜିର ସମୟରେ ଏ କାମ କେବଳ ଛୋଟ ପିଲାଙ୍କ ମଧ୍ୟରେ ସୀମିତ ନାହିଁ, ଏହା ବଡ଼ମାନଙ୍କ ପାଇଁ ବି ଉତ୍ତମ। ଏବେ ବଡ଼ ପିଲାଙ୍କ ପାଇଁ କଲରିଂ ବହି ମିଳୁଛି। ଯାହାକି ମାନସିକ ସ୍ୱାସ୍ଥ୍ୟ ଉପରେ ଆଧାରିତ। କଲରିଂ ବହିର ପାଟର୍ନ ଅବସାଦ କମ୍ କରି ସୃଜନଶୀଳତା ବୃଦ୍ଧିରେ ସାହାଯ୍ୟ କରେ।

ଆମେ ନିତିଦିନିଆ ସମୟକୁ ଦେଖିଲେ ଜାଣୁ କେବଳ ଛୋଟପିଲା ନୁହନ୍ତି ବଡ଼ ଲୋକମାନେ ମଧ୍ୟ ଏପରିକି ସମାଜରେ ନିଜ ନିଜ କ୍ଷେତ୍ରରେ ପ୍ରତିଷ୍ଠିତ ହୋଇଥିବା ଓ ଅତ୍ୟନ୍ତ ବ୍ୟସ୍ତବହୁଳ ସମୟ ବିତାଉଥିବା ଲୋକମାନଙ୍କ ଭିତରେ ଏହି ଅନ୍ତର୍ନିହିତ ସୃଜନ କଳା ପ୍ରତି ଆଗ୍ରହ ଓ ଆବେଗ ରହିଛି। କର୍ମବ୍ୟସ୍ତ ସମୟରୁ କିଛି କାଢ଼ି ସେମାନେ ଏଥି ନିମିତ୍ତ ସମୟ ଦିଅନ୍ତି ଓ ଚମତ୍କାର ଚିତ୍ର ଆଙ୍କି ଥାଆନ୍ତି। ବର୍ତ୍ତମାନ ପର୍ଯ୍ୟନ୍ତ ଆମମାନଙ୍କ ଭିତରେ କଲରିଂ କରୁଥିବା ପିଲା ବା ଲୋକମାନଙ୍କ ଉପରେ ସେତେଟା ଏକ ଭଲ ଧାରଣା ତିଆରି ହୋଇପାରିନାହିଁ। ଏହା ଯେ ଏକ ଚମତ୍କାର ଓ ଭଗବାନ୍‌ଙ୍କ ପ୍ରଦତ୍ତ ସୃଜନଶକ୍ତିର ବିକଶିତ ରୂପରେଖ ତାହା ଆମକୁ ବୁଝିବାରେ ସେତେଟା ସହଜ ହୋଇପାରିନାହିଁ। ଅବସର ବିନୋଦନ ହେଉ ବା ଅସ୍ଥିର, ବିଚଳିତ ମନକୁ ଏକାଗ୍ର ରାସ୍ତାରେ ଆଗେଇ ନେବା ପାଇଁ କଲରିଂ ଏକ ଚମତ୍କାର ମାଧ୍ୟମ। ବର୍ତ୍ତମାନ ଏହି କଲରିଂକୁ ନେଇ ଅନେକ ପାଠ୍ୟକ୍ରମ ମଧ୍ୟ ତିଆରି ହେଲାଣି। ବୃତ୍ତିଗତ କ୍ଷେତ୍ର ଭାବେ ଏହା ମଧ୍ୟ ଜଣକୁ ଯଥାର୍ଥ ପରିଚୟ ଦେବା ସହ ଗୁଜୁରାଣ ମେଣ୍ଟାଇବା ପାଇଁ ଅର୍ଥ ରୋଜଗାରର ଏକ ସମ୍ମାନଜନକ ମାଧ୍ୟମ ପାଲଟି ସାରିଲାଣି। ତଥାପି କେତେଜଣ ଅଭିଭାବକ ସେମାନଙ୍କ ପିଲାମାନଙ୍କର ଛୋଟ ବେଳର କଲରିଂରେ ବ୍ୟସ୍ତତାକୁ ସେପରି ବେଶ୍ ସହଜରେ ଗ୍ରହଣ କରିପାରି ନ ଥାନ୍ତି।

ଗମ୍ଭୀର ଚିନ୍ତାରୁ ଧ୍ୟାନ ହଟାଇବା ପାଇଁ କଲରିଂ ବୁକ୍ ସାହାଯ୍ୟ କରେ। ଏଭଳି ମଜାଦାର ଗତିବିଧି ମାଧ୍ୟମରେ ଶାନ୍ତି ଏବଂ ବିଶ୍ରାମ ଭାବନା ବୃଦ୍ଧି ପାଏ। ସେହିପରି ଚିତ୍ରରେ ରଙ୍ଗ ଭରିବା ହେଉଛି ଏକ ସୃଜନାତ୍ମକ ଏବଂ ମଜାଦାର କାମ। ଏହା ଦ୍ୱାରା ମନକୁ ଶାନ୍ତ କରିବା ସମ୍ଭବ। ଜଟିଳ ଚିତ୍ରରେ ରଙ୍ଗ ଭରିବା ଦ୍ୱାରା ଧ୍ୟାନ ସେଥିରେ ରହେ ଏବଂ ମନ ବିଚଳିତ ହୁଏନାହିଁ। କଲରିଂ ସୃଜନାତ୍ମକ ଜ୍ଞାନ କୌଶଳ ବୃଦ୍ଧିରେ ସାହାଯ୍ୟ କରେ। ନିଜର କଳାତ୍ମକ ଅଭିବ୍ୟକ୍ତିକୁ ଜାଣିବାର ଏହା ଏକ ସହଜ ଉପାୟ। କାରଣ ଦୁଇଜଣଙ୍କୁ ଗୋଟିଏ ଚିତ୍ରରେ ରଙ୍ଗ କରିବାକୁ ଦେଲେ ସେମାନେ ଭିନ୍ନ ଭିନ୍ନ ରଙ୍ଗକୁ ଚୟନ କରନ୍ତି। ଏଥିରୁ ଜଣାପଡ଼େ ଯେ ସମସ୍ତଙ୍କ ଚିନ୍ତାଧାରା ଭିନ୍ନ। କଲରିଂ ନକାରାତ୍ମକ ଚିନ୍ତାରୁ ଦୂରେଇ ରଖିବାରେ ସାହାଯ୍ୟ କରେ। ନିତିଦିନିଆ ମୋ ମାନସିକ ଚିକିତ୍ସା, ନିଦାନ ଓ ପରାମର୍ଶ କେନ୍ଦ୍ରରେ ଅନେକ ପୀଡ଼ିତଙ୍କୁ ସାମ୍ନା କରିଥାଏ ଯେଉଁମାନେ ମାନସିକଭାବେ ଅସୁସ୍ଥ ହେବା ପୂର୍ବରୁ ବେଶ୍ ଭଲ ଭାବେ କଲରିଂରେ ନିଜକୁ କିଛି ସମୟ ବିତାଇ ସମୟ କାଟୁଥିଲେ। କଲରିଂ ଏକ ଏପରି ଅନ୍ତର୍ନିହିତ ସୃଜନଶକ୍ତି ଯାହା ନିଜ ଆଖପାଖର ପରିବେଶ, କାର୍ଯ୍ୟକଳାପ ଓ ଜୀବନ ଚରିତ୍ରର ଲୋକମାନଙ୍କ ସମ୍ବନ୍ଧରେ କିଛି ଜଣାଇଥାଏ, ସେମାନଙ୍କୁ ଅନେକ ମାନସିକ ଶାନ୍ତି ଦେଇଥାଏ। ଯଦିଓ କଲରିଂ କେତେକ ନିର୍ଦ୍ଦିଷ୍ଟ ମାନସିକ ପୀଡ଼ିତମାନଙ୍କ ପାଇଁ ଏକ ପ୍ରକାର ଯନ୍ତ୍ରଣାର କାରଣ ହୋଇଥାଏ, ତାହା ତ ଅଲଗା କଥା ତେବେ ମାନସିକ ସ୍ୱାସ୍ଥ୍ୟ ପାଇଁ କଲରିଂ ଏକ ଏପରି ଶକ୍ତିଶାଳୀ ଭିଟାମିନ ପରି କାର୍ଯ୍ୟ କରିଥାଏ ଯେ ଅନେକେ ଏହା ବିନା ବଞ୍ଚି ନ ପାରିବା ପରି ଅନୁଭବ କରନ୍ତି। ସତେଯେପରି ମାଛ ବିନା ଜଳ। ତେବେ କେଉଁମାନଙ୍କୁ କେଉଁ କେଉଁ ରଙ୍ଗ ପସନ୍ଦ ଆସିଥାଏ ତାହା ସେମାନଙ୍କ ବ୍ୟକ୍ତିଗତ ଆଗ୍ରହ। ମୁଁ କେତେକ ନିର୍ଦ୍ଦିଷ୍ଟ ମାନସିକ ଅସହାୟ ଓ ପୀଡ଼ିତମାନଙ୍କ ପାଇଁ ସେମାନଙ୍କ ପୂର୍ବ ଜୀବନର ଜୀବନ ରେଖା, କାର୍ଯ୍ୟକଳାପ ଓ ବ୍ୟକ୍ତିଗତ ରୁଟିନ୍ ବୁଝିବା ସମୟରେ ଯେତେବେଳେ ଜାଣେ ଯେ ସେମାନେ ପୂର୍ବରୁ ଜଣେ ଜଣେ ରଙ୍ଗ ତୂଳିର ନାୟକ ଥିଲେ, ସେମାନଙ୍କ ନିକଟ ଲୋକମାନଙ୍କୁ ସେହି ରଙ୍ଗ ତୂଳି ଜୀବନକୁ କିଛି ମାତ୍ରାରେ ଫେରାଇବା ପାଇଁ ପରାମର୍ଶ ଦେଇଥାଏ। ତେଣୁ କଲରିଂ ଜୀବନ ବଞ୍ଚିବାର ଅମୃତ ମହୌଷଧି ଏବଂ ସର୍ବୋପରି ଏହା ଏକ ରଙ୍ଗିନ ମାନସିକତାର ଜୀବନ ଅଭିବୃଦ୍ଧି। ଏହାକୁ ବୁଝନ୍ତୁ ଆଉ ଗ୍ରହଣ କରନ୍ତୁ।

**ମାନସିକ ରୋଗ ବିଶେଷଜ୍ଞ,**
**ଦି'ବ୍ରେନ, ପୁରୀଘାଟ ରୋଡ୍, କଟକ,**
**ମୋ:୯୧୩୨୪୩୩୩୩୩**

## ଏଇ ଭାରତରେ

ଶେଷାଦ୍ରି ଶିବକୁମାର ପେସାରେ ଜଣେ ସିଭିଲ ଇଞ୍ଜିନିୟର। କିନ୍ତୁ କଶ୍ମୀର ସାଫ୍ରୋନ ଚାଷକରି ସେ ସଫଳ ହୋଇପାରିଛନ୍ତି, ତାହା ପୁଣି କେରଳରେ। ପ୍ରତିକୂଳ ପରିବେଶରେ କଶ୍ମୀର ସାଫ୍ରୋନ ଚାଷକରି ଅଧିକ ଅମଳ କରିବାକୁ ସକ୍ଷମ ହୋଇଛନ୍ତି। ସେ କଶ୍ମୀର ଯାଇ ଏହି ଚାଷ ସମ୍ପର୍କରେ ଜ୍ଞାନ ହାସଲ କରିଥିଲେ। ପ୍ରଥମେ ସେ ଏହି ଚାଷରେ ୧୦ ଲକ୍ଷ ଟଙ୍କା ନିବେଶ କରିଥିଲେ। ଆରମ୍ଭରୁ ୪ କୁଇଣ୍ଟାଲ ସାଫ୍ରୋନ କଢ଼ି ଉତ୍ପାଦନ କରିଥିଲେ। ଏହା ଥିଲା ସାଫ୍ରୋନ କୃଷିରେ ଏକ ଭିନ୍ନ ଘଟଣା। ସବୁଠୁ ବଡ଼କଥା ହେଉଛି ଶେଷାଦ୍ରି ଏହି ଚାଷ ମାତ୍ର ୨୨୫ ବର୍ଗଫୁଟ ଜାଗାରେ ଏରୋପୋନିକ୍ ପଦ୍ଧତି(ବିନାମାଟିରେ ନ୍ୟୁଟ୍ରିଷ୍ଟଯୁକ୍ତ ଜଳକଣା ବ୍ୟବହାର କରି କରାଯାଇଥାଏ)ରେ କରୁଛନ୍ତି। ତାଙ୍କ ଚାଷ ବ୍ୟବସ୍ଥା ସମ୍ପୂର୍ଣ୍ଣ ଭାବେ ସ୍ୱୟଂଚାଳିତ ତଥା ରିମୋଟ୍ ନିୟନ୍ତ୍ରିତ। ଗୋଟିଏ ବର୍ଷରେ ସେ ଏହି ଚାଷରୁ ୧୨ ଲକ୍ଷ ଟଙ୍କା ରୋଜଗାର କରିଛନ୍ତି। ସାଫ୍ରୋନ ଚାଷକୁ ସ୍ଥାନୀୟ ଅଞ୍ଚଳରେ ବ୍ୟାପକ କରିବା ପାଇଁ ସେ ୧୦୦ରୁ ଊର୍ଦ୍ଧ୍ୱ ଲୋକଙ୍କୁ ପ୍ରଶିକ୍ଷଣ ଦେଇଛନ୍ତି।

## ୫୦ ବର୍ଷ ତଳର ଧରିତ୍ରୀ

DHARITRI

୩ ଏପ୍ରିଲ ୧୯୭୬

- ରାଜସ୍ୱ ମନ୍ତ୍ରୀ ବଲ୍ଲଭ ପାଣିଗ୍ରାହୀ ବିଧାନସଭାରେ ଆଗତ କରିଥିବା ଓଡ଼ିଶା ଚକବନ୍ଦୀ ସଂଶୋଧନ ଆଇନ ଗୃହୀତ ହୋଇଯାଇଛି।
- ଭାରତ ସୋଭିଏତ୍ ରୁଷକୁ ୩୦ କୋଟି ଟଙ୍କାର କାଜୁବାଦାମ ଯୋଗାଇଦେବା ପାଇଁ ଉଭୟ ଦେଶର ଦୁଇଟି ବାଣିଜ୍ୟ ଅନୁଷ୍ଠାନ ମଧ୍ୟରେ ଏକ ଚୁକ୍ତି ସ୍ୱାକ୍ଷରିତ।
- ଆଙ୍ଗୋଲାକୁ ଯୁଦ୍ଧଜନିତ କ୍ଷତିପୂରଣ ଦେବା ଲାଗି ଦକ୍ଷିଣ ଆଫ୍ରିକାକୁ ଜାତିସଂଘ ନିରାପତ୍ତା ପରିଷଦର ନିର୍ଦ୍ଦେଶ।

## su|do|ku — ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | | 7 | 3 | | | | | 6 |
| | | | 7 | 5 | | 9 | | |
| | 1 | | | | | 2 | | 8 |
| | | | 5 | 7 | | | | |
| | 4 | | 9 | | | | | 2 |
| 7 | | 1 | | | 6 | | | |
| 4 | 2 | | | | | 6 | | |
| | | | 4 | | | | | 3 |
| | | 9 | | | | 8 | 2 | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 5 | 4 | 6 | 1 | 9 | 7 | 8 | 3 | 2 |
| 3 | 9 | 2 | 8 | 5 | 6 | 4 | 7 | 1 |
| 1 | 7 | 8 | 4 | 3 | 2 | 9 | 6 | 5 |
| 9 | 3 | 5 | 7 | 6 | 8 | 2 | 1 | 4 |
| 7 | 2 | 4 | 9 | 1 | 5 | 6 | 8 | 3 |
| 6 | 8 | 1 | 3 | 2 | 4 | 7 | 5 | 9 |
| 4 | 1 | 7 | 2 | 8 | 3 | 5 | 9 | 6 |
| 2 | 5 | 3 | 6 | 7 | 9 | 1 | 4 | 8 |
| 8 | 6 | 9 | 5 | 4 | 1 | 3 | 2 | 7 |

ଗତକାଲିର ଉତ୍ତର

# ଆଶଙ୍କାରେ ପେନ୍‌ସନଭୋଗୀ



ବୃହସ୍ପତି ସାମଲ

ବିତ୍ତ ବିଧେୟକ ୨୦୨୫ର ଅଂଶବିଶେଷ ଭାବେ ୨୫ ମାର୍ଚ୍ଚ ୨୦୨୫ରେ କେନ୍ଦ୍ରୀୟ ବେସାମରିକ ସେବା (ପେନ୍‌ସନ) ନିୟମ ତଥା ଭାରତ ସରକାରଙ୍କ ସଞ୍ଚିତ ପାଣ୍ଠିରୁ ପେନ୍‌ସନ ଦେୟ ବୈଧକରଣ ସମ୍ବନ୍ଧୀୟ ବିଜ୍ଞପ୍ତି ପ୍ରକାଶ ପାଇବା ପରେ ଭାରତର ସମସ୍ତ ପେନ୍‌ସନଭୋଗୀ ଭୟଭୀତ ହେବା ସହ ପେନ୍‌ସନର ଭବିଷ୍ୟତ ସ୍ୱରୂପକୁ ନେଇ ଅନେକ ଆଶଙ୍କା ପ୍ରକଟ କରିଛନ୍ତି। ବୈଧକରଣର ଏହି ସିଦ୍ଧାନ୍ତ ଅନୁଯାୟୀ ପେନ୍‌ସନ ନିୟମ ପ୍ରତି କୌଣସି ପୂର୍ବାଗ୍ରହ ବିନା କେନ୍ଦ୍ର ସରକାର ପେନ୍‌ସନଭୋଗୀଙ୍କ ଅବସର ଗ୍ରହଣ ତାରିଖକୁ ନେଇ ସେମାନଙ୍କ ଭିତରେ ଏକ ପ୍ରଭେଦ ସୃଷ୍ଟି କରିପାରିବେ, ଯାହା କେନ୍ଦ୍ରୀୟ ବେତନ ଆୟୋଗଙ୍କ ସୁପାରିସ ଲାଗୁ ସମୟରୁ ଆରମ୍ଭ ହେବ। ଏହି ବୈଧକରଣ ୧ ଜୁନ ୧୯୭୨ରୁ ଲାଗୁ ହେବ, ଯାହାଦ୍ୱାରା ସମ୍ବିଧାନର ଅନୁଚ୍ଛେଦ ୩୦୯ ଆଧାରରେ ସମୟାନୁସାରେ ହୋଇଥିବା କେନ୍ଦ୍ରୀୟ ବେସାମରିକ ସେବା (ପେନ୍‌ସନ) ନିୟମ, ୧୯୭୨ ଓ ୨୦୨୧ ଏବଂ କେନ୍ଦ୍ରୀୟ ବେସାମରିକ ସେବା (ଅସାଧାରଣ ପେନ୍‌ସନ) ନିୟମ ୨୦୨୩ ଅନ୍ତର୍ଗତ ସମସ୍ତ ସଂଶୋଧିତ ନିୟମଗୁଡ଼ିକୁ ମାନ୍ୟତା ପ୍ରଦାନ କରିବ।

ଏବେ ପେନ୍‌ସନଭୋଗୀଙ୍କ ମଧ୍ୟରେ ଆଶଙ୍କା ଉପୁଜିବାର କାରଣ ହେଲା ଯେ ପ୍ରସ୍ତାବିତ ଅଷ୍ଟମ ବେତନ ଆୟୋଗଙ୍କ ସୁପାରିସ ଆସନ୍ତା ୧ ଜାନୁଆରୀ ୨୦୨୬ରୁ ଲାଗୁହେବାକୁ ଯାଉଥିବା ସମୟରେ ଯଦି ଅବସର ତାରିଖକୁ ନେଇ ଉପରୋକ୍ତ ବିଜ୍ଞପ୍ତି ଅନୁଯାୟୀ ପେନ୍‌ସନଭୋଗୀଙ୍କୁ ଭାଗ ଭାଗ କରାଯାଏ, ତେବେ ଅନୁମୋଦନ ଲାଗୁ ହେବା ପୂର୍ବରୁ ଅବସର ନେଇଥିବା କର୍ମଚାରୀଙ୍କ ପେନ୍‌ସନ ଅଷ୍ଟମ ବେତନ ଆୟୋଗଙ୍କ ସୁପାରିସ ମୁତାବକ ବୃଦ୍ଧି ନ ହୋଇ କେବଳ ଅନୁମୋଦନ ଲାଗୁ ହେବା ପରେ ଯେଉଁମାନେ ଅବସରନେବେ ସେମାନଙ୍କ ପାଇଁ ପ୍ରଯୁଜ୍ୟ ହେବ। ପୂର୍ବର ସାତଟିଯାକ ବେତନ ଆୟୋଗଙ୍କ ସୁପାରିସ ଲାଗୁ ହେବା ସମୟରେ ଏଭଳି ଆଶଙ୍କା ବା ପରିସ୍ଥିତି ସୃଷ୍ଟି ହୋଇ ନ ଥିଲା। ପୁରୁଣା ପେନ୍‌ସନ ଯୋଜନା (ଓପିଏସ୍), ଜାତୀୟ ପେନ୍‌ସନ ଯୋଜନା (ଏନ୍‌ପିଏସ୍) ଏବଂ ଏକୀକୃତ ପେନ୍‌ସନ ଯୋଜନା (ୟୁପିଏସ୍)କୁ ନେଇ ପେନ୍‌ସନଭୋଗୀମାନେ ପୂର୍ବରୁ ବିଭାଜିତ ହୋଇସାରିଥିଲା ବେଳେ ବିତ୍ତ ବିଧେୟକ ୨୦୨୫ ଆଳରେ ଅବସର ତାରିଖକୁ ନେଇ ପୁନଃ ବିଭାଜିତ ହେବା ସହ ପେନ୍‌ସନ ହ୍ରାସ ଓ ବୃଦ୍ଧିକୁ ଗ୍ରହଣ କରିବାକୁ କେହି ପ୍ରସ୍ତୁତ ନୁହନ୍ତି।

ଏହି ପରିପ୍ରେକ୍ଷୀରେ, ଉପରୋକ୍ତ ବିଜ୍ଞପ୍ତି ପ୍ରକାଶନର ତୁରନ୍ତ ବାଦ ସମଗ୍ର ଦେଶର ବିଭିନ୍ନ ପେନ୍‌ସନଭୋଗୀ ସଂଘ ତଥା ସେମାନଙ୍କର ଜାତୀୟ ସମନ୍ୱୟ ସମିତି ସରକାରଙ୍କ ପାଖରେ ପ୍ରତିବାଦ ଜଣାଇବା ସହ ରାଜ୍ୟ ସଭାର ସଦସ୍ୟମାନେ ଏ ବିଷୟରେ ସରକାରଙ୍କୁ ପଚାରିବାରୁ କେନ୍ଦ୍ର ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ ଉତ୍ତର ଦେଇଛନ୍ତି, ଅଷ୍ଟମ ବେତନ ଆୟୋଗଙ୍କ ସୁପାରିସ ଯୋଗୁ ୨୦୨୬ରୁ ପେନ୍‌ସନଭୋଗୀଙ୍କ ପେନ୍‌ସନ ସଂଶୋଧନ ଉପରେ ଏହି ବିଲ୍‌ର କୌଣସି ପ୍ରଭାବ ପଡ଼ିବ ନାହିଁ। ଏଠି କହି ରଖିବା ଉଚିତ ହେବ ଯେ ଅଷ୍ଟମ ବେତନ ଆୟୋଗ ଗଠନକୁ ବାରମ୍ବାର ଟାଳି ଦେଉଥିବା କେନ୍ଦ୍ର ସରକାର ୧୬ ଜାନୁଆରୀ ୨୦୨୫ରେ ବେତନ ଆୟୋଗ ଗଠନକୁ ନେଇ ବିନା କ୍ୟାବିନେଟ ଅନୁମୋଦନରେ ଏକ ଖବରଦାତା ସମ୍ମିଳନୀ ମାଧ୍ୟମରେ ଘୋଷଣା କଲେ। ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟ, କ୍ୟାବିନେଟ କିମ୍ବା ଅର୍ଥ ମନ୍ତ୍ରଣାଳୟ ତରଫରୁ କୌଣସି ଆନୁଷ୍ଠାନିକ ପ୍ରେସ୍ ଇସ୍ତାହାର ଏପର୍ଯ୍ୟନ୍ତ ଜାରି କରାଯାଇନାହିଁ। ବର୍ତ୍ତମାନ ସମ୍ପୂର୍ଣ୍ଣ ସର୍ତ୍ତାବଳୀ ସହ ଅଷ୍ଟମ ବେତନ ଆୟୋଗ ଗଠନ ସମ୍ପର୍କିତ ରାଜପତ୍ର ବିଜ୍ଞପ୍ତି ପ୍ରକାଶନକୁ ଅପେକ୍ଷା।




ଏଭଳି ଏକ ଘଡ଼ିସନ୍ଧି ମୁହୂର୍ତ୍ତରେ, ପ୍ରଶ୍ନ ଉଠେ ଯଦି ଅଷ୍ଟମ ବେତନ ଆୟୋଗଙ୍କ ସୁପାରିସ ଲାଗୁ ହେବା ଦିନଠାରୁ କର୍ମଚାରୀଙ୍କ ଅବସର ତାରିଖକୁ ନେଇ ପେନ୍‌ସନଭୋଗୀଙ୍କ ମଧ୍ୟରେ କୌଣସି ପାତରଅନ୍ତର ସୃଷ୍ଟିହେବାର ନାହିଁ, ତେବେ ବିତ୍ତ ବିଧେୟକ ୨୦୨୫ର ଅଂଶବିଶେଷ ଭାବେ ଏଭଳି ବୈଧକରଣର କି ଆବଶ୍ୟକତା ଥିଲା? ପେନ୍‌ସନ ନୀତିକୁ ନେଇ ସରକାରଙ୍କର ଆଉ କିଛି ଗୁପ୍ତ କାର୍ଯ୍ୟସୂଚୀ ନାହିଁ ତ? କାରଣ ରାଜକୋଷ ଉପରେ ଆର୍ଥିକ ବୋଝର ଦ୍ୱାହି ଦେଇ ସରକାର କର୍ମଚାରୀ ଓ ପେନ୍‌ସନଭୋଗୀଙ୍କ ଉପରେ ଯଥେଷ୍ଟ ଦାଉ ସାଧୁଛନ୍ତି। ଏହାର ଉଦାହରଣ ହେଉଛି ଓପିଏସ୍‌ରୁ ଏନ୍‌ପିଏସ୍ (୨୦୦୪) ଏବଂ ପରେ ୟୁପିଏସ୍ (୨୦୨୫)। ଆନୁଷ୍ଠାନିକ ଭାବେ ୟୁପିଏସ୍ ଲାଗୁ ହେବା ପୂର୍ବରୁ ଏବଂ ଏନ୍‌ପିଏସ୍ ଉପଭୋକ୍ତାଗଣ ଏନ୍‌ପିଏସ୍‌ରେ ରହିବେ କି ୟୁପିଏସ୍‌କୁ ଯିବା ପାଇଁ ମତବ୍ୟକ୍ତ କରିବାକୁ ଦ୍ୱନ୍ଦ୍ୱରେ ଥିବାବେଳେ, ବେତନ ଆୟୋଗଙ୍କ ସୁପାରିସ ଓ କର୍ମଚାରୀଙ୍କ ଅବସର ତାରିଖକୁ ନେଇ ପେନ୍‌ସନଭୋଗୀଙ୍କ ମଧ୍ୟରେ ପ୍ରଭେଦ ସୃଷ୍ଟିର ଉଦ୍ୟମ କର୍ମଚାରୀଙ୍କ ଆଶଙ୍କାକୁ ଦୃଢ଼ୀଭୂତ କରୁଛି।

ସରକାରଙ୍କ ସ୍ପଷ୍ଟୀକରଣ ଓ ବିଜ୍ଞପ୍ତିକୁ ଅପେକ୍ଷା କରିବା ବ୍ୟତୀତ କର୍ମଚାରୀ ଓ ପେନ୍‌ସନଭୋଗୀଙ୍କର ଅନ୍ୟ କୌଣସି ଉପାୟ ନାହିଁ କିମ୍ବା ସେମାନଙ୍କ ସହ ପୂର୍ବରୁ ବାରମ୍ବାର ଯେଭଳି ଘଟଣାମାନ ଘଟିଛି, ସରକାର ଯେ ନିଜର ପ୍ରତିଶ୍ରୁତି ଠିକ ଠାକ ପାଳନ କରିବେ ସେ ବିଶ୍ୱାସ ବି ନାହିଁ। ଲିଖିତ ପ୍ରତିଶ୍ରୁତି ବି ଅଚାନକ ବଦଳିଯାଉଛି। ସେହିଭଳି କେନ୍ଦ୍ର ସରକାରୀ କର୍ମଚାରୀଙ୍କ ପାଇଁ ସପ୍ତମ ବେତନ ଆୟୋଗ ସୁପାରିସ କରିଥିବା ସର୍ବନିମ୍ନ ବେତନକୁ ୧୮୦୦୦ରୁ ୨୬୦୦୦କୁ ବୃଦ୍ଧି ଏବଂ ବେତନ ନିର୍ଦ୍ଧାରଣ ସୂତ୍ରର ସଂଶୋଧନ ପାଇଁ ୧୧ ଜୁଲାଇ ୨୦୧୬ରୁ ଅନିର୍ଦ୍ଦିଷ୍ଟ କାଳ ଧର୍ମଘଟ ହେବ ବୋଲି କର୍ମଚାରୀମାନେ ଯେତେବେଳେ କେନ୍ଦ୍ର ସରକାରଙ୍କୁ ନୋଟିସ ଦେଲେ, କେନ୍ଦ୍ର ଅର୍ଥ ମନ୍ତ୍ରଣାଳୟ ୬ ଜୁଲାଇ ୨୦୧୬ରେ ପ୍ରେସ୍ ଇସ୍ତାହାର ଜାରି କରି ଏକ ଉଚ୍ଚସ୍ତରୀୟ କମିଟି ଜରିଆରେ ପୁଙ୍ଖାନୁପୁଙ୍ଖ ଅନୁଶୀଳନ ସହ ଚାରି ମାସ ଭିତରେ ନିଷ୍ପତ୍ତି ନେବା ପାଇଁ ଘୋଷଣା କଲେ। ସେ ସମୟର ଅର୍ଥମନ୍ତ୍ରୀ ୧୯ ଜୁଲାଇ ୨୦୧୬ରେ ରାଜ୍ୟ ସଭାର ପ୍ରଶ୍ନୋତ୍ତର କାଳରେ ଉତ୍ତର ରଖିଲେ ଯେ ସେଭଳି କୌଣସି ପ୍ରସ୍ତାବ କେନ୍ଦ୍ର ସରକାରଙ୍କ ବିଚାରାଧୀନ ନାହିଁ। ଇତିମଧ୍ୟରେ, ୪ ମାସ ଯାଇ କାଲି ଭଳି ନଅ ବର୍ଷ ପୂରିଯିବ ଏବଂ ଅଷ୍ଟମ ବେତନ ଆୟୋଗର ଗଠନ ପାଇଁ ଘୋଷଣା ସରିଗଲା ପଛେ, ଉଚ୍ଚସ୍ତରୀୟ କମିଟି ଗଠନ ତ ଦୂରର କଥା, ଏଯାଏ ସରକାର କର୍ମଚାରୀଙ୍କର କୌଣସି କଥା ଶୁଣିବା ଅବସ୍ଥାରେ ନାହାନ୍ତି।

ଗୋଟିଏ ଗଣତାନ୍ତ୍ରିକ ଦେଶରେ ଏକ ନିର୍ବାଚିତ ସରକାର ନିଜେ ନିଜର ଲିଖିତ ପ୍ରତିଶ୍ରୁତିକୁ ଅବମାନନା କରିବା ଗଣତନ୍ତ୍ର ପ୍ରତି ଏକ କଠୋର ଉପହାସ କହିଲେ ଅତ୍ୟୁକ୍ତି ହେବନାହିଁ। ତେଣୁ ବିତ୍ତ ବିଧେୟକ ୨୦୨୫କୁ ନେଇ ଏବେ ସରକାର ଯେଉଁ ସ୍ପଷ୍ଟୀକରଣ ଦେଇ ବିଜ୍ଞପ୍ତି ଜାରିକରିବା କଥା କହୁଛନ୍ତି, ସେସବୁ କର୍ମଚାରୀ ଓ ପେନ୍‌ସନଭୋଗୀଙ୍କ ସ୍ୱାର୍ଥକୁ କେତେ ସୁରକ୍ଷିତ ରଖିବ, ସମୟ କହିବ।

**ମୋ: ୯୪୩୭୦୨୨୬୬୯**

## ପାଠକ ଶ୍ରେଷ୍ଠ ବିଚାରକ

### ବିଭାଜନ ନୀତି ଗ୍ରହଣୀୟ ନୁହେଁ

ମହାଶୟ,

ଏକତା ହିଁ ବଳ। ଏକଥା ସର୍ବଜନବିଦିତ। ଆମେ ସମସ୍ତେ ଭାରତର ସନ୍ତାନ। ଏହାର ଗୌରବ ଓ ଅଖଣ୍ଡତାକୁ ବଜାୟ ରଖିବା ଆମର ପ୍ରଧାନ କର୍ତ୍ତବ୍ୟ। ହେଲେ ଅନେକ ଭାରତ ବିପକ୍ଷବାଦୀ ଓ ବାହାର ରାଷ୍ଟ୍ରର କେତେକ ନେତା ଈର୍ଷାନ୍ୱିତ ହୋଇ ଏହାକୁ ବିଭାଜିତ କରିବା ପାଇଁ ନାନାଦି ଦୂରଭିସନ୍ଧିମୂଳକ ଅନ୍ତର୍ଘାତୀ କାର୍ଯ୍ୟମାନ ଚଳାଇଥାନ୍ତି। ସେହିଭଳି ଭାରତଠାରୁ ଅଲଗା ହେବା ପରେ ପାକିସ୍ତାନରେ କେତେକ ଅସନ୍ତୁଷ୍ଟ ଗୋଷ୍ଠୀ ବେଲୁଚିସ୍ଥାନ ସୃଷ୍ଟି ପାଇଁ ପ୍ରଚେଷ୍ଟା ଚଳାଇଛନ୍ତି, ଯାହାଫଳରେ ସେଠାରେ ଖରାପ ପରିସ୍ଥିତି ସୃଷ୍ଟି ହୋଇଛି। ସେହିଭଳି ଆମ ଓଡ଼ିଶାକୁ ଉତ୍କଳ, କଳିଙ୍ଗ ଓ କୋଶଳ ରାଜ୍ୟ କରି ବିଭାଜିତ କରିବା ଆଦୌ ଶୋଭନୀୟ ନୁହେଁ। ଓଡ଼ିଶା ଆମର ଛୋଟ ରାଜ୍ୟ ହେଲେ ତା'ର ମହିମା ଓ ଗରିମାର ପଟ୍ଟାନ୍ତର ନାହିଁ। ଅବଶ୍ୟ ବର୍ତ୍ତମାନ ଅନେକ ବିକାଶମୂଳକ କାର୍ଯ୍ୟ ଗ୍ରହଣ କରାଯାଉଛି। ତଥାପି ଅନେକ ଜିଲାରେ ବିକାଶ ଅପହଞ୍ଚ ଅଛି। ଏହି ପରିପ୍ରେକ୍ଷୀରେ ରାଜନେତା ଓ ବିଜ୍ଞ ବୁଦ୍ଧିଜୀବୀମାନେ ରାଜ୍ୟ ତଥା କେନ୍ଦ୍ର ସରକାରଠାରେ ଚାପ ପକାଇ କାର୍ଯ୍ୟ ହାସଲ କରିବା ଉପଯୁକ୍ତ ମନେହୁଏ। ନଚେତ୍ ପରକୁ ମାନ କରି ଖପରାରେ ଖାଇବା ନ୍ୟାୟ ଭଳି ପ୍ରତ୍ୟୟମାନ ହେବ।

**-ମହେଶ୍ୱର ନାୟକ, ଦୋବନ୍ଧା, ଗୋଳୁଆ, କେନ୍ଦ୍ରାପଡ଼ା**

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ଚିରନ୍ତନୀ

ଏ ବନ ଛାୟେ ଯା'ନ୍ତି ଚଳି
ଦିଓଟି ପ୍ରିୟ ସଖୀ
ସହଜ ଗତି ଗ୍ରାମର ବାଳା
ଏ ପଥେ ପାଦ ରଖି।

-(କୁହୁ ପ୍ରାସ)
-କାଳିନ୍ଦୀ ଚରଣ ପାଣିଗ୍ରାହୀ

DSPL-10

ODISHA
NEW OPPORTUNITIES



**ଶ୍ରୀ ନରେନ୍ଦ୍ର ମୋଦୀ**
ପ୍ରଧାନମନ୍ତ୍ରୀ



**ଶ୍ରୀ ମୋହନ ଚରଣ ମାଝୀ**
ମୁଖ୍ୟମନ୍ତ୍ରୀ, ଓଡ଼ିଶା

# ଖୋର୍ଦ୍ଧା ଜିଲ୍ଲାରେ ଶିଳ୍ପ ପ୍ରକଳ୍ପଗୁଡ଼ିକର

# ଉଦ୍‌ଘାଟନ ଓ ଭିତ୍ତିପ୍ରସ୍ତର ସ୍ଥାପନ

## ମୁଖ୍ୟ ଅତିଥି

**ଶ୍ରୀ ମୋହନ ଚରଣ ମାଝୀ**
ମୁଖ୍ୟମନ୍ତ୍ରୀ, ଓଡ଼ିଶା

## ଗରିମାମୟ ଉପସ୍ଥିତି

**ଶ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ**
ମନ୍ତ୍ରୀ, ଶିଳ୍ପ, ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା

**ଶ୍ରୀମତୀ ଅପରାଜିତା ଷଡ଼ଙ୍ଗୀ**
ସାଂସଦ, ଭୁବନେଶ୍ୱର

**ଶ୍ରୀ ପ୍ରଶାନ୍ତ ଜଗଦେବ**
ବିଧାୟକ, ଖୋର୍ଦ୍ଧା

**ଶ୍ରୀ ବିଭୁତି ଭୂଷଣ ବଳବନ୍ତରାୟ**
ବିଧାୟକ, ଜଟଣୀ

## ଉଦ୍‌ଘାଟନ ଓ ଭିତ୍ତିପ୍ରସ୍ତର ସ୍ଥାପନ

- ବରୁଣ ବେଭରେଜେସ ଲିମିଟେଡ୍
  ମଲିପଡା, ଖୋର୍ଦ୍ଧା
- ଟ୍ରାଇମେଟ୍ରୋ ଗାରମେଣ୍ଟ୍ସ ଇଣ୍ଡିଆ ପ୍ରାଇଭେଟ୍ ଲିମିଟେଡ୍ (ଏପିକ ଗ୍ରୁପ କମ୍ପନୀ)
  କାଳିବେତୀ, ଖୋର୍ଦ୍ଧା
- ନେସ୍‌ଲେ ଇଣ୍ଡିଆ ଲିମିଟେଡ୍
  ମୁଣ୍ଡାଆମ୍ବ, ଖୋର୍ଦ୍ଧା
- ଦୀନଦୟାଲ କର୍ମଚାରୀ ଆବାସ ଯୋଜନା ଅନ୍ତର୍ଗତ ଶ୍ରମିକ ଆବାସ ଗୃହ
  କାଳିବେତୀ, ଖୋର୍ଦ୍ଧା
- ମିନୁ କ୍ରିଏସନ୍ ଏଲ୍ ଏଲ୍ ପି
  ନିୟୁ ଟେକ୍ସଟାଇଲ୍ ପାର୍କ, ଅରାଙ୍ଗ, ଖୋର୍ଦ୍ଧା
- ଗୋଲ୍ଡେନ୍ ସିମସ୍ ଇଣ୍ଡଷ୍ଟ୍ରିଜ୍ ପ୍ରାଇଭେଟ୍ ଲିମିଟେଡ୍
  ନିୟୁ ଟେକ୍ସଟାଇଲ୍ ପାର୍କ, ଅରାଙ୍ଗ, ଖୋର୍ଦ୍ଧା
- ସୋନୁ ଏକ୍ସିମ୍ ପ୍ରାଇଭେଟ୍ ଲିମିଟେଡ୍
  ନିୟୁ ଟେକ୍ସଟାଇଲ୍ ପାର୍କ, ଅରାଙ୍ଗ, ଖୋର୍ଦ୍ଧା
- ପୂଜା ଇଣ୍ଟରନ୍ୟାସନାଲ
  ନିୟୁ ଟେକ୍ସଟାଇଲ୍ ପାର୍କ, ଅରାଙ୍ଗ, ଖୋର୍ଦ୍ଧା
- ବି ଏଲ୍ ଇଣ୍ଟରନ୍ୟାସନାଲ ପ୍ରାଇଭେଟ୍ ଲିମିଟେଡ୍
  ନିୟୁ ଟେକ୍ସଟାଇଲ୍ ପାର୍କ, ଅରାଙ୍ଗ, ଖୋର୍ଦ୍ଧା
- ରେନ୍‌ବୋ ଫାବାର୍ଟ ପ୍ରାଇଭେଟ୍ ଲିମିଟେଡ୍
  ନିୟୁ ଟେକ୍ସଟାଇଲ୍ ପାର୍କ, ଅରାଙ୍ଗ, ଖୋର୍ଦ୍ଧା
- ଜୁପିଟର୍ ଟାଟ୍ରାଭଗୋଙ୍କା ରେଲହୁଇଲ୍ ଫ୍ୟାକ୍ଟ୍ରୀ ପ୍ରାଇଭେଟ୍ ଲିମିଟେଡ୍
  ହଳଦୀପଦା, ଖୋର୍ଦ୍ଧା
- ଶାଲିମାର ଗ୍ଲାସ୍ ୱାର୍କ୍ସ ପ୍ରାଇଭେଟ ଲିମିଟେଡ୍
  ହଳଦୀପଦା, ଖୋର୍ଦ୍ଧା
- ପଲିମିରୋର ଇଣ୍ଡିଆ ପ୍ରାଇଭେଟ୍ ଲିମିଟେଡ୍
  ଗୌଡ଼ପୁଟ, ଖୋର୍ଦ୍ଧା
- ଆଇ ଏଫ୍ ଜି ଏଲ୍ ରିଫ୍ରାକ୍ଟୋରିଜ୍ ଲିମିଟେଡ୍
  ଗୌଡ଼ପୁଟ, ଖୋର୍ଦ୍ଧା
- ଭୁବନେଶ୍ୱରୀ ଫୁଡ୍ସ ଆଣ୍ଡ ବେଭରେଜେସ୍ ପ୍ରାଇଭେଟ୍ ଲିମିଟେଡ୍
  ଖଜୁରିଆ, ଖୋର୍ଦ୍ଧା

**୩ ଅପ୍ରେଲ ୨୦୨୫ (ଗୁରୁବାର) । ଦିବା ୧୦ ଘଟିକା । ଖୋର୍ଦ୍ଧା, ଓଡ଼ିଶା**

ଶିଳ୍ପ ବିଭାଗ, ଓଡ଼ିଶା ସରକାର

OIPR-14005/13/0050/2425

**ବଳାତ୍କାର ଅଭିଯୋଗରେ ଜଣେ କୋର୍ଟ ଚାଲାଣ**

**ଜୁନାଗଡ଼ (ଅଂଶୁମାନ ଯୋଶୀ):** କଳାହାଣ୍ଡି ଜିଲା ଜୁନାଗଡ଼ ଥାନା ଅଞ୍ଚଳର ଜଣେ ଯୁବତୀଙ୍କୁ ବଳାତ୍କାର ଅଭିଯୋଗରେ ପୋଲିସ ସମ୍ପୃକ୍ତ ଅଭିଯୁକ୍ତଙ୍କୁ ଗିରଫ କରି ବୁଧବାର କୋର୍ଟ ଚାଲାଣ କରିଛି। ସେ ହେଲେ ତୁଳସୀ ରାମ ବିଶ୍ୱାଳ (୫୫)। ଯୁବତୀ ଜଣକ ଗ୍ରାମରେ ହେଉଥିବା ନାଟକ ଦେଖିବାକୁ ଯାଉଥିବାବେଳେ ତୁଳସୀ ତାଙ୍କୁ ଜବରଦସ୍ତ ନିଛାଟିଆ ସ୍ଥାନକୁ ନେଇ ବଳାତ୍କାର କରିଥିବା ଅଭିଯୋଗ ହୋଇଛି। ଏ ନେଇ ପୀଡିତା ପରିବାର ପକ୍ଷରୁ ଥାନାରେ ଲିଖିତ ଅଭିଯୋଗ ପରେ ପୋଲିସ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଥିଲା।

## ସଂକ୍ଷେପରେ

### ଯୁବକଙ୍କ ଝୁଲନ୍ତା ମୃତଦେହ ଜବତ

**ନୂଆପଡ଼ା,୨।୪ (ମକାରୁ ବେମାଲ):** ନୂଆପଡ଼ା ଏନ୍‌ଏସି ୱାର୍ଡ ନଂ.୧୦ ଇନ୍ଦରା କଲୋନିରେ ବୁଧବାର ଜଣେ ଯୁବକଙ୍କ ଝୁଲନ୍ତା ମୃତଦେହ ଜବତ ହୋଇଛି। ମୃତକ ହେଲେ ସୋମଚନ୍ଦ ଗୁପ୍ତା (୩୨)। ମଙ୍ଗଳବାର ରାତିରେ ପରିବାର ସଦସ୍ୟ ଖାଇସାରି ଶୋଇଥିଲେ। ହେଲେ ସକାଳେ ଉଠିଲା ବେଳକୁ ସୋମଚନ୍ଦ ନିଜ ବେକରେ ଏକ ପତଳା କମ୍ବଳ ବାନ୍ଧି ଘର ଛାତ ଲୁହା ଏଙ୍ଗଲରେ ଝୁଲୁଥିବା ପରିବାର ଲୋକେ ଦେଖିଥିଲେ। ସଦର ଥାନା ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଏହା ହତ୍ୟା କି ଆତ୍ମହତ୍ୟା ବ୍ୟବଚ୍ଛେଦ ରିପୋର୍ଟ ଆସିଲା ପରେ ଜଣାପଡିବ ବୋଲି ତଦନ୍ତକାରୀ ପୋଲିସ ଅଧିକାରୀ ସୂଚନା ଦେଇଛନ୍ତି।

### ୭ରୁ ଜିଲାସ୍ତରୀୟ ମୁଖ୍ୟମନ୍ତ୍ରୀ କପ୍ ଫୁଟ୍‌ବଲ ଟୁର୍ନାମେଣ୍ଟ

**ଭବାନୀପାଟଣା,୨।୪(ଉତ୍ତମ କୁମାର ଦାଶ):** କଳାହାଣ୍ଡି ଜିଲା ଭବାନୀପାଟଣାସ୍ଥିତ ସ୍ପୋର୍ଟସ ହଷ୍ଟେଲ ଖେଳପଡ଼ିଆରେ ଆସନ୍ତା ଏପ୍ରିଲ ୭ରୁ ଜିଲାସ୍ତରୀୟ (୧୫ ବର୍ଷରୁ କମ୍) ମୁଖ୍ୟମନ୍ତ୍ରୀ କପ୍ ଫୁଟ୍‌ବଲ ଟୁର୍ନାମେଣ୍ଟ ଅନୁଷ୍ଠିତ ହେବ। ଓଡ଼ିଶା କ୍ରୀଡ଼ା ବିଭାଗ ଫୁଟ୍‌ବଲ ଆସୋସିଏଶନ, କଳାହାଣ୍ଡି ଜିଲା ପ୍ରଶାସନ ଓ ଜିଲା କ୍ରୀଡ଼ା ସଂଘର ମିଳିତ ଆନୁକୂଲ୍ୟରେ ଏହା ଅନୁଷ୍ଠିତ ହେବ। ଟୁର୍ନାମେଣ୍ଟରେ ଜିଲାର ୮ ବ୍ଲକର ଟିମ୍ ଅଂଶ ଗ୍ରହଣ କରିବେ। ସମସ୍ତ ଖେଳ ଲିଗ ଆଧାରରେ ହେବାକୁ ଥିବାବେଳେ ଦିନକୁ ୨ଟି ମ୍ୟାଚ୍ ଅନୁଷ୍ଠିତ ହେବ। ଏପ୍ରିଲ ୧୫ରେ ଏହାର ଉଦ୍‌ଯାପନୀ ସମାରୋହ ଅନୁଷ୍ଠିତ ହେବ। ଏ ନେଇ ଜିଲା କ୍ରୀଡ଼ା ସଂସ୍ଥା ପକ୍ଷରୁ ଏକ ପ୍ରେସ୍ ବିଜ୍ଞପ୍ତି ମାଧ୍ୟମରେ ସୂଚନା ପ୍ରଦାନ କରାଯାଇଛି।

### ଓମ୍ ସାଇ ପବ୍ଲିକ୍ ସ୍କୁଲର ବାର୍ଷିକ ଉତ୍ସବ

**ଖଡ଼ିଆଳ,୨।୪ (ସୁଜିତ କୁମାର ପ୍ରଧାନ):** ନୂଆପଡ଼ା ଜିଲା ଖଡ଼ିଆଳସ୍ଥିତ ଓମ୍ ସାଇ ପବ୍ଲିକ ସ୍କୁଲର ୧୦ତମ ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି। ସ୍କୁଲର ଡାଇରେକ୍ଟର ଅନିଲ କୁମାର ମେହେରଙ୍କ ଅଧ୍ୟକ୍ଷତାରେ ମୁଖ୍ୟଅତିଥି ଭାବେ ଖଡ଼ିଆଳ ବିଧାୟକ ଅଧିରାଜ ମୋହନ ପାଣିଗ୍ରାହୀ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ଶିକ୍ଷାବିତ୍ ବଳଭଦ୍ର ମହାଉତି ମୁଖ୍ୟବକ୍ତା ଓ ଖଡ଼ିଆଳ ନଗରପାଳ ଉଜ୍ଜ୍ୱଳ ଗୁପ୍ତା, ଅବସରପ୍ରାପ୍ତ ବିଇଓ ମୋତିଲାଲ ବେହେରା, ଖବରଦାତା କୁନୁ କରୁଆଁ, ଖଡ଼ିଆଳ ଥାନା ଅଧିକାରୀ ଦିଲୀପ କୁମାର ସାହୁ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ସ୍କୁଲ ଅଧ୍ୟକ୍ଷ ସବଲୋନ ସେନାପତି ବାର୍ଷିକ ବିବରଣୀ ପଠନ କରିଥିଲେ। ଏହି ଅବସରରେ ବିଭିନ୍ନ କ୍ଷେତ୍ରରେ ପାରଦର୍ଶିତା ଲାଭ କରିଥିବା ଛାତ୍ରୀଛାତ୍ରଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ। ପରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଶିକ୍ଷକ କ୍ଷୀରୋଦ ବିଶି ମଞ୍ଚ ପରିଚାଳନା କରିଥିବା ବେଳେ ଶିକ୍ଷୟିତ୍ରୀ ରିତା ଟେଣ୍ଡକାରି ଧନ୍ୟବାଦ ଅର୍ପଣ କରିଥିଲେ।

### ଜିଲା ସିଭିଲ ବାର୍ ସଂଘର ସମସ୍ତେ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ

**ନୂଆପଡ଼ା,୨।୪ (ମକାରୁ ବେମାଲ):** ନୂଆପଡ଼ା ସିଭିଲ ବାର୍ ଆସୋସିଏଶନର ନିର୍ବାଚନ ବୁଧବାର ଅନୁଷ୍ଠିତ ହୋଇଯାଇଛି। ବାର୍‌ର ଡିଲେଶ କୁମାର ଦାସ ଯାଦବଙ୍କୁ ନିର୍ବାଚନ ଅଧିକାରୀ ଭାବରେ ନିଯୁକ୍ତି ଦିଆଯାଇଥିଲା। ଜଣେ ଲେଖାଏ ପ୍ରାର୍ଥୀ ନାମାଙ୍କନପତ୍ର ଦାଖଲ କରିଥିବାରୁ ନିର୍ବାଚନ ନ ହୋଇ ସମସ୍ତେ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଛନ୍ତି ବୋଲି ସିଭିଲ ବାର୍ ସମ୍ମିଳନୀ କକ୍ଷରେ ଆୟୋଜିତ ଖବରଦାତା ସମ୍ମିଳନୀରେ ପୂର୍ବତନ ଜିଲା ବାର୍ ଆସୋସିଏଶନ ସଭାପତି ସୁଶାନ୍ତ କୁମାର ପତି ସୂଚନା ଦେଇଛନ୍ତି। ଆସୋସିଏଶନ ସଭାପତି ଭାବରେ ବିଶ୍ୱମଣି ପାଣିଗ୍ରାହୀ, ସମ୍ପାଦକ ଦେବଦତ୍ତ ଦୀକ୍ଷିତ, ଉପସଭାପତି ପ୍ରବୀଣ ରଞ୍ଜନ ପଟ୍ଟନାୟକ, ସହ ସମ୍ପାଦକ ଭୁବନେଶ୍ୱର କଳସାଏ, କୋଷାଧ୍ୟକ୍ଷ ମୁକେଶ କୁମାର ବାରିକ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଛନ୍ତି। ପୂର୍ବତନ ଜିଲା ବାର୍ ଆସୋସିଏଶନ ସଭାପତି ଘାସିରାମ ମାଝି, ସୁଶାନ୍ତ କୁମାର ପତି, ସଞ୍ଜୟ କୁମାର ପାଣିଗ୍ରାହୀ, ଶ୍ରୀବାସ୍ତବ ମଲ୍ଲିକ, ଡମ୍ବରୁଧର ସାହୁ, ସଞ୍ଜୟକାନ୍ତି ବୋଷ, ପୁନମ ସାହୁ କାର୍ଯ୍ୟନିର୍ବାହୀ ସଭ୍ୟ ଭାବରେ ମନୋନୀତ ହୋଇଥିବା ଖବରଦାତା ସମ୍ମିଳନୀରେ ସୂଚନା ଦିଆଯାଇଛି।

# ବିଦ୍ୟୁତ୍ ଅଫିସ ଆଗରେ ସିପିଆଇର ପ୍ରତିବାଦ

- ସ୍ମାର୍ଟ ଓ ପ୍ରିପେଡ୍ ମିଟରକୁ ବିରୋଧ
- ମୁଖ୍ୟ ଅଧୀକ୍ଷଣ ଯନ୍ତ୍ରୀଙ୍କୁ ଦାବିପତ୍ର ପ୍ରଦାନ

**ଭବାନୀପାଟଣା,୨।୪(ଉତ୍ତମ କୁମାର ଦାଶ)**


ମୁଖ୍ୟ ଅଧୀକ୍ଷଣ ଯନ୍ତ୍ରୀଙ୍କୁ ଦାବିପତ୍ର ପ୍ରଦାନ କରାଯାଉଛି।

ଟାଟା ପାୱାର ପକ୍ଷରୁ ପ୍ରଚଳିତ ସ୍ମାର୍ଟ ଓ ପ୍ରିପେଡ ମିଟରକୁ ବିରୋଧ କରି ବୁଧବାର ଭବାନୀପାଟଣା ବାହାଦୁର ବଗିଚା ପଡାସ୍ଥିତ ବିଭାଗୀୟ ମୁଖ୍ୟ ଅଧୀକ୍ଷଣ ଯନ୍ତ୍ରୀ ତଥା (ଇଲେକ୍ଟ୍ରିକାଲ) ଅଫିସ ସମ୍ମୁଖରେ ସିପିଆଇ ପକ୍ଷରୁ ପ୍ରତିବାଦ କରାଯାଇଛି। ପ୍ରାରମ୍ଭରେ ଏହାକୁ ନେଇ ଦୟାନିଧି ଛକଠାରୁ ମୁଖ୍ୟ ଅଧୀକ୍ଷଣ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ ପର୍ଯ୍ୟନ୍ତ ଏକ ଶୋଭାଯାତ୍ରା କରାଯାଇଥିଲା। ପରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ମୁଖ୍ୟ ଅଧୀକ୍ଷଣ ଯନ୍ତ୍ରୀ ଲୋକନାଥ ଦାଶଙ୍କୁ ୭ ଦଫା ସମ୍ବଳିତ ଦାବିପତ୍ର ପ୍ରଦାନ କରାଯାଇଥିଲା। ଏଥିରେ ବିଦ୍ୟୁତ୍ ଶୁଳ୍କ ବୃଦ୍ଧି ପ୍ରତ୍ୟାହାର, ଜନ ବିରୋଧୀ ପ୍ରିପେଡ ସ୍ମାର୍ଟ ମିଟର ସଂଯୋଗ ବନ୍ଦ କରିବା, ନିର୍ବାଚନ ପ୍ରତିଶ୍ରୁତି ଅନୁଯାୟୀ ପ୍ରତି ଉପଭୋକ୍ତାଙ୍କୁ ମାସରେ ୩୦୦ ୟୁନିଟ ବିଦ୍ୟୁତ୍ ମାଗଣା ଦେବା, ଓଡିଆରେ ବିଲ ପ୍ରଦାନ, କୃଷି ଓ ଆନୁଷଙ୍ଗିକ କ୍ଷେତ୍ରକୁ ମାଗଣା ବିଦ୍ୟୁତ୍ ଯୋଗାଇଦେବା, ଓଇଆର୍‌ସି ଓ ଟାଟା କମ୍ପାନୀର ଶୋଷଣ ବନ୍ଦ କରିବା, ଜାକମ ଗାଁକୁ ବିଦ୍ୟୁତ୍ ସଂଯୋଗ ଆଦି ଦାବି ଉଲ୍ଲେଖ କରାଯାଇଛି। ଏହି ସମୟରେ ସିପିଆଇ ଜିଲା ସହ ସମ୍ପାଦକ ଜଗଦୀଶ ଦୁର୍ଗା, ସଞ୍ଜୟ ସୁନାନୀ, ପୂର୍ବତନ ଜିଲା ସହ ସମ୍ପାଦକ ପୂର୍ଣ୍ଣଚନ୍ଦ୍ର ପ୍ରଧାନ, ଜିଲା ପରିଷଦ ସଭ୍ୟ ହିମାଂଶୁ ଶେଖର ନାଏକ, ମାଧବ ସାହୁ, ରାଜ୍ୟ ସମ୍ପାଦକ ମଣ୍ଡଳୀ ସଦସ୍ୟ ଦାମୋଦର ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

# ହୀରାଖଣ୍ଡ ଏକ୍ସପ୍ରେସ୍‌ରେ କାର୍ଯ୍ୟରତ କର୍ମଚାରୀଙ୍କୁ ହତ୍ୟା ଅଭିଯୋଗ

**ଜୁନାଗଡ଼,୨।୪(ସୁନୀଲ କୁମାର ସିଂହ)**

କଳାହାଣ୍ଡି ଜିଲା ଜୁନାଗଡ଼ରୁ ଭୁବନେଶ୍ୱର ଯାଉଥିବା ହୀରାଖଣ୍ଡ ଏକ୍ସପ୍ରେସ ଟ୍ରେନରେ କାର୍ଯ୍ୟରତ ବେଡ଼ରୋଲରଙ୍କ ସନ୍ଦେହଜନକ ମୃତ୍ୟୁ ଘଟିଛି। ଏହା ଏକ ସୁପରିକଳ୍ପିତ ହତ୍ୟାକାଣ୍ଡ ବୋଲି ମୃତକଙ୍କ ବାପା ଜୁନାଗଡ଼ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ପ୍ରାପ୍ତ ସୂଚନାରୁ ପ୍ରକାଶ ଯେ, ଜୁନାଗଡ଼ ଥାନା ବ୍ରାହ୍ମଣୀଗୁଡା ଗ୍ରାମର ପତିତପାବନ ଦୁର୍ଗାଙ୍କ ପୁଅ ଲକ୍ଷ୍ମୀକାନ୍ତ ହୀରାଖଣ୍ଡ ଏକ୍ସପ୍ରେସ ଟ୍ରେନ ରେ ବେଡ଼ରୋଲର ଭାବେ କାର୍ଯ୍ୟ କରୁଥିଲେ। ଗତ ମାର୍ଚ୍ଚ ୨୯ରେ ଭୁବନେଶ୍ୱର ଜୁନାଗଡ଼ ହୀରାଖଣ୍ଡ ଏକ୍ସପ୍ରେସ ଟ୍ରେନର କୋଚ ନଂ.ବି-୩ରେ ସେ ଥିଲେ। ଟ୍ରେନ ଭୁବନେଶ୍ୱରରୁ ଫେରୁଥିବା ସମୟରେ ବ୍ରହ୍ମପୁର ନିକଟରେ ଲକ୍ଷ୍ମୀକାନ୍ତଙ୍କୁ କେହି ଦୁର୍ବୃତ୍ତ ମରଣାନ୍ତକ ଆକ୍ରମଣ କରି ଟ୍ରେନରୁ ଫୋପାଡି ଦେଇଥିଲେ। ପରିବାର ଲୋକେ ବ୍ରହ୍ମପୁର ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ଚିକିତ୍ସାଧୀନ ଅବସ୍ଥାରେ ମଙ୍ଗଳବାର ତାଙ୍କର ମୃତ୍ୟୁ ହୋଇଥିଲା। ବୁଧବାର ବହୁଜନ ସଂଗ୍ରାମ ସମିତି ସହଯୋଗରେ ଲକ୍ଷ୍ମୀକାନ୍ତଙ୍କ ବାପା ପତିତପାବନ ଜୁନାଗଡ଼ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଏହି ପ୍ରତିନିଧି ଦଳରେ ବହୁଜନ ସଂଗ୍ରାମ ସମିତି ସଭାପତି ରଞ୍ଜନ ଜାଲ, ସମ୍ପାଦକ ସୁଶାନ୍ତ ନାଏକ, ପୂର୍ଣ୍ଣେନ୍ଦୁ ମାଝୀ, ରତନ ଧଙ୍ଗଡାମାଝୀ, କାଉନସିଲର ହିମାଦ୍ରୀ ସିନ୍ଧୁର, ନରେନ୍ଦ୍ର କ୍ଷୀତି, ମିନୁ କନ୍ଦପାନ, ରାଜେଶ ଦୁର୍ଗା ପ୍ରମୁଖ ଉପସ୍ଥିତ ଥିଲେ।

# ଷ୍ଟାର ନାଇଟ୍ କାର୍ଯ୍ୟକ୍ରମରେ ନାଚିଲେ ଦର୍ଶକ



ମହୋତ୍ସବରେ ମଞ୍ଚାସୀନ ଅତିଥିମାନେ।

**ନୂଆପଡ଼ା,୨।୪ (ମକାରୁ ବେମାଲ)**

**ମାରାଗୁଡା ଲୋକ ମହୋତ୍ସବ**

ସ୍ଥାନୀୟ ମିନି ଷ୍ଟାଡିୟଠାରେ ଚାଲିଥିବା ମାରାଗୁଡା ଲୋକ ମହୋତ୍ସବର ବୁଧବାର ଦ୍ୱିତୀୟ ସନ୍ଧ୍ୟା କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲାପାଳ ଭୀମସେନ ଶବରଙ୍କ ଅଧ୍ୟକ୍ଷତା କରିଥିଲେ। ଖଡିଆଳ ବିଧାୟକ ଅଧିରାଜ ମୋହନ ପାଣିଗ୍ରାହୀ ମୁଖ୍ୟଅତିଥି, ଜିଲା ସଂସ୍କୃତି ପରିଷଦ ଅଧ୍ୟକ୍ଷ କଳାହାଣ୍ଡି ଜିଲାପାଳ ପାୱାର ସଚିନ ପ୍ରକାଶ, ବନଖଣ୍ଡ ଅଧିକାରୀ ଖଡିଆଳ ଏମ୍‌ଡି ଅଜିଜ ଖାନ, କୋମନା ପଞ୍ଚାୟତ ସମିତି ଅଧ୍ୟକ୍ଷା ଅନୁସୂୟା କୁମ୍ଭାର, ଜିଲା ପରିଷଦ ସଦସ୍ୟ ଚିତ୍ତରଞ୍ଜନ ବେହେରା, ଶିକ୍ଷାବିତ୍ କିଶୋର କୁମାର କର୍ଣ୍ଣ, ନିୟମିତ ରକ୍ତଦାତା ତଥା ଶିକ୍ଷକ କିଶୋର କୁମାର ପରିଡା ପ୍ରମୁଖ ସମ୍ମାନିତ ଅତିଥି ଭାବରେ ଯୋଗ ଦେଇଥିଲେ। ପ୍ରତିଷ୍ଠିତ କବି ନାରାୟଣ ପଣ୍ଡା ମୁଖ୍ୟବକ୍ତା ଭାବେ ଯୋଗଦେଇ ମାରାଗୁଡା ସଭ୍ୟତାର ସଂସ୍କୃତି, ଐତିହ୍ୟ ଉପରେ ଆଲୋକପାତ କରିଥିଲେ। ଏହି ଅବସରରେ ବିଭିନ୍ନ ପ୍ରତିଯୋଗିତାର କୃତୀ ଛାତ୍ରୀଛାତ୍ର ଓ ଅନ୍ୟାନ୍ୟ କ୍ଷେତ୍ରରେ କୃତିତ୍ୱ ଅର୍ଜନ କରିଥିବା ବ୍ୟକ୍ତିବିଶେଷଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। ପରେ ବୋଡେନ ବ୍ଲକ ଭେରୁଆମାଲର ମା' ପିପଲପଲେନ ଘୁମୁରା ନାଚ, ଅନୁସୂଚିତ ଜାତି ଓ ଜନଜାତି ଆଶ୍ରମ ବିଦ୍ୟାଳୟ ବୋଡେନର ଛାତ୍ରୀଛାତ୍ର, ଭବାନୀପାଟଣା ପ୍ରତିଭା ସାଂସ୍କୃତିକ ଅନୁଷ୍ଠାନ, ସୋନପୁର ଡୁଙ୍ଗରିପାଲିର ସ୍ୱପ୍ନାଞ୍ଜଳି ନୃତ୍ୟ ଏକାଡେମୀ, ବିନିକା ମା' ମାହେଶ୍ୱରୀ ସାଂସ୍କୃତିକ ସଂସଦ ପକ୍ଷରୁ ସମ୍ବଲପୁରୀ ନୃତ୍ୟ ପରିବେଷଣ କରାଯାଇଥିଲା। ଶେଷରେ ମଣ୍ଟୁ ଛୁରିଆଙ୍କ ଷ୍ଟାରନାଇଟ୍ କାର୍ଯ୍ୟକ୍ରମରେ ଦର୍ଶକ ନାଚିଉଠିଥିଲେ। ମଧୁମିତା ମହାନ୍ତି ଓ ସଞ୍ଜୀବ ପରିଡା ମଞ୍ଚ ପରିଚାଳନା କରିଥିଲେ ।

### ଜିଲାପାଳଙ୍କ ଭାରତୀୟ ପ୍ରଶାସନିକ ସେବାକୁ ପଦୋନ୍ନତି

**ନୂଆପଡ଼ା,୨।୪ (ମକାରୁ ବେମାଲ):** ନୂଆପଡ଼ା ଜିଲା ପ୍ରତିଷ୍ଠା ଦିବସରେ ଜିଲାପାଳ ମଧୁସୂଦନ ଦାଶଙ୍କ ଭାରତୀୟ ପ୍ରଶାସନିକ ସେବାକୁ ପଦୋନ୍ନତି ମିଳିଛି। ଏହା ନୂଆପଡା ଜିଲା ପାଇଁ ଏକ ଗର୍ବ ଓ ଗୌରବର ବିଷୟ ହୋଇଛି। ଜିଲାପାଳ ଦାଶ ତାଙ୍କର ୮ ମାସର ପ୍ରଚେଷ୍ଟା ବଳରେ ନୂଆପଡା ଜିଲା ବିକାଶ କ୍ଷେତ୍ରରେ ବିଭିନ୍ନ ମାନଦଣ୍ଡରେ ସମଗ୍ର ରାଜ୍ୟରେ ଆଗୁଆ ରହିଛି। ବିଶେଷକରି ଜିଲାରୁ ପ୍ରବାସୀ ଶ୍ରମିକ ନିରାକରଣ କରିବା ପାଇଁ ତାଙ୍କ ଆନ୍ତରିକ ପ୍ରଚେଷ୍ଟା ବିଶେଷ ସଫଳ ହୋଇଛି। ଝିଅ ପାଇଁ ଗଛଟିଏ, ଗର୍ଭସ୍ଥ ଶିଶୁ ପାଇଁ ଦିନଟିଏ, ଅନ୍ତ ବିଭାଗୀୟ ମାସିକ ସମନ୍ୱୟ ବୈଠକ ଭଳି ନୂତନ ପଦକ୍ଷେପ ଜିଲାରେ ବେଶ୍ ଆଦୃତ ହୋଇଛି। ଜିଲାପାଳଙ୍କ ଏହି ପଦୋନ୍ନତିରେ ଜିଲାର ବିଭିନ୍ନ ବିଭାଗୀୟ ଅଧିକାରୀ ତଥା କର୍ମଚାରୀ ତାଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।

# ସଭିଏଁ ସ୍କୁଲ ଯିବା ସଚେତନତା ରଥ ଶୁଭାରମ୍ଭ



ସଚେତନତା ରଥକୁ ଅତିଥିମାନେ ପତାକା ଦେଖାଇ ଉଦ୍‌ଘାଟନ କରୁଛନ୍ତି।

**କର୍ଲାମୁଣ୍ଡା,୨।୪ (ପ୍ରଦୀପ କୁମାର ସାହୁ)**

କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକ ଶିକ୍ଷା ବିଭାଗ କାର୍ଯ୍ୟାଳୟଠାରେ ବୁଧବାର ସଭିଏଁ ସ୍କୁଲ ଯିବା ଉଦ୍ଦେଶ୍ୟରେ ସଚେତନତା ରଥ ଶୁଭାରମ୍ଭ ହୋଇଛି। ଏହି ରଥ ବ୍ଲକ୍‌ର ସମସ୍ତ ଗାଁକୁ ଯାଇ ସଚେତନ କରିବ ବୋଲି ଏବିଇଓ ରାମ ଚନ୍ଦ୍ର ସା ସୂଚନା ଦେଇଛନ୍ତି। ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ସ୍ଥାନୀୟ ସରପଞ୍ଚ ସ୍ୱର୍ଣ୍ଣଲତା ସାହୁ, ଅତିରିକ୍ତ ବ୍ଲକ ଶିକ୍ଷା ଅଧିକାରୀ ରାମଚନ୍ଦ୍ର ସା ଓ ରୋହିତ କୁମାର ରଣା, ଆଦିବାସୀ ନେତା ନନ୍ଦି କିଶୋର ଭୋଇ, ନୋଡାଲ ସିଆର୍‌ସିସି ପ୍ରସନ୍ନ କୁମାର ସାହୁ, ତେରେସିଙ୍ଗା ସିଆର୍‌ସିସି ହେମନ୍ତ ନାଏକ, ରିଷିଡା ସିଆର୍‌ସିସି ବିଶିକେସନ ସୁନା, ୱାର୍ଡମେମ୍ବର ଚନ୍ଦ୍ର ଭାନୁ ସାହୁ, ସମାଜସେବୀ ଘିନୁ ସାହୁ, ଆକାଉଣ୍ଟାଣ୍ଟ ପ୍ରଫୁଲ୍ଲ କୁମାର ପାଠୀ, ମନୋଜ କୁମାର ସାହୁ ପ୍ରମୁଖ ଯୋଗଦେଇଥିଲେ।

# ଶିବିରରେ ୨୮ ଅଭିଯୋଗ ପଞ୍ଜୀକୃତ

**ନୂଆପଡ଼ା,୨।୪ (ମକାରୁ ବେମାଲ)**

ସ୍ଥାନୀୟ ସଦ୍‌ଭାବନା ସଭାଗୃହଠାରେ ବୁଧବାର ଜିଲାପାଳଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ମଧୁସୂଦନ ଦାସ ଓ ଜିଲା ଆରକ୍ଷୀ ଅଧୀକ୍ଷକ ଗୁନ୍ଦାଳା ରେଡ୍ଡୀ ରାଘବେନ୍ଦ୍ର ଉପସ୍ଥିତ ରହି ଲୋକଙ୍କ ଅଭିଯୋଗର ଶୁଣାଣି କରିଥିଲେ। ଶିବିରରେ ମୋଟ ୨୮ ଅଭିଯୋଗ ପଞ୍ଜୀକୃତ ହୋଇଥିଲା। ସେଥିରୁ ୨୧ଟି ବ୍ୟକ୍ତିଗତ ଓ ୭ଟି ଗୋଷ୍ଠୀଗତ ରହିଥିଲା। କିଛି ଅଭିଯୋଗର ଶୁଣାଣି ହୋଇଥିବାବେଳେ ବାକି ରହିଥିବା ଅଭିଯୋଗର ଶୀଘ୍ର ସମାଧାନ ପାଇଁ ବିଭାଗୀୟ ଅଧିକାରୀଙ୍କୁ ଜିଲାପାଳ ନିର୍ଦ୍ଦେଶ ଦେଇଥିଲେ। ୧୨ ଜଣଙ୍କୁ ଗୋଷ୍ଠୀ ଜଙ୍ଗଲ ସମ୍ବଳ ଅଧିକାରରେ କେନ୍ଦୁବାହାରା ଓ ସେଠ ଜାମପାଣି ଗ୍ରାମବାସୀଙ୍କୁ ଜଙ୍ଗଲ ଜମି ପଟ୍ଟା ପ୍ରଦାନ କରାଯାଇଥିଲା। ଶିବିରରେ ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ଜିଲାପାଳ ସୁବାସ ଚନ୍ଦ୍ର ରଏତ, ଜିଲା ମୁଖ୍ୟ ଉନ୍ନୟନ ଅଧିକାରୀ ଲମ୍ବୋଦର ଧରୁଆ, ଉପ ଜିଲାପାଳ ଯୋଗେନ୍ଦ୍ର ମାଝି, ସଦର ବ୍ଲକ ଅଧ୍ୟକ୍ଷା ତାରେଶ୍ୱରୀ ସାହୁ, ଜିଲା ପରିଷଦ ସଦସ୍ୟ ଭାନୁ ପ୍ରତାପ ସିଂ ମାଝି, ଭରତଲାଲ ରାଉତ, ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ଧରଣୀଧର ସେନାପତି ପ୍ରମୁଖ ଉପସ୍ଥିତ ଥିଲେ। ସଦର ବ୍ଲକ ବିଡିଓ ରୋହିତ ଭୋଇ, ତହସିଲଦାର ପ୍ରଣବ ରଞ୍ଜନ ସାହୁ,ଜିଲାପାଳ ପ୍ରତିନିଧି ଶେଖ ନସିମ ଶିବିର ପରିଚାଳନା କରିଥିଲେ ।

### ମାରୱାଡି ଯୁବା ମଞ୍ଚର ନୂତନ କର୍ମକର୍ତ୍ତା ଚୟନ

**ଭବାନୀପାଟଣା,୨।୪ (ଉତ୍ତମ କୁମାର ଦାଶ):** ୨୦୨୫-୨୬ବର୍ଷ ପାଇଁ ଭବାନୀପାଟଣା ମାରୱାଡି ଯୁବାମଞ୍ଚର କର୍ମକର୍ତ୍ତା ନିର୍ବାଚନ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସଭାପତି ଭାବରେ ଶୈଳେଶ କୁମାର, ଉପସଭାପତି ଅମନ ଅଗ୍ରୱାଲ, ସମ୍ପାଦକ ମୁକେଶ କୁମାର ଅଗ୍ରୱାଲ, ସହସମ୍ପାଦକ ଅମନ ଅଗ୍ରୱାଲ (ମୋନୁ) ଓ କୋଷାଧ୍ୟକ୍ଷ ଭାବେ ଶରତ କୁମାର ଅଗ୍ରୱାଲ ସର୍ବସମ୍ମତି କ୍ରମେ ନିର୍ବାଚିତ ହୋଇଛନ୍ତି। ଆଗାମୀ ଦିନରେ ଯୁବା ଭବନ ନିର୍ମାଣ, ଆମ୍ବୁଲାନ୍ସ ସେବା, ଶବ ସଂରକ୍ଷକ ଯନ୍ତ୍ର ଓ ଅନ୍ୟାନ୍ୟ ସେବାମୂଳକ କାର୍ଯ୍ୟ କମିଟିର ପ୍ରାଥମିକତା ରହିବ ବୋଲି ସଭାପତି ଶୈଳେଶ କୁମାର ପ୍ରକାଶ କରିଛନ୍ତି। ନୂତନ କର୍ମକର୍ତ୍ତାଙ୍କୁ ରାଜ୍ୟ ସଭା ସଦସ୍ୟ ସୁଜିତ କୁମାର, ଭାଜପା ଜିଲା ସଭାପତି ଯୁଗଳ କିଶୋର ପୋଦ୍ଦ ଓ ପୂର୍ବତନ ବିରୋଧୀ ଦଳ ନେତା ପ୍ରଦୀପ୍ତ କୁମାର ନାଏକ ଅଭିନନ୍ଦନ ଜଣାଇଛନ୍ତି।

# ମା' ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟର ପୋଥି ସଂଗ୍ରହ ଅଭିଯାନ

**ଭବାନୀପାଟଣା,୨।୪(ଉତ୍ତମ କୁମାର ଦାଶ)**

କଳାହାଣ୍ଡି ଜିଲା ଭବାନୀପାଟଣାସ୍ଥିତ ମା' ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟର ପୋଥି ସଂଗ୍ରହ ଅଭିଯାନ ନିରବଚ୍ଛିନ୍ନ ଭାବେ ଜାରି ରହିଛି। ପ୍ରାଚୀନ ପୋଥିର ଉଦ୍ଧାର ଓ ସଂରକ୍ଷଣ, ମୂଳପାଠ ନିର୍ଣ୍ଣୟ ସହିତ ଛାତ୍ରୀଛାତ୍ରଙ୍କୁ ପୋଥି ବିଷୟରେ ଅବଗତ କରିବା ହେଉଛି ଏହି ଅଭିଯାନର ଲକ୍ଷ୍ୟ। ଏହି ଅବସରରେ ଭବାନୀପାଟଣା ବ୍ଲକ ଇଚ୍ଛାପୁରର ଅବସରପ୍ରାପ୍ତ ପ୍ରାଧ୍ୟାପକ ଡ. ଦାଶରଥି ଆଚାର୍ଯ୍ୟ ମା' ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟକୁ ୧୮ ଗୋଟି ପୋଥି ପ୍ରଦାନ କରିଛନ୍ତି। ଏହାକୁ ବିଶ୍ୱବିଦ୍ୟାଳୟର ଭାରପ୍ରାପ୍ତ କୁଳପତି ଡ. ନିବେଦିତା ନାଥ ଗ୍ରହଣ କରିଥିଲେ। ପୂର୍ବରୁ ମଧ ଡ଼. ଆଚାର୍ଯ୍ୟ ବିଶ୍ୱବିଦ୍ୟାଳୟକୁ ୧୫ଟି ପୋଥି ଦେଇଥିଲେ। ଏହାକୁ ବିଶ୍ୱବିଦ୍ୟାଳୟର ପୋଥି ସଂଗ୍ରହାଳୟରେ ରଖାଯାଇଛି। ପ୍ରାଧ୍ୟାପକ ଡ. ଆଚାର୍ଯ୍ୟ ଏକାଧାରରେ ଜଣେ ପ୍ରାବନ୍ଧିକ, ସମାଲୋଚକ ଓ ଗବେଷକ। ପୋଥି ଉଦ୍ଧାର, ପ୍ରାଚୀନ ସାହିତ୍ୟର ଗବେଷଣା, ମଧ୍ୟଯୁଗୀୟ ଓଡ଼ିଆ ସାହିତ୍ୟର ଗବେଷଣା ଦିଗରେ ତାଙ୍କର ସୁଖ୍ୟାତି ରହିଛି।

# ବିଭିନ୍ନ ସ୍ଥାନରେ ପ୍ରବେଶ ଉତ୍ସବ, ଖଡ଼ିଛୁଆଁ

**ଭବାନୀପାଟଣା, ୨।୪ (ଉତ୍ତମ କୁମାର ଦାଶ)**


ଭବାନୀପାଟଣାଠାରେ ଅୟୋଜିତ କାର୍ଯ୍ୟକ୍ରମରେ ନୂତନ ଛାତ୍ରୀଛାତ୍ରଙ୍କ ସହ ଜିଲାପାଳ ଓ ଅନ୍ୟମାନେ।

ଜାତୀୟ ଶିକ୍ଷାନୀତି-୨୦୨୦ ଅନୁସାରେ ଶିଶୁ ବାଟିକା ଓ ପ୍ରାଥମିକ ଶିକ୍ଷାକୁ ସୁଦୃଢ଼ କରିବା ଉଦ୍ଦେଶ୍ୟରେ କଳାହାଣ୍ଡି ଜିଲାସ୍ତରୀୟ ପ୍ରବେଶ ଉତ୍ସବ ଓ ଖଡ଼ିଛୁଆଁ ବୁଧବାର ଅନୁଷ୍ଠିତ ହୋଇଯାଇଛି। ଭବାନୀପାଟଣା ସହର ବାପୁଜୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ ଜିଲା ଶିକ୍ଷା ଅଧିକାରୀ ରାଧାକାନ୍ତ ଛତ୍ରିଙ୍କ ସଭାପତିତ୍ୱରେ ଆୟୋଜିତ ସମାରୋହରେ କଳାହାଣ୍ଡି ଜିଲାପାଳ ପାୱାର ସଚିନ ପ୍ରକାଶ ମୁଖ୍ୟ ଅତିଥି ଓ ଭବାନୀପାଟଣା ଉପଜିଲାପାଳ ପ୍ରଭାତ କୁମାର ପରିଡ଼ା, ସ୍ଥାନୀୟ ପଞ୍ଚାୟତ ସମିତି ଉପାଧ୍ୟକ୍ଷା ପୁଷ୍ପାଞ୍ଜଳି ସାହୁ, ଅତିରିକ୍ତ ଜିଲା ଶିକ୍ଷା ଅଧିକାରୀ ଶୁଭଲକ୍ଷ୍ମୀ ନାୟକ, ଜିଲା ସଂସ୍କୃତି ଅଧିକାରୀ ବିବେକାନନ୍ଦ ମହାନନ୍ଦ ଓ ଜିଲା ସୂଚନା, ଲୋକ ସମ୍ପର୍କ ଅଧିକାରୀ ହଳଧର ନିଆଲ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଭବାନୀପାଟଣା ଗୋଷ୍ଠୀ ଶିକ୍ଷା ଅଧିକାରୀ ଆଚାରୀ ଶବର ସ୍ୱାଗତ ଭାଷଣ ଓ ସମଗ୍ର ଶିକ୍ଷା କଳାହାଣ୍ଡିର ଶୈକ୍ଷିକ ସଂଯୋଜିକା ଶ୍ରଦ୍ଧାଞ୍ଜଳି ଦାଶ ଧନ୍ୟବାଦ ଦେଇଥିଲେ। ସିଆର୍‌ସିସି ଡିଲେଶ୍ୱର ରଣା ମଞ୍ଚ ପରିଚାଳନା କରିଥିଲେ । ଏହି ଅବସରରେ ବାପୁଜୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଶିଶୁ ବାଟିକା ଓ ପ୍ରଥମ ଶ୍ରେଣୀରେ ୨୧ ଛାତ୍ରୀଛାତ୍ର ନାମ ଲେଖାଇଥିଲେ। ନୂତନ ଛାତ୍ରୀଛାତ୍ରଙ୍କୁ ଜିଲାପାଳ ସେମାନଙ୍କୁ ସରକାରଙ୍କ ପ୍ରଦତ୍ତ କିଟ୍ ବଣ୍ଟନ କରିଥିଲେ। ପରେ ଜିଲାପାଳଙ୍କ ଦ୍ୱାରା ସଚେତନତା ରଥର ଶୁଭାରମ୍ଭ କରାଯାଇଥିଲା।

**ଥୁଆମୂଳ ରାମପୁର,୨।୪ (ଦୁର୍ଗା କୀର୍ତ୍ତି):** କଳାହାଣ୍ଡି ଜିଲା ଥୁଆମୂଳ ରାମପୁର ବ୍ଲକ ସରକାରୀ ଉନ୍ନୀତ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଗୋଷ୍ଠୀ ଶିକ୍ଷା ଅଧିକାରୀ ନଳିନୀ ପ୍ରଭାତୀ ଠାକୁରଙ୍କ ତତ୍ତ୍ୱାବଧାନରେ ବ୍ଲକ୍‌ସ୍ତରୀୟ ପ୍ରବେଶ ଉତ୍ସବ ଓ ଖଡ଼ିଛୁଆଁ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସାଂସଦଙ୍କ ବ୍ଲକ ପ୍ରତିନିଧି ପବିତ୍ର ନାଏକ ମୁଖ୍ୟ ଅତିଥି ଓ ଥୁଆମୂଳ ରାମପୁର ବିଡିଓ ଧ୍ରୁବଚରଣ ମୁଦୁଲି, ବିଧାୟକଙ୍କ ବ୍ଲକ ପ୍ରତିନିଧି ମାଣିକ୍ୟ ଚନ୍ଦ୍ର ନାଏକ, ଏବିଇଓ ହେମନ୍ତ ପଣ୍ଡା, ସିଆର୍‌ସିସି ସୁନାଧର ମାଝୀ, ସ୍ଥାନୀୟ ସରପଞ୍ଚ ବିଜୟା ମାଝୀ, ଭାଜପା ନେତା ବିପିନ ବିହାରୀ ନାଏକ, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ପାର୍ବତୀ ଧଙ୍ଗଡାମାଝୀ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ବିଷୟରେ ଅଭିଭାବକଙ୍କୁ ଅବଗତ କରାଇଥିଲେ। କାର୍ଯ୍ୟକ୍ରମରେ ୧୪ ଛାତ୍ରୀଛାତ୍ରଙ୍କ ନାମ ଲେଖା ହୋଇଥିଲା।

**କର୍ଲାମୁଣ୍ଡା (ପ୍ରଦୀପ କୁମାର ସାହୁ):** କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକର ବିଭିନ୍ନ ବିଦ୍ୟାଳୟରେ ବୁଧବାରଠାରୁ ପ୍ରବେଶ ଉତ୍ସବ ଓ ଖଡିଛୁଆଁ ତଥା ଶିଶୁ ବାଟିକାର ଶୁଭାରମ୍ଭ ହୋଇଛି। ବ୍ଲକ ସଦର ନୋଡାଲ ପ୍ରାଥମିକ ବିଦ୍ୟାଳୟଠାରେ ଆୟୋଜିତ କାର୍ଯ୍ୟକ୍ରମରେ ସ୍ଥାନୀୟ ସରପଞ୍ଚ ସ୍ୱର୍ଣ୍ଣଲତା ସାହୁ ମୁଖ୍ୟ ଅତିଥି, ରତନ ଭୋଇ ପଞ୍ଚାୟତ ସମିତି ଉଚ୍ଚ ବିଦ୍ୟାଳୟର ପରିଚାଳନା କମିଟି ଅଧ୍ୟକ୍ଷ ନନ୍ଦକିଶୋର ଭୋଇ, ଅତିରିକ୍ତ ବ୍ଲକ ଶିକ୍ଷା ଅଧିକାରୀ ରୋହିତ କୁମାର ରଣା, ନୋଡାଲ ସିଆର୍‌ସିସି ପ୍ରସନ୍ନ କୁମାର ସାହୁ, ସାମାଜିକ କର୍ମୀ ଘିନୁ ସାହୁ, ବିଦ୍ୟାଳୟର ପ୍ରଧାନ ଶିକ୍ଷକ ମନୋଜ କୁମାର ମିଶ୍ର ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ପ୍ରଥମ ଶ୍ରେଣୀରେ ୫ ଛାତ୍ରୀଛାତ୍ରଙ୍କ ନାମ ଲେଖାଇଥିବାବେଳେ ଶିଶୁ ବାଟିକାରେ ଜଣେ ଶିଶୁଙ୍କୁ ଖଡ଼ି ଛୁଆଁଇଥିଲେ। ପ୍ରଥମ ଦିବସରେ ମୋଟ ୬୮ ସରକାରୀ ବିଦ୍ୟାଳୟରେ ଶିଶୁ ବାଟିକାରେ ୫୫ ଛାତ୍ରୀଛାତ୍ରଙ୍କ ଖଡ଼ିଛୁଆଁ ହୋଇଥିବା ବେଳେ ପ୍ରଥମ ଶ୍ରେଣୀରେ ୭୫ ଛାତ୍ରୀଛାତ୍ର ନାମ ଲେଖାଇଥିବା ଶିକ୍ଷା ବିଭାଗ ପକ୍ଷରୁ ସୂଚନା ମିଳିଛି।

**କୋକସରା (ଦୁଷ୍ମନ୍ତ କୁମାର ପାଟଯୋଷୀ):** କୋକସରା ଗୋଷ୍ଠୀ ଶିକ୍ଷା ବିଭାଗ ଅନ୍ତର୍ଗତ ମୋଟେର ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ପ୍ରବେଶ ଓ ଖଡିଛୁଆଁ ଉତ୍ସବ ବୁଧବାର ଅନୁଷ୍ଠିତ ହୋଇଯାଇଛି। ବ୍ଲକ ଶିକ୍ଷା ଅଧିକାରୀ ମହେଶ କୁମାର ଭାଟିଙ୍କ ତତ୍ତ୍ୱାବଧାନରେ ମୁଖ୍ୟ ଅତିଥି ଭାବେ ଧର୍ମଗଡ଼ ବିଧାୟକ ସୁଧୀର ରଞ୍ଜନ ପାଟଯୋଶୀ, ସମ୍ମାନିତ ଅତିଥି ଭାବେ ବ୍ଲକ ଉପାଧ୍ୟକ୍ଷ ରାଜୀବ କୁମାର ଅଗ୍ରୱାଲ, କୋକସରା ବିଡ଼ିଓ ଡ଼. ହିମାଞ୍ଚଳ ମାଝୀ, ତହସିଲଦାର ମୋହନ ଚରଣ ଜେନା, ବିଆର୍‌ସିସି ତୋଫାନ ମାଝୀ, ଜିଲା ପରିଷଦ ସଭ୍ୟା ବୈଜୟନ୍ତି ପୂଜାରି, ଭାଜପା ମୋଟେର ଜୋନ ସଭାପତି ଧର୍ମବ୍ରତ ପଣ୍ଡା, ସମାଜସେବୀ ଦେବେନ୍ଦ୍ର ପାଟଯୋଶୀ, ଶିକ୍ଷାବିତ୍ ନବ କିଶୋର ଦାସ ପ୍ରମୁଖ ଯୋଗଦେଇ ଛାତ୍ରୀଛାତ୍ରଙ୍କୁ ଖଡି ଛୁଆଁଇବା ସହ ଶିଶୁ ବାଟିକା କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। କୋକସରା ନୋଡାଲ ସିଆର୍‌ସିସି ବୈକୁଣ୍ଠ ଜାଲ, ମନମୋହନ ଦାସ ମଞ୍ଚ ପରିଚାଳନା କରିଥିଲେ। ଏକ ସଚେତନତା ରଥକୁ ବିଧାୟକ ଓ ଉପସ୍ଥିତ ଅଧିକାରୀ ଓ ଜନ ପ୍ରତିନିଧି ପତାକା ଦେଖାଇ ଶୁଭାରମ୍ଭ କରିଥିଲେ।

**ଲାଞ୍ଜିଗଡ (ରମେଶ ଚନ୍ଦ୍ର ନାୟକ):** ଲାଞ୍ଜିଗଡ଼ ବ୍ଲକ ବିଶ୍ୱନାଥପୁରସ୍ଥିତ ଗୋଷ୍ଠୀ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ ପ୍ରାଙ୍ଗଣରେ ବୁଧବାର ବ୍ଲକସ୍ତରୀୟ ପ୍ରବେଶ ଉତ୍ସବ ଓ ଖଡ଼ିଛୁଆଁ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଲାଞ୍ଜିଗଡ ଗୋଷ୍ଠୀ ଶିକ୍ଷାଧିକାରୀ ରୁଷିଆ ମେହେରଙ୍କ ଅଧ୍ୟକ୍ଷତାରେ ଲାଞ୍ଜିଗଡ ବିଧାୟକ ପ୍ରଦୀପ କୁମାର ଦିଶାରୀ ମୁଖ୍ୟଅତିଥି ଓ ବ୍ଲକ ଅଧ୍ୟକ୍ଷା କମଳା ପାତ୍ର, ବ୍ଲକ ଉପାଧ୍ୟକ୍ଷ ସଞ୍ଜୀବ ନାୟକ, ଲାଞ୍ଜିଗଡ ଜୋନ-୧ ଜିଲା ପରିଷଦ ସଦସ୍ୟା ଅଞ୍ଜଳି ମାଝୀ, ଅତିରିକ୍ତ ଗୋଷ୍ଠୀ ଶିକ୍ଷାଧିକାରୀ ସୁଜଳଦେବ ମୁଣ୍ଡ, ଭାରତଭୂଷଣ ସାହୁ, ଲକ୍ଷ୍ମୀପ୍ରିୟା ମୁଦୁଲି ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। କ୍ଲଷ୍ଟର ସଂଯୋଜକ ମନୋଜ ସାହୁ କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ଅତିରିକ୍ତ ଗୋଷ୍ଠୀ ଶିକ୍ଷାଧିକାରୀ ମୁଣ୍ଡ ଧନ୍ୟବାଦ ଦେଇଥିଲେ। କାନକୁଟରୁ ପଞ୍ଚାୟତ ପାଇକବୋରି ପ୍ରାଥମିକ ବିଦ୍ୟାଳୟରେ ଏହି ପ୍ରବେଶ ଉତ୍ସବକୁ ନିଆରା ଢଙ୍ଗରେ ପାଳନ କରାଯାଇଥିଲା। ଅତିଥିମାନେ ବାଲବାଟିକାରେ ପ୍ରବେଶ କରୁଥିବା ଛାତ୍ରୀଛାତ୍ରଙ୍କୁ ବନ୍ଦାପନା କରି ସ୍କୁଲ ଭିତରକୁ ନେଇ ଖଡ଼ି ଛୁଆଁଇଥିଲେ।

## ଅଙ୍ଗଦାନ କଲେ ଝାରବନ୍ଧ ଜୁନିୟର କଲେଜ ଅଧ୍ୟକ୍ଷ

**ଝାରବନ୍ଧ (ଦେବେନ୍ଦ୍ର ସାହୁ):** ଝାରବନ୍ଧ ପଞ୍ଚାୟତ ସମିତି ଜୁନିୟର କଲେଜ ଅଧ୍ୟକ୍ଷ ପ୍ରମୋଦ କୁମାର ସାହୁ ଅଙ୍ଗ ଦାନ କରିଛନ୍ତି। ସାହୁ ମୃତ୍ୟୁ ପରେ ତାଙ୍କ ବିଭିନ୍ନ ଅଙ୍ଗଗୁଡ଼ିକୁ ଦାନ କରିବା ପାଇଁ ଚୁକ୍ତି କରିଛନ୍ତି। ସେ ପ୍ରକାଶ କରିଛନ୍ତି ଯେ ମୃତ୍ୟୁ ପରେ ଶରୀରକୁ ପୋଡି ଦେଇ ନଷ୍ଟ କରିବା ଅପେକ୍ଷା କେତୋଟି ଜୀବନ ବଞ୍ଚେଇବାକୁ ତାଙ୍କ ଶରୀରର ବିଭିନ୍ନ ଅଙ୍ଗ ସହାୟକ ହେବ ତା ଠାରୁ ମହତ କାର୍ଯ୍ୟ ନାହିଁ ବୋଲି କହିଛନ୍ତି। ଏଥିପାଇଁ ସାହୁଙ୍କୁ ବିଭିନ୍ନ ମହଲରେ ପ୍ରଶଂସା କରାଯାଉଛି।

## ଛାତ୍ରାବାସ ନିର୍ମାଣ ପାଇଁ ଜିଲାପାଳଙ୍କୁ ଫେରାଦ

**ବରଗଡ଼,୨।୪(ପ୍ରେମାନନ୍ଦ ଖମାରୀ):** ବରଗଡ଼ ସିମେଣ୍ଟ ନଗର ସ୍ଥିତ ସରକାରୀ ନୋଡାଲ ସ୍କୁଲ ନବମ, ଦଶମ ଶ୍ରେଣୀ ପାଇଁ ଛାତ୍ରାବାସ ନିର୍ମାଣ କରିବାକୁ ଦାବି ହୋଇଛି। ଏହି ଦାବି ନେଇ ବୁଧବାର ସ୍କୁଲର ଛାତ୍ରୀଛାତ୍ର ଏବଂ ଅଭିଭାବକ ଜିଲାପାଳ ଆଦିତ୍ୟ ଗୋୟଲଙ୍କୁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ଉକ୍ତ ସ୍କୁଲରେ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ଛାତ୍ରାବାସ ଥିବା ବେଳେ ନବମ, ଦଶମ ଛାତ୍ରଙ୍କ ପାଇଁ କୌଣସି ସୁବିଧା ନାହିଁ। ଅଷ୍ଟମ ଶ୍ରେଣୀ ଛାତ୍ରାବାସରେ ୧୮ ଜଣ ଛାତ୍ର ଥିବା ବେଳେ ଆଗକୁ ନବମ, ଦଶମ ଶ୍ରେଣୀରେ ଛାତ୍ରାବାସ ସୁବିଧା ନ ହେଲେ ପାଠପଢ଼ା ଓ ସେମାନଙ୍କ ଭବିଷ୍ୟତ ଉପରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଫଳରେ ନବମ, ଦଶମ ଶ୍ରେଣୀ ଛାତ୍ରଙ୍କ ପାଇଁ ମଧ୍ୟ ଛାତ୍ରାବାସ ବ୍ୟବସ୍ଥା କରିବାକୁ ଦାବି ହୋଇଛି। ଅଭିଭାବକଙ୍କ ମଧ୍ୟରେ ନିତୁ ବାଗ, ବୃଷଭାନୁ କନ୍ଧେର ପ୍ରମୁଖ ଦାବିପତ୍ର ପ୍ରଦାନ ପାଇଁ ଜିଲାପାଳଙ୍କ କାର୍ଯ୍ୟାଳୟକୁ ଯାଇଥିଲେ। ଅଧିକାଂଶ ଛାତ୍ର ଗରିବ ଶ୍ରେଣୀର ହୋଇଥିବାରୁ ସରକାର ଏହା ଉପରେ ଧ୍ୟାନ ଦେଲେ ବହୁ ଛାତ୍ର ଉପକୃତ ହେବେ ବୋଲି ଅଭିଭାବକ କନ୍ଧେର ପ୍ରକାଶ କରିଛନ୍ତି।

# ଉଜ୍ଜ୍ୱଳ ଭବିଷ୍ୟତ କାମନା, ପିଲାଙ୍କୁ ଖଡ଼ିଛୁଆଁଇଲେ ଜିଲାପାଳ


ଜିଲାସ୍ତରୀୟ କାର୍ଯ୍ୟକ୍ରମରେ ଅତିଥିଙ୍କ ଗହଣରେ ନବାଗତ ଛାତ୍ରୀମାନେ।


ସରଣ୍ଡାରେ ଖଡ଼ିଛୁଆଁ କାର୍ଯ୍ୟକ୍ରମରେ ଛାତ୍ରୀଛାତ୍ର ଓ ଅନ୍ୟମାନେ।


ସୋହେଲାରେ ଛାତ୍ରୀଛାତ୍ରଙ୍କୁ ପାଠ୍ୟ ଉପକରଣ ବଣ୍ଟନ କରାଯାଉଛି।

**ବରଗଡ଼,୨।୪(ପ୍ରେମାନନ୍ଦ ଖମାରୀ)**

ବରଗଡ଼ ଜିଲାସ୍ତରୀୟ ପ୍ରବେଶ ଉତ୍ସବ ଓ 'ଖଡ଼ି ଛୁଆଁ' କାର୍ଯ୍ୟାକ୍ରମକୁ ସ୍ଥାନୀୟ ଖଜୁରଟିକ୍ରା ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଜିଲାପାଳ ଆଦିତ୍ୟ ଗୋୟଲ ମୁଖ୍ୟଅତିଥି ଭାବେ ଯୋଗ ଦେଇ ଶୁଭାରମ୍ଭ କରିଥିଲେ। ଜିଲା ଶିକ୍ଷାଧିକାରୀ ବିଶ୍ୱନାଥ ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଚଳିତ ମାସ ୨ତାରିଖରୁ ୫ ତାରିଖ ପର୍ଯ୍ୟନ୍ତ ଜିଲାର ପ୍ରତ୍ୟେକ ବିଦ୍ୟାଳୟରେ ଅନୁଷ୍ଠିତ ହେବାକୁ ଥିବା ପ୍ରବେଶ ଉତ୍ସବ ଓ 'ଖଡ଼ିଛୁଆଁ' କାର୍ଯ୍ୟକ୍ରମ ସମ୍ବନ୍ଧରେ ଜନ ସଚେତନତା ରଥକୁ ମୁଖ୍ୟଅତିଥି ଶୁଭାରମ୍ଭ କରିଥିଲେ। ଖଜୁରଟିକ୍ରା ସ୍କୁଲରେ ଶିଶୁ ବାଟିକା ଓ ପ୍ରଥମ ଶ୍ରେଣୀରେ ପ୍ରଥମ ଦିବସରେ ୩୦ରୁ ଉର୍ଦ୍ଧ୍ୱ ଛାତ୍ରୀଛାତ୍ର ନାମ ଲେଖାଇ ଥିଲେ। ଜିଲାପାଳ ତଥା ଜିଲା ଶିକ୍ଷା ଅଧିକାରୀ ଉପସ୍ଥିତ ଶିଶୁ ବାଟିକା ଓ ପ୍ରଥମ ଶ୍ରେଣୀର ସମସ୍ତ ଛାତ୍ରୀଛାତ୍ରଙ୍କୁ ଖଡ଼ି ଛୁଆଁଇଥିଲେ। ସମ୍ମାନିତ ଅତିଥି ଭାବେ ଅତିରିକ୍ତ ଜିଲା ଶିକ୍ଷାଧିକାରୀ ଜ୍ୟୋତିକାନ୍ତ ସାହୁ, ଡିଆଇଇଟି ଅଧ୍ୟକ୍ଷ ରଜନୀକାନ୍ତ ଦାଶ, ବରଗଡ଼ ବ୍ଲକ ଶିକ୍ଷା ଅଧିକାରୀ ଡ. ସୁରେନ୍ଦ୍ର କୁମାର ସାହୁ ପ୍ରମୁଖ ଯୋଗ ଦେଇଥିଲେ । ନବାଗତ ଶିଶୁ ବାଟିକା ଛାତ୍ରୀଛାତ୍ରଙ୍କୁ ଶିକ୍ଷା ବିଭାଗ ତରଫରୁ ପାଠ୍ୟ ଉପକରଣ କିଟ୍ ବଣ୍ଟନ କରାଯାଇଥିଲା। ଦ୍ୱିତୀୟ ଅଧିବେଶନରେ ଡିଆଇଇଟି ଅଧ୍ୟକ୍ଷ ରଜନୀକାନ୍ତ ଦାଶଙ୍କ ସମେତ ଜିଲା ଶିକ୍ଷା ଓ ଶିକ୍ଷଣ ପ୍ରତିଷ୍ଠାନର ଶିକ୍ଷକ ପ୍ରଶିକ୍ଷକବୃନ୍ଦ ଉପସ୍ଥିତ ଥିଲେ। ସାକ୍ଷରତା ସଂଖ୍ୟାଜ୍ଞାନ ଓ ସୃଜନାତ୍ମକ ଷ୍ଟଲ୍‌ଗୁଡ଼ିକର ପ୍ରଦର୍ଶନୀ ଅନୁଷ୍ଠିତ ହୋଇଥିଲା।

ସୂଚନାଯୋଗ୍ୟ, ପିଲାଙ୍କୁ ବିଦ୍ୟାଳୟ ପ୍ରତି ଆକୃଷ୍ଟ କରିବା ଉଦ୍ଦେଶ୍ୟରେ ଆରମ୍ଭ କରାଯାଇଥିବା 'ପ୍ରବେଶ ଉତ୍ସବ' ଏବଂ 'ଖଡ଼ି ଛୁଆଁ' ପର୍ବରେ ବରଗଡ ଜିଲାରେ ସମୁଦାୟ ୧୪ଶହରୁ ଅଧିକ ବିଦ୍ୟାଳୟରେ ଆରମ୍ଭ କରାଯାଇଛି। ଆଗାମୀ ସେପ୍ଟେମ୍ବର ମାସ ୧ ତାରିଖ ସୁଦ୍ଧା ୫ ବର୍ଷରୁ ଉର୍ଦ୍ଧ୍ୱ ପିଲାମାନେ ଶିଶୁ ବାଟିକା ଓ ୬ବର୍ଷରୁ ଉର୍ଦ୍ଧ୍ୱ ପିଲାମାନେ ପ୍ରଥମ ଶ୍ରେଣୀରେ ନାମ ଲେଖାଇବାର ବ୍ୟବସ୍ଥା ହୋଇଛି। ବୁଧବାର ସମସ୍ତ ବିଦ୍ୟାଳୟରେ ପିଲାଙ୍କୁ ଖଡ଼ି ଧରାଇ ବିଦ୍ୟା ଆରମ୍ଭ ଓ ସ୍କୁଲ ବ୍ୟାଗ ବଣ୍ଟନ କରାଯାଇଥିଲା। ବରଗଡ଼ ରାଣାପ୍ରତାପ ସ୍କୁଲରେ ପ୍ରଧାନ ଶିକ୍ଷକ ସୁଦୀପ କୁମାର ରଥଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ୬ଜଣ ଖଡ଼ି ଛୁଇଁଥିଲେ। କାର୍ଯ୍ୟକ୍ରମରେ ବରଗଡ଼ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟର ପୂର୍ବତନ ପ୍ରଧାନ ଶିକ୍ଷୟିତ୍ରୀ ରେଣୁ ଦାସ ଶର୍ମା ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ବରଗଡ଼ ବ୍ଲକ ଗୋବିନ୍ଦପୁର ସରକାରୀ ଉଚ୍ଚ ବିଦ୍ୟାଳୟରେ ପ୍ରଧାନ ଶିକ୍ଷକ ମଳୟ ବାରିକଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ କାର୍ଯ୍ୟକ୍ରମକୁ ଶିକ୍ଷକ ମନବୋଧ ଲୁହୁରା ସଂଯୋଜନା କରିଥିଲେ। ସ୍ଥାନୀୟ ସରପଞ୍ଚ ପ୍ରଫୁଲ୍ଲ କୁମାର ନାଏକ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଶୁଭାରମ୍ଭ କରିଥିଲେ। ଭଟଲି ସରକାରୀ ପ୍ରାଥମିକ ବିଦ୍ୟାଳୟ, କୁଶନପୁରୀରେ ବ୍ଲକସ୍ତରୀୟ ଖଡିଛୁଆଁ ଓ ପ୍ରବେଶ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଭଟଲି ଗୋଷ୍ଠୀ ଶିକ୍ଷା ଅଧିକାରୀ ସରୋଜ କୁମାର ଭୁଏଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥି ଭାବରେ ଭଟଲି ଗୋଷ୍ଠୀ ଉନ୍ନୟନ ଅଧିକାରୀ ପ୍ରମୋଦ ଚନ୍ଦ୍ର ମେହେର, ସାମାଜିକ କର୍ମୀ ସିନ୍ଧୁ ନନ୍ଦିନୀ ଆଚାର୍ଯ୍ୟ, ସାମାଜିକ ସମ୍ପ୍ରସାରଣ ଅଧିକାରୀ ଲିଲିମା ଧରୁଆ, ଅତିରିକ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଜୟଶ୍ରୀ ମହାନ୍ତି, ପ୍ରଧାନଶିକ୍ଷୟିତ୍ରୀ ଅନିମା ପୂଜାରୀ ସମ୍ମାନୀତ ଅତିଥି ଭାବରେ ମଞ୍ଚାସୀନ ଥିଲେ। ଶିକ୍ଷକ ଯୋଗେଶ୍ୱର ପଧାନ, ଉପେନ୍ଦ୍ର ଖମାରୀ, ଅଚ୍ୟୁତ ଭୋଇ, ସଞ୍ଜୀବ ନାଏକ, ବିକାଶ ରଞ୍ଜନ ପଧାନ, ଚିତ୍ତ ରଞ୍ଜନ ଭୋଇ ପ୍ରମୁଖ ଉପସ୍ଥିତ ଥିଲେ।

## ଆଦର୍ଶ ଥାନାରେ ଜଳଛତ୍ରର ଶୁଭାରମ୍ଭ

**ପଦ୍ମପୁର,୨।୪(ପ୍ରଦୀପ୍ତ ଦାଶ):** ପଦ୍ମପୁର ଅଞ୍ଚଳରେ ଗ୍ରୀଷ୍ମ ପ୍ରବାହ ବୃଦ୍ଧି ପାଇବାରେ ଲାଗିଛି। ହେଲେ ସହରରେ ପାନୀୟ ଜଳ ସମସ୍ୟା ଉତ୍କଟ ରୂପ ନେଇଛି। ସହରରେ ସ୍କୁଲ କଲେଜ, ଡାକ୍ତରଖାନା, ବ୍ୟାଙ୍କ, ଉପ ଜିଲାପାଳ ଅଫିସ, ରେଜିଷ୍ଟ୍ରି ଅଫିସ, କୋର୍ଟ, ଅନେକ ସରକାରୀ ବେସରକାରୀ ପ୍ରତିଷ୍ଠାନ ସହ ବ୍ୟବସାୟ ପେଣ୍ଠସ୍ଥଳୀ ହୋଇଛି। ପ୍ରତି ଦିନ ହଜାର ହଜାର ଲୋକ ବିଭିନ୍ନ ଗ୍ରାମରୁ ଆସିଥାନ୍ତି। ତେଣୁ ସେମାନଙ୍କୁ ପାନୀୟ ଜଳ ଦେବାକୁ ଆଦର୍ଶ ଥାନା ପକ୍ଷରୁ ଏକ ପାନୀୟ ଜଳ ଛତ୍ର ଖୋଲାଯାଇଛି। ଥାନାଧିକାରୀ ମମତା ନାଏକ ଏହାକୁ ଉଦ୍‌ଘାଟନ କରିଥିଲେ।

## ପୂର୍ବତନ ଏନ୍ଏସି ଅଧ୍ୟକ୍ଷଙ୍କ ପରଲୋକ

**ପଦ୍ମପୁର,୨।୪ (ପ୍ରଦୀପ୍ତ ଦାଶ):** ପଦ୍ମପୁର ଏନ୍‌ଏସିର ପୂର୍ବତନ ଅଧ୍ୟକ୍ଷ ତଥା ଭାଜପାର ବରିଷ୍ଠ ନେତା ସତ୍ୟବାନ ଅଗ୍ରୱାଲ(୭୦)ଙ୍କ ନିଜ ବାସଭବନରେ ମଙ୍ଗଳବାର ରାତିରେ ପରଲୋକ ଘଟିଛି। ସେ ୧୯୯୭ରୁ ୨୦୦୩ ପର୍ଯ୍ୟନ୍ତ ପଦ୍ମପୁର ନଗରପାଳ ଦାୟିତ୍ୱ ତୁଲାଇଥିବା ବେଳେ ଦୁଇଥର କାଉନସିଲର ଭାବରେ ନିର୍ବାଚିତ ହୋଇଥିଲେ। ଭାଜପାର ଅନେକ କର୍ମୀ ନେତା ତାଙ୍କର ଅନ୍ତିମ ଯାତ୍ରାରେ ସାମିଲ ହୋଇଥିଲେ। ସ୍ଥାନୀୟ ସ୍ୱର୍ଗଦ୍ୱାରରେ ସତ୍ୟବାନଙ୍କ ଶେଷକୃତ୍ୟ ସମ୍ପନ୍ନ ହୋଇଥିଲା। ପୁତ୍ର ସୁନୀଲ ମୁଖାଗ୍ନି ଦେଇଥିଲେ।

## ଛାତ୍ରୀଛାତ୍ରଙ୍କୁ ପାଠ୍ୟ ଉପକରଣ କିଟ୍ ବଣ୍ଟନ

**ଖୁଣ୍ଟିଗୋରା,୨।୪( ମକରନ୍ଦ ସାହୁ)**

କନ୍ଧମାଳ ବ୍ଲକ ଖୁଣ୍ଟି ଗୋରା ପଞ୍ଚାୟତ କଳରାଖୁଣ୍ଟା ଉଚ୍ଚ ପ୍ରାଥମିକ ବିଦ୍ୟାଳୟଠାରେ ବୁଧବାର ପ୍ରବେଶ ଉତ୍ସବ ମହା ସମାରୋହ ପାଳିତ ହୋଇଯାଇଛି। ସ୍କୁଲର ପ୍ରଧାନ ଶିକ୍ଷକ ଦେବାନନ୍ଦ ବେହେରାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିବା ଏହି ଉତ୍ସବରେ ମୁଖ୍ୟ ଅତିଥି ଭାବେ ସରପଞ୍ଚ ରବିଚନ୍ଦ୍ର ମହାକୁଡ଼, ସମ୍ମାନିତ ଅତିଥି ୱାର୍ଡ ମେମ୍ବର କସ୍ତୁରୀ ରଣା, ଚ୍ୟାର ପରସନ ସିନ୍ଧୁ ରଣା, ସହଯୋଗୀ ଶିକ୍ଷକ ଗୋବର୍ଦ୍ଧନ ମଲିକ, ଶିକ୍ଷକ ଭୂପେନ୍ଦ୍ର ଭୋଇ ଓ ଖୁଣ୍ଟିଗୋରା କ୍ଲଷ୍ଟର ସିଆର୍‌ସିସି ଶତ୍ରୁଘନ ଜାନୀ ଉପସ୍ଥିତ ଥିଲେ। ପ୍ରଥମ ଶ୍ରେଣୀରେ ପ୍ରଥମ ଦିବସରେ ୧୪ଜଣ ଅଭିଭାବକ, ଅଭିଭାବିକା ନାମ ଲେଖାଇବା ପାଇଁ ନିଜ ନିଜ ପିଲାଙ୍କୁ ନେଇ ସ୍କୁଲକୁ ପହଞ୍ଚିଥିଲେ। ସମସ୍ତ ନବାଗତ ଛାତ୍ରୀଛାତ୍ରମାନଙ୍କୁ ସିଲଟ ଖଡି ମାଧ୍ୟମରେ ଖଡ଼ି ଛୁଆଁ କାର୍ଯ୍ୟକ୍ରମ ଆରମ୍ଭ କରାଯାଇଥିଲା। ସରକାରଙ୍କ ତରଫରୁ ଆସିଥିବା ପାଠ୍ୟ ଉପକରଣ କିଟ ଛାତ୍ରୀଛାତ୍ରମାନଙ୍କୁ ପ୍ରଦାନ କରାଯାଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ସ୍କୁଲର ଛାତ୍ରୀଛାତ୍ରମାନେ ନୃତ୍ୟ ପରିବେଷଣ କରିଥିଲେ।

**ବଘିଆପଡ଼ା (ଶ୍ରୀକାନ୍ତ ସାହୁ):** ବୌଦ୍ଧ ବ୍ଲକ ମୁଣ୍ଡାପଡ଼ା ପଞ୍ଚାୟତର କମିରା ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟଠାରେ ବୁଧବାର ଜିଲାସ୍ତରୀୟ ପ୍ରବେଶ ଉତ୍ସବ ଓ ଖଡିଛୁଆଁ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ସୁବ୍ରତ କୁମାର ପଣ୍ଡା ମୁଖ୍ୟ ଅତିଥିଭାବେ ଯୋଗ ଦେଇ ଶିଶୁବାଟିକା ଓ ପ୍ରଥମ ଶ୍ରେଣୀର ପିଲାଙ୍କୁ ଫୁଲ ଚନ୍ଦନ ଲଗାଇ ପ୍ରବେଶ ଉତ୍ସବର ଶୁଭାରମ୍ଭ କରିଥିଲେ। ଏହି ଅବସରରେ ଏକ ସଭା ଅନୁଷ୍ଠିତ ହୋଇଥିଲା। ଜିଲା ଶିକ୍ଷାଧିକାରୀ ଟେମଲାଲ ଦୁବେଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ପ୍ରଧାନ ଶିକ୍ଷକ ସୁଶାନ୍ତ କୁମାର ମହାପାତ୍ର ଅତିଥି ପରିଚୟ ପ୍ରଦାନ କରିଥିଲେ। ଅତିରିକ୍ତ ଜିଲା ଶିକ୍ଷାଧିକାରୀ ଘନଶ୍ୟାମ ମେହେର ପ୍ରବେଶ ଉତ୍ସବ ଓ ଖଡ଼ିଛୁଆଁର ଉଦେଶ୍ୟ ଜ୍ଞାପନ କରିଥିଲେ। କାର୍ଯ୍ୟକ୍ରମରେ ସମ୍ମାନୀତ ଅତିଥିଭାବେ ଅତିରିକ୍ତ ଜିଲାପାଳ ଅନିରୁଦ୍ଧ ପ୍ରଧାନ, ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ପ୍ରଭାସ ଚନ୍ଦ୍ର ଦଣ୍ଡସନା, ଉପଜିଲାପାଳ ପ୍ରବୀଣ କୁମାର ବାଣୁଆ, ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ରୀତାକାନ୍ତି ବଳିଆରସିଂ, ସରପଞ୍ଚ ସୁମନ୍ତ କୁମାର ନାଏକ ଯୋଗ ଦେଇଥିଲେ। ଶେଷରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଜିଲାପାଳ ୩ ଗୋଟି ଶିକ୍ଷା ସଚେତନତା ରଥର ଶୁଭାରମ୍ଭ କରିଥିଲେ।

**ଖୁଣ୍ଟିଗୋରା (ମକରନ୍ଦ ସାହୁ)**

କନ୍ଧମାଳ ବ୍ଲକ ଉମା ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ପ୍ରବେଶ ଉତ୍ସବ ସମାରୋହ, ଶିଶୁ ବାଟିକ ଓ ଖଡ଼ି ଛୁଆଁ କାର୍ଯ୍ୟକ୍ରମ ପ୍ରଧାନ ଶିକ୍ଷକ ପ୍ରଭାକର କହଁରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଛି। ପ୍ରଥମ ଶ୍ରେଣୀରେ ପ୍ରଥମ ଦିବସରେ ୧୯ରୁ ଉର୍ଦ୍ଧ୍ୱ ଛାତ୍ରୀଛାତ୍ର ନାମ ଲେଖାଇଥିଲେ। ମୁଖ୍ୟଅତିଥି ଭାବରେ ସରପଞ୍ଚ ଦୈଲଥ ପାଣ୍ଡେ, ଚ୍ୟାର ପରସନ ଜିତେନ୍ଦ୍ର ସାହୁ ମୁଖ୍ୟ ବକ୍ତା, ୱାର୍ଡ ସଭ୍ୟ ଭୁଜନ ବାଘ, ରାମଦାସ ରାଉତ, ସହକାରୀ ଶିକ୍ଷକ ପ୍ରିତି ବାସ ଝାଙ୍କର, ଗଣେଶର ରଣା, ଶିକ୍ଷକ ଶ୍ରବଣ ରଣା, ନିରଞ୍ଜନ ପୁଟା, ପ୍ରଶାନ୍ତ ବିଭାର, ଉପସ୍ଥିତ ରହି ପ୍ରଥମ ଶ୍ରେଣୀରେ ନାମ ଲେଖାଇବାକୁ ଆସିଥିବା ଛାତ୍ରୀଛାତ୍ରମାନଙ୍କୁ ପୁଷ୍ପ ଚନ୍ଦନ ପ୍ରଦାନ କରି ସ୍ୱାଗତ କରିଥିଲେ।

## ମଦ ବିରୋଧୀ ଅଭିଯାନରେ ବାହାରିଲେ ମହିଳା


ମଦ ବିରୋଧୀ ଅଭିଯାନରେ ଜିଲାପାଳଙ୍କ କାର୍ଯ୍ୟାଳୟରେ ନାରାବାଜି କରୁଛନ୍ତି।

**ବରଗଡ଼,୨।୪(ପ୍ରେମାନନ୍ଦ ଖମାରୀ)**

ବରଗଡ଼ ଜିଲାରେ ନିଶା କାରବାର ବଢ଼ି ଚାଲିଛି। ଜିଲାର ଗ୍ରାମାଞ୍ଚଳଠାରୁ ଆରମ୍ଭ କରି ସହରାଞ୍ଚଳ ପର୍ଯ୍ୟନ୍ତ ଏହି କାରବାର ଚାଲିଛି। ବିଭିନ୍ନ ଗଳିକନ୍ଦି, ରାସ୍ତାପାର୍ଶ୍ୱ ଏବଂ ଛକ ସ୍ଥାନରେ ବିଭିନ୍ନ ଦୋକାନ ଆଳରେ ଚୋରାମଦ, କଫ ସିରପ୍ ଆଦି ନିଶାଦ୍ରବ୍ୟ ବିକ୍ରି ହେଉଥିବା ଅଭିଯୋଗ ହୋଇଛି। କେବଳ ସେତିକି ନୁହେଁ, ଉଭୟ ଗ୍ରାମ ଏବଂ ସହରସ୍ଥିତ ଶିକ୍ଷାନୁଷ୍ଠାନ ପାଖରେ ମଦ ଦୋକାନ ରହିଛି। ଫଳରେ ଜିଲାରେ ନିଶାଜନିତ ଅପରାଧ ବଢ଼ିଚାଲିଥିବା ବେଳେ କୋମଳମତି ଛାତ୍ରୀଛାତ୍ରଙ୍କଠାରୁ ଆରମ୍ଭ କରି ଯୁବକଙ୍କ ଉପରେ ଏହାର କୁପ୍ରଭାବ ପଡୁଛି। ସେହିପରି ଘରୋଇ ହିଂସା ବଢ଼ି ଚାଲିଥିବା ବେଳେ ମହିଳାମାନେ ମଧ୍ୟ ସୁରକ୍ଷିତ ମଣୁନାହାନ୍ତି। ଏଭଳି ସ୍ଥିତିରେ ବରଗଡ଼ ଜିଲା ବିଜେପୁର ବ୍ଲକ ଭଟିଗାଁ ପଞ୍ଚାୟତ ବାଦିପାଲି ଗ୍ରାମର ମହିଳାମାନେ ମଦ ବିରୋଧୀ ଅଭିଯାନରେ ବାହାରିଛି। ଉକ୍ତ ଗ୍ରାମକୁ ମଦମୁକ୍ତ କରିବା ଦାବିରେ ମହିଳାମାନେ ବୁଧବାର ଜିଲାପାଳ ଆଦିତ୍ୟ ଗୋୟଲଙ୍କୁ ଫେରାଦ ହୋଇ ଏକ ସ୍ମାରକପତ୍ର ପ୍ରଦାନ କରିଛନ୍ତି।

ସ୍ମାରକପତ୍ରରେ ଉଲ୍ଲେଖ ରହିଛି, ବାଦିପାଲି ଗ୍ରାମର ବିଭିନ୍ନ ସ୍ଥାନରେ ଅବାଧରେ ମଦ ବିକ୍ରି ଚାଲିଛି। ସେହିପରି ଗ୍ରାମ ନିକଟ ପୁଞ୍ଜିପଥର ଛକରେ ଏକ ହାଇସ୍କୁଲ ରହିଛି। ହାଇସ୍କୁଲ ନିକଟରେ ମଧ୍ୟ ଖୋଲାଖୋଲିଭାବେ ମଦ ବିକ୍ରି ହେଉଛି। ଏ ନେଇ ବିଭାଗୀୟ କର୍ତ୍ତୃପକ୍ଷଙ୍କୁ ବାରମ୍ବାର ଅଭିଯୋଗ କରିବା ସତ୍ତ୍ୱେ କିଛି ସୁଫଳ ମିଳୁ ନ ଥିବା ଅଭିଯୋଗ ହୋଇଛି। ଅନ୍ୟପଟେ ମଦ ଯୋଗୁ ପାରିବାରିକ ହିଂସା ସମେତ ଅନେକ ସମୟରେ ଗ୍ରାମରେ ଅଶାନ୍ତ ପରିବେଶ ସୃଷ୍ଟି ହେଉଛି। ସେହିପରି ସ୍କୁଲ ପାଖରେ ମଦ କାରବାର ଚାଲୁଥିବାରୁ ଛାତ୍ରୀଛାତ୍ରମାନେ ସ୍କୁଲକୁ ଯିବା ପାଇଁ ଭୟ କରୁଛନ୍ତି। ଏହା ସହିତ ମଦ୍ୟପଙ୍କ ଅଶ୍ଳୀଳ ଇଙ୍ଗିତ ଯୋଗୁ ମହିଳାମାନେ ରାସ୍ତାଘାଟରେ ଯାତାୟାତ କରିବାକୁ ନିରାପଦ ମଣୁ ନ ଥିବା ଅଭିଯୋଗ ହୋଇଛି। ଫଳରେ ଗ୍ରାମରେ ତଥା ହାଇସ୍କୁଲ ନିକଟରେ ଚାଲିଥିବା ମଦ କାରବାରକୁ ସମ୍ପୂର୍ଣ୍ଣ ବନ୍ଦ କରିବା ଦିଗରେ ବିହିତ କାର୍ଯ୍ୟାନୁଷ୍ଠାନ ନେବାକୁ ଗ୍ରାମର ମହିଳାମାନେ ଦାବି କରିଛନ୍ତି। ସାମାଜିକ କର୍ମୀ ଭବାନୀ ସାହୁଙ୍କ ନେତୃତ୍ୱରେ ମହିଳାମାନେ ଜିଲାପାଳଙ୍କୁ ସ୍ମାରକପତ୍ର ପ୍ରଦାନ କରିଥିଲେ। ଏହା ସହିତ ମଦ ବନ୍ଦ କରିବା ଦାବିରେ ଜିଲାପାଳଙ୍କ କାର୍ଯ୍ୟାଳୟରେ ସେମାନେ ନାରାବାଜି କରିଥିଲେ।

## ଆତ୍ମ ରକ୍ଷା ତାଲିମ ଶିବିର ଉଦ୍‌ଘାଟିତ

**ବରପାଲି,୨।୪(ଚିତ୍ତରଞ୍ଜନ ସାହୁ):** ବରପାଲି ମହାବିଦ୍ୟାଳୟର ଯୁକ୍ତ ୩ ପ୍ରଥମ ବାର୍ଷିକ ଛାତ୍ରୀମାନଙ୍କ ଆତ୍ମ ସୁରକ୍ଷା ତାଲିମ ଶିବିର ବୁଧବାର ଉଦ୍‌ଘାଟିତ ହୋଇଛି। ଏହି ତାଲିମ ଶିବିରକୁ ମହାବିଦ୍ୟାଳୟର ଅଧ୍ୟକ୍ଷା ଜୟନ୍ତୀ ଉଦ୍‌ଘାଟନ କରି ଏହି ଶିବିର ଛାତ୍ରୀମାନଙ୍କ ଜୀବନରେ ନିହାତି ଆବଶ୍ୟକ ବୋଲି ମତ ପ୍ରକାଶ କରିଥିଲେ। ନଅ ଦିନ ଧରି ଏହି ତାଲିମ ଶିବିରରେ ମୋଟ ୧୮୪ ଜଣ ଛାତ୍ରୀଙ୍କ ମାଷ୍ଟର ଟ୍ରେନ୍‌ର ସଂଯୁକ୍ତା ବାଗ କୌଶଳ ପ୍ରଶିକ୍ଷଣ ଦେବେ ବୋଲି ଶିବିର ମୁଖ୍ୟ ଅଧାପିକା ନତାସା ସିକନ୍ଦର ସୂଚନା ଦେଇଛନ୍ତି। ଏହି ଉଦ୍‌ଘାଟନୀ ଉତ୍ସବରେ ମହାବିଦ୍ୟାଳୟର ପ୍ରଶାସନିକ ଅଧିକାରୀ ପ୍ରାଧ୍ୟାପକ ସୁଶୀଲ କୁମାର ଶତପଥୀ ପ୍ରମୁଖ ଉପସ୍ଥିତ ଥିଲେ।

## ନାମ ଲେଖାଇବାକୁ ବିଦ୍ୟାର୍ଥୀ ପ୍ରସ୍ତୁତ, ଆସିଲେନି ଶିକ୍ଷକ

**ଅତାବିରା,୨।୪(ଯୁଧିଷ୍ଠିର ମହାପାତ୍ର)**

ଅତାବିରା ବ୍ଲକ ବାବେବିରା ହାଇସ୍କୁଲ ପୁନଃ ନାମ ଲେଖାଇବା ଅନୁମତି ମିଳିବା ଆଶାରେ ବୁଧବାର ନାମ ଲେଖାଇବାକୁ ଛାତ୍ର ପ୍ରସ୍ତୁତ ଥିଲେ। ଗ୍ରାମବାସୀ ତାଲା ଉପରେ ତାଲା ମାରି ଚଳାଇଥିବା ଆନ୍ଦୋଳନକୁ ସ୍ଥଗିତ କରି ଗତ ମଙ୍ଗଳବାର ତାଲା ଖୋଲିଥିଲେ। ଆଶ୍ୱାସନାକୁ ଆଶା କରି ଗ୍ରାମବାସୀ ପିଲାଙ୍କୁ ନାମଲେଖା ପାଇଁ ପ୍ରସ୍ତୁତି ମଧ୍ୟ କରିଥିଲେ। ହେଲେ ଆସିଲେ ନାହିଁ କୌଣସି ଶିକ୍ଷକ। ଏ ନେଇ ଅଭିଭାବକମାନେ ନିରାଶ ହୋଇଥିବା ବେଳେ ଛାତ୍ରୀଛାତ୍ରମାନେ ଦ୍ୱନ୍ଦରେ ପଡ଼ିଛନ୍ତି।ସ୍କୁଲ ଖୋଲିବା ଦାବି ନେଇ ପ୍ରଥମେ ଗତ ମାର୍ଚ୍ଚ ୧୭ ତାରିଖରେ ବରଗଡ଼ ଜିଲା ଶିକ୍ଷା ଅଧିକାରୀ (ଡିଇଓ) ବିଶ୍ୱନାଥ ସାହୁଙ୍କୁ ଲିଖିତ ଭାବେ ଜଣାଇଥିଲେ। ସୁଫଳ ନ ମିଳିବାରୁ ଗତ ୨୬ ତାରିଖରେ ହାଇସ୍କୁଲର ଅଫିସ ଗୃହରେ ତାଲା ପକାଇ ଗ୍ରାମବାସୀ ପ୍ରତିବାଦ କରିଥିଲେ। ପୁନଃ ମାର୍ଚ୍ଚ ୨୮ ତାରିଖ ଡିଇଓ ଅଫିସ ଯାଇ ନାମ ଲେଖାଇବାକୁ ଅନୁରୋଧ କରି ସ୍ମାରକ ପତ୍ର ପ୍ରଦାନ କରିଥିଲେ। ସେଠାରୁ ମୌଖିକ ଆଶ୍ୱାସନା ପାଇ ଫେରିଥିଲେ। ଏପ୍ରିଲ ୨ ତାରିଖରୁ ସାରା ରାଜ୍ୟରେ ନାମ ଲେଖା ଆରମ୍ଭ ହେଉଥିବା ପରିପ୍ରେକ୍ଷୀରେ ଗତ ମଙ୍ଗଳବାର ଅପରାହ୍ନରେ ଗ୍ରାମବାସୀ ପକାଇଥିବା ତାଲାକୁ ଖୋଲିଥିଲେ। ବୁଧବାରରୁ ନାମ ଲେଖାଇବାକୁ ଆଶା କରିଥିଲେ ଗ୍ରାମବାସୀ । ହେଲେ କୌଣସି ଶିକ୍ଷକ ସ୍କୁଲକୁ ନ ଆସିବାରୁ ସେମାନେ ଅପରାହ୍ନ ସାଢ଼େ ୧ଟାରେ ଘରକୁ ଫେରିଥିଲେ । ଗ୍ରାମସଭା କରି ଯେଉଁ ନିଷ୍ପତ୍ତି ନିଆଯିବ ସେହି ଆଧାରରେ ପରବର୍ତ୍ତୀ ପଦକ୍ଷେପ ନେବେ ବୋଲି ସେମାନେ ପ୍ରକାଶ କରିଛନ୍ତି। ଏନେଇ ବରଗଡ଼ ଜିଲା ଶିକ୍ଷା ଅଧିକାରୀ ବିଶ୍ୱନାଥ ସାହୁଙ୍କ ମୋବାଇଲ ନମ୍ବର ୯୧୭୮୫୯୦୨୨ରେ ବାରମ୍ବାର କଲ କଲେ ମଧ୍ୟ ସେ ରିସିଭ ନ କରିବାରୁ ତାଙ୍କ ପ୍ରତିକ୍ରିୟା ମିଳିପାରିନାହିଁ । ପ୍ରକାଶ ଯେ, ଗତ ୨ ବର୍ଷ ହେଲା ବାବେବିରା ହାଇସ୍କୁଲ ବନ୍ଦ ହୋଇଛି। ଏଠାକାର ୪ ଜଣ ଶିକ୍ଷକ ଓ ଜଣେ ପିଅନ ଅନ୍ୟତ୍ର କାମ କରୁଛନ୍ତି। କେବଳ ନାମକୁ ମାତ୍ର ହାଇସ୍କୁଲ ଅଛି।

## ଶିକ୍ଷା ସଚେତନତା ରଥର ଶୁଭାରମ୍ଭ

**ପାଇକମାଳ,୨।୪(ବଡ଼ ଶତପଥୀ)**

ପାଇକମାଳ ବ୍ଲକସ୍ତରୀୟ ପ୍ରବେଶ ଉତ୍ସବ ଓ ଶିକ୍ଷା ସଚେତନତା ରଥର ବୁଧବାର ଶୁଭାରମ୍ଭ ହୋଇଯାଇଛି । ଏହି ଅବସରରେ ଗୋଷ୍ଠୀ ଶିକ୍ଷା କାର୍ଯ୍ୟାଳୟରେ ଅନୁଷ୍ଠିତ ସଭାରେ ପାଇକମାଳ ସରପଞ୍ଚ ତୁଳାବତୀ ତାଣ୍ଡି, ସମିତି ସଭ୍ୟା ନିରୁପମା ନାଗ, ଶିଶୁ ପ୍ରକଳ୍ପ ଅଧିକାରୀ ବାସନ୍ତୀ ପୃଷ୍ଟି, ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ଧଳେନ୍ଦ୍ର କୁମାର ବାରିକ, ପଦ୍ମପୁର ବିଧାୟିକା ପ୍ରତିନିଧି ହୃଦାନନ୍ଦ ବାରିକ,ସାମାଜିକ କର୍ମୀ ଗୋବର୍ଦ୍ଧନ ଅଗ୍ରୱାଲଙ୍କ ସମେତ ବ୍ଲକ ଶିକ୍ଷା କାର୍ଯ୍ୟାଳୟର ସମସ୍ତ କର୍ମଚାରୀ ଯୋଗ ଦେଇ ମିଳିତ ଭାବେ ସଚେତନତା ରଥକୁ ଶୁଭାରମ୍ଭ କରିଥିଲେ। ଚଳିତ ଶିକ୍ଷା ବର୍ଷ ୨୦୨୫-୨୬ ପାଇଁ ନାମଲେଖା, ଖଡ଼ିଛୁଆଁ, ପ୍ରବେଶ ଉତ୍ସବ ପାଳନ ଓ ଅଭିଭାବକଙ୍କୁ ସଚେତନ ବାର୍ତ୍ତା ପ୍ରଦାନ ନିମନ୍ତେ ସମଗ୍ର ପାଇକମାଳ ବ୍ଲକକୁ ବୁଲି ଏହି ରଥ ପରିଭ୍ରମଣ କରିବ । ବାଲ୍‌ବାଟିକାରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ସମସ୍ତ ଛାତ୍ରୀଛାତ୍ର ଏହି ନାମଲେଖା କାର୍ଯ୍ୟକ୍ରମରେ ସାମିଲ ହେବେ ଏବଂ ଗୁଣାତ୍ମକ ଶିକ୍ଷା ଗ୍ରହଣ କରିବେ। ଲଖମରା ସିଆର୍‌ସିସି ବୈଷ୍ଣବ ପଣ୍ଡା ସଭା ପରିଚାଳନା କରିଥିଲେ।

## ପାର୍ବତୀ ଗିରି ବୃହତ୍ ଉଠା ଜଳସେଚନ ପ୍ରକଳ୍ପରେ ତାଲା

### ତେଜିଲା ଅସନ୍ତୋଷ, ଆନ୍ଦୋଳନ ଚେତାବନୀ

**ବରଗଡ଼, ୨।୪(ପ୍ରେମାନନ୍ଦ ଖମାରୀ)**

ଅଣଜଳସେଚିତ ଅଞ୍ଚଳର ଚାଷଜମିକୁ ପାଣି ମଡ଼ାଇବା ପାଇଁ ପାର୍ବତୀ ଗିରି ଉଠା ଜଳସେଚନ ପ୍ରକଳ୍ପ କାର୍ଯ୍ୟକାରୀ ହୋଇଥିଲା। ମାତ୍ର ଜିଲାର ଅମ୍ବାଭାନା ବ୍ଲକ ଅଞ୍ଚଳରେ ରହିଥିବା ଏହି ପ୍ରକଳ୍ପର ପମ୍ପ ହାଉସ ଗୁଡ଼ିକରେ ମଙ୍ଗଳବାରରୁ ତାଲା ଝୁଲୁଛି। ଏହାକୁ ନେଇ ଚାଷୀ ଅସନ୍ତୋଷ ତେଜି ଉଠିଛି। ଏହାର ପ୍ରତିବାଦରେ ଆନ୍ଦୋଳନକୁ ଓହ୍ଲାଇବ ବୋଲି ବାରପାହାଡ଼ କୃଷକ ସଂଗଠନ ଚେତାବନୀ ଦେଇଛି। ୨୦୧୮ରେ ତତକାଳୀନ ରାଜ୍ୟ ସରକାର ପାର୍ବତୀ ଗିରିଙ୍କ ନାମରେ ଏହି ପ୍ରକଳ୍ପ ଆରମ୍ଭ କରିଥିଲେ। ଏଥିପାଇଁ ୨୫୦୦ କୋଟି ଟଙ୍କା ବ୍ୟୟ ଅଟକଳରେ ୫୯ ପ୍ରକଳ୍ପ ନିର୍ମାଣ ଘୋଷଣା କରିଥିଲେ। ଏଥିରେ ହାରାହାରି ୮୦ହଜାର ହେକ୍ଟର ଜମି ଜଳସେଚନ ହେବାର ଲକ୍ଷ୍ୟ ରହିଥିଲା। ସେଥିମଧ୍ୟରୁ ବରଗଡ଼ ଜିଲା ଅମ୍ବାଭାନା ବ୍ଲକରେ ୩ଟି ପ୍ରକଳ୍ପ ରହିଛି। ସେଥିରୁ ତାମଦେଇରେ ୩୯କୋଟି ଖର୍ଚ୍ଚ କରି ୧୪ଶହ ହେକ୍ଟର, ଜାମପାଲିରେ ୩୪କୋଟି ଖର୍ଚ୍ଚରେ ୧୩ଶହ ହେକ୍ଟର ଏବଂ ଚିଖିଲିରେ ୫୩କୋଟି ଖର୍ଚ୍ଚ କରି ୨୦୦୦ ହେକ୍ଟର ଜମି ଜଳସେଚନ ହେବା ପାଇଁ ସରକାର ସେତେବେଳେ ଘୋଷଣା କରିଥିଲେ। ପ୍ରକଳ୍ପ ଗୁଡ଼ିକ ୨୦୨୩ରେ ଶେଷ ହୋଇଥିଲା। ଅଞ୍ଚଳବାସୀଙ୍କ ବହୁ ପ୍ରତୀକ୍ଷିତ ଦାବୀ ପୂରଣ ହେଲା ବୋଲି କହି ତତ୍କାଳୀନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ପ୍ରକଳ୍ପର ଲୋକାର୍ପଣ କହିଥିଲେ । ହେଲେ ପ୍ରକଳ୍ପ ଠିକ ଭାବରେ କାର୍ଯ୍ୟକାରୀ ହୋଇ ପାରି ନଥିଲା। ବର୍ତ୍ତମାନ ସୁଦ୍ଧା ପ୍ରାୟ ୩୦ ପ୍ରତିଶତ ଜମି ଚାଷ ହୋଇ ପାରୁଛି ବୋଲି ଚାଷୀମାନେ କହିଛନ୍ତି। ପରିଚାଳନାଗତ ତ୍ରୁଟି, ଲୋ ଭୋଲଟେଜ, ଇନଟେକ ୱାଲ ଓ ରିଜର୍ଭରକୁ ସଂଯୋଗ କରୁଥିବା ନାଳ ଗଭୀର ହୋଇ ନ ଥିବାରୁ ଠିକ ଭାବେ ମୋଟରକୁ ପାଣି ଆସୁ ନାହିଁ। ଏଭଳି ସ୍ଥିତିରେ ଏହି ସମସ୍ୟାର ସମାଧାନ କରିବା ପରିବର୍ତ୍ତେ ମଙ୍ଗଳବାରରୁ ଟେଣ୍ଡର ନେଇଥିବା କମ୍ପାନୀ ଏଗ୍ରିମେଣ୍ଟ ସରିଯାଇଛି କହି ତାଲା ବନ୍ଦ କରି ସମ୍ପୂର୍ଣ୍ଣ ପ୍ରକଳ୍ପକୁ ଅଚଳ କରିଦେବା ଚର୍ଚ୍ଚାର ବିଷୟ ହୋଇଛି। ଅନ୍ୟପକ୍ଷରେ ଏହି ପ୍ରକଳ୍ପ ଅଧିନରେ ଚାଷ କରିଥିବା ହଜାର ହଜାର ଏକର ଧାନ, ମୁଗ, ଚିନାବାଦାମ ନଷ୍ଟ ହୋଇଯିବାର ଆଶଙ୍କା ଦେଖାଦେଇଛି।

# ରାମଲୀଳା ଉତ୍ସବ ପାଇଁ ଅନୁମତି ନ ମିଳିଲେ ବୌଦ୍ଧ ବନ୍ଦ

**ବୌଦ୍ଧ,୨।୪(ଅଜିତ କୁମାର ବାରିକ)**


ଓକିଲ ସଂଘ କର୍ମକର୍ତ୍ତାଙ୍କ ସହ ଜିଲାପାଳ ଆଲୋଚନା କରୁଛନ୍ତି।

ବୌଦ୍ଧ ଗଡ଼ଜାତର ଗଣପର୍ବ ଶ୍ରୀରାମଲୀଳା ଯାତ୍ରାକୁନେଇ ଦିନକୁଦିନ ବିବାଦ ବଢିବାରେ ଲାଗିଛି । ଜିଲା ଷ୍ଟାଡିୟମଠାରେ ରାମଲିଳା ଯାତ୍ରାର ଶେଷ ଦିନ ରାମ ରାବଣ ସମର ଶୋଭାଯାତ୍ରା ଅନୁଷ୍ଠିତ ହୋଇଆସୁଥିଲା। ଚଳିତ ବର୍ଷ ପ୍ରଶାସନ ପକ୍ଷରୁ ଜିଲା ଷ୍ଟାଡିୟମଠାରେ କରାଯିବାକୁ ପ୍ରଶାସନ ପକ୍ଷରୁ ଅନୁମତି ପ୍ରଦାନ କରାନଯିବାରୁ ରାମଲିଳା ନାଟ୍ୟ ସଂସଦ ପକ୍ଷରୁ ଅସନ୍ତୋଷ ଦେଖାଦେଇଛି। ଏନେଇ ଗତ ୨୯ ତାରିଖରେ ରାମଲୀଳା ନାଟ୍ୟ ସଂସଦ ପକ୍ଷରୁ ରଘୁନାଥ ମନ୍ଦିରରେ ହନୁମାନ ଚାଳିଶା ପାଠ କରାଯିବା ସହିତ ଅଖଣ୍ଡ ଦୀପ ଦାନ କରି ପ୍ରତିବାଦ କରାଯାଇଥିଲା। ରାମଲିଳା ଯାତ୍ରା ଯେହେତୁ ଜିଲାର ଗଣପର୍ବ ଭାବେ ପାଳିତ ହୋଇଆସୁଛି,ଏ ନେଇ ରାମଲିଳା ନାଟ୍ୟ ସଂସଦ ପକ୍ଷରୁ ଯାତ୍ରା କିପରି ଠିକ ଭାବେ ହେବ ସେ ନେଇ ଜିଲାର ବିଭିନ୍ନ ଅନୁଷ୍ଠାନକୁ ପତ୍ର ଦ୍ୱାରା ପ୍ରଶାସନକୁ ଅନୁରୋଧ କରିବାକୁ ଜଣାଯାଇଛି। ବୁଧବାର ଜିଲା ଓକିଲ ସଂଘ ସଭାପତି ଧୁରୀଣ କୁମାର ଦେହୁରିଙ୍କ ନେତୃତ୍ୱରେ ଏକ ପ୍ରତିନିଧି ମଣ୍ଡଳୀ ଜିଲାପାଳ ସୁବ୍ରତ କୁମାର ପଣ୍ଡାଙ୍କୁ ସାକ୍ଷାତ କରି ବୌଦ୍ଧରେ ରାମଲୀଳା ଯାତ୍ରାରେ ବ୍ୟାଘାତ ସୃଷ୍ଟି ନକରିବାକୁ ଆଲୋଚନା କରିଥିଲେ। ଷ୍ଟାଡିୟମ ପଡ଼ିଆରେ ଗ୍ୟାଲେରି ସୁବିଧା ସହ ଆତସବାଜୀ ପାଇଁ ସୁବିଧା ହେଉଥିବାରୁ ସେଠାରେ ସମର ଶୋଭାଯାତ୍ରା ପାଇଁ ଅନୁମତି ପ୍ରଦାନ କରିବାକୁ ଓକିଲ ସଂଘ ପକ୍ଷରୁ ନିବେଦନ କରାଯାଇଥିଲା। କିନ୍ତୁ ଜିଲାପାଳ ପଣ୍ଡା ରାଜ୍ୟ ରାଜସ୍ୱ ମନ୍ତ୍ରୀ ବୌଦ୍ଧ ଗସ୍ତ ସମୟରେ ଷ୍ଟାଡିୟମ ପଡ଼ିଆକୁ କେବଳ ଖେଳ ପାଇଁ ବ୍ୟବହାର କରିବାକୁ ନିର୍ଦ୍ଦେଶ ଦେଇଥିବାରୁ ଏ ସମ୍ପର୍କରେ ସରକାରଙ୍କ ନିକଟରୁ ଅନୁମତି ଆଣିଲେ ପ୍ରଶାସନ ପକ୍ଷରୁ ଯାତ୍ରା ପାଇଁ ଷ୍ଟାଡିୟମ ପଡ଼ିଆ ଯୋଗାଇଦେବାରେ କୌଣସି ଅସୁବିଧା ନାହିଁ ବୋଲି ପ୍ରକାଶ କରିଥିଲେ। ଜିଲା ଓକିଲ ସଂଘ ପକ୍ଷରୁ ବୌଦ୍ଧରେ ରାମଲୀଳା ଯାତ୍ରାକୁ ଅନୁମତି ନମିଳିବା ପରିତାପର ବିଷୟ, ଏହା କେବଳ ଠାକୁରଙ୍କ ଯାତ୍ରା ନୁହେଁ ବୌଦ୍ଧର ସାଧାରଣଲୋକଙ୍କ ଧର୍ମଭାବନାକୁ ବିରୋଧ ବୋଲି ପ୍ରକାଶ କରିଥିଲେ। ତେବେ ପ୍ରଶାସନ ପକ୍ଷରୁ ଅନୁମତି ପ୍ରଦାନ ନେଇ ଅନିଚ୍ଛା ପ୍ରକାଶ କରାଯିବା ପରେ ରାମଲୀଳା ଉତ୍ସବ ପାଇଁ ଆବଶ୍ୟକ ହେଲେ ବୌଦ୍ଧ ବନ୍ଦ ଡାକରା ଦିଆଯିବ ବୋଲି ପ୍ରତିକ୍ରିୟା ପ୍ରକାଶ କରିଥିଲେ।

### ଜିଲାପାଳଙ୍କୁ ଭେଟିଲା ଜିଲା ଓକିଲ ସଂଘ

ଏଥିସହ ଜିଲାର ବିଭିନ୍ନ ସମସ୍ୟା ନେଇ ଓକିଲ ସଂଘ ପ୍ରତିନିଧି ଜିଲାପାଳଙ୍କ ଦୃଷ୍ଟି ଆର୍କଷଣ କରିବା ସହ ଆଲୋଚନା ହୋଇଥିଲା। ଜିଲା ସଂଗ୍ରହାଳୟକୁ ସ୍ୱାଭାବିକ ଭାବରେ କାର୍ଯ୍ୟକ୍ଷମ କରିବାକୁ ଓକିଲ ସଂଘ ପକ୍ଷରୁ ଦୃଷ୍ଟି ଆକର୍ଷଣ କରାଯିବାରେ ଏ ସମ୍ପର୍କରେ ଉଦ୍ୟମ ଜାରି ରହିଛି ବୋଲି ଜିଲାପାଳ ପ୍ରକାଶ କରିଥିଲେ। ଏଥିସହିତ ଯାତ୍ରୀବାହୀ ବସ୍‌ଗୁଡିକ ସହରକୁ ପ୍ରବେଶ ନକରି ରାତିରେ ଜନଶୂନ୍ୟ ମହାନଦୀ ବ୍ରିଜ୍ ଛକରେ ଯାତ୍ରୀମାନଙ୍କୁ ଓହ୍ଲାଇ ଦେଉଥିବା,ଉପଜିଲାପାଳଙ୍କ ଅଦାଲତରେ ମାମଲା ଗୁଡିକ ବିଚାର ନହୋଇ ବର୍ଷ ବର୍ଷ ଧରି ପଡିରହିବା ଏବଂ ଜିଲା ହେବାର ୩୧ବର୍ଷ ପରେ ମଧ୍ୟରେ ରାଜସ୍ୱ ବିଭାଗର ରେକର୍ଡରୁମ କନ୍ଧମାଳ ଜିଲାରୁ ବୌଦ୍ଧକୁ ସ୍ଥାନାନ୍ତର ହୋଇନପାରିବା ନେଇ ଓକିଲ ସଂଘ ପକ୍ଷରୁ ଉଦ୍‌ବେଗ ପ୍ରକାଶ କରାଯାଇଥିଲା। ଜିଲାପାଳ ଏହି ସମସ୍ୟା ଗୁଡିକର ସମାଧାନ ପାଇଁ ପ୍ରଶାସନିକସ୍ତରରେ ଉଚିତ ପଦକ୍ଷେପ ନିଆଯିବାକୁ ଜିଲା ଓକିଲ ସଂଘକୁ ପ୍ରତିଶ୍ରୁତି ଦେଇଥିଲେ। ଏହି ଆଲୋଚନା ସମୟରେ ପ୍ରଶାସନ ପକ୍ଷରୁ ଅତିରିକ୍ତ ଜିଲାପାଳ ଅନିରୁଦ୍ଧ ପଧାନ, ଜିଲାପରିଷଦ ମୁଖ୍ୟ ଉନ୍ନୟନ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ ପ୍ରଭାସ ଚନ୍ଦ୍ର ଦଣ୍ଡସେନା, ଉପଜିଲାପାଳ ପ୍ରବୀଣ କୁମାର ବାଣୁଆ ଉପସ୍ଥିତ ଥିଲେ। ସେହିପରି ଜିଲା ଓକିଲ ସଂଘ ସଂପାଦକ ଜ୍ଞାନ ରଞ୍ଜନ ପଟ୍ଟନାୟକ,ବରିଷ୍ଠ ଆଇନଜିବୀ ତାରେଣି କୁମାର ମହାପାତ୍ର, ଅଶୋକ କୁମାର ସାହୁ, ଯୋଗେଶ ପ୍ରସାଦ ନାୟକ, ବିଶ୍ୱଜିତ ମିଶ୍ର, ପ୍ରଦିପ ମହାରଣା ଓ ଆଶିଷ କୁମାର ମହାକୁଳ ପ୍ରମୁଖ ସାମିଲ ହୋଇଥିଲେ।

## ସଂକ୍ଷେପରେ

### କୀଟନାଶକ ପିଇ ଆତ୍ମହତ୍ୟା

**ବଡ଼ଗାଁ,୨।୪(ଅଶୋକ ଷଡ଼ଙ୍ଗୀ):** ବଡ଼ଗାଁ ଥାନା ଅନ୍ତର୍ଗତ ଇତମା ନଡ଼ିଆପଡାର ଜଣେ ଯୁବକ କୀଟନାଶକ ପିଇ ଆତ୍ମହତ୍ୟା କରିଛନ୍ତି। ସେ ହେଲେ ଅଜିତ ମାଝି। ବଡ଼ଗାଁ ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ଘଟଣାର ତଦନ୍ତ କରୁଛି। ସୂଚନା ଅନୁଯାୟୀ, ଅଜିତ ମଙ୍ଗଳବାର କୀଟନାଶକ ପିଇ ଗୁରୁତର ଅସୁସ୍ଥ ହୋଇଥିଲେ। ତାଙ୍କୁ ସୁନ୍ଦରଗଡ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ବୁଧବାର ତାଙ୍କର ମୃତ୍ୟୁ ଘଟିଛି।

### ସ୍ଲୋ ସାଇକ୍ଲିଂ ପ୍ରତିଯୋଗିତା

**କୁତ୍ରା,୨।୪(ଦେବାଶିଷ ସାହୁ):** କୁତ୍ରା କେନ୍ଦ୍ରୀୟ ବିଦ୍ୟାଳୟ ପରିସରରେ ଅନୁଷ୍ଠାନର ଛାତ୍ରୀଙ୍କୁ ନେଇ ନେହେରୁ ଯୁବା କେନ୍ଦ୍ର ପକ୍ଷରୁ ସ୍ଲୋ ସାଇକ୍ଲିଂ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଏହି ପ୍ରତିଯୋଗିତାରେ ବିଦ୍ୟାଳୟର ୨୦ରୁ ଉର୍ଦ୍ଧ୍ୱ ଛାତ୍ରୀ ଭାଗ ନେଇଥିଲେ। ଏଥିରେ ପରିଣିତି ଟପ୍ପୋ ପ୍ରଥମ ,ଅନୁଷ୍କା ସିଂ ଦ୍ୱିତୀୟ ସ୍ଥାନ ଓ ଜେନିଭା ଗ୍ରେସି ମିଞ୍ଜ ତୃତୀୟ ସ୍ଥାନ ଅଧିକାର କରିଥିଲେ। ବିଦ୍ୟାଳୟର ଅଧ୍ୟକ୍ଷ ହେମାନନ୍ଦ ବାରିକ, ଶିକ୍ଷକ ଓମପ୍ରକାଶ ଶର୍ମା, ମହେନ୍ଦ୍ର କୁଆ ପ୍ରମୁଖ ଉପସ୍ଥିତ ରହି ଛାତ୍ରୀଙ୍କୁ ଉତ୍ସାହିତ କରିବା ସହିତ ବିଜୟୀ ହୋଇଥିବା ଛାତ୍ରୀଙ୍କୁ ପୁରସ୍କୃତ କରିଥିଲେ। ମଞ୍ଜିତ ଡୁଙ୍ଗଡୁଙ୍ଗଙ୍କ ତତ୍ତ୍ୱାବଧାନରେ ଖେଳ ପରିଚାଳିତ ହୋଇଥିଲା। ବିଦ୍ୟାଳୟର ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକ ସହଯୋଗ କରିଥିଲେ।

### ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର



**ସବ୍‌ଡେଗା,୨।୪ (ଅନନ୍ତ ପଟେଲ):** ସବ୍‌ଡେଗା ବ୍ଲକ ପରିସରରେ ବୁଧବାର ବ୍ଲକ ଅଧକ୍ଷା କୁନ୍ତୀ ପ୍ରଧାନଙ୍କ ସଭାପତିତ୍ୱରେ ସକାଳ ୧୦ଟାରୁ ଭୀମ ଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର ଅନୁଷ୍ଠିତ ହୋଇଥିଲା। ଏଥିରେ ସବ୍‌ଡେଗା ବ୍ଲକର ବିଭିନ୍ନ ଅଞ୍ଚଳରୁ ଭିନ୍ନକ୍ଷମ ଏବଂ ତାଙ୍କର ଅଭିଭାବକମାନେ ଯୋଗ ଦେଇଥିଲେ। ସମୁଦାୟ ୨୩୧ ଜଣ ନାମ ପଞ୍ଜିକରଣ କରି ଡାକ୍ତର ଦେଖାଇଥିଲେ। ଯେଉଁଥିରେ ଡାକ୍ତର ପୂର୍ଣ୍ଣଚନ୍ଦ୍ର ମାଝୀ, ଦୀପକ କୁମାର ପ୍ରଧାନ, ଅଭିନାସ ନାଏକ, ମନୋଜ ଆଚାରୀୟ ଓ ସୁବାସିନୀ ପାଣ୍ଡେ ପ୍ରମୁଖ ଯୋଗଦେଇ ମାନସିକ ଅନଗ୍ରସର, ଦୃଷ୍ଟି ବାଧିତ, ଶ୍ରବଣ ବାଧିତ, ଅସ୍ଥି ଶଲ୍ୟ ରୋଗରେ ପୀଡିତ ରୋଗୀଙ୍କୁ ଯାଞ୍ଚ କରିଥିଲେ।

### ବୋଲେରୋ ଚୋରି, ଥାନାରେ ଅଭିଯୋଗ

**ଲହୁଣୀପଡା,୨।୪(ଦାଶରଥି ପଣ୍ଡା):** ଲହୁଣୀପଡା ବ୍ଲକ କଲୋନୀ ସ୍ଥିତ ଆଖଣ୍ଡଳମଣି ମନ୍ଦିର ନିକଟରୁ ବୁଧବାର ଏକ ବୋଲେରୋ ଚୋରି ହୋଇଥିବା ଥାନାରେ ଅଭିଯୋଗ ହୋଇଥିଲା। ସୂଚନାରୁ ପ୍ରକାଶ ଯେ,ଆଖଣ୍ଡଳମଣି ମନ୍ଦିର ନିକଟରେ ରୁଙ୍ଗଟା କମ୍ପାନୀର ଏକ କାର୍ଯ୍ୟାଳୟ ଅଛି। ଉକ୍ତ କମ୍ପାନୀରେ ଓଆର -୦୯ଏଲ-୩୯୯୧ ବୋଲେର ଗାଡି ଭଡା ସୂତ୍ରରୁ ଲାଗିଥିଲା। ବୁଧବାର କାର୍ଯ୍ୟାଳୟ ସମ୍ମୁଖରୁ ଗାଡି ଚୋରି ହୋଇଥିଲା। ଗାଡି ମାଲିକ ଲହୁଣୀପଡା ଥାନାରେ ଲିଖିତ ଅଭିଯୋଗ କରିଥିବାବେଳେ ପୋଲିସ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଇଛି।

# ସୁନ୍ଦର ରାଷ୍ଟ୍ର ଗଠନରେ ଉତ୍ତମ ନାଗରିକର ଆବଶ୍ୟକତା ରହିଛି



ସୁନ୍ଦରଗଡ଼ରେ ଜିଲାପାଳ ଜଣେ ଛାତ୍ରଙ୍କୁ କିଟ୍ ପ୍ରଦାନ କରୁଛନ୍ତି।



ବଡ଼ଗାଁରେ ଜଣେ କୁନି ଛୁଆଙ୍କୁ ଖଡ଼ିଛୁଆଁ ଯାଉଛି।



କୁତ୍ରାରେ କୁନି କୁନି ପିଲାମାନଙ୍କୁ କିଟ୍ ପ୍ରଦାନ କରାଯାଉଛି

**ସୁନ୍ଦରଗଡ,୨।୪(ଜୟ ନାରାୟଣ ମେଣ୍ଡୁଲି)**

ସୁନ୍ଦରଗଡ଼ ଜିଲା ସ୍ତରୀୟ ଓ ବ୍ଲକ ସ୍ତରୀୟ ପ୍ରବେଶ ଉତ୍ସବ ଓ ଖଡିଛୁଆଁ କାର୍ଯ୍ୟକ୍ରମ ସରକାରୀ ପ୍ରାଥମିକ ବିଦ୍ୟାଳୟ, ଗୌଡପଡାଠାରେ ବୁଧବାର ପାଳିତ ହୋଇଯାଇଛି। ପ୍ରାରମ୍ଭରେ ଜିଲା ଶିକ୍ଷା ଅଧିକାରୀ ଅମୂଲ୍ୟ କୁମାର ପଧାନ କାର୍ଯ୍ୟକ୍ରମର ଆଭିମୁଖ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ମୁଖ୍ୟ ଅତିଥିଭାବେ ଜିଲାପାଳ ମନୋଜ ସତ୍ୟବାନ ମହାଜନ ଯୋଗଦେଇ ନିଜ ଛାତ୍ର ଜୀବନର କଥା ମନେ ପକାଇ କହିଥିଲେ ଯେ, ମୁଁ ଗାଁରେ ଥିବା ଗୋଟେ ଆବାସିକ ବିଦ୍ୟାଳୟର ଛାତ୍ର ଥିଲି। ମୋ ଜୀବନର ପରିବର୍ତ୍ତନରେ ମୁଁ ମୋ ଶିକ୍ଷକଙ୍କୁ ଶ୍ରେୟ ଦେବି । ସେମାନଙ୍କ ପାଇଁ ମୁଁ ଜଣେ ଆଇଏସ ଅଫିସର୍ ହୋଇପାରିଛି। ତେଣୁ ଛାତ୍ରୀଛାତ୍ରମାନେ ଭଲ ଓ ବଡ ମଣିଷ ହେବା ଶିକ୍ଷୟିତ୍ରୀଶିକ୍ଷକଙ୍କ କର୍ତ୍ତବ୍ୟ ଉପରେ ନିର୍ଭର କରେ। ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକମାନେ ଯତ୍ନଶୀଳ ହେବା ଆବଶ୍ୟକ। ସମସ୍ତଙ୍କର ଭବିଷ୍ୟତ ଉନ୍ନତି କାମନା କରିଥିଲେ। ଇତି ଅବସରରେ ଗୌଡପଡା ପ୍ରାଥମିକ ବିଦ୍ୟାଳୟର ଶୈକ୍ଷିକ ବିକାଶ ପାଇଁ ଜିଲାପାଳ ମହାଜନ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ କଳ୍ପନା ପଟେଲଙ୍କୁ ପ୍ରଶଂସା କରିବା ସହିତ ମାନପତ୍ର ପ୍ରଦାନ କରିଥିଲେ। ସମ୍ମାନୀତ ଅତିଥିଭାବେ ଅତିରିକ୍ତ ଜିଲାପାଳ ରବି ନାରାୟଣ ସାହୁ, ସଦର ଉପ-ଜିଲାପାଳ ଦାଶରଥି ସରାବୁ,ଜିଲା ସମାଜ କଲ୍ୟାଣ ମଙ୍ଗଳ ଅଧିକାରିଣୀ କ୍ରିଷ୍ଣା କୁମାରୀ ନନ୍ଦ ଓ ସଦର ବ୍ଲକ ମହିଳା ଓ ଶିଶୁ ବିକାଶ ଅଧିକାରିଣୀ ସୁବାଷୀ ମୁଣ୍ଡୁ ଉପସ୍ଥିତ ରହି ପିଲାମାନଙ୍କର ଭବିଷ୍ୟତ ଉଜ୍ଜ୍ୱଳ କାମନା କରିବା ସହ ସୁନ୍ଦର ରାଷ୍ଟ୍ର ଗଠନରେ ଉତ୍ତମ ନାଗରିକର ଆବଶ୍ୟକତା ରହିଛି ବୋଲି ମତବ୍ୟକ୍ତ କରିଥିଲେ। ଏହି ଅବସରରେ ଗୌଡପଡା ପ୍ରାଥମିକ ବିଦ୍ୟାଳୟରେ ନୂତନ କରି ଆସିଥିବା ୨୦ ଜଣ ଶିଶୁ ବାଟିକା ଓ ପ୍ରଥମ ଶ୍ରେଣୀର ଛାତ୍ରୀଛାତ୍ରଙ୍କୁ ଜିଲାପାଳ ଶିକ୍ଷା ସାମଗ୍ରୀ ବଣ୍ଟନ କରିଥିଲେ। ସୁନ୍ଦରଗଡ ବ୍ଲକ ଗୋଷ୍ଠୀ ଶିକ୍ଷା ଅଧିକାରୀ ଲାଲିମା ଗ୍ଲୋରିୟା ଡୁଙ୍ଗଡୁଙ୍ଗଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ଛାତ୍ରୀଛାତ୍ରଙ୍କୁ ଖଡିଛୁଆଁ କରାଯାଇଥିଲା। ଶେଷରେ ଜିଲାପାଳ ଶିକ୍ଷା ସଚେତନତା ରଥକୁ ପତକା ଦେଖାଇ ଶୁଭାରମ୍ଭ କରିଥିଲେ। ଆଦିବାସୀ ଶିକ୍ଷା ସଂଯୋଜକ ଡ. ଦୀପକ କୁମାର ଦାସଙ୍କ ସଂଯୋଜନାରେ ସ୍ୱାଗତିକା ପଣ୍ଡା ମଞ୍ଚ ପରିଚାଳନା କରିଥିଲେ। ସୁନ୍ଦରଗଡ ଗୋଷ୍ଠୀ ଶିକ୍ଷା ଅଧିକାରୀ ଲାଲିମା ଗ୍ଲୋରିଆ ଡୁଙ୍ଗଡୁଙ୍ଗ ଧନ୍ୟବାଦ ଜ୍ଞାପନ କରିଥିଲେ।

**ହେମଗିର (ଚୈତନ୍ୟ ପଟେଲ):** ହେମଗିର ବ୍ଲକ ମେଣ୍ଡ୍ରା ସରକାରୀ ପ୍ରାଥମିକ ବିଦ୍ୟାଳୟରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ଏବିଇଓ କପିଳ ଚନ୍ଦ୍ର ଦାସ, ମୁଖ୍ୟବକ୍ତା ବ୍ଲକ ଶିକ୍ଷକ ସଂଘର ସଭାପତି ରାମଲାଲ ପଟେଲ, ସମ୍ମାନୀତ ଅତିଥି ସନ୍ତୋଷ ବେହେରା, ଜୟଲାଲ ଦେହୁରି, ସିଆରସିସି ନିତ୍ୟାନନ୍ଦ ପଧାନ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ବାର୍ଷିକ କ୍ରୀଡ଼ାରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ରୀଛାତ୍ରଙ୍କୁ ଅତିଥିମାନେ ପୁରସ୍କାର ପ୍ରଦାନ କରିଥିଲେ। ସ୍କୁଲର ପ୍ରଧାନ ଶିକ୍ଷକ ଆଜିତ କୁମାର ନାଏକ, ସହକାରୀ ଶିକ୍ଷକ ବଲ୍ଲଭୀ ଗଡିଆ, ଖାନାପୁରୀ ପ୍ରଧାନ ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।

**କୁତ୍ରା (ଦେବାଶିଷ ସାହୁ):** କୁତ୍ରା ପିଏମଶ୍ରୀ ସରକାରୀ ଉତ୍କୃଷ୍ଟ ଉଚ୍ଚ ବିଦ୍ୟାଳୟରେ ଆୟୋଜିତ କାର୍ଯ୍ୟକ୍ରମରେ ଅତିଥିଭାବେ ତହସିଲଦାର ପ୍ରମୋଦ କୁମାର ବାସ୍କେ, ବିଡିଓ ଯୁଗଳ କିଶୋର ବିଶ୍ୱାଳ, ବିଇଓ ନୈନାକୁଜୁର, ଲକ୍ଷ୍ମଣ ଜାମୁଣ୍ଡା, ନିରଞ୍ଜନ ରାଉଳ, ମିନା କୁମାରୀ ଜେନା, ପ୍ରଧାନ ଶିକ୍ଷକ ନଳିନୀକାନ୍ତ ଶାସନୀ ଯୋଗଦେଇଥିଲେ। ନୂତନଭାବେ ଯୋଗଦେଇଥିବା ଛାତ୍ରୀଛାତ୍ରଙ୍କୁ ସ୍କୁଲ ବ୍ୟାଗ, କମ୍ପାସ, ପେନସିଲ, ପାଣି ବୋତଲ, ଚକଲେଟ ଆଦି ପ୍ରଦାନ କରାଯାଇଥିଲା। ପରେ ନାଚଗୀତ ସହିତ ଏକ ସଚେତନତା ରଥ ବିଭିନ୍ନ ବିଦ୍ୟାଳୟ ପରିକ୍ରମା କରିଥିଲା। ସଭା କାର୍ଯ୍ୟ ବିଦ୍ୟାଳୟର ବରିଷ୍ଠ ଶିକ୍ଷକ ବିଭୀଷଣ ପରିଚାଳନା କରିଥିବାବେଳେ ସମସ୍ତ କାର୍ଯ୍ୟକ୍ରମ ପରିଚାଳନାରେ ସିଆରସିସି କ୍ଷଣପ୍ରଭା ମାରଥା, ରାଜେଶ ବେହେରା, ସୁଦୀପ୍ତ ବେହେରା, ତପନ କୁମାର ସେଠୀ, ବୈଦ୍ୟନାଥ ଜୟପୁରିଆ, ଶିକ୍ଷୟିତ୍ରୀ ଦୀପିକା କେର୍କେଟା ପ୍ରମୁଖ ସହଯୋଗ କରିଥିଲେ ।

### ଜିଲା ସ୍ତରୀୟ,ବ୍ଲକ ସ୍ତରୀୟ ପ୍ରବେଶ ଉତ୍ସବ,ଖଡିଛୁଆଁ କାର୍ଯ୍ୟକ୍ରମ

**ବଡ଼ଗାଁ (ଅଶୋକ ଷଡ଼ଙ୍ଗୀ):** ବଡ଼ଗାଁ ସରକାରୀ ଉଚ୍ଚ ବିଦ୍ୟାଳୟରେ ଆୟୋଜିତ କାର୍ଯ୍ୟକ୍ରମରେ ବିଡିଓ ପୂର୍ଣ୍ଣଚନ୍ଦ୍ର ଭୋଇ ମୁଖ୍ୟ ଅତିଥି, ତହସିଲଦାର ଝରଣା ପ୍ରଧାନ, ବ୍ଲକ ଶିକ୍ଷା ଅଧିକାରୀ ଶାନ୍ତି ମୁନି ସୁରେଖା ହରୋ, ବରଙ୍ଗାକଛାର ହାଇସ୍କୁଲ ପ୍ରଧାନଶିକ୍ଷକ ଦୁବରାଜ ଗୋଖରା, ସିଡିପିଓ ସୁଜାତା ବେଗ, ବଡ଼ଗାଁ ହାଇସ୍କୁଲ ପ୍ରଧାନ ଶିକ୍ଷୟତ୍ରୀ ସୁନୀତା ଲାକ୍ରା, ଜିଲା ପରିଷଦ ସଭ୍ୟ ଅମିୟ କୁମାର ପ୍ରଧାନ, ଏମ୍‌ପି ପ୍ରତିନିଧି ଶିଶିର ରାଉତରାୟ, ବିଧାୟକ ପ୍ରତିନିଧି ବାବୁଲି କରସେଲ, ବଡ଼ଗାଁ ହାଇସ୍କୁଲ ପରିଚାଳନା କମିଟି ସଭାପତି ଅଦ୍ୱୈତ ପ୍ରସାଦ ନାୟକ ସମ୍ମାନୀତ ଅତିଥିଭାବେ ଯୋଗଦେଇଥିଲେ। ଆୟୋଜକ ପିଏମଶ୍ରୀ ବଡ଼ଗାଁ ସରକାରୀ ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷୟିତ୍ରୀ ସୁନୀତା ଲାକ୍ରା ସ୍ୱାଗତ ଭାଷଣ ଦେଇଥିଲେ। ବରିଷ୍ଠ ଶିକ୍ଷୟିତ୍ରୀ ସ୍ୱର୍ଣ୍ଣଲତା ନାଏକ ଖଡ଼ିଛୁଆଁ ଉତ୍ସବ ସମ୍ବନ୍ଧରେ ମୁଖ୍ୟମନ୍ତ୍ରୀ ଦେଇଥିବା ବାର୍ତ୍ତା ପାଠ କରିଥିଲେ। ଶିକ୍ଷକ ଜନସନ ଖାଖା ମଞ୍ଚ ପରିଚାଳନା କରିଥିବାବେଳେ ଅତିରିକ୍ତ ବ୍ଲକ ଶିକ୍ଷା ଅଧିକାରୀ ଚତୁର୍ଭୁଜ ଗୌଡ଼ିଆ ଧନ୍ୟବାଦ ଅର୍ପଣ କରିଥିଲେ। ଶେଷରେ ଶିକ୍ଷା ସଚେତନତା ରଥକୁ ଅତିଥିମାନେ ସବୁଜ ପତାକା ଦେଖାଇ ଉଦ୍‌ଘାଟନ କରିଥିଲେ।

**ଲହୁଣୀପଡା (ଦାଶରଥି ପଣ୍ଡା):** ଲହୁଣୀପଡାରେ ଅନୁଷ୍ଠିତ କାର୍ଯକ୍ରମରେ ମୁଖ୍ୟ ଅତିଥିଭାବେ ଆଇଟିଡିଏପିଏ ସ୍ୱଦୀପ ଟାପୋ ଯୋଗ ଦେଇଥିବାବେଳେ ସମ୍ମାନିତ ଅତିଥିଭାବେ ବିଡିଓ ଅନୁରାଗ ମିଶ୍ର, ଲହୁଣୀପଡା ଥାନା ଅଧିକାରୀ ସୁରଜ କୁମାର ଝାଙ୍କର, ଜିଲା ପରିଷଦ ସଦସ୍ୟା ଜୁଲିଆନି କାଣ୍ଡିର,ଏମପି ପ୍ରତିନିଧି ଅନୀଲ କୁମାର ମାହାନ୍ତ, ସୁପର ଭାଇଜର ପୁଷ୍ପମଞ୍ଜରୀ ବେହେରା, ଏବିଇଓ ନରହରି କିଷାନ ଯୋଗଦେଇଥିଲେ। ଗୋଷ୍ଠୀ ଶିକ୍ଷା ଅଧିକାରୀ ଭଗବାନ ବାଙ୍କିରାଙ୍କ ଅଧକ୍ଷତାରେ ଏକ ସଭା ଅନୁଷ୍ଠିତ ହୋଇଥିଲା। ଶିଶୁ ବାଟିକା ଛାତ୍ରୀଛାତ୍ରଙ୍କ ଖଡ଼ିଛୁଆଁ ସହିତ ପାଠ୍ୟ ସାମଗ୍ରୀ ପ୍ରଦାନ କରାଯାଇଥିଲା। ଏହାସହିତ ଅତିଥିମାନେ ଶିକ୍ଷା ସଚେତନତା ରଥକୁ ସବୁଜ ପତାକା ଦେଖାଇ ଉଦ୍‌ଘାଟନ କରିଥିଲେ।

**ସବଡେଗା (ଅନନ୍ତ ପଟେଲ):** ସବ୍‌ଡେଗା ବ୍ଲକ ସ୍ତରୀୟ ଶିକ୍ଷା ସଚେତନତା ରଥର ବୁଧବାର ଶୁଭାରମ୍ଭ ହୋଇ ଯାଇଛି। ସବ୍‌ଡେଗା ଗୋଷ୍ଠୀ ଉନ୍ନୟନ ଅଧିକାରୀ ବିଶ୍ୱନାଥ ସାହୁ ମୁଖ୍ୟ ଅତିଥି, ସମ୍ମାନିତ ଅତିଥିଭାବେ ଏମ୍‌ପି ପ୍ରତିନିଧି ପ୍ରଶାନ୍ତ ସେଠ, ବିଧାୟକ ପ୍ରତିନିଧିଭାବେ ଗୁଲସନ ବାରୁଆ, ଅତିରିକ୍ତ ଜିଲା ଶିକ୍ଷା ଅଧିକାରୀ ସାରଙ୍ଗଧର ବରିହା, ଏବିଇଓ ମୁକ୍ତେଶରୀ ପଟେଲ, ଉପାଧକ୍ଷ ସୁଶାନ୍ତ ବେହେରା, ସରପଞ୍ଚ ଗଣେଶ ପ୍ରଧାନ, ସମିତି ସଭ୍ୟା ସଙ୍ଗୀତା ଡାଙ୍ଗୁଆର ପ୍ରମୁଖ ଉପସ୍ଥିତ ରହି ରଥର ଉଦ୍‌ଘାଟନ କରିଥିଲେ। ଏହି ରଥ ଆସନ୍ତା ୪ ଦିନ ବ୍ୟାପୀ ସବ୍‌ଡେଗା ବ୍ଲକର ବିଭିନ୍ନ ଗ୍ରାମ, ପଡା ଓ ବିଦ୍ୟାଳୟ ପରିକ୍ରମା କରିବା ସହ ଶିଶୁବାଟିକାରେ ନାମ ଲେଖାଇବା ପାଇଁ ସଚେତନ କରିବ। ଏହି ଅବସରରେ ଓଡ଼ିଆ ପକ୍ଷ ପାଳନର ପ୍ରଥମ ଦିବସ ଖଡ଼ି ଛୁଆଁ କାର୍ଯ୍ୟକ୍ରମ ମଧ କରାଯାଇଥିଲା।

**କୁଆଁରମୁଣ୍ଡା(ମହେନ୍ଦ୍ର କୁମାର ସାହୁ):** କୁଆଁରମୁଣ୍ଡାରେ ଆୟୋଜିତ କାର୍ଯ୍ୟକ୍ରମରେ ଅତିଥିଭାବେ କୁଆଁରମୁଣ୍ଡା ଜିଲା ପରିଷଦ ସଭ୍ୟ ରାଜେନ୍ଦ୍ର କୁଜୁର ଯୋଗ ଦେଇଥିଲେ। ଏହି କାର୍ଯ୍ୟକ୍ରମ ନବାଗତ ପିଲାଙ୍କ ଉପସ୍ଥାନ ବୃଦ୍ଧିରେ ସହାୟକ ହେବ ଓ ଏହି ଆୟୋଜନ ଅନ୍ୟ ସ୍କୁଲ ଗୁଡିକ ପାଇଁ ପ୍ରେରଣା ଯୋଗାଇବ ବୋଲି ଜିଲା ପରିଷଦ ସଭ୍ୟ କୁଜୁର ନିଜ ବକ୍ତବ୍ୟରେ କହିଛନ୍ତି। କାର୍ଯ୍ୟକ୍ରମରେ ବିଡିଓ ଜଗଦୀଶ ଚନ୍ଦ୍ର ମହାନନ୍ଦ, ବିଇଓ ସଦାନନ୍ଦ ପଧାନ ପ୍ରମୁଖ ଯୋଗଦେଇ ଥିଲେ। ପଦମପୁର ସରପଞ୍ଚ ଦିଲ୍ଲୀପ ଏକ୍କା, ସ୍କୁଲ ପରିଚାଳନା କମିଟି ସଭାପତି ଚନ୍ଦ୍ରମଣି ରଣା ପ୍ରମୁଖ ମଞ୍ଚସୀନ ଥିଲେ। ଏହି ଅବସରରେ ବ୍ଲକସ୍ତରୀୟ ଶିକ୍ଷା ସଚେତନତା ରଥକୁ ଅତିଥିମାନେ ଉଦ୍‌ଘାଟନ କରିଛନ୍ତି। ଉକ୍ତ ରଥ ବ୍ଲକ ଅଞ୍ଚଳ ପରିକ୍ରମା କରି ଖଡିଛୁଆଁ କାର୍ଯ୍ୟକ୍ରମ ବିଷୟରେ ଚଳିତ ମାସ ୫ ତାରିଖ ପର୍ଯ୍ୟନ୍ତ ସଚେତନତା କରିବ ବୋଲି ଜଣାପଡିଛି।

### ଓମ୍ ସାଇ ପବ୍ଲିକ୍ ସ୍କୁଲର ବାର୍ଷିକ ଉତ୍ସବ

**ଖଡ଼ିଆଳ,୨।୪ (ସୁଜିତ କୁମାର ପ୍ରଧାନ):** ନୂଆପଡ଼ା ଜିଲା ଖଡ଼ିଆଳସ୍ଥିତ ଓମ୍ ସାଇ ପବ୍ଲିକ ସ୍କୁଲର ୧୦ତମ ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି। ସ୍କୁଲର ଡାଇରେକ୍ଟର ଅନିଲ କୁମାର ମେହେରଙ୍କ ଅଧ୍ୟକ୍ଷତାରେ ମୁଖ୍ୟଅତିଥି ଭାବେ ଖଡ଼ିଆଳ ବିଧାୟକ ଅଧିରାଜ ମୋହନ ପାଣିଗ୍ରାହୀ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ଶିକ୍ଷାବିତ୍ ବଳଭଦ୍ର ମହାପାତ୍ର ମୁଖ୍ୟବକ୍ତା ଓ ଖଡ଼ିଆଳ ନଗରପାଳ ଉଜ୍ଜ୍ୱଳ ଗୁପ୍ତା, ଅବସରପ୍ରାପ୍ତ ବିଇଓ ମୋତିଲାଲ ବେହେରା, ଖବରଦାତା କୁନୁ କରୁଆଁ, ଖଡ଼ିଆଳ ଥାନା ଅଧିକାରୀ ଦିଲୀପ କୁମାର ସାହୁ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ସ୍କୁଲ ଅଧ୍ୟକ୍ଷ ସବଲୋନ ସେନାପତି ବାର୍ଷିକ ବିବରଣୀ ପଠନ କରିଥିଲେ। ଏହି ଅବସରରେ ବିଭିନ୍ନ କ୍ଷେତ୍ରରେ ପାରଦର୍ଶିତା ଲାଭ କରିଥିବା ଛାତ୍ରୀଛାତ୍ରଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ। ପରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଶିକ୍ଷକ କ୍ଷୀରୋଦ ବିଶି ମଞ୍ଚ ପରିଚାଳନା କରିଥିବା ବେଳେ ଶିକ୍ଷୟିତ୍ରୀ ରିତା ଟେଣ୍ଡକାରି ଧନ୍ୟବାଦ ଅର୍ପଣ କରିଥିଲେ।

### ଜିଲା ବ୍ରାହ୍ମଣ ସମାଜ ପକ୍ଷରୁ ସାମୂହିକ ବ୍ରତୋପନୟନ



**ସୁନ୍ଦରଗଡ,୨।୪(ଜୟ ନାରାୟଣ ମେଣ୍ଡୁଲି)**

ଜିଲା ବ୍ରାହ୍ମଣ ସମାଜ ପକ୍ଷରୁ ସୋମବାର ସ୍ଥାନୀୟ ଜଗନ୍ନାଥ ମନ୍ଦିର ପରିସରରେ ସାମୂହିକ ବ୍ରତ ପନୟନ ହୋଇଥିଲା। ଏଥିରେ ୭ଜଣ ବ୍ରାହ୍ମଣ ପିଲାଙ୍କ ବ୍ରତୋପନୟନ କରାଯାଇଥିଲା। ଜିଲା ବ୍ରାହ୍ମଣ ସମାଜର ସଭାପତି ଚିନ୍ମୟ ପାଣିଗ୍ରାହୀ, ସମ୍ପାଦକ ବେଣୁମାଧବତ୍ରିପାଠୀ, କୃଷ୍ଣ ଯୋଷୀ, ପ୍ରଦୀପ ଯୋଷୀ, ଅବନୀ କାନ୍ତ ପୁରୋହିତ, ମାନସ ପୁରୋହିତ, କେଶବ ଚନ୍ଦ୍ର ସା, ମାନସ ଦାଶ, କିଶୋର ଠାକୁର ତଥା ବ୍ରାହ୍ମଣ ସମାଜର କର୍ମକର୍ତ୍ତା ପଣ୍ଡିତମାନେ ସୁଚାରୁରୂପେ ସମ୍ପାଦନ କରିଥିଲେ। ଏହି କାର୍ଯ୍ୟକ୍ରମରେ ସଦର ବିଧାୟକ ଯୋଗେଶ କୁମାର ସିଂହ ଯୋଗଦେଇଥିଲେ।




ନୃତ୍ୟ ପରିବେଷଣ କରାଯାଉଛି।

### ଜିଲା ସ୍ତରୀୟ ଓଡ଼ିଶା ପୋଲିସ ପ୍ରତିଷ୍ଠା ଦିବସ

**ସୁନ୍ଦରଗଡ,୨।୪(ଜୟ ନାରାୟଣ ମେଣ୍ଡୁଲି)**

ସୁନ୍ଦରଗଡ଼ ଜିଲା ପୋଲିସ ପକ୍ଷରୁ ୯୦ତମ ପୋଲିସ ପ୍ରତିଷ୍ଠା ଦିବସ ପାଳିତ ହୋଇଥିଲା। ସ୍ଥାନୀୟ ଶଙ୍କରା ସ୍ଥିତ ରିଜର୍ଭ ପୋଲିସ ପଡିଆଠାରେ ଆୟୋଜିତ ଜିଲା ସ୍ତରୀୟ ସମାରୋହରେ ମୁଖ୍ୟ ଅତିଥିଭାବେ ସୁନ୍ଦରଗଡ଼ ଆରକ୍ଷୀ ଅଧିକ୍ଷକ ପ୍ରତ୍ୟୁଷ ଦିବାକର ଯୋଗଦେଇ ପୋଲିସ ପତାକା ଉତ୍ତୋଳନ କରିବା ସହ ସମବେତ ଯବାନଙ୍କ ପ୍ୟାରେଡର ଅଭିବାଦନ ଗ୍ରହଣ କରିଥିଲେ। ଏହି ଅବସରରେ ଜିଲା ପୋଲିସ ଅଧୀକ୍ଷକ ଦିବାକର ରାଜ୍ୟ ପାଳଙ୍କ ବାର୍ତ୍ତା ପାଠ କରିବା ସହ ଓଡିଶା ପୋଲିସ ଆଇନ ଶୃଙ୍ଖଳା ରକ୍ଷା ଏବଂ ବିଭିନ୍ନ କାର୍ଯ୍ୟରେ ଜନସାଧାରଣଙ୍କ ସେବା ପ୍ରଦାନ କରିଆସୁଛି ବୋଲି କହିଥିଲେ। ଏହି କାର୍ଯ୍ୟକ୍ରମରେ ଜିଲାର ବରିଷ୍ଠ ପୋଲିସ ଅଧିକାରୀ, ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ଥିଲେ। ରିଜର୍ଭ ଇନ୍ସପେକ୍ଟର ଲୋକନାଥ ଭୋଇ ପ୍ୟାରେଡ ପରିଚାଳନା କରିଥିଲେ।



ଫରେଡ୍ କରାଯାଉଛି।

# ମାତୃଭାଷାକୁ ନେଇ ଗର୍ବ କରିବା ଉଚିତ

**ସୁନ୍ଦରଗଡ,୨।୪(ଜୟ ନାରାୟଣ ମେଣ୍ଡୁଲି)**

ସୁନ୍ଦରଗଡ଼ ସଦର ମହକୁମାଠାରେ ଜିଲା ସ୍ତରୀୟ ଓଡ଼ିଶା ଦିବସ ପାଳିତ ହୋଇଯାଇଛି। ସ୍ଥାନୀୟ ସଂସ୍କୃତି ଭବନଠାରେ ଏହି ଅବସରରେ ଏକ ଫଟୋ ପ୍ରଦର୍ଶନୀ, ସାଧାରଣ ସଭା, ପୁରସ୍କାର ବିତରଣ ଉତ୍ସବ ଏବଂ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ସନ୍ଧ୍ୟାରେ ଆୟୋଜିତ ସମାରୋହରେ ଜିଲାପାଳ ମନୋଜ ମହାଜନ ମୁଖ୍ୟ ଅତିଥିଭାବେ ଯୋଗଦେଇ ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନ ପ୍ରତି ଅବଦାନ ଥିବା ଓଡ଼ିଶାର ସମସ୍ତ ବରପୁତ୍ରଙ୍କୁ ଭକ୍ତିପୂତ ଶ୍ରଦ୍ଧାଞ୍ଜଳୀ ଅର୍ପଣ କରିଥିଲେ ଏବଂ ନିଜ ମାତୃଭାଷାକୁ ନେଇ ଗର୍ବ କରିଥିଲେ। ୧ତାରିଖଠାରୁ ଆସନ୍ତା ୧୪ ତାରିଖ ପର୍ଯ୍ୟନ୍ତ ଜିଲା ପ୍ରଶାସନ ଦ୍ୱାରା "ଓଡ଼ିଆ ପକ୍ଷ" ପାଳନ କରାଯିବା ସହିତ ପ୍ରତ୍ୟେକ ଦିନ ହେବାକୁ ଥିବା ବିଭିନ୍ନ କାର୍ଯ୍ୟକ୍ରମ ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। କାର୍ଯ୍ୟକ୍ରମରେ ସଙ୍ଗୀତ ମହାବିଦ୍ୟାଳୟ ଦାରା ବନ୍ଦେ ଉତ୍କଳ ଜନନୀ ପରିବେଷଣ କରାଯାଇଥିଲା। ଏହି ଅବସରରେ ଓଡ଼ିଶା ଦିବସ ଉପଲକ୍ଷେ ଆୟୋଜିତ ବିଭିନ୍ନ ପ୍ରତିଯୋଗିତାରେ କୃତି ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲାପାଳ ରବି ନାରାୟଣ ସାହୁ, ଅତିରିକ୍ତ ଜିଲାପାଳ (ରାଜସ୍ୱ) ଅଭିମନ୍ୟୁ ମାଝୀ, ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ସୁରଞ୍ଜନ ସାହୁ, ସଦର ଉପଜିଲାପାଳ ଦାଶରଥି ସରାବୁ, ପି ଏ , ଆଇଟିଡିଏ ଧୀରେନ୍ଦ୍ର ସେଠୀ, ଜିଲା ଶିକ୍ଷା ଅଧିକାରୀ ଅମୂଲ୍ୟ ପଧାନ, ଜିଲା ସମାଜ ମଙ୍ଗଳ ଅଧିକାରୀ କ୍ରୀଷ୍ଟା କୁମାରୀ ନନ୍ଦ, ସଦର ତହସିଲଦାର କୁଳମଣି ରାନବିଡ଼ା, ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ନନ୍ଦିନୀ ମୁଣ୍ଡାରୀ ଉପସ୍ଥିତ ଥିଲେ। ଏହି କାର୍ଯ୍ୟକ୍ରମରେ ଅନ୍ୟାନ୍ୟ ଜିଲା ସ୍ତରୀୟ ଅଧିକାରୀ, ବରିଷ୍ଠ ନାଗରିକ, ସ୍ୱୟଂ ସହାୟକ ଗୋଷ୍ଠୀର ସଭ୍ୟା ଏବଂ ଛାତ୍ରୀଛାତ୍ରମାନେ ବହୁ ସଂଖ୍ୟା ରେ ଯୋଗଦାନ କରିଥିଲେ। ଏହି ଅବସରରେ ଏକ ଫଟୋ ଚିତ୍ର ପ୍ରଦର୍ଶନୀକୁ ଜିଲାପାଳ ମହାଜନ ଉଦ୍‌ଘାଟନ କରିଥିଲେ।

# ଜିଲାପାଳଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ

**କୁତ୍ରା,୨।୪(ଦେବାଶିଷ ସାହୁ)**



ଦାବିପତ୍ର ପ୍ରଦାନ କରାଯାଉଛି।

ଓଡ଼ିଶା ଜୀବିକା ମିଶନ ଇସି ସଂଘର ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ବୁଧବାର ମିଶନ ଶକ୍ତି ଗୃହରେ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ରାଜ୍ୟ ସରକାର ଓଡ଼ିଶା ଜୀବିକା ମିଶନ ଇସିଙ୍କ ପୁନଃର୍ଗଠନ ନାମରେ ଇସିଙ୍କୁ ଉଚ୍ଛେଦ କରିବାର ଯୋଜନା କରୁଥିବା କହି ଏହାକୁ ବିରୋଧ କରିଥିଲେ। ମାର୍ଚ୍ଚ ୨୭ ତାରିଖ ଚିଠିର ନିର୍ଦ୍ଦେଶନାମାକୁ ସାମରିକ ସ୍ଥଗିତ ରଖିବାକୁ ବିଡିଓଙ୍କୁ ଅନୁରୋଧ କରିବା ସହିତ ସରକାରଙ୍କୁ ନିବେଦନ କରିଥିଲେ। ଇସି ମହିଳାମାନେ ସ୍କୁଟିର ଋଣର ଚାପରୁ ମୁକ୍ତ ନହେବା ପର୍ଯ୍ୟନ୍ତ ସରକାରଙ୍କ ନୂତନ ନିର୍ଦ୍ଦେଶନାମାରେ ୩ ବର୍ଷ ପର୍ଯ୍ୟନ୍ତ କାର୍ଯ୍ୟକାରୀ କରିବାକୁ ସୁଯୋଗ ଦେବା ନିମନ୍ତେ ସଂଘର ସଭାପତି ମମତା କୁଆରଦାର ଓ ସମ୍ପାଦିକା ତରୁଣୀ ଲତା ସନାନୀ ଆଲୋଚନା କରିଥିଲେ। ଓଡ଼ିଶା ଦିବସ ଅବସରେ ମା'ମାନେ ନୂତନ ସୁଯୋଗ ଆଶାରେ ସରକାରଙ୍କୁ ନିବେଦନ କରିବା ପାଇଁ ଆଲୋଚନା କରି କୁତ୍ରା ବିଡିଓଙ୍କୁ ଜିଲାପାଳଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ପ୍ରଦାନ କରିଥିଲେ।

# ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର

**ହେମଗିର,୨।୪(ଚୈତନ୍ୟ ପଟେଲ)**



ଏଇଙ୍କୁ ଦାବିପତ୍ର ପ୍ରଦାନ କରାଯାଉଛି।

ସୁନ୍ଦରଗଡ଼ ଜିଲା ହେମଗିର ବ୍ଲକ କାର୍ଯ୍ୟାଳୟଠାରେ ବୁଧବାର ନିଖିଳ ଓଡ଼ିଶା ଜୀବିକା ମିଶନ ଇସି ସଂଘ ପକ୍ଷରୁ ଓଡ଼ିଶା ମିଶନ ଶକ୍ତି ବିଭାଗ ଅଧୀନରେ ଓଡ଼ିଶା ଜୀବିକା ମିଶନ ଓ ମିଶନ ଶକ୍ତିରେ କାର୍ଯ୍ୟରତ ଏକ ଲକ୍ଷ ଅଣଷଠି ହଜାରରୁ ଅଧିକ ଇ.ସି. ସଦସ୍ୟଙ୍କ ପୁନର୍ଗଠନ ଆଳରେ ବହିଷ୍କାର ନିର୍ଦ୍ଦେଶନାମା ପ୍ରତ୍ୟାହାର ନିମନ୍ତେ ହେମଗିର ବିଡିଓଙ୍କ ଜରିଆରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଉଦ୍ଦେଶ୍ୟରେ ଦାବି ପତ୍ର ପ୍ରଦାନ କରାଯାଇଛି। ବିଡିଓଙ୍କ ଅନୁପସ୍ଥିତିରେ ଏଇ ଚିନ୍ମୟ କୁମାର ମିଶ୍ରଙ୍କୁ ଦାବପତ୍ର ପ୍ରଦାନ କରାଯାଇଛି। ଓଡ଼ିଶା ଜୀବିକା ମିଶନ ଓ ମିଶନ ଶକ୍ତି ଅଧନରେ କାର୍ଯ୍ୟରତ ଇସି ସଦସ୍ୟଙ୍କ ପୁନର୍ଗଠନ ନିର୍ଦ୍ଦେଶ ପ୍ରତ୍ୟାହାର କରାଯାଉ, ଇସି ସଦସ୍ୟଙ୍କୁ ସ୍କିମ ୱାର୍କର ମାନ୍ୟତା ପ୍ରଦାନ କରାଯାଉ ଓ ବକେୟା ଭତ୍ତା ପ୍ରଦାନ କରାଯାଉ, ମହିଳା ସ୍ୱୟଂ ସହାୟକ ଗୋଷ୍ଠୀର ପ୍ରତ୍ୟେକ ସଦସ୍ୟଙ୍କୁ ମାସିକ ଏକ ହଜାର ଟଙ୍କା ହାରରେ ମହିଳା ସଶକ୍ତୀକରଣ ଭତା ନିୟମିତ ପ୍ରଦାନର ବ୍ୟବସ୍ଥା କରାଯାଉ। ଏହି ଅବସରରେ ବିଏଲଏଫ ସଭାପତି କବିତା ସା, ବିଏଲଏଫ ସମ୍ପାଦକ ସବିତା ବାରିକ, ଜିପିଏଲଏଫ ଗୀତା ଖମାରୀ, ମମତା ସା, ସୁକାନ୍ତି ଭୋଇ, ଦିପିକା ପଟେଲ, ଅଷ୍ଟମୀ ଓରାମ, ବନୀତା ହୋତା, ଲଳିତା କିଶାନ, ଗନ୍ଧବି ପସାଏତ, ଇଛାବତୀ ବାରିକ, ସିମା ଦାସ, ଲଳିତା ବାଗ ପ୍ରମୁଖ ଉପସ୍ଥିତ ଥିଲେ।

# ଆଜି ସମ୍ବଲପୁର ଆସିବେ ପୋଲିସ ଡିଜି

## ହନୁମାନ ଜୟନ୍ତୀ ପାଇଁ ସୁରକ୍ଷା ବ୍ୟବସ୍ଥାର କରିବେ ସମୀକ୍ଷା

ସମ୍ବଲପୁର,୨।୪(ପ୍ରମୋଦ ବହିଦାର)

ଓଡ଼ିଶା ପୋଲିସ ମହାନିର୍ଦ୍ଦେଶକ(ଡିଜିପି) ଯୋଗେଶ ବାହାଦୁର ଖୁରାନିଆ ଗୁରୁବାର ସମ୍ବଲପୁର ଗସ୍ତରେ ଆସିବେ। ସେ ତାଙ୍କର ସମ୍ବଲପୁର ଗସ୍ତ ସମୟରେ ସର୍ବପ୍ରଥମେ ଉତ୍ତରାଞ୍ଚଳ ଆଇଜିଙ୍କ କାର୍ଯ୍ୟାଳୟରେ ଆୟୋଜିତ ସ୍ୱତନ୍ତ୍ର ଉତ୍ସବରେ ସମ୍ବଲପୁର ଜିଲାରେ ଡିଜିପି ଡିସ୍କ ପଦକ ପାଇଁ ମନୋନୀତ ପୋଲିସ ଅଧିକାରୀ ଓ କର୍ମଚାରୀଙ୍କୁ ପୁରସ୍କୃତ କରିବେ। ଏହାସହ ଆଗାମୀ ରାମନବମୀ ଓ ହନୁମାନ ଜୟନ୍ତୀ ପାଇଁ ଜିଲା ପୋଲିସ ପକ୍ଷରୁ ହୋଇଥିବା ସୁରକ୍ଷା ବ୍ୟବସ୍ଥାର ସମୀକ୍ଷା କରିବେ। ଏହି ପରିପ୍ରେକ୍ଷୀରେ ଆଇଜିଙ୍କ କାର୍ଯ୍ୟାଳୟରେ ଅନୁଷ୍ଠିତ ବୈଠକରେ ସେ ପୋଲିସ ଅଧିକାରୀଙ୍କ ସହିତ ଉକ୍ତ ଉତ୍ସବ ପାଇଁ ସୁରକ୍ଷା ବ୍ୟବସ୍ଥା ସ୍ୱରୂପ ପୋଲିସ ପକ୍ଷରୁ ନିଆଯାଇଥିବା ବିଭିନ୍ନ ପଦକ୍ଷେପର ସମୀକ୍ଷା କରିବାର କାର୍ଯ୍ୟକ୍ରମ ରହିଛି ବୋଲି ଜିଲା ପୋଲିସ ସୂତ୍ରରୁ ମିଳିଥିବା ସୂଚନାରୁ ପ୍ରକାଶ।

# ୧୦୮୫ ବିଦ୍ୟାଳୟରେ ଖଡ଼ିଛୁଆଁ, ପ୍ରବେଶ ଉତ୍ସବ

ସମ୍ବଲପୁର,୨।୪(ପ୍ରମୋଦ ବହିଦାର)

ସମ୍ବଲପୁର ଜିଲାର ୧୦୮୫ଟି ବିଦ୍ୟାଳୟରେ ବୁଧବାର ଶିଶୁ ବାଟିକାରେ ପ୍ରବେଶ ଉତ୍ସବ ସହିତ ଖଡ଼ିଛୁଆଁ ଉତ୍ସବ ଅନୁଷ୍ଠିତ ହୋଇଛି। ଜାତୀୟ ଶିକ୍ଷାନୀତି-୨୦୨୦ ଅନୁସରଣ ପୂର୍ବକ ଚଳିତ ବର୍ଷଠାରୁ ଶିଶୁ ଅଧିକାର ସ୍ୱରୂପ ପ୍ରଥମ ଶ୍ରେଣୀରେ ନାମଲେଖା କାମ ଆରମ୍ଭ ହୋଇଛି। ସମ୍ବଲପୁର ପଟ୍ଟନାୟକପଡ଼ା ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ବୁଧବାର ଜିଲାସ୍ତରୀୟ ଖଡ଼ିଛୁଆଁ ଓ ପ୍ରବେଶ ଉତ୍ସବର ଶୁଭାରମ୍ଭ ଅବସରରେ ମୁଖ୍ୟ ଅତିଥିଭାବ ଯୋଗଦେଇ ଏହା କହିଛନ୍ତି ଜିଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦର।

ଜିଲା ଶିକ୍ଷାଧିକାରୀ ଲକ୍ଷ୍ମଣ ଭୋଇଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଖଡ଼ିଛୁଆଁ ଓ ପ୍ରବେଶ ଉତ୍ସବରେ ଜିଲାପାଳ ବୋନ୍ଦର କହିଛନ୍ତି, ଏଥିପାଇଁ ୫ ବର୍ଷରୁ ଊର୍ଦ୍ଧ୍ୱ ପଲାଙ୍କୁ ନିମନ୍ତ୍ରଣ ପତ୍ର ପ୍ରଦାନ କରାଯାଇଥିଲା। ପିଲାମାନଙ୍କୁ ସଶକ୍ତ, ଆଧୁନିକ ଏବଂ ଆତ୍ମନିର୍ଭରଶୀଳ ଭବିଷ୍ୟତ ପ୍ରଦାନ କରିବାରେ ଜାତୀୟ ଶିକ୍ଷାନୀତି ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ।



ବ୍ରଜମୋହନ ପଟ୍ଟନାୟକ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଖଡ଼ିଛୁଆଁ ଉତ୍ସବରେ ଅତିଥିମାନଙ୍କ ଗହଣରେ ପାଠ୍ୟ ଉପକରଣ ସହ କୁନି ପିଲାମାନେ।

### ସମ୍ବଲପୁରରେ ଜିଲାସ୍ତରୀୟ ଖଡ଼ିଛୁଆଁ ଉତ୍ସବ

ଏଥିରେ ପ୍ରଥମରୁ ପଞ୍ଚମ ଶ୍ରେଣୀ ପର୍ଯ୍ୟନ୍ତ ଛାତ୍ରୀଛାତ୍ରଙ୍କୁ ନିଜ ଭାଷାରେ ପ୍ରଶିକ୍ଷଣ ଦିଆଯିବାର ବ୍ୟବସ୍ଥା କରାଯାଇଛି। ଏହାସହିତ ଛାତ୍ରୀଛାତ୍ରମାନଙ୍କ ପାଇଁ ପ୍ରଶିକ୍ଷଣ ଭିତ୍ତିକ ଶିକ୍ଷାଦାନର ବ୍ୟବସ୍ଥା ରହିଛି ବୋଲି କହିଥିଲେ। ସ୍ୱତନ୍ତ୍ର ଅତିଥିଭାବେ ସମ୍ବଲପୁର ବିଧାୟକଙ୍କ ପ୍ରତିନିଧି ଶୁଭଶ୍ରୀ ମିଶ୍ର, ଅତିରିକ୍ତ ଜିଲା ଶିକ୍ଷାଧିକାରୀ ଜୟଶ୍ରୀ ଦୋରା, ଧନକଉଡ଼ା ଗୋଷ୍ଠ ଶିକ୍ଷାଧିକାରୀ ସେବାଶ୍ରୀ ଭୋଇ ମଞ୍ଚାସୀନ ଥିଲେ। ଏହି ଅବସରରେ ନବାଗତ ଛାତ୍ରୀଛାତ୍ରମାନଙ୍କୁ ଅତିଥିମାନେ ପାଠ୍ୟଉପକରଣ ଭର୍ତ୍ତି ବ୍ୟାଗ ବଣ୍ଟନ କରିଥିଲେ। ସଭା ପ୍ରାରମ୍ଭରେ ଶିକ୍ଷୟିତ୍ରୀ ପୁଷ୍ପାଞ୍ଜଳି ମହାପାତ୍ର ଖଡ଼ିଛୁଆଁ ଓ ପ୍ରବେଶ ଉତ୍ସବ ଉପଲକ୍ଷେ ମୁଖ୍ୟମନ୍ତ୍ରୀଙ୍କ ବାର୍ତ୍ତାକୁ ପଠନ କରିଥିଲେ। ଏହାବାଦ ସମସ୍ତେ ଉତ୍ତମ ଶିକ୍ଷାଦାନ ପାଇଁ ଶପଥ ପାଠ କରିଥିଲେ। ଅତିରିକ୍ତ ଶିକ୍ଷାଧିକାରୀ ଦୋରା ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମ ଶେଷରେ ଅତିଥିମାନେ ସବୁଜ ପତକା ଦେଖାଇ ଖଡ଼ିଛୁଆଁ-୨୦୨୫ ପାଇଁ ଏକ ସଚେତନତା ରଥର ଶୁଭାରମ୍ଭ କରିଥିଲେ।

# ପିଏନ୍‌ବି ପକ୍ଷରୁ ୱାଟର କୁଲର ପ୍ରଦାନ

ସମ୍ବଲପୁର,୨।୪(ବି.ଶଙ୍କର)

ପଞ୍ଜାବ ନ୍ୟାଶନାଲ ବ୍ୟାଙ୍କ (ପିଏନବି) ସମ୍ବଲପୁର ମଣ୍ଡଳ କାର୍ଯ୍ୟାଳୟ ପକ୍ଷରୁ ୱାଟର କୁଲର ପ୍ରଦାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସାରସମାଲ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଆୟୋଜିତ କାର୍ଯ୍ୟକ୍ରମରେ ସମ୍ବଲପୁର ମଣ୍ଡଳର ମଣ୍ଡଳ ମୁଖ୍ୟ ଅଜିତ କୁମାର ମେହେର ମୁଖ୍ୟ ଅତିଥିଭାବେ ଯୋଗଦେଇଥିଲେ। ଛାତ୍ରୀଛାତ୍ରମାନେ ଉଚ୍ଚ ସ୍ୱପ୍ନ ଦେଖିବା ସହ ଭାରତର ବିକାଶ ଦିଗରେ କାର୍ଯ୍ୟ କରିବାକୁ ମଣ୍ଡଳ ମୁଖ୍ୟ ମେହେର ଆହ୍ୱାନ ଦେଇଥିଲେ। ଏଥିସହ ବିଦ୍ୟାଳୟର ଛାତ୍ରୀଛାତ୍ରମାନଙ୍କ ସକାଶେ ଥଣ୍ଡା ପାଣି ବ୍ୟବହାର କରିବା ପାଇଁ ସେମାନଙ୍କୁ ୱାଟର କୁଲର ପ୍ରଦାନ କରାଯାଇଛି ବୋଲି କହିଥିଲେ। ପ୍ରଧାନଶିକ୍ଷକ ଯୋଗେଶ୍ୱର ବରିହାଙ୍କ ପରିଚାଳନାରେ କାର୍ଯ୍ୟକ୍ରମ ହୋଇଥିଲା। କାର୍ଯ୍ୟକ୍ରମରେ ମଣ୍ଡଳ କାର୍ଯ୍ୟାଳୟର ବରିଷ୍ଠ ପ୍ରବନ୍ଧକ ରୁପେଶ ସାହୁ, ପିଏନ୍‌ବି ପଦ୍ମପୁର ଶାଖା ପ୍ରବନ୍ଧକ ସ୍ମୃତିରାଜ ଉପସ୍ଥିତ ଥିଲେ।



ପିଏନବି ସମ୍ବଲପୁର ମଣ୍ଡଳ କାର୍ଯ୍ୟାଳୟ ପକ୍ଷରୁ ୱାଟର କୁଲର ପ୍ରଦାନ କରାଯାଉଛି।

# ସ୍କୁଲ ପ୍ରବେଶ ଖଡ଼ି ଛୁଆଁ ଆରମ୍ଭ

ପଡିଆବାହାଲ,୨।୪(ରାଧାମୋହନ ଷଡ଼ଙ୍ଗୀ)

ସମ୍ବଲପୁର ଜିଲା ଯୁଯୁମୁରା ବ୍ଲକ ବାହାମ ପଞ୍ଚାୟତ ଖଲିଆପାଲି ସରକାରୀ ପ୍ରାଥମିକ ବିଦ୍ୟାଳୟରେ ବୁଧବାର ଖଡ଼ିଛୁଆଁ ଆରମ୍ଭ ହୋଇଛି। ପ୍ରଧାନ ଶିକ୍ଷୟିତ୍ରୀ ଯଶୋଦା ଦେହୁରୀ ଏଥିରେ ଅଧ୍ୟକ୍ଷତା କରିଥିଲେ। କାର୍ଯ୍ୟକ୍ରମରେ ଏହି ପଞ୍ଚାୟତ ଅଧୀନ ପଧାନପାଲି ନୋଡାଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଭାରପ୍ରାପ୍ତ ପ୍ରଧାନଶିକ୍ଷକ ଲୁଲେନ୍ଦୁ ସାହୁଙ୍କ ନେତୃତ୍ୱରେ ୫ ଅଙ୍ଗନବାଡି କେନ୍ଦ୍ରର ୧୨ଜଣ ଛାତ୍ରୀଛାତ୍ର ଓ ସେମାନଙ୍କ ଅଭିଭାବକ ଯୋଗଦେଇଥିଲେ। ସେହିପରି ପଞ୍ଚାୟତ ଅଧୀନ ଡୁମରିପଡା ପ୍ରାଥମିକ ବିଦ୍ୟାଳୟରେ ପ୍ରଧାନ ଶିକ୍ଷୟିତ୍ରୀ ପଦ୍ମିନୀ ସାହୁ, ସହକାରୀ ଶିକ୍ଷକ ଓ ପରିଚାଳନା କମିଟି ସହଯୋଗରେ ଏବଂ ବାହାମ ଆଦିବାସୀ ନୋଡାଲ ଉଚ୍ଚ ବିଦ୍ୟାଳୟରେ ପ୍ରଧାନଶିକ୍ଷକ ନିର୍ମଳ ଚନ୍ଦ୍ର ଭୋଇଙ୍କ ଅଧ୍ୟକ୍ଷତାରେ ପ୍ରବଶେ ଉତ୍ସବ ଓ ଖଡିଛୁଆଁ ପର୍ବ ଅନୁଷ୍ଠିତ ହୋଇଥିଲା। ସ୍କୁଲ ଚେୟାରମ୍ୟାନ ବିନୋଦିନୀ ମିର୍ଦ୍ଧାଙ୍କ ସହଯୋଗରେ ୩ଜଣ ବାଳ ବାଟିକାରେ ଖଡ଼ି ଛୁଇଁ ପାଠ ଆରମ୍ଭ କରିଥିଲେ।

# ଭିସୁଟ୍‌ରେ ଉଦ୍ୟୋକ୍ତା ସମ୍ମିଳନୀ




ଉଦ୍ୟୋକ୍ତା ସମ୍ମିଳନୀରେ ମଞ୍ଚାସୀନ ଅତିଥି।

ସମ୍ବଲପୁର,୨।୪(ପ୍ରମୋଦ ବହିଦାର)

ବୁର୍ଲା ବୀର ସୁରେନ୍ଦ୍ର ସାଏ ବୈଷୟିକ ବିଶ୍ୱବିଦ୍ୟାଳୟ(ଭିସୁଟ୍) ଇ-ସେଲ ପକ୍ଷରୁ ବୁଧବାର ଉଦ୍ୟୋକ୍ତା ସମ୍ମିଳନୀ-୨୦୨୫ ଉଦ୍‌ଘାଟିତ ହୋଇଛି। ସମ୍ମିଳନୀର ଉଦ୍‌ଘାଟନ ଉତ୍ସବରେ ମୁଖ୍ୟଅତିଥିଭାବେ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଦୀପକ କୁମାର ସାହୁ ଯୋଗଦେଇ ବିକଶିତ ଭାରତର ପରିକଳ୍ପନାରେ ଯୁବ ଉଦ୍ୟୋଗୀ ଏବଂ ଛାତ୍ରମାନଙ୍କ ଭୂମିକା ବିଷୟରେ ଆଲୋକପାତ କରିଥିଲେ। ସମ୍ମାନିତ ଅତିଥିଭାବେ ଭିସୁଟ୍ ଛାତ୍ର କଲ୍ୟାଣ ଡିନ୍ ପ୍ରଫେସର ରାକେଶ ରୋଶନ ଦାଶ, ଟିବିଆଇ ନିର୍ଦ୍ଦେଶକ ପ୍ରଫେସର ହରିଶ କୁମାର ସାହୁ, ବୈଷୟିକ ସୋସାଇଟି ଉପାଧ୍ୟକ୍ଷ ଡ. ସୁଧାଂଶୁ ରଞ୍ଜନ ଦାସ, ଶିକ୍ଷକ ଉପଦେଷ୍ଟା ଅନୀଲ କୁମାର ମୁର୍ମୁ, ଡ. ଅରୋ କୁମାର ସାହୁ ନିଜ ବକ୍ତବ୍ୟରେ ଉଦ୍ୟୋଗୀ ବିକାଶ ଉପରେ ଆଲୋକପାତ କରିଥିଲେ। ଏହି ଅବସରରେ ଆୟୋଜିତ ଷ୍ଟାର୍ଟ ଓଡ଼ିଶୀରେ ଏଏସ୍‌ଏସ୍‌ଏଭିଏର ସହପ୍ରତିଷ୍ଠାତା ବିଭୁ ବାହାଲିଆ ଓ କୁମ୍‌କମ କନ୍‌ସଲ୍ଟର ପ୍ରତିଷ୍ଠାତା ଆକାଶ ରାଉତ ନିଜ ସଫଳତାର କାହାଣୀ ଉପସ୍ଥାପନ କରିଥିଲେ। ଆୟୋଜିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଉଦ୍ୟମିତା ଯାତ୍ରାର ଉପଲବ୍ଧି ଉପରେ ଆଲୋଚନା ହୋଇଥିଲା। ଉତ୍ସବରେ ଅତିଥିମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ମହାନଦୀ କୋଇଲା ଲିମିଟେଡ(ଏମ୍‌ସିଏଲ୍)ର ଆର୍ଥିକ ସହଯୋଗରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

# ବ୍ଲକସ୍ତରୀୟ ଖଡ଼ିଛୁଆଁ ଓ ପ୍ରବେଶ ଉତ୍ସବ

ନାକଟିଦେଉଳ,୨।୪(ବୈକୁଣ୍ଠନାଥ ସାହୁ)

ସମ୍ବଲପୁର ଜିଲା ନାକଟିଦେଉଳ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ ବୁଧବାର ନୂତନ ଭାବେ ନାମ ଲେଖାଇଥିବା ଛାତ୍ରୀଛାତ୍ରମାନଙ୍କ ପାଇଁ ଖଡ଼ିଛୁଆଁ ଓ ପ୍ରବେଶ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ରାଜ୍ୟ ସରକାରଙ୍କ ବିଦ୍ୟାଳୟ ଓ ଗଣ ଶିକ୍ଷା ବିଭାଗ ଆନୁକୂଲ୍ୟରେ ନାକଟିଦେଉଳ ବ୍ଲକ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ଏହା ଆୟୋଜିତ ହୋଇଥିଲା। ଏହି ଅବସରରେ ନୂତନଭାବେ ନାମ ଲେଖାଇଥିବା ଶିଶୁ ବାଟିକାରେ ୫ ଜଣ ଏବଂ ପ୍ରଥମ ଶ୍ରେଣୀର ୨ଜଣ ଛାତ୍ର ଛାତ୍ରୀଙ୍କୁ ବିଦ୍ୟାଳୟର ଶିକ୍ଷୟିତ୍ରୀମାନେ ଫୁଲ ଚନ୍ଦନ ଦେଇ ସ୍ୱାଗତ କରିବା ସହ ମିଠା ଖୁଆଇ ପାଛୋଟି ନେଇଥିଲେ। ବ୍ଲକ ଶିକ୍ଷା ଅଧିକାରୀ ବିଜୟ କୁମାର ପାତ୍ରଙ୍କ ସଭାପତିତ୍ୱରେ ଆୟୋଜିତ ଏହି ସମାରୋହରେ ମୁଖ୍ୟ ଅତିଥିଭାବେ ବ୍ଲକ ଅଧ୍ୟକ୍ଷା ସ୍ୱରୂପାରାଣୀ ସାହୁ, ସମ୍ମାନିତ ଅତିଥିଭାବେ ବିଡ଼ିଓ କ୍ଷମାନିଧି ଭୋଇ, ତହସିଲଦାର ଅମର ଡୁଙ୍ଗଡୁଙ୍ଗ, ସ୍ଥାନୀୟ ସରପଞ୍ଚ ଜିତେନ୍ଦ୍ର କୁମାର ସାହୁ ଏବଂ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଚିକିତ୍ସାଧିକାରୀ ଅମୂଲ୍ୟରତ୍ନ ମହନ୍ତ ଯୋଗଦେଇଥିଲେ। ଅତିଥିମାନେ ଗୁଣାତ୍ମକ ଶିକ୍ଷା ପ୍ରଦାନ ଏବଂ ଜାତୀୟ ଶିକ୍ଷା ନୀତି -୨୦୨୦ ସମ୍ପର୍କରେ ଆଲୋଚନା କରି ସରକାରଙ୍କ ଖଡ଼ି ଛୁଆଁ ଏବଂ ପ୍ରବେଶ ଉତ୍ସବ କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ଉପରେ ଆଲୋକପାତ କରିଥିଲେ। ଏହି ଅବସରରେ ନୂତନ କରି ନାମ ଲେଖାଇଥିବା ସମସ୍ତ ଛାତ୍ରୀଛାତ୍ରଙ୍କୁ ଅତିଥିମାନେ ସ୍କୁଲ ବ୍ୟାଗ ବଣ୍ଟନ କରିଥିବା ସହ ଖଡ଼ି ଛୁଆଁଇ ଥିଲେ। ଏଥି ସହିତ ଏହି କାର୍ଯ୍ୟକ୍ରମ ପାଇଁ ବ୍ଲକର ସମସ୍ତ ୧୪ଟି ଯାକ ପଞ୍ଚାୟତକୁ ବୁଲିବାକୁ ଥିବା ଏକ ସଚେତନତା ରଥକୁ ଅତିଥିମାନେ ସବୁଜ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। ପ୍ରଧାନ ଶିକ୍ଷକ ମହେଶ୍ୱର ପ୍ରଧାନ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଶିକ୍ଷୟିତ୍ରୀ ପ୍ରମୋଦିନୀ ସାହୁ, ନିର୍ମଳା ସେଠ, ଶିକ୍ଷକ ମହେନ୍ଦ୍ର ମାଝୀ, ସରାପାଲି ଉଚ୍ଚ ବିଦ୍ୟାଳୟର ଶିକ୍ଷୟିତ୍ରୀ ରମ୍ଭା ସ୍ୱାଇଁ, ସୁଜାତା ସାହୁ, ମୃଷାକାନୀ ପ୍ରାଥମିକ ବିଦ୍ୟାଳୟ ଶିକ୍ଷୟିତ୍ରୀ ମେନକା ନାଏକ, ଜଗନ୍ନାଥ ପ୍ରସାଦ ପ୍ରାଥମିକ ବିଦ୍ୟାଳୟର ଉମାକାନ୍ତ ବିଶ୍ୱାଳ ଏବଂ ସୌଦାମିନୀ ପାଇକ ସହଯୋଗ କରିଥିଲେ।



ଅତିଥିଙ୍କ ସହ ନୂତନଭାବେ ନାମ ଲେଖାଇଥିବା ପିଲାମାନେ।

# ଭାରତୀ ବଂଶଧରଙ୍କୁ ଏକଜୁଟ କରିବା ଲକ୍ଷ୍ୟ

ସମ୍ବଲପୁର,୨।୪(ବି.ଶଙ୍କର)

## ୨୪ତମ ଭାରତୀ ଉତ୍ସବ ପାଳିତ

ଭାରତୀ ସମାଜ ଆୟୋଜନରେ ଭାରତୀ ଉତ୍ସବ ମଙ୍ଗଳବାର ରାତିରେ ସମ୍ବଲପୁର ସାମ୍ବାଦିକ ଭବନଠାରେ ପାଳିତ ହୋଇଯାଇଛି । ରାଜ୍ୟ ସଂଯୋଜକ ଡ. ସ୍ୱୟଂ ପ୍ରକାଶ ପଣ୍ଡାଙ୍କ ସଭାପତିତ୍ୱରେ ଉତ୍ସବ ହୋଇଥିଲା। ସଂସ୍କୃତି ଗବେଷକ ଡ. ଶ୍ୟାମସୁନ୍ଦର ଧର ମୁଖ୍ୟ ଅତିଥିଭାବେ ଯୋଗଦେଇଥିଲେ। ସାରା ବିଶ୍ୱରେ ରହୁଥିବା ଭାରତୀ ବଂଶଧରମାନଙ୍କୁ ଏକଜୁଟ କରିବା ପ୍ରଚେଷ୍ଟାରେ ଭାରତୀ ସମାଜ ଦୀର୍ଘ ୨୪ ବର୍ଷ ହେବ କାର୍ଯ୍ୟ କରି ଆସୁଛି। ଭାରତୀ ଭାଷା ଏବଂ ସଂସ୍କୃତିର ପ୍ରଚାର ପ୍ରସାର ଦିଗରେ ୨୦୦୧ ମସିହାଠାରୁ ବିଭିନ୍ନ କାର୍ଯ୍ୟକ୍ରମ ହାତକୁ ନେଇଆସିଛି । ଆମ ଭିତରେ ଭୌତିକ ଶକ୍ତି ବଢିଛି, ଅଥଚ ନୈତିକ ଶକ୍ତିର ଅଭାବ ରହିଛି । ତେବେ ଭାରତୀ ସମାଜ ସର୍ବଦା ନୈତିକତାର ବିକାଶ କରି ସମସ୍ତ ଭାରତୀ ବଂଶଧରମାନଙ୍କୁ ଏକଜୁଟ କରିବା ଚେଷ୍ଟା କରୁଛି ବୋଲି ମତବ୍ୟକ୍ତ କରିଥିଲେ। ବିଶିଷ୍ଟ ସମ୍ବଲପୁରୀ ଗାଳ୍ପିକ ତଥା ଆକାଶବାଣୀ ଗୀତିକାର ଲକ୍ଷ୍ମୀ ନାରାୟଣ ପଣ୍ଡା, ବରିଷ୍ଠ କବୟିତ୍ରୀ ତପସ୍ୱିନୀ ନେପାକ ସମ୍ମାନୀତ ଅତିଥି ଥିଲେ। ଭାରତୀ ସମାଜ ମହାସଚିବ ଦେବୀପ୍ରସାଦ ଭୋଇ ପ୍ରାରମ୍ଭିକ ସୂଚନା ଦେଇଥିଲେ। କାର୍ଯ୍ୟକ୍ରମରେ ଶିଶୁମାନଙ୍କ ଶିକ୍ଷା ସହ ବରିଷ୍ଠ ନାଗରିକମାନଙ୍କ ପାଇଁ କାର୍ଯ୍ୟକ୍ରମ ହାତକୁ ନେବାପାଇଁ ସଙ୍କଳ୍ପ ନିଆଯାଇଥିଲା। ଏହି ଅବସରରେ ଭାରତୀ ସମାଜର ପ୍ରତିଷ୍ଠାତା ସଦସ୍ୟ ଦେବୀପ୍ରସାଦ ଭୋଇ, ଜୟପାଲ ବାଗ, ସଞ୍ଜୟ ବଡାଇ, କାର୍ତ୍ତିକ ପ୍ରସାଦ ବହିଦାର, ସୁବୋଧ କୁମାର ଦୋରା, ମାନସ ରଞ୍ଜନ ବକ୍ସି, ଗଦାଧର ନିଆଲଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ଆସନ୍ତା ବର୍ଷ ବ୍ୟାପି ଭାରତୀ ସମାଜର ରଜତ ଜୟନ୍ତୀ କାର୍ଯ୍ୟକ୍ରମ ଆୟୋଜନ ପାଇଁ ଉତ୍ସବରେ ଘୋଷଣା କରାଯାଇଥିଲା। କାର୍ଯ୍ୟକ୍ରମର ଦ୍ୱିତୀୟ ପର୍ଯ୍ୟାୟରେ ସୁଷମା ପ୍ରଧାନଙ୍କ ପରିଚାଳନାରେ କବିତା ପାଠ ହୋଇଥିଲା। ସମ୍ବଲପୁର ମହାନଗର ବିଭିନ୍ନ ଅଞ୍ଚଳରୁ କବୟିତ୍ରୀ ଓ କବିମାନେ ସାମିଲ ହୋଇ ସ୍ୱରଚିତ କବିତା ପାଠ କରିଥିଲେ।

# ବିଦ୍ୟା ବିକାଶ ଶିକ୍ଷାନୁଷ୍ଠାନ ସମୂହର କର୍ମଶାଳା

ସମ୍ବଲପୁର,୨।୪(ବି.ଶଙ୍କର)

## ସାମିଲ ହେଲେ ୧୫୦ଜଣ ଶିକ୍ଷକ ଓ ଅଣଶିକ୍ଷକ କର୍ମଚାରୀ

ବିଦ୍ୟା ବିକାଶ ଶିକ୍ଷାନୁଷ୍ଠାନ ସମୂହ ଆୟୋଜନରେ ଘର ଛାତ ଉପର ଉଦ୍ୟାନ ଓ ସହରାଞ୍ଚଳ ଉଦ୍ୟାନ ପ୍ରକଳ୍ପ ଉପରେ ଆଧାରିତ କାର୍ଯ୍ୟଶାଳା ବୁଧବାର ଅନୁଷ୍ଠିତ ହୋଇଯାଇଛି। ସମ୍ବଲପୁରସ୍ଥିତ ବିକାଶ ଫାଷ୍ଟ ଷ୍ଟେପ ବିଦ୍ୟାଳୟରେ ହୋଇଥିବା ଏହି କାର୍ଯ୍ୟଶାଳାରେ ବେଙ୍ଗାଲୁରର ଭାରତୀୟ ଉଦ୍ୟାନ ବିଜ୍ଞାନ ଗବେଷଣା ସଂସ୍ଥା ବୈଜ୍ଞାନିକ ଡ. ପି. ଶ୍ରୀନିବାସ ମୁଖ୍ୟ ଅତିଥିଭାବେ ଯୋଗ ଦେଇଥିଲେ। ଏଥିରେ ୧୫୦ଜଣ ଶିକ୍ଷକ ଓ ଅଣଶିକ୍ଷକ କର୍ମଚାରୀ ଅଂଶଗ୍ରହଣ କରି ଲାଭାନ୍ୱିତ ହୋଇଛନ୍ତି। ଡ. ଶ୍ରୀନିବାସ ଅଙ୍ଗାରକାମ୍ଳର ନିର୍ବାପନକୁ କମ କରିବା ଓ ସହରୀ ବାୟୁମଣ୍ଡଳରେ ଅମ୍ଳଜାନର ପରିମାଣକୁ ବଢେଇବାରେ ଘର ଛାତ ଉପର ଉଦ୍ୟାନ ଓ ସହରାଞ୍ଚଳ ଉଦ୍ୟାନ ଭୂମିକାକୁ ନେଇ ଆଲୋଚନା କରିଥିଲେ। ସେ କହିଥିଲେ ଯେ, ଘର ଛାତ ଉପର ଉଦ୍ୟାନ ଓ ସହରାଞ୍ଚଳ ଉଦ୍ୟାନ ଦ୍ୱାରା ପାଣିପାଗର ପରିବର୍ତ୍ତନ, ବାୟୁମଣ୍ଡଳରେ ତାପର ନିୟନ୍ତ୍ରଣ ଓ ବାୟୁମଣ୍ଡଳର ଗୁଣବତ୍ତାର ବୃଦ୍ଧି ହୋଇପାରିବ। ବିଦ୍ୟାବିକାଶ ଶିକ୍ଷାନୁଷ୍ଠାନ ସମୂହର ଚେୟାରମ୍ୟାନ ତଥା ପରିଚାଳନା ନିର୍ଦ୍ଦେଶକ ଜି. ଭାସ୍କର ରାଓଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ କର୍ମଶାଳା ହୋଇଥିଲା। କାର୍ଯ୍ୟଶାଳାରେ ବିକାଶ ଅନୁଷ୍ଠାନ ସମୂହର ପ୍ରଶାସନିକ ଅଧିକାରୀ ତଥା ବିକାଶ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଅଧ୍ୟକ୍ଷ ସଞ୍ଜିବ କୁମାର ବାବୁ, ବିକାଶ ଦି କଂସେପ୍ଟ ସ୍କୁଲ ଅଧ୍ୟକ୍ଷ ମନୋରଞ୍ଜନ ପତି, ବିକାଶ ସିନିଅର ସେକେଣ୍ଡାରୀ ସ୍କୁଲ ଅଧ୍ୟକ୍ଷା ଡ.ପୁଷ୍ପିତା ପଣ୍ଡା, ବିକାଶ ଫାଷ୍ଟ ଷ୍ଟେପର ଅଧ୍ୟକ୍ଷା ଡି. ଶାନ୍ତା ଚୌଧୁରୀ ଓ ବିକାଶ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଉପାଧ୍ୟକ୍ଷ ଡ. ଦିବ୍ୟସିଂହ ମହନ୍ତ ଉପସ୍ଥିତ ରହି ନିଜସ୍ୱ ମତ ଦେଇଥିଲେ ।

# ସମ୍ବଲପୁରରେ ହେବ ଅନ୍ତର୍ଜାତୀୟ ଟ୍ରେଡ୍ ଫେୟାର

ସମ୍ବଲପୁର,୨।୪(ଭବାନୀ ଶଙ୍କର ଭୋଇ)

## ସାମିଲ ହେବେ ୮ ଦେଶର ବ୍ୟବସାୟିକ ସଂସ୍ଥା

ଆସନ୍ତା ୭ ତାରିଖଠାରୁ ୧୭ ତାରିଖ ପର୍ଯ୍ୟନ୍ତ ସମ୍ବଲପୁର ପିଏଚ୍‌ଡି ପଡିଆରେ ଅନ୍ତର୍ଜାତୀୟ ଟ୍ରେଡ ଫେୟାର ୨୦୨୫ ଅନୁଷ୍ଠିତ ହେବାକୁ ଯାଉଛି। ରୋଟାରୀ କ୍ଲବ ସମ୍ବଲପୁର ସେଣ୍ଟ୍ରାଲ ପକ୍ଷରୁ ବୁଧବାର ଭିଏସ୍‌ଏସ୍ ମାର୍ଗ ସ୍ଥିତ ଏକ ହୋଟେଲରେ ଖବରଦାତା ସମ୍ମିଳନୀ ଜରିଆରେ ଏନେଇ ସୂଚନା ପ୍ରଦାନ କରାଯାଇଥିଲା। ଏହି ଟ୍ରେଡ ଫେୟାରରେ ୮ ଟି ଦେଶର ବ୍ୟବସାୟିକ ସଂସ୍ଥାମାନେ ଅଂଶଗ୍ରହଣ କରିବେ ବୋଲି ସୂଚନା ଦିଆଯାଇଛି। ଏଥିରେ ୨ଶହଟି ବାତାନୁକୂଳିତ ଷ୍ଟଲ ସ୍ଥାନ ପାଇବ। ଟ୍ରେଡ ଫେୟାର ଉଦ୍‌ଘାଟନ ଅବସରରେ ବିଧାୟକ ଜୟନାରାୟଣ ମିଶ୍ର ସାମିଲ ହେବେ। ସେହିପରି ୧୬ ତାରିଖ ଉଦଯାପନୀ କାର୍ଯ୍ୟକ୍ରମରେ ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ, ଆଇଆଇଏମ ନିର୍ଦ୍ଦେଶକ ମହାଦେବ ପ୍ରସାଦ ଜୟୱାଲ ଅତିଥିଭାବେ ଯୋଗଦାନ କରିବେ ବୋଲି ଖବରଦାତା ସମ୍ମିଳନୀରେ ସୂଚନା ଦିଆଯାଇଛି ।

ଟ୍ରେଡ ଫେୟାରରେ ଖାଦ୍ୟ ଷ୍ଟଲ ସମେତ ଗ୍ରାହକମାନଙ୍କ ପାଇଁ ଅତ୍ୟାବଶ୍ୟକ ସାମଗ୍ରୀ, ଏମ୍‌ଏସ୍‌ଏମଇ ଉତ୍ପାଦ, ଘର ନିର୍ମାଣ ସାମଗ୍ରୀ ଟାଇଲ୍ସ, ପ୍ଲାଇଉଡ, ମଡ୍ୟୁଲାର୍ କିଚେନ ସମେତ ଆସବାବପତ୍ର, ବୈଦ୍ୟୁତିକ ଏବଂ ଅଟୋମେଶନ, ବ୍ୟାଙ୍କ, ବୀମା, ସ୍କୁଲ, ରିୟେଲ ଇଷ୍ଟେଟ, ଅଟୋ ଦୁଇ ଚକିଆ ଏବଂ ଚାରି ଚକିଆ ଯାନର ଷ୍ଟଲ ଗୁଡିକ ରହିବ ବୋଲି ରୋଟାରୀ କ୍ଲବ ସମ୍ବଲପୁର ସେଣ୍ଟ୍ରାଲ ପକ୍ଷରୁ ଏକ ଖବରଦାତା ସମ୍ମିଳନୀରେ ଗଣମାଧ୍ୟମକୁ ଆୟୋଜନ ନେଇ ଗଣମାଧ୍ୟମକୁ ସୂଚନା ଦିଆଯାଇଥିଲା। ଟ୍ରେଡ ଫେୟାର ଆୟୋଜନ କମିଟି ଅଧ୍ୟକ୍ଷ ଦୀନେଶ ସିଙ୍ଗାନିଆ, ରୋଟାରୀ କ୍ଲବ ସମ୍ବଲପୁର ସେଣ୍ଟ୍ରାଲ ସଭାପତି ନରେଶ ଡାଲମିଆ, ସମ୍ପାଦକ ପ୍ରଦୀପ ଲାଠ, ଜନସମ୍ପର୍କ ଅଧିକାରୀ ଡ. ପ୍ରମୋଦ ରଥ ପ୍ରମୁଖ ମଞ୍ଚାସୀନ ଥିଲେ।



ଖବରଦାତା ସମ୍ମିଳନୀରେ ରୋଟାରୀ କ୍ଲବ ସମ୍ବଲପୁର ସେଣ୍ଟ୍ରାଲ କର୍ମକର୍ତ୍ତା।

# ହନୁମାନ ଜୟନ୍ତୀରେ ଭବ୍ୟ ଶୋଭାଯାତ୍ରା ପାଇଁ ପ୍ରସ୍ତୁତି

ସମ୍ବଲପୁର,୨।୪(ଭବାନୀ ଶଙ୍କର ଭୋଇ)

ପ୍ରତ୍ୟେକ ବର୍ଷ ହନୁମାନ ଜୟନ୍ତୀ ପାଇଁ ସମ୍ବଲପୁର ଚର୍ଚ୍ଚାର ବିଷୟ ପାଲଟିଥାଏ। ଚଳିତବର୍ଷ ହନୁମାନ ଜୟନ୍ତୀ ଅବସରରେ ଭବ୍ୟ ଶୋଭାଯାତ୍ରା ଆୟୋଜନ କରାଯିବ। ବୁଧବାର ହନୁମାନ ଜୟନ୍ତୀ ସମନ୍ୱୟ ସମିତି ଏକ ଖବରଦାତା ସମ୍ମିଳନୀ ଜରିଆରେ ସୂଚନା ଦେଇଛି। ଅସନ୍ତା ୬ତାରିଖରେ ଶ୍ରୀରାମ ନବମୀ ଅବସରରେ ବିଭିନ୍ନ ମନ୍ଦିରରେ ପୂଜାର୍ଚ୍ଚନା କରାଯିବ। ଅପରାହ୍ନରେ ସମ୍ବଲପୁରରେ ବିଶାଳ ବାଇକ ଶୋଭାଯାତ୍ରା ଅନୁଷ୍ଠିତ ହେବ। ମହା ବିଷୁବ ସଂକ୍ରାନ୍ତି ଅବସରରେ ସମସ୍ତ ଜୋନରେ ସାମୂହିକ ହନୁମାନ ଚାଳିଶା ପାଠ କରାଯିବ। ଅପରାହ୍ନରେ ବୃନ୍ଦାବନ ହିଲସ୍ଥିତ ରାମ ମନ୍ଦିରରେ ମହାଆଳତୀ ହେବ। ସମ୍ବଲପୁର ସହରର ଆଠଟି ରାସ୍ତାରୁ ବିଭିନ୍ନ ମନ୍ଦିର ଏବଂ ଆଖଡାରୁ ଶୋଭାଯାତ୍ରା ଆସିବ। ଧନୁପାଲି, ଭୂତାପଡ଼ାଛକ, ମୋତିଝରନ, ସନାପାଲି, ଧନକଉଡ଼ା, ଅଇଁଠାପାଲି, ମୁଦିପଡ଼ା, ଜିଲା ସ୍କୁଲ ଛକ, ସେନପାର୍କ, ଶକ୍ତି ଛକ, ଗୋଲ ବଜାର ଛକ, କୁଞ୍ଜେଲପଡ଼ା, ଝାରୁଆପଡ଼ା, ଦଲେଇପଡ଼ା ଦେଇ ନଗର ପରିକ୍ରମା କରି ପୁରୁଣା ମ୍ୟୁନିସିପାଲିଟି ଛକରେ ପହଞ୍ଚିବା ପରେ ଗଙ୍ଗାଧର ମଣ୍ଡପଠାରେ ସାଧାରଣ ସଭା ଅନୁଷ୍ଠିତ ହେବ। ଶକ୍ତି ଛକରେ ବିଭିନ୍ନ ଆଖଡ଼ା କମିଟିଙ୍କୁ ସମ୍ବର୍ଦ୍ଧିତ କରାଯିବ। ପ୍ରାୟ ୨୫ ହଜାର ରାମଭକ୍ତ ଶୋଭାଯାତ୍ରାରେ ସାମିଲ ହେବା ନେଇ ଖବରଦାତା ସମ୍ମିଳନୀରେ ସୂଚନା ଦିଆଯାଇଛି। ହନୁମାନ ଜୟନ୍ତୀ ସମନ୍ୱୟ ସମିତି ସଭାପତି ତଥା ବିଧାୟକ ଜୟନାରାୟଣ ମିଶ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ସମ୍ବଲପୁରରେ ରହିଥିବା ବିଭିନ୍ନ ସମସ୍ୟା ବିଷୟରେ ମଧ୍ୟ ସମନ୍ୱୟ ସମିତି ଆଲୋକପାତ କରିଛି। ମହାନଗର ନିଗମ ଅଞ୍ଚଳରେ ଦଶ ହଜାରରୁ ଅଧିକ ବାଂଲାଦେଶୀ, ରୋହିଙ୍ଗିଆ ଅନୁପ୍ରବେଶକାରୀ ରହିଥିବା ଅଭିଯୋଗ କରିଛି ସମନ୍ୱୟ ସମିତି। ସହରର ଫୁଟପାଥକୁ ସେମାନେ ଜବରଦଖଲ କରି ବିଭିନ୍ନ ବ୍ୟବସାୟ କରୁଛନ୍ତି। ସହରର ଅଧିକାଂଶ ଫଳ ଏବଂ ମାଂସ ବ୍ୟବସାୟକୁ ସେମାନେ କବ୍‌ଜା କରି ରଖିଥିବା ସମନ୍ୱୟ ସମିତି ଅଭିଯୋଗ କରିଛି।



ଖବରଦାତା ସମ୍ମିଳନୀରେ ଉପସ୍ଥିତ ହନୁମାନ ଜୟନ୍ତୀ ସମନ୍ୱୟ ସମିତି କର୍ମକର୍ତ୍ତା।

## ହନୁମାନ ଜୟନ୍ତୀ ସମନ୍ୱୟ ସମିତିର ଖବରଦାତା ସମ୍ମିଳନୀ

ସମ୍ବଲପୁରରେ ପ୍ରତି ମାସ ୩ ହଜାରରୁ ଅଧିକ ଗୋହତ୍ୟା କରାଯାଉଥିବା ନେଇ ମଧ୍ୟ ସମିତି ପ୍ରଶାସନର ଦୃଷ୍ଟି ଆକର୍ଷଣ କରିଛି। ସହରର ଅଧିକାଂଶ ବେଆଇନ କାର୍ଯ୍ୟକଳାପରେ ଏହି ଅନୁପ୍ରବେଶକାରୀମାନେ ସାମିଲ ରହିଥିବା ସମିତି ଅଭିଯୋଗ କରିଛି। ପୋଲିସ ଏବଂ ପ୍ରଶାସନ ଅନୁପ୍ରବେଶକାରୀଙ୍କୁ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଆହ୍ୱାନ କରାଯାଇଛି। ଖବରଦାତା ସମ୍ମିଳନୀରେ କାର୍ଯ୍ୟକାରୀ ସଭାପତି ସତ୍ୟ ନାରାୟଣ ପଣ୍ଡା ରାମଚନ୍ଦ୍ର ନାଏକ, ରାଜୀବ ଶତପଥୀ, ଗୋବିନ୍ଦ ଅଗ୍ରୱାଲ, ବିପିନ ଭାଟିଆ, ଜୟବ୍ରତ ଦେ, ସୁରେନ ମହାନ୍ତି, ସୁଶାନ୍ତ ପୁରୋହିତ, ସମୀର ରଞ୍ଜନ ବାବୁ, ମାନସ ରଞ୍ଜନ ବକ୍ସି, ଦାମୋଦର କର, ରାମଚନ୍ଦ୍ର ମେହେର, ଯଶବିର ସିଂ ହୁରା, ମାଧବ ଡାଲମିଆଁ, ଦିଲୀପ ଶର୍ମା, ପରାଗ ଅଗ୍ରୱାଲା, ସୁଧୀର ବହିଦାର, କାହ୍ନୁରାମ ଶର୍ମା ଉପସ୍ଥିତ ଥିଲେ।

**ରେଳଧାରଣାରୁ ଅଜଣା ଯୁବକଙ୍କ ମୃତଦେହ ଜବତ**

ଦେଓଗାଁ,(କୃଷ୍ଣ ପ୍ରସାଦ ପାଣିଗ୍ରାହୀ): ବଲାଙ୍ଗୀର ଜିଲା ଦେଓଗାଁ ଥାନା ଅନ୍ତର୍ଗତ ଦେଓଗାଁ ଷ୍ଟେଶନରୁ ପ୍ରାୟ ଦେଢ଼ଶହ ମିଟର ଦୂର ରେଳଧାରଣା ପାର୍ଶ୍ୱରୁ ବୁଧବାର ଜଣେ ଯୁବକଙ୍କ ମୃତଦେହ ଜବତ ହୋଇଛି । ସକାଳୁ ସ୍ଥାନୀୟ ଲୋକେ ରେଳ ଧାରଣାରେ ମୃତଦେହ ପଡ଼ିଥିବା ଦେଖି ରେଳ କର୍ମଚାରୀଙ୍କୁ ଖବର ଦେଇଥିଲେ । ତାଙ୍କ ପରିଚୟ ମିଳି ପାରିନାହିଁ । ଏନେଇ ବଲାଙ୍ଗୀର ଜିଆରପି ଏକ ଅପମୃତ୍ୟୁ ମାମଲା ରୁଜୁ କରି ଅଧିକ ତଦନ୍ତ ଜାରି ରଖିଛି ।

# କନିଷ୍ଠ ଯନ୍ତ୍ରୀଙ୍କୁ ମାଡ଼ ଅଭିଯୋଗ: ଦାବିପତ୍ର ପ୍ରଦାନ

ଖପ୍ରାଖୋଲ,୨।୪(ଅଭୟ ତ୍ରିପାଠୀ)

ଖପ୍ରାଖୋଲରେ କ୍ଷୁଦ୍ର ଜଳସେଚନ ବିଭାଗ କନିଷ୍ଠ ଯନ୍ତ୍ରୀଙ୍କୁ ମାଡ଼ ମରାଯିବା ଘଟଣାରେ ସମ୍ପୃକ୍ତ ଅଭିଯୁକ୍ତଙ୍କୁ ଗିରଫ ଦାବିରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ପାଟଣାଗଡ଼ର ପୂର୍ବତନ ବିଧାୟକ ସରୋଜ ମେହେରଙ୍କ ନେତୃତ୍ୱରେ ଏକ ଦାବିପତ୍ର ଖପ୍ରାଖୋଲ ଥାନା ଅଧିକାରୀ ନରେନ୍ଦ୍ର ଛତରଙ୍କୁ ବୁଧବାର ପ୍ରଦାନ କରାଯାଇଛି। ପୂର୍ବତନ ବିଧାୟକଙ୍କ ସମେତ ରମେଶ ପ୍ରଧାନ, ମୋହନ ସୁନା, ଟିକେଶ୍ୱର ଧରୁଆ, କୁଶ ମାଝୀ, ପବିତ୍ର ପଟେଲ, କେଶବ ସେଠ, ଜଳନ୍ଧର ବେହେରା ପ୍ରମୁଖ ଉପସ୍ଥିତ ଥିଲେ। ଗତ ୨୮ ତାରିଖ ଦିନ କନିଷ୍ଠ ଯନ୍ତ୍ରୀ ଲୋହିତ କୁମାର ବଳଙ୍କୁ ଉପେନ୍ଦ୍ର ଭୋଇ ଓ ଅନ୍ୟ ଜଣେ ବ୍ୟକ୍ତି ଆକ୍ରମଣ କରିଥିବା ବଲାଙ୍ଗୀର ଟାଉନ ଥାନାରେ ଲିଖିତ ଅଭିଯୋଗ ହୋଇଥିଲା। ସେହିପରି ସାହଜପାଣି ସମିତି ସଭ୍ୟ ଉପେନ୍ଦ୍ର ଭୋଇ କନିଷ୍ଠ ଯନ୍ତ୍ରୀ ତାଙ୍କୁ ଆକ୍ରମଣ କରିଥିବା ନେଇ ଲିଖିତ ଅଭିଯୋଗ କରିଥିବା ଜଣାଯାଇଛି। ଏନେଇ ଖପ୍ରାଖୋଲ ଥାନାରେ ଦୁଇଟି ମାମଲା ରୁଜୁ ହୋଇଛି।

# ‘ପିଲାଙ୍କୁ ସର୍ବୋତ୍ତମ, ଗୁଣାତ୍ମକ ଶିକ୍ଷା ଦିଆଯିବ’

ବଲାଙ୍ଗୀର,୨।୪(ବୀରେନ୍ଦ୍ର କୁମାର ଝାଙ୍କର)

■ଜିଲାସ୍ତରୀୟ ପ୍ରବେଶ ଉତ୍ସବ ଓ ଖଡ଼ିଛୁଆଁ କାର୍ଯ୍ୟକ୍ରମ
■ଛୋଟ ପିଲାଙ୍କୁ ଖଡ଼ି ଛୁଆଁଇଲେ ଜିଲାପାଳ, ଉଜ୍ଜ୍ୱଳ ଭବିଷ୍ୟତ କାମନା କଲେ


ଜିଲାପାଳ ଗୌରବ ଶିୱାଜୀ ଇସଲୱାର ଛାତ୍ରୀଛାତ୍ରଙ୍କୁ ବ୍ୟାଗ୍ ବଣ୍ଟନ କରୁଛନ୍ତି।

ବଲାଙ୍ଗୀର ଜିଲା ଶିକ୍ଷା ଓ ପ୍ରଶିକ୍ଷଣ ପ୍ରତିଷ୍ଠାନରେ ବୁଧବାର ଜିଲାସ୍ତରୀୟ ପ୍ରବେଶ ଉତ୍ସବ ଓ ଖଡ଼ିଛୁଆଁ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ମୁଖ୍ୟଅତିଥି ଭାବେ ଜିଲାପାଳ ଗୌରବ ଶିୱାଜୀ ଇସଲୱାର ଯୋଗଦେଇ ଏହି କାର୍ଯ୍ୟକ୍ରମ ଶୁଭାରମ୍ଭ କରିଥିଲେ। ଜିଲାପାଳ ଇସଲୱାର ପିଲାଙ୍କୁ ଖଡ଼ି ଧରାଇ ସିଲଟ ପଟାରେ ବିଦ୍ୟା ଆରମ୍ଭ କରାଇବା ସହ ସ୍କୁଲ ବ୍ୟାଗ ବଣ୍ଟନ କରିଥିଲେ। ଏଭଳି ଅଭିନବ କାର୍ଯ୍ୟକ୍ରମ ଦ୍ୱାରା ସ୍କୁଲରେ ପ୍ରଥମ କରି ପାଦ ଥାପୁଥିବା ପିଲାମାନେ ବିଦ୍ୟାଳୟକୁ ଆସିବା ପାଇଁ ଉତ୍ସାହିତ ହେବେ ଏବଂ ଜୀବନବ୍ୟାପୀ ସେମାନଙ୍କ ସ୍କୁଲରେ ପ୍ରଥମ ଦିନର ଅନୁଭୂତିକୁ ସ୍ମରଣୀୟ କରିବ। ପିଲାଙ୍କୁ ସର୍ବୋତ୍ତମ ଓ ଗୁଣାତ୍ମକ ଶିକ୍ଷାଦାନ ପାଇଁ ବଲାଙ୍ଗୀର ପ୍ରଶାସନ ପ୍ରତିଶ୍ରୁତିବଦ୍ଧ ବୋଲି କହିଥିଲେ। ଶିଶୁ ବାଟିକାର ଭିତ୍ତି ଉପରେ ନୂଆପିଢ଼ିର ଭବିଷ୍ୟତ ନିର୍ଭର କରୁଛି। ରାଜ୍ୟ ସରକାରଙ୍କ ନିର୍ଦ୍ଦେଶ ମୁତାବକ ପଦକ୍ଷେପ ନିଆଯାଇ ପିଲାମାନଙ୍କୁ ସଶକ୍ତ, ଆଧୁନିକ ଏବଂ ଆତ୍ମନିର୍ଭରଶୀଳ ଭବିଷ୍ୟତ ପ୍ରଦାନ କରିବା ଲକ୍ଷ୍ୟ ବୋଲି ଜିଲାପାଳ ଇସଲୱାର କହିଥିଲେ। ଏହି ପ୍ଲାଟଫର୍ମ ଦ୍ୱାରା ପିଲାମାନଙ୍କ ଅଲ୍ ରାଉଣ୍ଡ ଏକ୍ସପୋଜର ସହ ସବୁ ପ୍ରକାର ଜ୍ଞାନର ଅଭିବୃଦ୍ଧି ଆବଶ୍ୟକ ବୋଲି ସେ କହିବା ସହ ଏଥିରେ ଗଣମାଧ୍ୟମର ଭୂମିକା ସେଥିପାଇଁ ଅତ୍ୟନ୍ତ ଜରୁରୀ ବୋଲି ବିବେଚିତ କରିଥିଲେ।

ପିଲାଙ୍କୁ ବିଦ୍ୟାଳୟ ପ୍ରତି ଆକୃଷ୍ଟ କରିବା ଉଦ୍ଦେଶ୍ୟରେ ଆରମ୍ଭ ହୋଇଥିବା ‘ପ୍ରବେଶ ଉତ୍ସବ’ ଏବଂ ‘ଖଡ଼ି ଛୁଆଁ’ କାର୍ଯ୍ୟକ୍ରମରେ ବଲାଙ୍ଗୀର ଜିଲାରେ ଚଳିତବର୍ଷ ୪୦ ହଜାରରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ର ନାମ ଲେଖାଇବେ। ଶିଶୁ ବାଟିକାରେ ପିଲାଙ୍କୁ କିଭଳି ଭାବେ ଗୁଣାତ୍ମକ ପାଠ ପଢ଼ାଯିବ ଜିଲାପାଳ ସେଇ ସମସ୍ତ ବ୍ୟବସ୍ଥାର ତଦାରଖ କରିଥିଲେ। ଯେଉଁମାନଙ୍କ ବୟସ ସେପ୍ଟେମ୍ବର ୧ ସୁଦ୍ଧା ୫ ବର୍ଷରୁ ଊର୍ଦ୍ଧ୍ୱ ସେମାନେ ଶିଶୁ ବାଟିକା ଓ ୬ ବର୍ଷରୁ ଊର୍ଦ୍ଧ୍ୱ ବୟସର ପିଲା ପ୍ରଥମ ଶ୍ରେଣୀରେ ନାମ ଲେଖାଇଥିବା ସୂଚନା ଦିଆଯାଇଛି। ଆଜିର ପ୍ରବେଶ ଉତ୍ସବ ଓ ଖଡ଼ିଛୁଆଁ ଅବସରରେ ସଭିଏଁ ସ୍କୁଲ ଯିବା ଆଧାରିତ ଏକ ସଚେତନତା ରଥକୁ ଜିଲାପାଳ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। କାର୍ଯ୍ୟକ୍ରମରେ ଜିଲାପାଳଙ୍କ ସହ ଜିଲା ଶିକ୍ଷାଧିକାରୀ ପ୍ରଦୀପ କୁମାର ନାଗ, ଅତିରିକ୍ତ ଜିଲା ଶିକ୍ଷା ଅଧିକାରୀ କେଶବ ମେହେର, ଜିଲା ଶିକ୍ଷା ଓ ପ୍ରଶିକ୍ଷଣ ପ୍ରତିଷ୍ଠାନ ଅଧକ୍ଷ ଜୟପ୍ରକାଶ ଦାସ, ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ସରୋଜ ସାହୁ, ବଲାଙ୍ଗୀର ଗୋଷ୍ଠୀ ଶିକ୍ଷା ଅଧିକାରୀ ଲୋକନାଥ ସୁନା, ସମଗ୍ର ଶିକ୍ଷା ଏସସିଏସଟି କୋର୍ଡିନେଟର ପ୍ରଶାନ୍ତ ସରାଫ, ଗୋପାଳ ମିଶ୍ରଙ୍କ ସମେତ ଡିଆଇଇଟିର ଶିକ୍ଷୟିତ୍ରୀ, ଶିକ୍ଷକ ଉପସ୍ଥିତ ଥିଲେ। ନୂତନ ଜାତୀୟ ଶିକ୍ଷାନୀତି ୨୦୨୦ ଅନୁଯାୟୀ ସମସ୍ତ ପ୍ରାଥମିକ ବିଦ୍ୟାଳୟରେ ଶିଶୁଙ୍କୁ ଗୁଣାତ୍ମକ ଶିକ୍ଷା ପ୍ରଦାନ ଉଦ୍ଦେଶ୍ୟରେ ରାଜ୍ୟ ସରକାରଙ୍କ ପକ୍ଷରୁ ଚଳିତ ଶିକ୍ଷାବର୍ଷରୁ ଲାଗୁ କରାଯାଇଥିବା ନୂତନ ଶିକ୍ଷାନୀତିରେ ଖଡ଼ିଛୁଆଁ ଓ ପ୍ରବେଶ ଉତ୍ସବ ଅନୁଷ୍ଠିତ ହୋଇଥିଲା।

# ୧୦ କୁଇଣ୍ଟାଲ ମହୁଲ ଫୁଲ ସହ ଟ୍ରାକ୍ଟର ଜବତ: ଚାଳକ ଗିରଫ

ପାଟଣାଗଡ,୨।୪(ସଚ୍ଚିଦାନନ୍ଦ ମହାକୁର)

ବଲାଙ୍ଗୀର ଜିଲା ପାଟଣାଗଡ ଅବକାରୀ ବିଭାଗ ପକ୍ଷରୁ ମଙ୍ଗଳବାର ଚଢ଼ାଉ କରାଯାଇ ୧୦ କୁଇଣ୍ଟାଲ ମହୁଲ ଫୁଲ ସହ ଟ୍ରାକ୍ଟର ଜବତ ହୋଇଛି। ଏହି ଘଟଣାରେ ଟ୍ରାକ୍ଟର ଚାଳକ ପାଟଣାଗଡ ବ୍ଲକ ପାଡେଙ୍କ ଗାଁର ସୁବଳ ମଲ୍ଲିକ (୩୩)ଙ୍କୁ ଗିରଫ କରାଯାଇଛି। ପ୍ରକାଶ ଯେ, ଅବକାରୀ ବିଭାଗ କର୍ମଚାରୀମାନେ ମଙ୍ଗଳବାର ପାଟ୍ରୋଲିଂ କରୁଥିବା ବେଳେ ମହୁଲ ଫୁଲ ବୋଝେଇ ଟ୍ରାକ୍ଟରଟି ପାଡେଙ୍କ ରାସ୍ତାରୁ ବାଗମୁଡ ରାସ୍ତା ଦେଇ ଫୁଲମୁଣ୍ଡା ଗାଁ ପଟକୁ ଯାଉଥିଲା। ତେବେ ବିଭାଗୀୟ ଅଧିକାରୀମାନେ ସନ୍ଦେହରେ ଟ୍ରାକ୍ଟରକୁ ଅଟକାଇ ଯାଞ୍ଚ କରିଥିଲେ। ଏହି ସମୟରେ ସେଥିରେ ମହୁଲ ଫୁଲ ଲୋଡ ହୋଇଥିବା ଜାଣିବାକୁ ପାଇବା ସହ କାଗଜପତ୍ର ଯାଞ୍ଚ କରିଥିଲେ। ହେଲେ କୌଣସି ଆବଶ୍ୟକ କାଗଜପତ୍ର ନ ଥିବାରୁ ବେଆଇନ ଭାବେ ଏହା ଚାଲାଣ ହେଉଥିବା ଜଣାପଡିଥିଲା। ଫଳରେ ସୁବଳଙ୍କୁ ପାଟଣାଗଡ ଅବକାରୀ ଥାନାକୁ ଅଣାଯାଇଥିଲା। ସେଠାରେ ତାଙ୍କୁ ଅଧିକ ପଚରାଉଚରା ପରେ କୋର୍ଟ ଚାଲାଣ କରାଯାଇଛି। କୋର୍ଟରେ ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଥିବା ଅବକାରୀ ଥାନା ଅଧିକାରୀ ରାଜକୁମାର ବେହେରା ସୂଚନା ଦେଇଛନ୍ତି।

# ନାତି ବାହାଘର ଦିନ ଆଈଙ୍କ ମୃତ୍ୟୁ

ଲୋଇସିଂହା,୨।୪(ସୁଶାନ୍ତ ବାରିକ)

ନାତିର ବାହାଘର ଦିନ ଆଈର ମୃତ୍ୟୁ ଘଟିଛି। ଏପରି ଦୁଃଖଦ ଘଟଣା ବଲାଙ୍ଗୀର ଜିଲା ଲୋଇସିଂହା ଥାନା ଆଗଲପୁର ବ୍ଲକ ନଅଗାଁ(ଖ) ଗ୍ରାମରେ ଘଟିଛି। ମୃତ ବୃଦ୍ଧା ଜଣକ ହେଲେ ଅନ୍ନପୂର୍ଣ୍ଣା ସାହୁ(୮୫)। ପ୍ରକାଶ ଯେ, ଆଗଲପୁର ବ୍ଲକ ନଅଗାଁ(ଖ) ପଞ୍ଚାୟତ ସଦର ଗ୍ରାମର ରାମଜୀ ମନ୍ଦିର ନିକଟରେ ବୃଦ୍ଧା ଅନ୍ନପୂର୍ଣ୍ଣା ଓରଫ ଅରନ ପରିବାର ସହ ରହୁଥିଲେ। ତାଙ୍କ ସ୍ୱାମୀ ଦୀର୍ଘଦିନରୁ ଆରପାରିକୁ ଚାଲି ଯାଇଥିବା ବେଳେ ଘରେ ୩ ପୁଅ ବୋହୂ, ନାତିନାତୁଣୀ ଥିଲେ । ଅନ୍ନପୂର୍ଣ୍ଣାଙ୍କ ସାନପୁଅ ଚକ୍ର ସାହୁଙ୍କ ପୁଅ ନୀଳାମ୍ବରଙ୍କ ବାହାଘର ବୁଧବାର ହେବାକୁ ଦିନ ଧାର୍ଯ୍ୟ ହୋଇଥିଲା। ଧୁମ୍‌ଧାମରେ ବାହାଘର କରିବା ପାଇଁ ପରିବାର ପକ୍ଷରୁ ସବୁ ପ୍ରସ୍ତୁତି ସରିଥିଲା। ଘରେ ବନ୍ଧୁବାନ୍ଧବ ପହଞ୍ଚି ସାରିଥିଲେ। ହେଲେ ଅସୁସ୍ଥ ଥିବା ଅନ୍ନପୂର୍ଣ୍ଣାଙ୍କ ଅବସ୍ଥା ଗୁରୁତର ହେବାରୁ ମଙ୍ଗଳବାର ସନ୍ଧ୍ୟାରେ ପରିବାର ପକ୍ଷରୁ ତାଙ୍କୁ ଲୋଇସିଂହା ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା । ହେଲେ ବିଳମ୍ବିତ ରାତିରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଥିଲା। ବୁଧବାର ଗାଁ ଶ୍ମଶାନରେ ତାଙ୍କର ଅନ୍ତିମ ସଂସ୍କାର କରାଯାଇଛି। ତେବେ ବାହାଘର ତାରିଖ ନିର୍ଦ୍ଧାରିତ ସହ ଗଣସଣ (ମାଟିପକା)କାର୍ଯ୍ୟ ସରିଯାଇଥିବାରୁ ନୀଳାମ୍ବରଙ୍କ ବାହାଘର ମାମୁଁ ଘର ଏବଂ ତାଙ୍କ ସମାଜର ଜାତି ଲୋକଙ୍କ ସହାୟତାରେ ଏକ ମନ୍ଦିରରେ ସମ୍ପନ୍ନ ହୋଇଯାଇଛି।

# ପ୍ରବେଶ ଉତ୍ସବ ଓ ଖଡ଼ିଛୁଆଁ

ଲାଠୋର,୨।୪(ଭୁବନେଶ୍ୱର ବାରିକ)

ଖପ୍ରାଖୋଲ ବ୍ଲକ କରୁଆଁଝର ସରକାରୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟରେ ବୁଧବାର ପ୍ରବେଶ ଉତ୍ସବ ଏବଂ ଖଡ଼ିଛୁଆଁ ଉତ୍ସାହର ସହିତ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଶିକ୍ଷୟିତ୍ରୀ,ଶିକ୍ଷକ, ଛାତ୍ରୀଛାତ୍ର ଏବଂ ବିଦ୍ୟାଳୟ ପରିଚାଳନା କମିଟି ସଦସ୍ୟଙ୍କ ସକ୍ରିୟ ଅଂଶଗ୍ରହଣ ଦେଖିବାକୁ ମିଳିଥିଲା। ପ୍ରଥମ ଦିନରେ ଶିଶୁ ବାଟିକାରେ ୮ ଜଣ, ପ୍ରଥମ ଶ୍ରେଣୀରେ ୭ ଜଣ, ଷଷ୍ଠ ଶ୍ରେଣୀରେ ୪ ଜଣ ସମୁଦାୟ ୧୯ ଜଣ ଛାତ୍ରୀଛାତ୍ର ନାମ ଲେଖାଇଥିଲେ। କାର୍ଯ୍ୟକ୍ରମରେ ପ୍ରଧାନଶିକ୍ଷକ ଅଚ୍ୟୁତାନନ୍ଦ ସାହୁ ଅଧକ୍ଷତା କରି ନୂତନ ଛାତ୍ରୀଛାତ୍ରମାନଙ୍କୁ ସ୍ୱାଗତ କରିବା ସହ ସେମାନଙ୍କୁ ନିଷ୍ଠା ଓ ଶୃଙ୍ଖଳାର ସହିତ ଶିକ୍ଷା ଗ୍ରହଣ କରିବାକୁ ଉତ୍ସାହିତ କରିଥିଲେ। ସତ୍ୟବାନ ସାହୁ, ଦେବାଶିଷ ସାହୁ, ଫକିର ରାଣା, ନୀଳାମ୍ବର କୁମ୍ଭାର, କୃଷ୍ଣଚନ୍ଦ୍ର ଭୁଏ, ଆକାଶ କୁମାର ସାହୁ, ଜିତେନ୍ଦ୍ର ସର୍ଭଙ୍ଗ, ଜଗବନ୍ଧୁ ନାଗ, ସୁନିତା ନନ୍ଦ, ସୁନିତା ବାର୍ଲା, ଜ୍ୟୋତି କାଲୋ ଏବଂ ହିତେଶ୍ୱରୀ ବିଶ୍ୱାଳଙ୍କ ସମେତ ଅନ୍ୟ ଶିକ୍ଷୟିତ୍ରୀ ଶିକ୍ଷକ, ବିଦ୍ୟାଳୟ ପରିଚାଳନା କମିଟି ସଦସ୍ୟ ଏହି କାର୍ଯ୍ୟକ୍ରମ ଆୟୋଜନ କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲେ। ନୂତନ ଛାତ୍ରୀଛାତ୍ରଙ୍କ ଅଭିଭାବକ ମାନେ ଖଡ଼ିଛୁଆଁ ଅବସରରେ କୃତଜ୍ଞତା ଜ୍ଞାପନ କରିଥିଲେ।


ପ୍ରବେଶ ଉତ୍ସବ ଅବସରରେ ଶିଶୁ ଓ ଅନ୍ୟମାନେ।

# ଦାନବାକ୍ସ ଧରି ଛାତ୍ରୀଛାତ୍ରଙ୍କ ରାସ୍ତା ଅବରୋଧ


ଦାନ ବାକ୍ସ ଧରି ରାସ୍ତା ଅବରୋଧ ।

ପାଟଣାଗଡ,୨।୪(ସଚ୍ଚିଦାନନ୍ଦ ମହାକୁର)

■ଶିକ୍ଷା ବ୍ୟବସ୍ଥାର ବିକଳ ଚିତ୍ର
■ଶ୍ରେଣୀଗୃହ ନିର୍ମାଣ ଦାବି

ବଲାଙ୍ଗୀର ଜିଲା ପାଟଣାଗଡ ଏନଏସିସ୍ଥିତ ବ୍ରହ୍ମପୁରା ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଛାତ୍ରୀଛାତ୍ର ଓ ଅଭିଭାବକମାନେ ଶ୍ରେଣୀ ଗୃହ ନିର୍ମାଣ ଦାବି ନେଇ ଦାନ ବାକ୍ସ ଧରି ବୁଧବାର ସ୍କୁଲ ସମ୍ମୁଖ ପାଟଣାଗଡ–କଣ୍ଟାବାଞ୍ଜି ମୁଖ୍ୟ ରାସ୍ତା ଅବରୋଧ କରିଥିଲେ। ଫଳରେ ଦୀର୍ଘ ସମୟ ଧରି ଏହି ରାସ୍ତାରେ ଯାନବାହନ ଚଳାଚଳ ବ୍ୟାହତ ହୋଇଥିଲା ।

ପ୍ରକାଶ ଯେ, ଏହି ବିଦ୍ୟାଳୟରେ ପ୍ରଥମରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ଶତାଧିକ ଛାତ୍ରୀଛାତ୍ର ଅଧ୍ୟୟନ କରୁଛନ୍ତି। ପୁରାତନ ବିଦ୍ୟାଳୟ ହୋଇଥିବାରୁ ସମୟକ୍ରମେ ଶ୍ରେଣୀଗୃହଗୁଡ଼ିକ ବ୍ୟବହାର ଅନୁପଯୋଗୀ ହୋଇ ପଡ଼ିଥିଲା। ଏହି ଘଟଣା ସ୍ଥାନୀୟ ପ୍ରଶାସନର ନଜରକୁ ଆସିବା ପରେ ପ୍ରାୟ ୨ ବର୍ଷ ହେଲା ବିପଦଶଙ୍କୁଳ ଅବସ୍ଥାରେ ଥିବା ଶ୍ରେଣୀଗୃହଗୁଡ଼ିକ ଭାଙ୍ଗି ଦିଆଯାଇଛି। ଫଳରେ ଅଧିକାଂଶ ସମୟରେ ଅଧ୍ୟୟନରତ ଛାତ୍ରୀଛାତ୍ରମାନେ ଗଛ ତଳେ ବସି ପାଠ ପଢ଼ିବା ଦେଖିବାକୁ ମିଳୁଛି। ଏକମାତ୍ର ଅଫିସ ଗୃହ ଥିବା ବେଳେ ଅଧିକ ବର୍ଷା ହେଲେ ପାଠପଢ଼ା ଏକପ୍ରକାର ଠପ୍ ହୋଇଯାଉଛି। ଏନେଇ ସ୍ଥାନୀୟ ଲୋକେ ବାରମ୍ବାର ପ୍ରଶାସନର ଦୃଷ୍ଟି ଆକର୍ଷଣ କରିବା ସହ ବିଭିନ୍ନ ସମୟରେ ରାସ୍ତାରୋକୋ କରି ଆସିଛନ୍ତି। କିନ୍ତୁ କୌଣସି ସୁଫଳ ମିଳିନାହିଁ । ଫଳରେ ଦାବି ପୂରଣ ପାଇଁ ବିଦ୍ୟାଳୟର ଛାତ୍ରୀଛାତ୍ର ଓ ଅଭିଭାବକ ଅଭିନବ ଢଙ୍ଗରେ ଧାରଣା ଦେଇ ଆନ୍ଦୋଳନକୁ ଓହ୍ଲାଇଥିଲେ। ତେବେ ସେହି ରାସ୍ତା ଦେଇ ଯାଉଥିବା କେତେଜଣ ସହୃଦୟ ବ୍ୟକ୍ତି ଦାନ ଦେଉଥିବାର ଦେଖିବାକୁ ମିଳିଥିଲା। ଖବର ପାଇ ପାଟଣାଗଡ ଉପ ଜିଲାପାଳ ସୁନୀଲ ମେହେର ଓ ବିଇଓ ଶଙ୍କର ପ୍ରସାଦ ମାଝି ଘଟଣାସ୍ଥଳକୁ ଆସି ଛାତ୍ରୀଛାତ୍ର ଓ ଅଭିଭାବକଙ୍କ ସହ କଥାବାର୍ତ୍ତା କରି ବୁଝାଇଥିଲେ। ୮ ଦିନ ମଧ୍ୟରେ ଭଙ୍ଗାଯାଇଥିବା ଶ୍ରେଣୀଗୃହଗୁଡ଼ିକର ନିର୍ମାଣ କାର୍ଯ୍ୟ ଆରମ୍ଭ କରାଯିବ ବୋଲି ପ୍ରଶାସନର ପ୍ରତିଶ୍ରୁତି ମିଳିବା ପରେ ସେମାନେ ଧାରଣାରୁ ଓହରି ଯାଇଥିଲେ।

# ଚୂର୍ଣ୍ଣମୁହାଣ ପୋଲ ମୁକୁଳା: ବଢ଼ୁଛି ଦୁର୍ଘଟଣା

ଲୋଇସିଂହା,୨।୪(ସୁଶାନ୍ତ ବାରିକ)


ଚୂର୍ଣ୍ଣମୁହାଣ ପୋଲ।

ବଲାଙ୍ଗୀର ଜିଲା ଆଗଲପୁର ବ୍ଲକ ଡୁଡୁକା ଓ ମହୁଲପାଲି ନିକଟରେ ଥିବା ଚୂର୍ଣ୍ଣମୁହାଣ ପୋଲ ମୁକୁଳା ପଡ଼ିବା ସହିତ ବିପର୍ଯ୍ୟସ୍ତ ଅବସ୍ଥାରେ ରହିଛି। ଫଳରେ ଏଠାରେ ଅନେକ ସମୟରେ ଦୁର୍ଘଟଣା ଘଟି ଧନଜୀବନ ହାନି ଘଟୁଛି । ନିକଟରେ ଉକ୍ତ ପୋଲ ତଳକୁ ଏକ କାର୍ ଖସି ପଡ଼ିଥିଲା। ଏଥିରେ କାହାରି ମୃତ୍ୟୁ ଘଟି ନ ଥିଲେ ମଧ୍ୟ କାର୍‌ରେ ଥିବା ଗୋଟିଏ ପରିବାରର ୪ ଜଣ ସଦସ୍ୟ ଗୁରୁତର ଆହତ ହୋଇଥିଲେ। ଏହିପରି ଅଧିକାଂଶ ସମୟରେ ଦୁର୍ଘଟଣାମାନ ଘଟୁଥିଲେ ସୁଦ୍ଧା ଉକ୍ତ ପୋଲ ଉଚ୍ଚ ଓ ପ୍ରଶସ୍ତ କରିବା ଦିଗରେ ଜିଲା ପ୍ରଶାସନ ଓ ସ୍ଥାନୀୟ ରାଜନେତା ପଦକ୍ଷେପ ଗ୍ରହଣ କରୁ ନ ଥିବା ଅଭିଯୋଗ ହେଉଛି । ଏହାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଅସନ୍ତୋଷ ପ୍ରକାଶ ପାଇଛି ।

ଆଗଲପୁର ବ୍ଲକ ସାଲେଭଟା ତଥା ବଲାଙ୍ଗୀର–ବରଗଡ ୨୬ ନଂ ଜାତୀୟ ରାଜପଥରୁ ଭାୟା ଡୁଡୁକା ଦେଇ ବରଗଡ ଜିଲା ଗାଇସିଲାଟ,ପଦ୍ମପୁର ଓ ବିଜେପୁରକୁ ରାସ୍ତା ସଂଯୋଗ ହୋଇଛି। ସାଲେଭଟାରୁ –ଆଗଲପୁର ପ୍ରାୟ ୧୬ କିମି ରାସ୍ତା । ନିକଟରେ ବଲାଙ୍ଗୀର ଜିଲା ପ୍ରଶାସନ ପକ୍ଷରୁ ଉକ୍ତ ରାସ୍ତାକୁ ଆରଡିରୁ ପିଡବ୍ଲୁଡିକୁ ହସ୍ତାନ୍ତର ପରେ ରାସ୍ତା ଉନ୍ନତୀକରଣ କରାଯାଇଛି। ଉକ୍ତ ରାସ୍ତାର ଡୁଡୁକା ଓ ମହୁଲପାଲି ନିକଟରେ ରହିଛି ଚୂର୍ଣ୍ଣମୁହାଣ ପୋଲ। ଚୂର୍ଣ୍ଣମୁହାଣ ଜୋର ଉପରେ ଏହି ପୋଲ(ରପଟା) ନିର୍ମାଣ ହୋଇଛି। ଏହି ପୋଲ ବହୁ ପୁରାତନ ହୋଇଥିବା ବେଳେ ସଂକୀର୍ଣ୍ଣ ଏବଂ ମୁକୁଳା ରହିଛି । ପିଡବ୍ଲୁଡି ବିଭାଗ ପକ୍ଷରୁ ରାସ୍ତା ଉନ୍ନତୀକରଣ ବେଳେ ଏଠାରେ ନୂତନ ପୋଲ ନିର୍ମାଣ ପାଇଁ ପଦକ୍ଷେପ ନିଆଯାଇନାହିଁ । ବହୁପୂର୍ବରୁ ନିର୍ମିତ ଏହି ପୋଲ ଦୀର୍ଘ ଦଶନ୍ଧି ହେଲା ମୁକୁଳା ପଡ଼ିବା ସହ ବିପର୍ଯ୍ୟସ୍ତ ହୋଇପଡିଛି। ତେଣୁ ଏଠାରେ ଅଧିକାଂଶ ସମୟରେ ଦୁର୍ଘଟଣା ଘଟୁଛି। ଗତ ୨୯ ତାରିଖରେ ବାଦିମୁଣ୍ଡା ଅଞ୍ଚଳରୁ ଏକ ପରିବାର କାର୍ ଯୋଗେ ରୋତକୁ ଯାଉଥିବା ବେଳେ ଭାରସାମ୍ୟ ହରାଇ କାର୍‌ଟି ପୋଲ ତଳକୁ ଖସି ପଡ଼ିଥିଲା। ଫଳରେ କାର୍‌ରେ ଥିବା ବ୍ୟକ୍ତିମାନେ ଆହତ ହୋଇଥିଲେ। ଏହାକୁ

**ସାଧାରଣରେ ଅସନ୍ତୋଷ**

ନେଇ ସାଧାରଣରେ ଉଦ୍‌ବେଗ ପ୍ରକାଶ ପାଇଛି। ଏହାଛଡା ଏହି ପୋଲ ନିକଟ ଦେଇ ବହି ଯାଇଛି ଅଙ୍ଗନଦୀ। ବର୍ଷାଋତୁରେ ବନ୍ୟା ସମୟରେ ଅଙ୍ଗନଦୀରୁ ଉଛୁଳା ପାଣି ଚର୍ଣ୍ଣମୁହାଣ ଜୋର ଦେଇ ପ୍ରଭାବିତ ହୋଇଥାଏ। ବନ୍ୟା ପାଣି ଦିନ ଦିନ ଧରି ପୋଲ ଉପରେ ୫ ଫୁଟରୁ ଅଧିକ ଉଚ୍ଚରେ ପ୍ରଭାବିତ ହୋଇ ଯୋଗାଯୋଗ ବିଚ୍ଛିନ୍ନ ହୋଇଯାଇଥାଏ।

ଏହି ରାସ୍ତା ଉପରେ ନିର୍ଭର କରୁଥିବା ସ୍କୁଲ, କଲେଜ ଛାତ୍ରୀଛାତ୍ରଙ୍କ ସମେତ ସାଧାରଣ ଲୋକେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହୋଇଥାନ୍ତି। ଏହା ଏକ ପ୍ରମୁଖ ରାସ୍ତା ହୋଇଥିଲେ ସୁଦ୍ଧା ପ୍ରଶାସନ ଓ ରାଜନେତାଙ୍କ ଉଦାସୀନତା ଅଞ୍ଚଳବାସୀଙ୍କ ପାଇଁ ଚିନ୍ତାର କାରଣ ସାଜିଛି। ଅପରପକ୍ଷରେ ରାସ୍ତା ଉନ୍ନତୀକରଣରେ ବ୍ୟାପକ ଦୁର୍ନୀତିକୁ ନେଇ ସ୍ଥାନୀୟ ଲୋକେ ଅସନ୍ତୋଷ ବ୍ୟକ୍ତ କରିଛନ୍ତି । ଏ ସମ୍ପର୍କରେ ପୂର୍ତ୍ତ ବିଭାଗ କନିଷ୍ଠ ଯନ୍ତ୍ରୀ ଦୁର୍ଯ୍ୟୋଧନ କୁମ୍ଭାରଙ୍କୁ ପଚାରିବାରେ ଦୁର୍ଘଟଣା ଘଟୁଥିବା ନଜରକୁ ଆସିଛି। ରାସ୍ତା ନିର୍ମାଣ ବେଳେ ଉକ୍ତ ପୋଲ କାମ ପ୍ରକଳ୍ପରେ ନ ଥିଲା। ଏବେ ପୋଲ ନିର୍ମାଣ ପାଇଁ ସେଠାକାର ମାଟି ସଂଗ୍ରହ କରି ପରୀକ୍ଷା ପାଇଁ ପଠାଯାଇଛି। ସେଠାରୁ ରିପୋର୍ଟ ଆସିଲା ପରେ ଟେଣ୍ଡର ଡାକି କାମ କରାଯିବ ବୋଲି ସେ କହିଥିଲେ।


ନିକଟରେ ଘଟିଥିବା ଦୁର୍ଘଟଣାରେ କାର୍ ପୋଲ ତଳକୁ ଖସିପଡିଛି।

## ବିଜେପୁର ଆଞ୍ଚଳିକ ସାଧନ କେନ୍ଦ୍ରରେ ପ୍ରବେଶ ଉତ୍ସବ

ଟିଟିଲାଗଡ଼,୨।୪(ଶରତ ମିଶ୍ର)

ଟିଟିଲାଗଡ ବ୍ଲକ ଅଧୀନ ବିଜେପୁର ଆଞ୍ଚଳିକ ସାଧନ କେନ୍ଦ୍ର ଅନ୍ତର୍ଗତ ସମସ୍ତ ବିଦ୍ୟାଳୟରେ ପ୍ରବେଶ ଉତ୍ସବ ଏବଂ ଖଡ଼ିଛୁଆଁ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ବିଜେପୁର ପ୍ରାଥମିକ ବିଦ୍ୟାଳୟରେ ବିଜେପୁର ଆଞ୍ଚଳିକସାଧନକେନ୍ଦ୍ର ସଂଯୋଜକ ଗୋପାଳ ସିଂ ସୁନାଙ୍କ ଉପସ୍ଥିତିରେ ଏହି କାର୍ଯ୍ୟକ୍ରମ ହୋଇଥିଲା। ଏଥିରେ ଟିଟିଲାଗଡ ଗୋଷ୍ଠୀ ଶିକ୍ଷା ଅଧିକାରୀ ଆର୍ତ୍ତତ୍ରାଣ ରଥ ମୁଖ୍ୟଅତିଥି ଭାବେ ଯୋଗଦେଇ ଶିଶୁଙ୍କୁ ପ୍ରତିଦିନ ବିଦ୍ୟାଳୟକୁ ପଠାଇବାକୁ ଅନୁରୋଧ କରିଥିଲେ। ପରେ ନିକଟସ୍ଥ ତରାସିଂହା ପ୍ରାଥମିକ ବିଦ୍ୟାଳୟ, ବାନ୍ଧୁପଲା ଉଚ୍ଚ ପ୍ରାଥମିକ ବିଦ୍ୟାଳୟକୁ ଯାଇଥିଲେ। ପ୍ରଧାନ ଶିକ୍ଷୟିତ୍ରୀ ଅନୋଲା ହୋରୋ ଧନ୍ୟବାଦ ଅର୍ପଣ କରିଥିଲେ।


କାନାରା ବ୍ୟାଙ୍କ Canara Bank
ସିଣ୍ଡିକେଟ Syndicate
କ୍ଷେତ୍ରୀୟ କାର୍ଯ୍ୟାଳୟ: କଟକ
**ସଂଶୋଧନ ପତ୍ର**
ତା.୩୦.୦୩.୨୦୨୫ରିଖ ଦୈନିକ ଖବର କାଗଜ ଧରିତ୍ରୀରେ ପ୍ରକାଶିତ ଆମର “ଡିମାଣ୍ଡ ନୋଟିସ୍”ରେ ଋଣଗ୍ରହୀତା: ମେସର୍ସ ଖୁସି ଏଣ୍ଟରପ୍ରାଇଜେସ୍‌ର ଆକାଉଣ୍ଟ ନିମନ୍ତେ ଦର୍ଶିତ ଶାଖାର ନାମ “ପଟାମୁଣ୍ଡାଇ ଶାଖା” ପରିବର୍ତ୍ତେ “ରାହାମା ଶାଖା” ପଢ଼ିବାକୁ ଅନୁରୋଧ। ଅନ୍ୟାନ୍ୟ ସମସ୍ତ ତଥ୍ୟ ଅପରିବର୍ତ୍ତିତ ରହିବ।
ତା.୦୨.୦୪.୨୦୨୫ / କ୍ଷମତାପ୍ରାପ୍ତ ଅଧିକାରୀ

**OFFICE OF THE COLLECTOR & DISTRICT MAGISTRATE, SUBARNAPUR**
(SOCIAL WELFARE SECTION)
**TENDER CALL NOTICE**
No.1272/ SW Dt.02.04.2025
Sealed tenders are invited for engagement of Transport agent/ Contractor for transportion of food stuff (Rice & Wheat) in Subarnapur district for the year 2025-26. For other details please see notice board of Collector/ DSWO or may visit the official website of Subarnapur District **“https://subarnapur.odisha.gov.in.”**
**Sd./- Collector, Subarnapur**

**ବିଜ୍ଞପ୍ତି**
ଏତଦ୍ୱାରା ଟେନ୍‌ସା, ବ୍ଲକ୍–କୋଇଡ଼ା, ସୁନ୍ଦରଗଡ଼ର ସ୍ଥାନୀୟ ଜନସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି ଯେ, ମେସର୍ସ କର୍ପ ରିସୋର୍ସେସ୍ ପ୍ରାଇଭେଟ୍ ଲିମିଟେଡ୍, ଗ୍ରାମ– ତନ୍ତରା, ଟେନ୍‌ସା, ସୁନ୍ଦରଗଡ଼ ପରିବେଶ ଓ ଜଙ୍ଗଲ ତଥା ଜଳବାୟୁ ପରିବର୍ତ୍ତନ ମନ୍ତ୍ରଣାଳୟଠାରୁ ୦.୧୨ ମିଲିୟନ ଟନ୍‌ରୁ ୦.୨୪ ଏମ୍‌ଟିପିଏ ଓ ୧ ଏମ୍‌ଟିପିଏର ଧାତବ ବେନିଫିକେସନ୍ ପାଇଁ ବର୍ଦ୍ଧିତ ପରିବେଶ ମଞ୍ଜୁରୀ ପ୍ରାପ୍ତ କରିଛି ।
**ଇସି ଚିହ୍ନଟ ସଂଖ୍ୟା: ଇସି୨୩ବି୦୦୦୦ଓଆର୍‌୫୨୯୩୫୯୭ଏନ୍**
**ଫାଇଲ୍ ନଂ.- ୪୫୫୬୧୮/୦୨ - ଏମ୍‌ଆଇଏନ୍/୧୨-୨୦୨୩**
**ମଞ୍ଜୁରୀ ପ୍ରକାର - ନୂଆ ଇସି**
**ବର୍ଗ - ବି୧**
୧(କ) ଖଣିଜ ପଦାର୍ଥର ଖନନ, ୨(ଖ) ଗ୍ରାମ–ତନ୍ତରା ଓ ଟେନ୍‌ସା, ତହସିଲ– କୋଇଡ଼ା, ସୁନ୍ଦରଗଡ଼, ଓଡ଼ିଶାରେ ୧.୦ ଏମ୍‌ଟିପିଏ ଥ୍ରୋପୁଟ୍ ବେନିଫିକେସନ୍ ପ୍ଲାଣ୍ଟର ପ୍ରତିଷ୍ଠା ସହିତ ଲୌହ ଧାତୁପଥର ଉତ୍ପାଦନ କ୍ଷମତାକୁ ୦.୧୨ ଏମ୍‌ଟିପିଏରୁ ୦.୨୪ ଏମ୍‌ଟିପିଏକୁ ବୃଦ୍ଧି କରିବା ନିମନ୍ତେ ତନ୍ତରା ଆଇରନ୍ ଓର୍ ମାଇନ୍ (ଏମ୍‌ଏଲ୍ ଏରିଆ ୭୨.୫୬୦ ହେକ୍ଟର)ର ସମ୍ପ୍ରସାରଣ ନିମନ୍ତେ ଅନୁମତି ମିଳିଛି ।

**GOVERNMENT OF ODISHA**
**DEPARTMENT OF WATER RESOURCES**
**OFFICE OF THE ADDITIONAL CHIEF ENGINEER**
**CENTRAL IRRIGATION CIRCLE, BHUBANESWAR**
No.A-1250
**‘e’ Procurement Notice No. ACECIC - 19/2024-25**

| Procurement Officer | Bid Identification No. | Name of Work | Cost of Work (Rs. in Lakhs) | Bid Security (Rs.) E.M.D. | Cost of Bid documents (Rs.) | Class of Contractor | Bid documents available online for bidding From | To | Date of opening of Technical Bid | Period of completion of work |
|---|---|---|---|---|---|---|---|---|---|---|
| ACE, CIC, BHUBANESWAR | NGR-09/2024-25 | Cement Concrete Lining in Right Distributary of Kuanria Irrigation Project from RD.11.00 Km to 18.20 Km | 834.63 | 834700/- (Online) | 10000/- (Online) | “A” & “Special” Class | 05.04.2025 At 10.00 Hours | 19.04.2025 At 17.00 Hours | 21.04.2025 At 11.00 Hours | 18 (Eighteen Calendar Month) |

e-mail ID : secic_dowr@yahoo.com
Further details conditions can be seen from Govt. website www.tenderorissa.gov.in
OIPR-32160/11/0023/2425
**Sd./- Additional Chief Engineer, Central Irrigation Circle**

**ୟୁକୋ ବ୍ୟାଙ୍କ**
ଆଞ୍ଚଳିକ କାର୍ଯ୍ୟାଳୟ, ୟୁକୋ ବ୍ୟାଙ୍କ ବିଲ୍ଡିଙ୍ଗ୍, ୨ୟ ମହଲା, ସି-୨, ଅଶୋକ ନଗର, ଭୁବନେଶ୍ୱର-୭୫୧୦୦୯, ଫୋନ୍: ୦୬୭୪-୨୬୨୦୪୨୩
**ଦଖଲ ନୋଟିସ୍**
ସ୍ଥାବର ସମ୍ପତ୍ତି ନିମନ୍ତେ
(ସିକ୍ୟୁରିଟାଇଜେସନ୍ ଆଣ୍ଡ୍ ରିକନ୍‌ଷ୍ଟ୍ରକ୍ସନ୍ ଅଫ୍ ଫାଇନାନ୍‌ସିଆଲ ଆସେଟ୍ସ ଆଣ୍ଡ୍ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ର ଧାରା ୧୩ (୪) ସହିତ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ)ରୁଲ୍ସ ୨୦୦୨ର ରୁଲ୍ ୮ ଅନୁଯାୟୀ ସ୍ଥାବର ସମ୍ପତ୍ତି ନିମନ୍ତେ)
ନିମ୍ନ ସ୍ୱାକ୍ଷରକାରୀ **ୟୁକୋ ବ୍ୟାଙ୍କ, ଦଳାଇସାହି ଶାଖା**ର କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଦ୍ୱାରା ସିକ୍ୟୁରିଟାଇଜେସନ୍ ଆଣ୍ଡ୍ ରିକନ୍‌ଷ୍ଟ୍ରକ୍ସନ୍ ଅଫ୍ ଫାଇନାନ୍‌ସିଆଲ ଆସେଟ୍ସ ଆଣ୍ଡ୍ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ (୨୦୦୨ର ନଂ.୫୪) ଏବଂ ଧାରା ୧୩ (୧୨) ଅନୁଯାୟୀ ପ୍ରଦତ୍ତ କ୍ଷମତା ସହିତ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ, ୨୦୦୨ର ରୁଲ୍ ୩ ଅନୁସାରେ ନିମ୍ନଲିଖିତ ଋଣଗ୍ରହୀତା/ଗ୍ୟାରେଣ୍ଟିଦାତାଙ୍କୁ କଥିତ ଆକ୍ଟର ଧାରା ୧୩(୨) ଅନୁସାରେ ଡିମାଣ୍ଡ ନୋଟିସ୍ ଜାରି କରାଯାଇ ନୋଟିସ୍ ମାଧ୍ୟମରେ ଦର୍ଶାଯାଇଥିବା ଅର୍ଥ ସହିତ ଚୁକ୍ତି ହାରରେ ସୁଧ ସହିତ ଆନୁସଙ୍ଗିକ ଖର୍ଚ୍ଚ ଏବଂ ଆଇନଗତ ଖର୍ଚ୍ଚ ନୋଟିସ୍ ପ୍ରାପ୍ତି ତାରିଖଠାରୁ **୬୦ ଦିନ** ମଧ୍ୟରେ ପଇଠ କରିବାକୁ କୁହାଯାଇଥିଲା। ଯେହେତୁ ଋଣଗ୍ରହୀତା ତାଙ୍କର ଦେୟ ପଇଠ କରିବାରେ ବିଫଳ ହେଲେ ତେଣୁ ଋଣଗ୍ରହୀତା/ଗ୍ୟାରେଣ୍ଟିଦାତା ଏବଂ ସର୍ବସାଧାରଣଙ୍କୁ ଜଣାଇ ଦିଆଯାଉଅଛି କି ଉପର ବର୍ଣ୍ଣିତ ଆଇନର ଧାରା ୧୩(୪) ସହିତ କଥିତ ରୁଲ୍ସର ରୁଲ୍ ୮ ଅନୁସାରେ କ୍ଷମତାପ୍ରାପ୍ତ ଅଧିକାରୀ ନିମ୍ନରେ ବର୍ଣ୍ଣିତ ସମ୍ପତ୍ତିକୁ **ଦଖଲ** ନେଇଛନ୍ତି। ତେଣୁ ବିଶେଷକରି ଋଣଗ୍ରହୀତା/ଗ୍ୟାରେଣ୍ଟିଦାତା ଏବଂ ସର୍ବସାଧାରଣଙ୍କୁ ଏତଦ୍‌ଦ୍ୱାରା ଜଣାଇ ଦିଆଯାଉଛି ଯେ, ନିମ୍ନଲିଖିତ ସମ୍ପତ୍ତି ସହିତ କୌଣସି ପ୍ରକାର କାରବାର କରିବେ ନାହିଁ ଅନ୍ୟଥା ସମ୍ପତ୍ତି ଉପରେ କୌଣସି ପ୍ରକାର କାରବାର ପାଇଁ **ୟୁକୋ ବ୍ୟାଙ୍କ, ଦଳାଇସାହି ଶାଖା** ନିକଟରେ ସମସ୍ତ ଦେୟ ସହିତ ସେବାବଦ ସୁଧ, ଆନୁସଙ୍ଗିକ ଖର୍ଚ୍ଚ ଏବଂ ଦେୟ ପାଇଁ ଉତ୍ତରଦାୟୀ ରହିବେ।

| ଦଳାଇସାହି ଶାଖା / ଋଣଗ୍ରହୀତା/ ଗ୍ୟାରେଣ୍ଟିଦାତାଙ୍କ ନାମ ଓ ଠିକଣା | ଧାର୍ଯ୍ୟ ତାରିଖ ସୁଦ୍ଧା ବକେୟା ରାଶିର ପରିମାଣ | ଡିମାଣ୍ଡ ନୋଟିସ୍ / ଦଖଲ ନୋଟିସ୍ ତାରିଖ | ସ୍ଥାବର ସମ୍ପତ୍ତିର ବିବରଣୀ |
|---|---|---|---|
| ଋଣଗ୍ରହୀତା: ଶେଖ ଅତାବୁର ରହେମାନ / ଗ୍ୟାରେଣ୍ଟିଦାତା: ରୋକିଆ ବେଗମ, ଉଭୟଙ୍କ ଠିକଣା- ସା: ଦଳାଇସାହି, ପୋ: ମାଣିକଗୋଡା, ଜିଲ୍ଲା: ଖୋର୍ଦ୍ଧା-୭୫୨୦୬୬ | ଟ.୧୨,୨୦,୫୨୪.୪୩ + ସେବାବଦ ପରବର୍ତ୍ତୀ ସୁଧ ଏବଂ ଅନ୍ୟାନ୍ୟ ଦେୟ | ୧୯.୧୨.୨୦୨୪ / ୨୮.୦୩.୨୦୨୫ | ଶେଖ ଅତାବୁର ରହେମାନଙ୍କ ନାମରେ ଥିବା ଜମି ଏବଂ ଗୃହର ସମସ୍ତ ଅଂଶବିଶେଷ ଯାହାର ସା/ମୌଜା: ଦଳାଇସାହି, ପୋ: ମାଣିକଗୋଡା, ଥାନା: ବୋଲଗଡ, ଜିଲ୍ଲା: ଖୋର୍ଦ୍ଧା-୭୫୨୦୬୬, ପ୍ଲଟ୍ ନଂ.: ୪୩୮/୨୫୯୨, ୪୩୭/୨୫୯୦, ୪୩୬/୨୫୯୧, ଖାତା ନଂ.: ୧୩୮୦/୨୧୫, |

କ୍ଷେତ୍ର: ୧୭୮୫.୯୬ ବର୍ଗଫୁଟ (ପ୍ଲିନ୍ଥ ଏରିଆ: ୧୨୭୦ ବର୍ଗଫୁଟ), ଏହାର ଚାରିପାର୍ଶ୍ୱରେ ଉତ୍ତର: ଲିଟିଫୁଲ ରହେମାନ, ଦକ୍ଷିଣ: ମୋଜବୁର ରହେମାନ, ପୂର୍ବ: ରାସ୍ତା, ପଶ୍ଚିମ: କମର ଜାନ ଖାନ୍
ସ୍ଥାନ: ଭୁବନେଶ୍ୱର, ତାରିଖ : ୦୨.୦୪.୨୦୨୫
କ୍ଷମତାପ୍ରାପ୍ତ ଅଧିକାରୀ, ୟୁକୋ ବ୍ୟାଙ୍କ

## ସଂକ୍ଷେପରେ

### ବାସନ୍ତୀ ଦୁର୍ଗାପୂଜା: ଚତୁର୍ଥ ଦିନରେ ଭକ୍ତିମୟ ପରିବେଶ

ବିନିକା,୨।୪ (ରାମ ଗୋପାଳ ବାଘ)

ସୁବର୍ଣ୍ଣପୁର ଜିଲା ବିନିକା ପୁରୁଣା ବସ୍‌ଷ୍ଟାଣ୍ଡ ଦୁର୍ଗା ମନ୍ଦିରରେ ଗତ ଚାରି ଦିନ ଧରି ଚାଲିଥିବା ନବଦିନାତ୍ମକ ବାସନ୍ତୀକ ଦୁର୍ଗାପୂଜାର ବୁଧବାର ଥିଲା ଚତୁର୍ଥ ଦିବସ। ପରାୟଣ କାର୍ଯ୍ୟକ୍ରମ ଭକ୍ତିମୟ ପରିବେଶ ସୃଷ୍ଟି କରିଥିଲା। ମା'ଙ୍କ ସାନ୍ଧ୍ୟ ଦର୍ଶନ ପାଇଁ ଶ୍ରଦ୍ଧାଳୁଙ୍କ ପ୍ରବଳ ଭିଡ଼ ଦେଖିବାକୁ ମିଳିଥିଲା।

### ଶୋକସଭାରେ ଗଦାଧର ପଣ୍ଡାଙ୍କ ସ୍ମୃତିଚାରଣ

ବୀରମହାରାଜପୁର,୨।୪(ଯୁଗଳ କିଶୋର ମିଶ୍ର)

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ବଡଖମାର ଗ୍ରାମର ବରିଷ୍ଠ ଭାଜପା ନେତା ଗଦାଧର ପଣ୍ଡାଙ୍କ ବିୟୋଗରେ ସ୍ଥାନୀୟ ପର୍ଣ୍ଣ ବିଭାଗ ଡାକ ବଙ୍ଗଳାରେ ଏକ ଶୋକସଭା ଅନୁଷ୍ଠିତ ହୋଇଯାଇଛି। ବୀରମହାରାଜପୁର ଭାଜପା ମଣ୍ଡଳ ସଭାପତି ସୁମନ୍ତ ଜଗଦଳାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଶୋକସଭାରେ ସ୍ୱର୍ଗତ ପଣ୍ଡାଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ ସହିତ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ଦୁଇ ମିନିଟ ନୀରବ ପ୍ରାର୍ଥନା କରାଯାଇଥିଲା। ଏହି ଶୋକ ସଭାରେ ଭାଜପା ଜିଲା ସଭାପତି ବେଣୁଧର ଦାସ ବକ୍ତବ୍ୟ ରଖି ସ୍ୱର୍ଗତ ପଣ୍ଡାଙ୍କ ବିୟୋଗ ଦଳ ପାଇଁ ଅପୂରଣୀୟ କ୍ଷତି ବୋଲି କହିଥିଲେ। ଅନ୍ୟ ମାନଙ୍କ ମଧ୍ୟରେ ବରିଷ୍ଠ ଆଇନଜୀବୀ ସତ୍ୟବ୍ରତ ମିଶ୍ର, ବିପିନ ବିହାରୀ ପଣ୍ଡା, ପୂର୍ବତନ ମଣ୍ଡଳ ସଭାପତି ରାଧା ଚରଣ ମେହେର, ଭୋଳାଶଙ୍କର ବାଘ, ପୂର୍ବତନ ସରପଞ୍ଚ ଧର୍ମେନ୍ଦ୍ର ମେହେର, ରୋହିତ ହୋତା, ପଦାର୍ଥ ଜଗଦଳା, ବିଶ୍ୱନାଥ ଥନାପତି, ଗୋତମ ପଣ୍ଡାଙ୍କ ସମେତ ବହୁତ ଭାଜପା ନେତା ଓ କର୍ମୀ ସାମିଲ ହୋଇଥିଲେ।

### ଅଷ୍ଟଶମ୍ଭୁ ମିଳନ, ଶ୍ରଦ୍ଧାଳୁଙ୍କ ଭିଡ଼

ବୀରାମହାରାଜପୁର,୨।୪ (ଯୁଗଳ କିଶୋର ମିଶ୍ର)

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ହିଲୁଙ୍ଗ ପଞ୍ଚାୟତ ମେଣ୍ଡାମାଲଠାରେ ବୁଧବାର ଅଷ୍ଟଶମ୍ଭୁ ମିଳନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି ଉତ୍ସବରେ ମେଣ୍ଡାମାଳର ଗୁପ୍ତେଶ୍ୱର ମହାଦେବ, ଉଫୁଲା ଗୁପ୍ତେଶ୍ୱର, ଶ୍ରୀପୁରାର ସିଦ୍ଧେଶ୍ୱର, ଜାଲୋଏର ଜମ୍ବେଶ୍ୱର, ନାକଡେଇଁର ନାଗେଶ୍ୱର, କୁଞ୍ଜାପାଲିର ଗୁପ୍ତେଶ୍ୱର, କେଶଲଗାର ଧବଳେଶ୍ୱର, ଚୌକାର ଭୁବନେଶ୍ୱର ମହାଦେବ ଏକ ଆଧାତ୍ମିକ ଶୋଭାଯାତ୍ରାରେ ବାହାରିଥିଲେ। ଢୋଲ, ନିଶାନ, ଛତିଛତ୍ର, ବୈରାମ, ବାନା ସାଙ୍ଗକୁ ବିଶାକାର ନାଚରେ ହର ହର ମହାଦେବ ଧ୍ୱନିରେ ପ୍ରକମ୍ପିତ ହେଉଥିଲା ମେଣ୍ଡାମାଳ ଗାଁ। ଗ୍ରାମର ମଙ୍ଗଳ ପାଇଁ ହୋମଯଜ୍ଞ କରାଯାଇଥିଲା। ସମସ୍ତ ମହାଦେବ ଶୋଭାଯାତ୍ରାରେ ଆସି ମେଣ୍ଡାମାଲଠାରେ ପହଞ୍ଚିଲା ପରେ ସ୍ୱାଗତ କରାଯାଇଥିଲା। ସେଠାରେ ଅଷ୍ଟଶମ୍ଭୁଙ୍କ ମିଳନ ହେବାପରେ ପୂଜାର୍ଚ୍ଚନା କରାଯାଇଥିଲା। ଅଷ୍ଟଶମ୍ଭୁଙ୍କ ଦେଖିବା ପାଇଁ ହଜାର ହଜାର ଭକ୍ତଙ୍କ ସମାଗମ ହୋଇଥିଲା। ସୁରେଶ ପ୍ରବାଦ ନନ୍ଦ, ଜ୍ୟୋତ୍ସ୍ନାରାଣୀ ନନ୍ଦ, ସଞ୍ଜୀବ ନନ୍ଦ, ଶ୍ୱେତା ପାଣିଗ୍ରାହୀ ଓ ମେଣ୍ଡାମାଳ ଗ୍ରାମବାସୀଙ୍କ ସହଯୋଗରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଅଷ୍ଟଶମ୍ଭୁ ମେଲଣ ହୋମଯଜ୍ଞରେ ସଞ୍ଜୀବ ନନ୍ଦ ସପତ୍ନିକ କର୍ତ୍ତା ଦାୟିତ୍ୱ ତୁଲାଇଥିଲେ।

# ପିଲାଙ୍କୁ ବିଦ୍ୟାଳୟ ପ୍ରତି ଆକୃଷ୍ଟ କରିବାକୁ ପ୍ରୟାସ

- ୭୬୧ ଶିଶୁ ବାଟିକାର ଶୁଭାରମ୍ଭ, ଖଡିଛୁଆଁ କାର୍ଯ୍ୟକ୍ରମ
- ସୁବର୍ଣ୍ଣପୁର ଜିଲାର ୮୧୦ ବିଦ୍ୟାଳୟରେ ପ୍ରବେଶ ଉତ୍ସବ

ସୋନପୁର,୨।୪(ମୃତ୍ୟୁଞ୍ଜୟ ଶତପଥୀ)

ରାଜ୍ୟ ସରକାରଙ୍କ ପକ୍ଷରୁ ଚଳିତବର୍ଷ ନୂତନ ଶିକ୍ଷାନୀତି ଆରମ୍ଭ ହୋଇଛି। ନୂତନ ଜାତୀୟ ଶିକ୍ଷାନୀତି ୨୦୨୦ ଅନୁଯାୟୀ ସମସ୍ତ ପ୍ରାଥମିକ ବିଦ୍ୟାଳୟରେ ଶିଶୁଙ୍କୁ ଗୁଣାତ୍ମକ ଶିକ୍ଷା ପ୍ରଦାନ କରାଯିବ। ଏହିକ୍ରମରେ ସୁବର୍ଣ୍ଣପୁର ଜିଲାର ୭୬୧ ଶିଶୁ ବାଟିକାର ଶୁଭାରମ୍ଭ ହୋଇଛି। ବୁଧବାର ଏହି ସବୁ ବିଦ୍ୟାଳୟରେ ଖଡିଛୁଆଁ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ସେହିପରି ଜିଲାର ୮୧୦ ବିଦ୍ୟାଳୟରେ ପ୍ରବେଶ ଉତ୍ସବ ଆୟୋଜିତ ହୋଇଛି। ପିଲାଙ୍କୁ ବିଦ୍ୟାଳୟ ପ୍ରତି ଆକୃଷ୍ଟ କରିବାକୁ ସୁବର୍ଣ୍ଣପୁର ସହର ମଝିପଡା ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଆୟୋଜିତ ଜିଲାସ୍ତରୀୟ ପ୍ରବେଶ ଉତ୍ସବ ଓ ଖଡିଛୁଆ କାର୍ଯ୍ୟକ୍ରମରେ ଜିଲାପାଳ ଅନ୍ୟା ଦାସ ମୁଖ୍ୟ ଅତିଥି ଭାବରେ ଯୋଗଦାନ କରିଥିଲେ। ଯାହାକି ସେମାନଙ୍କ ନାମଲେଖା ଓ ବିଦ୍ୟାଳୟରେ ପ୍ରଥମ ଦିନକୁ ସ୍ମରଣୀୟ କରିଥିଲା। ପିଲାଙ୍କୁ ସର୍ବୋତ୍ତମ ଓ ଗୁଣାତ୍ମକ ଶିକ୍ଷାଦାନ ପାଇଁ ଜିଲା ପ୍ରଶାସନ ପ୍ରତିଶ୍ରୁତିବଦ୍ଧ ବୋଲି ଜିଲାପାଳ କହିଛନ୍ତି। ଏହି ଅବସରରେ ଜିଲାପାଳ ଉକ୍ତ ବିଦ୍ୟାଳୟର ୮ଜଣଙ୍କୁ ଖଡି ଛୁଆଁଇବା ସହ ପିଲାମାନଙ୍କୁ ସ୍କୁଲ ବ୍ୟାଗ୍ ବଣ୍ଟନ କରିଥିଲେ। ଜିଲା ଶିକ୍ଷା ଅଧିକାରୀ ମିନାରାଣୀ ମଙ୍ଗଳ ସଭାରେ ଅଧ୍ୟକ୍ଷତା କରି ସରକାରୀ ବିଦ୍ୟାଳୟରେ ନାମ ଲେଖାଇବାକୁ ଶିଶୁ ବାଟିକାରେ କୁନିକୁନି ପିଲାଙ୍କୁ ପୂର୍ବରୁ ସ୍ୱତନ୍ତ୍ର ନିମନ୍ତ୍ରଣ ପତ୍ର ପ୍ରଦାନ କରାଯାଇଥିଲା। କୁନି ପିଲାମାନେ ବିଦ୍ୟାଳୟ ଆସିଛନ୍ତି। ସେମାନଙ୍କ ପାଇଁ ବିଦ୍ୟାଳୟସ୍ତରରେ ଶିଶୁ ବାଟିକା କରାଯାଇଛି। ଯେଉଁମାନଙ୍କ ବୟସ ସେପ୍ଟେମ୍ବର ୧ ସୁଦ୍ଧା ୫ ବର୍ଷରୁ ଊର୍ଦ୍ଧ୍ୱ ସେମାନେ ଶିଶୁ ବାଟିକା ଓ ୬ ବର୍ଷରୁ ଊର୍ଦ୍ଧ୍ୱ ସେମାନେ ପ୍ରଥମ ଶ୍ରେଣୀରେ ନାମ ଲେଖାଇଛନ୍ତି। ଆସନ୍ତା ୫ ତାରିଖ ପର୍ଯ୍ୟନ୍ତ ବିଦ୍ୟାଳୟଗୁଡିକରେ ପ୍ରବେଶ ଉତ୍ସବ ଓ ଖଡିଛୁଆଁ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ ବୋଲି ଜିଲା ଶିକ୍ଷା ଅଧିକାରୀ ସୂଚନା ଦେଇଥିଲେ। ବଲାଙ୍ଗୀର ଏମ୍‌ପିଙ୍କ ପ୍ରତିନିଧି ଶରତ କୁମାର ଶତପଥୀ ସମ୍ମାନିତ ଅତିଥିଭାବେ ଯୋଗଦେଇ ସରକାରଙ୍କ କାର୍ଯ୍ୟକ୍ରମକୁ ସ୍ୱାଗତ କରିଥିଲେ। ଏହା ଶିଶୁମାନଙ୍କୁ ବିଦ୍ୟାଳୟ ପ୍ରତି ଆକର୍ଷିତ କରିବ। ଶିଶୁ ବାଟିକାର ଭିତ୍ତି ଉପରେ ନୂଆପିଢିର ଭବିଷ୍ୟତ ଗଠନ କରି ପିଲାମାନଙ୍କୁ ସଶକ୍ତ, ଆଧୁନିକ ଓ ଆତ୍ମନିର୍ଭରଶୀଳ ଭବିଷ୍ୟତ ପ୍ରଦାନ କରିବ ବୋଲି ଶତପଥୀ ଆଶା ପ୍ରକାଶ କରିଥିଲେ। ଅତିରିକ୍ତ ଜିଲା ଶିକ୍ଷା ଅଧିକାରୀ ମଞ୍ଜୁଲତା ଭୋଇ ଓ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ମିନାକ୍ଷୀ ନାୟକ ମଞ୍ଚାସିନ ଥିଲେ। ଛାତ୍ରୀ ମିନାକ୍ଷୀ ପଣ୍ଡା ସ୍ୱାଗତ ସଙ୍ଗୀତ ଗାନ କରିଥିଲେ। ଶିକ୍ଷକ ହୃଷିକେଶ ଚାନ୍ଦ ସଭାକୁ ସଂଯୋଜନା କରିଥିଲେ। ପ୍ରାରମ୍ଭରେ ପ୍ରବେଶ ଉତ୍ସବ ଓ ଖଡିଛୁଆଁ ସଭିଏଁ ସ୍କୁଲ ଯିବା ନେଇ ଏକ ସଚେତନତା ରଥକୁ ଜିଲାପାଳ ଦାସ ଉଦ୍‌ଘାଟନ କରିଥିଲେ। ସିଆରସିସି ବୁଦ୍ଧଦେବ ସା, ସମଗ୍ର ଶିକ୍ଷା ଅଭିଯାନ ଜିଲା ପ୍ରକଳ୍ପ କାର୍ଯ୍ୟାଳୟର ସ୍ମିତା ମିଶ୍ର, ରାଜୀବ କୁମାର ପୁରୋହିତ, ପ୍ରଦୀପ କୁମାର ପାଣିଗ୍ରାହୀ, ଅକ୍ଷୟ ସାହୁ, ମାନସ ରଞ୍ଜନ ସେଠ୍, ମୃତ୍ୟୁଞ୍ଜୟ ପ୍ରଧାନ ଓ ସଚ୍ଚିଦାନନ୍ଦ ସାହୁଙ୍କ ସମେତ ମଝିପଡା ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଶିକ୍ଷୟିତ୍ରୀ ଶିକ୍ଷକ କାର୍ଯ୍ୟକ୍ରମ ଆୟୋଜନରେ ସହଯୋଗ କରିଥିଲେ।



ମଝିପଡା ବିଦ୍ୟାଳୟ ସମ୍ମୁଖରେ ଜିଲାପାଳ ସଚେତନତା ରଥର ଶୁଭାରମ୍ଭ କରୁଛନ୍ତି।

## ଖଡ଼ିଛୁଆଁ ରଥର ଶୁଭାରମ୍ଭ

ବିନିକା,୨।୪ (ରାମ ଗୋପାଳ ବାଘ)

ସୁବର୍ଣ୍ଣପୁର ଜିଲା ବିନିକା ସହରାଞ୍ଚଳରେ ବୁଧବାର ପୂର୍ବାହ୍ନରେ ଖଡ଼ି ଛୁଆଁ ଓ ସ୍କୁଲ ପ୍ରବେଶ ରଥର ଶୁଭାରମ୍ଭ ହୋଇଛି। ନଗରପାଳ ସୁବାଷ ଚନ୍ଦ୍ର ଭୁଏ, ଏନଏସି କାର୍ଯ୍ୟନିର୍ବାହୀ ଅଧିକାରୀ ମାନସ ରଞ୍ଜନ ଭୋଇ ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟରେ ସବୁଜ ପତାକା ଦେଖାଇ ଏହାର ଶୁଭାରମ୍ଭ କରିଥିଲେ। ଶୁଭାରମ୍ଭ ସମୟରେ ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ବସନ୍ତ କୁମାର ଭୋଇଙ୍କ ସମେତ ବ୍ଲକର ସମସ୍ତ ସିଆରସିସି ଓ ଶିକ୍ଷକ ଉପସ୍ଥିତ ଥିଲେ।

## ପୂର୍ବତନ ସରପଞ୍ଚ ଗଦାଧର ପଣ୍ଡାଙ୍କ ପରଲୋକ

ବୀରମହାରାଜପୁର,୨।୪ (ଯୁଗଳ କିଶୋର ମିଶ୍ର)



ଗଦାଧର ପଣ୍ଡା।

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ଜଟେସିଙ୍ଗା ପଞ୍ଚାୟତ ବଡଖମାର ଗାଁର ଗୌନ୍ତିଆ ତଥା ପୂର୍ବତନ ସରପଞ୍ଚ ଗଦାଧର ପଣ୍ଡାଙ୍କ ମଙ୍ଗଳବାର ରାତିରେ ପରଲୋକ ଘଟିଛି। ମୃତ୍ୟୁବେଳକୁ ତାଙ୍କୁ ୭୨ ବର୍ଷ ହୋଇଥିଲା। ମଙ୍ଗଳବାର ସନ୍ଧ୍ୟାରେ ଛାତିରେ ଯନ୍ତ୍ରଣା ଅନୁଭବ କରିବାରୁ ତାଙ୍କୁ ବୀରମହାରାଜପୁର ଡାକ୍ତରଖାନା ନିଆଯାଇଥିଲା। ସେଠାରେ ସ୍ୱାସ୍ଥ୍ୟବସ୍ଥାରେ ଉନ୍ନତି ନ ହେବାରୁ ତାଙ୍କୁ ଜିଲା ଡାକ୍ତରଖାନା ନିଆଯାଇଥିଲା। ହେଲେ ସେଠାରେ ତାଙ୍କର ମୃତ୍ୟୁ ଘଟିଥିଲା। ସ୍ୱର୍ଗତ ପଣ୍ଡା ଜଟେସିଙ୍ଗା ଗ୍ରାମ ପଞ୍ଚାୟତର ଲଗାତାର ତିନିଥର ସରପଞ୍ଚ ଭାବେ ନିର୍ବାଚିତ ହୋଇଥିଲେ। ଏହା ସହିତ ଜଣେ ଆଗଧାଡିରେ କୃଷକ ଭାବେ ଜଣାଶୁଣା ଥିଲେ। ବୀରମହାରାଜପୁର କୃଷକ ପରାମର୍ଶଦାତା(ଆତ୍ମା) ସଭାପତି ଭାବେ କାର୍ଯ୍ୟ କରିଥିଲେ। ଜିଲା ଭାଜପା କୃଷକ ମୋର୍ଚ୍ଚା ସଭାପତି ଭାବେ ମଧ୍ୟ ସେ କାର୍ଯ୍ୟ ତୁଲାଇଥିଲେ। ମୃତ୍ୟୁବେଳକୁ ସେ ଜଟେସିଂଗା ସମବାୟ ସମିତିର ନିର୍ଦ୍ଦେଶକ ଥିଲେ। ଜଣେ ନାଟ୍ୟ ନିର୍ଦ୍ଦେଶକ, ମୃଦଙ୍ଗ ବାଦକଭାବେ ତାଙ୍କର ଖ୍ୟାତି ଥିଲା। ତାଙ୍କ ପରଲୋକରେ ବିଧାୟକ ଇଂ. ରଘୁନାଥ ଜଗଦଲା, ଜିଲା ଭାଜପା ସଭାପତି ବେଣୁଧର ଦାସ, ଏମ୍‌ପି ନୋମିନୀ ନଳିନୀ ପଣ୍ଡା, ପୂର୍ବତନ ବ୍ଲକ୍ ଅଧ୍ୟକ୍ଷ ସ୍ୱୟମ୍ଭୁନାଥ ଖଣ୍ଡଗିରୀ, ବ୍ଲକ ଉପାଧ୍ୟକ୍ଷ ନାରାୟଣ ଲୁହା ଶୋକବ୍ୟକ୍ତ କରିଛନ୍ତି। ବୁଧବାର ସକାଳେ ବଡଖମାର ମଠ ପାଖରେ ଥିବା ଭଙ୍ଗାମୁଣ୍ଡା ପୈତୃକ ସ୍ଥାନରେ ଅନ୍ତିମ ସତ୍କାର କରାଯାଇଥିଲା। ଜେଷ୍ଠପୁତ୍ର ଆଇନଜୀବୀ ସୁବ୍ରତ ପଣ୍ଡା ମୁଖାଗ୍ନି ଦେଇଥିଲେ। ସ୍ୱର୍ଗତ ପଣ୍ଡାଙ୍କ ସ୍ତ୍ରୀ ମନୋରମା, ସାନ ପୁଅ ସଞ୍ଜିବ, ବଡ଼ ଭାଇ ଗୌରଚନ୍ଦ୍ର ଓ ପରିବାର ବର୍ଗ ଅଛନ୍ତି। ସଂସ୍କାର ସମୟରେ ବିଜେଡ଼ି ନେତା ସତ୍ୟଞ୍ଜିବ ମିଶ୍ର, ଆଇନଜୀବୀ ଧୀରେନ୍ଦ୍ର ନାରାୟଣ ପଣ୍ଡା, ଗଣପତି ପଣ୍ଡା, ଅଧ୍ୟାପକ ବୀରେନ୍ଦ୍ର ପଣ୍ଡା, ରବି ନାରାୟଣ ପଣ୍ଡାଙ୍କ ସହ ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ଥିଲେ।

# ଗୋଚାଲାଣକାରୀଙ୍କ ବିରୋଧରେ କ୍ରାଇମବ୍ରାଞ୍ଚ ତଦନ୍ତ ଦାବି



ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଅନୁଷ୍ଠିତ ଧାରଣା ଓ ପ୍ରତିବାଦ ସଭା।

**ଜିଲା ଗୋ ଓ ଗୋଚର ସୁରକ୍ଷା ମଞ୍ଚର ମୁଖ୍ୟମନ୍ତ୍ରୀଙ୍କୁ ସ୍ମାରକପତ୍ର**

ସୋନପୁର,୨।୪(ମୃତ୍ୟୁଞ୍ଜୟ ଶତପଥୀ)

ସୁବର୍ଣ୍ଣପୁର ଜିଲା ରାମପୁର ସାପ୍ତାହିକ ଗୋରୁ ବଜାରରୁ ବେଆଇନ ଭାବେ ପଶ୍ଚିମବଙ୍ଗ ଓ ବାଂଲାଦେଶକୁ ହଜାର ହଜାର ଗୋରୁଚାଲାଣ କରାଯାଉଛି। ପ୍ରତି ମଙ୍ଗଳବାର ବିଳମ୍ବିତ ରାତିରେ କଣ୍ଟେନର ଯୋଗେ ଏହି ବେଆଇନ ଚାଲାଣ ହେଉଛି। ଏହି କାର୍ଯ୍ୟରେ କିଛି ପ୍ରଭାବଶାଳୀ ବ୍ୟକ୍ତି ଓ ରାଜନେତା ଲିପ୍ତ ଥିବା ଜିଲା ଗୋ ଓ ଗୋଚର ସୁରକ୍ଷା ମଞ୍ଚ ପକ୍ଷରୁ ଅଭିଯୋଗ ହୋଇଛି। ମଞ୍ଚ ପକ୍ଷରୁ ବୁଧବାର ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଗଣଧାରଣା ଦିଆଯିବା ସହ ପ୍ରତିବାଦ ସଭାର ଆୟୋଜନ କରାଯାଇଥିଲା। ଗୋଚାଲାଣରେ ସମ୍ପୃକ୍ତଙ୍କ ବିରୋଧରେ କ୍ରାଇମବ୍ରାଞ୍ଚ ତଦନ୍ତ ପାଇଁ ମଞ୍ଚ ପକ୍ଷରୁ ଦାବି କରାଯାଇଛି। ଅଭିଯୋଗ ଅନୁଯାୟୀ ଗତ ମାର୍ଚ୍ଚ ମାସରେ ସମ୍ବଲପୁର ପୋଲିସ ଏନକାଉଣ୍ଟର କରି ବେଆଇନ ଭାବେ ଗୋରୁଚାଲାଣ କରୁଥିବା ଏକ କଣ୍ଟେନରକୁ ଜବତ କରିଥିଲା। ତଦନ୍ତ ସମୟରେ ରାମପୁରରୁ ଗୋରୁଚାଲାଣ ହେଉଥିବା ଜଣାପଡିଥିଲା। ସାପ୍ତାହିକ ଗୋରୁ ବଜାର ଲିଜ୍‌ଧାରୀ ତଥା ରାମପୁରର ନରେନ୍ଦ୍ର ମେହେର, ପ୍ରସନ୍ନ ସାହୁ, ପରମେଶ୍ୱର ଲୁହା, ନନ୍ଦ କୁମାର ଚୌଧୁରୀ ଓ ଦୟାନିଧି ଲୁହାଙ୍କୁ ସମ୍ବଲପୁର ପୋଲିସ ଗିରଫ କରିଥିଲା। ଗୋରୁ ବଜାର ଲିଜ୍‌ଧାରୀ ତଥା ମୁଖ୍ୟ ଅଭିଯୁକ୍ତ ନରେନ୍ଦ୍ର ଜଣେ ବିଧାୟକଙ୍କ ଘନିଷ୍ଠ ବୋଲି ମଞ୍ଚର ଆବାହକ ତଥା ଆଇନଜୀବୀ ପ୍ରମୋଦ କୁମାର ମହାପାତ୍ର ଅଭିଯୋଗ କରିଛନ୍ତି। ସେହିପରି ପ୍ରସନ୍ନ ଓ ପରମେଶ୍ୱରଙ୍କ ନାମରେ ପୂର୍ବରୁ ଏକାଧିକ ମାମଲା ରହିଛି। ପୋଲିସ ଓ ପ୍ରଭାବଶାଳୀ ରାଜନେତାଙ୍କ ପ୍ରତ୍ୟକ୍ଷ ଏବଂ ପରୋକ୍ଷ ସହଯୋଗରେ ଦୀର୍ଘ ବର୍ଷ ଧରି ଏହି କାରବାର ଚାଲି ଆସିଥିଲା। କୁଖ୍ୟାତ ଅପରାଧୀ ରାଜା ଖାଁଙ୍କ ସହିତ ଅଭିଯୁକ୍ତଙ୍କ ସମ୍ପର୍କ ରହିଛି। ରାଜା ଖାଁର ସମ୍ପର୍କ ଉତ୍ତରପ୍ରଦେଶର କୁଖ୍ୟାତ ଅପରାଧୀ ଗୁଡୁ ମୁସଲିମ୍ ସହିତ ଥିବା ପୂର୍ବରୁ ପୋଲିସ ତଦନ୍ତରୁ ସ୍ପଷ୍ଟ ହୋଇଛି। ତେଣୁ ନରେନ୍ଦ୍ରଙ୍କୁ ଗୋରୁ ବଜାର ଲିଜ୍ ଦେବା, କୁଖ୍ୟାତ ଅପରାଧି ରାଜା ଖାଁଙ୍କ ସହିତ ସ୍ଥାନୀୟ ରାଜନେତାଙ୍କ ସମ୍ପର୍କ ଓ ପୃଷ୍ଠପୋଷକତା ସମ୍ପର୍କରେ ଜାଣିବା ସକାଶେ କ୍ରାଇମବ୍ରାଞ୍ଚ ତଦନ୍ତ କରିବା ପାଇଁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ନିକଟରେ ଅନୁରୋଧ କରାଯାଇଛି। ରଶ୍ମିରଞ୍ଜନ ଦାସ, ଅଂଶୁମାନ ପଣ୍ଡା, ଶୁଭମ ମିଶ୍ର, ନବକୃଷ୍ଣ ଦନ୍ତା, ମଧୁସୂଦନ ପ୍ରଧାନ, ପର୍ଶୁରାମ ମିଶ୍ର, ରୁପଧର ପ୍ରଧାନ, ଶିବରାଜ ବେହେରା, ଅରିକ୍ଷିତ ପ୍ରଧାନ, ପ୍ରବଣ ସାହୁ, ହେମନ୍ତ କୁମାର ବିଶ୍ୱାଳ, ପ୍ରବୀର କୁମାର ସାହୁ, ସୁରେଶ ମହଲା, ସୁବ୍ରତ ମିଶ୍ର, ଦୀପକ ମହାପାତ୍ର, କେଦାର ଦାସ, ସୁକାନ୍ତ ସାହୁ ଓ ସୁରେଶ ବିଶ୍ୱାଳ ପ୍ରମୁଖ ଆନ୍ଦୋଳନର ନେତୃତ୍ୱ ନେଇଥିଲେ। ଏହି ଅବସରରେ ଜିଲାପାଳ ଅନ୍ୟା ଦାସ ଓ ଏସ୍‌ପି ରାମ ପ୍ରସାଦ ସାହୁଙ୍କ ଜରିଆରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ସ୍ମାରକପତ୍ର ପ୍ରଦାନ କରାଯାଇଥିଲା।

## ଏକ୍‌ଜିକ୍ୟୁଟିଭ ଅଫିସର, ତହସିଲଦାର ସମ୍ବର୍ଦ୍ଧିତ

ବିନିକା,୨।୪(ରାମ ଗୋପାଳ ବାଘ)

ସୁବର୍ଣ୍ଣପୁର ଜିଲା ବିନିକା ବିଜ୍ଞାପିତ ଅଞ୍ଚଳ ପରିଷଦରେ ନୂତନଭାବେ ଯୋଗଦାନ କରିଥିବା ଏକଜିକ୍ୟୁଟିଭ ଅଫିସର ମାନସ ଭୋଇ ଓ ବିନିକା ତହସିଲଦାର ରୋଶ୍ନା ଭୋଇଙ୍କୁ ବୁଧବାର ସମ୍ବର୍ଦ୍ଧିତ କରିଛି ବିନିକା ବ୍ଲକ ଏସ୍‌ସି, ଏସ୍‌ଟି ସଂଘ ଓ ଭୀମଭୋଇ ସୃତି କମିଟି। ଉଭୟ ଅଧିକାରୀଙ୍କୁ କାର୍ଯ୍ୟାଳୟରେ ଫୁଲତୋଡ଼ା ଓ ଉପଢୌକନ ସହିତ ସମ୍ବର୍ଦ୍ଧିତ କରାଯାଇଥିଲା। ଏଥିରେ ଏସ୍‌ଟି ସଂଘ ସଭାପତି ବିରଞ୍ଚି କୁଅଁର, ଏସ୍‌ସି ସଂଘ ସଭାପତି ଡିଲେଶ୍ୱର ହାତୀ, ଭୀମ ଭୋଇ ସୃତି କମିଟି କୋଷାଧ୍ୟକ୍ଷ ପୂର୍ଣଚନ୍ଦ୍ର ମେହେର, ପ୍ରତିଷ୍ଠାତା ରାମଗୋପାଳ ବାଘ, ନଗର ସଭାପତି ରଞ୍ଜିତ ଭୋଇ, ସଦସ୍ୟ ବିଜୟ ବରାଇ, ଭୀଷ୍ମ ଛତ୍ର, ବାବା ବାସୁଦେବ ଦାସ, ଜିତୁ ମଲ୍ଲିକ, ପ୍ରମୁଖ ସାମିଲ ହୋଇଥିଲେ।


**OFFICE OF THE COLLECTOR & DISTRICT MAGISTRATE, SUBARNAPUR**
(SOCIAL WELFARE SECTION)
TENDER CALL NOTICE
No.1272/ SW Dt.02.04.2025

Sealed tenders are invited for engagement of Transport agent/ Contractor for transportion of food stuff (Rice & Wheat) in Subarnapur district for the year 2025-26. For other details please see notice board of Collector/ DSWO or may visit the official website of Subarnapur District "https://subarnapur.odisha.gov.in."

Sd./- Collector, Subarnapur



**ବିଜ୍ଞପ୍ତି**

ଏତଦ୍ୱାରା ଟେନ୍‌ସା, ବ୍ଲକ୍-କୋଇଡ଼ା, ସୁନ୍ଦରଗଡ଼ର ସ୍ଥାନୀୟ ଜନସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି ଯେ, ମେସର୍ସ କର୍ପ୍ ରିସୋର୍ସେସ୍ ପ୍ରାଇଭେଟ୍ ଲିମିଟେଡ୍, ଗ୍ରାମ- ତନ୍ତରା, ଟେନ୍‌ସା, ସୁନ୍ଦରଗଡ଼ ପରିବେଶ ଓ ଜଙ୍ଗଲ ତଥା ଜଳବାୟୁ ପରିବର୍ତ୍ତନ ମନ୍ତ୍ରଣାଳୟଠାରୁ ୦.୧୨ ମିଲିୟନ ଟନ୍‌ରୁ ୦.୨୪ ଏମ୍‌ଟିପିଏ ଓ ୧ ଏମ୍‌ଟିପିଏର ଧାତବ ବେନିଫିକେସନ୍ ପାଇଁ ବର୍ଦ୍ଧିତ ପରିବେଶ ମଞ୍ଜୁରୀ ପ୍ରାପ୍ତ କରିଛି।

**ଇସି ଚିହ୍ନଟ ସଂଖ୍ୟା: ଇସି୨୩ବି୦୦୦୦ଓଆର୍୫୨୯୩୫୯୭ଏନ୍**
**ଫାଇଲ୍ ନଂ.- ୪୫୫୬୧୮/୦୨ - ଏମ୍ଆଇଏନ୍/୧୨-୨୦୨୩**
**ମଞ୍ଜୁରୀ ପ୍ରକାର - ନୂଆ ଇସି**
**ବର୍ଗ - ବି୧**

୧(କ) ଖଣିଜ ପଦାର୍ଥର ଖନନ, ୨(ଖ) ଗ୍ରାମ-ତନ୍ତରା ଓ ଟେନ୍‌ସା, ତହସିଲ- କୋଇଡ଼ା, ସୁନ୍ଦରଗଡ଼, ଓଡ଼ିଶାରେ ୧.୦ ଏମ୍‌ଟିପିଏ ଥ୍ରୋପୁଟ୍ ବେନିଫିକେସନ୍ ପ୍ଲାଣ୍ଟର ପ୍ରତିଷ୍ଠା ସହିତ ଲୌହ ଧାତୁପଥର ଉତ୍ପାଦନ କ୍ଷମତାକୁ ୦.୧୨ ଏମ୍‌ଟିପିଏରୁ ୦.୨୪ ଏମ୍‌ଟିପିଏକୁ ବୃଦ୍ଧି କରିବା ନିମନ୍ତେ ତନ୍ତରା ଆଇରନ୍ ଓର୍ ମାଇନ୍ (ଏମ୍ଏଲ୍ ଏରିଆ ୭୨.୫୬୦ ହେକ୍ଟର)ର ସମ୍ପ୍ରସାରଣ ନିମନ୍ତେ ଅନୁମତି ମିଳିଛି।



କାନାରା ବ୍ୟାଙ୍କ Canara Bank
ସିଣ୍ଡିକେଟ Syndicate
**କ୍ଷେତ୍ରୀୟ କାର୍ଯ୍ୟାଳୟ: କଟକ**
**ସଂଶୋଧନ ପତ୍ର**

ତା.୩୦.୦୩.୨୦୨୫ରିଖ ଦୈନିକ ଖବର କାଗଜ ଧରିତ୍ରୀରେ ପ୍ରକାଶିତ ଆମ୍ଭର "ଡିମାଣ୍ଡ ନୋଟିସ୍"ରେ ଋଣଗ୍ରହୀତା: ମେସର୍ସ ଖୁସି ଏଣ୍ଟରପ୍ରାଇଜେସ୍‌ର ଆକାଉଣ୍ଟ ନିମନ୍ତେ ଦର୍ଶିତ ଶାଖାର ନାମ "ପଟ୍ଟାମୁଣ୍ଡାଇ ଶାଖା" ପରିବର୍ତ୍ତେ "ରାହାମା ଶାଖା" ପଢିବାକୁ ଅନୁରୋଧ। ଅନ୍ୟାନ୍ୟ ସମସ୍ତ ତଥ୍ୟ ଅପରିବର୍ତ୍ତିତ ରହିବ।

ତା.୦୨.୦୪.୨୦୨୫ / କ୍ଷମତାପ୍ରାପ୍ତ ଅଧିକାରୀ


# ବିଦ୍ୟାଳୟରେ ଖଡ଼ିଛୁଆଁ ଓ ପ୍ରବେଶ ଉତ୍ସବ

ହରଭଙ୍ଗା,୨।୪(ନରେନ୍ଦ୍ର କୁମାର ସାହୁ)

ବୌଦ୍ଧ ଜିଲା ହରଭଙ୍ଗା ବ୍ଲକର ଖରଭୂଇଁ ଓ ନୂଆପଡ଼ା ଉଚ୍ଚ ପ୍ରାଥମିକ ବିଦ୍ୟାଳୟରଠାରେ ବୁଧବାର ପ୍ରବେଶ ଉତ୍ସବ ଏବଂ ଖଡ଼ିଛୁଆଁ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଖରଭୂଇଁ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ସତ୍ୟ ନାରାୟଣ ନାଏକ, ସହକାରୀ ଶିକ୍ଷକ ସତ୍ୟ ନାରାୟଣ ସାହୁ, ସୁବାସ ଚନ୍ଦ୍ର ପ୍ରଧାନ, ଶିବଚନ୍ଦ୍ର ଗାଆନ, ଶିକ୍ଷୟିତ୍ରୀ ଉତ୍ତମା ଜାନୀ ଅଙ୍ଗନୱାଡି କର୍ମୀ ବାସନ୍ତୀ ସାହୁ ବିଦ୍ୟାଳୟ ପରିଚାଳନା କମିଟି ସଦସ୍ୟଙ୍କ ଉପସ୍ଥିତିରେ ନୂତନ ଭାବରେ ପାଞ୍ଚ ବର୍ଷରୁ ଉର୍ଦ୍ଧ୍ୱ ଓ ଛଅ ବର୍ଷରୁ ଉର୍ଦ୍ଧ୍ୱ ବୟସର ଶିଶୁମାନଙ୍କର ନାମ ଲେଖା ଯାଇଥିଲା। ନବାଗତ ଶିଶୁମାନଙ୍କୁ ଫୁଲ, ଚନ୍ଦନ, ବ୍ୟାଜ ପରିଧାନ କରି ବହୁଆଡ଼ମ୍ବର ସହକାରେ ବିଦ୍ୟାଳୟକୁ ପାଛୋଟିଆଣି ନାମ ଲେଖାଯାଇଥିଲା। ବିଦ୍ୟାଳୟଠାରେ ଥିବା ବିଭିନ୍ନ ଶୈକ୍ଷିକ କୋଣ ବୁଲିବାସହ କ୍ରିୟାତ୍ମକ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ ଏହାସହ ପାଠ୍ୟପୁସ୍ତକ ପ୍ରଦାନ କରାଯାଇଥିଲା। ସେହିପରି ନୂଆପଡ଼ା ଉଚ୍ଚ ପ୍ରାଥମିକ ବିଦ୍ୟାଳୟଠାରେ ପ୍ରଧାନ ଶିକ୍ଷକ ଶ୍ରୀକାନ୍ତ ସେଠୀ, ସହକାରୀ ଶିକ୍ଷକ ପ୍ରମୋଦ କୁମାର ନାୟକ, ଅଜୟ କୁମାର ମିଶ୍ର, ଦିଲୀପ କୁମାର ମହାନ୍ତି, ପୂର୍ଣ୍ଣ ଚନ୍ଦ୍ର ସାହୁ ଓ ସଂକୁଲୋଇ ସିଆର୍‌ସିସି ନରେନ୍ଦ୍ର କୁମାର ରଣା ପରିଚାଳନା କମିଟି ସଭ୍ୟାସଭ୍ୟମାନଙ୍କ ଉପସ୍ଥିତିରେ ପ୍ରବେଶ ଉତ୍ସବ ତଥା ଖଡ଼ିଛୁଆଁ କାର୍ଯ୍ୟକ୍ରମ କରାଯାଇଥିଲା। ଏହିପରି ଜିଲା, ବ୍ଲକ ସ୍ତରରେ ୫ଦିନ ବ୍ୟାପୀ ଖଡ଼ିଛୁଆଁ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ।


**GOVERNMENT OF ODISHA**
**DEPARTMENT OF WATER RESOURCES**
**OFFICE OF THE ADDITIONAL CHIEF ENGINEER**
**CENTRAL IRRIGATION CIRCLE, BHUBANESWAR**
**'e' Procurement Notice No. ACECIC - 19/2024-25**

No.A-1250

| Procurement Officer | Bid Identification No. | Name of Work | Cost of Work (Rs. in Lakhs) | Bid Security (Rs.) E.M.D. | Cost of Bid documents (Rs.) | Class of Contractor | Bid documents available online for bidding | | Date of opening of Technical Bid | Period of completion of work |
|---|---|---|---|---|---|---|---|---|---|---|
| | | | | | | | From | To | | |
| ACE, CIC, BHUBANESWAR | NGR-09/2024-25 | Cement Concrete Lining in Right Distributary of Kuanria Irrigation Project from RD.11.00 Km to 18.20 Km | 834.63 | 834700/- (Online) | 10000/- (Online) | "A" & "Special" Class | 05.04.2025 At 10.00 Hours | 19.04.2025 At 17.00 Hours | 21.04.2025 At 11.00 Hours | 18 (Eighteen Calendar Month) |

e-mail ID : secic_dowr@yahoo.com
Further details conditions can be seen from Govt. website www.tenderorissa.gov.in

Sd./- Additional Chief Engineer, Central Irrigation Circle

OIPR-32160/11/0023/2425


# ଶିକ୍ଷା ସଚେତନତା ରଥକୁ ସ୍ୱାଗତ, ଖଡ଼ିଛୁଆଁ

ବୀରମହାରାଜପୁର,୨।୪(ଯୁଗଳ କିଶୋର ମିଶ୍ର)

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ଉପଖଣ୍ଡରେ ବିଭିନ୍ନ ସ୍ଥାନରେ ଶିକ୍ଷା ସଚେତନତା ରଥକୁ ସ୍ୱାଗତ କରିବା ସହିତ ବିଦ୍ୟାଳୟରେ ପ୍ରବେଶ ଉତ୍ସବ ଓ ଖଡ଼ିଛୁଆଁ ପର୍ବ ଅନୁଷ୍ଠିତ ହୋଇଯାଇଛି। ବାଘମାରୀ ସରକାରୀ ପ୍ରାଥମିକ ବିଦ୍ୟାଳୟରରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ପ୍ରଧାନଶିକ୍ଷକ ସୋମନାଥ ମିଶ୍ର, ପରିଚାଳନା କମିଟିସଭାପତି ମଞ୍ଜୁ ଗେଜ, ସହକାରୀ ଶିକ୍ଷୟିତ୍ରୀ ସୌଦାମିନୀ ପାଇଲେ ଓ ଅନ୍ୟାନ କର୍ମକର୍ତ୍ତା ସାମିଲ ହୋଇଥିଲେ। ସେହିପରି ଉଫୁଲା ଓ ଟିଠିପାଲି, ଚକାବରରେ ଶିକ୍ଷାରଥକୁ ସ୍ୱାଗତ ସହିତ ପ୍ରବେଶ ଉତ୍ସବ ଓ ଖଡ଼ି ଛୁଆଁ ପର୍ବ ଅନୁଷ୍ଠିତ ହୋଇଥିଲା। କୋଟସମଲାଏ ପଞ୍ଚାୟତ ଅନ୍ତର୍ଗତ ହରିଣାପାଲି ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ପ୍ରଧାନ ଶିକ୍ଷକ ମକୁନ୍ଦ ଧରୁଆଙ୍କ ଅଧ୍ୟତାରେ ପ୍ରବେଶ ଉତ୍ସବ ଅନୁଷ୍ଠିତ ହୋଇଥିଲା। ମୁଖ୍ୟ ଅତିଥି ଉଲୁଣ୍ଡା ଗୋଷ୍ଠୀ ଶିକ୍ଷାଧିକାରୀ ଅଜୟ କୁମାର ଲୁହା ଯୋଗଦେଇ ଶିଶୁ ବାଟିକା-୩ ଓ ପ୍ରଥମ ଶ୍ରେଣୀ ଛାତ୍ରୀଛାତ୍ରଙ୍କୁ ଖଡ଼ି ଛୁଆଁଇଥିଲେ। ପରେ ବିଦ୍ୟାଳୟ ବରିଷ୍ଠ ଶିକ୍ଷକ ଜନ୍ମେଜୟ ବିଶିଙ୍କ ସଂଯୋଜନାରେ ଏକ ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ଗୋଷ୍ଠୀ ଶିକ୍ଷା ଅଧିକାରୀ ଅଜୟ କୁମାର ଲୁହା ଛାତ୍ରୀଛାତ୍ରମାନଙ୍କୁ ଉଦ୍‌ବୋଧନ ଦେଇଥିଲେ। ସମ୍ମାନିତ ଅତିଥି ସହ ଗୋଷ୍ଠୀ ଶିକ୍ଷା ଅଧିକାରୀ ଯୋଗେଶ୍ୱର ଦାସ, ସିଆର୍‌ସିସି ସୁଧାଂଶୁ ଶେଖର ଲୁହା, ୱାର୍ଡସଭ୍ୟ ଲଳିତା ଜଗତ, ପୂର୍ବତନ ୱାର୍ଡସଭ୍ୟ କୃଷ୍ଣଚନ୍ଦ୍ର ପଧାନ, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ଗୋପାଳ ନାଏକ ଯୋଗଦାନ କରି ସମସ୍ତ ପିଲାମାନଙ୍କୁ ବିଦ୍ୟାଳୟରେ ନାମ ଲେଖାଇବାକୁ ଅନୁରୋଧ କରିଥିଲେ ଶିକ୍ଷକ ସତ୍ୟବ୍ରତ କର୍ଣ୍ଣ ଧନ୍ୟବାଦ ଅର୍ପଣ କରିଥିଲେ। ଶେଷରେ ଛାତ୍ରୀଛାତ୍ରମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହାକୁ ପରିଚାଳନା କରିଥିଲେ ଶିକ୍ଷୟିତ୍ରୀ ମାଶ୍ରିତାସୁଧା ପାତ୍ର।


**ୟୁକୋ ବ୍ୟାଙ୍କ**

ଆଞ୍ଚଳିକ କାର୍ଯ୍ୟାଳୟ, ୟୁକୋ ବ୍ୟାଙ୍କ ବିଲ୍ଡିଙ୍ଗ୍, ୨ୟ ମହଲା, ସି-୨, ଅଶୋକ ନଗର, ଭୁବନେଶ୍ୱର-୭୫୧୦୦୯, ଫୋନ୍: ୦୬୭୪-୨୬୨୦୪୨୩

**ଦଖଲ ନୋଟିସ୍**
ସ୍ଥାବର ସମ୍ପତ୍ତି ନିମନ୍ତେ

(ସିକ୍ୟୁରିଟାଇଜେସନ୍ ଆଣ୍ଡ୍ ରିକନ୍‌ଷ୍ଟ୍ରକ୍ସନ୍ ଅଫ୍ ଫାଇନାନ୍‌ସିଆଲ ଆସେଟ୍ସ ଆଣ୍ଡ୍ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ର ଧାରା ୧୩ (୪) ସହିତ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ)ରୁଲ୍ସ ୨୦୦୨ର ରୁଲ୍ ୮ ଅନୁଯାୟୀ ସ୍ଥାବର ସମ୍ପତ୍ତି ନିମନ୍ତେ)

ନିମ୍ନ ସ୍ୱାକ୍ଷରକାରୀ **ୟୁକୋ ବ୍ୟାଙ୍କ, ଦଳାଇସାହି ଶାଖା**ର କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଦ୍ୱାରା ସିକ୍ୟୁରିଟାଇଜେସନ୍ ଆଣ୍ଡ୍ ରିକନ୍‌ଷ୍ଟ୍ରକ୍ସନ୍ ଅଫ୍ ଫାଇନାନ୍‌ସିଆଲ ଆସେଟ୍ସ ଆଣ୍ଡ୍ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ (୨୦୦୨ର ନଂ.୫୪) ଏବଂ ଧାରା ୧୩ (୧୨) ଅନୁଯାୟୀ ପ୍ରଦତ୍ତ କ୍ଷମତା ସହିତ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍, ୨୦୦୨ର ରୁଲ୍ ୩ ଅନୁସାରେ ନିମ୍ନଲିଖିତ ଋଣଗ୍ରହୀତା/ଗ୍ୟାରେଣ୍ଟିଦାତାଙ୍କୁ କଥିତ ଆକ୍ଟର ଧାରା ୧୩(୨) ଅନୁସାରେ ଡିମାଣ୍ଡ ନୋଟିସ୍ ଜାରି କରାଯାଇ ନୋଟିସ୍ ମାଧ୍ୟମରେ ଦର୍ଶାଯାଇଥିବା ଅର୍ଥ ସହିତ ଚୁକ୍ତି ହାରରେ ସୁଧ ସହିତ ଆନୁସଙ୍ଗିକ ଖର୍ଚ୍ଚ ଏବଂ ଆଇନଗତ ଖର୍ଚ୍ଚ ନୋଟିସ୍ ପ୍ରାପ୍ତି ତାରିଖଠାରୁ **୬୦ ଦିନ** ମଧ୍ୟରେ ପଇଠ କରିବାକୁ କୁହାଯାଇଥିଲା। ଯେହେତୁ ଋଣଗ୍ରହୀତା ତାଙ୍କର ଦେୟ ପଇଠ କରିବାରେ ବିଫଳ ହେଲେ ତେଣୁ ଋଣଗ୍ରହୀତା/ଗ୍ୟାରେଣ୍ଟିଦାତା ଏବଂ ସର୍ବସାଧାରଣଙ୍କୁ ଜଣାଇ ଦିଆଯାଉଅଛି କି ଉପର ବର୍ଣ୍ଣିତ ଆଇନର ଧାରା ୧୩(୪) ସହିତ କଥିତ ରୁଲ୍ସର ରୁଲ୍ ୮ ଅନୁସାରେ କ୍ଷମତାପ୍ରାପ୍ତ ଅଧିକାରୀ ନିମ୍ନରେ ବର୍ଣ୍ଣିତ ସମ୍ପତ୍ତିକୁ **ଦଖଲ** ନେଇଛନ୍ତି। ତେଣୁ ବିଶେଷକରି ଋଣଗ୍ରହୀତା/ଗ୍ୟାରେଣ୍ଟିଦାତା ଏବଂ ସର୍ବସାଧାରଣଙ୍କୁ ଏତଦ୍‌ଦ୍ୱାରା ଜଣାଇ ଦିଆଯାଉଛି ଯେ, ନିମ୍ନଲିଖିତ ସମ୍ପତ୍ତି ସହିତ କୌଣସି ପ୍ରକାର କାରବାର କରିବେ ନାହିଁ ଅନ୍ୟଥା ସମ୍ପତ୍ତି ଉପରେ କୌଣସି ପ୍ରକାର କାରବାର ପାଇଁ **ୟୁକୋ ବ୍ୟାଙ୍କ, ଦଳାଇସାହି ଶାଖା** ନିକଟରେ ସମସ୍ତ ଦେୟ ସହିତ ସେବାବଦ ସୁଧ, ଆନୁସଙ୍ଗିକ ଖର୍ଚ୍ଚ ଏବଂ ଦେୟ ପାଇଁ ଉତ୍ତରଦାୟୀ ରହିବେ।

| ଦଳାଇସାହି ଶାଖା / ଋଣଗ୍ରହୀତା/ ଗ୍ୟାରେଣ୍ଟିଦାତାଙ୍କ ନାମ ଓ ଠିକଣା | ଧାର୍ଯ୍ୟ ତାରିଖ ସୁଦ୍ଧା ବକେୟା ରାଶିର ପରିମାଣ | ଡିମାଣ୍ଡ ନୋଟିସ୍ / ଦଖଲ ନୋଟିସ୍ ତାରିଖ | ସ୍ଥାବର ସମ୍ପତ୍ତିର ବିବରଣୀ |
|---|---|---|---|
| ଋଣଗ୍ରହୀତା: ଶେଖ ଅତାବୁର ରହେମାନ / ଗ୍ୟାରେଣ୍ଟିଦାତା: ରୋକିଆ ବେଗମ, ଉଭୟଙ୍କ ଠିକଣା- ସା: ଦଳାଇସାହି, ପୋ: ମାଣିକଗୋଡା, ଜିଲ୍ଲା: ଖୋର୍ଦ୍ଧା-୭୫୨୦୬୬ | ଟ.୧୨,୨୦,୫୨୪.୪୩ + ସେବାବଦ ପରବର୍ତ୍ତୀ ସୁଧ ଏବଂ ଅନ୍ୟାନ୍ୟ ଦେୟ | ୧୯.୧୨.୨୦୨୪ / ୨୮.୦୩.୨୦୨୫ | ଶେଖ ଅତାବୁର ରହେମାନଙ୍କ ନାମରେ ଥିବା ଜମି ଏବଂ ଗୃହର ସମସ୍ତ ଅଂଶବିଶେଷ ଯାହାର ସା/ମୌଜା: ଦଳାଇସାହି, ପୋ: ମାଣିକଗୋଡା, ଥାନା: ବୋଲଗଡ, ଜିଲ୍ଲା: ଖୋର୍ଦ୍ଧା-୭୫୨୦୬୬, ପ୍ଲଟ୍ ନଂ.: ୪୩୮/୨୫୯୨, ୪୩୭/୨୫୯୦, ୪୩୬/୨୫୯୧, ଖାତା ନଂ.: ୧୩୮୦/୨୧୫, |

କ୍ଷେତ୍ର: ୧୭୮୫.୯୬ ବର୍ଗଫୁଟ (ପ୍ଲିନ୍ଥ ଏରିଆ: ୧୨୭୦ ବର୍ଗଫୁଟ), ଏହାର ଚାରିପାର୍ଶ୍ୱରେ ଉତ୍ତର: ଲିଟିଫୁଲ ରହେମାନ, ଦକ୍ଷିଣ: ମୋଜବୁର ରହେମାନ, ପୂର୍ବ: ରାସ୍ତା, ପଶ୍ଚିମ: କମର ଜାନ ଖାନ୍

ସ୍ଥାନ: ଭୁବନେଶ୍ୱର, ତାରିଖ : ୦୨.୦୪.୨୦୨୫ — କ୍ଷମତାପ୍ରାପ୍ତ ଅଧିକାରୀ, ୟୁକୋ ବ୍ୟାଙ୍କ

## ବ୍ରାହ୍ମଣୀରେ ବୁଡ଼ି ନାବାଳକ ମୃତ

ରାଉରକେଲା, ୨।୪(ସଙ୍ଗୀତା ଜେନା): ବ୍ରାହ୍ମଣୀତରଙ୍ଗ ଥାନା ଅନ୍ତର୍ଗତ ରାଉରକେଲା ବେଦବ୍ୟାସ ବ୍ରାହ୍ମଣୀ ନଦୀରେ ବୁଡ଼ି ବୁଧବାର ଜଣେ ନାବାଳକଙ୍କ ମୃତ୍ୟୁ ଘଟିଛି। ସେ ହେଲେ ଅଙ୍କିତ କେରକେଟା(୧୩)। ଏନେଇ ପୋଲିସ ମାମଲା ନଂ. ୫୪/୨୫ ରୁଜୁ କରିଛି। ସୂଚନାଯୋଗ୍ୟ, ଅଙ୍କିତ ନଦୀକୁ ଗାଧୋଇବାକୁ ଯାଇ ନିଖୋଜ ହୋଇଯାଇଥିଲେ। ପରେ ନଦୀରୁ ସ୍ଥାନୀୟ ଲୋକେ ଏବଂ ଅଗ୍ନିଶମ ବିଭାଗ ତାଙ୍କୁ ଉଦ୍ଧାର କରିଥିଲେ।

## ଜବରଦଖଲକାରୀଙ୍କୁ ନୋଟିସ

ରାଉରକେଲା, ୨।୪(ସଙ୍ଗୀତା ଜେନା): ଦକ୍ଷିଣପୂର୍ବ ରେଳବାଇ ପକ୍ଷରୁ ଚକ୍ରଧରପୁର ରେଳ ଡିଭିଜନରେ ୩ୟ ରେଳଲାଇନ୍ କାର୍ଯ୍ୟ ତ୍ୱରାନ୍ୱିତ ହେଉଛି। ଏନେଇ ରେଳଲାଇନ୍ ୨ ପାର୍ଶ୍ୱରେ ଜବରଦଖଲକାରୀଙ୍କୁ ଯଥାଶୀଘ୍ର ସ୍ଥାନ ଖାଲି କରିବାକୁ ନିର୍ଦ୍ଦେଶ ଜାରି ହୋଇଛି। ରେଳବାଇ ଏନ୍‌ଫୋର୍ସମେଣ୍ଟ ଟିମ୍ ସହ ଅନ୍ୟ ଅଧିକାରୀ ମାନେ ବୁଧବାର ପୂର୍ବାହ୍ନ ୧୧ଟାରେ ଶିବଶଙ୍କର ନଗର ସମେତ ୫ଟି ବସ୍ତିରେ କିଛି ଘରକୁ ଏହି ନୋଟିସ ପ୍ରଦାନ କରିଛନ୍ତି। ୭ ଦିନ ମହଲତ ପ୍ରଦାନ କରାଯାଇଛି। ଏହାପରେ ନିର୍ମାଣ କାର୍ଯ୍ୟ ଆରମ୍ଭ ହେବ ବୋଲି ରେଳ ଅଧିକାରୀ ସୂଚନା ଦେଇଛନ୍ତି।

# ପ୍ରବେଶ ଉତ୍ସବ, ଖଡ଼ିଛୁଆଁ ପର୍ବ

ରାଉରକେଲା, ୨।୪(ଦିନେଶ ମିଶ୍ର)




ସଚେତନତା ରଥର ଶୁଭାରମ୍ଭ କରାଯାଉଛି।

ଉଦିତନଗର ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ଗୋଷ୍ଠୀ ଶିକ୍ଷା ଅଧିକାରୀ ବିଶ୍ୱା ପକ୍ଷରୁ ବିଇଓ ସୁପ୍ରଭାତ ବେହେରାଙ୍କ ଅଧ୍ୟକ୍ଷତାରେ ବ୍ଲକ ସ୍ତରୀୟ ପ୍ରବେଶ ଉତ୍ସବ ଓ ଖଡ଼ିଛୁଆଁ ପର୍ବ ବୁଧବାର ପାଳିତ ହୋଇଯାଇଛି। ଏହି ଉତ୍ସବରେ ରାଉରକେଲା ଅତିରିକ୍ତ ଜିଲାପାଳ ଆଶୁତୋଷ କୁଲକର୍ଣ୍ଣୀ ମୁଖ୍ୟ ଅତିଥିଭାବେ ଯୋଗଦେଇଥିଲେ। ବିଭିନ୍ନ ବ୍ଲକ ଓ ସହର ତଳି ଅଞ୍ଚଳରେ ବସବାସ କରୁଥିବା ପିଲାମାନେ କିଭଳି ବିଦ୍ୟାଳୟ ମୁଖା ହୋଇ ପାରିବେ ସେନେଇ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର ଏହା ଏକ ମହତ କାର୍ଯ୍ୟ ବୋଲି ଅତିଥି କୁଲକର୍ଣ୍ଣୀ ମତ ପ୍ରକାଶ କରିଥିଲେ। ସମ୍ମାନିତ ଅତିଥିଭାବେ ରାଉରକେଲା ବିଧାୟକ ସାରଦା ପ୍ରସାଦ ନାୟକ, ସିଆଇସିସି ବିଘ୍ନେଶଳତା ସୂତାର, ଦପ୍ତିମାୟୀ ପରିଡ଼ା, ଦୀପକ କୁମାର ସାମଲ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ପିଲାଙ୍କ ମଧ୍ୟରେ ଶିକ୍ଷାକୁ ନେଇ ମୌଳିକ ସାକ୍ଷରତା ଓ ସଂଖ୍ୟାଜ୍ଞାନ, ମାଗଣା ପାଠ ପୁସ୍ତକ ଓ ପୋଷାକ, ମାଧୋ ସିଂ ହାତ ଖର୍ଚ୍ଚ ଯୋଜନା ଭଳି ଶିକ୍ଷା ସମ୍ବନ୍ଧୀୟ ସଚେତନତା ରଥ ନିର୍ମାଣ କରାଯାଇଥିଲା। ଏହି ରଥକୁ ଅତିଥିମାନେ ପତାକା ଦେଖାଇ ଶୁଭ ଉଦ୍‌ଘାଟନ କରିଥିଲେ। ଏହି ରଥ ୨ ତାରିଖରୁ ଏପ୍ରିଲ ୫ ତାରିଖ ପର୍ଯ୍ୟନ୍ତ ବିଶ୍ୱା ବ୍ଲକ ଅଞ୍ଚଳରେ ଥିବା ବିଭିନ୍ନ ସହର ଓ ଗାଁଅଞ୍ଚଳରେ ବୁଲି ବିଦ୍ୟାର୍ଥୀ ଓ ଜନସାଧାରଣଙ୍କୁ ସଚେତନ କରାଇବ। ବୁଧବାର ଏହି ରଥ ଉଦିତନଗର ସରକାରୀ ଉଚ୍ଚ ବିଦ୍ୟାଳୟରୁ ବାହାରି ବାସନ୍ତୀ କଲୋନୀ ଦେଇ ଛେଣ୍ଡ ଅଞ୍ଚଳରେ ପରିଭ୍ରମଣ କରିଥିଲା। ରଥର ଶୁଭାରମ୍ଭ ଅବସରରେ ବିଦ୍ୟାଳୟର ବିଦ୍ୟାର୍ଥୀଙ୍କ ଦ୍ୱାରା ଶିକ୍ଷା ସଚେତନତାକୁ ନେଇ ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ଏହି କାର୍ଯ୍ୟକ୍ରମକୁ ବିଶ୍ୱା ବ୍ଲକର କୋଓର୍ଡିନେଟର ମନୋଜ କୁମାର ଆଚାର୍ଯ୍ୟଙ୍କ ସହ ସମସ୍ତ ସିଆରସିସି ପରିଚାଳନାରେ ସହଯୋଗ କରିଥିଲେ। ଶେଷରେ ଉଦିତନଗର ସରକାରୀ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ଗାୟତ୍ରୀ ସେଠୀ ଧନ୍ୟବାଦ ଅର୍ପଣ କରିଥିଲେ।

## ସ୍ୱାମୀ ବିବେକାନନ୍ଦଙ୍କ ପ୍ରତିମୂର୍ତ୍ତି ଉନ୍ମୋଚିତ

ରାଉରକେଲା, ୨।୪(ଦିନେଶ ମିଶ୍ର)

ରାଉରକେଲା ଗର୍ଜନ ସ୍ଥିତ ବିବେକାନନ୍ଦ ଉଚ୍ଚ ବିଦ୍ୟାଳୟ ପରିସରରେ ରୋଟାରୀ କ୍ଲବ ରାଉରକେଲା ଅର୍ବାନ ପକ୍ଷରୁ ସଭାପତି ରୋଟାରିଆନ ଡାକ୍ତର ରାମଚନ୍ଦ୍ର ମେହେରଙ୍କ ଅଧ୍ୟକ୍ଷତାରେ ମଙ୍ଗଳବାର ସ୍ୱାମୀ ବିବେକାନନ୍ଦଙ୍କ ପ୍ରତିମୂର୍ତ୍ତି ଉନ୍ମୋଚିତ ହୋଇଯାଇଛି। ଏହି ଉତ୍ସବରେ ରଘୁନାଥପାଲି ବିଧାୟକ ଦୁର୍ଗାଚରଣ ତନ୍ତୀ ମୁଖ୍ୟ ଅତିଥିଭାବେ ଯୋଗଦେଇ ରୋଟାରୀ କ୍ଲବ ଅର୍ବାନର ଏଭଳି କାର୍ଯ୍ୟକ୍ରମକୁ ପ୍ରଶଂସା କରିଥିଲେ। ସମ୍ମାନିତ ଅତିଥିଭାବେ ଡିଜି ରୋଟାରିଆନ ଆଲାମ ସିଂ ଗୁପ୍ତା, ପ୍ରଧାନ ଶିକ୍ଷକ ହରିଶ୍ଚନ୍ଦ୍ର ପାଣିଗ୍ରାହୀ ଉପସ୍ଥିତ ଥିଲେ। ପରେ କ୍ଲବର ସମସ୍ତ କର୍ମକର୍ତ୍ତାଙ୍କ ଉପସ୍ଥିତିରେ ଉତ୍କଳ ଦିବସ ପାଳନ କରାଯାଇ ଓଡ଼ିଶାକୁ ସ୍ୱତନ୍ତ୍ର ପ୍ରଦେଶ ଗଠନ କରିବାରେ ମୁଖ୍ୟ ଅବଦାନ ଥିବା ବରପୁତ୍ରମାନଙ୍କୁ ମନେ ପକାଯାଇ ତାଙ୍କୁ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇଥିଲା। ଏହି ଅବସରରେ ରୋଟାରୀ କ୍ଲବର ଏକ ନୂତନ ସଦସ୍ୟ ଭାବେ ବାସନ୍ତୀ କଲୋନୀର ସୁବାଷ ଚନ୍ଦ୍ର ଅଗ୍ରୱାଲଙ୍କୁ ଶ୍ରୀଗୁପ୍ତା ଅନ୍ତର୍ଭୁକ୍ତ କରିଥିଲେ। ସଭାପତି ଡାକ୍ତର ଶ୍ରୀମେହେର ରୋଟାରୀ କ୍ଲବ ଅର୍ବାନର ଆଜି ପର୍ଯ୍ୟନ୍ତ କରିଥିବା ସମସ୍ତ ସାମାଜିକ ଉନ୍ନୟନ ମୂଳକ କାର୍ଯ୍ୟର ସମ୍ପୂର୍ଣ୍ଣ ବିବରଣୀ ଉପସ୍ଥାପନା କରିଥିଲେ। ଏହି କାର୍ଯ୍ୟକ୍ରମକୁ ରୋଟାରିଆନ ଉଦିତ କୁମାର ସାହୁ, ମଞ୍ଜୁରାଣୀ ମେହେର, ଡିକି ପ୍ରଧାନ, ଋଷଭ ଦାସ, ଅଞ୍ଜୁ କକ୍କଡ, ଡି. ମୋହନ ରାଓ, ଡା. ସାମନ୍ତ କୁମାର ସାହୁ, ଛଗନ ଲାଲ ଜୈନ, ଡା. ପ୍ରଭାତ କୁମାର ମହାନ୍ତି, ରବିକାନ୍ତ ସିଂ, ରତି ରଞ୍ଜନ ମହନ୍ତ ଓ ବିଦ୍ୟାଳୟର ସମସ୍ତ କର୍ମକର୍ତ୍ତା ପରିଚାଳନାରେ ସହଯୋଗ କରିଥିଲେ। ଶେଷରେ କ୍ଲବର ସମ୍ପାଦକ ରୋଟାରିଆନ ଦେବବ୍ରତ ନାୟକ ଧନ୍ୟବାଦ ଅର୍ପଣ କରିଥିଲେ।



ସ୍ୱାମୀ ବିବେକାନନ୍ଦ ପ୍ରତିମୂର୍ତ୍ତି ଉନ୍ମୋଚନ ଅବସରରେ ଅତିଥିମାନେ।

## ଆର୍‌ଏସ୍‌ପି ଆର୍‌ଏର ପ୍ରତିଷ୍ଠା ଦିବସ

ରାଉରକେଲା, ୨।୪(ସଙ୍ଗୀତା ଜେନା)

କୋଏଲନଗର ସ୍ଥିତ ରାଉରକେଲା ଇସ୍ପାତ କାରଖାନା ଅବସରପ୍ରାପ୍ତ କର୍ମଚାରୀ ସଂଘ ପରିସରରେ ଅନୁଷ୍ଠାନର ୩୭ତମ ପ୍ରତିଷ୍ଠା ଦିବସ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ସଭାପତି ଇଂ ଅଭୟ ଦାସଙ୍କ ପୌରହିତ୍ୟରେ ଉକ୍ତ କାର୍ଯ୍ୟକ୍ରମରେ ରାଉରକେଲା ବିଧାୟକ ସାରଦା ନାୟକ, ପ୍ରଫେସର ପ୍ରଭାତ ମଲ୍ଲିକ ଯୋଗଦେଇଥିଲେ। ସଭାପତି ସ୍ୱାଗତ ଭାଷଣ ଦେଇଥିବାବେଳେ ସାଧାରଣ ସମ୍ପାଦକ ପ୍ରେମାନନ୍ଦ ସାମଲ ସମ୍ପାଦକୀୟ ବିବରଣୀ ପ୍ରଦାନ କରିଥିଲେ। ଅତିଥିମାନେ ଉକ୍ତ ପ୍ରାସଙ୍ଗିକତା ଉପରେ ଗୁରୁତ୍ୱାରୋପ କରିଥିଲେ। ଉପସଭାପତି ଅରବିନ୍ଦ ପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ। ରାଧାମୋହନ ମହାନ୍ତି ମଞ୍ଚ ପରିଚାଳନା କରିଥିଲେ। ଚାନ୍ଦମଣି ବେହୁରା, ନାରାୟଣ ଚନ୍ଦ୍ର ସାମଲ, କପିଳେଶ୍ୱର ମହାରଣା, ଅନିରୁଦ୍ଧ ଦାସ, କୃଷ୍ଣଚନ୍ଦ୍ର ମହାନ୍ତି, ବିକ୍ରମ ପ୍ରଧାନ, ସଚ୍ଚିଦାନନ୍ଦ ମିଶ୍ର, ଧରଣୀଧର ସାମଲ, ଅକ୍ଷୟ ନାୟକ, ଗୌରୀଶଙ୍କର ମିଶ୍ର, ଶତ୍ରୁଘ୍ନ ଜେନା, ଦିଲ୍ଲୀପ ମହାନ୍ତି, ବଂଶୀଧର ପରିଡ଼ା, ଜୟଶ୍ରୀ ପାଣିଗ୍ରାହୀ, ଡଲି ଦାସ, ସ୍ୱର୍ଣ୍ଣଲତା ସାମଲ ପ୍ରମୁଖ ସହଯୋଗ କରିଥିଲେ।




ଅବସରପ୍ରାପ୍ତ କର୍ମଚାରୀ।

## ବିଶ୍ୱସପରାୟଣତା ସଚେତନତା ଦିବସ




କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥିମାନେ।

ରାଉରକେଲା, ୨।୪(ବିପ୍ଳବ ରଞ୍ଜନ ଦାଶ)

ଟିପିଡବ୍ଲ୍ୟୁଓଡିଏଲର ସହାୟତାରେ ରାଉରକେଲାର ଭିନକ୍ଷମ ଶ୍ରଦ୍ଧା ଅନୁଷ୍ଠାନ ବିଦ୍ୟାଳୟ ପରିସରରେ ବିଶ୍ୱସପରାୟଣତା ସଚେତନତା ଦିବସ ଅନୁଷ୍ଠିତ ହୋଇଯାଇଛି। ରାଉରକେଲା ଏନଆଇଟିର ମନୋସ୍ତ ବିଭାଗର ଆସୋସିଏଟ ପ୍ରଫେସର ଡ. ରାମକୃଷ୍ଣ ବିଶାଳ ମୁଖ୍ୟଅତିଥିଭାବେ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ସେ ତାଙ୍କ ବକ୍ତବ୍ୟରେ କହିଥିଲେ ଯେ, ସପରାୟଣତା ଏକ ମସ୍ତିଷ୍କ ଜନିତ ଜଟିଳତା। ଏହା ଏପରି ଏକ ସମସ୍ୟା ଏହାର କୌଣସି ଚିକିତ୍ସା ମଧ୍ୟ ନାହିଁ। ଏହି ସମସ୍ୟା କେବଳ ଆମ ଓଡ଼ିଶା କିମ୍ବା ଭାରତରେ ନୁହେଁ ସାରା ବିଶ୍ୱରେ ଦେଖାଦେଇଛି। ମିଳିତ ଜାତିସଂଘ ପ୍ରତିବର୍ଷ ଏପ୍ରିଲ ୨ ତାରିଖକୁ ଉକ୍ତ ଦିବସକୁ ପାଳନ କରିଥାଏ। ଚଳିତ ବର୍ଷର ବାର୍ତ୍ତା ରହିଛି "ସ୍ୱାୟୁ ବିବିଧତାକୁ ଆଗରୁ ବଢାଇବା ଓ ସ୍ଥାୟୀ ବିକାଶର ଲକ୍ଷ୍ୟ। ଏହାର ସଚେତନତା ପ୍ରଚାର ଓ ପ୍ରସାର ବହୁଳ ପରିମାଣରେ ହେବା ଆବଶ୍ୟକ। ହୋମ ଆଣ୍ଡ ହୋପ ଅଭିଭାବକ ସଂଘର ପ୍ରାକ୍ତନ ଉପସଭାପତି ତଥା ପରିବାର ଏନ୍‌ସିପିର ବରିଷ୍ଠ ସଦସ୍ୟ ଗଗନ ବିହାରୀ ଧଳ ମୁଖ୍ୟବକ୍ତାଭାବେ ଯୋଗଦେଇ ସପରାୟଣତା ସଚେତନତା ଦିବସର ତାତ୍ପର୍ଯ୍ୟ ଉପରେ ଆଲୋକପାତ କରିଥିଲେ ଏବଂ ଅଭିଭାବକମାନେ କିପରି ଏ ଦିଗରେ ସଚେତନ ହେବା ସହିତ ତାଙ୍କର ଦାୟିତ୍ୱ ତୁଲାଇପାରିବେ ତାହାର ଦିଗଦର୍ଶନ ଦେଇଥିଲେ। ସମଗ୍ର ବିଶ୍ୱ ପାଇଁ ଏହା ଏକ ଜଟିଳ ସମସ୍ୟା। ସାଧାରଣତଃ ଏହା ୨ରୁ ୩ ବର୍ଷ ପିଲାଙ୍କଠାରେ ଦେଖାଯାଏ। ମସ୍ତିଷ୍କ ବିକାଶର ବାଧା ସୃଷ୍ଟି କରିଥାଏ। ପ୍ରାରମ୍ଭିକ ଅବସ୍ଥାରେ ଏହାକୁ ଚିହ୍ନଟ କରି ଏହାକୁ ଚିକିତ୍ସା କରାଗଲେ ଅନେକ ସମସ୍ୟାର ସମାଧାନ ହୋଇପାରିବ। ଅଟିଜିମ ପିଲାଙ୍କୁ ଅନ୍ୟ ସାଧାରଣ ପିଲାଙ୍କ ସହିତ ମିଶାଇ ସେମାନଙ୍କର ଭଲ ପାଉଥିବା ବିଷୟକୁ ଅଭ୍ୟାସ କରାଇଲେ ସେମାନଙ୍କର ବ୍ୟବହାରିକ ସମସ୍ୟା ନିଶ୍ଚୟ ଦୂର ହୋଇପାରିବ ଏବଂ ବ୍ୟବହାରିକ ଚିକିତ୍ସା ପଦ୍ଧତି ଦ୍ୱାରା ସେମାନେ ସମାଜର ମୁଖ୍ୟସ୍ରୋତରେ ସାମିଲ ହୋଇପାରିବେ ବୋଲି ଧଳ କହିଥିଲେ। ପ୍ରୟାସର ସାଧାରଣ ସମ୍ପାଦକ ଶ୍ରୀଧର ମଲ୍ଲିକ ଏବଂ ଏଆରଡି ଏବଂ ଫାଉଣ୍ଡର ଡାଇରେକ୍ଟର ଡ. ଅର୍ଚ୍ଚିତା ନାୟକ ସମ୍ମାନିତ ଅତିଥିଭାବେ ଯୋଗଦେଇଥିଲେ। ଶ୍ରଦ୍ଧାର ସାଧାରଣ ସମ୍ପାଦକ କାର୍ତ୍ତିକ ଚନ୍ଦ୍ର ପାଣ୍ଡବ ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ଦେବା ସହ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଏହି ଅଟିଜିମ ପିଲାମାନଙ୍କୁ ସ୍ନେହ, ଶ୍ରଦ୍ଧା ଦେଇ ଧୈର୍ଯ୍ୟ ରଖି ଅଭିଭାବକମାନେ ପିଲାମାନଙ୍କ ପ୍ରତି ଦାୟିତ୍ୱବାନ ତଥା ସଚେତନ ହେଲେ ଅନେକ ସମସ୍ୟାର ସମାଧାନ ହୋଇପାରିବ ବୋଲି ମତବ୍ୟକ୍ତ କରିଥିଲେ।

**OFFICE OF THE COLLECTOR & DISTRICT MAGISTRATE, SUBARNAPUR**
(SOCIAL WELFARE SECTION)
**TENDER CALL NOTICE**
No.1272/ SW Dt.02.04.2025
Sealed tenders are invited for engagement of Transport agent/ Contractor for transportation of food stuff (Rice & Wheat) in Subarnapur district for the year 2025-26. For other details please see notice board of Collector/ DSWO or may visit the official website of Subarnapur District "https://subarnapur.odisha.gov.in."
Sd./- Collector, Subarnapur

**ବିଜ୍ଞପ୍ତି**
ଏତଦ୍ୱାରା ଟେନ୍‌ସା, ବ୍ଲକ୍-କୋଇଡ଼ା, ସୁନ୍ଦରଗଡ଼ର ସ୍ଥାନୀୟ ଜନସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି ଯେ, ମେସର୍ସ କର୍ଫ ରିସୋର୍ସେସ୍ ପ୍ରାଇଭେଟ୍ ଲିମିଟେଡ୍, ଗ୍ରାମ- ତନ୍ତରା, ଟେନ୍‌ସା, ସୁନ୍ଦରଗଡ଼ ପରିବେଶ ଓ ଜଙ୍ଗଲ ତଥା ଜଳବାୟୁ ପରିବର୍ତ୍ତନ ମନ୍ତ୍ରାଳୟଠାରୁ ୦.୧୨ ମିଲିୟନ ଟନ୍‌ରୁ ୦.୨୪ ଏମ୍‌ଟିପିଏ ଓ ୧ ଏମ୍‌ଟିପିଏର ଧାତବ ବେନିଫିକେସନ୍ ପାଇଁ ବର୍ଦ୍ଧିତ ପରିବେଶ ମଞ୍ଜୁରୀ ପ୍ରାପ୍ତ କରିଛି।
ଇସି ଚିହ୍ନଟ ସଂଖ୍ୟା: ଇସି୨୫ବି୦୦୦୦ଓଆର୍୧୭୨୯୩୫୯୭୬ଏନ୍
ଫାଇଲ୍ ନଂ.- ୪୫୫୬୮୮/୦୨ - ଏମ୍‌ଆଇଏନ୍/୧୨-୨୦୨୩
ମଞ୍ଜୁରୀ ପ୍ରକାର - ନୂଆ ଇସି
ବର୍ଗ - ବି୧
୧(କ) ଖଣିଜ ପଦାର୍ଥର ଖନନ, ୨(ଖ) ଗ୍ରାମ-ତନ୍ତରା ଓ ଟେନ୍‌ସା, ତହସିଲ- କୋଇଡ଼ା, ସୁନ୍ଦରଗଡ଼, ଓଡ଼ିଶାରେ ୧.୦ ଏମ୍‌ଟିପିଏ ଥ୍ରୋପୁଟ୍ ବେନିଫିକେସନ୍ ପ୍ଲାଣ୍ଟର ପ୍ରତିଷ୍ଠା ସହିତ ଲୌହ ଧାତୁପଥର ଉତ୍ପାଦନ କ୍ଷମତାକୁ ୦.୧୨ ଏମ୍‌ଟିପିଏରୁ ୦.୨୪ ଏମ୍‌ଟିପିଏକୁ ବୃଦ୍ଧି କରିବା ନିମନ୍ତେ ତନ୍ତରା ଆଇରନ୍ ଓର୍ ମାଇନ୍ (ଏମ୍‌ଏଲ୍ ଏରିଆ ୭୨.୫୬୦ ହେକ୍ଟର)ର ସମ୍ପ୍ରସାରଣ ନିମନ୍ତେ ଅନୁମତି ମିଳିଛି।

## ଓଡ଼ିଆ ସମ୍ପ୍ରଦାୟର ସ୍ୱାଭିମାନ ବଜାୟ ରଖିବାକୁ ଆହ୍ୱାନ

ବନ୍ଧମୁଣ୍ଡା, ୨।୪(ସୁବ୍ରତ ଦେ): ବନ୍ଧମୁଣ୍ଡା ସି-ସେକ୍ଟର ସ୍ଥିତ ମଧୁ ମଣ୍ଡପରେ ଉତ୍କଳ ଦିବସ ପାଳିତ ହୋଇଯାଇଛି। ଏଥିରେ ରାଉରକେଲା ବିଧାୟକ ଶାରଦା ପ୍ରସାଦ ନାୟକ ମୁଖ୍ୟ ଅତିଥିଭାବେ ଯୋଗଦେଇଥିଲେ। ଏହି ଅବସରରେ ଆୟୋଜକ କମିଟି ପକ୍ଷରୁ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ବିଶେଷକରି ଉତ୍କଳ ରାଜ୍ୟ ଗଠନରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିବା ସାହସୀ ପୁରୁଷମାନଙ୍କୁ ମନେ ପକାଯାଇଥିଲା। ଏହି ଅବସରରେ ବିଧାୟକ ନାୟକ ସ୍ୱାଧୀନ ଓଡ଼ିଶା ରାଜ୍ୟ ଗଠନରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିବା ମହାପୁରୁଷମାନଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ଓଡ଼ିଶାର ସମୃଦ୍ଧି ପାଇଁ ଏବଂ ଓଡ଼ିଆ ସମ୍ପ୍ରଦାୟର ସ୍ୱାଭିମାନ ବଜାୟ ରଖିବା ପାଇଁ ସମସ୍ତଙ୍କୁ ଏକଜୁଟ ହେବାକୁ ଆହ୍ୱାନ ଜଣାଇଥିଲେ। କାର୍ଯ୍ୟକ୍ରମରେ ଆୟୋଜକ କମିଟି କର୍ମକର୍ତ୍ତା ଉପସ୍ଥିତ ଥିଲେ।

# ଉତ୍କଳ ଅତୀତ, ବର୍ତ୍ତମାନ ସମ୍ପର୍କିତ ଆଲୋଚନାଚକ୍ର

ରାଉରକେଲା, ୨।୪(ସଙ୍ଗୀତା ଜେନା)



ଆଲୋଚନା ଚକ୍ରରେ ଉପସ୍ଥିତ ଅତିଥିମାନେ।

ଜାତୀୟ ପ୍ରଯୁକ୍ତି ପ୍ରତିଷ୍ଠାନ(ଏନ୍‌ଆଇଟି) ରାଉରକେଲା ଭୁବନେଶ୍ୱର ବେହେରା ଅଡିଟୋରିୟମ୍‌ରେ ଓଡ଼ିଶା ଦିବସ ପାଳିତ ହୋଇଯାଇଛି। ଉତ୍କଳଦିବସ ପାଳନ କମିଟି ଦ୍ୱାରା ଓଡ଼ିଆ ସାହିତ୍ୟ ସମାଜ (ଓଏସ୍‌ଏସ୍) ଛାତ୍ର କ୍ଲବ ସହଯୋଗରେ ଉକ୍ତ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ପ୍ରାରମ୍ଭରେ ମହାପୁରୁଷଙ୍କ ଉଦ୍ଦେଶ୍ୟରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଥିଲା। ମୁଖ୍ୟ ଅତିଥିଭାବେ ପ୍ରସିଦ୍ଧ ସାନ୍ତାଳି ଲେଖକ ତଥା ଆଦିବାସୀ ଭାଷା ପରମ୍ପରା ଓ ସଂସ୍କୃତିର ଗବେଷକ ପ୍ରଫେସର ଦମୟନ୍ତୀ ବେଶ୍ରା ଯୋଗଦେଇ ଉତ୍କଳ ଅତୀତ ଏବଂ ବର୍ତ୍ତମାନ ସମ୍ପର୍କିତ ଆଲୋଚନାଚକ୍ରରେ କହିଥିଲେ, ପ୍ରାଚୀନ କାଳରୁ ଉତ୍କଳ ବିଶ୍ୱର ୪ଟି ପ୍ରମୁଖ ସଭ୍ୟତା ଆଦିମ, ଦ୍ରାବିଡ଼ ଓ ଆର୍ଯ୍ୟର ଜନ୍ମସ୍ଥାନ ଭାବେ ଜଣାଶୁଣା। ଓଡ୍ର, କଳିଙ୍ଗ, କୋଶଳ, ଉତ୍କଳ ଭାବେ ଏକାଧିକ ନାମ ବହନ କରିଛି ଏହି ପ୍ରଦେଶ। ଶବର ଆଦିବାସୀମାନେ କଳିଙ୍ଗରେ ବାସ କରୁଥିଲେ। ପ୍ରାଚୀନ ଉତ୍କଳ ତଥା ଭାରତରେ ସେମାନେ ମୂଳବାସିନ୍ଦା। ଏହି ଦିନକୁ କେବଳ ଉତ୍କଳ ଦିବସ ନ କହି ଓଡ଼ିଶା ଦିବସ କହିବା ଠିକ୍ ହେବ ବୋଲି ପ୍ରଫେସର ବେଶ୍ରା ମତବ୍ୟକ୍ତ କରିଥିଲେ। ଏନ୍‌ଆଇଟି ନିର୍ଦ୍ଦେଶକ ପ୍ରଫେସର କେ. ଉମା ମହେଶ୍ୱର ରାଓ କଳା ସାହିତ୍ୟ ଏବଂ ଅର୍ଥନୈତିକ ଅଭିବୃଦ୍ଧି ରାଜ୍ୟର ସ୍ଥାୟୀ ଅବଦାନକୁ ପ୍ରତିଫଳିତ କରେ ବୋଲି ମତବ୍ୟକ୍ତ କରିଥିଲେ। ସାନ୍ତ୍ୱି ପ୍ରଫେସର ନିରଜ ପଣ୍ଡା, ରେଜିଷ୍ଟ୍ରାର ପ୍ରଫେସର ରୋହନ୍ ଧାମାନ, ସାଜ୍ ସଭାପତି ପ୍ରଫେସର ରାଜୀବ ପଣ୍ଡା ପ୍ରମୁଖ ମଞ୍ଚାସୀନ ଥିଲେ। କାର୍ଯ୍ୟକ୍ରମର ସଂଯୋଜକ ପ୍ରଫେସର ଆର୍. କେ ବିଶାଳ ରାଜଭାଷା କମିଟି ପରି ମାତୃଭାଷା କମିଟି ଜାତୀୟ ଶିକ୍ଷା ନୀତିର ଉଦ୍ଦେଶ୍ୟ ପୂରଣ କରିବାରେ ସହାୟକ ହେବ ବୋଲି କହିଥିଲେ। ଏହି ଅବସରରେ ଓଏସ୍‌ଏସ୍ କ୍ଲବର ସ୍ୱରଣିକା ସମ୍ପୂର୍ଣ୍ଣର ୩ୟ ସଂସ୍କରଣ ଉନ୍ମୋଚିତ ହୋଇଥିଲା। ଓଡ଼ିଶୀ, ସମ୍ବଲପୁରୀ, ପାଲା, ଦାସକାଠିଆ ନୃତ୍ୟ ସହ ଭଗବାନ ବିର୍ସାମୁଣ୍ଡାଙ୍କ ପ୍ରେରଣାଦାୟୀ ଯାତ୍ରାପ୍ରଦର୍ଶିତ କରାଯାଇଥିଲା। ସଚିବ ତଥା ଉତ୍କଳ ଦିବସ ପାଳନ କମିଟି ସହ ସଂଯୋଜକ ସ୍ୱାଗତିକା ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

କାନରା ବ୍ୟାଙ୍କ Canara Bank
କ୍ଷେତ୍ରୀୟ କାର୍ଯ୍ୟାଳୟ: କଟକ
**ସଂଶୋଧନ ପତ୍ର**
ତା.୩୦.୦୩.୨୦୨୫ରିଖ ବୈଦିକ ଖବର କାଗଜ ଧରିତ୍ରୀରେ ପ୍ରକାଶିତ ଆମର "ବିମାଣ ନୋଟିସ୍"ରେ ଉଲ୍ଲେଖ ହୋଇଥିବା: ମେସର୍ସ ଖୁସି ଏଣ୍ଟରପ୍ରାଇଜେସ୍ ଆବାସର ନିମନ୍ତେ ବର୍ଣ୍ଣିତ ଶାଖାର ନାମ "ପଟ୍ଟନାୟକ ଶାଖା" ପରିବର୍ତ୍ତେ "ରାଜଗାଂଗପୁର ଶାଖା" ପଢ଼ିବାକୁ ଅନୁରୋଧ। ଅନ୍ୟାନ୍ୟ ସମସ୍ତ ତଥ୍ୟ ଅପରିବର୍ତ୍ତିତ ରହିବ।
ତା.୦୨.୦୪.୨୦୨୫ | କ୍ଷମତାପ୍ରାପ୍ତ ଅଧିକାରୀ

**GOVERNMENT OF ODISHA**
**DEPARTMENT OF WATER RESOURCES**
**OFFICE OF THE ADDITIONAL CHIEF ENGINEER**
**CENTRAL IRRIGATION CIRCLE, BHUBANESWAR**
No.A-1250
**'e' Procurement Notice No. ACECIC - 19/2024-25**

| Procurement Officer | Bid Identification No. | Name of Work | Cost of Work (Rs. in Lakhs) | Bid Security (Rs.) E.M.D. | Cost of Bid documents (Rs.) | Class of Contractor | Bid documents available online for bidding From | To | Date of opening of Technical Bid | Period of completion of work |
|---|---|---|---|---|---|---|---|---|---|---|
| ACE, CIC, BHUBANESWAR | NGR-09/2024-25 | Cement Concrete Lining in Right Distributary of Kuanria Irrigation Project from RD.11.00 Km to 18.20 Km | 834.63 | 834700/- (Online) | 10000/- (Online) | "A" & "Special" Class | 05.04.2025 At 10.00 Hours | 19.04.2025 At 17.00 Hours | 21.04.2025 At 11.00 Hours | 18 (Eighteen Calendar Month) |

e-mail ID : secic_dowr@yahoo.com
Further details conditions can be seen from Govt. website www.tenderorissa.gov.in
Sd./- Additional Chief Engineer, Central Irrigation Circle
OIPR-32160/11/0023/2425

# ଚାମ୍ପିୟନ ଅଫ୍ ଦି ଇୟର୍ ଟ୍ରଫି ହାସଲ

ରାଉରକେଲା, ୨।୪(ବିପ୍ଳବ ରଞ୍ଜନ ଦାଶ)



ଟ୍ରଫି ହାସଲକରିବା ଅବସରରେ ଆର୍‌ଏସ୍‌ପିର କର୍ମଚାରୀମାନେ।

ଆର୍‌ଏସ୍‌ପିର ନୂତନ ପ୍ଲେଟ ମିଲ ୨୦୨୪-୨୫ ବର୍ଷ ପାଇଁ ଚାମ୍ପିୟନ ଅଫ ଦି ଇୟର ଟ୍ରଫି ହାସଲ କରିଥିବା ବେଳେ ସିଣ୍ଟର ପ୍ଲାଣ୍ଟ-୩ ରନର୍ସ ଅପ ଆଖ୍ୟା ଲାଭ କରିଛି। ଏପ୍ରିଲ ୧ରେ ଗୋପବନ୍ଧୁ ଅଡିଟୋରିୟମରେ ଅନୁଷ୍ଠିତ ବାର୍ଷିକ ନିଷ୍ପାଦନ ସମୀକ୍ଷା ଏବଂ ପୁରସ୍କାର ବିତରଣ କାର୍ଯ୍ୟକ୍ରମରେ ଆରଏସପିର ଭାରପ୍ରାପ୍ତ ନିର୍ଦ୍ଦେଶକ ଆଲୋକ ବର୍ମା ଏହି ପୁରସ୍କାର ପ୍ରଦାନ କରିଥିଲେ। ୪ଟି ଜୋନ ଏବଂ ଓଡ଼ିଶା ଗ୍ରୁପ ଅଫ ମାଇନ୍‌ସ ବିଭାଗକୁ ସେମାନଙ୍କର ଅନୁକରଣୀୟ ପ୍ରଦର୍ଶନ ଏବଂ ଉଲ୍ଲେଖନୀୟ ସଫଳତା ପାଇଁ କାର୍ଯ୍ୟଦକ୍ଷତା ପୁରସ୍କାର ପ୍ରଦାନ କରିଥିଲେ। ଜୋନ୍-ଏ ଏବଂ କଞ୍ଚାମାଲ ଜୋନରୁ ସ୍ଲାଷ୍ଟ ଫର୍ଣ୍ଣେସ ବିଜେତା ହୋଇଥିଲାବେଳେ କଞ୍ଚାମାଲ ପ୍ରକଳ୍ପ ବିଭାଗ ଏବଂ କୋକ ଓଭେନ ମିଳିତ ଭାବେ ରନର ଅପ ଟ୍ରଫି ହାସଲ କରିଥିଲେ। ଇସ୍ପାତ ଏବଂ ଆନୁଷଙ୍ଗିକ କ୍ଷେତ୍ରରୁ ଷ୍ଟିଲ ମେଲିଂ ସପ-୨ ବିଜେତା ହୋଇଥିଲାବେଳେ ପାୱାର ଡିଷ୍ଟ୍ରିବ୍ୟୁସନ ରନର୍ସ ଅପ ଟ୍ରଫି ଲାଭ କରିଥିଲେ। ରୋଲିଂ ମିଲ ଜୋନରୁ ହଟ ଷ୍ଟ୍ରିପ ମିଲ-୨ ବିଜେତା ଟ୍ରଫି ଏବଂ ସିଲିକନ ଷ୍ଟିଲ ମିଲ ରନର ଅପ ପୁରସ୍କାର ଲାଭ କରିଥିଲା। ସେବା କ୍ଷେତ୍ରରୁ, ଉତ୍ପାଦନ ଯୋଜନା ଏବଂ ନିୟନ୍ତ୍ରଣ ଇଞ୍ଜିନିୟରିଂ ବିଭାଗ ଓ ସାମଗ୍ରୀ ପୁନରୁଦ୍ଧାର ବିଭାଗ ମିଳିତ ଭାବରେ ରନର ଅପ ବିଜେତା ଟ୍ରଫି ଲାଭ କରିଥିଲା। ଓଡ଼ିଶା ଖଣି ସମୂହରୁ ବୋଲାଣି ଓର୍ ମାଇନ୍ସ ବିଜେତା ଟ୍ରଫି ଲାଭ କରିଥିଲା।

ୟୁକୋ ବ୍ୟାଙ୍କ
ଆଞ୍ଚଳିକ କାର୍ଯ୍ୟାଳୟ, ୟୁକୋ ବ୍ୟାଙ୍କ ବିଲ୍ଡିଂ, ୨ୟ ମହଲା, ସି-୨, ଅଶୋକ ନଗର, ଭୁବନେଶ୍ୱର-୭୫୧୦୦୯, ଫୋନ୍: ୦୬୭୪-୨୬୨୦୪୨୩
**ଦଖଲ ନୋଟିସ୍**
ସ୍ଥାବର ସମ୍ପତ୍ତି ନିମନ୍ତେ
(ସିକ୍ୟୁରିଟାଇଜେସନ୍ ଆଣ୍ଡ୍ ରିକନଷ୍ଟ୍ରକ୍ସନ୍ ଅଫ୍ ଫାଇନାନ୍ସିଆଲ ଆସେଟ୍ସ ଆଣ୍ଡ୍ ଏନଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ର ଧାରା ୧୩ (୪) ସହିତ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନଫୋର୍ସମେଣ୍ଟ) ରୁଲ୍ସ ୨୦୦୨ର ରୁଲ୍ ୮ ଅନୁଯାୟୀ ସ୍ଥାବର ସମ୍ପତ୍ତି ନିମନ୍ତେ)
ନିମ୍ନ ସ୍ୱାକ୍ଷରକାରୀ ୟୁକୋ ବ୍ୟାଙ୍କ, ଦଳାଇସାହି ଶାଖାର କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଦ୍ୱାରା ସିକ୍ୟୁରିଟାଇଜେସନ୍ ଆଣ୍ଡ୍ ରିକନଷ୍ଟ୍ରକ୍ସନ୍ ଅଫ୍ ଫାଇନାନ୍ସିଆଲ ଆସେଟ୍ସ ଆଣ୍ଡ୍ ଏନଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ (୨୦୦୨ର ନଂ.୫୪) ଏବଂ ଧାରା ୧୩ (୧୨) ଅନୁଯାୟୀ ପ୍ରଦତ୍ତ କ୍ଷମତା ବଳରେ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନଫୋର୍ସମେଣ୍ଟ) ରୁଲ୍ସ, ୨୦୦୨ର ରୁଲ୍ ୩ ଅନୁସାରେ ନିମ୍ନଲିଖିତ ଋଣଗ୍ରହୀତା/ଗ୍ୟାରେଣ୍ଟରଙ୍କୁ ଉକ୍ତ ଆକ୍ଟର ଧାରା ୧୩(୨) ଅନୁସାରେ ଡିମାଣ୍ଡ ନୋଟିସ୍ ଜାରି କରାଯାଇ ନୋଟିସ୍ ମାଧ୍ୟମରେ ଦର୍ଶାଯାଇଥିବା ଅର୍ଥ ସହିତ ବୃଦ୍ଧି ହାରରେ ସୁଧ ସହିତ ଆନୁସଙ୍ଗିକ ଖର୍ଚ୍ଚ ଏବଂ ଆଇନଗତ ଖର୍ଚ୍ଚ ନୋଟିସ୍ ପ୍ରାପ୍ତି ତାରିଖଠାରୁ ୬୦ ଦିନ ମଧ୍ୟରେ ପଇଠ କରିବାକୁ କୁହାଯାଇଥିଲା। ଋଣଗ୍ରହୀତା ତାଙ୍କର ଦେୟ ପଇଠ କରିବାରେ ବିଫଳ ହେଲେ ତେଣୁ ଋଣଗ୍ରହୀତା/ଗ୍ୟାରେଣ୍ଟରମାନଙ୍କୁ ଏବଂ ସର୍ବସାଧାରଣଙ୍କୁ ଜଣାଇ ଦିଆଯାଉଛି ଯେ ଉପର ବର୍ଣ୍ଣିତ ଆଇନର ଧାରା ୧୩(୪) ସହିତ ଉକ୍ତ ରୁଲ୍ସର ରୁଲ୍ ୮ ଅନୁସାରେ କ୍ଷମତାପ୍ରାପ୍ତ ଅଧିକାରୀ ନିମ୍ନରେ ବର୍ଣ୍ଣିତ ସମ୍ପତ୍ତି ଦଖଲ ନେଇଛନ୍ତି। ତେଣୁ ବିଶେଷକରି ଋଣଗ୍ରହୀତା/ଗ୍ୟାରେଣ୍ଟରମାନେ ଏବଂ ସର୍ବସାଧାରଣଙ୍କୁ ଏତଦ୍ୱାରା ଜଣାଇ ଦିଆଯାଉଛି ଯେ, ନିମ୍ନଲିଖିତ ସମ୍ପତ୍ତି ସହିତ କୌଣସି ପ୍ରକାର କାରବାର କରିବେ ନାହିଁ ଅନ୍ୟଥା ସମ୍ପତ୍ତି ଉପରେ କୌଣସି ପ୍ରକାର କାରବାର ୟୁକୋ ବ୍ୟାଙ୍କ, ଦଳାଇସାହି ଶାଖା ନିକଟରେ ସମସ୍ତ ଦେୟ ସହିତ ଦେବାବେଳେ ସୁଧ, ଆନୁସଙ୍ଗିକ ଖର୍ଚ୍ଚ ଏବଂ ଦେୟ ପଇଠ ପାଇଁ ଉତ୍ତରଦାୟୀ ରହିବେ।

| ଦଳାଇସାହି ଶାଖା / ଋଣଗ୍ରହୀତା/ ଗ୍ୟାରେଣ୍ଟରଙ୍କ ନାମ ଓ ଠିକଣା | ଧାର୍ଯ୍ୟ ତାରିଖ ସୁଦ୍ଧା ବକେୟା ରାଶିର ପରିମାଣ | ଡିମାଣ୍ଡ ନୋଟିସ୍ / ଦଖଲ ନୋଟିସ୍ ତାରିଖ | ସ୍ଥାବର ସମ୍ପତ୍ତିର ବିବରଣୀ |
|---|---|---|---|
| ଋଣଗ୍ରହୀତା: ଶେଖ ଅତାବୁର ରହେମାନ / ଗ୍ୟାରେଣ୍ଟରଦାତା: ରୋଶ୍ନା ବେଗମ, ଭଗୟାର ଜିଲା- ସା: ଦଳାଇସାହି, ପୋ: ମାଣିକଗୋଡା, ଜିଲ୍ଲା: ଖୋର୍ଦ୍ଧା-୭୫୨୦୬୬ | ଟ.୧୨,୭୦,୫୨୪.୪୩ + ଦେବାବେଳେ ପରବର୍ତ୍ତୀ ସୁଧ ଏବଂ ଅନ୍ୟାନ୍ୟ ଦେୟ | ୧୯.୧୨.୨୦୨୪ / ୨୮.୦୩.୨୦୨୫ | ଶେଖ ଅତାବୁର ରହେମାନଙ୍କ ନାମରେ ଥିବା ଜମି ଏବଂ ଗୃହର ଅବିଚ୍ଛେଦ୍ୟ ଅଂଶ ମୌଜା: ଦଳାଇସାହି, ପୋ: ମାଣିକଗୋଡା, ଥାନା- କୋଲାଗଡ଼, ଜିଲ୍ଲା: ଖୋର୍ଦ୍ଧା-୭୫୨୦୬୬, ପ୍ଲଟ୍ ନଂ: ୪୩୮/୭୫୧୨, ୪୩୭/୭୫୧୦, ୪୩୬/୭୫୦୯, ଖାତା ନଂ: ୧୩୮/୦୨୫ |

କ୍ଷେତ୍ର: ୦୫୮.୫୦ ବର୍ଗଫୁଟ (ମୁଖ୍ୟ ଏରିଆ: ୧୨୬୦ ବର୍ଗଫୁଟ), ଏହାର ଚାରିସୀମାରେ ଉତ୍ତର: ଲିଟିପୁର ରହେମାନ, ଦକ୍ଷିଣ: ମୋଜଫ୍ଫର ରହେମାନ, ପୂର୍ବ: ରାସ୍ତା, ପଶ୍ଚିମ: କମଳ ଜାନ ଜୀବ
ସ୍ଥାନ: ଭୁବନେଶ୍ୱର, ତାରିଖ : ୦୨.୦୪.୨୦୨୫
କ୍ଷମତାପ୍ରାପ୍ତ ଅଧିକାରୀ, ୟୁକୋ ବ୍ୟାଙ୍କ

**ଅଇଁଲାପାଲି ପ୍ରାଥମିକ କୃଷି ସମବାୟ ସମିତି କାର୍ଯ୍ୟାଳୟ ଉଦ୍‌ଘାଟିତ**

ଝାରସୁଗୁଡ଼ା/ଲଖନପୁର,(ଆଶିଷ ରଞ୍ଜନ ଦାଶ)/ ଗୌତମ ସାହୁ): ଝାରସୁଗୁଡ଼ା ଜିଲ୍ଲା ଲଖନପୁର ବ୍ଲକ ଅନ୍ତର୍ଗତ କୁମାରବନ୍ଧ ନିକଟସ୍ଥ ଅଇଁଲାପାଲି ପ୍ରାଥମିକ କୃଷି ସମବାୟ ସମିତି କାର୍ଯ୍ୟାଳୟ ବୁଧବାର ଉଦଘାଟିତ ହୋଇଛି। ସକାଳ ୮ଟାରୁ ମଧ୍ୟାହ୍ନ ୧୨ଟାମଧ୍ୟରେ ପୂଜାପାଠ ହୋମ କରି କାର୍ଯ୍ୟାଳୟ ଉଦ୍‌ଘାଟନ କରାଯାଇଥିଲା। ଜିଲ୍ଲା ବିଜେପି ସଭାପତି ରଘୁନନ୍ଦନ ପଣ୍ଡା ମୁଖ୍ୟଅତିଥି ଭାବେ ଯୋଗଦେଇ କାର୍ଯ୍ୟାଳୟ ଉଦଘାଟନ କରିଥିଲେ। ଏହି ଅବସରରେ ଅଇଁଲାପାଲି ପ୍ରାଥମିକ କୃଷି ସମବାୟ ସମିତିର ଅଧିକାରୀ, କର୍ମଚାରୀ ଏବଂ ସ୍ଥାନୀୟ ଚାଷୀମାନେ ଉପସ୍ଥିତ ଥିଲେ।

# ଓଡ଼ିଆ ପକ୍ଷ ଉତ୍ସାହ, ଉଦ୍ଦୀପନାର ସହିତ ପାଳନ ହେବ

**ଓଡ଼ିଆ ପକ୍ଷ ପାଳନ ପାଇଁ ପ୍ରସ୍ତୁତି ବୈଠକ**

ଦେବଗଡ଼,୨।୪(ଶଶାଙ୍କ ଶେଖର ଝାଙ୍କର)

ଜିଲ୍ଲାପାଳଙ୍କ ବିକାଶ ଭବନ ସମ୍ମିଳନୀ କକ୍ଷରେ ଜିଲ୍ଲାପାଳ କବୀନ୍ଦ୍ର କୁମାର ସାହୁଙ୍କ ଅଧ୍ୟକ୍ଷତାରେ ଓଡ଼ିଆ ପକ୍ଷ ପାଳନ ପାଇଁ ବୁଧବାର ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଓଡ଼ିଶା ଦିବସ ଏପ୍ରିଲ ୧ରୁ ମହାବିଷୁବ ସଂକ୍ରାନ୍ତି ୧୪ ଏପ୍ରିଲ ପର୍ଯ୍ୟନ୍ତ ଓଡ଼ିଆ ପକ୍ଷ ହିସାବରେ ଅତି ଉତ୍ସାହ ଓ ଉଦ୍ଦୀପନାର ସହିତ ଜିଲ୍ଲାରେ ପାଳନ ହେବ। ଜିଲ୍ଲାପାଳ ସାହୁ ସମସ୍ତ ଜିଲ୍ଲାସ୍ତରୀୟ ଅଧିକାରୀମାନଙ୍କୁ ନିଜ ଦାୟିତ୍ୱ ଅବଗତ କରାଇବା ସହିତ କିପରି ଓଡ଼ିଆ ପକ୍ଷ ଆନନ୍ଦର ସହିତ ପାଳନ କରାଯିବ ସେ ନେଇ ଆଲୋଚନା କରିଥିଲେ। ଏପ୍ରିଲ ୧ ତାରିଖ ଓଡିଶା ଦିବସ, ଏପ୍ରିଲ ୨ ତାରିଖ ଖାଦ୍ୟିଞ୍ଚୁ ଦିବସ, ଏପ୍ରିଲ ୩ ତାରିଖ ପାରମ୍ପାରିକ ପୋଷାକ ପରିଧାନ ଦିବସ ସମ୍ବଲପୁରୀ ପୋଷାକ ପରିଧାନ, ଏପ୍ରିଲ ୪ ତାରିଖ ଓଡ଼ିଆରେ ନାମ ଫଳକ ଅଭିଯାନ ଓ ସଚେତନତା ଶୋଭାଯାତ୍ରା, ଏପ୍ରିଲ ୫ ତାରିଖ ଐତିହ ଗଣ ଦୌଡ଼ ପ୍ରଧାନପାଟ ସକାଳ ୭ଟାରୁ ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟ, ଏପ୍ରିଲ ୬ ତାରିଖ ପ୍ରଧାନପାଟ ପର୍ଯ୍ୟଟନ ସ୍ଥଳୀ ସ୍ୱଚ୍ଛତା ଅଭିଯାନ, ଏପ୍ରିଲ ୭ରେ ବର୍ଣ୍ଣବୋଧ ବଣ୍ଟନ, ଏପ୍ରିଲ ୮ରେ ରକ୍ତଦାନ ଦିବସ, ଏପ୍ରିଲ ୯ ତାରିଖ ଆସ ବହିଟିଏ କିଣିବା ଦିବସ ନୂତନ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ, ଏପ୍ରିଲ ୧୦ରେ ଲୋକ କଳା ଗ୍ରାମ ତିଲେଇବଣି ବ୍ଲକ ଭେରୁବଣୀ ପରିଦର୍ଶନ ଓ ବରିଷ୍ଠ କଳାକାରଙ୍କୁ ସମ୍ବର୍ଦ୍ଧନା, ଏପ୍ରିଲ ୧୧ ତାରିଖ ଯୁବ ଲେଖକ ସମ୍ମିଳନୀ କୃଷି ଅଧିକାରୀଙ୍କ ସମ୍ମିଳନୀ କକ୍ଷ, ଏପ୍ରିଲ ୧୨ ତାରିଖ ଓଡ଼ିଶାର ବରପୁତ୍ରମାନଙ୍କ ଉପରେ ଆଲୋଚନା ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷ, ଏପ୍ରିଲ ୧୩ରେ ପାରମ୍ପରିକ ଖାଦ୍ୟ ଦିବସ ପାଳନ ଆମ ରୁଚି ଆମ ଖାଦ୍ୟ ସଂସ୍କୃତି ଭବନ, ଏପ୍ରିଲ ୧୪ ତାରିଖ ଓଡ଼ିଆ ନବବର୍ଷ ପାଳନ, ହୁଲୁହୁଳି, ଝୋଟି, ଚିତା, ମୁରୁଜ, ପିଠା ପଣା ପ୍ରତିଯୋଗିତା ଟାଉନ ହଲଠାରେ କାର୍ଯ୍ୟକ୍ରମ କରିବା ପାଇଁ ସ୍ଥିର କରାଯାଇଛି। କାର୍ଯ୍ୟକ୍ରମରେ ଆରକ୍ଷୀ ଅଧୀକ୍ଷକ ଅନିଲ କୁମାର ମିଶ୍ର, ଅତିରିକ୍ତ ଜିଲ୍ଲାପାଳ ରେବେକା ବିଲୁଙ୍ଗ, ଉପଜିଲ୍ଲାପାଳ ରଶ୍ମିତ ସାହୁ, ଜିଲ୍ଲା ସଂସ୍କୃତି ଅଧିକାରୀ ମନୋରଞ୍ଜନ ସୁତାର, ଜିଲ୍ଲା ପଞ୍ଚାୟତ ଅଧିକାରୀ ହେମନ୍ତ ସିଂ, ଜିଲ୍ଲା ପର୍ଯ୍ୟଟନ ଅଧିକାରୀ ଲକ୍ଷ୍ମଣ ଅମାତ, ଜିଲ୍ଲା କ୍ରୀଡ଼ା ଅଧିକାରୀ ତାପସ କୁମାର ମହନ୍ତ, ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ରୋମିୟ ମହାପାତ୍ର, ସହକାରୀ ନିର୍ଦ୍ଦେଶକ ଉଦ୍ୟାନ ବିଭାଗ ଆନ୍ତର୍ଯାମୀ ସାହୁ, ଜିଲ୍ଲା ମଙ୍ଗଳ ଅଧିକାରୀ ଶିଶିର ପୁହାଣ, ଗୋଷ୍ଠୀ ଉନ୍ନୟନ ଅଧିକାରୀ, ତହସିଲଦାର ଓ ଜିଲ୍ଲାସ୍ତରୀୟ ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ।




ବୈଠକରେ ଜିଲ୍ଲାପାଳଙ୍କ ସମେତ ଜିଲ୍ଲାସ୍ତରୀୟ ଅଧିକାରୀମାନେ ଆଲୋଚନା କରୁଛନ୍ତି।

## ବୁଢ଼ିପଦର ବିଦ୍ୟୁତ୍ ସବ୍‌ଷ୍ଟେଶନ ନିକଟରେ ନିଆଁ



ଝାରସୁଗୁଡ଼ା,୨।୪(ଆଶିଷ ରଞ୍ଜନ ଦାଶ)

ଝାରସୁଗୁଡ଼ା ଜିଲ୍ଲା ୪୯ ନଂ ଜାତୀୟ ରାଜପଥ ବୁଢ଼ିପଦର ବିଦ୍ୟୁତ୍ ସବଷ୍ଟେଶନ ନିକଟରେ ଜଣେ ଦୁର୍ବୃତ୍ତ ବୁଧବାର ଅପରାହ୍ନ ପ୍ରାୟ ୫ଟାରେ ନିଆଁ ଲଗାଇ ଫେରାର ହୋଇଥିଲେ। ଫଳରେ ଏହା ବ୍ୟାପିବା ଏକ ବିସ୍ତୀର୍ଣ୍ଣ ଅଞ୍ଚଳ ପୋଡ଼ି ଯାଇଛି। ପାଖରେ ବିଦ୍ୟୁତ୍ ସବଷ୍ଟେଶନ ଥିବାରୁ ଅଘଟଣ ଘଟିବା ଆଶଙ୍କା ରହିଥିଲା। ତେବେ ନିଆଁ ବ୍ୟାପୁଥିବା ଦେଖି ସ୍ଥାନୀୟ ଲୋକେ ବିଦ୍ୟୁତ୍ ବିଭାଗ ଏବଂ ଅଗ୍ନିଶମ ବିଭାଗ ଖବର ଦେଇଥିଲେ। କିଛି ସମୟ ପରେ ନିଆଁକୁ ସ୍ଥାନୀୟ ଲୋକେ ଏବଂ ଅଗ୍ନିଶମ ବିଭାଗ ପକ୍ଷରୁ ଆୟତ୍ତ କରାଯାଇଥିଲା। ତେବେ କିଏ ଏବଂ କାହିଁକି ନିଆଁ ଲଗାଇଥିଲେ ତାହା ଜଣାପଡିନାହିଁ। ଅନ୍ୟପଟେ ଜଙ୍ଗଲ ଜାତ ଦ୍ରବ୍ୟ ସଂଗ୍ରହ ଏବଂ ଚାଷ ପାଇଁ ଅନେକ ସ୍ଥାନରେ ନିଆଁ ଲଗାଯାଉଥିବାବେଳେ ଦୁର୍ବୃତ୍ତମାନେ ଜୀବଜନ୍ତୁ ଶିକାର କରିବାକୁ ମଧ୍ୟ ଜଙ୍ଗଲ ଏବଂ ପାହାଡ଼ ଅଞ୍ଚଳରେ ନିଆଁ ଲାଗାଉଛନ୍ତି। ଫଳରେ ଜଙ୍ଗଲ ହଜାର ହଜାର ଗଛ ପୋଡ଼ି ନଷ୍ଟ ହେବା ସହ ଜୀବଜନ୍ତୁ ମୃତ୍ୟୁମୁଖରେ ପଡୁଛନ୍ତି। ଆଖପାଖ ଗାଁକୁ ନିଆଁ ବ୍ୟାପି ଧନ ଜୀବନ ହାନି ହେବା ଆଶଙ୍କା ରହିଛି। ଅନ୍ୟପଟେ ନିଆଁ ନ ଲଗାଇବା ପାଇଁ ଲୋକଙ୍କୁ ସଚେତନ କରାଯାଇଛି। ନିଆଁ ଆୟତ୍ତ ପାଇଁ ପ୍ରାୟ ୧୦୦ ସ୍କ୍ୱାର୍ଡ ନିୟୋଜିତ କରାଯିବା ସହ ୧୪ରୁ ୧୬ କ୍ୟାମ୍ପ କରାଯାଇଛି। ବନ ବିଭାଗ ସମସ୍ତ କର୍ମଚାରୀଙ୍କୁ ସତର୍କ ରହିବା ପାଇଁ ନିର୍ଦ୍ଦେଶ ଦିଆଯିବା ସହ ନିଆଁ ଲାଗିଥିବା ଖବର ମିଳିଲେ ତୁରନ୍ତ ଘଟଣାସ୍ଥଳକୁ ପହଞ୍ଚି ଆୟତ୍ତ କରିବାକୁ ନିର୍ଦ୍ଦେଶ ଦିଆଯାଇଛି ବୋଲି ଜିଲ୍ଲା ବନଖଣ୍ଡ ଅଧିକାରୀ ମନୁ ଅଶୋକ ଭଜ କହିଛନ୍ତି।

## ବିଶ୍ୱ ଅଟିଜିମ୍ ଦିବସ ପାଳିତ



ବିଶ୍ୱ ଅଟିଜିମ୍ କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି।

ଝାରସୁଗୁଡ଼ା,୨।୪(ଆଶିଷ ରଞ୍ଜନ ଦାଶ)

ଝାରସୁଗୁଡ଼ା ସଦର ବ୍ଲକ ଅନ୍ତର୍ଗତ ବୁଢ଼ାପଡା ବୁରୋମାଲ ଦିବ୍ୟାଙ୍ଗ ବିଦ୍ୟାଳୟରେ ବୁଧବାର ପୂର୍ବାହ୍ନ ୧୧ଟାରେ ଜିଲ୍ଲା ପ୍ରଶାସନ ଓ ଜିଲ୍ଲା ଦିବ୍ୟାଙ୍ଗ ବିଦ୍ୟାଳୟ ମିଳିତ ଆନୁକୂଲ୍ୟରେ ବିଶ୍ୱ ସ୍ୱପରାୟଣତା (ଅଟିଜିମ) ସଚେତନତା ଦିବସ ପାଳିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ସୁନିଲ କୁମାର ନାଏକ ମୁଖ୍ୟଅତିଥି ଭାବେ ଯୋଗଦେଇଥିବା ବେଳେ ମୁଖ୍ୟବକ୍ତା ଭାବେ ଡାକ୍ତର ପ୍ରକାଶ ଚନ୍ଦ୍ର ରଣା ଯୋଗଦେଇ ଅଟିଜିମର କାରଣ, ଲକ୍ଷଣ, ନିରାକରଣ ଓ ଅଟିଜିମ ବିଦ୍ୟାଙ୍ଗମାନେ ନିଜ ଦୁନିଆଁରେ ସୀମିତ ରହନ୍ତି ବୋଲି କହିଥିଲେ। ଏହି ଅବସରରେ ପ୍ରତିଷ୍ଠାତା ତଥା ମନୋସୁଦକ୍ଷିତ ବିବେକା ନନ୍ଦ ମିଶ୍ର ଆଟିଜିମ ଗ୍ରୌଥ ପରିବାରରୁ ଅଲଗା ଏବଂ ଏକୁଟିଆ ରହିବା କାରଣରୁ ବିଶେଷ ଭାବେ ହୋଇଥାଏ ବୋଲି କହିଥିଲେ। ପ୍ରତିଷ୍ଠାତା ତଥା ମନୋସୁଦକ୍ଷିତ ପ୍ରାୟତଃ ଶିଶୁଟି ଜନ୍ମରେ ୧୮ମାସ ଭିତରେ ଅଟିଜିମ ପରିଲକ୍ଷିତ ହେଉଥିବା ବେଳେ ସେ ଏକୁଟିଆ ରହିବାରେ ଶେଷରେ ସେ ନିଜ ଏକ ସ୍ୱତନ୍ତ୍ର ଦୁନିଆଁ ତିଆରି କରିଥାଏ ଏବଂ ସାମାଜିକ ଚଳଣି ଜଟିଳ ହୋଇ ପଡେ ବୋଲି କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଡିଡିଏସ ପ୍ରଶାସିକା ପ୍ରଣତି ପଟ୍ଟନାୟକ ଓ ସଚିବ ପଣ୍ଡିତ ନିକୁଞ୍ଜ ବିହାରୀ କୋଚିଷ, ସ୍ୱଯୁ ସମ୍ପାଦକ ବିଜୟ ସହିଳାଇ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ନିଜର ବକ୍ତବ୍ୟ ଦେଇଥିଲେ। ଶେଷରେ କମିଟି ସଭ୍ୟ ଗୁଣନିଧି ଭୋଇ ଧନ୍ୟବାଦ ଦେଇଥିଲେ।

# କୃଷକ କଲ୍ୟାଣ ଟ୍ରଷ୍ଟ ପକ୍ଷରୁ ୨ ଲକ୍ଷ ଟଙ୍କାର ଜୀବନ ବୀମା ରାଶି ପ୍ରଦାନ

ଦେବଗଡ଼,୨।୪(ଶଶାଙ୍କ ଶେଖର ଝାଙ୍କର)

ଦେବଗଡ଼ କୃଷକ କଲ୍ୟାଣ ଟ୍ରଷ୍ଟ ପକ୍ଷରୁ ପୂର୍ବନିର୍ଦ୍ଧାରିତ ଅନୁଯାୟୀ ଜିଲ୍ଲାର ସମସ୍ତ ପଞ୍ଜୀକୃତ ଚାଷୀ ମୋଟ ୧୮,୭୭୬ ଜଣଙ୍କ ପାଇଁ ଟ୍ରଷ୍ଟ ସଭାପତି ପ୍ରଭାସ ଚନ୍ଦ୍ର ମିଶ୍ରଙ୍କ ପ୍ରଚେଷ୍ଟା ଅନୁଯାୟୀରେ ଚାଷୀମାନଙ୍କ ଜୀବନ ବୀମା ରାଶି ପ୍ରଦାନ କରାଯାଇଛି। ଜିଲ୍ଲାର ପ୍ରଥମ ହିତାଧିକାରୀ ଭାବେ ପ୍ରିୟଦର୍ଶିନୀ ସାହୁ ତାଳକୁଣ୍ଡି ଗ୍ରାମ ଓ ଦୁଧିଆନାଳି ସୋସାଇଟି ରିଆମାଳ ବ୍ଲକକୁ ୨ଲକ୍ଷ ଟଙ୍କା ତାଙ୍କ ସ୍ୱାମୀ ସ୍ୱର୍ଗତ ମନୋଜ କୁମାର ସାହୁଙ୍କ ଦୁର୍ଘଟଣା ଜନିତ ମୃତ୍ୟୁ ଯୋଗୁ ଉକ୍ତ ୨ଲକ୍ଷ ଟଙ୍କାର ଚେକ୍ ହିନ୍ଦୁ ନବବର୍ଷ ତଥା ବାସନ୍ତିକ ନବରାତ୍ରିର ଦିବସରେ ପ୍ରଦାନ କରାଯାଇଛି। କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଜିଲ୍ଲା ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘର ସଂଘଚାଳକ କ୍ଷିରସିନ୍ଧୁ ଭୋଇଙ୍କ ଦ୍ୱାରା ହିତାଧିକାରୀ ପ୍ରିୟଦର୍ଶିନୀଙ୍କୁ ପ୍ରଦାନ କରାଯାଇଥିଲା। ସମାରୋହରେ ଦେବଗଡ଼ର ପ୍ରବାଦ ପୁରୁଷ ଭାବେ ପରିଚିତ ସ୍ୱର୍ଗତ ଡା. ଦେବେନ୍ଦ୍ର ପ୍ରଧାନଙ୍କ ତିରୋଧାନରେ ତାଙ୍କର ଆମର ଆତ୍ମାର ଶାନ୍ତି ପାଇଁ ଶ୍ରଦ୍ଧାଞ୍ଜଳି ଦେବା ସହ ନୀରବ ପ୍ରାର୍ଥନା କରାଯାଇଥିଲା। କୃଷକ କଲ୍ୟାଣ ଟ୍ରଷ୍ଟ ପକ୍ଷରୁ ଡ଼ା. ଦେବେନ୍ଦ୍ର ପ୍ରଧାନଙ୍କ ନାମରେ ଜିଲ୍ଲାର ୩ଟି ବ୍ଲକରୁ ତିନିଜଣ ଉଦ୍ୟୋଗୀକୃତ ଚାଷୀମାନଙ୍କୁ ପ୍ରତ୍ୟେକ ବର୍ଷ ସମ୍ମାନିତ ପାଇଁ ଘୋଷଣା କରାଯାଇଥିଲା। ସମାରୋହରେ କଲଗା ଗ୍ରାମର ଚାଷୀ ତଥା ଶିକ୍ଷକ ଓ ରାଷ୍ଟ୍ରୀୟ ସ୍ୱୟଂସେବକ ଜିଲ୍ଲା କାର୍ଯ୍ୟବାହ ଭକ୍ତବନ୍ଧୁ ବସନ୍ତରାୟଙ୍କୁ ସନାତନ ଧର୍ମ ଉପରେ ଡକ୍ଟରେଟ ଉପାଧି ପାଇଥିବାରୁ ସଭାପତି ଉପଢ଼ୌକନ ଦେଇ ସମ୍ମାନିତ କରିଥିଲେ। ସମ୍ମାନିତ ଅତିଥି ଭାବେ ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ ଓଡ଼ିଶା ପଶ୍ଚିମ ପ୍ରାନ୍ତର ସଦଭାବନା ପ୍ରମୁଖ ସନ୍ତୋଷ କୁମାର କର, ଓଡ଼ିଶା ପଶ୍ଚିମ ପ୍ରାନ୍ତ ଗ୍ରାମବିକାଶ ପ୍ରମୁଖ ସତ୍ୟେଶ୍ୱର ପ୍ରଧାନ ଓ ଟ୍ରଷ୍ଟର ବରିଷ୍ଠ ସଦସ୍ୟ ପବିତ୍ର ମୋହନ ପ୍ରଧାନ, ପ୍ରଦୀପ କୁମାର ଅମାତ ପ୍ରମୁଖ ଉପସ୍ଥିତ ଥିଲେ। ଶେଷରେ ଟ୍ରଷ୍ଟ ସଦସ୍ୟା, ତଥା ରାଷ୍ଟ୍ରୀୟ ସେବିକା ସମିତି ଜିଲ୍ଲା କାର୍ଯ୍ୟବାହିକା ଅନାମିକା ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ।




ହିତାଧିକାରୀଙ୍କୁ ଜୀବନ ବୀମା ରାଶି ପ୍ରଦାନ କରାଯାଉଛି।

## ୨ ବାଲି ବୋଝେଇ ଗାଡ଼ି, ଜେସିବି ମେସିନ ଜବତ

ଲଖନପୁର,୨।୪(ଗୌତମ ସାହୁ)

ଝାରସୁଗୁଡ଼ା ଜିଲ୍ଲା ଲଖନପୁର ବ୍ଲକ ସୀମାନ୍ତ କନକତୋରା ପଞ୍ଚାୟତ ଅନ୍ତର୍ଗତ ଲୁହାବଗାଡ଼ାରୁ ଜାତୀୟ ରାଜପଥ ୪୯କୁ ଯାଉଥିବା ଗ୍ରାମ୍ୟ ରାସ୍ତା ସାତେରା ଛକ ନିକଟରୁ ରେଙ୍ଗାଲି ପୋଲିସ ୨ଟି ବାଲି ବୋଝେଇ ଗାଡ଼ି ଜବତ କରିଛି। ଏହି ଗାଡ଼ି ମଧ୍ୟରେ ଟାଟା ଟେଲର ଆରରେ ୧୮ସିଜି-୧୧୮୪,ଟିପର ସିଜିଏ୩ଏକ୍ସି୪୧୨୭କୁ ଜବତ ସାଙ୍ଗକୁ ନିକଟସ୍ଥ କେଲୋ ନଦୀରୁ ଜେସିବି ମେସିନ ପୋଲିସ ଜବତ କରିଛି। ଏହି ଘଟଣାରେ ଛତିଶଗଡ଼ର ବିଷ୍ଣୁ ସିଦାର, ରାଜଗାଙ୍ଗର ନବୀନ କୁମାର, ମହେଶ କୁମାର, ଅଜିତ ସିଂଙ୍କୁ ବୁଧବାର ଗିରଫ କରି ସନ୍ଧ୍ୟାରେ କୋର୍ଟ ଚାଲାଣ କରାଯାଇଛି। ଦୀର୍ଘ ଦିନ ଧରି କନକତୋରା ଘାଟରୁ ବାଲି ବୋଝେଇ ଗାଡ଼ିଗୁଡିକ ଲୁହାବଗାଡ଼ାରୁ ଜାତୀୟ ରାଜପଥ ୪୯ ଗ୍ରାମ ରାସ୍ତା ଦେଇ ଯାଉଥିବାରୁ ଅଞ୍ଚଳବାସୀ ନାହିଁ ଥିବା ଅସୁବିଧା ସମ୍ମୁଖୀନ ହେଉଛନ୍ତି। ସ୍ଥାନୀୟ ପୋଲିସର ଏହି କାର୍ଯ୍ୟ ପ୍ରଶଂସା କରିବା ସହିତ ଆଗାମୀ ଦିନରେ ଏହି ସଂକୀର୍ଣ୍ଣ ତଥା ଧୂଳିଧୂସର ରାସ୍ତାରେ ଭାରିଯାନ ଚଳାଚଳ ବନ୍ଦ କରିବା ପାଇଁ ପୋଲିସରେ ଦାବି କରିଛନ୍ତି।

## ବିଜାପାଲି ଅଷ୍ଟପ୍ରହର ନାମଯଜ୍ଞ ସମାପନ

ଲଖନପୁର,୨।୪(ଗୌତମ ସାହୁ)

ଝାରସୁଗୁଡ଼ା ଜିଲ୍ଲା ଲଖନପୁର ବ୍ଲକ ପଞ୍ଚାଗାଁ ପଞ୍ଚାୟତ ବିଜାପାଲିଠାରେ ଚାଲିଥିବା ଅଷ୍ଟ ପ୍ରହର ନାମଯଜ୍ଞ ବୁଧବାର ସମାପନ ହୋଇଯାଇଛି। ଜନ୍ମଯଜ୍ଞ ଭୋଇ ଓ ତାଙ୍କ ସ୍ତ୍ରୀ କଳା ଥିବା ବେଳେ ସରୋଜ ବାରିକ, ସୁଦର୍ଶନ ସା, ସୂର୍ଯ୍ୟ ବିଶ୍ୱାଳ, ରକ୍ମଣି ଭୋଇ, କରୁଣା ରଣା, ହିମାଂଶୁ ସା ପ୍ରମୁଖ ସହ ବୟସ୍କ ଦାୟିତ୍ୱ ନିର୍ବାହ କରିଥିଲେ। ଜୟପ୍ରକାଶ ମହାପାତ୍ର ପୂଜା କାର୍ଯ୍ୟ ସମ୍ପାଦନ କରିଥିଲେ। ଏହି କାର୍ଯ୍ୟକ୍ରମ ଉପଲକ୍ଷେ କୁସୁମେଲ, ଦେଉଳପୁଷ୍ଠା, ଗଡ଼ଗଡ଼ାବାହାଲ, କୋଇଲାଙ୍ଗା, ପୁଞ୍ଚୁପାଲି, ସାଲେବହାଲି ପ୍ରମୁଖ ଗାଁର ସଂକୀର୍ତ୍ତନ ଦଳ ଉପସ୍ଥିତ ରହି ନଗର କୀର୍ତ୍ତନ କରିଥିଲେ। ଆଖପାଖ ଅଞ୍ଚଳର ଶତାଧିକ ଶ୍ରଦ୍ଧାଳୁ ଉପସ୍ଥିତ ରହି କାର୍ଯ୍ୟକ୍ରମ ଉପଭୋଗ କରିଥିଲେ।


**OFFICE OF THE COLLECTOR & DISTRICT MAGISTRATE, SUBARNAPUR**
(SOCIAL WELFARE SECTION)
**TENDER CALL NOTICE**
No.1272/ SW Dt.02.04.2025
Sealed tenders are invited for engagement of Transport agent/ Contractor for transportation of food stuff (Rice & Wheat) in Subarnapur district for the year 2025-26. For other details please see notice board of Collector/ DSWO or may visit the official website of Subarnapur District "https://subarnapur.odisha.gov.in."
Sd./- Collector, Subarnapur



**ବିଜ୍ଞପ୍ତି**
ଏତଦ୍ୱାରା ଟେନ୍‌ସା, ବ୍ଲକ୍-କୋଇଡ଼ା, ସୁନ୍ଦରଗଡ଼ର ସ୍ଥାନୀୟ ଜନସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି ଯେ, ମେସର୍ସ କର୍ପ ରିସୋର୍ସେସ୍ ପ୍ରାଇଭେଟ୍ ଲିମିଟେଡ୍, ଗ୍ରାମ- ତନ୍ତରା, ଟେନ୍‌ସା, ସୁନ୍ଦରଗଡ଼ ପରିବେଶ ଓ ଜଙ୍ଗଲ ତଥା ଜଳବାୟୁ ପରିବର୍ତ୍ତନ ମନ୍ତ୍ରଣାଳୟଠାରୁ ୦.୧୨ ମିଲିୟନ ଟନ୍‌ରୁ ୦.୨୪ ଏମ୍‌ଟିପିଏ ଓ ୧ ଏମ୍‌ଟିପିଏର ଧାତବ ବେନିଫିକେସନ୍ ପାଇଁ ବର୍ଦ୍ଧିତ ପରିବେଶ ମଞ୍ଜୁରୀ ପ୍ରାପ୍ତ କରିଛି।
ଇସି ଚିହ୍ନଟ ସଂଖ୍ୟା: ଇସି୨୫ବି୦୦୦୦ଓଆର୍୧୨୯୩୫୯୭ଏନ୍
ଫାଇଲ୍ ନଂ.- ୪୫୫୬୧୮/୦୨ - ଏମ୍‌ଆଇଏ(୧୨-୨୦୨୩
ମଞ୍ଜୁରୀ ପ୍ରକାର - ନୂଆ ଇସି
ବର୍ଗ - ବି୧
୧(କ) ଖଣିଜ ପଦାର୍ଥର ଖନନ, ୨(ଖ) ଗ୍ରାମ-ତନ୍ତରା ଓ ଟେନ୍‌ସା, ତହସିଲ- କୋଇଡ଼ା, ସୁନ୍ଦରଗଡ଼, ଓଡ଼ିଶାରେ ୧.୦ ଏମ୍‌ଟିପିଏ ଷ୍ଟୋପୁଟ୍ ବେନିଫିକେସନ୍ ପ୍ଲାଣ୍ଟର ପ୍ରତିଷ୍ଠା ସହିତ ଲୌହ ଧାତୁପଥର ଉତ୍ପାଦନ କ୍ଷମତାକୁ ୦.୧୨ ଏମ୍‌ଟିପିଏରୁ ୦.୨୪ ଏମ୍‌ଟିପିଏକୁ ବୃଦ୍ଧି କରିବା ନିମନ୍ତେ ତନ୍ତରା ଆଇରନ୍ ଓର୍ ମାଇନ୍ (ଏମ୍‌ଏଲ୍ ଏରିଆ ୭୨.୫୬୦ ହେକ୍ଟର)ର ସମ୍ପ୍ରସାରଣ ନିମନ୍ତେ ଅନୁମତି ମିଳିଛି।


# ପ୍ରବେଶ ଉତ୍ସବ, ଖଡ଼ିଛୁଆଁ ଶିଶୁବାଟିକାର ଶୁଭାରମ୍ଭ

ଝାରସୁଗୁଡ଼ା,୨।୪(ଆଶିଷ ରଞ୍ଜନ ଦାଶ)

ଝାରସୁଗୁଡ଼ା ଜିଲ୍ଲା ଲଇକେରାଠାରେ ପ୍ରବେଶ ଉତ୍ସବ ଓ ଖଡ଼ିଛୁଆଁ ଦିବସ ଶିଶୁ ବଟିକାର ଶୁଭାରମ୍ଭ ବୁଧବାର ପୂର୍ବାହ୍ନ ୧୧ଟାରେ ହୋଇଛି। ଗୋଷ୍ଠୀ ଶିକ୍ଷାଧିକାରୀ ତନ୍ମୟା ଶୁଭଶ୍ରୀ ପିଙ୍ଗଙ୍କ ଅଧ୍ୟକ୍ଷତାରେ ମୁଖ୍ୟଅତିଥି ଭାବେ ଝାରସୁଗୁଡ଼ା ଉପ ଜିଲ୍ଲାପାଳ ସବ୍ୟସାଚୀ ପଣ୍ଡା, ସମ୍ମାନିତ ଅତିଥି ଲଇକେରା ଥାନାଧିକାରୀ ଦିଲୀପ ବେହେରା, ଅତିରିକ୍ତ ଗୋଷ୍ଠୀ ଶିକ୍ଷାଧିକାରୀ ଜଗନ୍ନାଥ ନାଏକ, ହରିଶ୍ଚନ୍ଦ୍ର ନାଏକ ଓ ଅନ୍ୟମାନଙ୍କ ମଧ୍ୟରେ ହେମନ୍ତ ପଟେଲ, ସରପଞ୍ଚ ପ୍ରିୟମ୍ବଦା ବେହେରା, ଗୋବିନ୍ଦ ବିଶ୍ୱାଳ, ପୁଷ୍ପାଞ୍ଜଳି ପ୍ରଧାନ, ହରେଶ ପଟେଲ ଯୋଗଦେଇ ବକ୍ତବ୍ୟ ରଖିଥିଲେ। ଅତିଥିମାନେ ୨୨ଜଣ ଶିଶୁଙ୍କୁ ବସ୍ତାନି ଦେଇ ଖଡ଼ି ଛୁଆଁ କରିଥିଲେ। ପ୍ରବେଶ ଉତ୍ସବ ରଥ ମୁଖ୍ୟଅତିଥି ଉଦ୍‌ଘାଟନ କରିଥିଲେ। ପରେ ଖଡ଼ି ଛୁଆଁ ସଚେତନ ପାଇଁ ଶିକ୍ଷା ରଥ ସମଗ୍ର ବ୍ଲକ ଭ୍ରମଣ କରିଥିଲା। ଶିକ୍ଷକ ତ୍ରୈଲୋକ୍ୟନାଥ ମହାପାତ୍ର ସଭା ପରିଚାଳନା କରିଥିଲେ। ପିଏମ୍ ଶ୍ରୀ କେବିଜେ ସରକାରୀ ଉଚ୍ଚ ବିଦ୍ୟାଳୟରେ ମଧ୍ୟ ପ୍ରବେଶ ଉତ୍ସବ ପାଳନ କରାଯାଇଥିଲା। କାର୍ଯ୍ୟକ୍ରମରେ କିଶୋରୀ ଅମ୍ବା, ଦିଲୀପ କୁମାର ନାଏକ, ମନୋରଞ୍ଜନ ଦଣ୍ଡ, ପ୍ରଦୀପ ନାଏକ, ମଳୟ ବସନ୍ତ ପଟ୍ଟନାୟକ, ଅନିତ କିରଣ ନାଏକ, କୈଳାସ ଚୌଧୁରୀ, ଅଙ୍ଗନବାଡ଼ି କର୍ମୀ ଓ ବ୍ଲକର ସମସ୍ତ ସିଆରସିସି, ଶିକ୍ଷୟିତ୍ରୀଶିକ୍ଷକ, ଶିଶୁମାନଙ୍କ ପିତାମାତା ସହଯୋଗ କରିଥିଲେ। ସେହିପରି ବନ୍ଧବାହାଲ ଏମ୍‌ସିଏଲ ଶିଳ୍ପାଞ୍ଚଳରେ ଥିବା ସମସ୍ତ ବିଦ୍ୟାଳୟରେ ଆରମ୍ଭ ହୋଇଛି। ଏମ୍‌ସିଏଲ୍ ବନ୍ଧବାହାଲ କୋଲନି ପ୍ରାଥମିକ ବିଦ୍ୟାଳୟ ବିଦ୍ୟାଳୟ ଅଧ୍ୟକ୍ଷ ଶିଶୁପାଳ ଦୁବେ କାର୍ଯ୍ୟକ୍ରମ ଉଦ୍‌ଘାଟନ କରିଥିଲେ। ବିଦ୍ୟାଳୟ ପ୍ରଧାନ ଶିକ୍ଷୟିତ୍ରୀଙ୍କ ସମେତ ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକ ଓ ଅଭିଭାବକ ଉପସ୍ଥିତ ରହି ଛୋଟ ଛୋଟ ପିଲାଙ୍କୁ ଉତ୍ସାହିତ କରିଥିଲେ।



ସଚେତନ ଶିକ୍ଷା ରଥ ଉଦ୍‌ଘାଟନ କରାଯାଉଛି।

## ଜିଲ୍ଲାପାଳଙ୍କ ଦ୍ୱାରା ଜଳ ସେବା କେନ୍ଦ୍ର ଉଦ୍‌ଘାଟିତ

ଝାରସୁଗୁଡ଼ା,୨।୪(ଆଶିଷ ରଞ୍ଜନ ଦାଶ)

ଝାରସୁଗୁଡ଼ା ପୌରାଞ୍ଚଳ ଦ୍ୱାରା ଖରା ଦିନ ପାଇଁ ସହରର ବିଭିନ୍ନ ସ୍ଥାନରେ ପାନୀୟ ଜଳ ସେବା କେନ୍ଦ୍ରଗୁଡିକ ଖୋଲା ଯାଉଥିବା ବେଳେ ବୁଧବାର ପୂର୍ବାହ୍ନ ୧୧ଟାରେ ବେହେରାମାଲସ୍ଥିତ ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଜଳ ସେବା କେନ୍ଦ୍ର ଜିଲ୍ଲାପାଳ ସୁନିଲ ଆବୋଲି ନାରାୟଣ ଉଦ୍‌ଘାଟନ କରିଛନ୍ତି। ଉଦ୍‌ଘାଟନୀ ସମାରୋହରେ ଝାରସୁଗୁଡ଼ା ପୌର ପରିଷଦ ଅଧକ୍ଷା ରାନୀ ହାତି, ଉପ ମାନସ ରଞ୍ଜନ ମଲ୍ଲିକ, ସମସ୍ତ କାଉନସିଲର ତଥା ସହରର ବହୁ ବ୍ୟକ୍ତି ଉପସ୍ଥିତ ଥିଲେ। ଉପସ୍ଥିତ ସମସ୍ତ ଅତିଥି ଏବଂ ସାଧାରଣ ଲୋକଙ୍କୁ ଦହିରେ ତିଆରି ହୋଇଥିବା ପାନୀୟ ଜଳ ପୌର ପରିଷଦ କର୍ତ୍ତୃପକ୍ଷ ବଣ୍ଟନ କରିଥିଲେ। ଝାରସୁଗୁଡ଼ା ପୌର ପରିଷଦ ସମସ୍ତ ଭିଡ଼ ସ୍ଥାନଗୁଡ଼ିକରେ ପାନୀୟ ଜଳ ସେବା କେନ୍ଦ୍ରଗୁଡିକ ଖୋଲା ଯାଇଥିବା ବେଳେ ଖରାର ପ୍ରଭାବ ଥିବା ପର୍ଯ୍ୟନ୍ତ ଏହା ଚାଲୁ ରହିବ ବୋଲି ଉପ ମାନସ ରଞ୍ଜନ ମଲ୍ଲିକ କହିଛନ୍ତି।


କାନାରା ବ୍ୟାଙ୍କ Canara Bank
କ୍ଷେତ୍ରୀୟ କାର୍ଯ୍ୟାଳୟ: କଟକ
**ସଂଶୋଧନ ପତ୍ର**
ତା.୩୦.୦୩.୨୦୨୫ରିଖ ଦୈନିକ ଧରିତ୍ରୀରେ ପ୍ରକାଶିତ ଆମର "ଦିବାସ ନୋଟିସ୍"ରେ ଉଲ୍ଲେଖିତ ସମ୍ପତ୍ତି ସୂଚି ସଂଶୋଧନ ପାଇଁ ନିମ୍ନରେ ଦର୍ଶାଯାଇଛି। ଶାଖାର ନାମ "ଆରମ୍ଭ ଶାଖା" ପରିବର୍ତ୍ତେ "ଭାରମ୍ଭ ଶାଖା" ପଢ଼ନ୍ତୁ। ଅନ୍ୟାନ୍ୟ ସମସ୍ତ ତଥ୍ୟ ଅପରିବର୍ତ୍ତିତ ରହିବ।
ତା.୦୨.୦୪.୨୦୨୫ / କ୍ଷମତାପ୍ରାପ୍ତ ଅଧିକାରୀ


# ଜିଲ୍ଲାସ୍ତରୀୟ ପ୍ରବେଶ ଉତ୍ସବ, ଖଡ଼ିଛୁଆଁ ଦିବସ

ଦେବଗଡ଼,୨।୪(ଶଶାଙ୍କ ଶେଖର ଝାଙ୍କର)

ଦେବଗଡ଼ ସମଗ୍ର ଶିକ୍ଷା ଆନୁକୂଲ୍ୟରେ ସ୍ଥାନୀୟ ବାଳକ ପ୍ରାଥମିକ ବିଦ୍ୟାଳୟରେ ବୁଧବାର ଜିଲ୍ଲାସ୍ତରୀୟ ପ୍ରବେଶ ଉତ୍ସବ ଓ ଖଡ଼ିଛୁଆଁ ଦିବସ ଶିଶୁ ବଟିକାର ଶୁଭାରମ୍ଭ ହୋଇଯାଇଛି। ଜିଲ୍ଲାପାଳ କବୀନ୍ଦ୍ର କୁମାର ସାହୁଙ୍କ ସଭାପତିତ୍ୱରେ ଆୟୋଜିତ ଉଦ୍‌ଘାଟନୀ ଉତ୍ସବରେ ଜିଲ୍ଲା ପରିଷଦ ଅଧ୍ୟକ୍ଷ କୌଶିକ କୁମାର ପ୍ରଧାନ, ବରେଣ୍ୟ ସମ୍ମାନିତ ଅତିଥି ଭାବେ ଅତିରିକ୍ତ ଜିଲ୍ଲାପାଳ ରେବେକା ବିଲୁଙ୍ଗ, ଉପ ଜିଲ୍ଲାପାଳ ପରୀକ୍ଷିତ ସାହୁ, ଏମ୍‌ପି ପ୍ରତିନିଧି ଅରୁଣ କୁମାର ସାହୁ, ପୌର ପରିଷଦ ଭାରପ୍ରାପ୍ତ ଅଧ୍ୟକ୍ଷ ପ୍ରଜିତ କୁମାର ଭୋଇ, ବିଧାୟକ ପ୍ରତିନିଧି ଚନ୍ଦ୍ରଶେଖର ଭୁଞ୍ଜ ପ୍ରମୁଖ ଯୋଗଦେଇ ବିଘ୍ନ ବିନାଶକ ଶ୍ରୀଗଣେଶଙ୍କ ନିକଟରେ ଦୀପ ପ୍ରଜ୍ୱଳନ ପୂର୍ବକ କାର୍ଯ୍ୟକ୍ରମ ଶୁଭାରମ୍ଭ କରିଥିଲେ। ବିଦ୍ୟାଳୟର ଛାତ୍ରୀଛାତ୍ରୀମାନଙ୍କ ଗୁଣାତ୍ମକ ଶିକ୍ଷାର ଉଦ୍ଦେଶ୍ୟ ପୂରଣ କରିବା ନିମନ୍ତେ ନୂତନ ଶିକ୍ଷା ନୀତି ୨୦୨୦ ଅନୁଯାୟୀ ୫ ବର୍ଷରୁ ଊର୍ଦ୍ଧ୍ୱ ଛାତ୍ରଛାତ୍ରୀମାନଙ୍କ ନିମିତ୍ତ ଉଦ୍ଦିଷ୍ଟ ଶିଶୁବଟିକାରେ ନାମ ଲେଖାଇ ଏକ ଉତ୍ତମ, ସଙ୍ଗଠିତ ଏବଂ ଅନୁଭୂତି ମୂଳକ ଶିକ୍ଷଣ ପରିବେଶ ପାଇପାରିବେ ବୋଲି ମଞ୍ଚାସୀନ ଅତିଥିମାନେ ମତବ୍ୟକ୍ତ କରିଥିଲେ। ସଭା ପ୍ରାରମ୍ଭରେ ଜିଲ୍ଲା ଶିକ୍ଷା ଅଧିକାରୀ ଗେଦରା କୁଜୁରଙ୍କ ସ୍ୱାଗତ ଭାଷଣ ସହ କାର୍ଯ୍ୟକ୍ରମର ରୂପରେଖ ସମ୍ପର୍କରେ ଆଲୋକପାତ କରାଯାଇଥିଲା। ସୁଗୁଡା ସିଆରସିସି ପ୍ରାଣବନ୍ଧୁ ଘଡେଇ ମଞ୍ଚ ପରିଚାଳନା କରିଥିବା ବେଳେ ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ବିନୋଦ ସିଂ ଧନ୍ୟବାଦ ଅର୍ପଣ କରିଥିଲେ। ପୌରାଞ୍ଚଳର ୧୧ଟି ବିଦ୍ୟାଳୟରୁ ଆସିଥିବା ମୋଟ ୫୮ଜଣ ନୂତନ ଛାତ୍ରଛାତ୍ରୀମାନଙ୍କ ମଧ୍ୟରୁ ୧୦ଜଣ ଛାତ୍ରୀଛାତ୍ରମାନଙ୍କୁ ଅତିଥିମାନଙ୍କ ଦ୍ୱାରା କିଟ ବଣ୍ଟନ କରାଯାଇଥିଲା। ପରବର୍ତ୍ତୀ ପର୍ଯ୍ୟାୟରେ ଜିଲ୍ଲା ଶିକ୍ଷା ଅଧିକାରୀ ଗେଦରା କୁଜୁର, ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ବିନୋଦ ସିଂ, ଶକୁନ୍ତଳା ଟେଟେ, ଯୋଜନା ସଂଯୋଜକ ତପନ କୁମାର ସାହୁ, ବାଳିକା ଶିକ୍ଷା ସଂଯୋଜିକା ସୀମାରାଣୀ ପାଣିଗ୍ରାହୀ ପ୍ରମୁଖ ଉପସ୍ଥିତ ରହି ଛାତ୍ରଛାତ୍ରୀମାନଙ୍କୁ କିଟ୍ ବଣ୍ଟନ କରିଥିଲେ। ନୂତନ ଭାବେ ଆସିଥିବା ଶିଶୁମାନଙ୍କୁ ଅତିଥିମାନଙ୍କ ଦ୍ୱାରା ଖଡ଼ିଛୁଆଁ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ସମଗ୍ର ଶିକ୍ଷା ପକ୍ଷରୁ ଜିଲ୍ଲାର ପ୍ରତ୍ୟେକ ପଞ୍ଚାୟତରେ ସଚେତନ କରାଇବା ନିମନ୍ତେ ୩ଟି ସଚେତନତା ରଥ ଅତିଥିମାନେ ସବୁଜ ପତାକା ଦେଖାଇ ଉଦ୍‌ଘାଟନ କରିଥିଲେ। ଏହି କାର୍ଯ୍ୟକ୍ରମ ପରିଚାଳନାରେ ଜିଲ୍ଲା ଶିକ୍ଷା କାର୍ଯ୍ୟାଳୟ ବିଭାଗୀୟ ଅଧିକାରୀ ସୌଭାଗ୍ୟ କୁମାର ପ୍ରଧାନ, ଯୋଜନା ସଂଯୋଜକ ତପନ କୁମାର ସାହୁ, ବାଳିକା ଶିକ୍ଷା ସଂଯୋଜିକା ସୀମାରାଣୀ ପାଣିଗ୍ରାହୀ, ପ୍ରୋଗ୍ରାମର ଶ୍ରୀନିବାସ ପଣ୍ଡା, ଆକାଉଣ୍ଟାଣ୍ଟ ସଞ୍ଜୀବ କୁମାର ମିଶ୍ର, ଦୀପିକା ମିଶ୍ର ଝରଣା ସାହୁ, ଶଶାଙ୍କ ଶେଖର ଚୌଧୁରୀ, ସିଆରସିସି ତୃପ୍ତିମଣି ସାହୁ, ଜେନସ କୁମାର ପ୍ରଧାନ, ଉଦୟନାଥ ପ୍ରଧାନ, କୁମୁଦ ବନ୍ଧୁ ପ୍ରଧାନ, ଶିକ୍ଷକ ଭବାନୀକାନ୍ତ ପ୍ରଧାନ, ସୌମିତ୍ରୀ ମହାପାତ୍ର ପ୍ରମୁଖ ସକ୍ରିୟ ସହଯୋଗ କରିଥିଲେ।



କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି ଏବଂ ଅନ୍ୟମାନେ।


**GOVERNMENT OF ODISHA**
**DEPARTMENT OF WATER RESOURCES**
**OFFICE OF THE ADDITIONAL CHIEF ENGINEER**
**CENTRAL IRRIGATION CIRCLE, BHUBANESWAR**
**'e' Procurement Notice No. ACECIC - 19/2024-25**
No.A-1250

| Procurement Officer | Bid Identification No. | Name of Work | Cost of Work (Rs. in Lakhs) | Bid Security (Rs.) E.M.D. | Cost of Bid documents (Rs.) | Class of Contractor | Bid documents available online for bidding From | To | Date of opening of Technical Bid | Period of completion of work |
|---|---|---|---|---|---|---|---|---|---|---|
| ACE, CIC, BHUBANESWAR | NGR-09/2024-25 | Cement Concrete Lining in Right Distributary of Kuanria Irrigation Project from RD.11.00 Km to 18.20 Km | 834.63 | 834700/-(Online) | 10000/-(Online) | "A" & "Special" Class | 05.04.2025 At 10.00 Hours | 19.04.2025 At 17.00 Hours | 21.04.2025 At 11.00 Hours | 18 (Eighteen Calendar Month) |

e-mail ID : secic_dowr@yahoo.com
Further details conditions can be seen from Govt. website www.tenderorissa.gov.in
Sd./- Additional Chief Engineer, Central Irrigation Circle
OIPR-32160/11/0023/2425



**ୟୁକୋ ବ୍ୟାଙ୍କ**
ଆଞ୍ଚଳିକ କାର୍ଯ୍ୟାଳୟ, ୟୁକୋ ବ୍ୟାଙ୍କ ବିଲ୍ଡିଂ, ୨ୟ ମହଲା, ସି-୨, ଅଶୋକ ନଗର, ଭୁବନେଶ୍ୱର-୭୫୧୦୦୯, ଫୋନ୍: ୦୬୭୪-୨୬୨୦୪୨୩
**ଦଖଲ ନୋଟିସ୍**
ସ୍ଥାବର ସମ୍ପତ୍ତି ନିମନ୍ତେ
(ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନଷ୍ଟ୍ରକ୍ସନ୍ ଅଫ୍ ଫାଇନାନ୍‌ସିଆଲ ଆସେଟ୍ସ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ର ଧାରା ୧୩ (୪) ସହିତ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ ୨୦୦୨ର ରୁଲ୍ ୮ ଅନୁଯାୟୀ ସ୍ଥାବର ସମ୍ପତ୍ତି ନିମନ୍ତେ)
ନିମ୍ନ ସ୍ୱାକ୍ଷରକାରୀ ୟୁକୋ ବ୍ୟାଙ୍କ, ଦଳାଇସାହି ଶାଖାର କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଦ୍ୱାରା ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନଷ୍ଟ୍ରକ୍ସନ୍ ଅଫ୍ ଫାଇନାନ୍‌ସିଆଲ ଆସେଟ୍ସ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ (ଆକ୍ଟ ୫୪) ଧାରା ୧୩ (୧୨) ଅନୁଯାୟୀ ପ୍ରଦତ୍ତ କ୍ଷମତା ସହିତ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ, ୨୦୦୨ର ରୁଲ୍ ୩ ଅନୁସାରେ ନିମ୍ନଲିଖିତ ଋଣଗ୍ରହୀତା/ଗ୍ୟାରେଣ୍ଟରଙ୍କୁ ଦାବି ନୋଟିସ୍ ଜାରି କରାଯାଇଥିଲା। ଋଣଗ୍ରହୀତା ଦାବି ପରିଶୋଧ କରିବାରେ ବିଫଳ ହୋଇଥିବାରୁ ଋଣଗ୍ରହୀତା/ଗ୍ୟାରେଣ୍ଟର ଏବଂ ସର୍ବସାଧାରଣଙ୍କୁ ଜଣାଇ ଦିଆଯାଉଛି ଯେ ନିମ୍ନସ୍ୱାକ୍ଷରକାରୀ ଉକ୍ତ ଆକ୍ଟର ଧାରା ୧୩(୪) ସହିତ ରୁଲ୍ ୮ ଅନୁଯାୟୀ ନିମ୍ନରେ ବର୍ଣ୍ଣିତ ସମ୍ପତ୍ତିର ଦଖଲ ନେଇଛନ୍ତି। ଋଣଗ୍ରହୀତା/ଗ୍ୟାରେଣ୍ଟର ଏବଂ ସର୍ବସାଧାରଣଙ୍କୁ ସତର୍କ କରାଯାଉଛି ଯେ, ଉକ୍ତ ସମ୍ପତ୍ତି ସହିତ କୌଣସି କାରବାର କରିବେ ନାହିଁ ଏବଂ ଏହି ସମ୍ପତ୍ତି ଉପରେ କୌଣସି କାରବାର ୟୁକୋ ବ୍ୟାଙ୍କ, ଦଳାଇସାହି ଶାଖା ନିକଟରେ ବକେୟା ରାଶି ସହିତ ସୁଧ ଏବଂ ଖର୍ଚ୍ଚ ପାଇଁ ଦାୟବଦ୍ଧ ରହିବ।

| ଦଳାଇସାହି ଶାଖା / ଋଣଗ୍ରହୀତା/ଗ୍ୟାରେଣ୍ଟରଙ୍କ ନାମ ଓ ଠିକଣା | ଧାର୍ଯ୍ୟ ତାରିଖ ସୁଦ୍ଧା ବକେୟା ରାଶିର ପରିମାଣ | ଡିମାଣ୍ଡ ନୋଟିସ୍ / ଦଖଲ ନୋଟିସ୍ ତାରିଖ | ସ୍ଥାବର ସମ୍ପତ୍ତିର ବିବରଣୀ |
|---|---|---|---|
| ଋଣଗ୍ରହୀତା: ଶେଖ ଅବାଦୁର ରହେମାନ / ଗ୍ୟାରେଣ୍ଟରଙ୍କ ନାମ: ରୋଜିଆ ବେଗମ, ... ସା: ଦଳାଇସାହି, ପୋ: ମାଣିକଗୋଡ଼ା, ଜିଲ୍ଲା: ଖୋର୍ଦ୍ଧା-୭୫୨୦୬୬ | ଟ.୧୨,୨୦,୫୨୪.୫୩ + ଭବିଷ୍ୟତ ସୁଧ ଏବଂ ଅନ୍ୟାନ୍ୟ ଖର୍ଚ୍ଚ | ୧୯.୧୨.୨୦୨୪ / ୨୮.୦୩.୨୦୨୫ | ଶେଖ ଅବାଦୁର ରହେମାନଙ୍କ ନାମରେ ଥିବା ଜମି ଏବଂ ଗୃହ ସମ୍ପତ୍ତି, ମୌଜା: ମାଣିକଗୋଡ଼ା, ଜିଲ୍ଲା: ଖୋର୍ଦ୍ଧା-୭୫୨୦୬୬ ... |

କ୍ଷେତ୍ର: ୨୦୮.୯୭ ବର୍ଗଫୁଟ ...
ସ୍ଥାନ: ଭୁବନେଶ୍ୱର, ତାରିଖ : ୦୨.୦୪.୨୦୨୫ — କ୍ଷମତାପ୍ରାପ୍ତ ଅଧିକାରୀ, ୟୁକୋ ବ୍ୟାଙ୍କ

# ମଣିପାଲ ହସ୍ପିଟାଲର ଅତ୍ୟାଧୁନିକ ବର୍ନ ୟୁନିଟ୍ ଉଦ୍‌ଘାଟିତ

ଭୁବନେଶ୍ୱର,୨।୪

ରାଜ୍ୟର ପ୍ରମୁଖ ଘରୋଇ ଚିକିତ୍ସାଳୟ ତଥା ଭୁବନେଶ୍ୱରର ଖଣ୍ଡଗିରିସ୍ଥିତ ମଣିପାଲ ହସ୍ପିଟାଲରେ ଏକ ଅତ୍ୟାଧୁନିକ ବର୍ନ ୟୁନିଟ୍ ବୁଧବାର ଉଦ୍‌ଘାଟିତ ହୋଇଯାଇଛି। ଏହି ୬ ଶଯ୍ୟା ବିଶିଷ୍ଟ ବର୍ନ ୟୁନିଟ୍‌ରେ ସମସ୍ତ ପ୍ରକାର ଅତ୍ୟାଧୁନିକ ଚିକିତ୍ସା ସୁବିଧା ଅଭିଜ୍ଞ ଡାକ୍ତର ଓ ନର୍ସଙ୍କ ଦ୍ୱାରା ପ୍ରଦାନ କରାଯିବ। ବିଶେଷ କରି ପୋଡ଼ିହୋଇଯାଇଥିବା ଅନେକ ଗୁରୁତର ରୋଗୀଙ୍କୁ ସମ୍ପୂର୍ଣ୍ଣ ଚିକିତ୍ସା ସେବା ପ୍ରଦାନ କରାଯାଇପାରିବ। ନୂତନ ଭାବେ ଉଦ୍‌ଘାଟିତ ହୋଇଥିବା ଏହି ବର୍ନ ୟୁନିଟ୍ ଗମ୍ଭୀର ଭାବେ ଆଘାତ ହୋଇଥିବା ରୋଗୀଙ୍କୁ ଚିକିତ୍ସା ପ୍ରଦାନ କରିବା ପାଇଁ ସମର୍ପିତ ରହିଛି। ଏଥିରେ ଜରୁରିକାଳୀନ ଚିକିତ୍ସା, ସର୍ଜରି, ଆଇସିୟୁ ଏବଂ ପୁନର୍ବାସନ ସେବା ଯୋଗାଇ ଦିଆଯାଉଛି। ରୋଗୀଙ୍କ ଭଲ ଭାବେ ଚିକିତ୍ସା କରିବା ପାଇଁ ଏହି ବର୍ନ ୟୁନିଟ୍‌ରେ ବ୍ୟକ୍ତିଗତ ଆଇସୋଲେଶନ ୱାର୍ଡ ସୃଷ୍ଟି କରାଯାଇଛି, ଯାହାକି ସଂକ୍ରମଣ ହେବା ସମ୍ଭାବନାକୁ କମ୍ କରିଥାଏ।

ଏହି ଅବସରରେ ମଣିପାଲ ହସ୍ପିଟାଲର ଗ୍ରୁପ୍ ସିଓଓ କାର୍ତ୍ତିକ ରାଜଗୋପାଳ, ଆସୋସିଏଟ୍ ଭାଇସ୍ ପ୍ରେସିଡେଣ୍ଟ ମଧୁର ଗୋପାଲ , କ୍ଲଷ୍ଟର ଡାଇରେକ୍ଟର ସୁଧାକର କାନ୍ତିପୁଡି, ମଣିପାଲ ହସ୍ପିଟାଲ ଭୁବନେଶ୍ୱରର ମେଡିକାଲ ଡାଇରେକ୍ଟର ଡାକ୍ତର ଶକ୍ତିମୟ ମହାପାତ୍ରଙ୍କ ସମେତ ମଣିପାଲ ହସ୍ପିଟାଲର ପ୍ଲାଷ୍ଟିକ୍ ସର୍ଜନ ଡାକ୍ତର ବିଶ୍ୱଜିତ ମିଶ୍ର ଏବଂ ଡାକ୍ତର କୀର୍ତ୍ତିକେତନ ପ୍ରଧାନ ଉପସ୍ଥିତ ଥିଲେ। ଏ ସମ୍ପର୍କରେ ମଣିପାଲ ହସ୍ପିଟାଲର ଗ୍ରୁପ୍ ସିଓଓ କାର୍ତ୍ତିକ ରାଜଗୋପାଳ କହିଛନ୍ତି , ମଣିପାଲ ହସ୍ପିଟାଲ ଭୁବନେଶ୍ୱରରେ ବର୍ନ ଚିକିତ୍ସା ପାଇଁ ସମସ୍ତ ପ୍ରକାର ଅତ୍ୟାଧୁନିକ ଚିକିତ୍ସା ସୁବିଧା, ଅଭିଜ୍ଞ ଡାକ୍ତରଙ୍କ ଦ୍ୱାରା ସୁଲଭ ମୂଲ୍ୟରେ ଉପଲବ୍ଧ। ସେହିଭଳି ଭୁବନେଶ୍ୱରର ମେଡିକାଲ ଡାଇରେକ୍ଟର ଡାକ୍ତର ଶକ୍ତିମୟ ମହାପାତ୍ର କହିଥିଲେ, ହସ୍ପିଟାଲରେ ବର୍ନ ୟୁନିଟ୍ ଉଦ୍‌ଘାଟିତ ହେବା ନିଶ୍ଚିତ ଭାବେ ଏକ ଖୁସି ଖବର। ଏହା ଫଳରେ ଆମେ ସମସ୍ତ ପ୍ରକାର ବର୍ନ ସମସ୍ୟାର ସଫଳ ଚିକିତ୍ସା କରିବା ପାଇଁ ସହାୟକ ହେବ। ଏଥିପାଇଁ ସେ ବର୍ନ ୟୁନିଟ୍‌ର ସମସ୍ତ ଡାକ୍ତର, ନର୍ସ ଓ ଅନ୍ୟ କର୍ମଚାରୀଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।


ଭୁବନେଶ୍ୱରର ମଣିପାଲ ହସ୍ପିଟାଲର ଅତ୍ୟାଧୁନିକ ବର୍ନ ୟୁନିଟ୍ ଉଦ୍‌ଘାଟନୀ ଉତ୍ସବରେ ନିମନ୍ତ୍ରିତ ଅତିଥି ଓ ଅନ୍ୟମାନେ ଉପସ୍ଥିତ ଅଛନ୍ତି।

# ବଜାର ଚାହିଦାକୁ ଦେଖି ବ୍ୟବସାୟ କରିବା ଉଚିତ

**କେନ୍ଦୁଝର ଜିଲା ବଡ଼ବିଲଠାରେ ଏସେନ୍ ହିରୋର ନିର୍ଦ୍ଦେଶକ ପ୍ରଦୀପ କୁମାର ଥାକରଙ୍କ ଜନ୍ମ। ସେଠାରେ ସ୍କୁଲ ପଢ଼ା ସାରିବା ପରେ ଭୁବନେଶ୍ୱର ବିଜେବି କଲେଜରୁ ବାଣିଜ୍ୟରେ ସମ୍ମାନ ସହ ସ୍ନାତକ ଉତ୍ତୀର୍ଣ୍ଣ ହୋଇଥିଲେ। ଫାଇନାନ୍ସ ମ୍ୟାନେଜମେଣ୍ଟରେ ଡିଗ୍ରୀ ହାସଲ ପରେ ଚାକିରି ଜୀବନ ଆରମ୍ଭ କରିଥିଲେ। ମାତ୍ର ସେ ଚାକିରିରେ ବାନ୍ଧି ହୋଇପାରି ନ ଥିଲେ। ପରବର୍ତ୍ତୀ ସମୟରେ ବ୍ୟବସାୟ ଜଗତରେ ପାଦ ଦେଇଥିଲେ। ଖଣି ବ୍ୟବସାୟ, ରିୟଲ ଇଷ୍ଟେଟ୍ ଓ ଅଟୋମୋବାଇଲ କ୍ଷେତ୍ରରେ ଜଣେ ସଫଳ ଉଦ୍ୟୋଗୀ ଭାବେ ପରିଚିତ ଥାକରଙ୍କ ସହ ଧରିତ୍ରୀର ସ୍ୱତନ୍ତ୍ର ସାକ୍ଷାତକାର...**


ପ୍ରଦୀପ କୁମାର ଥାକର

**ପ୍ର– ଚାକିରି ଜୀବନରୁ ବ୍ୟବସାୟିକ ଯାତ୍ରା ସମ୍ପର୍କରେ କ'ଣ କହିବେ?**

ଉ– ଦିଲ୍ଲୀଠାରେ ମୋଦି ଜେରକ୍ସ କମ୍ପାନୀରେ ଫାଇନାନ୍ସମ୍ୟାନେଜର ଭାବେ କାର୍ଯ୍ୟରେ ଯୋଗ ଦେଇଥିଲି। ମାତ୍ର ବ୍ୟବସାୟ ପ୍ରତି ମୋର ବେଶ୍ ରୁଚି ଥିଲା। ବଡ଼ବିଲରେ ମୋ ବାପାଙ୍କ ଖଣି ବ୍ୟବସାୟ ଥିଲା। ତେଣୁ ବାପାଙ୍କ ପ୍ରେରଣାରେ ମୁଁ ପାରିବାରିକ ବ୍ୟବସାୟରେ ଯୋଗଦେଲି। ପୂର୍ବରୁ ମୋର ୨ ବଡ଼ଭାଇ ମଧ ଖଣି ଖନନ କାର୍ଯ୍ୟରେ ବାପାଙ୍କୁ ବ୍ୟବସାୟରେ ସହଯୋଗ କରୁଥିଲେ। ମୁଁ ବ୍ୟବସାୟକୁ ଆଉ ଟିକେ ମେକାନାଇଜ କରି ବଡ଼ ବଡ଼ ଯନ୍ତ୍ର ଲଗାଇ ଅଭିବୃଦ୍ଧି କରାଇଲି। ୧୯୯୭ ମସିହାରେ ଦାମୀ ଖଣିଖୋଳା ମେଶିନ କୋମାସୁ ବଡ଼ବିଲ ଓ କେନ୍ଦୁଝରରେ ବିକ୍ରୟ ଆରମ୍ଭ କଲି। କେନ୍ଦୁଝର ଜିଲା ଖଣି ପରିବ୍ୟାପ୍ତ ଅଞ୍ଚଳ ହୋଇଥିବାରୁ ଏଠାରେ ଏହି ମେଶିନର ବିକ୍ରୟ ଓ ସେବା ବେଶ୍ ଭଲ ଚାଲିଲା।

**ପ୍ର– ଖଣି ବ୍ୟବସାୟ ଥିବା ସତ୍ତ୍ୱେ ରିୟଲ ଇଷ୍ଟେଟ୍‌କୁ ବାଛିଲେ କାହିଁକି?**

ଉ– ୨୦୦୩ରେ ବଡ଼ବିଲଠାରେ ଖଣି ବ୍ୟବସାୟ ସହ ସମ୍ପୃକ୍ତ ଓ ଖନନରେ ଯୋଡ଼ି ହୋଇଥିବା ବହୁ ଲୋକ କାର୍ଯ୍ୟରତ ଥାଆନ୍ତି। ମାତ୍ର ଏଠାରେ ବସବାସ ପାଇଁ ପର୍ଯ୍ୟାପ୍ତ ସୁଯୋଗ ନ ଥିଲା। ଏହାର ଆବଶ୍ୟକତାକୁ ମୁଁ ଉପଲବ୍ଧି କରି ପ୍ରଥମେ ବଡ଼ବିଲଠାରେ ଏସେନ୍ କନ୍‌ଷ୍ଟ୍ରକ୍ସନ୍ ଆରମ୍ଭ କଲି। ଏହି ପ୍ରକଳ୍ପରେ ୪ଟି ବ୍ଲକରେ ୧୦୦ଟି ଫ୍ଲାଟର ଯୋଜନା ରହିଥିଲା। ସେତେବେଳେ ଫ୍ଲାଟର ଚାହିଦା ଭଲ ଥିବା ହେତୁ ମୁଁ ସଫଳ ହେଲି ଓ ଏହି ଅଭିଜ୍ଞତାକୁ ନେଇ ଭୁବନେଶ୍ୱରର ଚନ୍ଦ୍ରଶେଖରପୁରଠାରେ ଲାଇଫ୍ ଷ୍ଟାଇଲ୍ ଇନ୍‌ଫୋସିଟି ଗ୍ରୀନ୍ ନାମରେ ଆଉ ଏକ ପ୍ରକଳ୍ପ ଆରମ୍ଭ କଲି।

**ପ୍ର– ବର୍ତ୍ତମାନ ରିଅଲ୍ ଇଷ୍ଟେଟ ବ୍ୟବସାୟରେ ଉନ୍ନତି କିପରି ଦେଖୁଛନ୍ତି?**

ଉ– ରିଅଲ ଇଷ୍ଟେଟ୍ ବ୍ୟବସାୟରେ ଯଥେଷ୍ଟ ସମ୍ଭାବନା ରହିଛି। ଓଡ଼ିଶାର ଭୁବନେଶ୍ୱର, ରାଉରକେଲା, ବଡବିଲ, ଝାରସୁଗୁଡ଼ା ଓ ବରଗଡ଼ ଆଦି ଅଞ୍ଚଳରେ ଆମେ ୪୨ଟି ପ୍ରକଳ୍ପ ସମ୍ପୂର୍ଣ୍ଣ କରିପାରିଛୁ। ଏଥିରେ ପ୍ରାୟତଃ ୨୦୦୦ରୁ ଅଧିକ ଫ୍ଲାଟ୍ ଆମେ ବିକ୍ରି କରିପାରିଛୁ। ପରେ ଖୁସି ରିୟଲକନ୍ ପ୍ରାଇଭେଟ ଲିମିଟେଡ୍ ଆରମ୍ଭ କରି ବଡ଼ ପ୍ରକଳ୍ପକୁ ନିର୍ମାଣ କରିବାରେ ନିଷ୍ପତ୍ତି ନେବାକୁ ହେଲା।

**ପ୍ର– ଦୁଇ ଦୁଇଟି କ୍ଷେତ୍ରରେ ସଫଳ ହେବା ପରେ ଅଟୋ ମୋବାଇଲ ବ୍ୟବସାୟ କଥା କିପରି ଚିନ୍ତା କଲେ?**

ଉ– ପୂର୍ବରୁ ଅଟୋମୋବାଇଲର ଅଭିଜ୍ଞତା ଥିଲା। ଉତ୍ତର ପିଢ଼ିକୁ ନୂଆ ଦିଗ ଦେଖାଇବା ପାଇଁ ଏସେନ୍ ଅଟୋ ମୋବାଇଲ କ୍ଷେତ୍ରରେ ବ୍ୟବସାୟ ଆରମ୍ଭ ପାଇଁ ଚିନ୍ତା କରିଥିଲୁ। ଓଡ଼ିଶାରେ ୨ ଚକିଆଯାନର ବହୁଳ ବ୍ୟବହାର ରହିଛି। ଏଥିରେ ମୋର ବଡ଼ ପୁତୁରା ସୌରଭ ଥାକର୍ ମୁଖ୍ୟ ଭୂମିକା ନେଇ ସବୁ ଦେଖାଶୁଣା କରୁଛନ୍ତି। ସେ ମୋଠାରୁ କେବଳ ଆର୍ଥିକ କ୍ଷେତ୍ରରେ ପରାମର୍ଶ ନେଇଥାନ୍ତି। କଟକର ଶିଖରପୁର ଓ ପୁରୀ ଘାଟସ୍ଥିତ ହିରୋ ମୋଟୋ କର୍ପ ଆମନ୍ତ୍ରଣ କ୍ରମେ ହିରୋ ପ୍ରିମିୟା– ଶୋରୁମ ଖୋଲିବାର ନିଷ୍ପତ୍ତି ନେଲୁ। ଏଥିରେ ୧୫୦ ସିସିରୁ ୬୫୦ ସିସି ପର୍ଯ୍ୟନ୍ତ ପ୍ରିମିୟମ୍ ଯାନ ପ୍ରତି ବିଶେଷ ଧ୍ୟାନ ଦେଲୁ। ଗୋଟିଏ ସ୍ଥାନରେ ଯୁବବର୍ଗ ଏବଂ ବାଇକ୍ ଲଭରଙ୍କ ଆଶା ପୂରଣ କରିବାରେ ସଫଳ ହୋଇପାରିଛୁ।

**ପ୍ର– ବ୍ୟବସାୟିକ ସଫଳତା କେତେ ସନ୍ତୋଷ ପ୍ରଦାନ କରିଥାଏ? ଆଗାମୀ ଦିନରେ ବ୍ୟବସାୟ ବଢ଼ାଇବାର ଯୋଜନା ରହିଛି କି?**

ଉ– ବ୍ୟବସାୟରେ ଏକ ଛୋଟ ଆରମ୍ଭରୁ ନେଇ ୨୦୦ ଲୋକଙ୍କୁ ନିଯୁକ୍ତି ପ୍ରଦାନର ଯାତ୍ରା ଖୁବ୍ ସନ୍ତୋଷଜନକ ରହିଛି। ୯୦ ପ୍ରତିଶତରୁ ଅଧିକ କର୍ମଚାରୀ ଆମ ସହ ଯେବେଠାରୁ ଯୋଡ଼ି ହୋଇଛନ୍ତି ସେବେଠାରୁ ଛାଡ଼ିଯିବାକୁ ଚାହାନ୍ତି ନାହିଁ। ଆମେ ଉଚ୍ଚଶିକ୍ଷିତ କିମ୍ବା କୁଶଳୀ କର୍ମଚାରୀଙ୍କୁ ନିଯୁକ୍ତି ପ୍ରଦାନ ଉପରେ ବିଶ୍ୱାସ ରଖୁନା ବରଂ ଆମ କମ୍ପାନୀରେ ନିଯୁକ୍ତ ହେଉଥିବା କର୍ମଚାରୀଙ୍କୁ ଶିକ୍ଷିତ ଓ ଦକ୍ଷ କରିବା ପାଇଁ ସମୟ ଓ ସୁଯୋଗ ପ୍ରଦାନ କରିଥାଉ। ବ୍ୟବସାୟରେ କେତେ ଲାଭବାନ ହେଲୁ ତାହା ଯେତିକି ଗୁରୁତ୍ୱପୂର୍ଣ୍ଣ ନୁହେଁ ବରଂ ଆମ କମ୍ପାନୀର କେତେ ଲୋକ ଉତ୍ତମ ଜୀବନଯାପନ କରୁଛନ୍ତି ତାହା ଗୁରୁତ୍ୱପୂର୍ଣ୍ଣ। ଆଗାମୀ ଦିନରେ ଆମେ ଓଡ଼ିଶା ସହିତ ଅନ୍ୟ ରାଜ୍ୟରେ ୨ ଚକିଆ ଓ ୪ ଚକିଆ ଯାନର ଡିଲରଶିପ୍ ସ୍ଥାପନ କରିବୁ। ଏହା ବ୍ୟତୀତ ଅନ୍ୟାନ୍ୟ ଜିଲାର ସଦର ମହକୁମାରେ ହାଉସିଂ ପ୍ରୋଜେକ୍ଟ କରିବାର ଲକ୍ଷ୍ୟ ରହିଛି।

**ପ୍ର– ନୂତନ ଯୁବପିଢ଼ି ପାଇଁ ଆପଣଙ୍କ ସନ୍ଦେଶ କ'ଣ ରହିବ?**

ଉ– ଶୃଙ୍ଖଳିତ କାମ କଲେ ସଫଳତା ନିଶ୍ଚିତ। ନିରବଚ୍ଛିନ୍ନ ପରିଶ୍ରମ ବଜାର ଚାହିଦାକୁ ଆଖି ଆଗରେ ରଖି ବ୍ୟବସାୟ କଲେ, ସଫଳତା ବାଟ କଢ଼ାଇ ନେବ।

ସାକ୍ଷାତ୍‌କାର – **ପ୍ରଦୀପ୍ତ ରଥ,** କଟକ


ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ବେଦାନ୍ତ ଗ୍ରୁପ୍‌ର ଅଧ୍ୟକ୍ଷ ଅନିଲ ଅଗ୍ରୱାଲ ଏକ ସୌଜନ୍ୟମୂଳକ ସାକ୍ଷାତ ସହ ପୁଷ୍ପ ଗୁଚ୍ଛଦେଇ ଓଡ଼ିଶା ଦିବସର ଶୁଭେଚ୍ଛା ଜଣାଉଛନ୍ତି। ଏହି ପରିପ୍ରେକ୍ଷୀରେ ଅଗ୍ରୱାଲ ମାଝୀଙ୍କ ସହ ଓଡ଼ିଶାର ନିବେଶ ଓ କମ୍ପାନୀର କାର୍ଯ୍ୟକଳାପ ସମ୍ପର୍କରେ ଆଲୋଚନା କରିଛନ୍ତି।

# ଶେୟାର ବଜାରରେ ଉତ୍ସାହ

ମୁମ୍ବାଇ,୨।୪

ଦିନକ ପରେ ଘରୋଇ ଶେୟାର ବଜାର କାରବାରରେ ପରିବର୍ତ୍ତନ ଘଟିଛି। ଏପରିକି ଚଳିତ ସପ୍ତାହର ଦ୍ୱିତୀୟ କାର୍ଯ୍ୟଦିବସ ଫଳାଫଳ ଅନୁଯାୟୀ ଶେୟାର ବଜାର କାରବାରରେ ଉତ୍ସାହ ବୃଦ୍ଧି ସହ ନିବେଶକମାନେ ଲକ୍ଷାଧିକ ଟଙ୍କାର ନିବେଶ ବଢ଼ାଇଛନ୍ତି। ବିଶେଷକରି ବୁଧବାର ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜ (ବିଏସ୍‌ଇ)ର ସେନ୍‌ସେକ୍ସ ୫୯୩ (୫୯୨.୯୩) ପଏଣ୍ଟ ବୃଦ୍ଧି ଘଟି ୭୬,୬୧୭ (୭୬,୬୧୭.୪୪) ଅଙ୍କରେ କାରବାର ବନ୍ଦ ହୋଇଥିଲା। ସେହିଭଳି ନ୍ୟାଶନାଲ ଷ୍ଟକ୍ ଏକ୍ସଚେଞ୍ଜ (ଏନ୍‌ଏସ୍‌ଇ)ର ନିଫ୍ଟି–୫୦ରେ ମଧ ୧୬୭ (୧୬୬.୬୫) ପଏଣ୍ଟ ବଢ଼ି ୨୩,୩୩୨ (୨୩,୩୩୨.୩୫) ଅଙ୍କରେ କାରବାର ଶେଷ ହୋଇଥିଲା। ଅପରପକ୍ଷରେ ବିଏସ୍‌ଇ ସେନ୍‌ସେକ୍ସର ମିଡକ୍ୟାପ୍ ଓ ସ୍ମଲକ୍ୟାପ୍ ଶେୟାରଗୁଡ଼ିକର ଇଣ୍ଡେକ୍ସ ସହ ଏନ୍‌ଏସ୍‌ଇ ନିଫ୍ଟି ମିଡକ୍ୟାପ,ସ୍ମଲକ୍ୟାପ ଏବଂ ବ୍ୟାଙ୍କ ଶେୟାରଗୁଡ଼ିକର କାରବାରରେ ପରିବର୍ତ୍ତନ ହୋଇଛି।

# ଟାଟା ଷ୍ଟିଲ୍‌ର ଏଫ୍‌ଏଏମ୍‌ଡି ପୁରସ୍କୃତ

ଭୁବନେଶ୍ୱର,୨।୪

ଟାଟା ଷ୍ଟିଲ୍‌ର ଫେରୋ ଆଲଏଜ ଆଣ୍ଡ ମିନେରାଲ୍ସ ଡିଭିଜନ (ଏଫ୍‌ଏଏମ୍‌ଡି)କୁ ନିକଟରେ ବେଷ୍ଟ ଇଣ୍ଟିଗ୍ରେଟେଡ୍ ୱାଟର ମ୍ୟାନେଜମେଣ୍ଟ ପ୍ରୋଜେକ୍ଟ (ଶ୍ରେଷ୍ଠ ସମନ୍ୱିତ ଜଳ ପରିଚାଳନା ପ୍ରକଳ୍ପ) ପାଇଁ ପୁରସ୍କୃତ କରାଯାଇଛି। ନୂଆଦିଲ୍ଲୀଠାରେ ଅନୁଷ୍ଠିତ ୱାଟର ଡାଇଜେଷ୍ଟ ୱାର୍ଲଡ ୱାଟର ଆୱାର୍ଡସ– ୨୦୨୫ରେ ଏଫ୍‌ଏଏମ୍‌ଡିକୁ ଏହି ସମ୍ମାନଜନକ ପୁରସ୍କାର ମିଳିଛି। ଭାରତ ସରକାରଙ୍କ ଜଳଶକ୍ତି ମନ୍ତ୍ରଣାଳୟର ରାଷ୍ଟ୍ରମନ୍ତ୍ରୀ ରାଜଭୂଷଣ ଚୌଧୁରୀ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେଯୋଗ ଦେଇ ଟାଟା ଷ୍ଟିଲ୍‌କୁ ସମ୍ବର୍ଦ୍ଧିତ ଓ ପୁରସ୍କୃତ କରିଥିଲେ। ଟାଟା ଷ୍ଟିଲ୍ ଏଫ୍‌ଏଏମ୍‌ଡିର ପ୍ରକଳ୍ପ, ପ୍ରଯୁକ୍ତି ଓ ଇମ୍ପ୍ରୁଭମେଣ୍ଟ ମୁଖ୍ୟ ନତାଶା ଝା କମ୍ପାନୀ ତରଫରୁ ପୁରସ୍କାର ଗ୍ରହଣ କରିଥିଲେ। ସେହିଭଳି ଭାରତର ପ୍ରିମିୟର ଜଳ ପତ୍ରିକା 'ୱାଟର ଡାଇଜେଷ୍ଟ' ପକ୍ଷରୁ ଆୟୋଜିତ ଏହି ସମାରୋହରେ ଜଳ ପରିଚାଳନା ପ୍ରକ୍ରିୟାରେ ଉନ୍ନତି ଏବଂ କାର୍ଯ୍ୟକ୍ଷେତ୍ରରେ ସ୍ଥାୟିତ୍ୱ ପାଇଁ ଟାଟା ଷ୍ଟିଲ୍‌ର ଅତ୍ୟାଧୁନିକ ଡିଜିଟାଲ ପ୍ରଯୁକ୍ତିର ବ୍ୟବହାରକୁ ସ୍ୱୀକୃତି ଦିଆଯିବା ସହ କମ୍ପାନୀକୁ ଏହି ପୁରସ୍କାର ପ୍ରଦାନ କରାଯାଇଛି। ଜଳଯୋଦ୍ଧା ଓ ସେମାନଙ୍କ ସଫଳତାକୁ ସେଲିବ୍ରେଟ କରିବା ଲାଗି ଏହି କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ଏ ନେଇ ଟାଟା ଷ୍ଟିଲ୍(ଏଫ୍‌ଏଏମ୍‌ଡି)ର ଏକ୍ଜିକ୍ୟୁଟିଭ ଇନ୍‌ଚାର୍ଜ ପଙ୍କଜ ସତିଜା କହିଛନ୍ତି, ଭାରତ ହେଉଛି ଜଳାଭାବର ଏକ ଦେଶ ଏବଂ କୃଷି, ଗୋଷ୍ଠୀ ଓ ଶିଳ୍ପ ସମେତ ବିଭିନ୍ନ କ୍ଷେତ୍ର ଏହି ନିଅଣ୍ଟ ସମ୍ବଳ ପାଇବାକୁ ପ୍ରତିଦ୍ୱନ୍ଦ୍ୱିତା କରୁଛନ୍ତି। ଜଳ ଉପଯୋଗିତା କମ୍ କରିବା ଲାଗି ଆମେ ଆମ ତରଫରୁ ଉଦ୍ୟମ କରୁଛୁ। ଏହି ଯାତ୍ରାରେ ଅଭିନବ ଡିଜିଟାଲ ସମାଧାନ ଗ୍ରହଣ କରିବା ଦିଗରେ ଆମ ପ୍ରତିବଦ୍ଧତା ଓ ଉଦ୍ୟମକୁ ସ୍ୱୀକୃତି ମିଳିଥିବାରୁ ଆମେ ବହୁତ ଖୁସି ଅଛୁ।

# କିଟ୍, ଶ୍ରୀଲଙ୍କାର ସିଲନ ରସାୟନ ବିଜ୍ଞାନ ପ୍ରତିଷ୍ଠାନ ମଧ୍ୟରେ ବୁଝାମଣା

ଭୁବନେଶ୍ୱର,୨।୪(ଅନୁରାଧା ମହାରଣା)

ଶିକ୍ଷା ଏବଂ ଗବେଷଣା କ୍ଷେତ୍ରରେ ସହଯୋଗକୁ ସୁଦୃଢ଼ କରିବା ପାଇଁ କିଟ୍ ଓ ଶ୍ରୀଲଙ୍କାର ସିଲନ ରସାୟନ ବିଜ୍ଞାନ ପ୍ରତିଷ୍ଠାନ ମଧ୍ୟରେ ଏକ ବୁଝାମଣାପତ୍ର ସ୍ୱାକ୍ଷର ହୋଇଛି। କିଟ୍ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ଶରଣଜିତ ସିଂହ ଏବଂ ସିଲନ ରସାୟନ ବିଜ୍ଞାନ ପ୍ରତିଷ୍ଠାନ ପକ୍ଷରୁ ଏହାର ଅଧ୍ୟକ୍ଷ ତଥା କେଲନିଆ ବିଶ୍ୱବିଦ୍ୟାଳୟର ରସାୟନ ବିଜ୍ଞାନ ବିଭାଗର ପ୍ରଫେସର ଜେନିଥା ଆବେଉଇକ୍ରେମା ଲିଆନାଗେ ଏହି ବୁଝାମଣାପତ୍ରରେ ସ୍ୱାକ୍ଷର କରିଛନ୍ତି। ସିଲନ ରସାୟନ ବିଜ୍ଞାନ ପ୍ରତିଷ୍ଠାନ ହେଉଛି ଶ୍ରୀଲଙ୍କାର ରସାୟନ ବିଜ୍ଞାନୀଙ୍କ ପ୍ରତିନିଧିତ୍ୱ କରୁଥିବା ଏକ ପ୍ରତିଷ୍ଠିତ ବୃତ୍ତିଗତ ସଂସ୍ଥା। ବୁଝାମଣା ଅନୁସାରେ ଉଭୟ ଅନୁଷ୍ଠାନ ଶୈକ୍ଷିକ ବିନିମୟ ଓ ମିଳିତ ଗବେଷଣା ପାଇଁ ପଦକ୍ଷେପ ନେବା ସହ ରସାୟନ ବିଜ୍ଞାନ କ୍ଷେତ୍ରରେ କ୍ଷମତା–ନିର୍ମାଣ କାର୍ଯ୍ୟକ୍ରମକୁ ପ୍ରୋତ୍ସାହିତ କରିବେ। କାର୍ଯ୍ୟକ୍ରମରେ କିଟ୍ ଓ କିସ୍ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ, ଓପନ ୟୁନିଭର୍ସିଟି ଅଫ୍ ଶ୍ରୀଲଙ୍କାର ରସାୟନ ବିଜ୍ଞାନ ବିଭାଗ ପ୍ରଫେସର ଡ. ଥେଲମା ଆବେସିଂଘେ ଏବଂ କିଟ୍ ବିଶ୍ୱବିଦ୍ୟାଳୟ କୁଳସଚିବ ପ୍ରଫେସର ଜ୍ଞାନ ରଞ୍ଜନ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ। ଏହି ସହଭାଗିତା କିଟ୍ ଏବଂ ସିଲନ ରସାୟନ ବିଜ୍ଞାନ ପ୍ରତିଷ୍ଠାନ ମଧ୍ୟରେ ଗବେଷଣା, ଅଧ୍ୟାପକ ଏବଂ ଛାତ୍ର ବିନିମୟ କାର୍ଯ୍ୟକ୍ରମ ଏବଂ ଜ୍ଞାନର ଆଦାନପ୍ରଦାନ ପଦକ୍ଷେପକୁ ସହଜ କରିବ ବୋଲି ଆଶା କରାଯାଉଛି।


ବୁଝାମଣାପତ୍ର ସ୍ୱାକ୍ଷର ଅବସରରେ କିସ୍ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ, କିଟ୍ କୁଳପତି ପ୍ରଫେସର ଶରଣଜିତ ସିଂହ ଓ ସିଲନ ରସାୟନ ବିଜ୍ଞାନ ପ୍ରତିଷ୍ଠାନ ଅଧ୍ୟକ୍ଷା ପ୍ରଫେସର ଜେନିଥା ଆବେଉଇକ୍ରେମା ଲିଆନାଗେ।

# ୫ଜି ଡାଉନ୍‌ଲୋଡ୍ ସ୍ପିଡ୍‌ରେ ଜିଓ ଦ୍ରୁତତମ

ମୁମ୍ବାଇ,୨।୪

୫ ଜି ଡାଉନ୍‌ଲୋଡ୍ ସ୍ପିଡ୍ ଦୌଡ଼ରେ ରିଲାଏନ୍ସ ଜିଓ ସମସ୍ତ ପ୍ରତିଯୋଗୀଙ୍କୁ ପଛରେ ପକାଇ ଦେଇଛି ବୋଲି ଓକଲା ପକ୍ଷରୁ କୁହାଯାଇଛି। ଏପରିକି ଓକଲା ସ୍ପିଡ୍‌ଟେଷ୍ଟ ଇଣ୍ଟେଲିଜେନ୍ସ ତଥ୍ୟ ଅନୁଯାୟୀ ରିଲାଏନ୍ସ ଜିଓର ହାରାହାରି ୫ଜି ଡାଉନ୍‌ଲୋଡ୍ ସ୍ପିଡ୍ ୨୫୮.୫୪ ଏମ୍‌ବିପିଏସ୍ ରେକର୍ଡ କରାଯାଇଛି। ଏୟାରଟେଲ୍ ୨୦୫.୧ ଏମ୍‌ବିପିଏସ୍ ସହ ଦ୍ୱିତୀୟ ସ୍ଥାନରେ ରହିଛି। ଓକଲା ୨୦୨୪ ଜୁଲାଇ ଏବଂ ଡିସେମ୍ବର ମଧ୍ୟରେ ସାରା ଦେଶରୁ ଏହି ତଥ୍ୟ ସଂଗ୍ରହ କରିଥିଲା। ରିଲାଏନ୍ସ ଜିଓ ୫ଜି ସହିତ ସାମଗ୍ରିକ ଭାବରେ ମଧ ଦ୍ରୁତତମ ମୋବାଇଲ୍ ନେଟ୍‌ୱର୍କର ଆଖ୍ୟା ମଧ ହାସଲ କରିଛି। ଜିଓ ଭାରତରେ ସବୁଠାରୁ ଦ୍ରୁତ ମୋବାଇଲ ସ୍ପିଡ୍ ନେଟ୍‌ୱର୍କ ପ୍ରଦାନକାରୀ ଅପରେଟର ଭାବରେ ଉଭା ହୋଇଛି। ଜିଓର ସାମଗ୍ରିକ ହାରାହାରି ଡାଉନଲୋଡ୍ ସ୍ପିଡ୍ ୧୫୮.୬୩ ଏମବିପିଏସ ରହିଥିବା ବେଳେ ଏୟାରଟେଲର ସ୍ପିଡ୍ ଜିଓର ଦୁଇତୃତୀୟାଂଶ ଅର୍ଥାତ୍ ପ୍ରାୟ ୧୦୦.୬୭ ଏମ୍‌ବିପିଏସ୍ ବୋଲି ମାପ କରାଯାଇଛି। ଭୋଡାଫୋନ୍ ଆଇଡିଆ ୨୧.୬ ଏମବିପିଏସ ସହିତ ତୃତୀୟ ସ୍ଥାନରେ ରହିଛି। ଏହି ସମୟ ମଧ୍ୟରେ, ଜିଓ ସାରା ଦେଶରେ ସର୍ବାଧିକ ୫ଜି ଉପଲବ୍ଧତା ରେକର୍ଡ କରିଥିଲା, ଅର୍ଥାତ୍, ଜିଓ ନେଟ୍‌ୱର୍କ ସର୍ବାଧିକ ସ୍ଥାନରେ ଉପଲବ୍ଧ ରହିଛି। ସ୍ପିଡ୍‌ଟେଷ୍ଟ ଇଣ୍ଟେଲିଜେନ୍ସ ତଥ୍ୟ ଅନୁଯାୟୀ, ଜିଓର ୭୩.୭% ଉପଭୋକ୍ତା ଅଧିକାଂଶ ସମୟ ଜିଓର ୫ଜି ନେଟ୍‌ୱର୍କ ବ୍ୟବହାର କରୁଛନ୍ତି, ଯାହା ଅନ୍ୟ ଯେକୌଣସି ଅପରେଟର ଅପେକ୍ଷା ବେଶ୍ ଅଧିକ। ମୋବାଇଲ କଭରେଜ୍ ଦୃଷ୍ଟିରୁ, ଜିଓ ୬୫.୬୬ କଭରେଜ୍ ସ୍କୋର ସହିତ ପ୍ରଥମ ସ୍ଥାନରେ ଥିଲା ବେଳେ ଏୟାରଟେଲ୍ ୫୮.୧୭ ସ୍କୋର ସହିତ ଦ୍ୱିତୀୟ ସ୍ଥାନରେ ରହିଛି। ରିଲାଏନ୍ସ ଜିଓ ଦ୍ରୁତତମ ମୋବାଇଲ ନେଟ୍‌ୱର୍କ ଏବଂ ଉନ୍ନତ ମୋବାଇଲ କଭରେଜ୍ ଉଭୟରେ ପ୍ରଥମ ସ୍ଥାନ ହାସଲ କରିଛି।

# ପାରାଦୀପ ବନ୍ଦର ଲଗାତର ଦ୍ୱିତୀୟ ଥର ନମ୍ବର–୧



ପାରାଦୀପ, ୨।୪(ଶରତ ରାଉତ)

ଓଡ଼ିଶାର ଏକମାତ୍ର ସରକାରୀ ବୃହତ୍ ବନ୍ଦର ପାରାଦୀପ ଲଗାତର ଦ୍ୱିତୀୟ ବର୍ଷ ପାଇଁ ନମ୍ବର–୧ ସ୍ଥାନ ବଜାୟ ରଖିଛି। ଚଳିତ ଆର୍ଥିକ ବର୍ଷ ଶେଷ ସୁଦ୍ଧା ପାରାଦୀପ ବନ୍ଦର ସମୁଦାୟ ୧୫୦.୪୧ ଏମ୍‌ଏମ୍‌ଟି (ମିଲିୟନ ମେଟ୍ରିକଟନ୍) ପଣ୍ୟ କାରବାର କରିଛି। ଯାହା ପୂର୍ବବର୍ଷ ତୁଳନାରେ ୭.୬୫% ଅଭିବୃଦ୍ଧି ବୋଲି କୁହାଯାଇଛି। ଏହି ଅବସରରେ ବୁଧବାର ପାରାଦୀପ ବନ୍ଦର ପ୍ରଶାସନ ପକ୍ଷରୁ ଅଧ୍ୟକ୍ଷ ପି. ଏଲ. ହାରାନ୍ଧ ଓ ଅନ୍ୟ ସମସ୍ତ ବିଭାଗୀୟ ମୁଖ୍ୟମାନେ ଉପସ୍ଥିତ ରହି କେକ୍ କାଟି ଉତ୍ସବ ପାଳନ କରିଥିଲେ। ପରେ ଖବରଦାତାମାନଙ୍କୁ ପଣ୍ୟ କାରବାର ସମ୍ପର୍କରେ ଅଧ୍ୟକ୍ଷ ହାରାନ୍ଧ ସୂଚନା ଦେଇଥିଲେ। ସୂଚନା ଅନୁଯାୟୀ, ବିଶ୍ୱରେ ଲୁହାପଥର ଓ କୋକିଂ କୋଇଲା କାରବାର ନୈରାଶ୍ୟ ଜନକ ଥିବାବେଳେ ପାରାଦୀପ ବନ୍ଦର ସେଥିରେ ବିଶେଷ ପ୍ରଭାବ ପଡ଼ିନାହିଁ। ଏହାସତ୍ତ୍ୱେ ପଣ୍ୟ କାରବାର ଅଭିବୃଦ୍ଧି ହୋଇଛି ଏବଂ ଲଗାତର ଦ୍ୱିତୀୟ ଥର ପାଇଁ ଦେଶର ପ୍ରଥମ ସ୍ଥାନ ହାସଲ କରିଛି। ଗତ ଆର୍ଥିକ ବର୍ଷରେ ପାରାଦୀପ ବନ୍ଦର ୧୪୫.୦୩ ଏମ୍‌ଏମ୍‌ଟି ପଣ୍ୟ କାରବାର କରିଥିଲା। ଚଳିତବର୍ଷ କେତେକ ବ୍ୟବସ୍ଥାରେ ଉନ୍ନତି ଯୋଗୁ ଏହା ସମ୍ଭବ ହୋଇପାରିଛି। ସମୁଦାୟ ପଣ୍ୟ କାରବାର ମଧ୍ୟରେ କେବଳ କୋଷ୍ଟାଲ ପରିବହନ ୪୨.୩୬ ଏମ୍‌ଏମ୍‌ଟି ରହିଛି। କଣ୍ଟେନର କାର୍ଗୋ କାରବାର ୧୧୧ ପ୍ରତିଶତ ବୃଦ୍ଧି ପାଇଛି। ସେହିପରି ରେଲୱେ କାରବାର କ୍ଷେତ୍ରରେ ୫.୩୨% ବୃଦ୍ଧି ପାଇଛି। ସମୁଦାୟ ୨୨,୮୧୮ରେଳ ପଣ୍ୟ ନେବା ଆଣିବା କରିଛି। ବର୍ଥ କ୍ଷେତ୍ରରେ ଦୈନିକ ୩୪,୨୮୩ ମେଟ୍ରିକଟନ୍ ପଣ୍ୟ କାରବାର ହୋଇଛି। ଆଗକୁ କାରବାର ବୃଦ୍ଧି ପାଇଁ ୱେଷ୍ଟର୍ଣ୍ଣ ଡକ୍ କାର୍ଯ୍ୟ ଚାଲିଛି। ଏହା ୨୦୨୬ ଶେଷ ସୁଦ୍ଧା କାର୍ଯ୍ୟକ୍ଷମ ହେବାର ଲକ୍ଷ୍ୟ କରାଯାଇଛି।

# ମୁମ୍ବାଇରେ କେଭିଆଇସିର ମେଗା ଡିଷ୍ଟ୍ରିବ୍ୟୁଶନ

ମୁମ୍ବାଇ,୨।୪ (ଅଭୟ ଦାଶ)

ଖଦି ଓ ଗ୍ରାମୋଦ୍ୟୋଗ ଆୟୋଗ (ଖଦି ଆଣ୍ଡ ଭିଲେଜ ଇଣ୍ଡଷ୍ଟ୍ରିଜ କମିଶନ ବା କେଭିଆଇସି)ର ମୁମ୍ବାଇସ୍ଥିତ ମୁଖ୍ୟ କାର୍ଯ୍ୟାଳୟଠାରେ ଏକ 'ମେଗା ଡିଷ୍ଟ୍ରିବ୍ୟୁଶନ' କାର୍ଯ୍ୟକ୍ରମର ଆୟୋଜନ ଭିଡିଓ କନ୍‌ଫରେନ୍ସ ମାଧ୍ୟମରେ କରାଯାଇଥିଲା। ଏହି ପରିପ୍ରେକ୍ଷୀରେ ମୋଟ ୧୬,୩୭୭ ମେଶିନ, ଟୁଲ୍‌କିଟ୍ ଏବଂ ଉପକରଣ ଆଦି ବିଭିନ୍ନ ବର୍ଗଙ୍କୁ ବଣ୍ଟନ କରାଯାଇଥିଲା। ବିଶେଷକରି ୧୬,୩୭୭ଟି ଟୁଲ୍‌କିଟ୍ ଏବଂ ଉପକରଣ ବଣ୍ଟନ କରାଯାଇଥିଲା। ସେଥରେ ୩,୯୫୦ ମହୁମାଛି ବାକ୍ସ, ୭,୦୬୭ ବୈଦ୍ୟୁତିକ କୁମ୍ଭାରଚକ, ୧,୩୫୦ ଚମଡ଼ା ଉତ୍ପାଦନ ମରାମତି ଟୁଲ୍‌କିଟ୍, ୩୯୦ ଚମଡା ଚପଲ ତିଆରି ଉପକରଣ, ୪୨୦ ଇଲେକ୍ଟ୍ରିସିଆନ୍ ଟୁଲ୍‌କିଟ୍, ୮୦ ଏସି ମରାମତି ଟୁଲ୍‌କିଟ୍, ୩୦୦ ପ୍ଲମ୍ବର ଟୁଲ୍‌କିଟ୍, ୬୦ ମୋବାଇଲ ମରାମତି ଟୁଲ୍‌କିଟ୍, ୯୭୧ ସିଲେଇ ମେଶିନ, ୨୭୮ ହାତ ତିଆରି କାଗଜ ତିଆରି ମେଶିନ, ୩୪୯ ସ୍ୱୟଂଚାଳିତ ଅଗରବତି ତିଆରି ମେଶିନ, ୬୦ ପେଡାଲଚାଳିତ ଅଗରବତି ତିଆରି ମେଶିନ, ୩୨୦ ଟର୍ନଉଡ ମେଶିନ, ୧୮୦ କାଠ ଖେଳଣା ତିଆରି ମେଶିନ, ୪୬୦ ଅଦରକାରୀ କାଠ କାରୁକାର୍ଯ୍ୟ ମେଶିନ ଏବଂ ୨୯୨ କୃଷିଭିତ୍ତିକ ଖାଦ୍ୟ ପ୍ରକ୍ରିୟାକରଣ ମେଶିନ ଅନ୍ତର୍ଭୁକ୍ତ ରହିଛି। ଏହି ଅବସରରେ ମନୋଜ କୁମାର କହିଥିଲେ, ଖଦି ଓ ଗ୍ରାମୋଦ୍ୟୋଗ ଆୟୋଗ ଏ ପର୍ଯ୍ୟନ୍ତ ୨୦୨୪–୨୫ ଆର୍ଥିକ ବର୍ଷରେ ୧୧୧୦ ଖଦି ପ୍ରତିଷ୍ଠାନକୁ ସଂଶୋଧିତ ବଜାର ବିକାଶ ସହାୟତା (ଏମ୍‌ଏମ୍‌ଡିଏ) ଅଧୀନରେ ୨୧୫ କୋଟି ଟଙ୍କାର ଅନୁଦାନ ରାଶି ପ୍ରଦାନ କରିଛି, ଯାହା ଦ୍ୱାରା ୧,୪୬,୨୪୬ କାରିଗର ଉପକୃତ ହୋଇଛନ୍ତି। ଏହା ବ୍ୟତୀତ ଆଇଏସ୍‌ଇସି କାର୍ଯ୍ୟକ୍ରମ ମାଧ୍ୟମରେ ୧୧୫୩ ଖଦିପ୍ରତିଷ୍ଠାନକୁ ୪୦ କୋଟିଟଙ୍କାର ଅନୁଦାନ ରାଶି ମଧ ପ୍ରଦାନ କରାଯାଇଛି । ୩୮୧୭ କାରିଗରଙ୍କୁ ଉପକୃତ କରୁଥିବା ଖଦି ପ୍ରତିଷ୍ଠାନକୁ ୩୨.୭୩ କୋଟି ଟଙ୍କାର ଅତିରିକ୍ତ ଏମ୍‌ଏମ୍‌ଡିଏ ଅନୁଦାନ ରାଶି ପ୍ରଦାନ କରାଯାଇଛି। ଉକ୍ତ କାର୍ଯ୍ୟକ୍ରମରେ ଉତ୍ତରାଞ୍ଚଳର ସଦସ୍ୟ ନାଗେନ୍ଦ୍ର ରଘୁବଂଶୀ, ପୂର୍ବାଞ୍ଚଳର ସଦସ୍ୟ ମନୋଜ କୁମାର ସିଂହ, ଏମ୍‌ଏସ୍‌ଏମ୍‌ଇ ମନ୍ତ୍ରଣାଳୟର ଯୁଗ୍ମ ସଚିବ ବିପୁଲ ଗୋୟଲ, ବିଭାଗୀୟ ଅର୍ଥନୈତିକ ପରାମର୍ଶଦାତା ସିମି ଚୌଧୁରୀ ଏବଂ କେଭିଆଇସି କେନ୍ଦ୍ରୀୟ କାର୍ଯ୍ୟାଳୟର ବରିଷ୍ଠ ଅଧିକାରୀମାନଙ୍କ ସହିତ ଦେଶବ୍ୟାପୀ ରାଜ୍ୟ କାର୍ଯ୍ୟାଳୟର ଅଧିକାରୀ ଏବଂ କର୍ମଚାରୀମାନେ ଭିଡିଓ କନ୍‌ଫରେନ୍ସ ମାଧ୍ୟମରେ କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ।


କେଭିଆଇସିର ବଣ୍ଟନ କାର୍ଯ୍ୟକ୍ରମରେ ହିତାଧିକାରୀଙ୍କ ସମେତ ଅଧ୍ୟକ୍ଷ ଓ ଅନ୍ୟମାନେ ଉପସ୍ଥିତ ଅଛନ୍ତି।

# ସ୍ତ୍ରୀଙ୍କୁ ଟାଙ୍ଗିଆରେ ହାଣି ହତ୍ୟା

## ନିଶା ସେବନକୁ ବିରୋଧ କରିବାରୁ ବଚସା, ପରେ ଅଘଟଣ

ନିଶା ସେବନ ଅନେକଙ୍କ ସଂସାରରେ ଝଡ଼ ସୃଷ୍ଟି କରୁଛି। ପରିବାରର ସମସ୍ୟା ସମାଧାନ କରିବା ପରିବର୍ତ୍ତେ ନିଶା ସେବନରେ ବୁଡ଼ି ରହୁଛନ୍ତି ପରିବାର ମୁଖ୍ୟ। ଏଥିଯୋଗୁ ପରିବାରରେ ଅନେକ ସମୟରେ ଗଣ୍ଡଗୋଳ ସୃଷ୍ଟି ହେଉଛି। ଆଉ ଏହି ଗଣ୍ଡଗୋଳ ଉଗ୍ରରୂପ ନେଇ କେତେବେଳେ ସ୍ୱାମୀ ସ୍ତ୍ରୀଙ୍କ ଜୀବନ ନେଉଛି ତ' କେତେବେଳେ ସ୍ତ୍ରୀ ସ୍ୱାମୀଙ୍କ ଜୀବନ ନେବାକୁ ପଛାଉ ନାହାନ୍ତି। ଏପରି କି ଅନେକ କ୍ଷେତ୍ରରେ ପିଲାମାନେ ମଧ ମା'ବାପାଙ୍କ ଜୀବନ ନେଇଯାଉଛନ୍ତି। ଏଭଳି ଘଟଣା ବିଭିନ୍ନ ସମୟରେ ରାଜ୍ୟରେ ଘଟୁଥିବାବେଳେ ଏହା ଥମିବାର ନାଁ ନେଉନାହିଁ। ମଙ୍ଗଳବାର ରାତିରେ ବଲାଙ୍ଗୀର ଜିଲା ଦେଓଗାଁ ଥାନା ଅନ୍ତର୍ଗତ ଅନ୍ତର୍ଲା ଗ୍ରାମରେ ନିଶାଗ୍ରସ୍ତ ସ୍ୱାମୀଙ୍କୁ ମଦ୍ୟପାନ କରିବାକୁ ବାରଣ କରିବାରୁ ଉଭୟଙ୍କ ମଧ୍ୟରେ ପାଟିତୁଣ୍ଡ ହୋଇଥିଲା। ଏପରି କି ସ୍ତ୍ରୀ ରାତିରେ ଶୋଇଥିବାବେଳେ କ୍ରୋଧରେ ଜର୍ଜରିତ ସ୍ୱାମୀ ତାଙ୍କୁ ଟାଙ୍ଗିଆରେ ହାଣି ହତ୍ୟା କରିଛନ୍ତି। ପୋଲିସ ଅଭିଯୁକ୍ତ ସ୍ୱାମୀ ଗୌତମ ବିଶ୍ୱାଳ(୪୧)ଙ୍କୁ ଗିରଫ କରିଛି। ଏଭଳି ଘଟଣା ପରେ ତାଙ୍କର ୨ ପିଲା ଏବେ ମା'ଛେଉଣ୍ଡ ହୋଇଯାଇଛନ୍ତି।



ଅତିରିକ୍ତ ଏସ୍‌ପି ଖବରଦାତା ସମ୍ମିଳନୀରେ ସୂଚନା ଦେଉଛନ୍ତି।

ବଲାଙ୍ଗୀର/ଦେଓଗାଁ,୨।୪(ବୀରେନ୍ଦ୍ର କୁମାର ଝାଙ୍କର/କୃଷ୍ଣପ୍ରସାଦ ପାଣିଗ୍ରାହୀ)

ଅନ୍ତର୍ଲା ନିବାସୀ ଗୌତମ ପ୍ରାୟ ୧୪ ବର୍ଷ ତଳେ ସୁବର୍ଣ୍ଣପୁର ଜିଲା ତରଭା ଥାନା ଅଧୀନ ଅର୍ଡା ଗାଁର ଅମୂଲ୍ୟ ବିଶ୍ୱାଳ (୩୬)ଙ୍କୁ ବିବାହ କରିଥିଲେ। ସେମାନଙ୍କ ୨ ନାବାଳକ ସନ୍ତାନ ଅଛନ୍ତି। ଦିନମଜୁରିଆ ଭାବେ କାମ କରୁଥିବା ଗୌତମ ଅନେକ ସମୟରେ ମଦ୍ୟପାନ କରି ସ୍ତ୍ରୀ ସହ ଝଗଡ଼ା କରୁଥିଲେ। ସେମାନଙ୍କ ମଧ୍ୟରେ ଦୀର୍ଘଦିନ ହେଲା ପାରିବାରିକ କଳହ ଲାଗି ରହିଥିଲା। ମଙ୍ଗଳବାର ରାତିରେ ଅମୂଲ୍ୟ ଶୋଇଥିବାବେଳେ ବିଳମ୍ବିତ ରାତିରେ ଗୌତମ ଏକ ଟାଙ୍ଗିଆରେ ତାଙ୍କୁ ହତ୍ୟା କରିଥିବା ପ୍ରାରମ୍ଭିକ ତଦନ୍ତରୁ ଜଣାପଡ଼ିଥିବା ଅତିରିକ୍ତ ଏସ୍‌ପି ଆଲୋକ ଜେନା ଏକ ଖବରଦାତା ସମ୍ମିଳନୀରେ ସୂଚନା ଦେଇଛନ୍ତି।

ଅମୂଲ୍ୟଙ୍କ ଭାଇ କନ୍ଦର୍ପ ମଲ୍ଲିକ କରିଥିବା ଅଭିଯୋଗ ଅନୁସାରେ, ଅଭିଯୁକ୍ତ ଗୌତମ ଦୀର୍ଘଦିନ ହେଲା ସ୍ତ୍ରୀଙ୍କୁ ନିର୍ଯାତନା ଦେବା ସହ ମାରପିଟ କରି ଆସୁଥିଲେ। ଶେଷରେ ସେ ତାଙ୍କୁ ହତ୍ୟା କରିଛନ୍ତି। ବୁଧବାର ସକାଳେ ଏହି ହତ୍ୟାକାଣ୍ଡ ସମ୍ପର୍କରେ ଜଣାପଡ଼ିଥିଲା। ଖବରପାଇ ଦେଓଗାଁ ପୋଲିସ ମାଜିଷ୍ଟ୍ରେଟ୍ ଦାୟିତ୍ୱରେ ଥିବା ଅତିରିକ୍ତ ତହସିଲଦାର ସୋମକେଶ ନାୟକଙ୍କ ସହ ଘଟଣାସ୍ଥଳକୁ ଯାଇ ତଦନ୍ତ ଆରମ୍ଭ କରିଥିଲେ। ସାଇଣ୍ଟିଫିକ୍ ଟିମ୍ ସେଠାରେ ଛାନ୍‌ଭିନ୍ କରିବା ସହ ହତ୍ୟାକାଣ୍ଡରେ ବ୍ୟବହୃତ ଟାଙ୍ଗିଆ ଜବତ କରିଥିଲେ। ଏହାଛଡ଼ା ଦେଓଗାଁ ଥାନା ଅଧିକାରୀ ବୁଲୁ ମୁଣ୍ଡାଙ୍କ ନେତୃତ୍ୱରେ ପୋଲିସ ଟିମ୍ ଅଭିଯୁକ୍ତ ସ୍ୱାମୀ ଗୌତମଙ୍କୁ ଘଟଣାସ୍ଥଳକୁ ନେଇ ସିନ୍ ରିକ୍ରିଏଶନ କରିଥିଲା। ପରେ ଗୌତମଙ୍କୁ କୋର୍ଟ ଚାଲାଣ କରାଯାଇଥିଲା। କୋର୍ଟରେ ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ବିଚାରବିଭାଗୀୟ ହାଜତକୁ ପଠାଯାଇଥିବା ଜଣାପଡ଼ିଛି। ଅମୂଲ୍ୟଙ୍କ ମୃତଦେହ ପୋଲିସ ଜବତକରି ବ୍ୟବଚ୍ଛେଦ ପାଇଁ ଭୀମ ଭୋଇ ମେଡିକାଲ କଲେଜ ହସ୍ପିଟାଲକୁ ପଠାଇଥିଲା। ବ୍ୟବଚ୍ଛେଦ ପରେ ମୃତଦେହକୁ ପରିବାରବର୍ଗଙ୍କୁ ହସ୍ତାନ୍ତର କରାଯାଇଛି। ଏ ନେଇ ଦେଓଗାଁ ଥାନାରେ ଏକ ମାମଲା (ନଂ. ୧୦୪/୨୦୨୫) ରୁଜୁ ହୋଇଛି। ନିଶାସେବନକୁ ନେଇ ପରିବାରରେ ବିବାଦ ସୃଷ୍ଟି ହୋଇ ଏଭଳି ଅଘଟଣ ଘଟିବା ରାଜ୍ୟରେ ଅନେକ ସମୟରେ ଦେଖିବାକୁ ମିଳିଛି। ସଚେତନତା ଅଭାବରୁ ଲୋକମାନେ ନିଜର ହିତାହିତ ଜ୍ଞାନ ଭୁଲିଯାଇ ଏଭଳି କାଣ୍ଡ ଭିଆଉଛନ୍ତି ବୋଲି ମନସ୍ତତ୍ତ୍ୱବିତ୍ ମତପ୍ରକାଶ କରିଛନ୍ତି।

### ପୂର୍ବରୁ ଘଟିଥିବା କେତେକ ଘଟଣା

**୨୦୨୫ ମାର୍ଚ୍ଚ ୨:** ରାତିରେ ଯାଜପୁର ଜିଲା ସୁକିନ୍ଦା ଥାନା ସଂସାଇଲୋ ଗ୍ରାମରେ ଜଣେ ମହିଳା ତାଙ୍କ ସ୍ୱାମୀଙ୍କୁ ହତ୍ୟା କରିଥିଲେ। ସ୍ୱାମୀ ମଦ୍ୟପାନ କରି ଘରେ ସବୁବେଳେ ଅଶାନ୍ତି ସୃଷ୍ଟି କରୁଥିଲେ। ତାଙ୍କୁ ଯେତେ ବୁଝାଇଲେ ବି ସେ ବୁଝୁ ନ ଥିଲେ। ଶେଷରେ ଅତିଷ୍ଠ ହୋଇ ସ୍ତ୍ରୀ ଡୁମାରି ସ୍ୱାମୀ ବାବୁଲି ମୁଣ୍ଡାଙ୍କୁ ହତ୍ୟା କରିବା ପରେ ଘର ପଛପଟେ ମୃତଦେହକୁ ପୋତି ଦେଇଥିଲେ। ପରେ ପୋଲିସ ଘଟଣାର ତଦନ୍ତ କରିବା ସହ ଅଭିଯୁକ୍ତ ସ୍ତ୍ରୀ ଡୁମାରିଙ୍କୁ ଗିରଫ କରିଥିଲା।

**୨୦୨୫ ଫେବୃଆରୀ ୭:** କଳାହାଣ୍ଡି ଜିଲା କୋକସରା ବ୍ଲକ ଆମପାଣି ଥାନା ମୁନୁଗାପଦର ଗ୍ରାମରେ ଜଣେ ନିଶାସକ୍ତ ବ୍ୟକ୍ତିଙ୍କୁ ତାଙ୍କ ୨ପୁଅ ଏବଂ ସ୍ତ୍ରୀ ହତ୍ୟା କରିଥିଲେ। ୫୦ ବର୍ଷୀୟ ଯଦୁ ଦଳପତି ଅଧିକାଂଶ ସମୟରେ ନିଶା ସେବନ କରି ସ୍ତ୍ରୀ ରୁକ୍ମିଣୀ ଦଳପତିଙ୍କୁ ମାଡ଼ ମାରିବା ସହ ଗଣ୍ଡଗୋଳ କରୁଥିଲେ। ଘଟଣା ଦିନ ସେ ମଦ ପିଇ ସ୍ତ୍ରୀଙ୍କୁ ଗାଳିଗୁଲଜ ସହ ମାଡ଼ ମାରିଥିଲେ। ଏହା ଦେଖି ବଡପୁଅ ଧନେଶ୍ୱର ଦଳପତି ଓ ସାନପୁଅ ଫକୀର ତାଙ୍କୁ ରଶିରେ ବାନ୍ଧି ଏକ ଠେଙ୍ଗାରେ ମୁଣ୍ଡକୁ ପ୍ରହାର କରିବାରୁ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ହୋଇଥିଲା। ପରେ ଦୁଇପୁଅ ଧୋବେନ ଚଞ୍ଚରାରେ ରହୁଥିବା ଯଦୁଙ୍କ ଜ୍ୱାଇଁ କ୍ଷୀରସିନ୍ଧୁଙ୍କୁ ଡକାଇ ପ୍ରମାଣ ନଷ୍ଟ ପାଇଁ ବାଡ଼ି ପଟେ ଗାତ ଖୋଳି ଯଦୁଙ୍କ ମୃତଦେହ ପୋତିଦେଇଥିଲେ।

**୨୦୨୩ ଅକ୍ଟୋବର ୧୦:** କେନ୍ଦୁଝର ଟାଉନ ଥାନା ଅନ୍ତର୍ଗତ କୋଡିପଶା ଗ୍ରାମରେ ନିଶା ସେବନକୁ ନେଇ ସୃଷ୍ଟ ପାରିବାରିକ କଳହରେ ଅତିଷ୍ଠ ହୋଇ ସୁନୀତା ଜୁଆଙ୍ଗ ନାମ୍ନୀ ଜଣେ ମହିଳା ତାଙ୍କ ସ୍ୱାମୀଙ୍କୁ ଘର ଭିତରେ ହତ୍ୟା କରିଥିଲେ। ଏପରି କି ହତ୍ୟା ପରେ ୩ଦିନ ପର୍ଯ୍ୟନ୍ତ ମୃତଦେହ ନିକଟରେ ସୁନୀତା ଜଗି ରହିଥିଲେ। ପରେ ପଡ଼ୋଶୀ ଜାଣି ପୋଲିସକୁ ଖବର ଦେଇଥିଲେ। ପୋଲିସ ମୃତଦେହ ଜବତକରି ସୁନୀତାଙ୍କୁ ଗିରଫ କରିଥିଲା।

**୨୦୨୦ ମେ' ୧୭:** ବ୍ରହ୍ମପୁର ସଦର ପୋଲିସ ସ୍ୱାମୀଙ୍କୁ ହତ୍ୟା ଘଟଣାରେ ଜଣେ ମହିଳାଙ୍କୁ ଗିରଫ କରିଥିଲା। ଅଭିଯୁକ୍ତ ମହିଳା ସୁନୀତା ବେହେରାଙ୍କ ସ୍ୱାମୀ ବନମାଳୀ ବେହେରା ଅଳିଆ ଗୋଟାଳି ଭାବେ କାର୍ଯ୍ୟ କରନ୍ତି। ଯାହା ରୋଜଗାର ହୁଏ, ସେଥିରୁ ପ୍ରାୟ ଟଙ୍କାରେ ମଦ୍ୟପାନ କରନ୍ତି। ଏପରି କି ମଦ୍ୟପାନ କରି ପରିବାରରେ ସବୁବେଳେ ଅଶାନ୍ତି ସୃଷ୍ଟି କରନ୍ତି। ଏଥିରେ ଅତିଷ୍ଠ ହୋଇ ସୁନୀତା ବନମାଳୀଙ୍କୁ ହତ୍ୟା କରିଥିଲେ। ପୋଲିସ ସୁନୀତାଙ୍କୁ ଗିରଫ କରି ଜେଲ ପଠାଇବା ପରେ ତାଙ୍କ ୫ପିଲା ବେସାହାରା ହୋଇଯାଇଥିଲେ।

**୨୦୧୮ ଏପ୍ରିଲ ୨୩:** କେନ୍ଦୁଝର ଜିଲା ବାମବେରୀ ଥାନା ଅଞ୍ଚଳରେ ଜଣେ ନିଶାସକ୍ତ ବ୍ୟକ୍ତି ତାଙ୍କ ସ୍ତ୍ରୀଙ୍କୁ ହତ୍ୟା କରିଥିଲେ। ଘଟଣା ରାତିରେ ଅଭିଯୁକ୍ତ ସ୍ୱାମୀ ବିଷ୍ଣୁ ମୁଣ୍ଡା ମଦ୍ୟପାନ କରି ଘରକୁ ଫେରି ସ୍ତ୍ରୀଙ୍କ ସହ ପାଟିତୁଣ୍ଡ କରିଥିଲେ। ଏନେଇ ସ୍ତ୍ରୀ ରାଗିଯିବା ସହ ସ୍ୱାମୀଙ୍କୁ ଖାଇବାକୁ ଦେବାକୁ ମନା କରିଦେଇଥିଲେ। ଏଥିରେ ଉତ୍‌କ୍ଷିପ୍ତ ହୋଇ ବିଷ୍ଣୁ ଏକ ବାଉଁଶରେ ସ୍ତ୍ରୀଙ୍କ ମୁଣ୍ଡକୁ ପିଟିଦେଇଥିଲେ। ଫଳରେ ଘଟଣାସ୍ଥଳରେ ସ୍ତ୍ରୀ ଦାସମଣିଙ୍କ ମୃତ୍ୟୁ ହୋଇଥିଲା। ପୋଲିସ ନିକଟରେ ବିଷ୍ଣୁ ନିଜ ଦୋଷ ସ୍ୱୀକାର କରିଥିଲେ। ପୋଲିସ ଏକ ହତ୍ୟା ମାମଲା ରୁଜୁ କରି ବିଷ୍ଣୁଙ୍କୁ କୋର୍ଟ ଚାଲାଣ କରିଥିଲା।

# ଆଇଫୋନ ପାଇଁ ସାଙ୍ଗଙ୍କୁ ହତ୍ୟା

## ଜନ୍ମଦିନ ଅବସରରେ ବୁଲିବାକୁ ଯାଇ ଫେରିଲେନି

ସପ୍ତଦଶ ଜନ୍ମ ଦିବସ ପାଳନର ଦିନକ ପରେ ସାଙ୍ଗମାନଙ୍କ ସହ ବୁଲିବାକୁ ଯିବାକୁ କହି ଘରୁ ବାହାରିଥିଲେ। ହେଲେ ଆଉ ଫେରିଲେନି। ପରେ ମୃତଦେହ ଖଣ୍ଡବିଖଣ୍ଡିତ ଅବସ୍ଥାରେ ଜବତ ହେଲା। ଆଇଫୋନ୍-୧୧ ମୋବାଇଲ୍ ନ ଦେବାରୁ ଜଣେ ନାବାଳକ ସାଙ୍ଗ ଏଭଳି ଘଟଣା ଘଟାଇଥିବା ଜଣାପଡ଼ିଛି। ପୋଲିସ ଅଭିଯୁକ୍ତ ନାବାଳକ ସାଙ୍ଗକୁ ଧରି ଜୁଭେନାଇଲ କୋର୍ଟକୁ ପଠାଇଛି। ଏଭଳି ଏକ ଘଟଣା ପଞ୍ଜାବ ପଟିଆଲା ଅଞ୍ଚଳରେ ଘଟିଛି।




ମୃତ ନଭଜୋତ୍ ସିଂ

ପଟିଆଲା(ପଞ୍ଜାବ),୨।୪

ପଞ୍ଜାବ ପଟିଆଲାର ନଭଜୋତ୍ ସିଂ ଗତ ୨୪ତାରିଖରେ ନିଜର ୧୭ଶ ଜନ୍ମ ଦିବସ ପରିବାର ଲୋକଙ୍କ ସହ ମିଶି ପାଳନ କରିଥିଲେ। ଏହାର ଦିନକ ପରେ ସାଙ୍ଗମାନଙ୍କ ସହ ହରିଦ୍ୱାର ବୁଲିବାକୁ ଯାଉଛି ବୋଲି କହି ଘରୁ ବାହାରିଥିଲେ। ପରେ ସେ ହରିଦ୍ୱାର ଯାଉନାହାନ୍ତି ଏବଂ ଘରକୁ ଫେରୁଛନ୍ତି ବୋଲି ପରିବାର ଲୋକଙ୍କୁ ଫୋନ କରି ଜଣାଇଥିଲେ। ହେଲେ ଫେରି ନ ଥିଲେ। ସେହି ଦିନ ରାତିରେ ଏକ ଖଣ୍ଡବିଖଣ୍ଡିତ ମୃତଦେହ ରେଳଷ୍ଟେଶନ ନିକଟରେ ପଡ଼ିଥିବା ନେଇ ପୋଲିସ ଖବର ପାଇଥିଲା। ଉକ୍ତ ମୃତଦେହ ୨ଖଣ୍ଡ ହୋଇଯାଇଥିବାବେଳେ ଶରୀରର ବିଭିନ୍ନ ସ୍ଥାନରେ କଟାଦାଗ ରହିଥିବା ଦେଖିବାକୁ ମିଳିଥିଲା। ମୃତଦେହ ଚିହ୍ନଟ କରାଯାଇ ନ ପାରିବାରୁ ପୋଲିସ ଏହାର ପୋଷ୍ଟର ନିକଟସ୍ଥ ଅଞ୍ଚଳରେ ମାରିଥିଲା। ମାର୍ଚ୍ଚ ୩୦ତାରିଖ ଦିନ ନଭଜୋତଙ୍କ ବାପା ହରଜିନ୍ଦର ସିଂ ପୁଅକୁ ନ ପାଇ ପୋଲିସ ନିକଟରେ ପହଞ୍ଚିବା ପରେ ମୃତଦେହ ଚିହ୍ନଟ ହୋଇଥିଲା। ତଦନ୍ତ ସମୟରେ ନଭଜୋତଙ୍କୁ ତାଙ୍କ ସାଙ୍ଗ ଅମନଜୋତ ହତ୍ୟା କରିଥିବା ପୋଲିସ ଜାଣିବାକୁ ପାଇଥିଲା। ନଭଜୋତ ବ୍ୟବହାର କରୁଥିବା ଆଇଫୋନ-୧୧କୁ ଅମନଜୋତଙ୍କ ଠାରୁ ଜବତ କରାଯାଇଥିଲା। ଆଇଫୋନ ନେବାକୁ ଅମନଜୋତ ତାଙ୍କ ସାଙ୍ଗ ନଭଜୋତଙ୍କୁ ହତ୍ୟା କରି ଜଣେ ସାଙ୍ଗ ସହଯୋଗରେ ଟ୍ରେନ୍ ଲାଇନରେ ପକାଇ ଦେଇଥିଲେ। ଏପରି କି ସହଯୋଗ ପାଇଁ ଅମନଜୋତ ତାଙ୍କ ସାଙ୍ଗକୁ ହଜାରେ ଟଙ୍କା ଦେଇଥିଲେ ବୋଲି ଜଣାପଡ଼ିଛି। ଅମନଜୋତ ନାବାଳକ ହୋଇଥିବାରୁ ପୋଲିସ ତାଙ୍କୁ ଜୁଭନାଇଲ କୋର୍ଟରେ ହାଜର କରିଛି।

# ଚାକିରି ଦେବାକୁ କହି ଠକେଇ, ନକଲି ଇନ୍‌ସପେକ୍ଟର ଗିରଫ




ଗିରଫ ଅଭିଯୁକ୍ତ, ଜବତ ନକଲି ପୋଲିସ ପୋଷାକ ଏବଂ ପରିଚୟ ପତ୍ର।

କଟକ,୨।୪(କାର୍ତ୍ତିକ ସାହୁ)

ପୋଲିସ ଇନ୍‌ସପେକ୍ଟର ପରିଚୟ ଦେଇ ଠକେଇ କରିବା ଅଭିଯୋଗରେ ବାଦାମବାଡ଼ି ପୋଲିସ ଜଣେ ଯୁବକଙ୍କୁ ଗିରଫ କରି ବୁଧବାର କୋର୍ଟ ଚାଲାଣ କରିଛି। ସେ ହେଲେ କଟକ ଜିଲା ତିଗିରିଆ ଥାନା ଅନ୍ତର୍ଗତ ନୂଆପାଟଣା ଗ୍ରାମର ଗୁଣ୍ଡିଚା ଦଳେଇ(୨୭)। ତାଙ୍କ ନିକଟରୁ ଏକ ଲାପ୍‌ଟପ୍, ୫ଟି ମୋବାଇଲ ଫୋନ୍, ନକଲି ଆଇ କାର୍ଡ, ପୋଲିସ ପୋଷାକ, ଟୋପି, ନାମଫଳକ, ଷ୍ଟାର, ଲୋଗୋ, ପୋଲିସ ଷ୍ଟାମ୍ପ, ଚେକ୍‌ବୁକ୍ ଆଦି ଜବତ କରାଯାଇଛି। ଏଥିସହ ତାଙ୍କ ଆକାଉଣ୍ଟରେ ଥିବା ୪ ଲକ୍ଷ ଟଙ୍କାକୁ ଫ୍ରିଜ୍ କରାଯାଇଛି ବୋଲି କଟକ ଡିସିପି ଅଫିସ୍‌ରେ ବୁଧବାର ଅପରାହ୍ନରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଡିସିପି ଖିଲାରୀ ଋଷିକେଶ ଦ୍ୟାନ୍‌ଦେଓ ସୂଚନା ଦେଇଛନ୍ତି। ଏଥିସହ ଚାକିରି ଆଶାୟୀମାନେ ଏଭଳି ଠକମାନଙ୍କ ପ୍ରତି ସତର୍କ ରହିବା ସହ ସେମାନଙ୍କୁ ବିଶ୍ୱାସ ନ କରିବାକୁ କହିଛନ୍ତି। ସରକାରୀ ନିଯୁକ୍ତି ସ୍ୱଚ୍ଛ ଭାବେ ହୋଇଥାଏ। ତେଣୁ କେହି ଏଭଳି ପ୍ରତିଶ୍ରୁତି ଦେଇ ଟଙ୍କା ମାଗିଲେ ତୁରନ୍ତ ନିକଟସ୍ଥ ଥାନାରେ ଜଣାଇବାକୁ ଡିସିପି କହିଛନ୍ତି।

ସୂଚନାନୁସାରେ, ଠକାମିର ଶିକାର ହୋଇଥିବା ପୀଡ଼ିତ ଜଣଙ୍କ କଟକ ନେତାଜୀ ବସ୍ ଟର୍ମିନାଲରେ ଜଣେ ସିକ୍ୟୁରିଟ୍ ଗାର୍ଡ ଭାବେ କାର୍ଯ୍ୟ କରନ୍ତି। ସେ ହୋମ୍‌ଗାର୍ଡ ଚାକିରି ନିମନ୍ତେ ଆବେଦନ କରିଥିଲେ। ଇତିମଧ୍ୟରେ ସେ ଅଭିଯୁକ୍ତ ଗୁଣ୍ଡିଚାଙ୍କ ସଂସ୍ପର୍ଶରେ ଆସିଥିଲେ। ଅଭିଯୁକ୍ତ ଗ୍ରାମାଞ୍ଚଳ ଏସ୍‌ପି ଅଫିସରେ ଇନ୍‌ସପେକ୍ଟର ଥିବା କହି ତାଙ୍କୁ ପ୍ରଭାବିତ କରିଥିଲେ। ତାଙ୍କୁ ନିଜର ପୋଲିସ ୟୁନିଫର୍ମ ଓ ଆଇକାର୍ଡ ମଧ୍ୟ ଦେଖାଇଥିଲେ। ଏଥିସହ ହୋମ୍‌ଗାର୍ଡ ଚାକିରି କରାଇଦେଲେ ୧.୫ ଲକ୍ଷ ଟଙ୍କା ନେବାକୁ ଦାବି କରିଥିଲେ। ଅଭିଯୁକ୍ତଙ୍କ କଥାରେ ବିଶ୍ୱାସ କରି ପୀଡ଼ିତ ତାଙ୍କୁ ପ୍ରାଥମିକ ଭାବେ ୧୦ ହଜାର ଟଙ୍କା ଦେଇଥିଲେ। ପରବର୍ତ୍ତୀ ସମୟରେ ସେ ଠକାମିର ଶିକାର ହୋଇଥିବା ଜାଣିବାକୁ ପାଇଲେ। ଏନେଇ ସେ ବାଦାମବାଡ଼ି ଥାନାରେ ଅଭିଯୋଗ କରିଥିଲେ।

# ଝିଅକୁ ହେମଦସ୍ତାରେ ପିଟି ଆତ୍ମହତ୍ୟା କଲେ ବାପା

ଚାନ୍ଦବାଲି,୨।୪(କିଷାନ ପାତ୍ର)

ଭଦ୍ରକ ଜିଲା ଚାନ୍ଦବାଲି ବ୍ଲକ ବାଁଶଡ଼ା ଥାନା ଅଧୀନ ତୋଟାପଡ଼ା ଗାଁର ଜେନାସାହିରେ ବୁଧବାର ଏକ ଅଭାବନୀୟ ଘଟଣା ଘଟିଛି। ଅଷ୍ଟମ ଶ୍ରେଣୀରେ ପଢୁଥିବା ଝିଅକୁ ହେମଦସ୍ତାରେ ପିଟି ଗୁରୁତର କରିବା ପରେ ବାପା ଆତ୍ମହତ୍ୟା କରିବା ଘଟଣା ଚର୍ଚ୍ଚାର ବିଷୟ ପାଲଟିଛି।

ସୂଚନା ମୁତାବକ, ତୋଟାପଡ଼ା ଗାଁ ଜେନାସାହିର ସୁରେନ୍ଦ୍ର ଜେନା ଅପରାହ୍ନରେ କୌଣସି କାରଣରୁ ରାଗିଯାଇ ଅଷ୍ଟମ ଶ୍ରେଣୀରେ ପଢୁଥିବା ତାଙ୍କ ଝିଅ ଗୀତାଞ୍ଜଳିଙ୍କୁ ହେମଦସ୍ତାରେ ପିଟି ଗୁରୁତର କରିଥିଲେ। ପରେ ମାନସିକ ଭାରସାମ୍ୟ ହରାଇ ଏକ ଗଛରେ ବେକରେ ଫାଶୀ ଲଗାଇ ଆତ୍ମହତ୍ୟା କରିଥିଲେ। ଗୀତାଞ୍ଜଳିଙ୍କୁ ଗୁରୁତର ଅବସ୍ଥାରେ ପଡ଼ୋଶୀମାନେ ଉଦ୍ଧାର କରି ପ୍ରଥମେ ତିହିଡ଼ି ମେଡିକାଲ ଓ ପରେ ଭଦ୍ରକ ମୁଖ୍ୟ ଚିକିତ୍ସାଳୟକୁ ଚିକିତ୍ସା ପାଇଁ ପଠାଇଛନ୍ତି। ଘଟଣାସ୍ଥଳରେ ଘଣ୍ଟେଶ୍ୱର ଫାଣ୍ଡି ପୋଲିସ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ଉଲ୍ଲେଖଯୋଗ୍ୟ, କିଛି ମାସ ହେବ ସୁରେନ୍ଦ୍ରଙ୍କ ସ୍ତ୍ରୀ ନିଖୋଜ ଥିବାରୁ ବାପା ଝିଅ ଘରେ ରହୁଥିଲେ।

# ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଦେହଟି ସରୁଆ ମୁହଁଟି ଚେପା**
**ଏହାକୁ ପରତେ ନ ଯିବ ବାପା।**

ଅପେକ୍ଷାକୃତ ଶରୀର ପତଳା ଥିବା ବ୍ୟକ୍ତି ବିଶ୍ୱାସଯୋଗ୍ୟ ହୋଇ ନ ଥାନ୍ତି। ତାଙ୍କର ମନ ଆଦୌ ଖୋଲା ନ ଥାଏ। ସେହିପରି ମୁହଁର ଆକୃତି ସାମାନ୍ୟ ବଙ୍କା ଥିବା ବ୍ୟକ୍ତି ମଧ ଭରସାଯୋଗ୍ୟ ହୋଇ ନ ଥାନ୍ତି। ଏହି ଧରଣର ବ୍ୟକ୍ତିଙ୍କୁ ବିଶ୍ୱାସରେ ନେବା ଅନୁଚିତ ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ଦୁଧ ଘଡ଼ିକି ଆଶା**
**ପୁଅ ମୁଣ୍ଡକୁ ଆଶା।**

କୃପଣ ବ୍ୟକ୍ତି ହାତରୁ ଟଙ୍କାଟିଏ ବି ଖର୍ଚ୍ଚ କରିବାକୁ ଚାହିଁ ନ ଥାନ୍ତି। ଖର୍ଚ୍ଚ କଥା ପଡ଼ିଲେ ଦେହରୁ ରକ୍ତ ଶୁଖିଯାଇଥାଏ। ଗୋଟିଏ ପଟେ ପିଲାର ଭଲ ମନ୍ଦ ନେଇ ଚିନ୍ତା ତ ଅନ୍ୟ ପଟେ ଅର୍ଥ ଖର୍ଚ୍ଚର ଭୟ। ଏପରି ଅବସ୍ଥା ଉକ୍ତ ବ୍ୟକ୍ତିଙ୍କୁ ହରଡ଼ଘଣାରେ ପକାଇଦେବା ସ୍ୱାଭାବିକ ହୋଇଥିବା ସ୍ଥଳେ କୃପଣ ବ୍ୟକ୍ତିଙ୍କର ଧନ ପ୍ରତି ରହିଥିବା ଅହେତୁକ ଦୁର୍ବଳତାଭାବ ପ୍ରତି ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ରୁଢ଼ି ପ୍ରୟୋଗ-ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା:ଲିଃ




ବୁଧବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।

# ଏନ୍‌ଏଚ୍ ଅଧୀକ୍ଷଣ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ ଆସବାବପତ୍ର ବାଜ୍ୟାପ୍ତି

## ଠିକାସଂସ୍ଥା ଟଙ୍କା ପ୍ରଦାନରେ ଅବହେଳାରୁ କାର୍ଯ୍ୟାନୁଷ୍ଠାନ

ସମ୍ବଲପୁର,୨।୪ (ପ୍ରମୋଦ ବହିଦାର)

ଠିକାକାମ ବାବଦ ଟଙ୍କା ନ ଦେବାରୁ ବୁଧବାର ସମ୍ବଲପୁର ଜାତୀୟ ରାଜପଥ ସର୍କଲ ଅଧୀକ୍ଷଣ ଯନ୍ତ୍ରୀଙ୍କ କାର୍ଯ୍ୟାଳୟର ସମସ୍ତ ଆସବାବପତ୍ର ବାଜ୍ୟାପ୍ତ କରିଛନ୍ତି ଅଦାଲତ। ୨୦୦୭-୨୦୦୮ ମସିହାରେ କେନ୍ଦୁଝର ଜିଲା ଅଧୀନ ୫୩ ନମ୍ବର ଜାତୀୟ ରାଜପଥର ପ୍ରାୟ ୧୨କିଲୋମିଟର ରାସ୍ତାର ପ୍ରଶସ୍ତୀକରଣ କାମ ଠିକାସଂସ୍ଥା ଓରିଏଣ୍ଟ କନ୍‌ଷ୍ଟ୍ରକ୍ସନ୍ ପ୍ରାଇଭେଟ୍ ଲିମିଟେଡ୍ କରିଥିଲା। ହେଲେ ଏହି କାର୍ଯ୍ୟ ବାବଦକୁ ଜାତୀୟ ରାଜପଥ(ଏନ୍‌ଏଚ୍) ଡିଭିଜନ ଉକ୍ତ ଠିକାସଂସ୍ଥାକୁ ୭୪ଲକ୍ଷ ୧୬ହଜାର ୧୧୮ ଟଙ୍କା ପ୍ରଦାନ କରି ନ ଥିଲା। ଏହାକୁ ସମ୍ପୃକ୍ତ ଠିକାସଂସ୍ଥା ସମ୍ବଲପୁର ସିନିୟର ଡିଭିଜନ ସିଭିଲ୍ ଜଜ୍‌ଙ୍କ ଅଦାଲତର ଦ୍ୱାରସ୍ଥ ହୋଇଥିଲା। ଉକ୍ତ ମାମଲାର ବିଚାରକରି ଅଦାଲତ ୨୦୧୩ ମସିହାରେ ଆବେଦନକାରୀ ଠିକାସଂସ୍ଥାକୁ ବକେୟା ଟଙ୍କା ଉପରେ ସୁଧକୁ ମିଶାଇ ମୋଟ ୧ କୋଟି ୪୨ଲକ୍ଷ ୨ହଜାର ୮୬୬ ଟଙ୍କା ପ୍ରଦାନ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ମାତ୍ର ଏନ୍‌ଏଚ୍ ଡିଭିଜନ ପକ୍ଷରୁ ଉକ୍ତ ଟଙ୍କା ପ୍ରଦାନ ପାଇଁ କୌଣସି ପଦକ୍ଷେପ ନିଆଯାଇ ନ ଥିଲା। ଫଳରେ ଅଦାଲତ ପକ୍ଷରୁ ଗତ ମାର୍ଚ୍ଚ ୭ରେ ଜାରି ନିର୍ଦ୍ଦେଶ ଅନୁସାରେ ବୁଧବାର ଅଦାଲତର ପ୍ରୋସେସ ସର୍ଭରମାନେ ସମ୍ବଲପୁର ଜାତୀୟ ରାଜପଥ ଡିଭିଜନର ସର୍କଲ ଅଧୀକ୍ଷଣ ଯନ୍ତ୍ରୀ ଓ ନିର୍ବାହୀ ଯନ୍ତ୍ରୀଙ୍କ କାର୍ଯ୍ୟାଳୟରେ ପହଞ୍ଚି ସମସ୍ତ ଅସ୍ଥାବର ସମ୍ପତ୍ତି ଓ ଆସବାବପତ୍ର ବାଜ୍ୟାପ୍ତ କରିଛନ୍ତି। ସେଥିମଧ୍ୟରେ କାର୍ଯ୍ୟାଳୟ ଆଲମାରୀ, ଟେବୁଲ, ଚୌକି, କମ୍ପ୍ୟୁଟର, ପ୍ରିଣ୍ଟର, ଫ୍ୟାକ୍ସ ମେଶିନ, ଟିଭି, ମନିଟର, ଇନ୍‌ଭର୍ଟର ଆଦି ସାମଗ୍ରୀ ରହିଛି।

ଅଦାଲତରେ ଏହି ମାମଲାକୁ ପରିଚାଳନା କରୁଥିବା ଠିକାସଂସ୍ଥା ଓକିଲ ସୌରୀ ନାରାୟଣ ପାଢ଼ୀ କହିଛନ୍ତି, ବାରମ୍ବାର ଅନୁରୋଧ ସତ୍ତ୍ୱେ ଜାତୀୟ ରାଜପଥ ବିଭାଗ ବକେୟା ରାଶି ପ୍ରଦାନ କରି ନ ଥିଲେ। ଫଳରେ ସମ୍ପୃକ୍ତ ଠିକାସଂସ୍ଥାର ଆବେଦନ କ୍ରମେ ଅଦାଲତ ଏହି ପଦକ୍ଷେପ ଗ୍ରହଣ କରିଛନ୍ତି। ସେହିପରି ସମ୍ବଲପୁର ଜାତୀୟ ରାଜପଥ ସର୍କଲର ବ୍ୟକ୍ତିଗତ ସହାୟକ ଶ୍ୟାମ ସୁନ୍ଦର ପ୍ରସାଦ ରାମ କହିଛନ୍ତି, ଏ ବାବଦରେ ବିଭାଗର ଉଚ୍ଚ ଅଧିକାରୀମାନେ ହିଁ କହିପାରିବେ। ତେବେ ଅଦାଲତଙ୍କ ପକ୍ଷରୁ କାର୍ଯ୍ୟାଳୟର ସମସ୍ତ ଆସବାବପତ୍ରକୁ ବାଜ୍ୟାପ୍ତ କରାଯାଇଥିବା ସେ କହିଛନ୍ତି।



ଅଧୀକ୍ଷଣ ଯନ୍ତ୍ରୀଙ୍କ କାର୍ଯ୍ୟାଳୟରେ ସମ୍ପତ୍ତି ଜବତ ହେଉଛି।

# ଭାରପ୍ରାପ୍ତ ସମବାୟ ସମିତି ସମ୍ପାଦକ ଗିରଫ

## ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନା ଅର୍ଥ ଆତ୍ମସାତ

ବାଲେଶ୍ୱର,୨।୪(ବାଞ୍ଛାନିଧି ଦେ)

ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନା କ୍ଷତିପୂରଣ ଅର୍ଥ ଆତ୍ମସାତ ଅଭିଯୋଗରେ ବାଲେଶ୍ୱର ଜିଲା ରେମୁଣା ବ୍ଲକ ଦୁର୍ଗାଦେବୀ ସମବାୟ ସମିତିର ଭାରପ୍ରାପ୍ତ ସମ୍ପାଦକ ଗିରିଶ ଚନ୍ଦ୍ର ବେହେରାଙ୍କୁ ବୁଧବାର ଭିଜିଲାନ୍ସ ଗିରଫ କରିଛି। ଏ ନେଇ ଦୁର୍ନୀତି ନିବାରଣ (ସଂଶୋଧନ) ଆଇନ ୨୦୧୮ ଅନୁଯାୟୀ ବାଲେଶ୍ୱର ଭିଜିଲାନ୍ସ ଥାନାରେ ଏକ ମାମଲା (ନଂ.୨/୨୦୨୫) ରୁଜୁ ହେବା ସହ ଗିରିଶଙ୍କୁ କୋର୍ଟଚାଲାଣ କରାଯାଇଛି। ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ଜେଲ ହାଜତକୁ ପଠାଯାଇଛି। ମାମଲାର ଅଧିକ ତଦନ୍ତ ଜାରି ରହିଥିବା ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି।

ସୂଚନା ଅନୁଯାୟୀ, ୨୦୨୧-୨୩ ମସିହା ମଧ୍ୟରେ ଚାଷ କ୍ଷୟକ୍ଷତିର ସମ୍ମୁଖୀନ ହୋଇଥିବା ଦୁର୍ଗାଦେବୀ ଅଞ୍ଚଳର ୩୮ଜଣ ଚାଷୀଙ୍କ କ୍ଷତିପୂରଣ ବାବଦ ୫ଲକ୍ଷ ୮୦ ହଜାର ଟଙ୍କା ଆତ୍ମସାତ ହୋଇଥିବା ଅଭିଯୋଗ ହୋଇଥିଲା। ଭିଜିଲାନ୍ସ ବିଭାଗର ତଦନ୍ତରେ ସମ୍ପୃକ୍ତ କ୍ଷତିପୂରଣ ଅର୍ଥ ବାବଦରେ ଗିରିଶ ଉପଯୁକ୍ତ ତଥ୍ୟ ଦେଇ ନ ପାରିବାରୁ ତାଙ୍କୁ ଗିରଫ କରାଯାଇଥିଲା।

# ପ୍ରେମିକଙ୍କୁ ଅପହରଣ କରି ୧୦ ଲକ୍ଷର ମୁକ୍ତିଜାମିନ

## ପ୍ରେମିକାଙ୍କ ସହ ୫ ଯୁବକ ହୋଟେଲରୁ ଗିରଫ

- ହୋଟେଲରେ ବନ୍ଦୀ କରି ରଖିଥିଲେ, ଉଦ୍ଧାର କଲା ପୋଲିସ
- ବଡ଼ଭଉଣୀଙ୍କ ପୁରୁଷବନ୍ଧୁଙ୍କ ସହାୟତାରେ କାଣ୍ଡ ଭିଆଇଥିଲେ

ଭୁବନେଶ୍ୱର,୨।୪(ସତ୍ୟଜିତ୍ ରାଉତ)

ନିବିଡ଼ ପ୍ରେମ ସମ୍ପର୍କରୁ ଲିଭ୍ ଇନ୍। ପରେ ପ୍ରେମିକାଙ୍କ ଚରିତ୍ର ଉପରେ ସନ୍ଦେହ ବଢ଼ିବାରୁ ହୋଇଥିଲା ଝଗଡ଼ାର ସୂତ୍ରପାତ। ଏଥିପାଇଁ ପ୍ରେମିକାଙ୍କୁ ଶାସ୍ତି ଦେବାକୁ କରିଥିଲେ ବଡ଼ ଷଡ଼ଯନ୍ତ୍ର। ବଡ଼ ଭଉଣୀଙ୍କ ପୁରୁଷବନ୍ଧୁଙ୍କ ସହଯୋଗରେ ନିଜ ଲିଭ୍ ଇନ୍ ପାର୍ଟନରଙ୍କୁ ନିସ୍ତୁକ ମାଡ଼ ମାରିବା ସହ କରାଇଥିଲେ ଅପହରଣ। ଏପରି କି ଅଭିଯୁକ୍ତମାନେ ମୁକ୍ତ ଜାମିନ ପାଇଁ ୧୦ଲକ୍ଷ ଟଙ୍କା ଦାବି କରିଥିଲେ। ଏହି ମାମଲାରେ କମିଶନରେଟ୍ ପୋଲିସ ବୁଧବାର ଭୁବନେଶ୍ୱରର ଏକ ହୋଟେଲରୁ ଅପହର୍ତ୍ତାଙ୍କ କବଳରୁ ଜଗତ୍‌ସିଂହପୁର ଜିଲା ଘଡ଼ିମୂଳ ଗାଁର ଅପହୃତ ଯୁବକ ସୋମନାଥ ସ୍ୱାଇଁଙ୍କୁ ଉଦ୍ଧାର କରିଛି। ଏଥିସହ ପ୍ରେମିକା ଝାଡ଼ଖଣ୍ଡ ଜାମସେଦପୁରର ପ୍ରାପ୍ତି ଶର୍ମା(୨୩), ତାଙ୍କ ବଡ଼ଭଉଣୀଙ୍କ ପୁରୁଷବନ୍ଧୁ ଏବଂ ଅନ୍ୟ ୩ ଯୁବକଙ୍କୁ ଖାରବେଳନଗର ଥାନା ପୋଲିସ ଗିରଫ କରିଛି। ସେମାନେ ହେଲେ ପ୍ରାପ୍ତିଙ୍କ ବଡ଼ଭଉଣୀଙ୍କ ପୁରୁଷବନ୍ଧୁ ପାହାଳ ଅଞ୍ଚଳରେ ରହୁଥିବା କେନ୍ଦୁଝର ଜିଲା ଆନନ୍ଦପୁର ଥାନା ଅନ୍ତର୍ଗତ ମନୋହରପୁର ଗ୍ରାମର ଆକାଶ କୁମାର ପରିଜା(୨୯) ଏବଂ କଳିଙ୍ଗନଗର ଶାମପୁରରେ ରହୁଥିବା ଢେଙ୍କାନାଳ ଜିଲା କାମାକ୍ଷାନଗରର ରାକେଶ ଚନ୍ଦ୍ର ବାରିକ(୩୩), ପାରାଦୀପର ଶ୍ୟାମସୁନ୍ଦର ସାହୁ (୨୨) ଓ ଭରତପୁରର ଶିବରାମ ବେହେରା(୨୮)। ଅଭିଯୁକ୍ତଙ୍କ ନିକଟରୁ ଏକ ଆଇ-୨୦ କାର୍ (ଓଡି୦୫-ଏଜେଡ୍-୩୫୮୭), ହୋଣ୍ଡା ସିଟି କାର୍ (ଓଡି୦୨-ଏପି-୩୪୪୩), ୮ ମୋବାଇଲ, ଆକ୍ରମଣରେ ବ୍ୟବହୃତ ବାଡ଼ି, କାଠଫାଳିଆ ଜବତ ହୋଇଛି। କୋର୍ଟ ଚାଲାଣ ପରେ ୫ଜଣଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି।






ଗିରଫ ଯୁବତୀଙ୍କ ସମେତ ଅଭିଯୁକ୍ତ।

ସୂଚନାନୁଯାୟୀ, ପ୍ରେମିକା ପ୍ରାପ୍ତିଙ୍କ ସହ ସୋମନାଥ ଖାରପଡ଼ା ମହାବୀରନଗର ଲେନସ୍ଥିତ ଭଡ଼ାଘରେ ୩ବର୍ଷ ହେବ ଲିଭ୍ ଇନ୍‌ରେ ରହୁଥିଲେ। ସୋମନାଥଙ୍କ ଅନ୍ୟ ପରିବାର ସଦସ୍ୟମାନେ ଜାମସେଦପୁରରେ ରହନ୍ତି। ପ୍ରାପ୍ତି ଆଉ ଜଣେ ଯୁବକଙ୍କ ସହ ସମ୍ପର୍କ ରଖିଥିବା ସୋମନାଥ ସନ୍ଦେହ କରିଥିଲେ। ଫଳରେ ଉଭୟଙ୍କ ମଧ୍ୟରେ କିଛିଦିନ ହେଲା ଝଗଡ଼ା ହେଉଥିଲା। ଗତ ୩୦ତାରିଖରେ ସୋମନାଥ ଓ ପ୍ରାପ୍ତିଙ୍କ ମଧ୍ୟରେ ପ୍ରବଳ କଥା କଟାକଟି ଓ ବଚସା ହୋଇଥିଲା। ଏତିକିବେଳେ ପ୍ରାପ୍ତିଙ୍କୁ ସୋମନାଥ ମାଡ଼ ମାରିଥିଲେ। ସୋମନାଥ ମାଡ଼ ମାରିଥିବା ନେଇ ପ୍ରାପ୍ତି ନିଜ ବଡ଼ଭଉଣୀଙ୍କୁ କହିଥିଲେ। ପରେ ବଡ଼ଭଉଣୀ ଆକାଶଙ୍କୁ କହିଥିଲେ। ସେହିଦିନ ଆକାଶ କାର୍‌ରେ ଅନ୍ୟ ୩ ସହଯୋଗୀଙ୍କ ସହ ଖାରପଡ଼ାସ୍ଥିତ ଭଡ଼ାଘରକୁ ଆସିଥିଲେ। ସେମାନେ ସୋମନାଥଙ୍କୁ କାଠଫାଳିଆ, ବାଡ଼ି ଆଦିରେ ଆକ୍ରମଣ କରିବା ସହ ବଳପୂର୍ବକ ଅପହରଣ କରିନେଇଥିଲେ। ଅଭିଯୁକ୍ତମାନେ ସୋମନାଥଙ୍କୁ ସମ୍ ହସ୍ପିଟାଲ ନିକଟ ଏକ ହୋଟେଲକୁ ନେଇ ବନ୍ଦୀ କରି ରଖିଥିଲେ। ଜଣେ ଅଭିଯୁକ୍ତ ମାର୍ଚ୍ଚ ୩୧ ରାତି ପ୍ରାୟ ୧୦ଟା ୩୦ରେ ସୋମନାଥଙ୍କ ମୋବାଇଲରୁ ଜାମ୍‌ସେଦପୁରରେ ରହୁଥିବା ତାଙ୍କ ଭଉଣୀ ଅଞ୍ଜିତାଙ୍କୁ କଲ୍ କରିଥିଲେ। ସୋମନାଥଙ୍କୁ ମୁକୁଳାଇବା ପାଇଁ ସେମାନେ ୧୦ ଲକ୍ଷ ଟଙ୍କା ମାଗିଥିଲେ। ଏହି ଘଟଣାରେ ଅଞ୍ଜିତା ଭୁବନେଶ୍ୱର ଆସି ଖାରବେଳନଗର ଅଞ୍ଚଳରେ ସୋମନାଥ ରହୁଥିବା ଶୁଣିବାକୁ ପାଇ ଉକ୍ତ ଥାନାର ଦ୍ୱାରସ୍ଥ ହୋଇଥିଲେ। ଭାଇଙ୍କ ସହ ରହୁଥିବା ପ୍ରାପ୍ତି ହିଁ ଏନେଇ ଜାଣିଥିବା ସେ ଆଶଙ୍କା କରି ପୋଲିସକୁ ଜଣାଇଥିଲେ। ଥାନାରେ ମାମଲା (ନଂ.୧୩୧/୨୦୨୫) ରୁଜୁ ହେବା ସହ ତଦନ୍ତ ପାଇଁ ପୋଲିସ ୩ଟି ଟିମ୍ ଗଠନ କରିଥିଲା। ଫୋନ କଲ୍, ସିସିଟିଭି ଫୁଟେଜ୍ ଏବଂ ଅନ୍ୟ ବୈଷୟିକ ତଥ୍ୟ ସାହାଯ୍ୟରେ ପୋଲିସ ତଦନ୍ତକୁ ଜୋରଦାର କରିଥିଲା। ମାମଲା ରୁଜୁ ହେବାର ୬ଘଣ୍ଟା ଭିତରେ ଅପହର୍ତ୍ତାଙ୍କ କବଳରୁ ଅପହୃତଙ୍କୁ ଉଦ୍ଧାର କରାଯାଇଥିଲା ବୋଲି ପୋଲିସ କମିଶନର ଏସ୍. ଦେବଦତ୍ତ ସିଂ ଖବରଦାତା ସମ୍ମିଳନୀରେ ସୂଚନା ଦେଇଛନ୍ତି।

## ଜନ୍ମଦିନର ଶୁଭେଚ୍ଛା

ନାମ: ....................................
ବୟସ:....................................
ଜନ୍ମ ତାରିଖ: ..............................



ଗୁନ୍‌ଗୁନ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ବିଧାୟକ ପ୍ରଶାନ୍ତଙ୍କ ଭାଷଣକୁ ନେଇ ହୋହଲ୍ଲା

**କଟକ,୨।୪(ଶିଳ୍ପା ପ୍ରିୟଦର୍ଶିନୀ)**

**ରାଜ୍ୟସ୍ତରୀୟ ଓଡ଼ିଶା ଦିବସ ପାଳନବେଳେ ମଞ୍ଚରେ ରୋଚକ ଦୃଶ୍ୟ**

**ପୂର୍ବ ସରକାର, ପ୍ରଶାନ୍ତଙ୍କୁ ଟାର୍ଗେଟ କଲେ ମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜ**

ରାଜ୍ୟସ୍ତରୀୟ ଓଡ଼ିଶା ଦିବସ ପାଳନ ଅବସରରେ କଟକ ଜିଲା ସତ୍ୟଭାମାପୁରଠାରେ ମଙ୍ଗଳବାର ଏକ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ଏହି କାର୍ଯ୍ୟକ୍ରମର ମଞ୍ଚରେ ରୋଚକ ଦୃଶ୍ୟ ଦେଖିବାକୁ ମିଳିଛି। ସରକାରୀ କାର୍ଯ୍ୟକ୍ରମବେଳେ ବିଜେଡି ବିଧାୟକ ପ୍ରଶାନ୍ତ ବେହେରା ମଞ୍ଚ ଉପରେ ନିଜ ଭାଷଣରେ ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଗୁଣଗାନ କରିବାରୁ ମଞ୍ଚ ତଳେ ଥିବା ଲୋକେ ଏବଂ ଭାଜପା କର୍ମୀ ହୋହଲ୍ଲା କରିଥିଲେ। ପରେ ସେହି ମଞ୍ଚରେ ଓଡ଼ିଆ ଭାଷା ସାହିତ୍ୟ ଓ ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ବିଧାୟକଙ୍କ କଥାକୁ କାଉଣ୍ଟର କରିଥିଲେ। ସେ କହିଥିଲେ, ଏହା ରାଜନୈତିକ ମଞ୍ଚ ନୁହେଁ। ଏହି ମଞ୍ଚରେ କେଉଁ ସରକାର କେଉଁ ସମୟରେ କ'ଣ କାମ କରିଥିଲା, ତାହା କହିବା ଉପଯୁକ୍ତ ସମୟ ନୁହେଁ। ଏହି ମଞ୍ଚ ଓଡ଼ିଆଙ୍କ ସ୍ୱାଭିମାନ, ଓଡ଼ିଆଙ୍କ ଭାବନାକୁ ପ୍ରଦର୍ଶନ କରିବାର ମଞ୍ଚ। ଓଡ଼ିଶା ଦିବସରେ ପ୍ରତ୍ୟେକ ଓଡ଼ିଆ ରାଜ୍ୟର ଉନ୍ନତି ପାଇଁ କାମ କରିବାର ଆବଶ୍ୟକତା ରହିଛି। ଏଥିପାଇଁ ସମସ୍ତେ ଏକଜୁଟ୍ ହେବା ଆବଶ୍ୟକ ବୋଲି ମନ୍ତ୍ରୀ ସୁରଜ କହିଥିଲେ।



ତାମିଲନାଡୁର ମଦୁରାଇରେ ବୁଧବାର ଅନୁଷ୍ଠିତ ସିପିଆଇ-ଏମର ୨୪ତମ ପାର୍ଟି କଂଗ୍ରେସରେ କେରଳ ମୁଖ୍ୟମନ୍ତ୍ରୀ ତଥା ସିପିଆଇ-ଏମ୍ ନେତା ପିନାରାୟୀ ବିଜୟନ, ଦଳର ମଧ୍ୟବର୍ତ୍ତୀକାଳୀନ ସଂଯୋଜକ ପ୍ରକାଶ କରାଟ, ସିପିଆଇ-ଏମ୍ ପଲିଟ୍‌ବ୍ୟୁରୋ ସଦସ୍ୟ ବିମାନ ବୋଷ, ସିପିଆଇ ସାଧାରଣ ସମ୍ପାଦକ ଡି. ରାଜା ଏବଂ ଅନ୍ୟ ନେତୃବୃନ୍ଦ ।

# ନୂତନ ଭାରତ ଗଠନ ପାଇଁ ଏକାଠି କାମ କରିବା: ପ୍ରକାଶ କରାଟ

ଚେନ୍ନାଇ: ୨।୪

ତାମିଲନାଡୁର ମଦୁରାଇରେ ଚାଲିଥିବା ଭାରତୀୟ କମ୍ୟୁନିଷ୍ଟ ପାର୍ଟି (ମାର୍କ୍ସବାଦୀ)ର ୨୪ତମ କଂଗ୍ରେସ ପ୍ରତିକ୍ରିୟାଶୀଳ ଶକ୍ତିକୁ ପଛକୁ ଠେଲିବା ପାଇଁ ସମସ୍ତ ବାମପନ୍ଥୀ, ଗଣତାନ୍ତ୍ରିକ ଏବଂ ଧର୍ମନିରପେକ୍ଷ ଶକ୍ତିକୁ ଏକତ୍ରିତ ହେବାକୁ ସିପିଆଇ(ଏମ୍) ମଧ୍ୟବର୍ତ୍ତୀକାଳୀନ ସଂଯୋଜକ ପ୍ରକାଶ କରାଟ ଆହ୍ୱାନ ଦେଇଛନ୍ତି। ଆସନ୍ତୁ ଆମେ ଏକ ନୂତନ ଭାରତ ଗଠନ ପାଇଁ ଏକାଠି କାମ କରିବା। ଧର୍ମନିରପେକ୍ଷ, ଗଣତାନ୍ତ୍ରିକ ଏବଂ ପ୍ରଗତିଶୀଳ ଧାରାରେ ଲୋକଙ୍କୁ ଗଣତନ୍ତ୍ର ଏବଂ ସମାଜବାଦ ଆଡ଼କୁ ନେଇଯିବା ବୋଲି ସେ ଉଦ୍‌ଘାଟନୀ ଅଧିବେଶନକୁ ସମ୍ବୋଧିତ କରି କରାଟ ଏଭଳି କହିଛନ୍ତି।

# ବିଧାନସଭାରେ କୋଶଳ ତାତି

**ଭୁବନେଶ୍ୱର,୨।୪(ରବିନାରାୟଣ ଜେନା)**

**■ସମ୍ବଲପୁରୀ-କୋଶଳୀ ଭାଷାକୁ ଦ୍ୱିତୀୟ ରାଜ୍ୟ ଭାଷା ମାନ୍ୟତା ମିଳୁ**

**■ଶାସକ, ବିରୋଧୀଙ୍କ ଏକମତ**

ସମ୍ବଲପୁରୀ-କୋଶଳୀ ଭାଷାକୁ ଦ୍ୱିତୀୟ ରାଜ୍ୟ ଭାଷା ମାନ୍ୟତା ଦାବି ନେଇ ବୁଧବାର ବିଧାନସଭାରେ ତାତି ଜୋର୍ ଧରିଛି। କିଛିଦିନ ପୂର୍ବରୁ ଭାଜପାର ବରିଷ୍ଠ ସଦସ୍ୟ ଜୟନାରାୟଣ ମିଶ୍ର ଏହି ପରିପ୍ରେକ୍ଷୀରେ ମନ୍ତବ୍ୟ ଦେଇ ସାରା ରାଜ୍ୟରେ ଚର୍ଚ୍ଚାର ପରିଧି ଭିତରକୁ ଆସିଥିବାବେଳେ ବୁଧବାର ଗୃହ ଭିତରେ ବିରୋଧୀ ଓ ବାହାରେ ଶାସକ ଦଳ ସଭ୍ୟ ଏହି ସ୍ୱରକୁ ଶାଣିତ କରିଛନ୍ତି।

ବୁଧବାର ଶୂନ୍ୟକାଳରେ ଏହି ପ୍ରସଙ୍ଗ ଉଠାଇ ବିରୋଧୀ ଦଳ ଉପନେତା ପ୍ରସନ୍ନ ଆଚାର୍ଯ୍ୟ କହିଥିଲେ, ଭାଷା ହେଉଛି ଗୋଟିଏ ଅଞ୍ଚଳର ଆତ୍ମା। ଭାଷାକୁ ଛାଡ଼ି କୌଣସି ଅଞ୍ଚଳ ବଞ୍ଚିପାରିବ ନାହିଁ। ତେବେ ଗତ ମଙ୍ଗଳବାର ରାଜ୍ୟବ୍ୟାପୀ ଓଡ଼ିଶା ତଥା ଉତ୍କଳ ଦିବସ ମହାସମାରୋହରେ ପାଳିତ ହେଲା। ଯେଉଁ ସଂକଳ୍ପ ନେଇ ଓଡ଼ିଶା ଦିବସ ପାଳନ କରାଯାଉଛି ତାହା ସାର୍ଥକ ହେଉନାହିଁ। ରାଜ୍ୟର ୧୧ ଜିଲାର ଦେଢ଼କୋଟି ଲୋକ କୋଶଳୀ ଭାଷାରେ କଥାବାର୍ତ୍ତା ହେଉଛନ୍ତି। ଅନେକ ବର୍ଷ ହେବ ଏହି ଭାଷାକୁ ଅନ୍ୟତମ ରାଜ୍ୟ ଭାଷା ଭାବେ ମାନ୍ୟତା ଦେବାକୁ ଦାବି ହୋଇଆସୁଛି। ରାଜ୍ୟ ସରକାର ଏହାକୁ ସ୍ୱୀକୃତି ପ୍ରଦାନ କରନ୍ତୁ। ଏହି ଭାଷାରେ ରାମାୟଣ, ମହାଭାରତ, ହଜାର ହଜାର କବିତା ଓ କ୍ଷୁଦ୍ରଗଳ୍ପ ଲେଖାହୋଇଛି। ଏହି ଭାଷାର ନିଜସ୍ୱ ଅଭିଧାନ ମଧ୍ୟ ରହିଛି। ଏହି ଅଭିଧାନର ରଚୟିତା ସତ୍ୟନାରାୟଣ ବହିଦାରଙ୍କ ଜୟନ୍ତୀ ପାଳନ ହେଉଛି। ପଦ୍ମଶ୍ରୀ ହଳଧର ନାଗ କୋଶଳୀ ଭାଷାରେ ବହୁ ଗ୍ରନ୍ଥ ରଚନା କରିଛନ୍ତି। ସମ୍ବଲପୁରୀ ସଙ୍ଗୀତ 'ରଙ୍ଗବତୀ' ଗୀତ ସାରା ଭାରତରେ ଚର୍ଚ୍ଚିତ। ଦିଲ୍ଲୀରେ ଯେତେବେଳେ ସଙ୍ଗୀତ କାର୍ଯ୍ୟକ୍ରମରେ ରଙ୍ଗବତୀ ଗୀତ ବାଜେ ସମସ୍ତେ ଝୁମନ୍ତି। ସଂସଦରେ ମଧ୍ୟ ବର୍ତ୍ତମାନର ରାଜସ୍ୱ ମନ୍ତ୍ରୀ ତଥା ତତ୍‌କାଳୀନ ଏମ୍‌ପି ସୁରେଶ ପୂଜାରୀ ଏବଂ ମୁଁ ଏହି ପ୍ରସଙ୍ଗ ଉଠାଇ ଦାବି ରଖିଥିଲୁ ବୋଲି ପ୍ରସନ୍ନ କହିଛନ୍ତି।

ଏଥିସହ ସେ କହିଛନ୍ତି, ସମ୍ବିଧାନର ଅଷ୍ଟମ ଅନୁଚ୍ଛେଦରେ କୋଶଳୀ ଭାଷାକୁ ସ୍ଥାନିତ କରାଯାଉ। ସମ୍ବିଧାନର ନିୟମ ଅନୁଯାୟୀ, ରାଜ୍ୟ ସରକାର ଚାହିଁଲେ ଆଉ ଏକ ଭାଷାକୁ ମଧ୍ୟ ରାଜ୍ୟ ଭାଷାର ମାନ୍ୟତା ଦେଇପାରିବେ, ଏଥିପାଇଁ ସ୍ୱତନ୍ତ୍ର ପ୍ରାବଧାନ ଅଛି। ଏନେଇ ରାଜ୍ୟ ସରକାର କେନ୍ଦ୍ରକୁ ଆଉଥରେ ପ୍ରସ୍ତାବ ପଠାନ୍ତୁ। ଏହା ରାଜ୍ୟ ସରକାରଙ୍କ ପାଇଁ ଆହ୍ୱାନ। ଏଥିପାଇଁ କୌଣସି ଆଇନଗତ ବାଧା ନାହିଁ। ରାଷ୍ଟ୍ରପତିଙ୍କର ମଧ୍ୟ କ୍ଷମତା ଅଛି, ସେ ଚାହିଁଲେ ରାଜ୍ୟର ଦ୍ୱିତୀୟ ଭାଷା ପାଇଁ ନିର୍ଦ୍ଦେଶ ଦେଇପାରିବେ । ତେଣୁ କୋଶଳୀ ଭାଷାକୁ ଦ୍ୱିତୀୟ ରାଜ୍ୟ ଭାଷାର ମାନ୍ୟତା ଦିଆଯାଉ। ନଚେତ୍ ପାକିସ୍ତାନରେ ଯେଭଳି ଭାଷାଗତ ବିଭେଦତାକୁ ନେଇ ଦୁଇଟି ଦେଶ ସୃଷ୍ଟିହେଲା, ୨୦ରୁ ୨୫ ବର୍ଷ ପରେ ଓଡ଼ିଶାରେ ସେହିଭଳି ପରିସ୍ଥିତି ଉପୁଜିପାରେ ବୋଲି ପ୍ରସନ୍ନ କହିଥିଲେ।

ପରେ ଏହି ଦାବିକୁ ସମର୍ଥନ ଜଣାଇ ବିଜେଡି ସଦସ୍ୟ ଦିବ୍ୟଶଙ୍କର ମିଶ୍ର କହିଥିଲେ, କିଛିଦିନ ପୂର୍ବରୁ କେନ୍ଦ୍ର ସରକାର ୫ଟି ଭାଷାକୁ ମାନ୍ୟତା ଦେଇଛନ୍ତି। ଆସାମ, ମହାରାଷ୍ଟ୍ର ଓ ବିହାର ଭଳି ରାଜ୍ୟରେ ଦୁଇଟି ଭାଷାକୁ ରାଜ୍ୟ ଭାଷା ମାନ୍ୟତା ଦିଆଯାଇଛି। ତେଣୁ ରାଜ୍ୟ ସରକାର ଏନେଇ ପଦକ୍ଷେପ ଗ୍ରହଣ କରନ୍ତୁ। ଯଥାଶୀଘ୍ର କୋଶଳୀ ଭାଷାକୁ ରାଜ୍ୟ ଭାଷା ମାନ୍ୟତା ପ୍ରଦାନ କରନ୍ତୁ ବୋଲି ସେ କହିଥିଲେ। ସେହିପରି ଗୃହ ବାହାରେ ଭାଜପା ସଦସ୍ୟ ଇରାଶିଷ ଆଚାର୍ଯ୍ୟ ଗଣମାଧ୍ୟମକୁ କହିଥିଲେ, ସମ୍ବଲପୁରୀ-କୋଶଳୀ ଭାଷାକୁ ଦ୍ୱିତୀୟ ରାଜ୍ୟ ଭାଷାର ମାନ୍ୟତା ଦେବାରେ କୌଣସି ଅସୁବିଧା ନାହିଁ।






# ଅନାସ୍ଥା ସପକ୍ଷରେ ୨୦ କାଉନସିଲରଙ୍କ ଭୋଟ



ଅନାସ୍ଥା ସପକ୍ଷରେ ଭୋଟ ଦେଇଥିବା କାଉନସିଲରମାନେ।

**ଯାଜପୁର/ଯାଜପୁର ରୋଡ଼ (ହର୍ଷବର୍ଦ୍ଧନ ବେହେରା/ ପବିତ୍ର ରଞ୍ଜନ ମହାନ୍ତି),୨।୪**

**ବ୍ୟାସନଗର ପୌରାଧ୍ୟକ୍ଷାଙ୍କୁ ବିରୋଧ**

**■୬ ଜଣ କାଉନସିଲର ଅନୁପସ୍ଥିତ**

**■ହାଇକୋର୍ଟରେ ମାମଲା, ଝୁଲି ରହିଲା ବିଜ୍ଞପ୍ତି**

ବ୍ୟାସନଗର ପୌରାଧ୍ୟକ୍ଷା ସଙ୍ଗୀତା ପିଙ୍ଗୁଆଙ୍କ ବିରୋଧରେ ବୁଧବାର ଅନାସ୍ଥା ଭୋଟ ଗ୍ରହଣ କରାଯାଇଛି। ୨୬ ଜଣ କାଉନସିଲରଙ୍କ ମଧ୍ୟରୁ ୨୦ ଜଣ ଅନାସ୍ଥା ପ୍ରସ୍ତାବ ସପକ୍ଷରେ ମତଦାନ କରିଛନ୍ତି। ଅନ୍ୟ ୬ ଜଣ କାଉନସିଲର ଅନୁପସ୍ଥିତ ଥିଲେ। ତେବେ ପୌରାଧ୍ୟକ୍ଷା ସଙ୍ଗୀତାଙ୍କ ହାଇକୋର୍ଟରେ ଡବ୍ଲୁପିସି ନମ୍ବର ୮୪୬୬/୨୦୨୫ ଏବଂ ଆଇଏ ନମ୍ବର ୪୮୯୦/୨୦୨୫ରେ ଏକ ମାମଲା ବିଚାରାଧୀନ ଥିବାରୁ ପୌର ପ୍ରଶାସନର ନିର୍ଦ୍ଦେଶକଙ୍କ ବିଜ୍ଞପ୍ତି ଝୁଲି ରହିପାରେ ବୋଲି ସୂଚନା ମିଳିଛି। ଆସନ୍ତା ୧୫ ତାରିଖରେ ପରବର୍ତ୍ତୀ ଶୁଣାଣିରେ ଚୂଡ଼ାନ୍ତ ନିଷ୍ପତ୍ତି ହେବାର ସମ୍ଭାବନା ରହିଛି। ଅନ୍ୟପକ୍ଷେ ପୌରାଧ୍ୟକ୍ଷା ସଙ୍ଗୀତା ପଦବୀ ହରାଇବା ନିଶ୍ଚିତ ବୋଲି କାଉନସିଲରମାନେ ଆଶାବ୍ୟକ୍ତ କରିଛନ୍ତି। ଏଠାରେ ବିଜେଡିରୁ ନିର୍ବାଚିତ ପୌରାଧ୍ୟକ୍ଷାଙ୍କୁ ଅଧିକାଂଶ ଦଳୀୟ କାଉନସିଲର ଅନାସ୍ଥା ସପକ୍ଷରେ ଭୋଟ ଦେଇଥିବାରୁ ବିଜେଡିର ଭିତିରିଆ କଳି ପଦାରେ ପଡିଛି।

ଗତ ପ୍ରାୟ ୨ ମାସ ହେବ ବ୍ୟାସନଗର ପୌରପରିଷଦରେ ରାଜନୈତିକ ଛକାପଞ୍ଝା ଲାଗି ରହିଥିଲା। ବିଜେଡିରୁ ପ୍ରାର୍ଥୀ ହୋଇ ପ୍ରତ୍ୟକ୍ଷ ଭାବେ ନିର୍ବାଚିତ ହୋଇଥିବା ସଙ୍ଗୀତାଙ୍କୁ ତାଙ୍କ ଦଳର କାଉନସିଲରମାନେ ବିରୋଧ କରି ଆସୁଥିଲେ। ଏଥିରେ ଅନ୍ୟ ଦଳର କାଉନସିଲରମାନେ ମଧ୍ୟ ସମର୍ଥନ କରୁଥିଲେ। ବିଜେଡିର ଏହି ଭିତିରି କଳି ନବୀନ ନିବାସ ପର୍ଯ୍ୟନ୍ତ ଯାଇଥିଲା। ଶେଷରେ ସହରର ବିକାଶ ପ୍ରତି ଧ୍ୟାନ ନ ଦେଇ କେବଳ ମନମାନି ଶାସନ ଚଳାଇଥିବା ଅଭିଯୋଗ କରି କାଉନସିଲରମାନେ ତାଙ୍କ ବିରୋଧରେ ମାର୍ଚ୍ଚ ୬ରେ ଅନାସ୍ଥା ପ୍ରସ୍ତାବ ଲାଗି ଆବେଦନ କରିଥିଲେ। ଏହିକ୍ରମରେ ବୁଧବାର ପୂର୍ବାହ୍ନ ୧୧ଟାରେ ଭୋଟ ଗ୍ରହଣ କରାଯାଇ ଅପରାହ୍ନ ୨ଟାରେ ଗଣତି ହୋଇଥିଲା। ହେଲେ ଫଳାଫଳ ରିପୋର୍ଟ ଦେବାରେ ବିଳମ୍ବ କରିବାରୁ ବାହାରେ ଉତ୍ତେଜନା ପ୍ରକାଶ ପାଇଥିଲା। ଶେଷରେ ଜିଲାପାଳଙ୍କ ନିର୍ଦ୍ଦେଶକ୍ରମେ ଅପରାହ୍ନ ୩ଟା ପରେ ଫଳାଫଳ ଘୋଷଣା କରାଯାଇଥିଲା। ପ୍ରିଜାଇଡିଂ ଅଫିସର ଭାବେ କଳିଙ୍ଗନଗର ଅତିରିକ୍ତ ଜିଲାପାଳ ସପନ କୁମାର ନନ୍ଦ ଅନାସ୍ଥା ମତଦାନର ଅଧ୍ୟକ୍ଷତା ଓ ପରିଚାଳନା କରିଥିଲେ।


# Classified Everyday

0674-2580101, 9692975378



REAL ESTATE

SALE

Building for sale 70,000 sqft. with land area 11 acre of land near Brahmapur, Ganjam for Hospital/College/School. Contact No- 8260780200. D-76806



Newly opened spa in puri. Professional body massage available. 9861984834. D-3394

AFFIDAVIT

I, NIRANJAN SAMANTARAY, S/o- Gagan Chandra Samantray, resident of At- Flat No.- 303, Block- A, Nageswar Residency, Kalarahanga, Bhubaneswar, Urban, Odisha, India, PIN-751024 declare by this affidavit No.- 656 dtd. 02.04.2025 that now onwards I shall be known as NIRANJAN SAMANTRAY for all future purposes. D-009

By virtue an affidavit sworn before Executive Magistrate, Dhenkanal, dtd. 11.03.2025, No.- 1783 I, Sumitra Moharana, W/o- Laxmidhar Moharana, Village- Solagadia, Post.- Lethaka, P.S.- Nihalprasad, Dist.- Dhenkanal (Odisha)- 759016, declare that I have changed my name from Rama Moharana to Sumitra Moharana. Henceforth, I shall be known as SUMITRA MOHARANA for all purposes.
Sumitra Moharana
D-73586

ମୁଁ, ମଞ୍ଜୁଲତା ବେହେରା, ସ୍ୱାମୀ- ନରେନ୍ଦ୍ର କୁମାର ବେହେରା, ପ୍ଲଟ୍ ନଂ- ୪୪୯, କ୍ରିଷ୍ଣାପୁରୀ, ପୋଷ୍ଟ- ମଳିପଡ଼ା, ଥାନା- ଚନ୍ଦକା, ଜିଲ୍ଲା- ଖୋର୍ଦ୍ଧା, ପିନ୍- ୭୫୧୦୦୩, ଓଡ଼ିଶା ନିବାସୀ, ଏହି ସତ୍ୟପାଠ ସି.ଏଫ୍.ନମ୍ବର ୫୬, ତାରିଖ ୧୨।୧୧।୨୪ରେ ଘୋଷଣା କରୁଛି ଯେ, ଏବେଠାରୁ ମୁଁ ଭବିଷ୍ୟତର ସମସ୍ତ ଉଦ୍ଦେଶ୍ୟ ପାଇଁ ମଞ୍ଜୁଲତା ପଣ୍ଡିତ ଭାବରେ ପରିଚିତ ହେବି। ଧ-୦୦୭

ମୁଁ, ନରେନ୍ଦ୍ର ବେହେରା, ପିତା- ସ୍ୱର୍ଗତ ଯଦୁନାଥ ବେହେରା, ପ୍ଲଟ୍ ନଂ- ୪୪୯, କ୍ରିଷ୍ଣାପୁରୀ, ପୋଷ୍ଟ- ମଳିପଡ଼ା, ଥାନା- ଚନ୍ଦକା, ଜିଲ୍ଲା- ଖୋର୍ଦ୍ଧା, ପିନ୍- ୭୫୧୦୦୩, ଓଡ଼ିଶା ନିବାସୀ, ଏହି ଶପଥପତ୍ର ସି.ଏଫ୍.ନମ୍ବର ୫୫ ତାରିଖ ୧୨।୧୧।୨୪ରେ ଘୋଷଣା କରୁଛି ଯେ, ଭବିଷ୍ୟତର ସମସ୍ତ ଉଦ୍ଦେଶ୍ୟ ପାଇଁ ମୁଁ ନରେନ୍ଦ୍ର କୁମାର ବେହେରା ଭାବରେ ପରିଚିତ ହେବି। ଧ-୦୦୬

**Email ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:-**
classifieddharitri@gmail.com

I, Jena Amartya, S/o- Pravakar Jena, resident of Ward No.- 18, Pandara Square, Rasulgarh, P.O./P.S.- Mancheswar, Dist.-Khorda, PIN- 751025 Odisha declare by this affidavit No.- 82 Dtd.- 02.04.2025 that now onwards I shall be known as J Amartya for all future purposes. D-010

By virtue of an affidavit before Executive Magistrate, Sadar, Cuttack on dtd. 02.04.2025 I, Sri Shubham Sahoo, S/o- Pranakrushna Sahoo, Dadhapatna, Barang, Cuttack declare that I have changed my name from Shubham Sahoo to Pritish Ranjan Sahoo. Henceforth, I shall be known as Pritish Ranjan Sahoo for all purpose. D-011

**ପାଠକଙ୍କ ପାଇଁ ସୂଚନା**
କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

**ମନେ ପଡ଼ନ୍ତି**

**ପ୍ରଥମ ବର୍ଷ ଶ୍ରାଦ୍ଧବାର୍ଷିକୀ**



ସ୍ୱପ୍ରବୀଣା କାନୁନ୍‌ଗୋ
ସ୍ୱାମୀ- ପ୍ରିୟରଞ୍ଜନ କାନୁନ୍‌ଗୋ
ଦଇତାପଡ଼ା ସାହି, ପୁରୀ
ଆପଣଙ୍କର ସ୍ନେହ, ଶ୍ରଦ୍ଧା ଓ ଭଲପାଇବା ଆମ୍ଭପାଇଁ ଚିରସ୍ମରଣୀୟ ହୋଇ ରହିବ। ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ଚରଣ କମଳରେ ବିନମ୍ର ପ୍ରାର୍ଥନା କରୁଅଛୁ।
ଶୋକସନ୍ତପ୍ତ:- ସ୍ୱାମୀ, ଝିଅ- ରୋଜାଲିନ୍, ଶ୍ୱେତାଲିନ୍, ଜ୍ୱାଇଁ- ଦେବେନ୍ଦ୍ର, ପ୍ରଶାନ୍ତ, ନାତି- ଶୁଭ, ସତ୍ୟମ୍, ନାତୁଣୀ- ଶ୍ରୀ ଏବଂ ପରିବାରବର୍ଗ।
ଧ-୦୦୨

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/- ରେ। ରଙ୍ଗୀନ ଟ୪୨୦/- ରେ। (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।


# ଲୋକଙ୍କ ସହ ଯୋଡ଼ିହୁଅ: ମନମୋହନ



ବଲାଙ୍ଗୀର ଜିଲା ଭାଜପା ସାଙ୍ଗଠନିକ ବୈଠକରେ ରାଜ୍ୟ ସଭାପତି ମନମୋହନ ସାମଲ ଓ ଅନ୍ୟମାନେ।

**ବଲାଙ୍ଗୀର,୨।୪ (ବୀରେନ୍ଦ୍ର କୁମାର ଝାଙ୍କର)**

ବଲାଙ୍ଗୀର ଜିଲା ଭାଜପା ସାଙ୍ଗଠନିକ ବୈଠକ ବୁଧବାର ପଥରଚେପାସ୍ଥିତ ଜିଲା ଭାଜପା କାର୍ଯ୍ୟାଳୟଠାରେ ଅନୁଷ୍ଠିତ ହୋଇଯାଇଛି। ଜିଲା ଭାଜପା ସଭାପତି ଶ୍ରୀବତ୍ସ ବେହେରାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସାଙ୍ଗଠନିକ ବୈଠକରେ ରାଜ୍ୟ ଭାଜପା ସଭାପତି ମନମୋହନ ସାମଲ ଯୋଗ ଦେଇଥିଲେ। ଏହି ବୈଠକରେ ଭାଜପା ପୂର୍ବତନ ଜିଲା ସଭାପତି ତଥା ସଙ୍ଗଠକ ଶିବାଜୀ ମହାନ୍ତି, ବରିଷ୍ଠ ଭାଜପା ନେତା ଗୋପାଳଜୀ ପାଣିଗ୍ରାହୀ ମଞ୍ଚାସୀନ ଥିଲେ। କାର୍ଯ୍ୟକ୍ରମକୁ ଅମିତ ସିଂ ନିନା ପରିଚାଳନା କରିଥିଲେ। ବୁଥ୍‌ସ୍ତରରୁ ଜିଲାସ୍ତର ପର୍ଯ୍ୟନ୍ତ କିଭଳି ଭାଜପା ସଙ୍ଗଠନକୁ ସୁଦୃଢ଼ କରିବା ଏବଂ ଜନସାଧାରଣଙ୍କ ସହ ମିଶି ସଚେତନତାମୂଳକ କାର୍ଯ୍ୟ କରିବା ସେ ଉପରେ ଆଲୋଚନା ହୋଇଥିଲା। ରାଜ୍ୟ ସଭାପତି ସାମଲ ଭାଜପା କାର୍ଯ୍ୟକର୍ତ୍ତା ଓ କର୍ମୀଙ୍କୁ ସାଙ୍ଗଠନିକ ମୂଳଦୁଆକୁ ସୁଦୃଢ଼ କରିବା ମନ୍ତ୍ର ଦେଇଥିଲେ। ଲୋକଙ୍କ ସହ ଯୋଡ଼ି ହେବାକୁ ପରାମର୍ଶ ଦେବା ସହ ଭାଜପା ଆଗାମୀ ଦିନରେ କିଭଳି ସମାଜ ନିର୍ମାଣ କାର୍ଯ୍ୟକୁ ଗୁରୁତ୍ୱ ଦେଇଛି ସେ କହିଥିଲେ। ଆଗାମୀ ଦୁଇଟି ପକ୍ଷରେ ସାଙ୍ଗଠନିକ ଓ ସଚେତନତାମୂଳକ କାର୍ଯ୍ୟ କରିବା ଉପରେ ସୂଚନା ଦିଆଯାଇଥିଲା। ଏପ୍ରିଲ ୨ରୁ ୧୪ ତାରିଖ ପ୍ରଥମ ପକ୍ଷ ଏବଂ ୧୫ରୁ ୩୦ ତାରିଖ ଦ୍ୱିତୀୟ ପକ୍ଷ ପାଳନ କରାଯିବ। ଏହି ସମୟ ଅବଧି ଭିତରେ ଭାଜପା ପ୍ରତିଷ୍ଠା ଦିବସ, ସଫେଇ କାର୍ଯ୍ୟକ୍ରମ, ବିଭିନ୍ନ ସଚେତନତାମୂଳକ କାର୍ଯ୍ୟ କରିବା ଉପରେ ସୂଚନା ଦିଆଯାଇଥିଲା। ପ୍ରଥମ ପକ୍ଷ ପାଇଁ ଦିନେଶ ଶର୍ମାଙ୍କୁ ସଂଯୋଜକ, ଦେବକାନ୍ତ ପାଣିଗ୍ରାହୀ, ଯୌବନ ବାଗ ଓ ବିକାଶ ଶର୍ମାଙ୍କୁ ସହସଂଯୋଜକ ତଥା ଦ୍ୱିତୀୟ ପକ୍ଷ ପାଇଁ ମହେନ୍ଦ୍ର ଠାକୁରଙ୍କୁ ସଂଯୋଜକ, ପ୍ରଶାନ୍ତ ନାଏକ, ନରସିଂହ ଥନାପତି ଓ ଉମେଶ ପଟେଲଙ୍କୁ ସହସଂଯୋଜକ ଦାୟିତ୍ୱ ଦିଆଯାଇଥିବା ଜିଲା ଭାଜପା ସଭାପତି ବେହେରା କହିଛନ୍ତି। ଶେଷରେ ପ୍ରଶାନ୍ତ ଷଡଙ୍ଗୀ ଧନ୍ୟବାଦ ଦେଇଥିଲେ।



# ଚିନ୍ତା କରୁଛନ୍ତି ମୃଣାଳ

ମୃଣାଳ ଠାକୁର ଏବେ ଦୋଛକିରେ ପଡ଼ିଛନ୍ତି। ଯେତେବେଳେ ଅଫରଟି ମିଳିଲା ସେ ହଁ ଭରିଥିଲେ। ଏପରିକି ଏଭଳି ରୋଲ୍ ପାଇଁ ପ୍ରସ୍ତୁତି ଆରମ୍ଭ ମଧ୍ୟ କରିଦେଇଥିଲେ। ହେଲେ କେତୋଟି ବିଷୟକୁ ନେଇ ପ୍ରଯୋଜନା ସଂସ୍ଥା ଏବଂ ତାଙ୍କ ଭିତରେ ତୁ ତୁ ମେଁ ମେଁ ଜାରି ରହିଛି। କଥା କ'ଣ କି ନିକଟରେ ମୃଣାଳଙ୍କୁ ଏକ ନୂଆ ସିନେମାରେ ଅଭିନୟ କରିବାକୁ ଅଫର ମିଳିଥିଲା। ହେଲେ ଏହାର କାହାଣୀକୁ ନେଇ ତାଙ୍କ ମନରେ କେତେକ ପ୍ରଶ୍ନ ସୃଷ୍ଟି ହୋଇଥିଲା। କେବଳ ସେତିକି ନୁହେଁ, ଏଥିରେ ନିଜ ଭୂମିକାଟି ଆହୁରି ଦମଦାର ହେଉ ବୋଲି ସେ ପ୍ରଯୋଜକଙ୍କୁ ପ୍ରସ୍ତାବ ଦେଇଥିଲେ। ଏ ନେଇ ଚିନ୍ତା କରାଯାଉଛି ବୋଲି ପ୍ରଯୋଜନା ସଂସ୍ଥା ପକ୍ଷରୁ ତାଙ୍କୁ ସୂଚନା ଦିଆଯାଇଛି। ଆଉ ତା'ପରେ ଏହି ଅଫରକୁ ନେଇ ଦୋଛକିରେ ପଡ଼ିଛନ୍ତି ମୃଣାଳ। ''ଯଦି ଦୁଇ ସପ୍ତାହ ଭିତରେ ମୋତେ କିଛି ଫାଇନାଲ ସୂଚନା ନ ମିଳେ ତେବେ ଏହି ଅଫରକୁ ମୁଁ ହାତଛଡ଼ା କରିପାରେ ବୋଲି କହନ୍ତି ମୃଣାଳ।'' ଏଭଳି ଅଫରକୁ ସେ ଗ୍ରହଣ କରୁଛନ୍ତି ନା ହାତଛଡ଼ା କରୁଛନ୍ତି ତାହା ଜାଣିବାକୁ ନିଶ୍ଚୟ ଅପେକ୍ଷା କରିବାକୁ ପଡ଼ିବ।

# 'ଅନାମ'ରୁ ଆରମ୍ଭ

ବଲିଉଡ୍‌ର ଅନ୍ୟତମ ଆଗଧାଡ଼ିର କୋରିଓଗ୍ରାଫର ଭାବରେ ପରିଗଣିତ ହୁଅନ୍ତି ଗଣେଶ ଆଚାର୍ଯ୍ୟ। କୋରିଓଗ୍ରାଫର ଭାବରେ ନିଜକୁ ପରିଚିତ କରାଇବା ପୂର୍ବରୁ ତାଙ୍କୁ ଅନେକ ପରିଶ୍ରମ କରିବାକୁ ପଡ଼ିଥିଲା। ମାତ୍ର ୧୧ ବର୍ଷ ବୟସରେ ବାପାଙ୍କର ମୃତ୍ୟୁ ହେବା ପରେ ପରିବାର ଚଳାଇବାକୁ ତାଙ୍କୁ ଘର ଛାଡ଼ିବାକୁ ପଡ଼ିଥିଲା। ନିଜ ଉପରେ ଶତ ପ୍ରତିଶତ ଭରସା ରଖି ମାତ୍ର ୧୨ ବର୍ଷ ବୟସ୍କ ଗଣେଶ ସେତେବେଳେ ନିଜସ୍ୱ ଏକ ଡ୍ୟାନ୍ସ ଏକାଡେମୀ ପ୍ରତିଷ୍ଠା କରିଥିଲେ। ୧୯୯୨ରେ ନିର୍ମିତ 'ଅନାମ' ଫିଲ୍ମରେ ତାଙ୍କୁ କୋରିଓଗ୍ରାଫର ଭାବରେ ବ୍ରେକ୍ ମିଳିଥିଲା। ୨୦୧୨ରେ ନିର୍ମିତ 'ଅଗ୍ନିପଥ'ର 'ଚିକ୍‌ନି ଚମେଲି' ଗୀତ ତାଙ୍କ କୋରିଓଗ୍ରାଫି କ୍ୟାରିୟରକୁ ଏକ ନୂଆ ମୋଡ଼ ଦେଇଥିଲା। ଏହି ଗୀତଟି କ୍ୟାଟ୍ରିନା କୈଫଙ୍କୁ ନେଇ ଦୃଶ୍ୟାୟିତ ହୋଇଥିଲା। ଗଣେଶଙ୍କ କୋରିଓଗ୍ରାଫିରେ ନିର୍ମିତ ପ୍ରମୁଖ ସିନେମାଗୁଡ଼ିକ ମଧ୍ୟରେ ରହିଛି 'ସନମ ରେ', 'ବାଗୀ', 'ଟୟଲେଟ୍‌-ଏକ ପ୍ରେମ କଥା' (ଶ୍ରେଷ୍ଠ କୋରିଓଗ୍ରାଫର, ଜାତୀୟ ଚଳଚ୍ଚିତ୍ର ପୁରସ୍କାର), 'ଜୁଡ୍‌ୱା-୨', 'ବାଗୀ-୨', 'କେଜିଏଫ : ଚାପ୍ଟର-୧ (ହିନ୍ଦୀ ଭର୍ସନ), 'ସିମ୍ବା', 'କୁଲି ନଂ ୱାନ', 'ପୁଷ୍ପା: ଦ ରାଇଜ' ଏବଂ 'ବ୍ରହ୍ମାସ୍ତ୍ର'। ତାଙ୍କ ମନ ପସନ୍ଦର ଅଭିନେତା ହେଉଛନ୍ତି ଗୋବିନ୍ଦା ଏବଂ ଅଭିନେତ୍ରୀ ହେଉଛନ୍ତି ମାଧୁରୀ ଦୀକ୍ଷିତ। କେବଳ ଜଣେ କୋରିଓଗ୍ରାଫର ନୁହନ୍ତି ଗଣେଶ ମଧ୍ୟ କେତୋଟି ସିନେମାର ନିର୍ଦ୍ଦେଶନା ଦେବା ସହ ଅଭିନୟ ମଧ୍ୟ କରିଛନ୍ତି।


ଗଣେଶ ଆଚାର୍ଯ୍ୟ

## ରିଲିଜ ଅପେକ୍ଷାରେ

# ଦେବାଶିଷ ଯାହା ଚାହୁଁଥିଲେ...

ବେଳେବେଳେ ମଣିଷ ଯାହା ଚାହୁଁଥାଏ ତାହା ହାତ ପାଆନ୍ତାରେ ମିଳିଯାଏ। ଦେଖୁନାହାନ୍ତି, ନିଜ ମନ ପସନ୍ଦର ଆଉ ଏକ ଭୂମିକା ପାଇବା ପରେ ଦେବାଶିଷ ପାତ୍ର କେମିତି ଖୁସିରେ ଉଛୁଳୁଛନ୍ତି। ରିଲିଜ ଅପେକ୍ଷାରେ ରହିଥିବା ନୂଆ ଓଡ଼ିଆ ସିନେମା 'ଗଣ୍ଡ ଭୈରବ'ରେ ସେ ମୁଖ୍ୟ ଭୂମିକାରେ ଅଭିନୟ କରୁଛନ୍ତି। ଆଉ ଏଭଳି ଏକ ଭିନ୍ନ ଧରଣର ଚରିତ୍ରଟିଏ ପାଇବା ପରେ ତାହାର ସଫଳତାକୁ ନେଇ ଢେର୍ ଆଶା ବାନ୍ଧିଛନ୍ତି ଏହି ଅଭିନେତା। ଆଗଧାଡ଼ିର ନାଟ୍ୟକାର ଶଙ୍କର ତ୍ରିପାଠୀ ଏହାର କାହାଣୀ, ଚିତ୍ରନାଟ୍ୟ ଏବଂ ସଂଳାପ ରଚନା କରିଛନ୍ତି। ଆର୍.ଆର୍. ଇଭେଣ୍ଟସ ଆଣ୍ଡ ସିନେ ପ୍ରଡକ୍ସନ ବ୍ୟାନରରେ ପ୍ରସ୍ତୁତ ଏହି ଫିଲ୍ମକୁ ପ୍ରଯୋଜନା କରିଛନ୍ତି ରମେଶ ବାରିକ। ନିର୍ଦ୍ଦେଶନା ଭାର ସମ୍ଭାଳିଛନ୍ତି ବିଶିଷ୍ଟ ନିର୍ଦ୍ଦେଶକ ସୁଧାଂଶୁ ମୋହନ ସାହୁ। ଏ ସମ୍ପର୍କରେ ଦେବାଶିଷ କହନ୍ତି, ''ଏଭଳି ଏକ ଭୂମିକାଟିଏ ପାଇବା ପରେ ମୁଁ କେତେ ଖୁସି ହୋଇଥିଲି ତାହା ବର୍ଣ୍ଣନା କରିପାରିବି ନାହିଁ। ପୁଣି ସୁଧାଂଶୁ ସାର୍‌ଙ୍କ ପରି ନିର୍ଦ୍ଦେଶକଙ୍କ ସହ କାମ କରିବା ଭାଗ୍ୟରେ ଥିଲେ ମିଳେ। ଏହି ଚରିତ୍ରରେ କ'ଣ ରହିଛି ତାହା ଫିଲ୍ମଟିକୁ ଦେଖିଲେ ହିଁ ଜାଣିପାରିବେ।'' ଡା. ନିର୍ମଳ ନାୟକ, ଜେ.ପି. ୱାର୍ଡସ୍ମିଥ ଏବଂ ବାପୁ ଗୋସ୍ୱାମୀଙ୍କ ରଚିତ ଗୀତଗୁଡ଼ିକୁ ସ୍ୱରରେ ସଜାଇଛନ୍ତି ଗୌରବ ଆନନ୍ଦ। ଏଥିରେ ଦେବଶିଷଙ୍କ ସହ ନାୟିକା ଭାବରେ ସ୍କ୍ରିନ୍ ଶେୟାର କରିଛନ୍ତି ଶିବାନୀ ସଙ୍ଗୀତା। ଏମାନଙ୍କ ବ୍ୟତୀତ ଅନନ୍ୟା ମିଶ୍ର, ଚୌଧୁରୀ ବିକାଶ ଦାସ, କେକେ, ପୃଥ୍ୱୀରାଜ, ସୋମା ଭୌମିକ ପ୍ରମୁଖ କଳାକାରଙ୍କୁ ମଧ୍ୟ ଦେଖିବାକୁ ମିଳିବ।


'ଗଣ୍ଡ ଭୈରବ' ଫିଲ୍ମରେ ଦେବାଶିଷ

# ସରକାରୀ ଜ୍ୱାଇଁ


ପୁପିନ୍ଦର

ଅନେକେ ସରକାରୀ ଜ୍ୱାଇଁଟିଏ ଚାହିଁଥାଆନ୍ତି। ଏହା ପଛରେ ତ ଅନେକ କାରଣ ରହିଛି। କିନ୍ତୁ ସରକାରୀ ଜ୍ୱାଇଁଟିଏ କରିବା ପରେ ଜଣେ କିଭଳି ପରିସ୍ଥିତିର ସାମ୍ନା କରୁଛି ତାହାକୁ ଉକ୍ତ ସିନେମାରେ ବେଶ୍ ସୁନ୍ଦର ଭାବରେ ଉପସ୍ଥାପନା କରାଯାଇଛି। ସିନେମାଟିର ଟାଇଟଲ ରହିଛି 'ସରକାରୀ ଜ୍ୱାଇଁ'। ଫିଲ୍ମଟିର ପ୍ରଯୋଜନା କରିଛନ୍ତି ଅଶୋକ କୁମାର ବେହେରା। କାହାଣୀ ରଚନା କରିଛନ୍ତି ଶିବାନୀ ବେହେରା। ଖାସ୍ କଥା ହେଲା ଏହାର ଚିତ୍ରନାଟ୍ୟ ଏବଂ ସଂଳାପ ରଚନା କରିବା ସହ ନିର୍ଦ୍ଦେଶନା ପରି ଗୁରୁଦାୟିତ୍ୱ ତୁଲାଇଛନ୍ତି 'ଯୋଗୀ' ଫେମ୍ ନିରଞ୍ଜନ ବେହେରା। ଏ ସମ୍ପର୍କରେ ସେ କହନ୍ତି, ''ସରକାରୀ ଜ୍ୱାଇଁକୁ ନେଇ ଏହି ଫିଲ୍ମର କାହାଣୀ କି ମୋଡ ନେଉଛି ତାହା ଦର୍ଶକ ଦେଖିଲେ ହିଁ ଜାଣିପାରିବେ। ଏହାର କାହାଣୀକୁ ଶତ ପ୍ରତିଶତ ଜଷ୍ଟିସ ଦେବାକୁ ଶୁଟିଂ ସମୟରେ ସମସ୍ତେ ଚେଷ୍ଟା କରିଛନ୍ତି। ଆଶା ରଖିଛି ଦର୍ଶକ ଆମର ପରିଶ୍ରମର ମୂଲ୍ୟ ନିଶ୍ଚୟ ବୁଝିବେ।'' ଏହାର ଟାଇଟଲ ଭୂମିକାରେ ଅଭିନୟ କରଛନ୍ତି ପୁପିନ୍ଦର। ସବୁଠାରୁ ଖାସ୍ କଥା ହେଲା, ଅପେରା ଜଗତର ବିଶିଷ୍ଟ ଅଭିନେତା ବାପି ପଣ୍ଡା ପ୍ରଥମ ଥର ପାଇଁ ଓଡ଼ିଆ ସିନେମାରେ ଅଭିନୟ କରିବାକୁ ଯାଉଛନ୍ତି। ଅଭିଷେକ ରଥ, ତନୁଶ୍ରୀ, ପ୍ରଦ୍ୟୁମ୍ନ ଲେଙ୍କା ଏବଂ ବୁଲୁ ପଣ୍ଡା ବିଭିନ୍ନ ଭୂମିକାରେ ଅଭିନୟ କରିଛନ୍ତି। ଚିତ୍ରଟି ଖୁବ୍ ଶୀଘ୍ର ପରଦା ଉପରକୁ ଆସିବ ବୋଲି ସୂଚନା ଦେଇଛନ୍ତି ନିରଞ୍ଜନ।

# ରାକେଟ୍

ଅପରାଧୀଙ୍କ ପାଇଁ ଆଇନ କାନୁନ ଯେତିକି ଦୃଢ଼ ହେଉଛି ସେହି ଅନୁସାରେ ସେମାନେ ନିଜର କାୟା ବିସ୍ତାର କରୁଛନ୍ତି। ଦିନକୁ ଦିନ ସମାଜରେ ବିଭିନ୍ନ ପ୍ରକାର ଅପରାଧ ବଢ଼ିଚାଲିଛି କହିଲେ ଆଦୌ ଭୁଲ୍ ହେବ ନାହିଁ। ଏହା କେବଳ ରାଜ୍ୟ କିମ୍ବା ଦେଶ ଭିତରେ ସୀମିତ ନାହିଁ କେତେକ ଅପରାଧର ଚେର ବିଦେଶ ପର୍ଯ୍ୟନ୍ତ ଲମ୍ବିଥିବାର ଅନେକ ନଜୀର ରହିଛି। ଏବେ ବିଭିନ୍ନ ପ୍ରକାର ରାକେଟ୍ କାମ କରୁଛି। ଏଭଳି ଏକ ବଡ଼ ତଥା ଚାଞ୍ଚଲ୍ୟକର ରାକେଟକୁ ନେଇ ନିର୍ମିତ ହୋଇଛି ଏକ ଓଡ଼ିଆ ସିନେମା। ଏହାର ଟାଇଟଲ ରହିଛି 'ରାକେଟ୍'। ଚଳିତ ମାସ ୨୫ ତାରିଖରେ ଦର୍ଶକମାନେ ଏହି ଫିଲ୍ମଟିକୁ ବଡ଼ ପରଦାରେ ଦେଖିବାକୁ ପାଇବେ ବୋଲି ପ୍ରଯୋଜନା ସଂସ୍ଥା ପକ୍ଷରୁ ସୂଚନା ଦିଆଯାଇଛି। ଶ୍ରୀ ମୋସନ ପିକ୍ଚର୍ସ ବ୍ୟାନରରେ ପ୍ରସ୍ତୁତ ଉକ୍ତ ଚିତ୍ରର ପ୍ରଯୋଜନା କରିଛନ୍ତି ଶ୍ରୀଲେଖା ପଣ୍ଡା। ନିର୍ଦ୍ଦେଶନା ଦେଇଛନ୍ତି ଯୁବ ନିର୍ଦ୍ଦେଶକ ସଂଗ୍ରାମ ମହାନ୍ତି। କାହାଣୀ ରଚନା କରିଛନ୍ତି ହେମନ୍ତ ପାତ୍ର। ସଂଳାପ ରଚନା କରିଛନ୍ତି ବିଜୟ ମଲ୍ଲ। କ୍ୟାମେରାରେ ଦାୟିତ୍ୱ ତୁଲାଇଛନ୍ତି ଆର୍. ଭଗତ ସିଂ ଏବଂ ସମ୍ପାଦନାରେ ଅଛନ୍ତି ସୁକୁମାର ମଣି। ବିଜୟ ମଲ୍ଲ, ଅରୁଣ ମନ୍ତ୍ରୀ ଓ ବସନ୍ତରାଜ ସାମଲଙ୍କ ଗୀତକୁ ସଙ୍ଗୀତରେ ସଜେଇଛନ୍ତି ଆଗଧାଡ଼ିର ସ୍ୱର ସଂଯୋଜକ ପ୍ରେମ ଆନନ୍ଦ। କଣ୍ଠଦାନ କରିଛନ୍ତି ହ୍ୟୁମାନ ସାଗର, ଦୀପ୍ତିରେଖା ପାଢ଼ୀ, ଶିବାଶିଷ ମିଶ୍ର, ଶ୍ରୀଚରଣ, ଅନନ୍ୟା ଶ୍ରୀତମ ନନ୍ଦ, ପ୍ରଜ୍ଞା ଓ ନିଶାନ୍ତ ମିଶ୍ର। କୋରିଓଗ୍ରାଫିରେ ଅଛନ୍ତି ଏସ୍. କେ. ମୁରଲୀଧରନ୍। ଦୀର୍ଘଦିନର ବ୍ୟବଧାନ ପରେ ସେ ପୁଣି ଥରେ ଓଡ଼ିଆ ସିନେମାକୁ ଫେରୁଛନ୍ତି। ନମ୍ରତା ଥାପ୍ପା, ଦୁଷ୍ମନ୍ତ ପଣ୍ଡା, ପୃଥ୍ୱୀରାଜ ନାୟକ, ଅର୍ଲିନ ଅଙ୍କିତା, ହେମନ୍ତ ପାତ୍ର, ଡିସ୍କୋ ରେଜ୍ଜୀ ଏବଂ 'ନଟିଆ' ଫେମ୍ ସ୍ମୃତି ରଞ୍ଜନ ମହାନ୍ତି ବିଭିନ୍ନ ଭୂମିକାରେ ଅଭିନୟ କରିଛନ୍ତି।


'ରାକେଟ୍' ଫିଲ୍ମରେ ନମ୍ରତା ଥାପ୍ପା

# ବୁଦ୍ଧିମତୀ ତାପସୀ

ତାପସୀ ପାନ୍ନୁଙ୍କ ବୁଦ୍ଧିକୁ ନିଶ୍ଚୟ ମାନିବାକୁ ପଡ଼ିବ। କେତେବେଳେ କେଉଁ କଥାକୁ କିପରି ହ୍ୟାଣ୍ଡେଲ କରିବାକୁ ପଡ଼େ ତାହାର କାଇଦା ତାଙ୍କୁ ଭଲ ଭାବରେ ଜଣା। ନିଜର କ୍ୟାରିୟରକୁ ନେଇ ଆପଣ ଯେତେ ଅଙ୍କାବଙ୍କା ପ୍ରଶ୍ନ ପଚାରନ୍ତୁ ହେଲେ ସେ ବ୍ୟତିବ୍ୟସ୍ତ ହେଉନାହାନ୍ତି। ନିକଟରେ ଏକ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିବା ଅବସରରେ ତାଙ୍କର କେତେଜଣ ସାମ୍ବାଦିକଙ୍କ ସହ ସାମ୍ନାସାମ୍ନି ହୋଇଯାଇଥିଲା। ସେମାନେ ଯେଉଁ ପ୍ରଶ୍ନସବୁ ପଚାରିଲେ ସେଗୁଡ଼ିକର ଉତ୍ତର ତାପସୀ ବେଶ୍ ଥଣ୍ଡା ମିଜାଜରେ ଦେଇଥିଲେ। କେବଳ ସେତିକି ନୁହେଁ, କୁଲ୍ କୁଲ୍ ତାପସୀ ସେହି ସମୟରେ ଶାହରୁଖଙ୍କୁ ପ୍ରଶଂସାରେ ପୋତି ପକାଇଥିଲେ। ଏ ନେଇ ସେ କହନ୍ତି, 'ମୁଁ ଯେତେବେଳେ ସାମ୍ବାଦିକମାନଙ୍କୁ ସାମ୍ନା କରେ ସେତେବେଳେ ଆଦୌ ବିବ୍ରତ ନ ହୋଇ ସବୁ ପ୍ରଶ୍ନର ଉତ୍ତର ଦେଇଥାଏ। ଶାହରୁଖଙ୍କୁ ମୁଁ ଯେତେ ପ୍ରଶଂସା କରିବି ତାହା ସେତେ କମ୍ ହେବ। ତାଙ୍କ ଅଭିନୟରେ ଭିନ୍ନତା ରହିଛି।'' ଇଞ୍ଜିନିୟରିଂରେ ଡିଗ୍ରୀ ହାସଲ କରିଛନ୍ତି ଏହି ଅଭିନେତ୍ରୀ। ୨୦୧୦ରେ ତେଲୁଗୁ ଫିଲ୍ମ 'ଝୁମାନ୍ଦି ନାଡମ'ରୁ ସେ ବଡ଼ ପରଦା କ୍ୟାରିୟର ଆରମ୍ଭ କରିଥିଲେ। ଠିକ୍ ଏହାର ପରବର୍ଷ ତାଙ୍କୁ ତାମିଲ ଫିଲ୍ମ (ଅଛୁକାଲାମ)ରେ ମଧ୍ୟ ବ୍ରେକ୍ ମିଳିଥିଲା। ତାପସୀଙ୍କ ଅଭିନୀତ ପ୍ରଥମ ହିନ୍ଦୀ ସିନେମା ଥିଲା ଡେଭିଡ୍ ଧାୱନଙ୍କ 'ଚସ୍‌ମେ ବଦ୍ଦୁର'।


ତାପସୀ


ସାନ୍ୟା

# ଦଶ ହଜାରରୁ ଜଣେ...

'ଦଙ୍ଗଲ' ଚଳଚ୍ଚିତ୍ରର ବବିତା ପୋଘଟ ଭୂମିକାରେ ଅବତୀର୍ଣ୍ଣ ହୋଇଥିଲେ ସାନ୍ୟା ମାଲହୋତ୍ରା। ଏହି ଭୂମିକା ପାଇଁ ଗ୍ରୀନ୍ ସିଗନାଲ ପାଇବାକୁ ତାଙ୍କୁ ବେଶ୍ କଷ୍ଟ କରିବାକୁ ପଡିଥିଲା। ଉକ୍ତ ରୋଲ୍ ପାଇଁ ଅନୁଷ୍ଠିତ ଅଡିସନ୍‌ରେ ପ୍ରାୟ ୧୦,୦୦୦ ନବାଗତା ଅଂଶଗ୍ରହଣ କରିଥିଲେ। ହେଲେ ଶେଷରେ ସାନ୍ୟାଙ୍କୁ ପ୍ରଯୋଜନା ସଂସ୍ଥା ସିଲେକ୍ଟ କରିଥିଲା। ହେଲେ ଏହି ଭୂମିକା ତାଙ୍କୁ ରାତାରାତି ଚର୍ଚ୍ଚାର ପରିସରକୁ ଆଣିଥିଲା। ଏଥିଲାଗି ସେ ତ ପରିଶ୍ରମ କରିଥିଲେ ହେଲେ ଏହାପଛରେ ଆଉ ଜଣେ ବ୍ୟକ୍ତିଙ୍କର ଗୁରୁତ୍ୱପୂର୍ଣ୍ଣ ଭୂମିକା ଥିଲା ବୋଲି କହନ୍ତି ସେ। ''ଯେତେବେଳେ ମୋତେ ବବିତା ପୋଘଟ ଭୂମିକା ପାଇଁ ଚୟନ କରାଗଲା, ତା'ପରେ ମୋତେ ଏଥିଲାଗି ପ୍ରସ୍ତୁତ ହେବାକୁ ପଡିଥିଲା। ପ୍ରଥମେ ଫିଲ୍ମଟିର କାହାଣୀକୁ ମୁଁ ଭଲ ଭାବରେ ବୁଝି ନେଇଥିଲି। ଯେହେତୁ ଏହା ରେସଲିଂ ଉପରେ ଆଧାରିତ ତେଣୁ ଏଭଳି ଫାଇଟ୍ ପାଇଁ ମୋତେ ଟ୍ରେନିଂ ନେବାକୁ ପଡିଥିଲା। ଜାତୀୟ ରେସଲିଂ ପ୍ରଶିକ୍ଷକ କ୍ରିପା ଶଙ୍କର ବିଷ୍ଣୋଇଙ୍କ ନିକଟରୁ ଏ ନେଇ ଟ୍ରେନିଂ ନେବାକୁ ହୋଇଥିଲା। ତାଙ୍କର ଟିପ୍ସକୁ ମୁଁ ଅକ୍ଷରେ ଅକ୍ଷରେ ପାଳନ କରିଥିଲି। ସେହି ସମୟ ସତେ ଯେପରି ମୋ ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ପରୀକ୍ଷା ଥିଲା। ଯାହାହେଉ ମୋ ପରିଶ୍ରମର ପ୍ରକୃତ ମୂଲ୍ୟ ମିଳିଛି। ଫିଲ୍ମଟି ହିଟ୍ ସାବ୍ୟସ୍ତ ହେବା ସହ ପରବର୍ତ୍ତୀ ସମୟରେ ମୋ କ୍ୟାରିୟର ପାଇଁ ଏହା ଶୁଭପ୍ରଦ ସାବ୍ୟସ୍ତ ହୋଇଥିଲା ବୋଲି କହନ୍ତି ସାନ୍ୟା।''

ଧରିତ୍ରୀ 51 Years
ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୨ Press Regd. No. R.N. 21326/74 Postal Regd. No. BN/42/24-26. ଭୁବନେଶ୍ୱର, ଗୁରୁବାର, ଏପ୍ରିଲ ୩/୨୦୨୫ Bhubaneswar, Thursday, April 3/ 2025

# ଗୁଜରାଟ ଟାଇଟନ୍ସର ଦ୍ୱିତୀୟ ବିଜୟ

**ବେଙ୍ଗାଲୁରୁ, ୨।୪**

ଇଣ୍ଡିଆନ ପ୍ରିମିୟର ଲିଗ୍‌ର ବୁଧବାର ଅନୁଷ୍ଠିତ ମ୍ୟାଚରେ ଗୁଜରାଟ ଟାଇଟନ୍ସ ୮ ଉଇକେଟରେ ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ (ଆରସିବି)କୁ ପରାସ୍ତ କରିଛି। ଆରସିବି ୨୦ ଓଭରରେ ୮ ଉଇକେଟ ହରାଇ ୧୬୯ ରନ କରିଥିଲା। ୧୭୦ ରନର ବିଜୟ ଲକ୍ଷ୍ୟକୁ ଗୁଜରାଟ ଟାଇଟନ୍ସ ୧୭.୫ ଓଭରରେ ୨ ଉଇକେଟ ହରାଇ ହାସଲ କରି ନେଇଥିଲା। ଜୋସ ବଟଲର ୭୩ (୩୯ ବଲ, ୫ ଚୌକା, ୬ ଛକା) ଓ ଶେର୍ଫାନ ରଦରଫୋର୍ଡ ୩୦ (୧୮ ବଲ, ୧ ଚୌକା, ୩ ଛକା) ରନରେ ଅପରାଜିତ ରହି ଦଳକୁ ସହଜ ବିଜୟ ଦେଇଥିଲେ। ଟପ୍ ଅର୍ଡରରେ ସାଇ ସୁଦର୍ଶନ ୪୯ ରନର ଉପଯୋଗୀ ଇନିଂସ ଖେଳିଥିଲେ। ୩ ମ୍ୟାଚରୁ ଗୁଜରାଟର ଏହା ଦ୍ୱିତୀୟ ବିଜୟ ହୋଇଥିବାବେଳେ ଆରସିବିର ପ୍ରଥମ ପରାଜୟ।

ପୂର୍ବ ୨ ମ୍ୟାଚରେ ଦମ୍‌ଦାର ପ୍ରଦର୍ଶନ ଦେଇ ଆସିଥିବା ଆରସିବି ଏଠାରେ କିନ୍ତୁ ତାହାର ପୁନରାବୃତ୍ତି କରିପାରି ନ ଥିଲା। କାଗିଶୋ ରାବାଡ଼ାଙ୍କ ସ୍ଥାନରେ ସାମିଲ ହୋଇଥିବା ଅର୍ଶଦ ଖାଁ ଓ ପୂର୍ବରୁ ଆରସିବି ପକ୍ଷରୁ ଖେଳିଥିବା ମହମ୍ମଦ ସିରାଜ ଟପ୍ ଅର୍ଡର ବ୍ୟାଟିଂ ବିପର୍ଯ୍ୟୟ ଘଟାଇଥିଲେ। ଦ୍ୱିତୀୟ ଓଭରରେ ଅର୍ଶଦ ମାତ୍ର ୭ ରନ କରିଥିବା ବିରାଟ କୋହଲିଙ୍କୁ ଆଉଟ କରି ଆରସିବିକୁ ଶକ୍ତ ଝଟ୍‌କା ଦେଇଥିଲେ। ଏହାପରେ ସିରାଜ ଯଥାକ୍ରମେ ଦେବଦତ୍ତ ପଡିକାଲ (୪) ଓ ଫିଲିପ ସଲ୍ଟ (୧୪)ଙ୍କୁ ପ୍ୟାଭିଲିୟନ ପଠାଇବାରୁ ଆରସିବି ବ୍ୟାକ୍‌ଫୁଟକୁ ଚାଲି ଯାଇଥିଲା। ଅଧିନାୟକ ରଜତ ପଟିଦାରଙ୍କୁ ଇଶାନ୍ତ ଶର୍ମା ପ୍ୟାଭିଲିୟନ ପଥ ଦେଖାଇବାରୁ ୬.୨ ଓଭର ବେଳକୁ ଆରସିବି ସ୍କୋର ୪୨/୪ ହୋଇ ଯାଇଥିଲା। ଲିଆମ ଲିଭିଂଷ୍ଟୋନ ଓ ଜୀତେଶ ଶର୍ମା ସତର୍କତାର ସହ ଖେଳି ଇନିଂସ ସଜାଡ଼ିବାକୁ ଉଦ୍ୟମ କରିଥିଲେ। ତେବେ ୫ମ ଉଇକେଟରେ ୫୨ ରନ ଯୋଗ ହେବାପରେ ଜୀତେଶ (୩୩)ଙ୍କୁ ଆଉଟ କରି ପାର୍ଟନରଶିପ୍ ଭାଙ୍ଗିଥିଲେ ରବିଶ୍ରୀନିବାସନ ସାଇ କିଶୋର। ଲିଭିଂଷ୍ଟୋନ ୪୦ ବଲ୍‌ରୁ ୫୪ (୧ ଚୌକା, ୫ ଛକା) ରନ କରିବାପରେ ସିରାଜଙ୍କ ତୃତୀୟ ଶିକାର ବନିଥିଲେ। ସିରାଜ ଚମତ୍କାର ବୋଲିଂ କରି ୪ ଓଭର ସ୍ପେଲ୍‌ରେ ମାତ୍ର ୧୯ ରନ ଦେଇ ୩ଟି ଉଇକେଟ ନେଇଥିଲେ। ଶେଷ ଭାଗରେ ଟିମ୍ ଡାଭିଡ ଦ୍ରୁତ ୩୨ (୧୮ ବଲ, ୩ ଚୌକା, ୨ ଛକା) ରନ କରିବାରୁ ଆରସିବି ସ୍କୋର ୧୬୯ରେ ପହଞ୍ଚି ପାରିଥିଲା।

**ଆଇପିଏଲ୍ କାର୍ଯ୍ୟସୂଚୀ**

(ଆଜିର ମ୍ୟାଚ୍)

କୋଲ୍‌କାତା ବନାମ ହାଇଦ୍ରାବାଦ

ସ୍ଥାନ: କୋଲ୍‌କାତା

ସମୟ: ସନ୍ଧ୍ୟା ୭.୩୦

ପ୍ରସାରଣ: ଷ୍ଟାର ସ୍ପୋର୍ଟ୍ସ

**ମହମ୍ମଦ ସିରାଜଙ୍କ ପ୍ରଭାବୀ ବୋଲିଂ**



ମହମ୍ମଦ ସିରାଜ

**ସଂକ୍ଷିପ୍ତ ସ୍କୋର**

ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ ୨୦ ଓଭରରେ ୧୬୯/୮ (ଲିଆମ ଲିଭିଂଷ୍ଟୋନ-୫୪, ଜୀତେଶ ଶର୍ମା-୩୩, ଟିମ୍ ଡାଭିଡ-୩୨, ମହମ୍ମଦ ସିରାଜ-୩/୧୯, ଆର. ସାଇକିଶୋର-୨/୨୨, ପ୍ରସିଦ୍ଧ କ୍ରିଷ୍ଣା-୧/୨୬, ଅର୍ଶଦ ଖାଁ-୧/୧୭, ଇଶାନ୍ତ ଶର୍ମା-୧/୨୭)। ଗୁଜରାଟ ଟାଇଟନ୍ସ ୧୭.୫ ଓଭରରେ ୧୭୦/୨ (ଜୋସ ବଟଲର-୭୩*, ସାଇ ସୁଦର୍ଶନ-୪୯, ଶେର୍ଫାନେ ରଦରଫୋର୍ଡ-୩୦*, ଭୁବନେଶ୍ୱର କୁମାର-୧/୨୩, ଜୋଶ ହାଜେଲଉଡ୍-୧/୪୩)।

## ଆଇପିଏଲ୍ ପଏଣ୍ଟ ଟେବୁଲ

| ଦଳ | ମ୍ୟାଚ | ବିଜୟ | ପରାଜୟ | ପଏଣ୍ଟ | ରନ ହାର |
|---|---|---|---|---|---|
| ପଞ୍ଜାବ କିଙ୍ଗ୍ସ | ୨ | ୨ | ୦ | ୪ | +୧.୪୮୫ |
| ଦିଲ୍ଲୀ କ୍ୟାପିଟାଲ୍ସ | ୨ | ୨ | ୦ | ୪ | +୧.୩୨୦ |
| ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ | ୩ | ୨ | ୧ | ୪ | +୧.୧୪୯ |
| ଗୁଜରାଟ ଟାଇଟନ୍ସ | ୩ | ୨ | ୧ | ୪ | +୦.୮୦୭ |
| ମୁମ୍ବାଇ ଇଣ୍ଡିଆନ୍ସ | ୩ | ୧ | ୨ | ୨ | +୦.୩୦୯ |
| ଲକ୍ଷ୍ନୌ ସୁପର ଜାଏଣ୍ଟ୍ସ | ୩ | ୧ | ୨ | ୨ | -୦.୧୫୦ |
| ଚେନ୍ନାଇ ସୁପର କିଙ୍ଗ୍ସ | ୩ | ୧ | ୨ | ୨ | -୦.୭୭୧ |
| ସନ୍‌ରାଇଜର୍ସ ହାଇଦ୍ରାବାଦ | ୩ | ୧ | ୨ | ୨ | -୦.୮୭୧ |
| ରାଜସ୍ଥାନ ରୟାଲ୍ସ | ୩ | ୧ | ୨ | ୨ | -୧.୧୧୨ |
| କୋଲକାତା ନାଇଟ ରାଇଡର୍ସ | ୩ | ୧ | ୨ | ୨ | -୧.୪୨୮ |

# ସାମ୍‌ସନ ରାଜସ୍ଥାନ ଦଳର ନେତୃତ୍ୱ ନେବେ

**ବେଙ୍ଗାଲୁରୁ, ୨।୪(ପି.ଟି.)**

ସଞ୍ଜୁ ସାମ୍‌ସନ ଚଳିତ ଆଇପିଏଲ୍‌ରେ ଉଇକେଟ୍ କିପିଂ କରିବା ସହ ରାଜସ୍ଥାନ ରୟାଲ୍ସ(ଆର୍‌ଆର୍) ଦଳର ନେତୃତ୍ୱ ସମ୍ଭାଳିଥିଲେ। ତାଙ୍କୁ ଏଥିଲାଗି ନ୍ୟାଶନାଲ କ୍ରିକେଟ ଏକାଡେମୀ(ଏନ୍‌ସିଏ)ଠାରୁ ଅନୁମତି ମିଳିଥିଲା। ଗତ ଫେବୃଆରୀରେ ଇଂଲଣ୍ଡ ବିପକ୍ଷ ଖେଳାଯାଇଥିବା ଏକ ଟି୨୦ ମ୍ୟାଚ୍‌ରେ ପେସର ଜୋଫ୍ରା ଆର୍ଚ୍ଚରଙ୍କ ଏକ ବାଉନ୍ସର ସାମ୍‌ସନଙ୍କ ଡାହାଣହାତ ବିସି ଆଙ୍ଗୁଠିରେ ବାଜିଥିଲା। ଏଥିଯୋଗୁ ତାଙ୍କୁ ସର୍ଜରିର ସମ୍ମୁଖୀନ ହେବାକୁ ପଡ଼ିଥିଲା। ଏହି କାରଣରୁ ସେ ଚଳିତ ଆଇପିଏଲ୍‌ରେ ପ୍ରଥମ ୩ ମ୍ୟାଚ୍‌ରେ ରାଜସ୍ଥାନ ଦଳର ନେତୃତ୍ୱ ନେଇପାରି ନ ଥିଲେ। କେବଳ ଜଣେ ବ୍ୟାଟର ଭାବେ ଖେଳିଥିଲେ। ଏନ୍‌ସିଏର ଅନୁମତି ଲାଗି ମେଡିକାଲ ଟିମ୍ ଦ୍ୱାରା ତାଙ୍କ ଫିଟ୍‌ନେସ୍‌ର ମୂଲ୍ୟାଙ୍କନ କରାଯାଇଥିଲା। ସେ ପଞ୍ଜାବ କିଙ୍ଗ୍ସ ବିପକ୍ଷ ପରବର୍ତ୍ତୀ ମ୍ୟାଚ୍‌ରେ ଦଳର ନେତୃତ୍ୱ ନେବେ। ରାଜସ୍ଥାନ ଏବେ ପଏଣ୍ଟ ଟେବୁଲର ନବମ ସ୍ଥାନରେ ଅଛି।

# ଗୋଆ ପାଇଁ ଖେଳିବେ ଜୟସ୍ୱାଲ



ଯଶସ୍ୱୀ ଜୟସ୍ୱାଲ

**ମୁମ୍ବାଇ, ୨।୪(ପି.ଟି.)**

ଭାରତୀୟ ଓପ୍‌ନର ଯଶସ୍ୱୀ ଜୟସ୍ୱାଲ ବ୍ୟକ୍ତିଗତ କାରଣରୁ ମୁମ୍ବାଇ ଛାଡ଼ି ଗୋଆ ପାଇଁ ଘରୋଇ କ୍ରିକେଟ୍ ଖେଳିବାକୁ ନିଷ୍ପତ୍ତି ନେଇଛନ୍ତି। ଜୟସ୍ୱାଲ ମଙ୍ଗଳବାର ମୁମ୍ବାଇ କ୍ରିକେଟ ଆସୋସିଏଶନ(ଏମ୍‌ସିଏ) ଆଗରେ ତାଙ୍କର ଇଚ୍ଛା ପ୍ରକାଶ କରିଥିଲେ। ଏମ୍‌ସିଏଠାରୁ ଅନୁମତି ମିଳିସାରିଥିବାରୁ ସେ ୨୦୨୫-୨୬ ସିଜନରେ ଗୋଆ ପାଇଁ ଖେଳିବେ।

ହଁ, ଏହା ନିଶ୍ଚିତ ଭାବେ ଚକିତ କଲାଭଳି ଘଟଣା। ସେ ଏଭଳି ନିଷ୍ପତ୍ତି ନେବା ପୂର୍ବରୁ କିଛି ନିଶ୍ଚିତ ଚିନ୍ତା କରିଥିବେ। ସେ ଆମକୁ ଛାଡ଼ିବା ପାଇଁ ଅନୁରୋଧ କରିଥିଲେ ଏବଂ ଆମେ ତାହାକୁ ଗ୍ରହଣ କରିଛୁ ବୋଲି ଏମ୍‌ସିଏର ଜଣେ ଅଧିକାରୀ ବୁଧବାର କହିଛନ୍ତି। ଜୟସ୍ୱାଲ ଅନ୍ତିମଥର ମୁମ୍ବାଇ ପାଇଁ ଗତ ଜାନୁଆରୀରେ ଜମ୍ମୁ-କଶ୍ମୀର ବିପକ୍ଷରେ ରଣଜୀ ଟ୍ରଫି ମ୍ୟାଚ ଖେଳିଥିଲେ। ଏହି ମ୍ୟାଚ୍‌ର ଉଭୟ ଇନିଂସରେ ସେ ଯଥାକ୍ରମେ ୪ ଓ ୨୬ ରନ୍ କରିଥିଲେ ଏବଂ ମୁମ୍ବାଇ ମ୍ୟାଚ୍‌ରେ ପରାଜିତ ହୋଇଥିଲା। ଗୋଆ କ୍ରିକେଟ ଆସୋସିଏଶନ(ଜିସିଏ) ସମ୍ପାଦକ ଶାମ୍ବା ଦେଶାଇ କହିଛନ୍ତି ଯେ, ସେ ଆମ ଦଳରେ ଖେଳିବାକୁ ଚାହୁଁଛନ୍ତି। ଆମେ ତାଙ୍କୁ ସ୍ୱାଗତ କରୁଛୁ। ସେ ଆମ ପାଇଁ ପରବର୍ତ୍ତୀ ସିଜନରେ ଖେଳିବେ। ସେ ଜାତୀୟ ଦଳ ଲାଗି ଡ୍ୟୁଟିରେ ନ ଥିବା ବେଳେ ଗୋଆ ଦଳର ଅଧିନାୟକ ହୋଇପାରିବେ। ସେ ଭାରତୀୟ ଦଳ ପାଇଁ ଖେଳନ୍ତି। ଏଣୁ ସେ ଅଧିନାୟକ ହୋଇପାରିବେ।

**ଘରୋଇ କ୍ରିକେଟ**

ଆମେ ଏ ଦିଗରେ କାମ କରିବୁ। ଆମେ ତାଙ୍କ ଉପଲବ୍ଧତା ସମ୍ପର୍କରେ ଏପର୍ଯ୍ୟନ୍ତ କଥା ହୋଇନାହୁଁ। ଜୟସ୍ୱାଲ ତୃତୀୟ ମୁମ୍ବାଇ କ୍ରିକେଟର ଭାବେ ଗୋଆ ଦଳରେ ଯୋଗଦେଇଛନ୍ତି। ତାଙ୍କ ପୂର୍ବରୁ ସିଦ୍ଧେଶ ଲାଡ୍ ଓ ଅର୍ଜୁନ ତେନ୍ଦୁଲକର ଗୋଆ ଦଳରେ ଯୋଗଦେଇଥିଲେ। ୨୦୨୩ ଜୁଲାଇ ଟେଷ୍ଟରେ ପଦାର୍ପଣ କରିଥିବା ଜୟସ୍ୱାଲ ଏପର୍ଯ୍ୟନ୍ତ ୧୯ ମ୍ୟାଚ୍‌ରେ ୪ ଶତକ ଓ ୧୦ ଅର୍ଦ୍ଧଶତକ ସହ ୫୨ ଆଭରେଜ୍‌ରେ ରନ୍ କରିଛନ୍ତି।

# କଟକରେ ଭାରତ-ଦକ୍ଷିଣ ଆଫ୍ରିକା ମ୍ୟାଚ

**ନୂଆଦିଲ୍ଲୀ, ୨।୪(ପି.ଟି.)**

**ଭାରତର ୨୦୨୫ ଘରୋଇ ସିଜନ କାର୍ଯ୍ୟସୂଚୀ ଘୋଷିତ**

ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ବୁଧବାର ଆନୁଷ୍ଠାନିକ ଭାବେ ଭାରତୀୟ ଦଳ ଲାଗି ଘରୋଇ ଅନ୍ତର୍ଜାତୀୟ ୨୦୨୫ ସିଜନର କାର୍ଯ୍ୟସୂଚୀ ଘୋଷଣା କରିଛି। ଏହି ସିଜନରେ ଓଡ଼ିଶାର କଟକସ୍ଥିତ ଐତିହାସିକ ବାରବାଟୀ ଷ୍ଟାଡିୟମରେ ଭାରତ ଓ ଦକ୍ଷିଣ ଆଫ୍ରିକା ମଧ୍ୟରେ ଟି୨୦ ମ୍ୟାଚ ଖେଳାଯିବ।

ଅକ୍ଟୋବର ୨ ତାରିଖରୁ ୱେଷ୍ଟଇଣ୍ଡିଜ ବିପକ୍ଷ ଟେଷ୍ଟ ସିରିଜରୁ ଟିମ ଇଣ୍ଡିଆର ଘରୋଇ ସିଜନ ଆରମ୍ଭ ହେବ। ସିରିଜର ପ୍ରଥମ ମ୍ୟାଚ ଅହମ୍ମଦାବାଦରେ ଖେଳାଯିବ। ଦ୍ୱିତୀୟ ମ୍ୟାଚ କୋଲକାତାରେ ଅକ୍ଟୋବର ୧୦ରୁ ୧୪ ତାରିଖ ପର୍ଯ୍ୟନ୍ତ ଖେଳାଯିବ। ଭାରତୀୟ ଦଳର ୱାର୍ଲ୍ଡ ଟେଷ୍ଟ ଚାମ୍ପିୟନଶିପ ଲାଗି ଏହି ଦୁଇ ମ୍ୟାଚ ବିଶିଷ୍ଟ ଟେଷ୍ଟ ସିରିଜ ଗୁରୁତ୍ୱପୂର୍ଣ୍ଣ ହେବ। ୱେଷ୍ଟଇଣ୍ଡିଜ ବିପକ୍ଷ ସିରିଜ ପରେ ଦକ୍ଷିଣ ଆଫ୍ରିକା ଏକ ସମ୍ପୂର୍ଣ୍ଣ କ୍ରିକେଟ ସିରିଜ ପାଇଁ ଭାରତ ଗସ୍ତରେ ଆସିବ। ଗୁଆହାଟୀରେ ଦୁଇ ଦଳ ମଧ୍ୟରେ ଦ୍ୱିତୀୟ ଟେଷ୍ଟ ମ୍ୟାଚ ଖେଳାଯିବ। ପ୍ରଥମ ଥର ପାଇଁ ଗୁଆହାଟୀ କୌଣସି ଟେଷ୍ଟ ମ୍ୟାଚ ଆୟୋଜନ କରିବାକୁ ଯାଉଛି। ଏହି ସିରିଜର ପ୍ରଥମ ମ୍ୟାଚ ନଭେମ୍ବର ୧୪ ତାରିଖରେ ନୂଆଦିଲ୍ଲୀରେ ଖେଳାଯିବ। ୨୨ ତାରିଖରୁ ଗୁଆହାଟୀରେ ଦ୍ୱିତୀୟ ଟେଷ୍ଟ ଅନୁଷ୍ଠିତ ହେବ। ଏହାପରେ ଦୁଇ ଦଳ ମଧ୍ୟରେ ୩ ମ୍ୟାଚ ବିଶିଷ୍ଟ ଦିନିକିଆ ସିରିଜ ଖେଳାଯିବ। ନଭେମ୍ବର ୩୦ ତାରିଖରେ ରାଞ୍ଚିରେ ପ୍ରଥମ ମ୍ୟାଚ ଖେଳାଯିବ। ପରବର୍ତ୍ତୀ ଦୁଇଟି ମ୍ୟାଚ ରାଇପୁର (ଡିସେମ୍ବର ୩) ଓ ବିଶାଖାପାଟନମ (ଡିସେମ୍ବର ୬)ରେ ହେବ। ଦିନିକିଆ ପରେ ଦୁଇ ଦଳ ମଧ୍ୟରେ ୫ ମ୍ୟାଚ ବିଶିଷ୍ଟ ଟି୨୦ ସିରିଜ ଅନୁଷ୍ଠିତ। ସିରିଜର ପ୍ରଥମ ମ୍ୟାଚ ଡିସେମ୍ବର ୯ ତାରିଖରେ କଟକରେ ଖେଳାଯିବ। ପରବର୍ତ୍ତୀ ୪ଟି ମ୍ୟାଚ ଯଥାକ୍ରମେ ନୂଆ ଚଣ୍ଡିଗଡ଼ (ଡିସେମ୍ବର ୧୧), ଧର୍ମଶାଳା (୧୪), ଲକ୍ଷ୍ନୌ (୧୭) ଓ ଅହମ୍ମଦବାଦ (୧୯)ରେ ଅନୁଷ୍ଠିତ ହେବ।

**ଆଇଏସ୍‌ଏଲ୍ ସେମିଫାଇନାଲ**

## ପ୍ରଥମ ଚରଣରେ ବେଙ୍ଗାଲୁରୁ ବିଜୟୀ

**ବେଙ୍ଗାଲୁରୁ, ୨।୪(ପି.ଟି.)**

ଚଳିତ ଇଣ୍ଡିଆନ ସୁପର ଲିଗ୍ (ଆଇଏସ୍‌ଏଲ୍)ରେ ବୁଧବାର ଖେଳାଯାଇଥିବା ପ୍ରଥମ ସେମିଫାଇନାଲର ପ୍ରଥମ ଚରଣରେ ଆୟୋଜକ ବେଙ୍ଗାଲୁରୁ ଏଫ୍‌ସି ୨-୦ ଗୋଲରେ ଏଫ୍‌ସି ଗୋଆକୁ ପରାସ୍ତ କରିଛି। ମ୍ୟାଚର ୪୨ତମ ମିନିଟରେ ସନ୍ଦେଶ ଝିଙ୍ଗାନଙ୍କ ଆତ୍ମଘାତୀ ଗୋଲ ଯୋଗୁ ପ୍ରଥମାର୍ଦ୍ଧ ସୁଦ୍ଧା ବେଙ୍ଗାଲୁରୁ ଏଫ୍‌ସି ୧-୦ ଗୋଲରେ ଆଗରେ ରହିଥିଲେ। ଦ୍ୱିତୀୟାର୍ଦ୍ଧ ଆରମ୍ଭରୁ ଏଡଗାର ମେଣ୍ଡେଜ (୫୧ତମ ମିନିଟ) ଦଳ ପାଇଁ ଦ୍ୱିତୀୟ ଗୋଲ ଦେଇଥିଲେ। ଏହି ସେମିଫାଇନାଲ ମ୍ୟାଚର ଦ୍ୱିତୀୟ ଲେଗ୍ ମ୍ୟାଚ ଆସନ୍ତା ରବିବାର ଖେଳାଯିବ।

# କିଟ୍‌ରେ ଆନ୍ତଃ ଜୋନ୍ ମହିଳା ବିଶ୍ୱବିଦ୍ୟାଳୟ କ୍ରିକେଟ



ଅତିଥିଙ୍କ ଗହଣରେ କିଟ୍ ବିଶ୍ୱବିଦ୍ୟାଳୟ ମହିଳା କ୍ରିକେଟ ଦଳ।

**ଭୁବନେଶ୍ୱର, ୨।୪ (ତପନ ସ୍ୱାଇଁ)**

କିଟ୍ ବିଶ୍ୱବିଦ୍ୟାଳୟ ଆନୁକୂଲ୍ୟରେ ଜାତୀୟ ବିଶ୍ୱବିଦ୍ୟାଳୟ ଆନ୍ତଃ ଜୋନ ମହିଳା କ୍ରିକେଟ ଟୁର୍ନାମେଣ୍ଟ ବୁଧବାର ଆରମ୍ଭ ହୋଇଛି। ଆସୋସିଏଶନ ଅଫ୍ ଇଣ୍ଡିଆନ ୟୁନିଭର୍ସିଟିଜ (ଏଆଇୟୁ) ଅନୁମୋଦନକ୍ରମେ ଏହି ପ୍ରତିଯୋଗିତା କିଟ୍ ଷ୍ଟାଡିୟମରେ ଅନୁଷ୍ଠିତ ହେଉଛି। ଦେଶର ୧୬ଟି ବିଶ୍ୱବିଦ୍ୟାଳୟ କ୍ରିକେଟ ଦଳ ଏଥିରେ ଅଂଶଗ୍ରହଣ କରିଛନ୍ତି। କିଟ୍ ବିଶ୍ୱବିଦ୍ୟାଳୟ କୁଳପତି ସରନଜିତ ସିଂ ମୁଖ୍ୟ ଅତିଥି ଭାବେ ଯୋଗଦେଇ ପ୍ରତିଯୋଗିତାକୁ ଉଦ୍‌ଘାଟନ କରିଛନ୍ତି। କିଟ୍ ରେଜିଷ୍ଟ୍ରାର ଜ୍ଞାନ ରଞ୍ଜନ ମହାନ୍ତି, କ୍ରୀଡ଼ା ନିର୍ଦ୍ଦେଶକ ଲଲାଟେନ୍ଦୁ ମିଶ୍ର ଓ ଅବସରପ୍ରାପ୍ତ ଏନ୍‌ଆଇଏସ୍ କ୍ରିକେଟ କୋଚ୍ ଅଜିତ କୁମାର ମିଶ୍ର ପ୍ରମୁଖ ସମ୍ମାନିତ ଅତିଥିଭାବେ ଯୋଗ ଦେଇଥିଲେ। କ୍ରୀଡ଼ା ମହାନିର୍ଦ୍ଦେଶକ ଗଗନେନ୍ଦୁ ଦାଶ ଧନ୍ୟବାଦ ଅର୍ପଣ କରିଥିଲେ। କିଟ୍ ଓ କିସ୍‌ର ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ ସବୁ ଦଳର ସଦସ୍ୟଙ୍କୁ ସ୍ୱାଗତ କରିବା ସହ ଶୁଭେଚ୍ଛା ଜଣାଇଛନ୍ତି।

# ଆସୋସିଏଟ୍ ଭେଟେରାନ୍ ଚାମ୍ପିୟନ



ଚାମ୍ପିୟନ ଆସୋସିଏଟ୍ ଭେଟେରାନ୍ ଦଳର ଖେଳାଳିମାନେ ଅତିଥିଙ୍କଠାରୁ ପୁରସ୍କାର ଗ୍ରହଣ କରୁଛନ୍ତି।

**ଭୁବନେଶ୍ୱର, ୨।୪(ତପନ ସ୍ୱାଇଁ)**

**ସେକେଣ୍ଡ ଇନିଂସ୍ କ୍ରିକେଟ କପ୍**

ସେକେଣ୍ଡ ଇନିଂସ୍ କ୍ରିକେଟ କ୍ଲବ ଆନୁକୂଲ୍ୟରେ ଏବଂ ସନ୍ଧ୍ୟା ସାଥୀ ସଂଘ ସହଯୋଗରେ ଆୟୋଜିତ କ୍ରିକେଟ ଟୁର୍ନାମେଣ୍ଟର ସିଜନ-୨ରେ ଆସୋସିଏଟ୍ ଭେଟେରାନ୍ସ(ଏଭି) ଦଳ ଚାମ୍ପିୟନ ହୋଇଛି। ଫାଇନାଲରେ ଏହି ଦଳ ଏବି ୟୁନିକନକୁ ହରାଇ ଦେଇଛି। ଚାମ୍ପିୟନ ଦଳର ରାଜେଶ କୁମାର ପାଇକରାୟ ପ୍ଲେୟର ଅଫ୍ ଦି ମ୍ୟାଚ୍ ଓ ରନରଅପ୍ ଦଳର ଦେବାଶିଷ ଫାଇଟର ଅଫ୍ ଦ ମ୍ୟାଚ୍ ବିବେଚିତ ହୋଇଛନ୍ତି। ଚାମ୍ପିୟନ ଦଳର ସଞ୍ଜୟ କୁମାର ଶତପଥୀ ଶ୍ରେଷ୍ଠ ବୋଲର, ରାଜେଶ କୁମାର ପାଇକରାୟ ଶ୍ରେଷ୍ଠ ବ୍ୟାଟର ଏବଂ ଟିସିଏସ୍ ଦଳର କାନ୍ତ ଏ. ପଟ୍ଟନାୟକ ପ୍ଲେୟର ଅଫ ଦି ସିରିଜ ପୁରସ୍କାର ପାଇଛନ୍ତି। ପ୍ରତିଯୋଗିତାରେ ମୋଟ ୧୬ଟି ଦଳ ଅଂଶଗ୍ରହଣ କରିଥିଲେ। ସୋଆ ଗ୍ରାଉଣ୍ଡରେ ଆୟୋଜିତ ପୁରସ୍କାର ବିତରଣ ଉତ୍ସବରେ ବିଧାୟକ ଅନନ୍ତ ନାରାୟଣ ଜେନା ମୁଖ୍ୟ ଅତିଥି ଭାବେ ଯୋଗଦେଇ ଟ୍ରଫି ପ୍ରଦାନ କରିଥିଲେ। ଅନ୍ୟ ଅତିଥିଙ୍କ ମଧ୍ୟରେ ସନ୍ଧ୍ୟା ସାଥୀ ସଂଘ ସଭାପତି ନୀହାର ରଞ୍ଜନ ସ୍ୱାଇଁ, ସମ୍ପାଦକ ମାନସ ସାହୁ ଓ ମାନସ ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

# ଜାତୀୟ ଦୃଷ୍ଟିବାଧିତ ଚେସ୍ ଆରମ୍ଭ

**ଭୁବନେଶ୍ୱର, ୨।୪(ତପନ ସ୍ୱାଇଁ)**

ସର୍ବଭାରତୀୟ ଦୃଷ୍ଟିବାଧିତ ଚେସ୍ ସଂଘ(ଏଆଇସିଏଫ୍‌ବି) ଓ ଅଲ୍ ଓଡ଼ିଶା ଚେସ୍ ଆସୋସିଏଶନ ଫର୍ ଭିଜୁଆଲି ଚ୍ୟାଲେଞ୍ଜ୍‌ଡ(ଓସିଏଭିସି)ର ମିଳିତ ଆନୁକୂଲ୍ୟରେ ୧୮ଶ ଜାତୀୟ ଦୃଷ୍ଟିବାଧିତ ଚେସ୍ ଚାମ୍ପିୟନଶିପ୍ ବୁଧବାର ସାଇ ଇଣ୍ଟରନ୍ୟାଶନାଲ ରେସିଡେନ୍ସିଆଲ ସ୍କୁଲ ପରିସରରେ ଆରମ୍ଭ ହୋଇଛି। ଏହି ପ୍ରତିଯୋଗିତା ଭାରତର ଶ୍ରେଷ୍ଠ ଦୃଷ୍ଟିହୀନ ଚେସ୍ ପ୍ରତିଭାଙ୍କ ମଧ୍ୟରେ ଗୌରବ ପାଇଁ ଲଢ଼େଇର ମଞ୍ଚ ପ୍ରସ୍ତୁତ କରିଛି। ଏହି ସମ୍ମାନ୍‌ଜନକ ପ୍ରତିଯୋଗିତା ୬ ତାରିଖ ପର୍ଯ୍ୟନ୍ତ ଚାଲିବ। ସାଇ ଗ୍ରୁପ୍‌ର ଅଧ୍ୟକ୍ଷ ସିଲ୍ପି ସାହୁ ଏବଂ କ୍ରୀଡ଼ା ଓ ଯୁବସେବା ବିଭାଗର ଅତିରିକ୍ତ ସଚିବ ବିଜୟ କୁମାର ସ୍ୱାଇଁ ପ୍ରତିଯୋଗିତାକୁ ଉଦ୍‌ଘାଟନ କରିଛନ୍ତି। ଏହି ଅବସରରେ ପ୍ରଶାସନିକ ଅଧିକାରୀ ସନ୍ନ୍ୟାସୀ ବେହେରା, ଏଆଇସିଏଫ୍‌ବି ଉପସଭାପତି କିଷାନ ଗାଙ୍ଗୁଲି, କୋଷାଧ୍ୟକ୍ଷ ସ୍ୱପ୍ନିଲ ଶାହା, ଓସିଏଭିସି ସମ୍ପାଦକ ସୌନ୍ଦର୍ଯ୍ୟ ପ୍ରଧାନ ଏବଂ ଅନ୍ତର୍ଜାତୀୟ ମାଷ୍ଟର ସ୍ୱୟଂଶୁ ସତ୍ୟପ୍ରଜ୍ଞ ପ୍ରମୁଖ ଉପସ୍ଥିତ ଥିଲେ।

୧୫ ରାଜ୍ୟର ମୋଟ ୫୨ ଖେଳାଳି ଏହି ପ୍ରତିଯୋଗିତାରେ ଅଂଶଗ୍ରହଣ କରିଛନ୍ତି। ଏହା ମଧ୍ୟରେ ୩ ଅନ୍ତର୍ଜାତୀୟ ପଦକ ବିଜେତାଙ୍କ ସହ ଓଡ଼ିଶାର ୪ ପ୍ରତିଯୋଗୀ ସାମିଲ। ଚାମ୍ପିୟନଶିପ୍‌ର ଶ୍ରେଷ୍ଠ ୫ ଖେଳାଳି ଦୁଇଟି ପ୍ରମୁଖ ଅନ୍ତର୍ଜାତୀୟ ଟୁର୍ନାମେଣ୍ଟରେ ଭାରତ ପକ୍ଷରୁ ପ୍ରତିନିଧିତ୍ୱ କରିବାକୁ ଯୋଗ୍ୟ ବିବେଚିତ ହେବେ। ଏହି ୨ଟି ପ୍ରତିଯୋଗିତା ହେଲା ଆଇବିସିଏ ଚେସ୍ ଅଲିମ୍ପିଆଡ୍(ସର୍ବିଆ, ଜୁନ୍-୨୦୨୫) ଓ ଆଇବିସିଏ ୱାର୍ଲ୍ଡ ଚେସ୍ ଚାମ୍ପିୟନଶିପ୍ (ପୋଲାଣ୍ଡ, ଅଗଷ୍ଟ-୨୦୨୫)। କର୍ଣ୍ଣାଟକର କିଷାନ ଗାଙ୍ଗୁଲି(୨୦୧୩ ରେଟିଂ) ପ୍ରତିଯୋଗିତାର ଟପ୍ ସିଡ୍‌ର ମାନ୍ୟତା ପାଇଛନ୍ତି। ମହାରାଷ୍ଟ୍ରର ଆର୍ଯ୍ୟନ ଯୋଶୀ(୧୯୫୨), ଗୁଜରାଟର ଦର୍ପନ ଇରାନୀ(୧୯୩୯), ଓଡ଼ିଶାର ସୌନ୍ଦର୍ଯ୍ୟ ପ୍ରଧାନ(୧୯୨୮) ଓ ଶୁଭେନ୍ଦୁ ପାତ୍ର(୧୮୭୪) ସହ ଅନ୍ୟ ୪ ସିଡେଡ୍ ଖେଳାଳି ରହିଛନ୍ତି। ଏହି ପ୍ରତିଯୋଗିତା ପ୍ରତି ରାଜ୍ୟ କ୍ରୀଡ଼ା ବିଭାଗର ସମର୍ଥନ ରହିଛି।





ଜାତୀୟ ଦୃଷ୍ଟିବାଧିତ ଚେସ୍ ପ୍ରତିଯୋଗିତାର ଉଦ୍‌ଘାଟନୀ ଉତ୍ସବରେ ଉପସ୍ଥିତ ଅତିଥି। ପ୍ରଥମ ଦିବସରେ ଅନୁଷ୍ଠିତ ମ୍ୟାଚ୍।

Printed and Published by Adyasha Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ-ତଥାଗତ ସତପଥୀ